ଘାସ ଫୁଲ

ଲେଖକ

ଶ୍ରୀ ଗୋପୀନାଥ ମହାନ୍ତି

ପ୍ରଥମ ସଂସ୍କରଣ

୧୯୫୧

ପ୍ରକାଶକ

ଶ୍ରୀ ଶଶି ଭୂଷଣ ମହାନ୍ତି ବି. ଏ.

ମ୍ୟାନେଜର; ପ୍ରକାଶ ବୁକ୍ ଷ୍ଟୋର

କଲେଜ ରୋଡ଼, କଟକ—୩

ଦୁଇଟଙ୍କା ଚାରିଅଣା ମାତ୍ର

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠାଙ୍କ
୧ । ଅସରନ୍ତି	୧
୨ । ମାଟିଆବୁରୁଜ	୯
୩ । ପାଟପାଣି	୩୨
୪ । କାଉ କୋଇଲି	୫୨
୫ । ଆତ୍ମେଷଣ	୬୭
୬ । ଘଟା	୯୭
୭ । ସଖ୍ୟ	୧୦୮
୮ । ଶରତବାବୁଙ୍କ ବଗିଚ୍ଚ	୧୧୪
୯ । ଅତିଥି	୧୨୧
୧୦ । ଇତିହାସ	୧୩୦
୧୧ । ପୁନର୍ଜନ୍ମ	୧୫୮
୧୨ । ପଥର	୧୬୮
୧୩ । ଝଂଝାବର୍ତ୍ତ	୧୮୪
୧୪ । ଅଶ୍ୱତ୍ଥ	୨୧୨
୧୫ । ଅସମାପିକା	୨୩୦

Digitized by srujanika@gmail.com

ଅସରନ୍ତି

ଖରାଏ ଖରାଏ ଲାଗିଥାଏ ପିଲାଙ୍କ ଖେଳ, ଖରା-ବରଷା କିଛି ମାନେ ନାହିଁ । ଏଇ ନଗଣ୍ୟ ପ୍ରାଣୀ—ମଣିଷ ଛୁଆ ବୋଲି ଯାହାଙ୍କୁ କେହି କେବେ ଖାତିର କରେନାହିଁ, ଏଇମାନଙ୍କ ପିଲାଖେଳ ଭିତରେ ଉତ୍ତର ହୁଏ ପୃଥିବୀର ବଡ଼ ବଡ଼ ସମସ୍ୟାର । ବଡ଼ ମଣିଷଠୁ ଏମାନେ ବା କେଉଁ ଗୁଣରେ ଊଣା, ଖାଲି ବଡ଼ ମଣିଷଙ୍କ କାଠିଆ ବନ୍ଧାଗତ ପରିବର୍ତ୍ତେ ଏମାନଙ୍କର ନହକା ଧୂଳିଖେଳ, ଏତିକି ସିନା ।

ଘରେ ବୋଉ ଆଁ କରି ଗୁହିଁ ରହିଥାଏ; କାହିଁ, କୁଆଡ଼େ ଗଲା ପିଲାଟା ? "ହଇହୋ ପିଲେଇ, ବାବୁକୁ ଦେଖିଥିଲ କି ?" "ଗଲ ଗଲା ନମେଇ, ସୁନାଟି ପରା, କୋଉଠି ବୁଲୁଥିବ ସେ ଚନ୍ଦୁର ସାଙ୍ଗେ; ଗଲ ଗଲା, ଏଣେ ଭାତ ଦି'ଟା ଚଣାଗୁଡ଼ଳ ହେଲାଣି ଆସି ।" ତେଣୁ ବାବୁ ଫେରି ଆସେ ଗୋଡ଼ ଦୁଲଦାଲ—କଚୁଡ଼ । ହାତର ବଙ୍କା ବାଉଁଶକଣି ଖଣ୍ଡିକ କଥା କୁହାଏ, ଘର କାନ୍ଥକୁ, ଦୁଆରର ଲୋଟା କଂସାକୁ, ଓଳତଳର ଛଉ ଛଉକା ଅଳସୁଆ କୁକୁରଟାକୁ, ଠେଁ—ଢେଁ—ଙ୍କେ × × × ହୋଇ ବାବୁ ଆସିଲା ।

"ବୋଉ ଆମେ ଭାରି ବଡ଼ଲୋକ ହବା ।"

"ଶୁଣୁଚ ଶୁଣୁଚ, ଯା କଥାକୁ; ଖରାରେ ବୁଲି ବୁଲି ଝାଳ ଫିଟି ହୋଲା ମାରିଗଲାଣି—ଧୂଅ ପୋଡ଼ ଯାଉଚ, ଧୂଅ ପୋଡ଼ ଯାଉଚ, ମୁଣ୍ଡ ଫାଟିଗଲାଣି ।"

Digitized by srujanika@gmail.com

ବନ୍ଟୁ ଚଉଳ ଚଟେଇ ପରି ଦି' ଘରିଥର ଏପାଖ ସେପାଖ ବୁଲିଆସେ । ମୁଣ୍ଡଟା ମୁହୂର୍ତ୍ତେ ନଇଁପଡ଼େ କେଉଁ ଗୁରୁଚନ୍ଦ୍ରାରେ । ତାପରେ ପାଟି କରି କହେ, "ବୋଉ ଆମେ ଘରି ବଡ଼ଲୋକ ହବା ।"

ତାପରେ ବୋଉ ବେକରେ ଦି' ହାତରେ ଝୁଲିପଡ଼ି କହେ, "ବୋଉ ମୋ ଜାମା କେବେ ଆସିବ ?"

ବୋଉ କହେ, "ଦଶହରାକୁ ବାପା ଆସିବେ ।"

ବନ୍ଟୁ କହେ, "ଦଶହରା ଆଉ କେତେ ଦିନ ଅଛି ?"

ବୋଉ କହେ—ବନ୍ଟୁ ଫଟେଇ ଫଟେଇ ପଛରେ ।

ତାର ଦିନ, ରାତି, ସବୁ ଝଲସି ଉଠେ ପାଇବା ମୋହରେ । ଗଛ, ଧାନ କିଆରି, ସଞ୍ଜର ଖେଳ, ସବୁଥିରେ ଦେଖେ ସେ ନୂଆ ଲୁଗା, ନୂଆ ଜାମା, ଚକ୍ ଚକ୍ ଜାମା, ରଙ୍ଗେଇ ଜାମା । ପାଇବାର ମୋହକୁ ସେ ବେଶୀ ବୁଝେ ନାହିଁ, ଯେତେ ବୁଝେ ଆଖିକୁ, ଚନ୍ଦ୍ରର ସାଥିରେ ଗୁଡି ଫୁଲେଇ ବୁଲିବାର ସମାନକୁ ।

ଆଉ ପୂଜାକୁ ଆସିବ ବାପା । ବାପା ପାଇଁ ସେ ସେତେ ବ୍ୟସ୍ତ ହବ ନାହିଁ ଯେତେ ହବ ଚନ୍ଦ୍ରର ପାଇଁ । ବରଷକେ ଏଇ ଦି' ଘରିଥର ଦେଖା; କିନ୍ତୁ ତାର କେତେ ସପନର ମଉଡ଼ ମଣିଛି ସେଇ ବାପଟି । ବାପା ଚାକିରି କରେ, ଖୁବ୍ ଦୂରରେ, ଘଣ୍ଟା ବଡ଼ ଚାକିରି ନିଶ୍ଚୟ, କାରଣ ବନ୍ଟୁ ଆଖିରେ ତାର ନିଜର ଯାହା କିଛି ସବୁ ବଡ଼ । ତାପରେ ବାପାର କେଡ଼େ ସୁନ୍ଦର ଧଳା ପୋଷାକ, ଅଣ୍ଟାରେ ନାଲି ପଟି, ଗୁଡିରେ ପଇତା ଭଳି ଚଉଡ଼ା ହୋଇ ଗୋଟାଏ କେଡ଼େ ସୁନ୍ଦର ନାଲି ପଟି ଯାହା ମଝିରେ ପିତଳର

Digitized by srujanika@gmail.com

ଗୋଟାଏ ମୋଟା ଚକ୍‌ଡ଼ା । କିନ୍ତୁ ବାପା ସେସବୁ ପଢ଼ାକୁ କାଟେ ନାହିଁ କାହିଁକି ? ତାର ବାପ ଦେଖେଇ ହୁଏ ନାହିଁ ଜଗୁର ଭଲ ପରି ।

ବନୁ ଭନ୍ଦୁର କାନେ କାନେ କହେ, "ଏଥର ମୋର ଭଲ ସୁନ୍ଦର ଜିନିଷ ସବୁ ଆସିବ । ଆମେ ଜମା ମିଶିବା ନାହିଁ ଜଗୁ ସାଙ୍ଗରେ ।"

ଦିନ ଗଡ଼ି ଯାଏ ।

କାହିଁ କେଉଁ ଦୂର ଦେଶରୁ ବାଟବଣା ଚଢ଼େଇପରି ଗୁହାଁରି ରହିଥାଏ ଓଡ଼ିଶା ମଫସଲର ତାର ଛୋଟିଆ ଘରଟିକୁ । ଦଶପାଇଟି ଶେଷ କରି ହାତରେ ମୁଠିଏ ଫୁଟେଇ ଖାଇ ଯେତେବେଳେ ସେ ଗଡ଼ିତ ପଡ଼ିତ ହୁଏ ସେତେବେଳେ ସେ ଦେଖେ, ତାର ଗରିବ ଘର ଖଣ୍ଡିକ; ତାର ଘରଜାଟି—ଯେ ଗୁହାଁରି ରହିଛି ବେଳ କାଳକେ ଲେଖା ଖଣ୍ଡିଏ, ପୋଷ୍ଟକାର୍ଡ଼କୁ; ଆଉ ମାସ ଶେଷରେ ଟଙ୍କା ପାଞ୍ଚଟାକୁ । ଆଉ ଦେଖେ ତାର ଛୋଟିଆ ବନୁଟିକୁ; ଯେ ବଢ଼ି ଉଠୁଛି ଖୁଦ ପାଣିରେ, ମଫସଲର ମେଲ୍ଲ ଖୋଲା ଅରମା ଗଛ ନଟା ପରି ।

ବାବୁ କ'ଣ ଛୁଟୀ ଦେବେ ?

ଶରତର ମନମତାଣି ସ୍ନିଗ୍ଧତା ଯେମିତି ଯେତେବେଳେ ଦୁର୍ଗାପୂଜା ଆସି ପହଞ୍ଚିଲା ସେତେବେଳେ ଚାରିଆଡ଼େ ଖେଳିଗଲା କଣ ଗୋଟାଏ ନୂଆ ପାଇବାର ତେଜ । ଏଇ ଆସିଲା ଶରତ ଦୁର୍ଗାପୂଜା, କୁଆଁର ପୁନେଇଁ ପୁଣି ଦିଆଲି, ଗରିବ ଲୋକର ଧୂସର ବରଷ କାଟିବା ଭିତରେ ମନ୍ଦା ମନ୍ଦା ଶାଉଁଳିଆ ସ୍ୱପ୍ନ ପରି ।

Digitized by srujanika@gmail.com

ଗାଁରେ ଦପ୍ତର ବସିବ, ପାଖ ଗାଁରେ ଗଢ଼ା ହୋଇଚ ଦୁର୍ଗା ପ୍ରତିମା । ବାଡ଼ିଖେଳ, ଖଣ୍ଡା ଖେଳ, ଘୋ ଘା, ଆନନ୍ଦର ଚହଳ ।

ପୂଜା ଦିନ ମାତ୍ର ଆସିଲା । ଜଗୁର ଭାଇ ଆସିଛି । ଜଗୁ କେତେ କଥା ଦେଖେଇ ସାଉଲାଣି ସାଙ୍ଗ ପିଲାଙ୍କୁ । ବର୍ତ୍ତମାନ ଜଗୁର ଦଳ ବଢ଼ିଲାଣି, ଯେଉଁଆଡ଼େ ଯାଉଛି ପଛେ ପଛେ କେତେ ପିଲା ଚାଲିଛନ୍ତି । "ହେ ଜଗୁ ଜଗୁ, ଦେଲୁ ତୋ କଲ କୁକୁରଟାକୁ, ଟିକଏ ଚପିବି ।" ପଛେ ପଛେ ଭିଡ଼ ଲୋକ, କାରଣ ଜଗୁର କେତେ ନୂଆ ଜିନିଷ—ପୁଣି ଜଗୁର ଭାଇ ଆସିଛି । ଯମସ୍ତେ ଗୋଡ଼ାନ୍ତି—ଖାଲି ବନୁକୁ ଛାଡ଼ି । ବନୁ ଖାଲି ବାଟ ଚାହିଁ କରୁଛି ତାର କେତେ ଜିନିଷ ଆସିବ ।

"ବୋଉ, କାହିଁ ମୋର ନୂଆ ଜାମା ?"

ବେଳ ଉଠ ଉଠ ହେଲା ବେଳକୁ ଦାଢ଼ିଆ ଡାକବାଲା ଖଣ୍ଡିଏ ଚିଠି ଦେଇଗଲା । ଅଧବାଟରୁ ଗାଁମୁଣ୍ଡରୁ ବନୁ ତାର କେତେ କେତେ ଦଉଡ଼ ଦଉଡ଼ ଆସିଛି, କେତେ ପ୍ରଶ୍ନ ପଚାରି ପଚାରି ।

ବୋଉ ମନେ ମନେ ପଢ଼ିଲା ।

'ବାବୁ ଗୁଡ଼ିଲ ନାହିଁ, ପରେ ଯିବ । ଜିନିଷ କିଣି ରଖିଚ, କାହା ହାତରେ ପଠାଇବ ? ପରେ ଯଦି ଛୁଟି ମିଳେ ତେବେ ଜିନିଷ ନେଇ ଯିବ । ବନୁକୁ କୌଣସି ମତେ ବୁଝାଇ ଦବ ।'

"ବୋଉ ମୋର ଜାମା କେବେ ଆସିବ ? ବାପା କଣ କଣ ଆଣିବେ ?" ବନୁ ଅଜସ୍ର ପ୍ରଶ୍ନ ପଚାରିଗଲା । ବୋଉ ମୁହଁ ଶୁଖେଇ ଦୀର୍ଘ ନିଶ୍ୱାସ ମାରି ବସିଲା । ଖାଲି କହିଲା, "ହଉ ହଉ ।"

Digitized by srujanika@gmail.com

ତେବେ ସେ ଆସିଲେ ନାହିଁ । ଯାହା ଟଙ୍କା ପଠେଇ ଥିଲେ ସବୁତ ଦୋକାଣୀ କାଲି ବାବତ ନେଇ ଯାଇଛି । ପିଲାଟା ପାଇଁ ଲୁଗାଖଣ୍ଡେ ବ ହେଇ ପାରିଲା ନାହିଁ ।”

ତଥାପି ଶେଷ ଆଶା ଅଛି । ଗଦେଇ ସାହୁ ଯଦ କାଲି ଦିଏ । କାଲି ପୁଣି ପୂଜା ।

ସକାଳୁ ଉଠି ବନୁ ସବୁ ଦିନପରି ଖେଳିବାକୁ ଗ୍ଭଲିଗଲା । ଆଜ ପୂଜା । କେତେ ଲୋକଙ୍କ ଘରେ ମଉଛବ । ତାର କ’ଣ ଯାଏ ସେଥିରେ । ସବୁଦିନ ପରି ସବୁ—ଭୁଲି ମନରେ ସେ ହରଷି ହରଷି ଡାକିଲା—

“ଚନ୍ଦୁରି—ହେ ଚନ୍ଦୁରି !”

ଖରି ମାଡ଼ି ମାଡ଼ି ଗ୍ଭଲିଲା । ନୂଆ ନୂଆ ଲୁଗା ପିନ୍ଧି ଗୋଟିଏ ଗୋଟିଏ କୁଆ ଗଡ଼ିଲେ । ନହବତ୍ ବାଜା ମନ ଉଛନ୍ନ କରି ବାଜି ଉଠିଲା । ରଘୁ ବଡ଼ାପା କହିଲେ, “କରେ ବନା, ଏ ଧୂଳିଆଟା ହେଇ ବୋଉଁଥିବୁ ନା—ହେଇ ଦେଖିଲୁ ସମସ୍ତେ କେମିତ—”

ବନୁର ଖିଆଲ ପଶିଲା । ସତେ ତ, ନୂଆ ଲୁଗା, ନୂଆ ଜାମା ପିନ୍ଧିବାର ବେଳ ତ ହେଲାଣି !”

ତେଣେ ବୋଉ ବନୁର ଖଣ୍ଡେ ପୁରୁଣା ସଫା ଲୁଗା ବାହାର କରି ଅପେକ୍ଷା କରି ବସିଛନ୍ତି । ହାଲୁକ ଶୁଖୁଛି, କାଳେ ଟୋକା ନ ବୁଝିବ ? ଗଦେଇ ସାହୁ ଅପମାନର କଥା କହି ଫେରେଇ ଦେଇଛି—“ପାଇଲୁ ଗାଡ଼ିଆ ବୋହୁଥିବେ ? ଆଜ ପୂଜା, ମୋର ଗରାଖିଙ୍କୁ ଲୁଗା ନଅଁଟ, ତହିଁରେ ପୁଣି—”

Digitized by srujanika@gmail.com

ଦୁମ୍ ଦୁମ୍ ଭୁସ୍ ଭୁସ୍ରୁ. ଆଗରୁ ଆଗରୁ ଜଣା ପଡ଼ିଲା । ହେଇ ବନୁ ଆସିଲା ।

ଏକା ନଅଟକେ ବୋଉ କାନ୍ଧରେ ଭୁସ୍‌କନା ଅଜାଡ଼ି ହୋଇ ପଡ଼ି ବନୁ କହିଲା, "ବୋଉ ଦେ ମୋ ଲୁଗା ଜାମା ।" ବୋଉ ସଫାଲୁଗା ଖଣ୍ଡିଏ ଦେଖାଇ ଦେଇ କହିଲା—"ହେଇ ନେ—ଜାମା ମନୁକୁ ମାନିଲା ନାହିଁ ବୋଲି ବାପା ଫେରେଇ ଦେଲେ । ପୁଣି ଭଲ ଜାମା ପଠେଇବେ—"

ଆଉ ପାରେ କିଏ ? ବନୁର ରାଗ, ବାଡ଼ଆ ଝଂଚଡ଼ା, ଗାଳି, କାନ୍ଦଣା ସବୁ ଯେମିତି ଛେଚୁକୁଟି ବରଷି ଗଲା । ବୋଉ ମଝିରେ ମଝିରେ କହୁଥାଏ, "ହଉ ହଉ, ସେମାନଙ୍କର ଥିଲେ ଥାଉ, ଆମର ଆହୁରି ଭଲ ଆସିବ ।" ଯେଉଁ ସ୍ୱପ୍ନ ଭାଙ୍ଗି ଛି, ତାକୁ ଆହୁରି ଟାଣି ଓଟାରି ଭବିଷ୍ୟତକୁ ମଡ଼େଇଲେ ମନ ମାନେ ନାହିଁ ।

ଆଜି ତାକୁ ବାଧିଲା । ତା'ର ମନର ବଡ଼ଲୋକକୁ ଯେମିତି କିଏ ଜୋର କରି ଝିଙ୍କି ଫୋପାଡ଼ି ଦେଇଛି । ବୋଉ ଯେତେ ବୁଝେଇଲା ବନୁ ବୁଝିଲା ନାହିଁ; କାନ୍ଦି କାନ୍ଦି ଲୋଟିଗଲା ।

ଚେମିବୋଉ ଖୁଡ଼ି କୂଅଁକୁ ପାଣି ପାଇଁ ଯାଉଥିଲେ । କହିଲେ, "ଆହା, ପିଲାଟାକୁ ବୁଝେଇ ଦେଇ ପାରୁ ନାହୁଁ ?"

ବନାବୋଉ କହିଲା, "ଅପା ତମେ ତ ଦେଖୁଚ......"

ଚେମିବୋଉ ଆଣିଦେଲେ ଖଣ୍ଡେ ଠାକୁର କହିଆ । କହିଲେ, "ହେଇ ନେ ତୋର ନୂଆ ଲୁଗା । ବନୁ ସବୁ ଗୋଡ଼ରେ ଫୋପାଡ଼ ଦେଲା, ରାଗରେ ତାଙ୍କ ଶବ୍ଦ ପଣତକୁ ଆହୁରି ଟାଣି ଦେଲା । ବନୁବୋଉ ମୁହଁ କେମିତି କେମିତି କରି ଚାଲିଗଲେ । ବନୁ ନ ଖାଇ ଶୋଇ ପଡ଼ିଲା । ପୂଜା ଦେଖି ଗଲା ନାହିଁ ।

Digitized by srujanika@gmail.com

ବୋଉ ଆସି ଦେଖିଗଲା, ବନୁ ନଦରେ ଶୋଇ ପଡ଼ିଛି ଭୂଇଁତଳେ । ସପଟା ଫୋପାଡ଼ି ହୋଇଛି ଦୂରରେ । ତେଲଚିକଟା ଚକିଆ ଖଡ଼ିତଳେ ଆକୃକୁଚ ଅଳନ୍ଦ୍ ସେପାଖେ ଗଡ଼ୁଚି । ବୋଉ ଦେଖିଗଲା, ବନୁର ଆଖିପତାରୁ ଶୁଖିନାହିଁ ଲୁହ ।

ସେଇପରି ବୋଉ ଚାଲିଗଲା । ଦାଣ୍ଡରେ ପଜା ପାଖରେ ନହବତ୍ ବାଜା ବାଜୁଛି ।

× × × ×

ସଞ୍ଜ ନ ହେଉଣୁ ଛିଣ୍ଡା ଗେଞ୍ଜିଟି ପିନ୍ଧି ବନୁ ଦଉଡ଼ି ଦଉଡ଼ି ଆସି ପହଞ୍ଚିଲା ଗାଁ ଦାଣ୍ଡରେ । ଚାରିଆଡ଼କୁ ବଲବଲ କରି ଚାହିଁଲା । ଗାଁ ପିଲାଏ ନୂଆ ପୋଷାକ ପିନ୍ଧି ଆଗକୁ ମାଡ଼ୁଛନ୍ତି ଗୋଟାଏ ସୁକୁମାର ଲହଡ଼ି ପରି । ସବୁରି ଆଗରେ ହସି ହସି ଟଳି ଟଳି ଠେଲି ଠେଲି ଚାଲିଛି ଜଗୁ ।

ବନୁ ଛପି ଛପିକା ଚାଲିଲା । ତାର ମନର ଅନ୍ଧାର ମନରେ ଜମିଲା, ଏ ପାଖର ନଡ଼ିଆ ବାଡ଼ି ତଳର ଅନ୍ଧାର ପରି ।

ସବା ପଛରେ କାନ ହଲେଇ ହଲେଇ ଚାଲିଛି କିଏ, ଚନ୍ଦୁରି ନା ? ଜଗୁ କହୁଛି—ଭାଇ ଆର ଥର ଆସିଲେ ମୋ ପାଇଁ ଆଣିବ ଝନଚକିଆ ବାଇସିକଲ; ଆଉ ଆଣିବ ଆହୁରି ସୁନ୍ଦର ପୋଷାକ ।

ବନୁ ଡାକିଲା, "ଚନ୍ଦୁରି, ହେ ଚନ୍ଦୁରି !" ପିଲାଏ ପଛକୁ ଚାହିଁଲେ । ଜଗୁ କହିଲା, "ଚାଲ ଚାଲ, ବନା ଡାକୁଥାଉ, ଯିଏ ପଛେଇବ ସେ ଲେମଞ୍ଚୁସ ପାଇବ ନାହିଁ ।"

Digitized by srujanika@gmail.com

ସଦା କହିଲା, "ବନାଠା ସେଇ ଛୁଣ୍ଡା କୁଜ୍ରା ପିନ୍ଧିଚ ।"

ମାଧିଆ କହିଲା, "ତାକୁ ଆଉ ଆମ ସାଙ୍ଗରେ ପୂରେଇବା ନାହିଁ ।" ଚନ୍ଦୁର ଗୃଲିଲା ।

ବନୁ ପୁଣି ଡାକିଲା; କହିଲା," ହଉ ନ ଶୁଣୁ, ହଉ ଯାଆ ଯାଆ—"

ଚନ୍ଦୁର ଟିକିଏ ଆଗକୁ ପାହୁଣ୍ଡ ପକେଇ ପଛକୁ ଗୃହିଁଲା । ଦେଖିଲା ବନୁ ଖୁଲିଯାଉଛି ପିଠିକରି ।

ଚନ୍ଦୁର ଦଉଡ଼ ଦଉଡ଼ ଫେରି ଆସିଲା । ଡାକିଲା, "ବନୁ, ବନୁ ।" ବନୁ ଶୁଣିଲା ନାହିଁ ।

ଚନ୍ଦୁର ବହୁତ ସାକୁଲେଇଲା, ପଛେ ପଛେ ଗୃଲିଲା; ବନୁ ଶୁଣିଲା ନାହିଁ ।

ଚନ୍ଦୁର ଗେହ୍ଲା କରି ବନୁକୁ ଧରି ପକେଇ କହିଲା, "କରେ ଆଉ ମୋ ସାଙ୍ଗେ ମିଶିବୁ ନାହିଁ ?"

ବନୁ କିଛି କହିଲା ନାହିଁ, ଠାଣି ଓଠାରି ହେଲା । ଚନ୍ଦୁର ଆହୁରି କଡକ କଡ ନାଗି ଆସିଲା । ବନୁକୁ ଠାଣି କରି ଧରି କହିଲା, "ମାରିବୁତ ଦଠା, ମାର ମାର ।"

ବନୁ କଇଁ କଇଁ ହୋଇ କାନ୍ଦି ଉଠିଲା । ଚନ୍ଦୁର କିଛି ବୁଝି ପାରିଲା ନାହିଁ; ଖାଲି ବନୁକୁ ଆଉଁସିଲା, ଆଉ ତାକୁ ଲୁହ କରିବାକୁ ଚେଷ୍ଟା କଲା ।

ସେତେବେଳକୁ ବାଡ଼ ଉପରର ଝଞ୍ଜ ନଠାରେ ଖୁନ୍ଦ ହୋଇ ଗଲାଣି ଫୁଟିଲା ଜହ୍ନିଫୁଲ ।

Digitized by srujanika@gmail.com

ଦେବୀପୂଜାର ଆଗମନୀ ଗାଇ ନବବତ ବାଜୁଛି । ବନୁ ଆସ୍ତେ ଆସ୍ତେ ମୁହଁ ଟେକିଲା, ଭରସି ଭରସି ହସିବାକୁ ଚେଷ୍ଟା କରି କହିଲା, "ବାପା ଆସିଲେ ଆଣିବେ ଯେ ନୂଆ ଜାମା—ନାଇଁ ? ଜଟୁରି କଣ ଅଛି, ମୋର ଆହୁରି ଭଲ ? ଆହୁରି ସୁନ୍ଦର—"

ମାଟିଆ ବୁରୁଜ

ଘରେ ଛାତ ନାହିଁ ।

ସେଥିରେ ଆଉ ନୂଆ କଣ ଅଛି ? ଘରେ କେବେ ଛାତ ଥାଏ କି ? ଖଣ୍ଡି ଖଣ୍ଡି ହୋଇ ସବୁଯାକ ବାସନ ବନ୍ଧା ପଡ଼ି ସରୁଛି; ଆଜି ଥାଇ ଥାଇ ଦି' ଖଣ୍ଡ ଫଟା କଂସା, ଚେପା ଥାଳିଆ । ଖୁଡ଼ି ସେଥିରେ ମହମ ମାରି କାମ ଚଳେଇଥିବ ।

ବାରମ୍ବାର କାଳିଆ ଠିକୁ ପଡୁଥାଏ, ବାରମ୍ବାର ଦୀର୍ଘଶ୍ୱାସ ଉଠୁଥାଏ । ସଂସାରର ଲକ୍ଷେ ସମସ୍ୟା ଏକାଠି କରି ତାହା ପାଖକୁ ସମାଧାନ ପାଇଁ ଉଡ଼ି ଆସେ, ଏମିତି ଖଣ୍ଡେ ଲେଖା ଚିଠି; ମୁଣ୍ଡ ଘୂରେଇ ହୁଏ, ଭାବି ଭାବି ଥଳକୂଳ ପାଏ ନାହିଁ ।

ଘରେ ଛାତ ନାହିଁ—ବରଷାରେ ଦରଦର ଗଳୁଛି ପାଣି; ଚୂଲି ଖଣ୍ଡ ଭାଙ୍ଗି ପଡ଼ିଲାଣି—ଅନ୍ତଃସତ୍ତ୍ୱା ସ୍ତ୍ରୀ ।

ଦରଜ ହୋଇ ଲୁଗାଖଣ୍ଡେ କାହାରି ନାହିଁ ।

Digitized by srujanika@gmail.com

ସାନ ଭଉଣୀର ଇନ୍ଦ୍ରପୁନେଇଁ ଆସୁଛି । ବାହାହେଲା ବଡ଼ ଭଉଣୀ ଘରକୁ ଖାର ଯିବ । ଚଉକଦାଣ ଟିକସ ପାଇଁ ତସିଲ ପଞ୍ଚାଏତ୍ ତଗାଦା ଲଗେଇଛି । ଶଠି ପଚାରୁଛି—କଣ ହେବ ?

ଆଖି ଢ଼'ଟା ଉଷୁମ୍ ହୋଇଯାଏ, କଟକଟ ହୁଏ । ଦବଯାଉ-ଥିବା ଗୁଡ଼ର ଉଦାସ ଦୀର୍ଘଶ୍ୱାସରେ ପାଳ ଦେବାକୁ ଲୁହ ଉଠି ଆସେ । ଦାଣ୍ଡ ଧୂଳ ଟପି ମଶାଣୀ ଅପନ୍ତରାରୁ ଭବିଷ୍ୟତର ଛବି ପାଖକୁ ଚଢ଼ିଟି ଆସି କାଳିଆକୁ ଭୟ ଦେଖାଏ । ଭବେ କ ସାନ୍ତ୍ୱନା ସେ ଦେବ; କେତେ ଅବା ତାର ରୋଜଗାର ? କଣ ହେବ ତା ଦେଇ । ଖଣ୍ଡେଇତା ଢାଙ୍କମୁହଁ କାଳିଆ ପଧାନର ମୁର୍ଦ୍ଧାର ପକେଇ ଦେଲେ ବି ବନ୍ଦ ହେବନାହିଁ ।

ଦେଶରେ ଅକାଳ ପଡ଼ିଛି । ଭାଉ ଆକାଶକୁ ବଢ଼ିଛି, ଆଗର ପଇସା ସତେକି ଏବର ଗୋଡ଼ ମାଛି ? ମୁଠି ଅପହରଣ ହୋଇ-ଯାଉଛି, କେଉଁଠି ଖୋଜିଲେ ପୋଷେମାଣେ ଗୁଉଳକୁ ପୋଷେମାଣେ ପାଇସା, କାହାର ବହପ ଅଛି । ଗୋଟାଏ ବଡ଼ ଯୁଦ୍ଧ ଲାଗିଥିଲା, ଦେଶକୁ କୁଆଡ଼େ ପଇସା ଆସିଛି । ତେଲିଆ ମୁଣ୍ଡରେ ଆହୁରି ତେଲ ସରସର । ଶଗଡ଼ ଗାଡ଼ି ନ ଦେଖିଲା ଲୋକ ମଟର ଗାଡ଼ି ଚଢ଼ୁଛି, ସହରଯାକ କୋଠାମୟ । କ ଯାଏ ସେଥିରେ କାଳିଆ ପଧାନର ? ତାର ଘରେ ଭାତ ନାହିଁ; କର୍‌ମିଆରୁ ନେଙ୍କଡ଼ ଛୁଣ୍ଡୁଛି; ଭାଙ୍ଗି ପଡ଼ୁଥିବା ସାବକ ଘରେ ଚୁଲି ଜଳୁନାହିଁ; ଡିବି ଜଳୁନାହିଁ । କେବେ ଗାମୁଣ୍ଡ ଡେଇଁ ନଥିବା ଲୋକ ଭଙ୍ଗା କାନ୍ଥରେ ଡ଼ିଗ ଲଗେଇବା ପାଇଁକି ଧାଇଁ ଆସିଛି କଲିକତା ମାଟିଆ ବୁରୁଜ ଚଟକଲକୁ । ପଛେ ପଛେ ଗୋଡ଼ାଉଛି ଏମିତି ଶଠି; କେତେ ପୋଜନ ପାଣିହୋଇ; ଦରିଦ୍ର ଉତ୍କଳର ରୂପ ଧରି । ଚମ ନୋଚୁ

Digitized by srujanika@gmail.com

କୋଟି ହାଡ଼ ଦିଶନ୍ତି; ଶୁଖିଲା ମୁହଁରେ ପଦେ କଥା—ଆମେ ମରୁଛୁଁ ।

ଆମେ ରେ ଖାର ଓଡ଼ିଆ—ହଜାରେ ଯୁଗର ସମୃଦ୍ଧିର କେତନ ଅଦ୍ୟାପି ଉଡ଼େ ନୀଳଚକ୍ର ବାନା, ଶତ୍ରୁର ଶଙ୍କା; ବନ୍ଧୁର ସ୍ତୁତି, ପଡ଼ିଶା ଦେଶର ଶୃଙ୍ଖଳଦାତା ଶରଣଦାତା ନଶୁଆ ବଳିଆ ଭାଇ ଆମେ ।

ପେଟପିଠି ଲାଗି ଯାଉଛି; ଶିରା ହାଡ଼ ହୋଇ ମଣିଷ ପଲ ପଲ ।

ହାତରେ ଛେଲୁଆ ଟିଣ, ଖପର; ପାଉଁଶିଆ ଆଖିରେ ସର୍ବନାଶୀ କ୍ଷୁଧା । ଶୁଖୁ ଶୁଖୁ ଜୀବନର ଦୀପକ ବଞ୍ଚିବାକୁ ସବୁଠୁ ବଡ଼ ଆଶା, ଠେଲାଠେଲି ପେଲାପେଲି ଅଗଣିତ କଙ୍କାଳ ଥାଟ । ସେହି ସେ ଶଠିର ରୂପ, ଦେହରେ ଯାହାର ଗୃଧ୍ର ଗନ୍ଧ । ତୁଣ୍ଡରେ ପଦେ କଥା—ଆମେ ମରୁଛୁଁ ।

ଟିଠିକା ଟିକ ଟିକ କରି ଖରା ପୋଡ଼ାଉଡ଼ ଦେଇ କାନିଆ ଦ' ହାତରେ ମୁଣ୍ଡକୁ ଧରି ବସି ପଡ଼ିଲା । ଆତଙ୍କକୁ ଛୁଟେଇ ପାରିଲା ନାହିଁ । ଯେତେ ଚୁଙ୍କିଲେ ଯେତେ କନ୍ଦିଲେ ସେ ତଥାପି ଆସେ; ଏକୁଟିଆ ବସିଥିଲା ବେଳେ, ଭାତ ଥାଳି ପାଖରେ, ରାତିରେ ନିଦ ଘୋଳରେ ।

ଗାଁରେ କେତେ ଘର ଭାଙ୍ଗି ଚୂନା ହୋଇଗଲା । ଲୋକେ ପଳେଇଲେ, କିଏ ରଖିଛି ହିସାବ କାହାର । ବଳକା ପ୍ରଦେଶର ସହରତଳିରେ ସ୍ଥାନେ ସ୍ଥାନେ ଶାଗୁଣା ବସି ପଙ୍ଗତ ଲଗେଇ ଡିନର ଭୁଞ୍ଜିଲେ; ବାଲୁଆ କଲେ ଉତ୍ସବ, ବନ୍ଧୁ-ଭୋଜି । ଜଗନ୍ନାଥଙ୍କର

Digitized by srujanika@gmail.com

ଯହଡ଼ ପଡ଼ିଲା । ସେତିକିବେଳେ ଗୁଳିଟା ପେଟରେ ଉହ୍ଲ କେବଳ ଦେଖି ନପାରି ଗୋବିନ୍ଦ ଜେନା ସାଙ୍ଗ ଧରି କାଳିଆ ଚଠକଲ ଆସିଥିଲା; ସେ ଆଜିକି ଦୁ'ବର୍ଷ ତଳେ । ଗୁଳିଆଡ଼େ ଉଇ ଉପୁର ଦୂର ପଡ଼ୁଥିଲା । କିଏ କହୁଥିଲା, ବୋମା ପଡ଼ି ସବୁ ଭସ୍ମ ହେବ । କିଏ କହୁଥିଲା, ଶତ୍ରୁ ମାଡ଼ି ଆସୁଛନ୍ତି । ସତକୁ ସତ ବୋମା ପଡ଼ିଲା, ଲୋକେ ପଳେଇଲେ । ପୂରା ବୁଜୁଳା ଜାକି ଗୋବିନ୍ଦ ଜେନା ମୁହଁକୁ ଚାହିଁ ରହି କାଳିଆ ପଧାନ ଚାହାଣୀରେ କହିଥିଲା ଖାଲି, "କେଉଁ ବାଟେ ?"

ମୋଟାସୋଟା ବାଙ୍ଗରା ଦରବୁଢ଼ା ଗୋବିନ୍ଦ ଜେନା, ମାଉଁସିଆ ମୁହଁ । ଧୀରେ ସୁସ୍ଥେ ପାନ ବଟୁଆ ଅଣ୍ଟାରୁ କାଢ଼ି ଚୂନ ଖାଇରୁ ଚୂନ କାଢ଼ି ପାନରେ ବୋଳିଥିଲା । ସେମିତି ଥଣ୍ଡା ହୋଇ ରହି ଗୁଆ କାଟିଥିଲା, ପାନ ଭାଙ୍ଗିଥିଲା । ଆପେ ପାନ ଖଣ୍ଡେ ଜାକି କାଳିଆକୁ ଆଉ ଖଣ୍ଡେ ଦେଇ ବ୍ୟଙ୍ଗରେ ପଚାରିଥିଲା—

"ଧିଅ ଅଳସ ଲାଗୁଚି; ଗଡ଼ଚ ପଡ଼ଚ ହେବୁ କି ଘଣ୍ଟା ପଡ଼ିଲାଣି କାମକୁ ଯିବୁ ?"

······କିରେ ତୁ ବାପୁ ହେଲୁ ସତେ ଘରକୁ ବାହାରିଚୁ ? ଆଉ କଣ ଅଛି ? ଜମିରେ ବାଲି ଚରିଚି—ବନ୍ଧଭଙ୍ଗା ଘୁଙ୍ଗା ବାଲି; ବାଡ଼ି ଅଛି, ବଡ଼ି ଅଛି, ମରୁଡ଼ି ଅଛି; କୁଟୁମ୍ବଙ୍କ ଆଖି ଆମରି ଭଣ୍ଡାରି ମୁଠିକୁ । ସେଠି କିଏ ସାହାପଖ ହେବ । ଜମିଦାର ? ଥିଲାଘର ପୁଅ ବାବୁ ! ତୁଣ୍ଡରେ ବଡ଼ କଥା--ଆମେ ତମର ବନ୍ଧୁ, ତଣ୍ଟି ତଳକୁ ଶାଗୁଣାର ଆଖି । ପାଗଳ ହେଲୁ, ଯେଉଁ କୁକୁରଙ୍କ ପରି ପଳେଇ ବସିଚୁ ? ଘରଜା ଖଡ଼ୁ କାଚ ଭାଙ୍ଗିବ ଥରେ; କୁଟୁମ୍ବ

Digitized by srujanika@gmail.com

ହାଣ୍ଡି ବାଣ୍ଟେଇବେ ଥରେ। ଘରେ କାଇଁକି ଏଠି ଯାହା ହବାର ହଉ । ଛେଳିଙ୍କ ଗୁହଳଆଁ ଦେଖି ବାଘକୁ ଗୁହଳଆଁ ଲାଗିଛ ଯେ ଚୋ ମତ ବଗଡ଼ିଛ; ନହେଲେ ତୁ ସେମିତିଆ ପିଲା ନୋହୁଁ । କାମକୁ ଚାଲ, ପାନ ଖାଇଲୁଣି, ସେଠି ମିଜାଜ ଭଲ ହେବ।”

ବରୁଆନ୍ ହମିଦ୍ ମିଆଁ ଓ୍ୱାହ ଓ୍ୱାହ କହୁଥିଲା । ପଡ଼ଶା ସମ୍‌ଶିଲ୍‌ଓ୍ୱିନ୍ ପିଠି ଖପଡ଼େଇ ଥିଲା । କାଳିଆ ପଧାନ ଘରକୁ ଗଲା ନାହିଁ ।

କିନ୍ତୁ ଗୋବିନ୍ଦ ଜେନା ରହି ପାରିଲା ନାହିଁ, ବୋମାମାଡ଼ରେ ନୁହେଁ—ଜ୍ୱରରେ । ମାଟିଆବୁରୁଜର ସଢ଼ା ପୋଖରୀର ପାଣି ତାର ରକ୍ତକୁ ବିଷିଦି ଦେଇଥିଲା । ବଙ୍ଗଳାର ମଶାପଲ ତାକୁ ଶୋଷି ଖାଇଗଲେ । ମଲା—ଗୋବିନ୍ଦ ଜେନା, ଜୀବନକୁ ଯେ ରହସ୍ୟ ମଣିଥିଲା । କାମ କଲାବେଳେ ଅନର୍ଗଳ ଯାହା ତୁଣ୍ଡରୁ ବାହାରୁଥାଏ ଝିଙ୍କ ଶୀ ଗୁନ୍ଦ, ଚଉପଦୀ, ଚଉତିଶା । ବାରମ୍ବାର ରଢ଼େ “ଥକା ମନ ଚାଲ ଯିବା—”

ତାର ଥକା ମନ ଚକୋନଯାନ ଦେଖୁଥିବ କେଉଁଠି; କିନ୍ତୁ ତାର ସାଙ୍ଗ ଗୁଡ଼ାଲ ଦଳ କାଳିଆ ପଧାନର ଥକା ମନ ଦେଖୁଛୁ ବିଭୀଷିକା ।

କାମର ବାଜା ବାଜି ଉଠିଲା ।

କାଳିଆ ପଧାନର ମନ ଲେଉଟିଲା । ଅସୁର ପରି କଳ ଘର ଠିଆହୋଇଛୁ, ଗର୍ଜନ କରୁଛି । ଛକେ ଗଲା, ସେବେଇ ଚୂଲି ଫୋପାଡ଼ ଦେଲା ବାଲ୍ଟି ବାଲ୍ଟି ଖଡ଼ା ଶ୍ୱେପା ପରି । ସେମାନେ ଅଦ୍ଧା ଉଲଗ୍ନ ହୋଇ ବାହାରି ଆସୁଛନ୍ତି; ଦେହ ମୁହଁ ଅସନା,

Digitized by srujanika@gmail.com

କଳାବୋଳା । ସ୍ଥୁଳ ଭିତରେ କୋଇଲା ଗୁଣ୍ଡି ଗନ୍ଧ, ତେଲ; ଇଞ୍ଜିନ୍ ଧୂଆଁ । ମଡ଼ା କାଉଁରିଆପଟ ପଚୁଥିବା ମିଙ୍ଗାଣି ଭୁଟ୍‌ଭୁଟ୍ ପୋଖରୀର ଦୁର୍ଗନ୍ଧ । ଗର୍ଜନ କରୁଛି, ଆହୁରି ଛକେ ଦରକାର । କାନ ଅତରା ଶବ୍ଦ । ପୁଣି ଥାଟେ କୋଳାହଳ କରି ଲହରେଇ ଆସୋଉଛନ୍ତି । ସନ୍ତସନ୍ତିଆ ଖାଲୁଆ କୁଲିବସ୍ତିରେ ଗୋଳମାଳ ଲାଗିଛି । କାହାର ଘରେ କୋଳପ ପଡୁଛି । କାହା ଘରୁ କୋଳପ ଫିଟୁଛି । ଖରକୁର ପାଖ ଚଟି ଦୋକାନ ଘରେ ଭିଡ଼ । ଲୁହା ଜୁଡ଼ି, ବୁଢ଼ି ମିଶ ମିଶ ଦାନ୍ତ, ଗୋଡ଼ଣା ପରି ମୁହଁ, ରଡ଼ନଆଁ ପରି ଆଖି, ନାଥୁଲି ନାଥୁଲି ଶସ୍ତା ପିତାଶୁଣୀ ପାଗ୍ରେଟି ଆସୁଛନ୍ତି । ଯିବା ଆସିବା ସନ୍ଧ, ସରଦାରମାନେ ପାଟି କଲେଣି । ଯିବାକୁ ହେବ ।

ଭୂ-କୈଳାସ ଖାଇ ପୂର୍ବପଟେ କୁଲିବସ୍ତି, ଜକାଜକ । ଫିମ୍ପମରା ତାଉକା ଛଉକା କାନ୍ଥ ଉପରେ ଟିଣ ସ୍ଥୁଳ । ଅସନା କଳକଣ୍ଡିଆ, ସନ୍ତସନ୍ତିଆ ବର୍ଷା ସେହି ଶସ୍ତା ଟିଣ ଉପରେ ବାଜା ବଜେଉଛି ଝଣାର ଝଣର । ଭୂଇଁ ଦଲ୍ ଦଲେଉଛି, ପଚର ପଚର କାଦୁଅ ଉପରେ କଳା ପାଣି ଧୀରେ ଧୀରେ ମାଡ଼ୁଛି । ସେଁ ସ୍ଥାସ୍ଥ୍ୟର ମାଳ ମାଳ ଦଳୁଆ ତେଲିଆ ପୋଖରୀ ଆଡ଼କୁ ବର୍ଷାର ମେଘ, ତଳେ ତଳେ ମଶାର ମେଘ । ଉସୁମିଳିଆ ସଡ଼ା ପଙ୍କୁଆ ଗନ୍ଧ, ମେଞ୍ଚା ମେଞ୍ଚା ଅରମା ଘୁଅ ବଣ ।

କାଦୁଅ ଛୁଟାଛିଟି ଆକାଶ ତଳେ ଠାଆ ଠାଆ ହୋଇ ଡେଙ୍ଗା ଡେଙ୍ଗା ଚେମେଣି; କଳଘର, ବେଙ୍ଗଲଇଜ ପରି କୁଲି-ବସ୍ତି । ଛ'ଶହ ଓଡ଼ିଆ, ବାରଆଡ଼ ପଡ଼ଶା ଅସଂଖ୍ୟ ମୁସଲମାନ । ତା ଛଡ଼ା ନାନା ଦେଶର ଲୋକ—ବିହାରି, ତେଲୁଗୁ, ବଙ୍ଗାଳି

Digitized by srujanika@gmail.com

ଇତ୍ୟାଦି । ମଜୁରିଆ ବସ୍ତି ମାଟିଆ-ବୁରୁଜ୍. ଯେଉଁଠି କଳ ଧୂଁଆରେଇ ପୁଞ୍ଜିପତି ଅମଳ କରେ ମଜଦୁର୍ ଫସଲ୍, ଦୋରୁଅରୁ କନ୍ଦ ପରି ଝାଳରୁ ଟଙ୍କା କରେ—ଟଙ୍କା ଭଲ୍; ଝାଳ ଲୁଣିଆଁ ।

ଦଳ ଭିତରେ କାନ୍ଧକୁ କାନ୍ଧ ଯୋଡ଼ି କାଳିଆ ପଧାନ କାମକୁ ଗୁଲେଇଛି । କଳକବଜ୍ଜା ଶବ୍ଦା ଗର୍ଜନ; ହାଟରେ ହାଉ ହାଉ ମଜୁରିଆଙ୍କ ପାଟି । ପଛରୁ ମଟର ହୁରୁଡ଼ୋଉଛି;ସାହେବ ଲୋକେ ଦାନା ଖାଇ ଫେରୁଛନ୍ତି । ପାଣି କାଦୁଅ ଉଡ଼ୁଛି ପିଚ୍ ପିଚ୍; ସମ-ହାଳ ନେଇ ହଟି ନ ଯାଉଣୁ ମଇଳା ଲୁଗା ଛିଟ ହୋଇଯାଉଛି । ଯାଉଛନ୍ତି ହାକିମ, ମାଲିକ, କାମ କରେଇବେ--ଲାଭ ଖାଇବେ । ଆଉ ଯାଉଛନ୍ତି ମଜୁରିଆ, ବାଲିକୁଦାରୁ ବାଲେଶ୍ୱର ଯାଏଁକର କାମ କରିବେ—ମଜୁରି ଆଣିବେ । ପିଲ୍ଟିଙ୍ଗ୍ ଘରଦ୍ୱାର ଛାଡ଼ି କେଉଁ ଦୂର ଦେଶରୁ ଆସି ଠୁଳ ହୋଇଛନ୍ତି ମୁଳିଆ ମୁଣ୍ଡ; ମଟର ଦେଖୁଛନ୍ତି, କୋଠା ଦେଖୁଛନ୍ତି, କଳ କାରଖାନା ଦେଖୁଛନ୍ତି ।

ଘର କଥା ଭାବିବାକୁ ଡର ନାହିଁ କି ଓଉ ନାହିଁ । ପାନ୍ଥାରେ ତାର କାମର ଜାଗା । କଳ ପରି ଥାକ ଥାକକେ ଲୋକ ବାନ୍ଧି ହୋଇ କାମ ଆବୋରି ଗଲେଣି । ପାଟି ଗହଳ କମି ଆସୁଛି ହାଉଲେ ହାଉଲେ । କଳ ବୁଲୁଛି, ମଣିଷ ବି କଳ ପରି କାମ କରୁଛି । ଠେଲାଗାଡ଼ିରେ କୋଇଲା ଲଦି ଠେଲି ଠେଲି ଇଞ୍ଜିନ ଘରେ ବାଣ୍ଟିବାକୁ ନେଇ ଗୁଲିଲା ବେଳକୁ ମନେ ମନେ ତାର ଜବାବ୍ ଶଠିଟି ତିଆରି ହୋଇଯାଇଥିଲା ।

"ଗ୍ରାମଦେବତା ବାସୁଳେଇଙ୍କି ଜେ ଜେ । ଗୋପାଳଜୀଉଙ୍କୁ ଜେ ଜେ । ଗୋବର୍ଦ୍ଧନଜୀଉଙ୍କୁ ଜେ ଜେ । କାଳିଆର ଖୁଡ଼ୀଙ୍କି ସାଷ୍ଟାଙ୍ଗ ଦଣ୍ଡବତ । ଗଉରୀକୁ ସୁକଲ୍ୟାଣ । ଲୁନିକି ସୁକଲ୍ୟାଣ ।

Digitized by srujanika@gmail.com

ଖୁଡ଼ୀର ବୋହୁକୁ ସୁକଲ୍ୟାଣ । ଗୋବର୍ଦ୍ଧନ ଦାଦାଙ୍କ ଦଣ୍ଡବତ୍ । ତାଙ୍କ ସାନ୍ତ ବଡ଼ମାଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ୍ । ଶେଖ୍ ଶମସେର୍ ଭାଇଙ୍କ ଦଣ୍ଡବତ୍ । ପଟୋଉଣୀ ମାଉସୀଙ୍କୁ ଦଣ୍ଡବତ୍ । ତମ ସୁକଲ୍ୟାଣରୁ ଆମ ଦେହପା ଭଲ ଅଛୁ ! ଟଙ୍କା ପାଇଲେ ବେଗି ବଟେଇବ । ତମ ଦୁଃଖ ଶୁଣି ମନ ବେସ୍ତ ହେଲା । ମୁଁ ନେହୁରା କରୁଚି ଅଭାବ ପେଇଁକି ମନ ବେସ୍ତ କରିବ ନାହିଁ । ଡର କାହାକୁ ଭୟ କାହାକୁ, ଠାକୁରେ ଅଛନ୍ତି ଚଉ ବାହାକୁ । ସଦା ବାଉରିକୁ କହିବ ମୁଲିଆ ଅଣେଇ ଗୁଳି ଖଣ୍ଡ ଟେକିଦେବ । ମୁଁ ଟଙ୍କା ବଟେଉଚି । ବଉଳା ଗାଈକି ମୋ ପେଇଁ ଆଉଁସିବ; ତାକୁ ଦାଷ ଉଣା କରିବ ନାଇଁ ।

କୋଇଲା ଲଦୁଛନ୍ତି, ଗାଡ଼ି ପେଲୁଛନ୍ତି, କୋଇଲା କାଢ଼ି ଦେଉଛନ୍ତି; ପୁଣି ଆସୁଛନ୍ତି କୋଇଲା ନେବା ପାଇଁ । ଗୁହାଁ ଯାଉଛନ୍ତି, ବାଟେ ବାଟେ, ତିନି ଦିନର ଚହଲା ଦୃଶ୍ୟ ତାର ନୂଆ ଅର୍ଥ ନାହିଁ । ଉକା ଭାଇନା ପଂଝାରେ ମିଶି ଯା ଆସ କରୁଛନ୍ତି ତେଲ ଟିଣ ବୋହି । ଦେଖା ପଡ଼ିଗଲେ ପାଟି କରେ ସେହି; କୋଡ଼ିଏ ଥର ସେହି ପଦିଏ ସମ୍ଭାଷଣ ବଦଳା ବଦଳି ।

"କିରେ କାଳିଆ କେମିତି ଚାଲିଛି ?"

"ଭାଇନା ! ଆଜ ଖଡ଼ ଜଣ ଡାକୁଛି ?"

"ଆପେ ହୋଇଯାଏ, ଭାବିବାକୁ ପଡ଼େ ନାହିଁ ।"

କଳର କାମରେ ଦେହ ଓ ବାହାରର ଚେତନ ଢାଳି ଦେଇଛି, ଭାବିବାକୁ ପଡ଼େ ନାହିଁ । ସେହି ଧାଡ଼ି ଧାଡ଼ି ରାସ୍ତା, ଗଳି, ମଜୁରିଆ ଧାଇଁଛନ୍ତି, ଅଗଣିତ ସାନ ସାନ କାମ ପାଇଁ ଅଗଣିତ ବର୍ଷର

Digitized by srujanika@gmail.com

ପାଟି । ସଡ଼ା ପଟକୁଣ୍ଡରୁ ଛଣାହେଉଛି, କଳରେ ମନ୍ଥାହେଉଛି, ସୂଚା ହେଉଛି, ବୁଣା ହେଉଛି, ଥାନ ହେଉଛି ସେ ମୁଣ୍ଡରେ । ଧାଡ଼ିକ ଧାଡ଼ି ବଡ଼ ବଡ଼ କାରଖାନା, ଏକା ଜନସ୍ରୋତ, ଆଗେଇ ଅସୁର ପରି; ନଅାଗିଲା କଳଘର, ତାର ଆକାଶୀ ଚେମେଣି ସମଧ୍ମ ବୁରଚା ଓ ସମ୍ପର୍କ ସମାନ ଛନ୍ଦ ରଖି ବୁଲି ଲାଗିଛି କଳର ଦୁନଆଁ । ତାର ଶକ୍ତି ଅଛି—ଅନୁଭୂତି ନାହିଁ, ଭାବନା ନାହିଁ; ସେ ଜଡ଼ ପଦାର୍ଥ ।

ତାହାର ଭିତରେ କଳଯନ୍ତ୍ରର ସାମାନ୍ୟ କଣ୍ଟା ପରି ଲାଗି ରହିଛି ମଣିଷ । କାଳଆ ପଧାନର ଦେହ ଯେ ତାର କାମ ଜାଣେ । ସେଥିରେ କଳଦାନର ପ୍ରାୟ ସମାନ ଅନୁପାତରେ କଳା ଲାଗିବ; ମଇଳା ଲାଗିବ, ଗନ୍ଧ ହେବ, ତାତି ହେବ, କ୍ଳାନ୍ତ ଉପୁଜିବ । ଏମିତି ଅସଂଖ୍ୟ ଦେଶର ଅସଂଖ୍ୟ ତାର ପରି । ସେମାନେ ପୁଅ ,ବାପ, ସ୍ୱାମୀ, ପ୍ରେମିକ, ଭାଇ, ବନ୍ଧୁ । କେଉଁ ଘରର ପୋଷଣାହାରି ପୁଅ କେଉଁ ଦୂରଦେଶର ଚିଆମାଟିର ମଣିଷ ବାହାରକୁ ଚେତନା ନାହିଁ; କେବଳ ଅଭ୍ୟାସ । ସେମାନେ ଏହି ମାଟିଆ ବୁରୁଜ ।

କିନ୍ତୁ ଏହି ମେଘଟା, ଏହି ସନ୍ସନିଆ ଦେଶର ନାକକାଢ଼ୁରା କବିତା ପରି ତାର ଚେଉଁସ କଳର ମଣିଷର ମନକୁ ସିଧା ସେ ମନେ ପକେଇଦିଏ, ଏହା ଭିତରେ ଗୋଟାଏ ପ୍ରାଣ ଅଛି । କଳ ପିଞ୍ଜରର ପକ୍ଷୀ ଥରେ ଥରେ ଉଡ଼ି ପରି ଫଡ଼କାଏ । ଦେହ କାମ କରେ, ମନ ଉଡ଼ିଯାଏ ଆପଣା ଦେଶର ଚନ୍ଦ୍ରାସ୍ତ ସଂଖୋଳିବାକୁ । ଚେମେଣିର ଧୂଆଁକୁ ଉପେକ୍ଷା କରି କଳା ମେଘ-ତଳେ ଚଳେ-ବଗ ଉଡ଼ିଯାଆନ୍ତି ।

Digitized by srujanika@gmail.com

କାଳିଆ ପ୍ରଧାନ ଚଟିରୁ ପଦ ଯୋଡ଼େ ।

ଗୋଟି ଗୋଟି କରି ଦେଖି ଆସେ, ଗୋଟି ଗୋଟି କରି ସଂରକ୍ଷଣ କରେ । ସଉଦା, ତାର ସ୍ତ୍ରୀ ଅନ୍ତଃସତ୍ତ୍ୱା ।

ଲୁହ ଛଳ ଛଳ ଦୋଟି ଆଖି । କହିଥିଲା ପରା, "ଝିଅଟି ଆସିବ ।"

ଗୋବିନ୍ଦଜୀଉ ଦେଉଳ, ଗୋପାଳଜୀଉ ଦେଉଳ, ବରଗଛ ମୂଳେ ସିନ୍ଦୁର ଲାଗି ହୋଇ ବାସୁଳେଇଙ୍କ ଆସ୍ଥାନ—ଦେଉଳର ଦେଶ । ସେହିମାନେ ତାର ଭରସା, ତାର ରକ୍ଷକ । ପୋକରା ବାଉଁଶରେ ଦାନ୍ତ ନକୁଟି ଠିଆହୋଇଥିବ ତାର ଘରଟି । ଖୁଡ଼ୀ ତା ମୁଡ଼ି ଭାଜିବା ଭିତରେ ଫୁରୁସତ କରି ପୁରୁଣା କାନ୍ଥରେ ଫଟା ମାଠୁଥିବ । ସାନ ଭଉଣୀ କୁନି; ଏଇଦିନେ ଖୁଦୁକୁଣୀ । ସାନ ଭାଇ ଗଉର; ବଗୁଲିଆଟା, ବୁଦ୍ଧି ହେଲା ନାହିଁ । ତୋରାଣି ମନ୍ଦାଏ ପିଇଦେଇ ଯାଇ ଆଖଡ଼ା ଘରେ ମୃଦଙ୍ଗ ବଜାଉଥିବ, ସଜୁଗଳା କରୁଥିବ ।

"ଗାଡ଼ି ଜଲ୍‌ଦି ପେଲ; ଜଲ୍‌ଦି ଜଲ୍‌ଦି···" ପାନ ଝିଣ୍ଡେ ଦବୁ କାଳିଆଣ୍ଡ, ଆରେ ରହ'ମ ।"

ଶମ୍‌ଶେର ଭାଇର ଦାଡ଼ୀ; ଦେଖିଲେ କୁଣ୍ଢେଇ ପକାଏ, ଅଭାବ ଦେଖିଲେ ଥିଲେ ଯାଚି ଦିଏ । କାଚ ପେନ୍ଥି ପେନ୍ଥି ଷ୍ଟେକେଇରେ ପୂରେଇ ପଟୋଉଣୀ ମାଉସୀ ପଶୁରି ଆସୁଥିବ ଦଶଥର—"ମେରି ବେଟା ଚଟି ଲେଖିଛୁ କଲେ ମାହାପର୍‌ସାଦ ! ଆହା, ଖୋଦାତାଲା ତାର ଭଲ କରେ ।" ଶମ୍‌ଶେର୍ ଭାଇର ଲଡ଼ ଆସୁଛି । ଅକାଳରେ କଣ ବିବାଦ କରିଥିବ ବିଶ୍ୱାସ । ନା, ଆହୁରି ପଦେ ଯୋଡ଼ା ହେବ ଚଟିରେ; 'କାଳିଆର ଘଣ, ଲୋଭ

Digitized by srujanika@gmail.com

କରିବ ନାହିଁ ଖୁଡ଼ୀ । ଶମ୍‌ସେର ଭାଇ ଇଦ ପାଇଁ ଧନ୍ଦା ହେଉଥିବାର ଦେଖିଲେ ଯୋଡ଼ାଏ ଟଙ୍କା ତାକୁ ଦେଇଥିବ ।”

ସଉଦା, ତାର ସ୍ତ୍ରୀ, ଅନ୍ତଃସତ୍ତ୍ୱା ।

ଭବିଷ୍ୟତର ସ୍ୱପ୍ନ ଗଳାରେ ଲଗେଇବାକୁ ପିଲା ବକଟେ ।

ଭୁଲି ହୁଏ—ଘରେ ଭାତ ନାହିଁ ।

ଚିରନ୍ତନ ଅମର ଉତ୍କଳର ମୋହ ସବୁ ଅଭାବ ଯୋଡ଼େଇ ପକାଏ ।

“ଆବେ ବେକୁଫ୍, ଆବେ ଗିଧଡ୍ !”

“ଏରେ ବ୍ୟାଟା ଝଣ୍ଡେ ଢୋଥାକାର, କି କୋଛିଶକ ?”

ଏଁ;—କଣ ହେଲା ? ଭକା ଖଇନା କେମିତି ତେଲ ଛାଳି ଦେଇଛୁ । କୁଂପାନର ନସ୍ଥି କଲା । ଖଇନା ନଇଁ ପଡ଼ ତେଲ ଗୋଟେଠାଉଛୁ । ତାର କୋଟେ କୁନ୍ତୁଡ଼ାର ବେକପାଖେ ଗୃହ ଲାଗି ହୋଇ ଓହଳ ପଡ଼ୁଛୁ ବାସି ଧୋବ ପଇତା କେଉାକ ।

ଖଇନା ତାର ପଡ଼ଶା ଗାଁର ପୁରୋହିତ ବଂଶର । ଯଜମାନଙ୍କର ଚୂଳାକନ୍ତୁ ନାହିଁ ତିନ ଦିନରେ । ଖଇନା ପଣ କରିଥିଲା ସେ କାହାଘରେ ହାଣ୍ଡି ଧରି ଖୋରାକ କମେଇବ ନାହିଁ ।

“ଖଇନା ?”

“ଆମ କାଳିଆ କରେ”—ହରଷରେ ଚିତ୍କାର କରି ଖଇନା ସିଧା ଠିଆହେଲା । ତାର ସ୍ୱଭାବ ସୁଲଭ ପ୍ରସନ୍ନ ହସ ହସିଁ ଖଇ ପରି ଥରେ ଝଲକ ଦେଇ ପୁଣି ନଭିଗଲା । ଉପର

Digitized by srujanika@gmail.com

ହାକମ ଗାଳ ଦେଉଛନ୍ତି, ବରଷାର ଧାର ପରି ଅବଗମ ।
ସଇନାର ଆଜ ଭୟ ନାହିଁ, ଅଣ୍ଟା ସଳଖେଇ ସିଧା ଛିଡ଼ାହେଇଛି ।

"ଓରେ ବ୍ୟାଟା ଉ—"

"ଏଁ କଣ କହୁଚ, ମୁହଁ ସମହାଳ ପୁଣି—"

"ହଁ ହୋ ବାବୁ ସାଇବ, ହାତରୁ ଖସିଗଲ, ଗାଳ ଦଉଚ କାଇଁ—"

"ଧାଇଁପଡ଼ ହୋ ! କଣ କରୁଚ, ଆସୁନ । ଆବେ ସମା ! ଏ ଜଗୁଆ ! ଆଇଲୁ ଏ—"

ଭିଡ଼ ବଢ଼ିଲାଣି । ଆସିଲା ଜଣେ ପଣ୍ଡିମା ଟେଙ୍ଗା ହାକମ । ତା ଭୁଣ୍ଡରେ ଖାଲି "ସଗୋ ସଗୋ" । କାଣି ବଗଡ଼ ପରି ଫୁଲୁଥିବା ସାନ ହାକମକୁ ଝିଙ୍ଗାସି କହିଲା, "କାହିଁକି ମିଛରେ ତୁଚ୍ଛା କଥାରେ ହାଟ ବସେଇ କାମ ଭଣ୍ଡୁର କରୁଚ କହିଲ ? ତୁମ ଆଦର୍ । ବୁଝେଁ ? ଯାଅ ଆପଣା କାମ କର ।'

ସଇନାର ଖଣ୍ଡ ଆଜ ଏଇଆ ତାକଥିବ । ଆଗ ବିପଦ, ତାପରେ ବିପଦରୁ ଉଦ୍ଧାର । ସଇନା ଜଉବିଷ ଜାଣେ, ପୁଣି ମାଳାବଣ୍ଡି ତାର ଭୁଣ୍ଡେ ଭୁଣ୍ଡେ, କସି ଦେବାକୁ ପଲକ ପଡ଼େ ନାହିଁ ।

ଦଇବଯୋଗକୁ ଫଳ ଫଳେ ଜାଣିଲେ ବି ଅଭିଶାପ ଦେଇଥିବ, ଅଚ୍ୟାଗ୍ରର ହେଲେ ସେ ଶାପ ଦିଏ । ପଣ୍ଡିତେ କହେ, ରୁହ ସବୁର୍ କର, ଏକାଦିନ ଫଳିବ । ବ୍ରହ୍ମତେଜ ମଉଳାନ୍ତି କି ବ୍ରହ୍ମଶାପ ମେଣ୍ଟିବ ନାହିଁ । ନହେଲେ ସଇନା ମଲେ ବ୍ରହ୍ମଦୈତ୍ୟ

Digitized by srujanika@gmail.com

ହେବ, ଆପେ ଦେଖି ଶୁଣି ତାର ଅଭିଶାପ ସବୁ ଫଳେଇବାକୁ ଅନ୍ତତଃ ।

ପୁଣି ଚହଳ ଲାଗିଛି । ଗୋଟାଏ କଳ କୋଠିରୁ କାହାକୁ ବୋହି ଆଣୁଛନ୍ତି । ମଣିଷ ଉପରେ ମଣିଷ ମାଡ଼ି ଯାଉଛନ୍ତି । କଟା କଟି, ଚକଟା ଚକଟି; କଣ ମାଉଁସ ରକ୍ତ ହୋଇ ମେଞ୍ଚାଟାଏ, ତଥାପି ଗଣ୍ଡିରୁ ବେକଟା ନଡ଼ ନଡ଼ ହେଉଛି; ବେକ ଅଗରେ ମୁଣ୍ଡ ଲାଗିଛି । ବୋହି ନେଉଛନ୍ତି, "ହଟୋ ହଟୋ" ।

ମୁଣ୍ଡରେ ଟେଣ୍ଡ ସେମିତି ଅଛି; ସେଇ କଅଁଳିଆ ମୁହଁ; ଡାଣ୍ଟାତଣ୍ଟ ଶୁକ୍ଣା ଗାଲ । ଆର ପାଖ ଧାଉଡ଼ିରେ ବସା ଥିଲା; ମଜଲିସରେ ପଇସା ଉଡ଼ୋଉଥିଲା ।

ବେକ ନଡ଼ ନଡ଼, ରକ୍ତ ଜୁଡ଼ୁବୁଡ଼ୁ, ମାଉଁସ ମେଞ୍ଚାଟାଏ । ଏ ବି ମାଟିଆବୁରୁଜ୍ ।

କିଏ ତାର ଥିବେ ? କେଉଁ ଦେଶରେ ଘର ?

ଭିଡ଼ ହୁରୁଡ଼େଇଦେଲେ, "ହେଇ କୋଇଲା ଆଣ କୋଇଲା" । ଆପଣା ଆପଣା ଜାଗା ଉପରେ ରହି ଲୋକେ କାମ କରୁଛନ୍ତି; କଳ ଚାଲିଛି ତାର ଭୁଷ୍ ଭୁଷ୍ । ଗୋଟାଏ ଲୋକ ଥିଲା, ଗୋଟାଏ ଲୋକ ଗଲା, କାହାର କିଛି ହୋଇନାହିଁ । କେବଳ ସମତାମସୃ ସରଳ ମଫସଲ ପ୍ରାଣରୁ ଝରୁଥିଲା ମମତାର ଧାର ।

ଝରୁଥିଲା ଜଗନ୍ନାଥ-ଦେଶର ଉଦାରତା । କିଏ ଓଡ଼ିଆ, କିଏ ବଙ୍ଗାଳି; ସମସ୍ତେ ତ ଏକାକାର । କଳପଣ କାମକରି ଲାଗିବା ବେଳେ ମନକୁ ଆଚ୍ଛନ୍ନ କରିଥିଲା ଖାଲି ଆହା ପଦ; ଯେଉଁଠିକି ଗଲେ ଓଲଟେଇ ପାଲଟେଇ କେବଳ ତାହାରି ସ୍ୱଗଣୀ । ବଳି ମାଟିରୁ ଶବ ଗୋଟେକୁ ସେ ରୂପ ଗଢୁଥିଲା—

Digitized by srujanika@gmail.com

ଦଶମାସ ଗର୍ଭରେ ଧରି ମା ଜନ୍ମ କଲା ।
କ୍ଷୀର ଦେଲା ।

ଖୁଦ ପେଜ ପେଇ ମଣିଷ କରିଥିଲା ।

ବାପ ପୋଷିଲା ପାଳିଲା, ଆଶା ରଖିଥିଲା ।

ବାପ ମା ବାଟ ଚାହିଁଥିବେ ।

ଗଲା ପୁଅ ବାହୁଡ଼ି ନଇଲା, ହାୟ ମଣିଷ ! ହାୟ ହାୟ !

ସଞ୍ଜ ନ ବୁଡ଼ୁଣୁ ସେପଟ ଯୋଗୁ ଅନ୍ଧାର । କାଳିଆର ଛୁଟି ହେଲା । ବାହୁଡ଼ାଣି ମଣିଷ ସ୍ରୁଅରେ ମିଶିଯାଇ ପଦାକୁ ଆସିଲା । ତରତର ହୋଇ ଲୋକେ କଣ କୁହାକୁହି ହୋଇ ଚାଲିଛନ୍ତି । ପଞ୍ଚା ପଞ୍ଚାକେ ସେଇଥି ଗପ. କେଉଁଠି ଉତ୍ତେଜନା ରେ ଉଗ୍ର, କେଉଁଠି ଭୟରେ ଧୀର ଧୀର । ସହର ଭିତରୁ ଖବର ଆସିଛି କୁଆଡ଼େ ଯେ, ଆଜି କୋଉ ମୁସଲମାନ ଦଳଙ୍କର କଣ କି ଦିନ ଥିଲା; ଇଦ ନୁହେଁ, ମହରମ ନୁହେଁ; କିଛି ଦଳଙ୍କର ଦେଖିଲା କାମ ଦିନ । ସହରରେ କେଉଁଠି କେଉଁଠି ଗୁଣ୍ଡାମାନେ ସେଇଥି ଦେଖିଲା କାମ କରିଛନ୍ତି, ଦୋକାନ ପାଟ ଜ୍ର ହୋଇଛି, କୁଆଡ଼େ ମଣିଷ କେତେ କେତେ ଖରାପ ହୋଇଛନ୍ତି —କୁଳି ମୂଲିଆଙ୍କୁ ଖବର ଆସିଛି ଭଡ଼ ଭଡ଼କା ।

ପରିଶ୍ରମ ପରେ ଯୋକିହେଲା ଦେହ ଖୋଜୁଛି ଆପଣା ବସା, ରାତିର ଆରାମ, ପାହାର ଅଭ୍ୟାସ ଯେଉଁପରି । କଳରେ ମୁହୁର୍ତ୍ତ ଲାଗିଛି । କାନରେ ବାଜୁଛି ସହରର ଗୁଜବ୍, ପରର ଦୁଃଖ; ତାକୁ ଆପଣାର କରି ନିଜର ଆରାମରେ ବାଧାଦେବାକୁ ମନ କରୁନାହିଁ । ଗୁଣ୍ଡା ମାତିଛନ୍ତି, ମାତନ୍ତୁ । ଏତେ ବଡ଼ ସହରରେ କଣ ନ ହୁଏ କେଉଁଦିନ । ଷଣ୍ଢ ଲଢ଼େଇ, କୁକୁର ଲଢ଼େଇ, ସେ

Digitized by srujanika@gmail.com

କଣ ସତେ ମାଡ଼ ଆସିବ ମଜୁରିଆ ବସ୍ତି ଆଡ଼କୁ ? ଗରଜ ପଡ଼ିଛି ତାଙ୍କର । ଏତେ ବଡ଼ ଯୁଦ୍ଧ ଗୁଲିଗଲା, ସଡ଼କେ ପଡ଼ିରହେ ଖାଲି କୋକୁଆ ଭୟ । କଣ ହୋଇ ପଡ଼ିଲା ?

ବରଂ ମଜୁରିଆ ଏପରି ଯୁଦ୍ଧକୁ ଅସ୍ୱୀକାର କରୁଛି ।

କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ, ମଜୁରିଆ ଯେଉଁଠି ସେଇଠି ।

ମାଟିଆ ବୁରୁଜ ଅକ୍ଷୟ । ତାର ଏକା ରାଜମାର୍ଗ; ଝାଳ, ଲହୁ, କୋଇଲା ଧୂଆଁ, ଖଣି, ସନ୍ତସନ୍ତିଆ ବସାଘରେ ଦଶଜଣ ବାରଜଣ । ଅନ୍ଧାରରେ କିଏ କେତେ କମ୍ପୁଛି, କାହାର ଖଟେ ଖଟ୍ ନଟେର କାଶ; ମେହ ଦୁମେହରେ ଆକୁଳ ହୋଇ ହାତ ଗୋଡ଼ ଚିପି ଆକୁଳ ହେଉଛି କିଏ । ଆଉ କିଏ ସେ, କଣ ନିଶାପାଣି ପିଇଛି; ପିଲାଦିନର ଗୀତ ସ୍ମରଣ କରି ଗାଉଛି—

"କମଳଲୋଚନ ଶ୍ରୀହରି କରେ'ଣ ଶଙ୍ଖ ଚକ୍ର ଧରି"

"କଳା କଳେବର କହ୍ନେଇ ସଙ୍ଗେ ସୋହାଗିଣୀ ସ୍ତୁତି—"

ସେମାନେ ଆସନ୍ତି, ଭୁବନେଶ୍ୱରର ଖାଡ଼ ଉପରେ ଚଢ଼ନ୍ତି, ମଣିଷ ଭେଳାନ୍ତି, ଚିତ୍କାର କରନ୍ତି; "ଆମେ ତୁମର ବନ୍ଧୁ—ଆମ କଥା ଶୁଣ ।" ମଟରରେ ଚଢ଼ି ଆସନ୍ତି, ଫୁଲମାଳ ନାଇ ଆସନ୍ତି, ନୂଆ ନୂଆ ଭେକ ଧରି ଆସନ୍ତି, ପରସ୍ପରକୁ ଗାଳି ଦେଇ ଦେଇ ରଡ଼ି ଉଡ଼ି; ମଟରରେ ଚଢ଼ି ଚାଲିଯାନ୍ତି । ଗୋଟାଏ ଗୋଟାଏ ନୂଆ ଅନୁଭୂତି, ଡ଼ିଭୁ ଗୋଟାକରେ ସତ୍ତା ପୋଷଣ ହୁଡ଼ାର ବିବିଧ ଅରମା ପରି । ନୂଆ ଗୀତ ବନ୍ଧ ପରି, ସଙ୍ଗୀତ ବେଣିଚମ୍ପା

Digitized by srujanika@gmail.com

ଶୁଭୁଥିଲା, ଆସିଛ ସଙ୍ଗାତ ପାଟେଲି କଦଳୀ, ଉଡ଼ନ୍ତା ଖଇ, ଉଡ଼ନ୍ତା ଗୁଇ ।

ଆମର ହୋଇଅଛି ଜଣେ ଲଙ୍ଗଳା ଫକର, ସବୁ ଧୂଳି ସବୁ ଗନ୍ଧ ତାର ଦେହରେ ଲାଗିଛି । ଢୁଅକୁ ପର କରିନାହିଁ. ପଙ୍କରୁ ଉଠିଛି ପଦ୍ମ ପରି । ଚଙ୍ଗ ବୁଲୋଉଛି, ଶଙ୍ଖରେ ଡାକୁଛି ଭୟ ନାହିଁ, ଭୟ ନାହିଁ । ଉଧାରିବ କାଳେ ସେ, ସଙ୍କଟୁ ତାରିବେ ବାବା ସତ୍ୟନାରାୟଣ । ଦୂରର ହେଉ ପଛେ, ଆଶା ସେହି ।

"ଚାଲ ହୋ ମାହାଳିଆ କଥାଗୁଡ଼ା ଗପି କଣ ହେବ ? ଆମଠି କଣ ଅଛି ଯେ ଗୁଣ୍ଡା ଆସିବେ ଆମୁକୁ ମାରି ଧନ ଦରବ ଲୁଟିବାକୁ । କିଏ କଣ କହି ହଉଚି –"

ମହୁଫେଣା ପରି ବୁଲବସ୍ତି ଘାଉଁ ଘାଉଁ କଲଣି । ଅନ୍ଧାର ଭିତରେ ଠାକୁ ଠା ଚୂଲି ଜଳୁଛି । ମଦୁଆଙ୍କ ପାଟି; ଭଣ୍ଡଙ୍କ ସିଠି, ରସରସିଆ ଗୀତ । ବିହାରି ବୁଲି ପଞ୍ଜା ପଞ୍ଜା ତୁଳସୀଦାସଙ୍କ ଦୋହା ବୋଲୁଛନ୍ତି । ଓଡ଼ିଆଙ୍କ ଭାଗବତ । ତେଲୁଗୁଙ୍କ ତ୍ୟାଗ ରାଜା କୃତି । ବସ୍ତି ରେ ରାତି ମଣିଷକୁ ନୂଆ ରୂପ ଦେଇଛି । କିଏ ହୋଇଛି ପୁରାଣ ପଣ୍ଡା, କିଏ ଅବା ନାଗର । କିଏ ବାୟକ ହୋଇ ଖଞ୍ଜଣି ବାଡ଼େଉଛି, କିଏ ଗାୟକ ହୋଇ ଭ୍ରମରବର ମାଧୁରୀ । ଆଉ ଧାଉଡ଼ିରୁ ଭାସି ଆସୁଛି ଦୁଇଜଣ ବଙ୍ଗାଳି ସ୍ତ୍ରୀ ଲୋକଙ୍କର ଆକୁଳ ବିଳାପ ମଲାଲୋକକୁ ଝୁରି ଝୁରି । କିଏ ଆହା ହା କରୁଛି । କିଏ ନିଷ୍ଠୁର ବିଦ୍ରୂପ କରୁଛି "ଖାଇଥିଲେ ବୋଲି ଗାଉଛନ୍ତି ।"

'ଆହା' ପୁଣି 'ଆହା' କାଳିଆର ତରଳ ମନ ଚମକି ଗଲା ପୁଣି । ପିଲାଟି ଦିନୁଁ ଏମିତି ସେ ଦୁଃଖ ଦେଖି ଦେଖି

Digitized by srujanika@gmail.com

ଘାଲେଣି କରେ, ପର ପାଇଁ ଝୁରେ; ଆପଣା ପାଇଁ କରିବାକୁ ବେଳ ପାଏ ନାହିଁ । "ହୋ ଚଢା ସାଉ; ବଥଲ ଫିଟିବାର ଚରଗଲା; ଯାଇଲା ଯାଇଲା—" ବାପ କହେ, "ଆରେ ତୋର କ ଯାଏ ?"

"ଘରେ କେହି ନାହାନ୍ତି, ଗଛରୁ ଦି ଖଣ୍ଡ ଡାଳି ଦିଅନ୍ତୁ ନାହିଁ କାଳିଆ !"

ଯାଉଚୁ କ କାଳିଆଇ, କେଉଁଠି ଯାହାରୁ ଦିପଇସାର ଚୁଡ଼ା କିଣି ଆଣନ୍ତୁ । ପିଲାଟା କିଛି ଖାଇ ନାହିଁ ।"

ସେଗୁଡ଼ା ଭୁଲିବା କଥା, ଆଜି ମନେ ନାହିଁ ଆଉ । ଠୁକର ଖାଇଛୁ, ମୃତ୍ୟୁ ଦେଖିଛୁ, ଅନାହାରରେ ମରିଥିବା ଶବ ରାସ୍ତା କଡ଼ରେ କୁଢ଼ ହେବାର ଦେଖିଛୁ । ଆପଣା ଘରେ ଲକ୍ଷେ ଜଳା, ଘୋଡ଼େଇ ପାରୁନାହିଁ ।

ହତ କାଳିଆ ଲୋକେ କହନ୍ତି, "ଥିର ହୋଇ ବ ତୁ; ତୋର କ ଯାଏ ?" ମନ ମାନେ ନାହିଁ ।

କାନ୍ଦୁଛନ୍ତି ସେ ଦି'ଟା, କଣ ଥାଏ ସେ ଅଲଣା ଲୁହରେ । ଏଇ ରାତିରେ ହୁଏତ ନୂଆ ପୋଷଣାହାର ଜୁଟିଯିବେ । କଏ କୋଠାଏ ହାର୍ମୋନିଅାଁ କଁ କଁ କଲାଣି । ଗଣ୍ଡାଏ ପାଞ୍ଚଟା ସେହି ଆଡ଼କୁ ଯାଉଛନ୍ତି, ପାଟି ଶୁଭୁଛି ।

ସେ କାନ୍ଦଣାର ମୂଲ୍ୟ ନାହିଁ, ଶସ୍ତା ଢୋପଣା, ଯାଦୁ ମଲମ, ଅମୃତାଞ୍ଜନ, ଅସଲ ପଞ୍ଚଗୁଣା ତେଲ । "ତୁମେ ବ ଆସ, ତମୁକୁ ସେବକୁଁ । ତୁମେ କଟିଗଲେ ମରିଗଲେ ବ ବୁହାଇବୁଁ ଏମିତି କାନ୍ଦଣାର ହୁଗୁଳ ନାହିଁ । ଥରେ ଶହେ, ଥରେ ଖାଲି—ଆମର

Digitized by srujanika@gmail.com

ହୃଦୟ ଅଛି ।" ପଚାଶ ବର୍ଷର ଶେଷରେ ଯୁଦ୍ଧ ମନ୍ୱନ୍ତରର ଲୋକେ ଯେତେବେଳେ ଆତୁର ହୋଇ ଜପୁଣ ସମୟରେ ଭୋଗ ଅର୍ଜି ଥିଲେ, କାଳିଆ ପ୍ରଧାନ ବି ଦିନର ମୋହରେ ରହିଥିଲା ସେମିତି ହୃଦୟ । ଆଜି ଚେତନାରେ ଆକାଂକ୍ଷା ନାହିଁ ।

କିନ୍ତୁ ରହିଗଲା ସେମିତି କଞ୍ଚା କଅଁଳ ହୋଇ ମନଟା ତାର, ବଢ଼ି ପାରିଲା ନାହିଁ । କାହାର କାନ୍ଦଣା କି ବିକଳ ତାର ମନରେ ଢେଉ ଉଠାଏ—ଏହି କଳିଯୁଗରେ ବି ।

ବସାଘରେ ଆପଣାର ଚୁଲିଟା ଜାଳି ଭାତ ବସେଇଦେଲା । କନାରେ ବାନ୍ଧି ଡାଲି ପକେଇଲା, ବଢ଼ିଣାରେ ଗୁଣ୍ଡି ଭରତା ହେବାକୁ ଆଳୁ । ଆହୁରି ଶହେଟା ଚୁଲି ସେହି ଏକାଘରେକେ ଧୂଆଁ ଛାଡ଼ିବାରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହି ଜଳିଜଳି ନାକ କାନରୁନ୍ଧା ଧୂଆଁରେ ଦିଶୁଛି ଉପରୁ ଓହଳିଥିବା ଚକଟା ମସିଆ ପରିଚ୍ଛଦ ଓହଳିଛି ଭାତ ପରେ । ବାଟସିଶା କୋଳାହଳ ସେହି ଏକା ବଖୁରିରେ । ତଥାପି କେଉଁ କଣରୁ ଶୁଭୁଛି ପାକୁଆ ବଣାଳି ବୁଢ଼ାର ଖଞ୍ଜଣି ମାଡ଼ ସହ ଗୀତ—

"କେତେ ଦିନକୁ ମୁହିଁ ଯେ ବାନ୍ଧିଛୁ ଆଁଶ

କି ଦେଖି ମିଛୁ ଛୋଡ଼ି ଛୁଟିଲେ ଘଅଟ—ରେ ।"

ଧନପାକର ଅଭଙ୍ଗତା ମନ ଭିତରେ ଆଉଟି ହେଲାଣି । ସବୁ କୋଳାହଳଠାରୁ ଆପଣାକୁ ନିସ୍ତାର ନେଇ କାଳିଆ ପ୍ରଧାନ ଶୁଣୁଛନ୍ତି ଆପଣା ଭାତହାଣ୍ଡିର ଗାବୁ ଗାବୁ । ନିଆଁ ଧାସରେ ଦେଖୁଛନ୍ତି ଦୂର ଦେଶର ଦୃଶ୍ୟ, ତାର ଘର, ତାର ସ୍ତ୍ରୀ, ସଜଦା, ଝିଂକାରି ଝିଁ ଝିଁ ଡାକୁଥିବ । ନିଃଶବ୍ଦ ଗୋହିରୀ ବାଟରେ ଅନ୍ଧାରର

Digitized by srujanika@gmail.com

ଲହଡ଼ । ଏ ଓଳି କଣ ଉଣା ହୋଇଥିବ ? ଉପାସ ରହିଲେ ଖୁଡ଼ୀ ଚଡ଼େ ପଡ଼, କହେ—"ପରଦେଶୀ ଘରେ ଉପାସ ଶୁଅନ୍ତୁ ନାହିଁ ମ ବୋହୂ ! ଉଠମ ।" ଧନଯାକ ଖାଇଥିବା ଚିଠିକୁ କେତେବେଳୁ ଚଣ୍ଡ ଲାଗିଲାଣି କାଳିଆ ପଧାନ ମନେ ମନେ । କେଉଁଦିନୁଁ ଘରକୁ ଯାଇନାହିଁ । ପୁଣି ଡାକଘର ବନ୍ଦ ହୋଇଥିଲା; ଶୁଣାଶୁଣିରେ ସହରରେ କଣ ଗୋଳମାଳ ।

ସମସ୍ତିଙ୍କି ଚମକେଇ ଦେଇ ଦେଉଳରେ ଘଣ୍ଟାଧ୍ୱନି ଶୁଭିଲା । ହୋ ହା ହେଲା, "ଯିବା ଚାଲ, ସହରରେ ପଠାଣ ହିନ୍ଦୁ ମାର୍‌ପିଟ୍ ଲାଗିଛି ବୋଲି ଭକା ଭାଇନା ଦେଉଳରେ ମାଜଣା କରୁଛି । ଆଲତ ଧୂପ ଉଠୁଛି ଚଞ୍ଚଳ, ଚାଲ—"ଚିଠିଟା ସେ ଚର ସାରିଥିଲା ମନେ ମନେ ।

ଛୁଟି ନେଇ ଘରକୁ ଯିବ, କେଉଁ ଦିନୁଁ ଘର ମାଡ଼ିନାହିଁ । ବଡ଼ିର ଅବରୋଧରେ ପଡ଼ି କେମିତ ଥିବେ ସେଠି ।

ମନ୍ଦିରକୁ ଯିବା ଲୋକ ଗହଳିରେ ସହରର ନାନାଦି ଉଡ଼ାଖବର କାନରେ ବାଜିଲା । ସତେରେ କୁଆଡ଼େ ଗୁଣ୍ଡା ମାତିଛନ୍ତି । ଆଜି କେଉଁ କେଉଁ ସାହିରେ ମାର୍‌ପିଟ୍ ହଣାକଟା ହୋଇଛି । ଯାତକୁ ସତେଇଣି ବଢ଼େଇ କହୁଛନ୍ତି ଲୋକେ । ଏବେ ମଣିଷରେ ଦକା ଭୁଟିଗଲା । କ ଦୋଷ କାହାର କରିଛି ସେ ଯେ କଏ ତାକୁ ମାରିବ ? କାଳିଆ ପଧାନର ଦରିଦ୍ର ପ୍ରାଣ ନେଇ କାହାର କ କାମରେ ଆସିବ ? ମଜୁରିଆ ଲୁଖୁରା ମୁଣ୍ଡ, କାହାର ଗଳାର ମାଳା ହେଲେ ବ ଶୋଭାଦିଶିବ ନାହିଁ । ଭକା ଭାଇନା ମନ ହେଲେ ପାଇ ଏମିତ ପୂଜା କରେ, ସହଜେ ତ ଆଜି ଆପଦରୁ ବଞ୍ଚିଛି ।

Digitized by srujanika@gmail.com

ଦେଉଳରୁ ଫେରିଲା ବେଳକୁ ଆଶଂକା ପ୍ରତି ଅବିଶ୍ୱାସ ହୋଇଥିଲା । ପଚ୍ଛଆଡ଼େ ଧାଡ଼ିକା ଧାଡ଼ି ମୁସ୍ଲିମ୍ ବସ୍ତିରେ ସାଧାରଣ ଘାଉଁ ଘାଉଁ । ରୋଷେଇ ବସିଥିବ, ଭିତରରେ ସବୁରେ । ରାତିଟା ସେଠି ମଉଜ ପାଇଁ, ଦିନଟା କାମ । ବାସ୍ନା ଗୁଡ଼ାଖୁର ଧୂଆଁ ମହକ ଆସୁଛି । ଶମ୍ସେର ଭାଇ ବି କହିଥିଲା—ଗୁଡ଼ାଖୁ ଆଣିବାକୁ । ଶମ୍ସେର ଭାଇ ଗରିବ ହେଲେ ବି ଦିଲ୍ଦାରିଆ ମଣିଷ । ଜୀବନରେ ଖାଲି ଦେଖି ଜାଣେ କଉତୁକ, ଯାଗ ଯାହା ହେଉ ପଛେ । ମୁସ୍ଲିମ ତାକୁ ମାରିବ ? ଶମସେର୍ ଭାଇ ପଚୋଉଣୀ ମାଉସୀ ଛୁରି ଦେବେ କାଳିଆର ବେକରେ ?

ମନେ ମନେ କାଳିଆ ପଧାନ ଘରକୁ ଯାଉଛି ।

ଦଣ୍ଡା, ବରଗଛ, ତୋଟା—ପାଖକୁ ପାଖ ଦିଟା ବସ୍ତି ।

ଏ ସାହିର ଦେଉଳ ସେ ସାହିର ମସ୍ଜିଦ୍ ସାଧାରଣ ସ୍ତରରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପରକୁ ଅଭିନନ୍ଦନ କରି ଠିଆ ହୋଇଛନ୍ତି । ସମତାମୟୀ ଉତ୍କଳର ପ୍ରତୀକ ଦୁହେଁ ।

ଉଣେଇଶ ଶହ ଛଷଠି ।ଲି ୨ ; ଅଗଷ୍ଟ ସତର ।

ସକାଳକୁ ନିଦ ଭାଙ୍ଗିଲା, କାମର ଘଣ୍ଟା ବାଜିଲା ନାହିଁ । ଆପଣାର ନିତ୍ୟକର୍ମର ନଟ ଛୁଣ୍ଡେଇ ପ୍ରସ୍ତୁତ ହୋଇ ଦଳ ଦଳ ଲୋକ ଗଲେ, ଅଟକିଲେ, ଏଦା ପଢ଼ିଆରେ ବସିଲେ । କଳଘର ଫାଟକରେ ତାଲା ପଡ଼ିଛି । ମଠର କେତେ ଗୁଡ଼ାଏ ଧାଇଁ ଆସି ଧାଇଁ ପଳେଇଥିଲା । ନାନାପ୍ରକାର ଜନରବ, ଭୟର କଥା, ବିପଦର କଥା, ମୋଟାମୋଟି ଗୋଟାଏ କଳରବ; ଆଜି କାମ ବନ୍ଦ, ଆଜି ଛୁଟି । ବିଶ୍ୱାସ ଅବିଶ୍ୱାସର ମଝି ମଝିକଥା,

Digitized by srujanika@gmail.com

ବସି ବସି ଅପେକ୍ଷା, ସତେ କଣ ମାଲିକେ ଆଜିକ ଛୁଟି କରିଦେବେ ? ଲୋକେ ଫେରିଗଲେ; ଆଠଟା ବାଜିଲା, ନଅଟା ବାଜିଲା, ଖରା ହେଲା । ଧୀରେ ଧୀରେ ସବୁରି ମନରେ ଅଜଣା ଭୟ—ଏ କଣ ହେଲା, ନାହିଁହୋଇବା କଥା, ନିର୍ଘଣ୍ଟ ବିଗିଡ଼ି ଯାଇଛି, ଓଲଟ ପାଲଟ ! ବସ୍ତିରୁ ବସ୍ତି ପଚୁରି ପଚୁରି ଥୋକେ ବୁଲୁଛନ୍ତି । ପାଞ୍ଚ ସାତ ଜମାହୋଇ ଲୋକେ ଆଲୋଚନା କରୁଛନ୍ତି । ସମୟ ମିଳୁଛି, ସରାଗ ନାହିଁ ।

ପୁଣି ଗୁଡ଼ାଏ ମଟର ଆସୁଛି । ମାଲିକମାନେ ଆସୁଥିବେ ପରା, ସନ୍ଦେହ ତୁଟିଯିବ, ଜଣାପଡ଼ିଯିବ ସବୁ । କାଳିଆ ପଧାନ ଅନେଇଁ ରହିଲା । ଆସୁଛନ୍ତି ସେମାନେ, ଆଜି ସେ ଛୁଟି ନେବ, ଘରକୁ ଯିବ; ଖରାବେଳକୁ ଗାଁର ଦଣ୍ଡାବାଟ ଦିଶି ଯାଉଛି । କିଆବାଡ଼ର ଧାଡ଼ି ବାଟବରଣ କରି ନେଇଯାଉଛି ଘରମୁହାଁ । ମାଲିକଙ୍କ ମଟର ପାଖେଇ ଆସୁଛି, କଡ଼କ ଆହୁରି କଡ଼କ ।

ହଠାତ୍ ମଟର ଅଟକେଇ ପ୍ରଳୟ ଡିକିଲଦେଇ ହୋ କରି ଖେଦିଗଲେ ସଇତାନ୍ ଦଳ । ସଙ୍ଗେ ସଙ୍ଗେ ରଡ଼ି କଲକଲା ଗୁଣ୍ଡ ମୁସଲିମ୍ ବସ୍ତିରୁ ମଜୁରିଆ ଧାଇଁ ଆସିଲେ । ଶବ୍ଦ ଶବ୍ଦ ଛୁରି ଜଳୁଛି. ପଡ଼ୁଛି; ବନ୍ଧୁକ ଗର୍ଜୁଛି, ଲୁହାବାଡ଼ି ପଡ଼ୁଛି ଧଡ଼ ଧଡ଼ । ହାତ ଗଲା, ମୁଣ୍ଡ ଗଲା, ବେକ ଗଲା, ରକ୍ତ ପିଚ୍ ପିଚ୍ । ଗୁଣ୍ଡା କଂସେଇର ଗର୍ଜନ ତଳେ ତଳେ ହାଣଖିଆ ମଣିଷଙ୍କ ଗଗନଭେଦୀ ଚିତ୍କାର—"ମରିଗଲି ଲୋ; ଏହୋ ହୋ ହୋ ।" ପଳେଉଛନ୍ତି, ଗୋଡେଉଛନ୍ତି, ଲୁଚୁଛନ୍ତି; ଓଟାରି ଘୋଷାରି ବାଡ଼େଉଛନ୍ତି, ଲଢ଼ୁଛନ୍ତି, ମରୁଛନ୍ତି । ଜୀବନ ବିକଳରେ କାନ୍ଦ କାନ୍ଦ ଗୋଡ଼ ଧରୁଛନ୍ତି, ହାଣ ଖାଉଛନ୍ତି । ଗର୍ଜନ ଚାଲିଛି, ବନ୍ଧୁକ

Digitized by srujanika@gmail.com

ଉଡ଼ୁଛି । ମଜୁରିଆର ରକ୍ତରେ ଜୁଡ଼ୁବୁଡ଼ୁ କଂସେଇ ଛୁରୀ ଉଠୁଛି ପଡ଼ୁଛି ବାରମ୍ବାର । ଭାଙ୍ଗୁଛନ୍ତି ପୋଡ଼ୁଛନ୍ତି, ଜାଳୁଛନ୍ତି, ଭୟଙ୍କର ଘୁରଖାର କରୁଛନ୍ତି । କିଏ ତାଙ୍କର ଶତ୍ରୁ ? କାହିଁକି ହାଣୁଛନ୍ତି ? ଆର୍ତ୍ତନାଦ, କୋଳାହଳ, ଲହୁ ଲୁହ ଏକାକାର । ଅଶହ୍ଲା ଗଣ୍ଡ ଛଟ ପଟ ହେଉଛି । ଷ୍ଟେନ୍ ଚାଲିଛି, ଗୁଳି ଚାଲିଛି ।

ହାତ ଛିଣ୍ଡି ଗଲାଣି । ମୁଣ୍ଡରୁ ଧାର ଧାର ଛୁଟିଛି, ହୋସ୍ ନାହିଁ, କାଳିଆ ପ୍ରଧାନ ଧାଇଁଛନ୍ତି । ସାମ୍ନାରୁ ଗର୍ଜନ କରି ଷ୍ଟେନ୍ ଖଞ୍ଜର ଧାଇଁ ଆସୁଛି ହମିଦ୍ ମିଆଁ । ଦରୁଆନ୍ ଦେହରେ ରକ୍ତ ଲୋକ ହୋଇଛି, ସୁରବର୍ଦ୍ଧିତ ଗୁଣ୍ଡା ଆଖି 'ଲୋ—କଧର୍ ସ୍ୱରୋଗେ' ? ନେ ଆହ୍ବର ଥରେ ।

ଦେଖିଲା କାମ, ଛିଣ୍ଡେଇ ଦେଇ ଘଣ୍ଟାଏ ପରେ ଗୁଣ୍ଡା ପଟୁଆର ଫେରି ଯାଇଥିଲେ । କୁଳବସ୍ତି ଉପଡ଼ା ହୋଇ ଛିନ୍ନଭିନ୍ନ ହୋଇଛି; ମନ୍ଦିର ଭାଙ୍ଗିଛି, ନିଆଁ ଜଳୁଛି ଧିମେଇଁ ଧିମେଇଁ । ଅଗଣିତ ମୂର୍ଦ୍ଧାର ପଡ଼ିଛନ୍ତି ଲଦାଲଦି ଚକଟାଚକଟି ରକ୍ତାରକ୍ତ ହୋଇ । ପଡ଼ିଛନ୍ତି ଆପଣାର ସଂସାର ଆବୋରି ସ୍ୱପ୍ନ ମୁଣ୍ଡେଇ । ଶକ୍ତି ହେଉନାହିଁ କେଉଁଟା କିଏ, ସମସ୍ତେ ସମାନ ।

ସେମାନେ ମଜଦୁର୍ ।

ବିଦେଶୀ—ଖାଲି ପେଟ ପାଇଁ, ଉପନିବେଶ ପାଇଁ ନୁହେଁ ।

କାଳିଆ ପ୍ରଧାନ ! କାଳିଆ ପ୍ରଧାନ !

ତାର ଆତ୍ମା ଦେଶକୁ ଉଡ଼ିଯାଉଛି ।

ଶମ୍ସେର୍ ଘରର ଭିତ ଆସୁଛି ।

ଶମ୍ସେର୍ ଘର ପାଇଁ ବାସ୍ନା ଗୁଡ଼ାଖୁ ଆଣିଛି ।

Digitized by srujanika@gmail.com

ପଠୋଉଣୀ ମାଉସୀ ଚହଲ ପକେଇ ଆସୁଛି ।
"ମେଣ୍ଟ ବେହ୍ନା ଆଇଚ କଲୋ ମାହାପର୍‌ସାଦ୍, !
ଖୋଦାଭାଞ୍ଜା ତୋର୍ ଭଲା କରେରେ ବଛା ।"
କେମିତି ସେ ରହିବନ୍ତା ବିଦେଶରେ ?
ତାର ଖୁଡ଼ି ଧନ୍ଧ ହେଉଛି, ତାର ଅନ୍ତଃସତ୍ତ୍ୱା ସ୍ତ୍ରୀ ।
ତାର ଘରେ ଭାତ ନାହିଁ ।
ତାର ଶମ୍‌ସେର୍ ଭାଇର ଭଣ୍ଡ ଆସୁଛି ।
ଛ'ଶ କାଳିଆ ପଧାନ, ଆମର ଓଡ଼ିଆ ଭାଇ ।

ସେମାନେ ମଜ୍‌ଦୁର୍ ।
ହାୟ ବଙ୍ଗଳା, ବଙ୍ଗଳା—
ଚୈତନ୍ୟଙ୍କ ବଙ୍ଗଳା,
କଳାପାହାଡ଼ର ବଙ୍ଗଳା,
ମୀର୍ ଜାଫରର ବଙ୍ଗଳା,
ଜସନ୍‌ଚନ୍ଦ୍ର ସିଂହର ବଙ୍ଗଳା,
ମାଟିଆ ବୁରୁଜର ବଙ୍ଗଳା ।

ବୀର ପ୍ରସବନୀ ମାତା—ହାୟ, ହାୟ!

—o—

Digitized by srujanika@gmail.com

ପାଟପାଣି

ନୂଆ ଲଗିଥିବା ବୁଗେନ୍‌ଭେଲିଆ ଗଛମୂଳେ ପାଣି ଦେବାକୁ ଯାଇ ବାଲଟିଟା ମଦନ ମାଳି ହାତରୁ ଦୁମ୍‌କିନା ତଳେ ପଡ଼ିଗଲା ।

"କିଏ ମନେ ପକାଉଥିବ ମତେ ?" ମଦନ ଭାବିଲା, "ଆଜ ଦିନଯାକ ଖାଲି ହାତରୁ ଖସୁଛି ।"

କେଉଁ ସ୍ମୃତିରେ ଘାରିହୋଇ ମଦନ ତଳେ ଘାସ ଉପରେ ବସିପଡ଼ିଲା । ଗାଲରେ ହାତ ଦେଇ ଖାଲି ଭାବିଲା, ଆଉ ଭାବିଲା ।

ଦିନ ଗଲା । ମଦନ ଭାବିଲା, ଭୁଲିଗଲା ବାବୁର ବାଗ୍ନା, କଲିକତା ସହର, ଟ୍ରାମ, ମଟର, କୋଠା, ଗହଳି ।

*　　*　　*　　*

ପାଟ ମଝିରେ ଖଣ୍ଡିଏ ଛୋଟ ଗାଁ । ଧାନକ୍ଷେତରେ ଲହଡ଼ି ଖେଳୁଥିବ ପଶ୍ଚିମା ପବନ ।

ବେତ ବାଉଁଶର ତୋରଣ ସେପାଖେ କଆବାଡ଼ ମଝିରେ ସରୁହୋଇ ଖଣ୍ଡିଏ ରାସ୍ତା । ଡାବୁଜୁପୁଆ ଖେଳୁଥିବେ ପିଲାଏ ମେଲଣ ଦାଣ୍ଡରେ ।

ନୂଆଣିଆ ଘରଖଣ୍ଡିକ ତାର । ସଞ୍ଜ ବୁଡ଼ିଲା, ବୋଉ ବୁଢ଼ୀଟି ତାର ଘସି ଦିଖଣ୍ଡି ଆଗ ଦାଣ୍ଡରୁ ଉଠାଇ ଟୋକେଇରେ ପୂରାଉଥିବ । ସେହି ପୁରୁଣା ଟୋକେଇଟା, ପିଠିଆଡ଼େ ଯାହାର ଗୋଟାଏ କଣା ।

Digitized by srujanika@gmail.com

ବୁଢ଼ା ବାପ କାମରୁ ଫେରୁଥିବ, ମୁଣ୍ଡରେ ଥିବ ହଳ
ନାଲ କରିଆଖଣ୍ଡ ପଗଡ଼ି ଭଳି; ମୁହଁରେ ପିକା, ହାତରେ ହଳ
ଯାଚଣା ବାଡ଼ି ଖଣ୍ଡିକ ।

ଆଜି ସେ—

ମଦନ ଭାବିଗଲା । କେଡ଼େ ସୁନ୍ଦର ତାର ହସଟି; କେତେ
ର ଦାଶେ ମୁହଁଟି ତାର ଯେତେବେଳେ ପ୍ରତିବାଦ କରି ସେ
ଦ, "ହଁ"—ଆଉ ମୁହଁ ବୁଲାଇ ଦିଏ ।

ସେଇ ଜମା କଣ ମନେ ପକାଉଛି ?

ସଞ୍ଜ ହେଲା, ଜୁଇଗଛ ପବନରେ ଦୋହଲି ଦୋହଲି
ଲା, ଗୋଲାପ ମଉଳା ଦିଶିଲା । ବାଗ୍ନା'ର ଗଛ ଲତା ଉପରେ
ଉହ୍ଲାଇଆସିଲା ସଞ୍ଜର ଶୁଖିଲାବାସି ଆଉ ଶ୍ରାନ୍ତି । ମଦନ ଦେଖିଲା—
ବାଣ୍ଡର ଗୋବର ଖାତ ଏପାଖେ ଯେଉଁ ଉଷ ଚଢ଼ିବଟି, ନଳିପନ୍ତ
ସଞ୍ଜ ଥୋଇଦେଇ ତାହାର ମୂଳେ ଜମା ଦଣ୍ଡବତ ହେଉଥିବ ।
ଶୁଭିଗଲା ତାର ହାତର ଖଡ଼ୁ କାଚର ଝଣ ଝଣ ।

ଆହା, ଗରିବ ଜମାଟି ତାର । କେତେ ଦିନ ବା ମଦନ
ଘର କରିଛି ତା ସାଙ୍ଗରେ ? ମାସ କେଇଟା ତ ମୋଟେ । ତା'ପରେ
ଏଇ ଆଠମାସ ଗଡ଼ିଯିବାକୁ ବସିଲା ।

ଆସିଲା ଦିନ ପଖାଳ ଦେବ ବୋଲି ଶାଗ କେତକ
ବନୋଉଁ ବନୋଉଁ ଜାଣି ଜାଣି ଆଙ୍ଗୁଠିଟା ଖଣ୍ଡିଆ କରିଦେଲା ।
କଏ ତାକୁ କହିଥିଲା, ଆଙ୍ଗୁଠି କାଟି ଶାଗ ଖାଇଡ଼ଲେ ଶାଗ
ସୁଆଦ ହୁଏ ବୋଲି ।

Digitized by srujanika@gmail.com

ଆଉ ବଦାବୋଇ ଆସିଲାବେଳେ ତାର ଯେଉଁ କାନ୍ଦଣା—
ମଦନ ଆକୁଳ ହୋଇପଡ଼ିଲା । ବୋଉ, ବାପା; ଆଉ ଉମା ।
ବୋଉ ମାନସିକ ଯାଚୁଥିବ; ବାପା ଜିନାଥ ଗୋସେଇଁଙ୍କୁ ଜଣେଉ
ଥିବ, ଉମା ଭାଟ ଗୁହାଁ ରହୁଥିବ ।

"କଣ ଭାବୁଛୁ ରେ—"

କାନ୍ଧରେ କାହାର କଅଁଳ ହାତର ପରଶ ପାଇ
ଚମକିପଡ଼ି ଚାହିଁଲା ।

"କି, ବାଦମଣି !"

"ଘର ମନ ପଡ଼ୁଛି କି ରେ ?"

ମଦନ ଦୀର୍ଘଶ୍ୱାସ ପକାଇ ଚାହିଁଲା । ମନର ଭା
ରଖିବାକୁ ଚେଷ୍ଟା କଲେ ହେଁ ଆଖି ଛଳ ଛଳ ହୋଇ ଆସିଲା ।

ସାମ୍ନାରେ ଜହ୍ନ । ଠିକ୍ ସେତିକିବେଳେ ବାବୁ ବାବୁଆଣୀ
ଆସି ଠିଆ ହୋଇଗଲେ ।

× × × ×

ପାଟ ମଝିରେ ଖଣ୍ଡିଏ ଛୋଟ ଗାଁ । କୋଉ କୋଉ ଧାନ
କିଆରୀ, କୋଉ କୋଉ ପୋଟଳ କ୍ଷେତ, ବାଇଗଣ କ୍ଷେତ;
ଆଉ ନଳିତା କାଉଁରିଆ ବଣ । ତାହାରି ମଝିରେ ମଦନାର
ଗାଁ—ସରେଇକଣା ।

ହେଇ ସେ—ଦୂରରେ ପାଟର ଚାରି ଧାରିକିଏ ଦୂରରୁ
ଜକୁ ଜକୁ କରୁଛି । ତା ସେ ପାଖରେ କାହିଁ ପାଞ୍ଚ ପା ଦୂରରେ
ପ୍ରୀତିପୁର ଗାଁଟି ।

Digitized by srujanika@gmail.com

କୋଟଣ ଦେଉଁକୋଣ ଦୂରରେ ଗୋଟିଏ ଗୋଟିଏ ଗ୍ରେଟ ଗାଁ—ଭଉଁର, ସଇଁତାପୁର, ଖେଗଲୁଣ୍ଡା, କମଠପୁର ।

ଏ ପାଖେ ବ୍ରାହ୍ମଣୀ, ଛ'କୋଶ ଦୂରରେ ସେ ପାଖେ ବରୂପା; ମଝିରେ କମିରଆ, ଗେଙ୍ଗୁଟି ନଈ, ଅସୁମାସ୍ତ ପାଠ ।

ଗୁରୁବାର, ଛୁଞ୍ଚକନା ଦଅ ସର ନ ଥାଏ । ସକାଳୁ ସକାଳୁ ଫଗୁ ଖେଳୁଆଡ଼ ସିଂ ବୋଦ୍ଧଦୁ ଗାଡ଼ ଯେନ ଗଳ୍ପେ ଆସି ମଦଞ୍ଚଲେ । ସାଙ୍ଗରେ ଥାଏ ଗୋଟିଏ କୁଶିଆ । ତାଙ୍କରଠାରୁ ଖବର ମିଳିଲା, ସବୁ ନଈ ଅପ୍ରରଣୀ ପର ବଢ଼ୁଛନ୍ତି; ପାଠ ବଢ଼ୁଛି, ପ୍ରୀତିପୁର ସେ ପାଖେ ହେଲାଣି ପାଣି ।

ରଘୁ ଦୋଳେଇ ଦୋକାନଘରେ ସେତେବେଳେ କଥା ପଡ଼ୁଥାଏ, ପାଣି ନା ଆସେ ଗୁଡ଼ ସାଅନ୍ତା ଯଦ--

ପୁରୀ କାଣ୍ଡି କପାଳରେ ପାପୁଲି ପିଟି ସାକୁଳ ହେଉଥାଏ । ଆହା; ଉଗାଠା ବ ଭାଙ୍ଗିଲା, ମଦନ ପର ପୁଅ ମୋର ବୁଡ଼ିଗଲା । ଏ ବର୍ଷ ପୁଣି ପାଠରେ ପାଣି; ପୁଅ ବ ନାହିଁ. ଉଗା ବ ନାହିଁ । ସେ ଦନ ଡାକପାଳ; ଡାକବାଲା ବ ଆସିଲା ନାହିଁ ।

ସଞ୍ଜବୁଡ଼କୁ ମାଇପେ ଅଣ୍ଟାପାଣି କରବାକୁ ଆସି ଦେଖିଲେ ବେଳକୁ ପାଠପାଣି ଗାଁ ବୃଗପାଖ ବୁଲିଗଲାଣି ।

ଊମା କହିଲା, "କେତେ ଯାଏଁ ପାଣିଠା ମାଡ଼ିଗଲାଣି ମ ।"

ବଡ଼େଇଘର ବୋହୂ କହିଲା, "ହଁ ଲୋ ନାନ, କାଲି ତ ପୁଣି ଘାଣ୍ଡ ଅଗଣାରେ ଗାଧୋଇବୁ, ପାଣି କଥା କାହିଁକି କହୁଚ ।"

Digitized by srujanika@gmail.com

ଜମା ଆବାକାବା ହୋଇ ଯୁଝିଁରହିଲ ଘୋଖସ୍ତ ହୁଡ଼ା ଉପରେ ଠିଆହୋଇ ଦୂଇଲ ପାଣି ଆଡ଼କୁ । ଘଇ ଅନ୍ଧାର ପଡ଼ିଆସିଲାଣି ଦୂରକୁ ଦୂରକୁ, ଯେଉଁଠି ପାଟ ଆଉ ଆକାଶ ମିଶିଯାଇଛନ୍ତି । ଖାଲି ଅନ୍ଧାରର ଅସରନ୍ତି ଦରିଆ, ଚବର ଚବର କାଳିଆ ପାଣି ।

ସତେ ଯେପରି ଗୋଟିଏ ଗ୍ରେଟିଆ କୂଦ ଉପରେ ସେ ଠିଆହୋଇଛି । ପାଣି ମାଡ଼ିଆସୁଛି ଚାରିଆଡ଼ୁ । ଗାଁଗଣ୍ଡା କୂଳ ଅଚଡ଼ା ଖାଇ ଖାଇ ଘୋଟି ଆସୁଛି ଅନ୍ଧାର ଆଉ ପାଣି । କୂଳର ଭୂଇଁ ଧସାଇ ଧସାଇ ମାଡ଼ିଆସୁଛି ଅନ୍ଧାର ଆଉ ପାଣି······ ଅନ୍ଧାର ଆଉ ପାଣି······

ଏଇ ପାଟ ଭିତରେ ପରା ସେ ଦିନ ଏଇ ପାଟର ଧାନ କିଆରୀ ଭିତରେ ହିଡ଼େ ହିଡ଼େ ଚାଲିଗଲା 'ସେ' ଛତା ବାଡ଼ି ଧରି । ଦୂରରୁ ପୁଣି ପଛକୁ ଥରେ ଚାହିଁ ଦେଇ ଅନୁକୂଳ ଘରଙ୍କି ଯିବ ବୋଲି ଠାକୁରାଣୀ-ବରଗଛ ପାଖକୁ ନେଇଛି ଆସିଥିଲା ମୁଣ୍ଡିଆ ମାରିବାକୁ । ତା ପରେ ଏକମୁହାଁ ହୋଇ ସେ ଚାଲିଗଲା—ଚାଲିଗଲା ।

କାହିଁ କେଉଁ ଦୂର ପରବାସ, ପାଟ ସେ ପାଖେ କେଉଁ ଗାଁଗଣ୍ଡା; ସେ ପାଖେ କେବେ ଦୁହିଁରେ କେଜାଣି······

[illegible] [illegible] କାଉକୁ ଆଧାର ଦେଇ ଦେଇ ଚାଲିଲା ସରିଲା, ସେ ଆସିଲା ନାହିଁ ।

ଆଉ ଅଲଗା ପାଣି ଆଉ ଅନ୍ଧାର ଏକମୁହାଁ ହୋଇ ଧାଇଁ ଆସୁଛନ୍ତି, କାହିଁ ବା ଧାନକ୍ଷେତ, କାହିଁ ବା ସେ ।

Digitized by srujanika@gmail.com

ବଢ଼େଇ ଘର ବୋହୂ କହିଲା, "କାନଟା ମୁଣ୍ଡରେ ଧରି ଓଧାସରସର ହୋଇ କଣ ସ୍ବପ୍ନ ଦେଖୁଚୁ ମ' ଜାଣ ! ଝିଙ୍କ ଚାଲ, ଘରକୁ ଯିବା ।"

ଜମା ଚରବର ହୋଇ କାମ ଛୁଟାଇଦେଇ ଫେରିପଡ଼ିଲା । ହେଲା ସଞ୍ଜ—

ବୁଢ଼ା ଦନେଇ ପଧାନ ଅନ୍ଧାରରେ ପିଣ୍ଡା ଉପରେ ବାଡ଼ି ଖଣ୍ଡିକ କରକୁ ଆଉଜାଇ ଦେଇ ଗୋଡ଼ ଲମ୍ବାଇଦେଇ ବସି ପିକା ଟାଣୁଥାଏ ।

କହିଲା, "ମହଣ କଲିକତାକୁ ଯାଇ ବୁଢ଼ାବୁଢ଼ୀଙ୍କୁ ଆମରି ପାଶୁର ପକାଇଲାଣି ବଲ୍ କୁଳ । ଆଲେ; ଶୁଣୁଚୁ, ଲେ ମହନାବୋଉ !"

ମହନାବୋଉ ଗୁହାଳଘରେ ନଡ଼ା ଅଟାଟାଏ ଧରି ଧୁଆଁ ଦେଉଥାଏ । କହିଲା, "ହଁ, ପରବାସ କଥା । ପୁଅ ମୋର ସୁଖରେ ଥାଉ, ମହାପ୍ରଭୁ କରନ୍ତୁ-- "

ବୁଢ଼ା କହିଲା, "ଆମେ ତ ଆମେ, ଘରେ ଭୁଆସୁଣୀଟା ଅଛି । ଚିଠି ଖଣ୍ଡେ ଦେଖାନାହିଁ । ବାବୁଙ୍କୁ ମାଗିଲେ ପଇସା ଚାଳିଟା ମିଳନ୍ତା ନାହିଁ ଚାକୁ ! "

ଜମା ସେପେଇ ଘରେ ବସି ଖଡ଼ିରେ ଗଡ଼ର କରି ସଜନା ଶାଗ କେଇଏ ଖରଡ଼ୁଥାଏ । ଥରେ ଶେଞ୍ଜି ଦେଇ ଲୁହାଖଡ଼ିକାଟା ସେଇଠିପରି ରଖିଦେଲା । ପଡିଆ ଜାଲଗୁଡ଼ାକ ଭୁସ୍ ଭୁସ୍ ଜଳି ଯାଉଥାଏ ।

Digitized by srujanika@gmail.com

ମହନାବୋଉ ନଡ଼ା ଝୁଡ଼ାଏ ଫିଙ୍ଗୋଉ ଫିଙ୍ଗୋଉ ଗୋରୁ ମାନଙ୍କୁ କହୁଥାଏ, "ଖାଅ, ଖାଅ, ବଡ଼ି ତ ଆଇଲା; ଆଉ ଖାଇବ କଣ, ଏଣିକି ତ ହରକାଠ ।"

ତା ପରେ ମନେ ପକାଇ କୁଳପଡ଼ [illegible] "ବଡ଼ି ଆଇଲା, ପଇସା ସଇଲା; ଏଣିକି ତ ଆମ ଦଶା [illegible], ବଳେଇଲା, ମୁଁ କରିବ କଣ ?

ହଉ; ବଡ଼ି ଆସିଲା, ପୁଅ ମୋର ସୁଖରେ ଥିବ ସେଠି ।"

ଆଉ ଉମା ତେଣିକି କାନ ଦେଲା ନାହିଁ । ମନ ତାର ଉଡ଼ି ବୁଲପାଇଥାଏ ପାହ୍ନ ଆରପାର—ଗାଁଗଣ୍ଡା ଆରପାର କେଉଁ ଦୂର ଦେଶକୁ, ଯେଉଁଠି 'ସେ' ଥିବ ।

ଉମା ନ ଥାଏ ସେଠି, ବସିଥାଏ ଖାଲି ଭୁଚ୍ଛା ଭୁଆସୁଣୀଟା ।

ପଟରଗୁଡ଼ାକ ଜଳି ଜଳି କଡ଼କୁ କଡ଼କୁ ମାଡ଼ି ଆସୁଥାଏ । ମୁହଁ ହାଲେଇଗଲାଣି; ନାଲି ଧାସରେ ସପନବୋଳା ମୁହଁଟି ଦିଶୁଥାଏ କେଡ଼େ ସୁନ୍ଦର ।

ପାନପତ୍ରର ପରି ମୁହଁଟି, ଟଣ ଗଣ ହାତଯୋଡ଼ିକ— କେଡ଼େ ସୁନ୍ଦର ।

ଶଠି ଖଣ୍ଡେ ଦେଇ ନାହିଁ—ନ ଦେଉ । ହାତୀ ବନସ୍ତରେ ବଢ଼ିଲେ ବି ରଜାଙ୍କର । ଦରପା କଣ୍ଟୁ ହେଇ ନାହିଁ ତ ? ଠାକୁରେ ଜାଣନ୍ତୁ । ଆପଣା ପଦ । "ମନେ ପଡ଼ିଲା ?" ମୁହଁ

Digitized by srujanika@gmail.com

ଫୁଲେଇ ବସି ରହନ୍ତା । କଥା କହନ୍ତା ନାହିଁ; କହନ୍ତା ନାହିଁ କଥା ।

ଅନ୍ଧାର ଆଉ କାଳିଆ ପାଣି—ପ୍ରଳୟ ପାଣି; ଗୃହଅଙ୍ଗେ ଖାଲି ପାଣି ।

ଡେଣିକ କଣ ପାଣି ପାଇ ନ ଥିବ ? କଣ ଡେବେ କରୁଥିବ ସେ ?

କଟିକଟିଆ ଅନ୍ଧାର ରାତି । ମେଘ ନଦଉଛି, ଝଡ଼ଳ ପାଣି । ଛନ୍ନ ଛନ ଲାଗିଲା । ମନ ବ୍ୟାକୁଳ ହୋଇଉଠିଲା । ସପନ ଭାଙ୍ଗିଲା ।

ଦେଖିଲା ନଜେ ଚୁଲିମୁଣ୍ଡରେ ବସି ମାଟି ଉପରେ ନଖରେ ଆଞ୍ଜୁଡ଼ି ଆଞ୍ଜୁଡ଼ି ନଖମୂଳେ ବୋଝେ ମାଟି ପଶିଲାଣି ।

ପୁଣି ଖରଡ଼ିଲା । ଯା, ସଜନା ଶାଗଗୁଡ଼ାକ ଲାଗିଗଲାଣି ବରେଇରେ ।

× × × ×

ମଦନର ଛୁଟି ମଞ୍ଜୁର ହୋଇଗଲା । ବାକ୍ସ ବକେୟା ଦରମା ପାଣ୍ଠି ଗୋଟେଇ ଗାଣ୍ଠୋଇ ମଦନ ଘରକୁ ଫିବାକୁ ଗୋଡ଼ ଟେକ ଠିଆହେଲା । ରାସ୍ତାଯାକ ଖାଲି ଗୁଣୁ ଗୁଣୁ ଗୀତ । ଷ୍ଟୁଲେ ଦୁଲ୍ ଦୁଲ୍, ହସେ କରକର; ଆଉ ଘବେ କଣ ସେ ଧ'ଟିକ ନେବ ।

ଶାଢ଼ୀ ର ନଷ୍ଟେଁ; ସାବୁନ, ପାନଆଁ, ଆରସି, ଗୋଟା କେତେ । "ଆଲ୍ଟ" ଭଆର ନାଳିଆ ଫୁଲ, ବାସ୍ନାତେଲ, ସ୍ନୋ, ପାଉଡ଼ର ।

Digitized by srujanika@gmail.com

ଆଜି ସେ ନାଲଖଣ୍ଡ, ଝଙ୍କମଣି ଯାହାକୁ ଓଠରେ ଘଷି ଓଠ ନାଲି କରେ ।

ଗାଁ ଆଖଡ଼ା ପାଇଁ ଗୋଟାଏ ଜାମ୍ବେବ ମୁହଁ, ଗୋଟାଏ ସୂର୍ପଣଖାମୁହଁ ମୁଖା କେବାକୁ କେତେ କର କହୁଥିଲେ । ପୁରୁଣା ମୁଖାଗୁଡ଼ାକ ଗଲଣି ବିଲକୁଲ ।

ଆଜି ମହନାର ଗୋଣ୍ଡ ଡଳେ ପିଣ୍ଡ ନ ଥାଏ ।

× × × ×

ପାଣି – ପାଣି—

ପଚରସାହିଁଟି ଟୋକଏ ସକାଳୁ ଉଠି ପଦାଘର ଭିଙ୍ଗା ଝାଡ ଉପରେ ଠିଆହୋଇ ଦେଖିଲେ, ହର କୋଦମା ଫିଡ ଚୋଟା ଭିତରେ ନାଗମୁଣ୍ଡ କଟିଯାଉଛି ।

ଧାନକୁଟଣୀଏ ବେକେ ଲେଖାଁଏ ପାଣିରେ ପଶିଗଲେ ।

ଚେମ ମହାନ୍ତଏ ସାତଦ୍ଦନ ହେଲା ଲଗି ମଧୁ ଦୋଭେଇ ଘର ଦୁଇ ପୁଅ ଭିତରେ ମନ ଫଟାଇ ଦେଇଛନ୍ତି, ମିଛ ମକଦମା ଟିଏ ସତ ସତ ଭଳି ଚନ୍ତ ଗଢ଼ିପାରିଛନ୍ତି । ସକାଳୁ ଖାଲି ସହରକୁ ଯାଇ ଦାନୁର ମୁକ୍ତିଆରଙ୍କୁ ଧରିଲେ ହେଲା ।

କିନ୍ତୁ ଉପାୟ ନାହିଁ, ଚାରିଆଡ଼େ ଜଳାର୍ଣ୍ଣବ ।

ପାଣି ଫୁଲୁ ଥିବା ମାଛ ଉଠୁଛି । ଗୋହିରି ଉବୁଲା, ପାହାଚ ଉବୁଲା, ବାଡ଼ ବଗିଚୁ ଉବୁଲା; ଏଠି ସେଠି ଘୁଲାଏ ଘୁଲାଏ ଖାଲି ଘର ।

ଓଳିଭଳେ ଗୋଳିଆ ପାଣିରେ ଉବୁଟିଏ ମାଛ ଉମ୍ପା ଆକାଶକୁ ମୁହଁ ଟେକ ଠିଆହେଲା ।

Digitized by srujanika@gmail.com

ସୂର୍ଯ୍ୟଙ୍କ ରୂର୍ହି ହାଉପୋଡ଼ ମନେ ମନେ ଜଣ କହୁଥିଲା; ତା ପରେ ଉପରକୁ ଉଠି ଆସିଲା ।

ବୋଳବୁଢ଼ାଙ୍କୁ ଖବର ପଡ଼ଥିଲା, କଙ୍କଡ଼ାପାଳ ଗାଁରେ ବାଢ଼ ପଶିଛି; ସୁଦ୍ଧି ଘରକୁ ଆଜ ସରେଇକଣା ବ୍ରାହ୍ମଣ ସାଙ୍ଗରେ ସବୁ ଭୋଜ ଖାଇବାକୁ ଯିବେ ।

କଙ୍କଡ଼ାପାଳ; ହେଇ ଅଳ୍ପ ବାଟ ।

ସୂର୍ଯ୍ୟ ନଇଁ ଆସି ଦୂରର ସେ ଅନ୍ଧାର ପାହାଡ଼ ଉପରେ ହେଲାବେଳକୁ ସାନ୍ଧ୍ୟ ମାଇପେ ଢ଼ିହ ଉପରେ ଛିଡ଼ାହୋଇ ଶୁଣିଲେ ଦେଖିଲେ, କଦଳୀ ଭେଳାରେ ଚଢ଼ି ସଜନା-ଝୁଇଁ ଟୋଲା ରଙ୍ଗୀମାନ କାଡ ଜଣ ବାହୁଡ଼ୁଣ ଗୃଳିରୁଛନ୍ତି ଭୋଜି ଖାଇ ।

ଫଗୁ ବେଜ ତା ଉଦରେ ନନ୍ଦାଙ୍କ କଥାରେ ଆଡ଼ୁଆଳରେ ଆଇ ନବଜ କର ଡାକଟାଏ ମାର କହିଲା, "ନନା, ବୁଝି ଖବରଦାର, ପୁଟୁଲା ବାନ୍ଧ ବାଡ଼କୁ ଘିଣ୍ଟକର ଆସିବ ନାହିଁଟି ।"

- ଉମ୍ବରୁ ନନା ହସି ହସି ଭାଷିଲେ, "ଆରେ ଯାଃ; ଆରେ ଫଗୁଆ ! ଏ ପେଟରେ ବ୍ରହ୍ମଅଗ୍ନି ଅଛି ରେ, ବାଡ଼ ଫାଡ଼ ସବୁ ଭସ୍ମ ହୋଇଯିବ ।"

ଫଗୁ ବେଜ ହାଙ୍କିଲା, "ହିଁ ନନା, ତମେ ବ୍ରହ୍ମଦୈତ୍ୟ !"

ହେଲା ସତ । ଘାଣ୍ଡ ଅଗଣାର ତୁଳସୀ ଚଉରା ମୂଳେ ଆସି ହେଲଣି ପାଣି ।

ଏକାଠି ସ୍ତୂର ପାଞ୍ଚୋଟି ଘରର ଉଦ୍ଧ ମଝିରେ ମଝିରେ ଅଳ୍ପ ପାଣି, ତା ସେ ପାଖକୁ ଅକାଳ ପାଣି; ଗାଁ ଗୋଟାକ ଛନ୍ଦଛଡ଼ର ।

Digitized by srujanika@gmail.com

କଙ୍କଡ଼ାପାଳରେ ବାଡ଼ । ଜମା ଶୁଭୁଥାଏ—ବାଡ଼, ବାଡ଼ । ବୁଢ଼ା ଶ୍ୱଶୁର; ବୁଢ଼ୀ ଶାଶୁଙ୍କ କଥା ଶୁଭେ । କେତେ ବାଡ଼ କେତେ ମୁଣ୍ଡକ ଭିତର ଦେଇ ସେମାନେ ଆସିଛନ୍ତି ଚାଲି, ବାଳ ପଚେଇଛନ୍ତି ।

ତଥାପି ଅବୁଝା ମନଟା ବୁଝେ... ରେ ଛନକା ଘଣେ—ବାଡ଼ ।

ଗାଁ ଗୋହିରୀ ଭିତରେ କାଳିଆ ପାଟପାଣି ଉପରେ ଧରକା ଘର ଉଦର ଆଲୁଅ ଚୁଲୀ ଆଲୁଅ ପଡ଼ି ଜଳ ଜଳ କରେ । କ୍ରମେ ସବୁ ନଭିଆସେ । ବେତବୁଦାର ଛାଇ, ଦରଜ ଛାଇ, ଗୁହାଳର ଛାଇ ସବୁ ମିଶିଯାଏ କାଳିଆ ପାଣିରେ । ଆକାଶରେ ତାରାଗୁଡ଼ାକ ଖାଲି ଚାହିଁଥାନ୍ତି ।

ରାତି ଅଧରେ ବରଷା ଅସରାଏ ଛେଚିଲା । ଚାଳ କଣାବାଟେ ଟପ ଟପ ପାଣି ଗାଲ ଉପରେ ପଡ଼ି ଜମା ଚେଇଁ ଉଠେଲି । ବରଷା ଅସର ଚାଲିଗଲା । ସେ ସାଁ ସାଁ ହୋଇ ନିଃଶ୍ୱାସ ଦାବିରଖି ମୁହଁମାଡ଼ ପଡ଼ିଥାଏ ।

ପଦାକୁ ଆସିଲି । ବାଉଁ କବାଟ ଖୋଲି ଚାହିଁଲି, ନଟା ଝାଟିର ବାଡ଼, କେଉଁଠି ଅଲଗା ଦିଶୁଥାଏ । ତାଳ ଗଛଗୁଡ଼ାକ, ଝାଡ଼ାର ଅଜସ୍ର ଆଖି ପରି ଜୁଳୁଜୁଳିଆ ପୋକ । କଳା ଆକାଶରୁ ଗୋଟିଗୋଟିକିଆ ତାରା, ମେଘୁଆ ଅନ୍ଧାର ।

ମନେ ପଡ଼ିଲା—ବାଡ଼ ।

ସବୁ ମିଶି କେମିତି ଗୋଟାଏ ଭୟଙ୍କାରିଆ ରୂପ, ଅଲଗା ଅବର୍ଧା ଗଛନଟା, ଅନ୍ଧାର ଆଉ ଜୁଳୁକିଳିଆ ପୋକ । ରକ୍ତ

Digitized by srujanika@gmail.com

ଛାତି ଫାଟିଗଲା, ଝାଳ ଫିଟିଗଲା । ଜମା ଦଉଡ଼ିଆସି କବାଟ ଦଇ ଦେଲା ଘରେ ପଶି ।

ଠାକୁରଙ୍କୁ ଡାକିଲା, ଠାକୁରଙ୍କୁ ସ୍ମରଣ କରିବାକୁ ଚେଷ୍ଟା କଲା । ଠାକୁର ମନେ ନ ପଡ଼ି ମନେ ପଡ଼ିଲା ଖାଲି ମହନା, ଯିଏ ଯେମିତି ଠିଆହୋଇ ଖାଲି ହସେ । ମନେ ପଡ଼ିଲେ ନିଜର ବାପ ମା, ସାନ ଭଉଣୀଟି । କେମିତି ସେ ବାରିଦୁଆରେ ବସି ପାନିଆ ଧରି ତାର ମୁଣ୍ଡରୁ ଉକୁଣୀ ମାରି ବସେ । କହେ—ହେଇତ, ହେଇତ, ହେଇତ ନୂଚିଗଲା ।

ତହିଁ ଆରଦିନ ସକାଳେ ମୁହଁ ଶୁଖାଇ ବାହ୍ମଣ ଫେରି ଆସିଲେ । ରଘୁ ନନା ଘରେ କାନ୍ଦ ବୋବାଳି ପଡ଼ିଗଲା, ପୁଅ ବାବନା ରହିଗଲା କଙ୍କଡ଼ାପାଳରେ ମଜୁସା ଘଡ଼ିରେ । ରାତି ଦି'ଘଣ୍ଟା ଥାଇ ତାକୁ ହଇଜା ଆରମ୍ଭ ହୋଇଛି ।

ଘରେ ବୋହୂଟି ।

ଦିନ ଦଶଟା ବେଳକୁ ବାହ୍ମଣସାହି ଆଡ଼ୁ ଆହୁରି ଆହୁରି କାନ୍ଦଣା ଭାସି ଆସିଲା । ଡମ୍ବରୁ ନନା ଘରେ ଦୁଇ ଜଣ ରୋଗୀ । ସାହିରେ ଆହୁରି ଆହୁରି—

ପାଟ ମଝିରେ ନବଗ୍ରହୁ ଗାଁଟି; ତହିଁରେ ପୁଣି ହଇଜା । ବେଳକୁ ବେଳ ଖବର ଆସିଲା, ପ୍ରୀତିପୁରେ ହଇଜା; ଏଠି ହଇଜା ସେଠି ହଇଜା—ଗାଁରେ ପଶିଲା ବାଡ଼ୁ ।

ସଞ୍ଜବତୀ ନ ଲାଗୁଣୁ ଘରଘରକେ କବାଟ ପଡ଼ିଗଲା, ଚାରିଆଡ଼ ଶୂନ୍‌ଶାନ ।

Digitized by srujanika@gmail.com

ସେପାଖରୁ ବେଳେ ବେଳେ ଶୁଭେ—ଦୂର ଗାଁରେ ହୋ ହା ହୋ ହା ଲାଗିଛି, ବାଜା ଶୁଭୁଛି; ହରିନାମ ହେଉଛି ବୋଧହୁଏ।

ଘଡ଼ିକିଆ ବିଲୁଆ ଭୁକିଲେ, କୁକୁର ବୋବାଇଲେ, ମା ଛୁଆକୁ ଆହୁରି ଟାଣିନିଏ ଛାତି ଭିତରକୁ; ଭଉଣୀ ଭଉଣୀକୁ କୁଣ୍ଢାଇ ଧରି ଫଁ ଫଁ ନିଃଶ୍ୱାସ ମାରେ; କିଏ ବା ଲୁଗା କାନିଟା ମୁହଁ ଉପରେ ଟାଣି ଦେଇ ଆଖି ବୁଜିଦିଏ, ଅନ୍ଧାର ସହିପାରେ ନାହିଁ।

ରାତି କଟିଗଲା। କାଉ ରଡ଼ିଲେ, ପରଷ୍ଟ ଫାଟିଲା।

ବେଗିଣୀ ଗାଁଟି ଅଳସ ଭାଙ୍ଗି କସମସ କସମସ ଆଖି କରି ଉଠିଲା।

କେଉଁଆଡ଼ୁ ଗୋଟାଏ ଦୁର୍ଗନ୍ଧ ଭାସିଆସୁଛି। ମଟିସାଙ୍କ ଭିତରକୁ ପାଣି ପଶିନାହିଁ। ଗୋହିରି ସେପାଖେ ବଡ଼ ଡଳବାରିଟା, ବେକେ ନାକେ ପାଣି। ତା ପରେ ବଡ଼ ଡୋଟାଟା, ଠାଏ ଠାଏ ଖାଲ।

ଆମ୍ବଗଛ ଡାହ୍ନସନ୍ଧିକୁ ବୋଲି ପାଣି ଲାଗି ଯାଇଛି। ଗୋହିରି ମୁଣ୍ଡରେ ଯାବତ ଅସନା, ଦୁର୍ଗନ୍ଧ। ଛକାଛକ ହୋଇ ଟୋକାଏ ବୁଢ଼ାଏ ଯେ ଯେତେବେଳେ ବସିପଡ଼ୁଛନ୍ତି। ପାଣିରେ ମେଞ୍ଚା ମେଞ୍ଚା ମଇଳା।

କିନ୍ତୁ ମଇଳାର ଗନ୍ଧ ଏ ନୁହେଁ, କଣ କେମିତି ସଢ଼ା ଗନ୍ଧ। ଡଳବାରି ପାଣିରେ ବୁଡ଼ କୁଡ଼ ଗାଧୋଇ ପହଁରି ପହଁରି ଟୋକାଏ ଦେଖିଲେ, ଦୁର୍ଗନ୍ଧଟା ଆସୁଛି ତୋଟା ସେପାଖୁ।

Digitized by srujanika@gmail.com

ଝିମିଳ ଲଣ୍ଠର କରଣ୍ଠୀ ପରି ମନରେ ଅଟକିଯାଉଛି ଗୋଟାଏ ମୁହାଁଣ୍ଠ·····

ଷୋଳ ସତର ବର୍ଷର ଟୋକାଟିଏ ହେବ ପରା, ଗଳକ୍ଟାଠ ପରି ଫୁଲିଯାଇଛି, ଚମଡ଼ା ଦିଶୁଛି ଜଳ ଜଳ; ମୁହଁରେ ଫୁଙ୍କା ଦେଲ ବେଲୁନ୍ ପରି ।

ପାଣି ଭୋଡ଼ରେ କୁଆଡ଼ୁ ଠେଲିହୋଇ ଆସିଛି ମଡ଼ାଟା ।

ବେଳ ଗଲା, ମୁହାଁରଟା ଲାଗିଥାଏ ସେଇଠି । କେତେ ଲୋକ ଆସି ମେଞ୍ଚା ମେଞ୍ଚା ପାଣିରେ ବୁଡ଼ ବୁଡ଼ ଗଲେ ।

ପୁଣି କେତେବେଳକେ ମୁହାଁରଟା ଖୁଲିଗଲା କେଉଁ ଆଡ଼େ ଦିନ ଗଲା । ଖବର ମିଳିଲା ଆଉ ପାଖ ପଧାନ ସାହିରେ ବାଡ଼ ପଶିଲାଣି । ଗାଁ ଲୋକେ ଉପୁରେ ଥରିଲେ । ଦାଉ ଗୋଡ଼କେ ଲୋକ ସତର୍କ ପଶିଗଲା—

ବାଢ଼ !

× × × ×

ପିନ୍ଧିଥାଏ ଗୋଟାଏ ଗୁ-କୋ—(ମଇଳା ଗୁର୍ଖା ପଲଟନର କୋଟ୍) କଳା, ଘାଲୁଆ, ତା ଉପରେ ଗୋଟାଏ ବୃଦର । ବେକ ପାଖେ ବୋତାମ ଛିଣ୍ଡି ଯାଇ ଦିଶୁଥାଏ ମାଳଟା । ଟଙ୍କାଲଭ ମୁଣିରେ ପୁରାଇ ଅଣ୍ଟାରେ ମାରିଦେଇଥାଏ ।

ବୋହିଆ ମୁଣ୍ଡରେ ବୋଝ କଦ ମଙ୍ଗଳ ଷ୍ଟେସନକୁ ଯାଉଥାଇ ସିଧା ସିଧା ଖୁଲିଲା ଛଡାବାଡ଼ ଧରି ।

Digitized by srujanika@gmail.com

ଘରକୁ ବାହୁଡ଼ିବାର ନିଶାରେ ପାହୁଲଗୁଡ଼ାକ ବେଗି ବେଗି ପଡ଼ୁଥାଏ । ଗୋଟାଏ କୋଇଲଖିଆ କଣ୍ଠା ମାଡ଼ିଲା । ନିଠେଇ ବସି ଓଟାର ଓଟାର କାଢ଼ିଲି, ଘୁରିଆଡ଼କୁ ଥରେ ଗୁହିଁଲା । ଏଇ ଆଗ ଗାଁଠା କମାଗଡ଼ ହେବ ପରା ! ବାବୁ ତ ବାବୁ, ନାଟବାବୁଙ୍କର ବଡ଼ ବାଗାଁଟାର ବାଡ଼, ବାଉଁଶ ବଣଟା । ସେ ପାଖର ସେ ଗଳା ଖଜୁରିଗଛ ଉଣ୍ଟା, ଚମାର ଠେକ ବସାଇ ପାରିଲାନି । ସ୍ପଷ୍ଟ ମନେଅଛି. ଆସିଲାବେଳେ ଏ ଠେକ ନ ଥିଲା ।

ବାଟ ଗୁଳିଲି; ବାଟ ଆଉ ସରେନାହିଁ ।

କେତେ କରନାଳ, କେତେ ବରଞ୍ଜ (ବ୍ରାଞ୍ଚ) ଉପର ଦେଇ ବୁଲ ବୁଲ ଯିବାକୁ ପଡ଼ିଲା । ଶୋଠବାଟେ ପାଣି ଭସ୍ ଭସ୍ ଗୁଳିଛି, ସେପଟେ ନଙ୍ଗଳା ଟୁଆ ମାଛ ଧରୁଛନ୍ତି ।

କାଦୁଅ ପଚ୍ ପଚ୍ ଗାଁବାଟ, ଖୋଳ ଗଳିପଡ଼ିଚି, ମଦନ ଗୁଳିଲା ।

ଦୁଇ କରରେ ସନ୍ସନ୍ଆ ଦଣ୍ଡା, ତା ସେ କରକୁ ବଷଚ; ଧାନଗୁଡ଼ାକ ପାଣିରେ ଠିଆହୋଇଛି ।

ସଞ୍ଜ ହେଲା । ଆସିଲା ଅସରଏ ମେଘ । ଛତା ମେଲେଇ ବରଗଛ ମୂଳେ ମଦନ ଆଉ ବୋଟିଆ ଆଉଜିଲେ ଆସି । ଦୁଇଟା ବଳଦ ଗୋଟାଏ କାକଆ, ପେଟ ହୋଇ ପଡ଼ୁଛି, ବୋଧହୁଏ ମାଈ । ଭିଜାଖିଆ ହୋଇ ବଳଦଗୋଡ଼ାକ କୁଆଡ଼େ ପଳେଇଲେ ।

Digitized by srujanika@gmail.com

ପକେଟରେ ଥିବା ସିଗାରେଟ ଗୋଟିଏ ଲଗେଇଲା, ଆଉ ଠିଆହେଲା ।

ଆଖି ପାଇବ ନାହିଁ, ଖାଲି ଧାନକ୍ଷେତ, ଟିକଏ ଆଗକୁ ଟ ଦାଣ୍ଡ ଗୋଡ଼ଗୁଡ଼ାକ ପଡ଼ୁଛି । ମଶାଣିଟା, ଭଙ୍ଗା ଦେଉଳଟାଏ, ଖାଲି ଗ୍ରେଟ ଗ୍ରେଟ ଗଛଗୁଡ଼ାକ ବଢ଼ିଛି । ଟପର ଟପର ପାଣି ଝରିପଡ଼ୁଥାଏ ।

ଶୂନଶାନ କ୍ଷେତ, ଶୁନ୍‌ଶାନ ମଶାଣି । ମେଘୁଆ ସଞ୍ଜରେ କେତେ ଉଦାସ ଦିଶୁଥାଏ ସବୁ; କେତେ କରୁଣ ଆଉ ଗୋଟିକଆ ଭଙ୍ଗା ମନ୍ଦିରଟା । ପଥରଗୁଡ଼ାକ ଏଠି ସେଠି ମେଞ୍ଚା ମେଞ୍ଚା ହୋଇ ଖାଲି ପଡ଼ିଛି ।

ରାତିକ ମଦନ ଆଗ ଗାଁରେ ରହିଗଲା, ତହିଁ ଆରଦିନ ସକାଳେ ଉଠି ପୁଣି ବାଟ ଚାଲିଲା । କେତେ ଦୂର…

ନଈ ବନ୍ଧେ ବନ୍ଧେ ଝିଁକରଡ଼ିବା; ଆଠକୋଶ ବାଟ, ତା ପରେ ପୁଣି ରାତିଏ ।

ଅମୃତ ରଣମନ୍ଦନଙ୍କ ବଗିଚାଘରେ ନୋହିଲେ ହରି କୋଦମା ସିଂ ଠାକୁରଘରେ । ତହିଁ ପରଦିନ ପୁଣି ପାନପାଣି ।

ମଦନ ବାଟ ଚାଲିଲା ।

× × × ×

ବଢ଼ି ଅଉ ବାଢ଼—

ନସ୍ତ୍ରାପୁ ଗାଁଟି ଜଳ ଜଳ କରି ଖାଲି ଚାହିଁ ରହିଲା । ସାତ ଦିନ ହୋଇଗଲା ଆଜକୁ, ପାଣି କମୁ ନାହିଁ, ଖାଲି ବଢ଼ୁଛି ।

Digitized by srujanika@gmail.com

ଉମା ଖାଲି ମନେ ପକାଉଛି—ମଦନକୁ ! ଶୁଣୁଛି, ସେ ଯଦି ଥାଆନ୍ତା···

ସ୍ରୋତ ଗାଁଠିରୁ ପାଣି ମୁଣ୍ଡ ଆଡକୁ ଗଲେଣି । ଗୃହସ୍ଥ ସୁକ୍ ସୁକ୍ ହେଉଛନ୍ତି । କାହିଁ ବା ବଇଦ, କାହିଁ ବା ଡାକ୍ତର ! ମନ୍ତ୍ର ପଢ଼ ପଢ଼ ଖାଲି ଗୁହାରୁଛି ।

ବାଣଆଡ଼ ଓଳମ୍ବରେ ଗାଲରେ ହାତ ଦେଇ ଉମା ଖାଲି ବସି ବସି ଭାବେ; କଣ ସତେକି ପାଟର ପାଣିରେ ତାର ଭୁଷ୍ଟିକ ବାନ୍ଧିରଖେ ।

ବାଡ଼ ଭାଙ୍ଗୁଛି, କ୍ଷେତ ଭାଙ୍ଗୁଛି, ଖାଲି ଦିଶୁଛି ପାଟ-ସମୁଦ୍ର; ପରିବର୍ତ୍ତନ ନାହିଁ । କେଉଁଠି ଗୋଳିଆ ପାଣି, ହଳଦିଆ ମଇଳା ପାଣି, ଆଖି ଯେତେଦୂର ପଡ଼ିବ ସେତେଦୂର ।

ଦେହଇ; ସେ ପାଖେ ବ୍ରାହ୍ମଣୀର ଗୋଳିଆ ପାଣି ବାରିହୋଇ ପଡ଼ୁଛି ବରୁପା ନଈର ହାଲୁକା କାଳିଆ ପାଣିଠାରୁ ।

ଉପରେ ଆକାଶ, ତଳେ ପାଣି କୋଶ କୋଶ ।

ଦୁଇ ଡଙ୍ଗା ବାନ୍ଧି କଏ କେତେବେଳେ ପାଣିଏ ପାଣିଏ ଯୁ-କରି ବୁଲିଯାଏ । ପାଣି ଭଉଁରି ପରି ଦୂରରେ ଦୂରରେ ପାଣି ଭିତରେ ଦଣେ ଗୋଟାଏ ଥୁଣ୍ଟା ଡେଙ୍ଗା ତାଳଗଛ । ମେଘୁଆ ଆକାଶ ତାର ଉପରେ ସତେକି ଓହଳିପଡ଼େ ।

ଦିନ ସରିଆସିଲେ ଉମାର ମୁହଁ କଳା ପଡ଼ିଯାଏ, ହାଲୁକ ଝଡ଼େ କି ଶୁଖିଯାଏ !

Digitized by srujanika@gmail.com

କଣ ସତେକି ଭୁଲିଯାଇଛି ଜଡ଼; ପାଟ ଉପରେ ଉଡ଼ିଗଲା ଚଢ଼େଇ ପରି ଆଜି ଓହ୍ଲାଇ ଆସିଛି ଅନ୍ଧାର ।

ରାତି ହେଲେ ପାଟପାଣିରେ ତାରା ଫୁଟେ; ଚାଲୁକୁଣି ଅନ୍ଧାର ଜଳ ଜଳ କରି ଚାହିଁ ଦେଖେ ମାହାଳ ଗଛଉହାଡ଼ରୁ ଲକ୍ଷେ ଜୁଳୁ-ବୁଳିଆ ପୋକ ଆଖିରେ ।

ଗାଁର ଆଲୁଅ ପାଟ ଛାତିରେ ଦୋହଲି ପଡ଼େ, ସଞ୍ଜବତୀ ଚହଲି ପାଣିରେ ଟଳ ଟଳ ଜଳି ଲିଭେ । ଓମାର ମନଟାକୁ କିଏ କେଉଁଆଡ଼େ ବାନ୍ଧି ଚୋରେଇ ନେଇଯାଏ ।

ଗହୀର ପାଣିର ଅନ୍ଧାରୁଆ ବାଙ୍କରୁ ଗଛବୁଦା ଉହାଡ଼ରୁ କିଏ ସତେ କି ହାତ ହଲେଇ ହଲେଇ ଡାକେ—ଆ-ଆ-ଆ ।

× × ×

ସୁଆର ଗାଁ ମୁଣ୍ଡରେ ହେଲା ବେଳକୁ ମଦନ ଦେଖିଲା, ବନ୍ଧ କରରେ ପଡ଼ିଛି ଗୋଟାଏ କଙ୍କାଳ ।

କାହିଁକି ଟିକିଏ କୁତୂହଳ ହେଲା । ବନ୍ଧ ଉପରେ ଖୁରୁପୀ ଧରି ବୁଢ଼ାଟିଏ ଘାସ ଛେଲୁଥିଲା ।

ମଦନ ପଚାରି ବୁଝିଲା । ଏଇ ପଧାନଘରର ବୋହୂ, ହାଲି ଫେରିଥିଲା ପୁଅଣିଘରୁ । ହଁ, ପନ୍ଦର ଷୋଳ ବର୍ଷ ହେବ ମୋଟେ । ସଞ୍ଜବୁଡ଼ୁ ଚାପିଲା, ରାତି କଟିଲା ନାହିଁ । ବଡ଼ି ସାଙ୍ଗେ ସାଙ୍ଗେ ହଇଜା ଆସିଛି କିନା—

ଏକା ଫୁଙ୍କାକେ ମଦନାର ଘର-ବାହୁଡ଼ା ନିଶା କିଏ ଉଡ଼େଇ ନେଇଗଲା ।

Digitized by srujanika@gmail.com

କେତେ ମଡ଼ା ହାଡ଼ ସେ ଦେଖିଛି । ହାଡ଼ ପାଇଁ ଖାତିର କରେ ନାହିଁ ବେଶି; କିନ୍ତୁ ଅବୁଝା ମନ ଭିତର କାଇଁ କାଇଁ କରିଉଠିଲା; କାହିଁକି ମନ ଭିତରେ ପାପ ଛୁଇଁଲା ।

ଘଡ଼ିଏ କାଳ ହାଡ଼ଟାକୁ ଚାହିଁ ରହିଲା । ବୋହିଆଟା ଆଗରେ ଆଗରେ କେତେ ଦୂରରେ ହୋଇଗଲାଣି ।

ନଈ ବଢ଼ିଛି, ପାଟ ବଢ଼ିଥିବ; ପାଟରେ ପାଣି, ଆଉ ସେ ଘରେ ନାହିଁ । ଏଇ ଦିନେ ସାପ କାମୁଡ଼େ, କଅଁଳାଛୁଆ ସନ୍ତସନ୍ତିଆ ଘରେ ପଡ଼ି ପଡ଼ି ମରେ, ଘର ଉଳଟିଲେ ଗୋଡ଼ଖସି ମରନ୍ତି କେତେ ଲୋକ । ଆଉ ପାଟପାଣିରେ ନାବକେଳି କରି ବାହାରନ୍ତି ଠାକୁରାଣୀ ।

ଆଗକୁ ଚାଲିଲା, ଖରାପ ଖରାପଲାଗୁଥାଏ; କଣ ଗୋଟାଏ ଅଜଣା ଖିଆଲ ଲେକା ସାଙ୍ଗକେ ସ୍ମରଣ ସେପାଖେ ଲଟକାଇ ଧରେ ଦୁଇଟା ଛବି, ହମା ଆଉ ସେ କଙ୍କାଳଟା····

କଙ୍କାଳ—ଆଜିର କଙ୍କାଳ; କାଲିର ଭୁଆସୁଣୀ । ବୁଢ଼ୀମା କହେ ପରି ଗୋଟାଏ କାହାଣୀ । ସୁନାକାଠି ବାଜି ହାଡ଼ଗୁଡ଼ାକ ସବୁ କଅଁଳି ଉଠିଲା !

× × × ×

କଙ୍କାଳଟା ହେଲା ଭୁଆସୁଣୀ । ବନ୍ଧପାଖ କାଦୁଅ ଖମାରେ କଣ ପଡ଼ି ରହିଲା ? ନା, ନଈକୁ ଗଲା ଗାଧୋଇ । ଗାଧୋଇ ପାଧୋଇ ସଫାସୁତୁରା ହୋଇ ଫେରି ଆସିଲା ।

ଲୁଗା ପାଲଟି, ମୁଣ୍ଡ କୁଣ୍ଡେଇ, ଅଳତା ନାଇ; କଳା ସିନ୍ଦୂର ଦେଇ, ଖିଲେ ପାନରେ ଗାଲକୁ ଆବୁ କରି, ମୁହଁ

Digitized by srujanika@gmail.com

ବଙ୍କାଇ ଥନ ଥନ ହୋଇ କହିଲା, "ହେଇ ଦେଖ, ମୁଁ ଫେର ଆସୁଛୁ ପୁଣି ।"

ଭୁଆସୁଣୀଟି—ଗୋଟା ସୁନ୍ଦା ଜମା ତ ! ସେଇ ହସ, ସେଇ ମୁହଁ, ସେହି ଗୃହାଣୀ । କେଡ଼େ କଅଁଳ ଦିଶୁଛୁ । ଗେଲ କରିବାକୁ ମନ ହେଉଛୁ ଦେଖିଲେ ।

ମଦନ/ତ ବଢ଼ାଇ କୁଣ୍ଢାଇ ଧରିବାକୁ ଗଲା । ତାର ମୁହଁର ହସ ମୁହଁରେହିଁ ଗଲା ମରି । ଛୁଟିକ ଯାଇ ବାହା ସେପାଖେ ଆସ୍ତେ ଆସ୍ତେ ତଳେ ଲୋଟିପଡ଼ିଲା । ଭୁଆସୁଣୀ ନୁହେଁ; ଗୋଟାଏ କଙ୍କାଳ—ହାଡ଼—ହାଡ଼—ହାଡ଼ ।

× × × ×

ମଦନ ବାଣ୍ଟ ଗୁଲୁଥାଏ—ନାଃ, ବାଜେ ଖିଆଲ ଗୁଡ଼ାକ । ଏଣିକି ତେଣିକି ଗୁହଁ ଗୁହଁ ଗଲା ଅବୁଝା ମନଟାକୁ ଭୁଲେଇ ଭୁଲେଇ ।

× × × ×

ଆଠଦିନ ଠିଅ ହୋଇଛୁ ପାଣି ।

ଚଷାକୂଳର ହାଲୁକ ଶୁଖିଲା, ଧାନଗଣ୍ଡାକ ଗଲା ପଚି ଏ ସାଲେ ! କେତେକ ସଡ଼ିଲା, କେତେକ ଷଣ୍ଢା ମାରିଯିବ; ଆଉ ଯେ କେତେ କୋହଳ ଧରିଗଲାଣି ବେଣ୍ଟ, ପାଚ୍ ପାଚୁ ଝଡ଼ିପଡ଼ିବ ତଳେ ।

କିଏ ଜାଣିଛି କେତେଦିନ ରହିବ ଏ ପାଣି—ଏ ନଈ ଛିଡ଼ିଲେ ସେ ନଈ ବଢ଼ୁଛି !

Digitized by srujanika@gmail.com

ଗୋରୁଗୁଡ଼ାକଙ୍କ ଧଡ଼ା ପଡ଼ିଲାଣି ଖୋଳକରେ, ଦିନ ଗଡ଼ି ଖଁ ଖଁ । ଓଲର ଓଲର ଫେଳରୁ ବାଉଁଶ ଦିଶିଲାଣି । ଗୋରୁଗାଈ ପଘାଏ ପଘାଏ ।

ମୂଲପାଣ୍ଡ ବନ୍ଦ । ଯାହା ଯେମିତି ଲେଠା, କଂସା ବନ୍ଧାରଖି ଗଣ୍ଡିଏ ମୁଠିଏ ଆଣିବା କଥା । ପାଣି ରହିଛି ଠେଲି, କଏ କୁଆଡ଼େ ବାହାର ପାରୁଛି ?

ଦିନକର ଖୋରାକ ଗୃହଦିନକୁ ବାଣ୍ଟି, ନଳତା ଶାଗ ହାଣ୍ଡି ହାଣ୍ଡି ସିଝେଇ ସିଝେଇ ଦିନମାନ ଯେ କୌଣସିମତେ ଗୁଜୁରାଣ ମେଣ୍ଟୁଛି । ଖାଲି ମଣିଷର ଆଶା, ବଢ଼ିଟା ଘୁଞ୍ଚୁ ଯାଆନ୍ତା କି ଆଗ ।

ବାଗୁଡ଼ି ସାହୁଆ ପେଶା କଲେଣି, ଖୁଦ ଆଉ ନଳତା ଶାଗ ସାଙ୍ଗକୁ ଗୋଟାକେତେ ବାମ୍ଭୁଣୀ ବେଙ୍ଗ; ତେଣୁ ବନସି-ପକେଇ ଡିହ ଉପରେ ଜଗି ବସିଛନ୍ତି ଖସ୍ୱାଏ ଖସ୍ୱାଏ ।

ବଢ଼ିପାଣି, ମୀନ ଦେଖାନାହିଁ ଗୋଟାଏ ବୋଲି । ବେଳେ ବେଳେ ବେଙ୍ଗ ଠୋକୁଛି; ସେତିକି ଆନନ୍ଦ ।

ହିଡ଼ବାଡ଼ ସମାନ କରି ସବୁ ଭେଦାଭେଦ ଲୁଟାଇ ଲୁଟାଇ-ମାଡ଼ିଚାଲିଛି ପାଟପାଣି; ମଣିଷର ବଡ଼ପଣ ଦେଇଛି ଭାଙ୍ଗି ।

ଉପରେ ଆକାଶ, ତଳେ ପାଣି । ତାହାର ସନ୍ଧିରେ ପଟେ ପଟେ ଯେପରି ଜହ୍ନା ପିମ୍ପୁଡ଼ି, ଡାଳେ ଡାଳେ ସାପ ମୂଷା, ବଣ୍ଡୁ ବୁଢ଼ିଆଣୀ; ଡିହ ଉପରେ ସେହିପରି ମଣିଷ ।

ପଞ୍ଝା ପଞ୍ଝା ଚଢ଼େଇ କୁହାଟ ମାରି ଉଡ଼ିଚାଲିଯାନ୍ତି, ଆକାଶର ଏ କଡ଼ରୁ ସେ କଡ଼କୁ ।

Digitized by srujanika@gmail.com

ସମାନ—ସବୁ ସମାନ···

ଆଜ ଯାଆନ୍ତି ବଢ଼ି ଆଜ ବାଡ଼, ହାତ ଧରାଧରି ହୋଇ ନାଚ ନାଚ ଚାଲିଯାଆନ୍ତି କେତେ···ଏ ଦୂରକୁ ବୋଲି ।

ସମାନ—ସବୁ ସମାନ······

କେବଳ ଏହି ସମତା ଭିତରେ ସ୍ପଷ୍ଟ ରହିଛି ଗୋଟାଏ ଗତି, ଯାହାର ଉଦ୍ଦେଶ୍ୟ ନାହିଁ; କିନ୍ତୁ କ୍ରିୟା ଅଛି ।

ଅବିରାମ ଗୋଟାଏ ଗତି ।

ପୂର୍ଣ୍ଣତା ଅପୂର୍ଣ୍ଣ ହେଉ ନାହିଁ; କିନ୍ତୁ ଆଜିର କଥା କାଲିକୁ ଯାଉଛି ଚାଲି; ପବନ ପରି ଉଡ଼ିଆସୁଛି, ପାଣି ପରି ଯାଉଛି ଚାଲି—ଯାଉଛି ଚାଲି—ଯାଉଛି ଚାଲି ।

× × × ×

ଗାଁ ଗୋଟାକ ଉକ୍ରନ୍ଦନ—

ଦିନ ଆସେ, ଦିନ ଯାଏ; କିନ୍ତୁ ହସ ଖୁସି ଆସେ ନାହିଁ, ସରାଗ ଯାଏ ମରି ।

ଲୁହରେ ଭିଜାଇ ଗରିବ ଚାଷୀ ସତଗଣ୍ଡାକ ପାଟିକୁ ନିଏ, ଲୁହ ଶୁଖିଯାଏ ମୁହଁରେ । ଦୃଷ୍ଟି ହୁଏ ଅର୍ଥହୀନ, ଘୋଳ ପାଟପାଣି ପରି । ଭୁଆସୁଣୀ ସଞ୍ଜ ଦିଏନାହିଁ । ଛୁଆ ଧୂଳିଖେଳ ଖେଳେ ନାହିଁ । ବୁଢ଼ୀ ଯାଏ, ଟୋକା ଯାଏ, ବନ୍ଧୁତା ଯାଏ, ଶତ୍ରୁତା ଯାଏ, ସବୁ ଯାଏ ଚାଲି ପାଟପାଣିକୁ ।

ସିନ୍ଦୂର ଫାଟେ, ଚାଳ ଉପରୁ ଧୂଆଁ ଉଠେ, କାଜ ଉଡ଼େ; କିନ୍ତୁ ଆସେ ଆଶଂକା ଉପରେ ଆଶଂକା, କାହାର ଦିନ ପୂରିବ ବା କେତେବେଳେ ।

Digitized by srujanika@gmail.com

ବଡ଼େଇ ଘର ବୋହୂଟି ଚାଲିଯାଇଛି କାଲି ସକାଳୁ ।

ଦିନ ଦି'ପହରେ ଉମା କାନ୍ଦିସାରି ଥକା ହୋଇ ବସିପଡ଼ି-ଥିଲା । ବେଳେବେଳେ ଗୁଣ ସୁମରି ହାଉକା ଖାଉଥାଏ ଥରି ଥରି; ......"ଏଇଥିପାଇଁ ଏତେ ନାନା ନାନା ହେଉଥିଲୁ ଲୋ...... ? ସଙ୍ଗରେ ନ ଗଲେ ଯିବାକୁ ପରା ଗୋଡ଼ ଟେକୁ ନ ଥିଲୁ ଲୋ ? ଚାଲିଗଲୁ ପୁଣି ଏକୁଟିଆ !"

କିଛି ସମୟ ପରେ ସେ ପାଖ ଘରୁ ଶାଶୁ ଡାକିଲା, "ଇଲୋ ବୋହୂ, ଆଇଲୁବା ଏଆଡ଼େ ଟିକିଏ ।" ଜୀବନ ନ ଥାଏ ସ୍ୱରରେ ।

ଉମା ଗଲା ।

ବୁଢ଼ୀ କହିଲା, "କିର ଲୋ ବୋହୂ, ଏ ଥର ତୋ ଘର ସମ୍ଭାଳ, ମୁଁ ଚାଲିଲି । ବାନ୍ଧ ଜଞ୍ଜାଳ ହୋଇ ପଡ଼ିଯାଇଥାଏ ବୁଢ଼ୀଟା, ପାଗଳ ପରି ହେଉଥାଏ, "ଆଲୋ ମୋ ପୁଅକୁ ମତେ ଟିକେ ଦେଖା ଲୋ—ଆଲୋ ମୋ ପୁଅକୁ—"

× × ×

ଅକାତ ପାଣିରେ ଡଙ୍ଗା ଚାଲିଥାଏ, ମଦନ ଚାହିଁ ଚାହିଁ ଯାଉଥାଏ ଚାରିଆଡ଼େ ।

କେତେ ଉଦ୍ଧ ଜଳଆ ।

କଦଳୀବଗିଚ୍ଛ ଉପରେ ଡଙ୍ଗା ମାଡ଼ି ଚାଲିଥାଏ, କେତେ ବାଡ଼ କେତେ ହୁଡ଼ ରହିଥାଏ ଛପି ।

ପାଣିରେ ବୁଡ଼ ଗଛଗୁଡ଼ାକ ଛୋଟ ଦିଶୁଛି କେଡ଼େ, ସତେ କି ଖଜୁରି ଗଛ ଗୁଛା କଲମି ପାଲଟି-ଯାଇଛି । ସ୍ଥାନେ ସ୍ଥାନେ ନଳିତା କଆଁଶର ଅଗ ଦିଶୁଛି । ପିମ୍ପୁଡ଼ି ଚଢ଼ି ବେଣାପତ୍ର

Digitized by srujanika@gmail.com

ଦିଶୁଛି କାଳିଆ । ନାଉରିଆ କହୁଛୁ—"ହାଉଲେ ମାର, ଗହଳରେ ବାଜିଲେ ସାପ ଥିବେ ।"

ଯେଉଁଆଡ଼କୁ ଦୃଷ୍ଟି ଯାଉଛି ଖାଲି ପାଣି, କାଳିଆ କାଳିଆ ମନ୍ଦାଟିଏ ଟିଏ ପରି ଦୂରରେ ଦୂରରେ ଦିଶୁଛି ଗାଁ ।

ପଶ୍ଚିମା ପବନ ପିଟୁଛି । ପୃଥିବୀ ସେପାଖରୁ ବୋଲି ଚହଲି ଆସୁଛି ଗୋଳିଆ ପାଣିରେ ଢେଉ । ଡଙ୍ଗା ଡାକୁରେ ବୋଲି ପାହାର ପିଟୁଛି ।

ମେଦୁଆକୁଳ ଗାଁ ଗୋହିରିରେ ହାଲିସା ପକାଇ ବଡ଼ ଡଙ୍ଗା ଚାଲିଲା । ଛୁଇ ତଳେ ତଳେ ସତେ କି କେଉଁ ଶଙ୍ଖ କାବେରିଆ ପାଣିର ରାଜ୍ୟ । ବେତନାସି ତଳେ କଣ୍ଟା ବାଉଁଶି ବୁଦା ତଳେ, ବରସିଅ ତଳେ ନେପଟି ନାପଟି ଡଙ୍ଗା ଚାଲିଲା । ଟୋଖର ବସିପଡ଼ନ୍ତି ଚୁନ ହୋଇ ଡଙ୍ଗା ଭିତରେ; ଡଙ୍ଗା ଯାଏ ଚାଲି ।

ମେଦୁଆକୁଳ ଗଡ଼ିସାହିରେ, ଗୋହିରି ଦୁଇ ପାଖ ଘରେ ବସିଥାନ୍ତି ଯୋଡ଼ାଏ କଳହୁଡ଼ି ବୁଢ଼ୀ । ଜଣେ କହେ, "ଆଇଲୁ ଲେ ବାଡ଼ପଶି; ପନକାରେ ଦେବ ନାକ ଉପରେ ପାହାରେ—"

ଆର ଜଣକ କହେ, "ଆଇଲୁ ତୁ, ଶିଳ ପଟାରେ ଦେବ ଠୋ ମୁଣ୍ଡକୁ ଛେଚି—"

କିଏ ବା କୁଆଡ଼େ ଆସୁଛି, ମଝିରେ କାଟେ ପାଣି ।

ଗାଁ ପହୁଁ କତ ହୋଇଗଲା ମହନର ଉଦ୍‌ବେଗ ବଢ଼ି ବଢ଼ି ଉଠିଲା । କେବଳ ବଢ଼ିପାଣିରେ ବନ୍ଦୀ ଘରଲୋକଙ୍କ କଥା ଶବ ନୁହେଁ; ବେକୁ ବେଳ ଜାଣି ପାରୁଛି ହଇଜା ଘୋଟିଛି । ହେଇ ସେ ଜଳଡଳଂ ଗାଁରେ, ଆର ପାଖର

Digitized by srujanika@gmail.com

ଆଇଭଲଂ ଗାଁକୁ ଯିବେ ବୋଲି ଔଷଧପତ୍ର ଧରି ଜଣେ ଡାକ୍ତର ଚାଲିଲେ; ଆଉ ଉଠି ପଡ଼ିଲା ଜଣେ କୁମ୍ଭାର, ମନା କରୁ କରୁ ଉଠିପଡ଼ିଲା । ଶୁଦ୍ଧି ଘରକୁ ହାଣ୍ଡି ଦି'ଘର ବଦଳିବାକୁ ଯାଉଛି । ଜାଗା ସଙ୍କୀର୍ଣ୍ଣ ଥିବାରୁ ଐହିକ ଆଉ ପାରତ୍ରିକ ଉଭୟ ସେବକଙ୍କ ଭିତରେ ଲାଗିଗଲା ଧମାଧୋଟ, ଶେଷରେ ଉଭୟେ ଯେ କୌଣସିମତେ ବସିପଡ଼ିଲେ ।

ମଦନ ବସିଥାଏ ସେଠି କାଠ ହୋଇ; କାରଣ ଅକାରଣରେ କଲିକତା କଥା ପକାଏ, ନୂଆ ହାବୁଡ଼ା ପୋଲ କଥା କହେ, ବଢ଼ି କଥା ପଡ଼ିଲେ ବଢ଼ାଇ ଦେଖାଇ କହେ, "ଏ କ ବଢ଼ି; ଗଙ୍ଗାରେ ଯେମିତି ବଢ଼ି—"

କିନ୍ତୁ ମନଭିତର ଦବିଯାଏ ।

ଘର ଫେରନ୍ତା ଡଙ୍ଗା ଲୁଚିଯାଏ କଣ ଗୋଟାଏ ଅଜଣା ଆଶଙ୍କାରେ ।

ସଞ୍ଜ ହେଲା, ପ୍ରତିପଦା ତିଥି ଆଜ । ପହିଲି ଅନ୍ଧାରରେ ଏ ପାଖର ଘାଟିଆ ଡାକିଲା, "ଆରେ ହେ—ହା ଆଉ···।" ସେ ପାଖ ଘାଟିଆ ଜବାବ ଦେଲା, "ହେ···ଓ···"

ତନ ସେଲିଆ ଟର୍ଚ୍ଚଲାଇଟ୍‌ଟାକୁ ଟିପି ମଦନ ଏପାଖ ସେପାଖ ପକାଇବାକୁ ଆରମ୍ଭ କଲା । ନାଉରିଆ କହିଲା, "ଦିଅ ବନ୍ଦକରି, ଜଳକା ହୋଇଯାଉଛି ମୁଁ ।"

ଗାଁ—

ମାହାଳ ଗଛ ଉହାଡ଼ରୁ ଜହ୍ନ ଉଠିଲା, ପାଣି ହସିଉଠିଲା, ଖଣ୍ଡିଆ ତଟ ଉପରେ ଦାନ୍ତୁର ଚୂଳ ହସି ଉଠିଲା । ମଦନର ମନ ହସି ଉଠିଲା ।

Digitized by srujanika@gmail.com

ଗୃହଅଙ୍ଗେ ମଶାଣି—ଶୂନ୍‌ଶାନ୍ ।

ମଦନ ଓହ୍ଲେଇଲା ।

ଦର୍‌ଟମଲ୍ କବାଟ ବାଟେ ଉଦାସ ଆଲୁଅ ଅଗଣାକୁ ବୋଲି ପଡ଼ୁଛି । ଝର୍ଙ୍କ ମାରି ଜୋତାମଡ଼ା ଗୋଡ଼ରେ ଦୁମ୍‌ଦାମ୍ ଶବ୍ଦ କରି ବଡ଼ପାଟିରେ ମଦନ ଡାକ ଡାକକା ଯାଇ ପହଞ୍ଚିଲା, "ବୋଉ—ଉ—ବା··· !"

ଘରଭିତରୁ କାଶିକାଶିକା ବୁଢ଼ା ଦଉଡ଼ି ଆସିଲା ।

- କହିଲା, "ଆସିଲୁ !" ହେଁ କନା କାନ୍ଦପକାଇ ଚିର୍ଚ୍ଚିରେଇ ଡାକିଲା, "ଆଲୋ ମଦନା ବୋଉ, ଆଲୋ ବୋଉ !"

ହେଁସ ଉପରେ ଦି' ଦି' ପଟ କନ୍ଥା, ଚିରାଲୁଗା ବସ୍ତାହୋଇ ଯେଉଁ କାନ୍ଥ ପଡ଼ିଛି ବିଛଣା । ତାହାର ଉପରେ ବାନ୍ତ ଜଞ୍ଜାଳ ମଇଳା ଦୁର୍ଗନ୍ଧରେ ଶାଶୁବୋହୂ ଯୋଡ଼ିକ ।

ବୁଢ଼ୀ ଝର ଝର କାନ୍ଦପକାଇ କହିଲା, "ଆସିଲୁ ମୋ ଧନ; କାହିଁକି ଆସିଲୁ, ଚାଲ ଚାଲ ।"

କପାଳରେ ହାତ ଯୋଡ଼ି ଥକେଇ ଥକେଇ କହିଲା, "ହେ ମାହାପୁରୁ ଘଣ୍ଟ ଟେଣ୍ଟରେଇ ରଖ ମୋ ପୁଅକୁ ।"

ଉମାର ଅବସ୍ଥା ଆହୁରି ଖରାପ । ଜୁଳୁଜୁଳୁ କରି ଖାଲି ଚାହିଁଛି, ଲୁହ ବୋହିଯାଉଛି ଦି' ଆଖିରୁ—

ସୁଟ୍‌କେଶ, ବୁଜୁଳା, ପଦା ଅଗଣାରେ ପଡ଼ି ପଡ଼ି ଖାଲି କାକର ଖାଇଲା ।

× × × × ×

Digitized by srujanika@gmail.com

ରାତି ଶେଷଆଡ଼କୁ ଅଦୃଶ୍ୟଗାମୀ ହୋଇ ଉମା ଚାଲିଗଲା !!!

ସକାଳକୁ ମାଲଭାଇ ଆସିଲେ, କୋକେଇ ବନ୍ଧାହେଲା। ବହୁ କଷ୍ଟରେ ମଦନକୁ ଟାଣି ଓଟାର ଛଡ଼ାଇ ମଲା ଶବକୁ ଟେକ ଚଉଁରେ ଥୋଇଲେ। ଶବ କାନ୍ଧେଇ ପାଣିରେ ପଶିଲେ, ଆଣ୍ଠୁଏ—ଜଙ୍ଘେ—ଅଣ୍ଟାଏ—ଗଳାଏ—ତା ପରେ ରାମ ନାମ ଡାକି, ହରିବୋଲ ଦେଇ ଦେଲେ ଠେଲି ଏକା ଥରକେ—ପାଣି ଉପରେ; ସୁ-କରି ଗଲା ଭାସି।

ଆପଣା ହୃଦର ମମତା ମରି ଯାଉ ବ ଗୁଡ଼ ନ ଥାଏ ବୋଧହୁଏ ଉମା ! କୋକେଇଟା ଯାଇ ସାହାଡ଼ାଗଛ ପାଖେ ଉଭା ଛଲେ ଗଲା ଆଉଜି।

ମଦନ କାନ୍ଦକାନ୍ଦକା ଅରମା ଭିତରେ ପଶି ଦଉଡ଼ିଗଲା ସେଇଆଡ଼େ।

ପଛରେ ବାଡ଼ ଠୁକୁ ଠୁକୁ କରି ବାରଣ କରି କରିକା ଡିଅ ମାରି ମାରି ଗୋଡ଼େଇଥାଏ ବୁଢ଼ାଟି—"ଆରେ ମଦନା—ଆରେ ମଦନା !"

Digitized by srujanika@gmail.com

କାଉ କୋଇଲି

'ତାର' ଆସିଛି—ସେ ଘର ବେମାର ।

ଘର ବେମାର ସେ କୁଆଡ଼େ, ଡାକ୍ତରଖାନାରେ ପଡ଼ିଛନ୍ତି । ସେଠି ବଡ଼ ବଡ଼ ଡାକ୍ତରମାନେ ଜଗି ବସିଛନ୍ତି; ଯମର ଡାକ୍ତରଙ୍କର ଝିଙ୍କା ଓଟରା; ମିଏ କିନ୍ତୁ ।

ବାବୁଙ୍କ ଘରୁ ଯେ ବାହାରୁଛି ସେ କହୁଛି । ସଟାସଟ୍ ମଟର ଦ'ଖଣ୍ଡ ବାହାରି ପେଁ ପେଁ କରି କରିକା ଦୌଡ଼ ପଳାଇଲା । ଖୁମବାବୁ ଗଲେ, ରାମବାବୁ ଗଲେ; ଆଉ ତା ପଛେ ପଛେ ଗାଁଯାକର ଯେତେ ମୁଖିଆ ମୁଖିଆ ଲୋକେ ସମସ୍ତେ ଗହଳି କରିଛନ୍ତି ବାବୁଙ୍କ ଦୁଆରେ । ଖାଲି ଆହା, ଉହୁ, ଚୁଚୁ, ଯାହା ତୁଣ୍ଡରୁ ଶୁଣିବ ତା ତୁଣ୍ଡରୁ । ଲୋକେ ଯାଉଛନ୍ତି, ଆସୁଛନ୍ତି; ଧକାଧକି, ପେଲାପେଲି, ଘର ଅସ୍ତବ୍ୟସ୍ତ— କି ଭିଡ଼ !

ଖବରଟା ନଈଁ ଆସିଥାଏ । ଆକାଶ କେମିତି ଗୋଟାଏ ଧୂଆଁଳିଆ ଚମ୍ପାଳିଆ । ହଲ୍ ନାହିଁ, ଚଲ୍ ନାହିଁ; ସଳଖ ସଳଖ ନଡ଼ିଆ ଗଛଗୁଡ଼ାକ, ଆଉ ମୁହଁପଟେ ଜମିଦାରବାବୁଙ୍କ ପୁରୁଣା କୋଠାଘର, ହାଉଁ ହାଉଁଆ ଦୁଆରମୁହଁ; ସେଇମୁହାଁ ସମସ୍ତେ ।

ପହଲ୍ମା' ଗୋଟାଏ ନଡ଼ିଆଗଛକୁ ଆଉଜି ଛିଡ଼ାହୋଇଥାଏ । ମଲ ବାହୁଙ୍କାରୁ ଉଞ୍ଚ ଉଞ୍ଚିକା ଏକେ ପୁଳାଏ ବାନ୍ଧି ଥିଲା, ମେଞ୍ଚ ମାଞ୍ଚହୋଇ ପଡ଼ିରହିଛି ଆଗରେ । ଗୋଟାଏ ଶୁଖିଲା ବାହା ନଡ଼ିଆଗଛ ଗୁଡ଼ିଆଡ଼େ ବେଢ଼େଇ ଦେଇଥାଏ; ଆର ବାହାଟା ତଳେ ଝୁଲୁଛି । ମୁଣ୍ଡଉପରେ ଲୁଗାର କଣ; ପଛଆଡ଼େ ଫୁର

Digitized by srujanika@gmail.com

ଫୁର ବାଳ ମେଞ୍ଚାଏ ପଦାକୁ ଖେଞ୍ଚ ହୋଇଥାଏ—ପଦ୍ମମା'ର ଖିଆଲ ନ ଥାଏ ।

ଆଖି ବନ୍ଧ କୋରଡ଼ରୁ ଫୁଟି ପଦାକୁ ବାହାରୁ ବାହାରୁ ଟାଣି ହୋଇ ରହୁଚ ବାବୁଘର ଦୁଆର ମୁହଁରେ । ପଦ୍ମମା'ର ହା' ପଶିଯାଇଥିଲା । ତାର ଆସିଛି, ସେ ଘୋର ବେମାର ।

ଏତେ ଲୋକ ଯେ ଏକାଥରକେ ଏମିତି ବ୍ୟସ୍ତ ହୋଇପଡ଼ୁଛନ୍ତି, କଣ ଏମାନେ ତାର ? ସେ ପିଲାଦିନୁ ବାପା ମା' ଖାଇଥିଲା, ଆପଣାର ବୋଲି କେହି ନାହିଁ ତ । ଏଠି ଜେତେଇ ଖୁଡ଼ୁତା, କୁଟୁମ୍ବ ଲୋକେ, ଗୋବର୍ଦ୍ଧନବାବୁ ଜମିଦାର ଘର କଏ ନ ଚିହ୍ନେ ? ଏଇ ଘରେ ବଡ଼ଘର ପୁଅ ସେ ମଣିଷ ହୋଇଥିଲା, କଏ ମନାଏ ଦେଲେ ହଁଏ, ନଇଲେ ନାହିଁ । ଏଇ ବାଟେ ବାଟେ କାଖରେ ବସ୍ତାନି ଗେଞ୍ଜିଦେଇ ମୁହଁକୁ ତଳକୁ ପୋତିଦେଇ ସେ ଇସ୍କୁଲକୁ ପଢ଼ିବାକୁ ଯାଏ; ଛିଣ୍ଡା ମଇଳା ଲୁଗା, ଶୁଖିଲା ମୁହଁ, କଏ କହିବ ଜମିଦାର ଘର ପୁଅ ବୋଲି ?

ପଦ୍ମମା' ନା ଥିଲା ସେତେବେଳେ ନେପୁର । ଗାଁ ଶେଷରେ ଦଣ୍ଡା ଲଗୁଆଣି ଖଣ୍ଡିଏ ଗ୍ଲେଟିଆ କୁଡ଼ିଆ, କନିଅର ବଣ ଭିତରେ ଲଉ କଖାରୁ ଜାଲତଳେ କେଉଁଠି ଲୁଚିଥାଏ । ସେତେବେଳେ ବା' ଥିଲା, ବୋଉ ଥିଲା । ବା'କୁ ସବୁଦିନେ ବାତ, ଘରୁ ଉଠିପାରେ ନାହିଁ; ବୋଉ କାମଦାମ କରି ଘର ଚଳାଏ । ନେପୁର ଗାଈ ଜଗେ, ନଗ୍ନାବର ଗୋଟାଏ । କଅଁଳା ବାଛୁର ପରି ଡିଆଁ ମାରୁଥାଏ ଘର ଆଗରେ ।

"କହୋ ବାବୁ, ଆଜି ଅବଧାନ ବେତ ଦେଇଚ କି ?"

"କହୋ ବାବୁ; ଆଜି କି କଥା ପଢ଼ିଲ ?" ନେପୁର ଉପରେ

Digitized by srujanika@gmail.com

ପଢ଼ ଖେଳର ଭଆଏ; ମା ଆଖି ଦେଖାଏ । ସେ କେବେ ଛଳ କରନ୍ତି ନାହିଁ । କେମିତି କେମିତି ହୋଇ ଏଇ ଗାଁ ଶେଷର ଘର ଖଣ୍ଡିକ ସାଙ୍ଗରେ ତାଙ୍କର ଭଲ ପଡ଼ିଥାଏ । ଏଇଠି ଏ ବାଟେ ଏତେ ବଡ଼ ଗାଁଟା ଘୁଡ଼ିଯିବାକୁ ପଡ଼େ, ପୁଣି ଏଇଠି ଗାଁରେ ପଶିବାକୁ ପଡ଼େ । ସେ ଏଠି ବସନ୍ତି; ହଳଦୀ ପାଣିରେ ସେ ହାତ ଧୁଅନ୍ତି ନାହିଁ । ସେ ଏଠି ପିଜୁଳି ଗଛରେ ଚଢ଼ି ପିଜୁଳି ପାରନ୍ତି । ଯାହାଙ୍କ ମୁହଁରୁ କଲାପାଣି ବୋହି ପଡ଼ୁଥାଏ ପଦାରେ, ସବୁବେଳେ ମୁହଁ ତଳକୁ; ସେ ଏଠି ଘର ପାଟି କରି ହସନ୍ତି । ନେପୁର ଡାକେ, "ଆସିଲ ବାବୁ, ମୁଁ ଦଉଡ଼ୁଚି ଛୁଇଁବି; ଯଦି ଛୁଇଁବି ଏତେ କନିଅର ଫୁଲ ରଖିଚି, ଦେବି—ମହୁ ଖାଇବ ।"

ତାଙ୍କ ଆସିବା କମି ହୋଇ ଯାଉଥିଲା । ଏ ଘରେ ବା' ଶରଧା କରେ, ବୋଉ ଶରଧା କରେ । ବା' ବଡ଼ସ ଯାବତ ପ୍ରକାର ଗନ୍ଧ ତେଲଗୁଡ଼ାଏ ଘଷିଯାକ ବୋଳ ହୋଇ ପିଣ୍ଡା ଉପରେ ଗୋଡ଼ ଲମ୍ବେଇ ବସିଥାଏ, ଫୁଲା ପେଟ ଉପରେ ଜଳ ଜଳ ଶିରଗୁଡ଼ାକ । ବାବୁଙ୍କୁ ଦେଖିଲେ କେତେ ଆନନ୍ଦରେ ତାର ଆଖି ଯୋଡ଼ିକ ଚେଇଁ ଉଠେ, କୁହାଟ ମାରି ଡାକ ପକାଏ— "ଛୁଆବାବୁ ଆସିଲ କି ? ଆରେ ନେପୁରି, ସେ ପିଜୁଳି ଗୁଡ଼ାକ ଆଣ । ବସ ଛୁଆବାବୁ, କେନ୍ଦୁଝର ହାତୀଖେଦା କଥା ଆଜି କହିବି, ଶୁଣିବ । ସେ ଯୋଉ ସାହସ ଜାଣିଚନ୍ତି ସେଦିନ ଦେଖୁଥିଲି ।" ବା' ଥିଲା କେନ୍ଦୁଝର ବଣରେ, ଶିକାର କରିଥିଲା; ସେ କେବେ ନେପୁରର ମନେ ନାହିଁ । ତାର ଗପ ପେଡ଼ିରେ ଦଶ କୋଡ଼ିଏଟା ବାଘ ଭାଲୁ ହାତୀ କଥା । ଛୁଆବାବୁଙ୍କୁ ଯେତେଥର ଦେଖେ ତାର ଗଣ୍ଠି ବଥା ପାସୋରି ଯାଏ, ଗପ ଉଛୁଳି ପଡ଼େ ।

Digitized by srujanika@gmail.com

ବୋଉ କଅଁଳେଇ କହେ, "ଆହାରେ ବାପ ! କ ଘର ପୁଅ କ ଅବସ୍ଥା ହେଉଛି; ମା' ନାହିଁ ବୋଲି ପିନା !" ଚାର ଆସିଛୁ, ସେ ଘର ବେମାର—

ପଦ୍ମଲମା' ଫଁ କରି ନିଶ୍ୱାସଟାଏ ପକେଇ ଦେଇ ବାହୁଙ୍ଗା ମେଞ୍ଚାକ ଗୋଟେଇ ଧରି ଘରକୁ ଗୁଲିଲ । ପିଲାଦିନୁ ଏପାକେ ଗୋଟି ଗୋଟି କରି କେତେ କଥା ଆଖି ଆଗେ ଆଗେ ଭସିଯାଉ ଥାଏ; ଆଖିରୁ ଦର ଦର ଧାର ଛୁଟିଥାଏ ।

କଏ କାହାର ଏ ଦୁନିଆରେ, କାହାଁକ ଆଖିରୁ ଲୁହ ବୁହେ । କାହଁ ବଡ଼ଲୋକ ସୀତାନାଥବାବୁ, କେଡ଼େ ବଡ଼ ମଣିଷ, ଦେଶର କେଡ଼େ ବଡ଼ ମୁରବି । ଧନରେ, ମାନରେ, ଯଶରେ; ଆଉ କାହଁ ସେ, ଖଣ୍ଡି ଖଣ୍ଡି ଧେକଡ଼ ପଦ୍ମଲମା' । ଲୋକେ କହନ୍ତି, ସୀତାନାଥବାବୁଙ୍କ କୋଠାପରି କୋଠା ନାହିଁ ସହରଯାକରେ । ସେଠି ବଜୁଳିବତି, ସେଠି ଜାତିଜାତିକା ଦରବ, ଜାତି ଜାତି ଜନ୍ତୁଜନ୍ତା ପୋଷା ହୋଇଛନ୍ତି । ସେଠି ମୋଟର ଗାଡ଼ି ସବୁ ବନ୍ଧ କରି ଠିଆହୋଇ ରହନ୍ତି; ଆଉ ଦେଖଯାକର ଯେତେ ବଡ଼ ବଡ଼ ମଣିଷ । ତାଙ୍କ ସ୍ତ୍ରୀ ସଭା ସମିତିରେ ବକ୍ତୃତା ଦଅନ୍ତି । ତାଙ୍କ ଝିଅମାନେ ବଡ଼ ବଡ଼ ଆଖେଡ଼ାରେ ଗାଆନ୍ତି, ନାଚନ୍ତି । ତାଙ୍କ ପୁଅମାନେ ବିଲାତରୁ ପାଠ ପଢ଼ି ଆସି ରେଙ୍ଗାମରେ ହାକୁଡ଼ାରେ ହାକମାତି କରନ୍ତି । ସବୁଥିରେ ସୀତାନାଥ; ସାହିତ୍ୟରେ, ସଙ୍ଗୀତରେ, ଧନରେ, ମାନରେ । ନାଁ ଧରିଦେଲେ ଶହ ଶହ ଶଙ୍କି ଯିବ ।

ଏଇ ସୀତାନାଥ ଦିନେ ଛୁଆବାବୁ ହୋଇଥିଲେ, ଯେତେବେଳେ ପଦ୍ମଲମା ଥିଲା ନେପୁରି—

Digitized by srujanika@gmail.com

ପହଲିମା' ଆଖିରୁ ଲୁହଧାର ଅଟକୁ ନ ଥାଏ । ହଁ; ତାଙ୍କର ଏ ଇସ୍କୁଲରେ ପଢ଼ା ସରିଲା । ସେ କେମିତି କଣ ବୃତ୍ତି ପାଇ କୁଆଡ଼େ କେମିତି କଣ ହୋଇ ସହରକୁ ଗଲେ । ନିଦାଘ ଖରାଦିନେ ସେ ଆସନ୍ତି । ବହି ଖଣ୍ଡେ ଧରି ତୋଟାଏ ତୋଟାଏ ବୁଲୁଥାନ୍ତି । ଯେତେବେଳେ ଆସିଲେ ଗାଁକୁ ଗାଁକୁ ପାଦ ପଡ଼ିଯାଏ ନେପୁର ଘରକୁ । ଗେଲରେ ଗେଲରେ କେମିତି ଛୁଲେଇ ଛୁଲେଇ କହନ୍ତି, "ନେପୁର ତୁ କେତେଯାଏଁ ବଢ଼ିଯାଉଚୁ ।" ନେପୁରବୋଉ ଟିକି ଟିକି ଲାଞ୍ଜରେ କୁନ୍ଦକୁନ୍ଦକା କହେ, "କହନା ବାବୁ, ମାଇକିନିଆ ଝିଅ ବଢ଼ି ଅସୁରୁଣୀ । କେଉଁଠି ତା କପାଳରେ ଲେଖାଥିବ; କେଉଁଠି ସେ ଥୋଇବ ।" ନେପୁର ଲମ୍ବା ଲମ୍ବା ହାତ ଗୋଡ଼, ଛଡ଼ ଛଡ଼ ଫୁରୁଫୁରୁ ମୁଣ୍ଡ, ନକନକିଆ ଝିଅ । ଖାଲି ତା ରଙ୍ଗଟା, ଆଉ ନିହାତି ଅଦ୍ଭୁତ ବଡ଼ ବଡ଼ ଆଖିଦିଟା ।

୨

ସେଥର ସେ ଆଇଲେ କେତେ ବରଷ ପରେ । କେତେଟାଏ ହୋଇ ଯାଇଥାନ୍ତି ସେ, ଗଜୁରି ଗଜୁରି ନଣ । ବୃଦ୍ଧିଆଡ଼ୁ ଅବସ୍ଥା ଟିକିଏ ଅଳ୍ପକେ ଭଲ ଥାଏ । ସବୁଦିନ ପରି ହଠାତ୍ କରି ଡହଳ ପକେଇଲେ, "ନେପୁର ହେ ନେପୁର-" । ନେପୁର ମୁଣ୍ଡରେ ଲୁଗା ଦେଇ କବାଟ କଣରେ ଠିଆହୋଇଥାଏ । ଟିକିଏ ବାହାରି ପଡ଼େ, ଅନେଇ ଦିଏ ଟିକିଏ, ଭିତରକୁ ପଶିଯାଏ; କଥା କହେ ନାହିଁ । ବୋଉ ଡାକିଲା—"ମଲାମର, କାହାକୁ ଲୁଚୁଛୁ ମ, ଛୁଆ ବାବୁ ପରା ।" ନେପୁର କହିଲା—"ଓହୋ, ଏଇଆଙ୍କୁ ଲୁଚିବ ! ମୋ ଗରଜ ପଡ଼ିଚି ।" ଅନଙ୍ଗେଇ ଅଙ୍ଗେଇ ହୋଇ ମୁହଁକୁ ତଳକୁ ପୋତି କହିଲା, "କେମିତି ଏତେବେଳେ ମନେ ପଡ଼ିଲା ମ, ହଉ ଏଥର ବଡ଼ ହେଲ, କାହିଁକି ପଚାରିବ ଆଉ ।" ଧେତ୍ କଣ ଗୁଡ଼ାଏ

Digitized by srujanika@gmail.com

କହି ଦେଇଗଲେ । ଏଇଆ କଣ ସେ କହିବ ବୋଲି ମନେ କରିଥିଲେ । ଆଁ କରି ସେ ଅନେକ ଦେଖୁଥାନ୍ତି । ଡକଡକ ନେପୁର ଆଉ ଡକଡକ ନାହିଁ, ଗୋଲଗାଲ ହେଲଣି ସରୁ ସରୁ ଗଛ ଡାଳପତ୍ର ଫୁଲରେ ସମାନ ପରି । ସେଦିନ ବେଣୀ ଗପସପ ହୋଇପାରିଲା ନାହିଁ । ତା ପରେ ସେ ପୁଣି ଆଇଲେ, ପୁଣି ସେ ଆଇଲେ; ନିତି ଦି'ପହରେ ଆସନ୍ତି, ଯାଆନ୍ତି ସଞ୍ଜକୁ । ଧୀରେ ଧୀରେ ପୂର୍ବର ବନ୍ଧୁତା ଜମିଯାଇଥିଲା । ନେପୁର ଆଉ ସେ ଖାଲି ହସ ଗପ । କେତେ ଦୁଃଖ ସୁଖ ହେବାର ଥାଏ, କନିଅର ବାଡ଼କରରେ ପିଜୁଳି ଗଛ ତଳେ; ବାରି ପଛଆଡ଼େ, ଘର ଭିତରେ । ଏ ତା' କଥାକୁ ସେ ଆ କଥାକୁ ଖାଲି ଗିଳିପକାନ୍ତି । କେହି କାହାରି କଥାର ଅର୍ଥ ବୁଝେ ନାହିଁ । ଖାଲି ପାଖକୁ ପାଖ ଠିଆହେବା, ଜଣେ କହିବ ଆଉ ଜଣକ ଟାଳିନିବା, ଆଉ ହସିବା ।

ବୋଉ ସେ ଦିନ କହିଲେ, "ଛୁଆ ବାବୁ, ତମେ କେତେକର, ଆମେ କେତେକର । ନେପୁର ଘରେ ରହିଲଣି, ତମେ ତ ଠାକୁରେ କରିଥିଲେ ଆଉ ଦୋଳ ଫଗୁଣକୁ ହା'ତକୁ ଦି'ହାତ ହେବ । ତମେ କେଡ଼େ ଭଲ ପିଲା । ନେପୁରକୁ ପିଲାଦିନୁ ସତେ ତା ମା' ପେଟର ଭଇ ପରି କେଡ଼େ ସ୍ନେହ ଆଦର କରିଛ ।" ଟିକଏ ରହି ଥମ ଥମ ହୋଇ କହିଲେ, "ଏ ହେଁସୋଳିଆ ଗାଁରେ ମୋ ଶିଶୁ ତ କେହି ଦେଖିପାରନ୍ତି ନାହିଁ । ସଜ-ଫୁଲରେ ପୋକ ପକେଇବେ ଏମାନେ । ସନିଆ ମା' ଆଉ ମାଧେଇ କେଉଁଠି ଶୁଣିଆଡ଼େ ହାଟ ବସୋଉଛନ୍ତି । ବାଳ ଛୁଆ ଛୁଙ୍କର ପଡ଼ିବ" କାନ୍ଦି ପକାଇଲେ । ସେ ଘଡ଼ିଏ ଥକ୍କା ହୋଇ ରହି କହିଲେ, "ବୁଝିଲୁ ମାଉସି, ଏ ଗାଁରେ ମୋ ଜନ୍ମ ସିନା, ଏ ଗାଁର

Digitized by srujanika@gmail.com

ମୁଁ ନୁହେଁ । ମୋର ଏଠି କିଏ ଅଛି, କଣ ଯୁଆଙ୍କର ଧାରେ ମୁଁ ? କଣ କିଏ ମତେ କରି ଧରି ପକେଇଛି ଯେ ମୁଁ କାହାକୁ ଡରିବି । ଆଜି ତମେବି ତ ହାକ ଦେଇ ମୋତେ ହାନତ କରୁଛ, ଟଳୁଛ, କିଏ ତମକୁ କହୁଛି ଅକାଳ ଦଉଛି ଯେ ନଦୀ ବୋଲି ଏତେ ଡରି ? ମନେ ରଖିଥା ମାଉସି ! ଯେ ଖାଇବାକୁ ଦିଏ ସେଇଆକୁ ମାନିବି, ଆଉ କାହାକୁ ନୁହେଁ । ଲୋକେ କହିବେ କଣ, କହିବେ କଣ ? ଭଲ କଣ ଅଛି ଯେ, ଲୋକେ କହିବେ ? ହାତି ଗଲେ ବଜାର, କୁକୁର ଭୁକେ ହଜାର——ବୁଝିଲ ମାଉସୀ, ମୋ ଇଚ୍ଛା ଯାହା ତା ମୁଁ କରିବି । ସବୁଦିନେ ଏମିତି ନ ଥିବି ତ ମୁଁ ।” ନେପୁର ଶୁଣି ନ ଶୁଣିଲାପରି ଚୋଟ୍ ପକେଇଲା । ମନେ ଅଛି, ରଙ୍ଗଣି ଫୁଟୁଥାଏ । ମୋ ଇଚ୍ଛା ଯାହା ତା ମୁଁ କରିବି । କଣ ଅଧିକା ମାନେ ଅଛି କି ଏଥିରେ ? ନାହିଁ କି ? ଦେହ ଶିରେଇ ଉଠୁଥାଏ । ବାଁ ହାତର ବଡ଼ି ଆଙ୍ଗୁଠି ଚଳୁମି ଚେମି ନେଲେ ଠିଆ ହୋଇଥାଏ ଆକାଶକୁ ଗୁହଁ । କେଡ଼େ ନାଲି ! କି ସୁନ୍ଦର ! “ନୂପୁର ମୁଁ ଯାଉଛି”——ନେପୁର ଶୁଣିପାରିଲା ନାହିଁ । ପୁଣି ଦୂରରୁ କହୁଛି—— “ନୂପୁର ଲୋ——” ଅନେଇଲା, ଆଲୁଅ ପରି ଆସୁଛି, ସେ ଯାଉଛନ୍ତି ବାହାରି ଦୂରରେ ।

ସେ କହିଥିଲେ ବୋଉକୁ—ଡରିବ ନାହିଁ । ନେପୁର ଡରିନାହିଁ । ଯେଉଁଦିନ ସେ ଗଲେ ଘରୁ ଏଠୁ କହିଲେ, “ନୂପୁର ମୁଁ କହିଥିଲି ଆଜି ଫିରିବ. କଣ ଦେବୁ ।” ଦିପହରେ କନିଅର ଫୁଲଗୁଡ଼ାଏ ଗୁନ୍ଥି ନେପୁର ମାଳା କରିଥିଲା । ବେକରେ ପକେଇଦେଇ କହିଲା, “ଆଜି ଏଇଆ ଦେବି । ଫେରି ଆସିବ ନାହିଁକି. ଏମିତି ମିଳିବ ନା— ।” ସେ ନେପୁରର ହାତପୋଡ଼ିକ ଧରି ପକେଇ ମୁହଁକୁ ଘଡ଼ିଏ କାଳ ଅନେଇଁ ରହି କହିଲେ. “ନୂପୁର ଏଇଆ ଦେଲୁ; ଭଲ କଲୁ ।

Digitized by srujanika@gmail.com

ହଉ ।" କାହିଁକି ଆଖି ଛଳଛଳେଇ ଆସୁଥିଲା ତାଙ୍କର, ସେ କଣ ଜାଣିଥିଲେ ଆଉ ଫେରିବେ ନାହିଁ ବୋଲି । ପୁନ 'ହଉ' ଟିଏ କହି ସେ ଚାଲିଗଲେ । ତା ପରେ ନେପୁର କାନ୍ଦିଥିଲା ଯେମିତି ସେ କେବେ କାନ୍ଦି ନାହିଁ । କେତେବେଳକେ ବୋଉ ଆସି କହିଲା, "କଲେ ! ଏ ରାତି ପାହିଏ ହେଲାଣି; ଉଠ ନଚେଇ ନୋହୁ ରୁ ନ—"

ଆସିବେ ଆସିବେ ବୋଲି କେତେକାଳ ଗଲା ଭାବି ଭାବି । ଥରେ ବୋଉ କହିଲା, "ଆଲୋ ଅଭାଗି, ତୋ କପାଳକୁ ବାପଟା ବାଛୁଥା, ମୁଁ ତ ମୂର୍ଖଆ, କଏ ତୋ କଥା ବୁଝିବ । ଭାଇଟିଏ ଥାଆନ୍ତା କି !" ମଉଳା କାନରେ ଆଖି ରଗଡ଼ି ରଗଡ଼ି କହିଲା, "କେତେ ତ ଚାକମ କରିଥିଲି କୁଆଡ଼େ ସବୁ ଗଲେ, ଆଉ କୋଉଠୁ ପାଇବ ? ଥିଲେ ମତେ ପୋଷନ୍ତେଣି ।" ନେପୁର କହିଲା, "ବୋଉ ମୋର କଣ ଭାଇ ନାହିଁ ! ଖାଲି ମା ପେଟରୁ ଜନମ ହେଲେ ଭାଇ ହୁଅନ୍ତି, ନଇଲେ ନାହିଁ ? ବୋଉ ସତ କହିଲୁ, କୁଆବାବୁ କଣ ମୋର ଭାଇପରି ନୁହେଁ ?" ନେପୁର ଆହୁରି କେତେ କଣ କହିଥାନ୍ତା । ବୋଉ ନଆଁ ବାଣ ହୋଇ ଜଳିଉଠି କହିଲା, "ଲାଜ ନାହିଁ ଲୋ ଅଲାଜୁକ, ତୁଣ୍ଡ କୁ ଏତେ—ଏ ମୁହ ନାହିଁ ଗୋଡ଼ ଚଗୁଡ଼ା କେତେ, କୁଆବାବୁ ଯୁଆଙ୍କ ଭାଇ ! ବାର ଦହଗଞ୍ଜି ହେଇ ମୁଁ ମରୁଛି, ତନ୍ଟିଳରେ ଚଲି ଜଳୁନାହିଁ, ଚାଲଖଣ୍ଡ କୁଆଣି ହବ କେମିତି ଏ ବର୍ଷ ମୋର ସେଇ ଭାବନା । ଯେ କୋଉ କୁଆବାବୁ କାହାର ଲୋ !. ବଡ଼ ଘର ପୁଅ, ପଢିଲାଗିବାପାଇଁ ଭମର ଭମର କହି ନାଗିଥିବେ; ପଢି ଲାଗିଲେ ସେ ତାଙ୍କର ଉଡ଼ିଯିବେ । ସେଇଠା ନାଁ କାହିଁକି କହୁ ମୋ ଆଗରେ ଲୋ ! ସେଇଠା କଣ ତୋ ଘର ଭର୍ତ୍ତି କରିଥାନ୍ତା ? ହଁ ଗାଁରେ ଥାଇ, ମାଉସୀ ପିଉସୀ

Digitized by srujanika@gmail.com

ହେଇ ଉକାଉକ, ତା ବୋଲି ବାବୁଘର ପୁଅ ତୋ ଭଳି ହବ କୁଆଡ଼ୁ ଲୋ ? କେବେ ତୋ ବୁଦ୍ଧି ହବ, କେମିତି ପରଘର କରିବୁ ଟି ଲୁ । ଆମେ ସେ ବଡ଼ଲୋକ ଭଳନେ, ଆମେ ଗରିବ ଲୋକ ନଆଁର ! ଭଲ ଭଳି ବୋଲି କହି ପଛରେ ଲୋଡ଼େଇଲେ ଖଟେଇବେ, କାମ ଦେବେ; ଯେଉଁଠୁ ଉଠେଇ କଢ଼ିଦେବେ ସେ ଖାଲି ଭଗାରି ହୋଇଥିବେ । ଆହା ମୋ ପୁଅମାନେ ଥାଆନ୍ତେ କି, କାହିଁରୁ କଣ ପେଶ ଘର କରୁଥାନ୍ତେ, ମୋ କରମ ଏମିତି ଶ୍ରେଷ୍ଠ ହେଇଥାନ୍ତା କାହିଁକି ! ଦଇବରେ—" ବୋଲି ତା କାନ୍ଦଣାରେ ମନ ଦେଲା । ନେପୁରି ଚୁପ୍ ହେଲା ।

ତା ପରେ ଶୁଣାଗଲା ସେ ହିଆଡ଼ୁ ସିଆଡ଼ୁ କୁଆଡ଼େ ବାଣିଜ ଗଲେ । ଯା ଭିତରେ ନେପୁରି ବଡ଼ ହୋଇଗଲା, ଅତି ଗରିବ ଘର । ସେଠି ପହିଲିଟି ଜନମ ହେଲା । ପୁଣି ପହିଲା ଆଉ ତା ବାପ ଦିହିଁ ଗଲେ ବାଡ଼ରେ । କେଣେ ବା' ମରିଥାଏ, ବୋଉ ଥାଏ କେଉଁଠି, ନେପୁରି ପୁଣି ଫେରି ଆସିଲା । ଶୁଣିଲା ବାଣିଜରୁ ଆସି ସେ କୋଉଠି ବଡ଼ ମଣିଷଟିଏ ହେଇଛନ୍ତି, ଟଙ୍କା ରୋଜଗାର କରୁଛନ୍ତି ଅନର୍ଗଳ । ଏଇ ବଡ଼ଘରେ ଯେଉଁମାନେ ତାଙ୍କୁ ପଚାରୁ ନ ଥିଲେ, ଏବେ ଯାହା ତୁଣ୍ଡରେ ଶୁଣିବ ଖାଲି ଆମ ସାନ୍ତୁ, ଆମ ସାନ୍ତୁ, ଆମ ଭାଇ, ଆମ ଦାଦା, ଆମ ବନ୍ଧୁ । ହିଁ ନ ହେବ କାହିଁକି ? ଆବେ ପଶୁଆ, ଯାବେ ପଶୁଆ, ବାବୁ ପଶୁରାମ । ସେ ବଡ଼ଲୋକ ଘରେ ବାହା ହେଲେ, କୁଆଡ଼େ ମଠର ଯଉତୁକ ଆଣିଲେ, ପାଠପଢ଼ା ବୋଲି । ତାଙ୍କର କୋଠା ତୋଳା ହେଲା, ତାଙ୍କର ଜମି ଜମିଦାରୀ କିଣାହେଲା, ଘରକୁ ଟଙ୍କା ଆସେ ଲକ୍ଷ ଆସେ, ଘରେ କରଜ ଶୁଝା ହେଲା । ତାଙ୍କର ପୁଅ ଝିଅ ଜନମ ହେଲେ, ଆଜିର କାହିଁରୁ କଣ ବଢ଼ନ୍ତି ହେଲା । ବଡ଼ ବଡ଼

Digitized by srujanika@gmail.com

ଲକ୍ଷପାହାବଙ୍କ ଘର ଲୋକମାନଙ୍କ ସାଙ୍ଗରେ କୁଆଡ଼େ ତାଙ୍କର ଖା ପିଅ ବସ ଉଠ । ତାଙ୍କର ଏଠା ଘରୁ ତ ଶୁଣାଯାଏ ରକାର କୁଆଡ଼େ ତାଙ୍କୁ ଲକ୍ଷପାହାବ ହବାକୁ ଖୁଆମତ କରୁଚନ୍ତି ଯେ ସେ ମଙ୍ଗୁ ନାହାନ୍ତି—କହୁଚନ୍ତି; ସେଥିରେ ଲାଭ ନାହିଁ । ଯୋଉଠି ଶୁଣିବ ତାଙ୍କର ନାଁ, ଖାଲି ଯେ ଅନୁସରଣୀଆମାନେ ପଲଟଣ ପରି ତାଙ୍କ ପାଖକୁ ଧାଆନ୍ତି ସେତିକି ନୁହେଁ, ଅନୁସରଣୀଆ ଗୋଷ୍ଠି ଗୋଷ୍ଠି ବନ୍ଧା ତାଙ୍କ ଏ ବନ୍ଧୁ ବାନ୍ଧବଙ୍କ ପଛରେ । ତାଙ୍କର ବଳରେ ନାଲି ଆଖି ଦେଖେଇ ଦେଇ ଧମକେଇ ଚମକେଇ ତାଙ୍କ ବନ୍ଧୁ ବାନ୍ଧବମାନେ କେତେ କଣ କରି ଯାଆନ୍ତି । କେହି ପାଟି ଫିଟାନ୍ତି ନାହିଁ । କଣ କହନ୍ତି ନାହିଁ—କଟକ ବାହୁବଳେ ବଗଟ ରାଜା । ଏତେଦିନକେ ଜମିଦାର ଗୋବର୍ଦ୍ଧନ ବାବୁଙ୍କ ଘର ସାମ୍ନାପଡ଼ଣା ଗାଁ ବଡ଼ଘରମାନଙ୍କ ଉପରେ ମୁଣ୍ଡଟେକ ଆଖି ତରାଟି ଠିଆ ହେଲା । ଲୋକେ ଉଅମୁଣ୍ଡ ତଳକୁ ପୋତିଲେ । ବାବୁ ଆଙ୍କର ଘର, ଲୋକ ପେଟ ଭିତରେ ଯାହା ହବୁ ତୁଣ୍ଡରେ ନ କହିଲେ ଭୃବ ଅଚ୍ଛିନା ।

ସେଇ ସେ, ନେପୁର ଘର ଯାହାକୁ ଡକୁଥିଲେ ଛୁଆବାବୁ ବୋଲି ।

ନେପୁର ବୋଉ ଜରରେ କଡଲାଗି ହୋଇ ଟଳପଡ଼ିଲା । ବଇଦ ଡାକିବାକୁ ପଇସା ନ ଥିଲା ଘରେ; ଏକୁଟିଆଟା । ନେପୁର ଫେରଫ ପଢ଼ିଲା ମା । ଅବସ୍ଥା ହୀନରୁ ଆହୁରି ସାତହୀନକୁ ଗଲାଣି । ଗୋଟାଏ ପେଟଚ; କେଉଁ ଦିନ ରନ୍ଧେ କେଉଁଦିନ ନାହିଁ । ଥାଏ, ଆଜ ଶୁଣୁଥାଏ ସୀତାନାଥ ବାବୁଙ୍କ କଥା । ଗାଁକୁ ଯେ ଆସନ୍ତି ନାହିଁ, କୁଆଡ଼େ ଫୁରୁସତ ନାହିଁ ଆଦୌ । ଆଜ ସହରିଆ ଘରଜା, ସହରିଆ ପିଲାଏ, କେମିତି ଏ ମଫସଲ ପାଣି ତାଙ୍କ ଧାଅରେ ଯିବ ଭଲା !

Digitized by srujanika@gmail.com

ଏଇ ଏତେ ଗୁଡ଼ାଏ ବର୍ଷ ପହଲିମା ଧୂଅଁରେ ଗଲାଣି, କେତେ ଦୁଃଖ ଦୁର୍ଦ୍ଦଶା କେତେ ଅପମାନ । ଧୂଅଁ ଶୁଖିଯାଇ ହେଲାଣି ହାଡ଼ଚମ; କିନ୍ତୁ ପୁରୁଣା ମନଟା ପୁଣି ଟେକିଟେକିକା ଚେଇଁଉଠେ । ବାର ନିଆଁ ନିଗା ପାଟେପୁର କଥା ମନେପଡ଼େ । କହୁଥାଇଥିଲେ ପରା 'ମୋର ଯାହା ଇଚ୍ଛା ହେବ ତା ମୁଁ କରିବି' । କାହିଁ ନ୍ତ ସେ, କାହିଁ ତାଙ୍କର ଇଚ୍ଛା, ଲୋକ ବଡ଼ହେଲେ ସତେ ଏମିତି ଭୁଲି ଯାଆନ୍ତି ! ବୋଉ ପୁରୁଣା ଲୋକ, ତା କଥା ସେତେବେଳେ ପିତା ଲାଗୁଥିଲା ପରା । ପହଲିମା ଆଗ ବୁଝିଥିଲା; ତା ରାଗ ତା ମନେ ମନେ ମଲା । ତା ପରେ ସେ ଅନେଇ ରହିଥିଲା ଭାରି କାତର ଆଖିରେ, ଭିକାରୁଣୀଟିଏ ପରି । ଆସନ୍ତେ ନାହିଁ ସେ ଥରେ ? କେତେଥର ସେ ତାଙ୍କୁ ମନେ ପକେଇଛି, ବାହାହେବା ଆଗରୁ କେତେକାଳ । ପୁଣି ଶାଶୁଘରେ ପହିଲି ଯେତେବେଳେ ପେଟରେ ରହିଲା ଲି ମନଟା ଭାରି ନରମ ହୋଇଯାଇଥାଏ ସେତେବେଳେ— ସେ ତାଙ୍କୁ ଭାରି ଝୁରି ହଉଥାଏ । ପୁଣି ବା' ମଲାବେଳେ, ମା' ମଲାବେଳେ, ଆହା ଏତେ ଝୁଆବାବୁ ଝୁଆବାବୁ ହଉଥିଲେ, ତାଙ୍କ ଦେଖା ବି ସାତସପନ ହେଲା ! ରାଗ ହୁଏ, ବଡ଼ଲୋକଙ୍କ ମନ ସତେ ଏତେ ପଥୁରିଆ । ବଡ଼ଲୋକ—ମଲାମ' ବଡ଼ଲୋକ, ରଖି ଦେଇଥାନ୍ତି ତାଙ୍କ ଦଉଲତ ତାଙ୍କ ଦଉଲତଖାନାରେ । ଏତେ ପ୍ରପଞ୍ଚ ଗୋଟାମାର ସେମାନେ । ନୁଖୁରା ନୁଖୁରା ଭୁଣ୍ଡରେ ଖୋଜିବାକୁ କଣ କଉଡ଼ି ଲାଗନ୍ତା ?

ରାଗ ହୁଏ ପୁଣି ମନଟା ସକେଇ ହୁଏ, କାହାକୁ ସେ ବଡ଼ ଲୋକ ବୋଲି ଗାଳି ଦଉଛି ? ଦୁନିଆ କାହାକୁ କେତେକେତେ ଶହେ ? ତାଙ୍କ ଗୁଳିପଡ଼ିଲା ପରି ଲାଗେ ଦୁଆର ମୁହଁରେ, କାନରେ ସତେକି ସେଇ ଶବ୍ଦଟା ପାଟି—'ନୂପୁର, ନୂପୁର ଲୋ ।'

Digitized by srujanika@gmail.com

ଫାଙ୍କା ଫାଙ୍କା ମନଟା ସବୁକେଇ ହୁଏ, ସେହି କଥାଗୁଡ଼ାକ ଘୁରେଇ ଘୁରେଇ ଭାବିବାକୁ ପଡ଼େ । ତା ହାର ଉପରେ ବସିବାକୁ, ମିଛୁଟାରେ ଛଳ କରିବାକୁ, ପୁଣି ଆପେ ଆପେ ଗେଲବସର ହେବାକୁ, ଅଳ୍ପ ହେବାକୁ ସ୍ୱରଆଡ଼କୁ, ସ୍ୱହିଁଲେ କଏ ଅଛୁ କୋଉଠି ଆଉ ।

ମନେ ମନେ କାଣି ପିଠା ଖାଏ, ନେପୁର ସପନ ଦେଖେ ।

ସେ ଆଉ ନୂଆଘର କଥା ନାହିଁ । ଯେ ପଚାରିଲେ କହେ "ପୋଡ଼ଗଲା ତଅଣରେ କ ସୁଆଦ ମ ଆଉ' ସେ ସବୁ କଥା ଭାବିବାକୁ ମନ ଯାଏ ନାହିଁ ।" ଏମିତି ଏମିତି ହେଇ ବରଷଗୁଡ଼ାକ ପାଣିପରି କୁଆଡ଼େ ଗ୍ୱଲିଗଲା ସତେ । ଦେଖିଲା ବେଳକୁ ବାଳ ପାଚିଗଲା ଫାଲେ ଫାଲେ । ସାତ ତାଳ ପାଣି ଭିତରେ ଫରୁଆ ଭିତରେ ହିଁର ପରି କେତେ କଥା ତ ଛପି ରହିଥିଲା ପୋଡ଼ା ମନ ଗମ୍ଭିରତଳ ମାଟିରେ, ଆଉ ଅ କ !

ତାର ଆସିଛୁ ସେ ବେମାର, ବଞ୍ଚିବାର ଆଶା ନାହିଁ !

ବରକୋଳପରି ଲୁହଗୁଡ଼ାକ ଟପଟାପ ଝରି ପଡ଼ୁଥାଏ । ପହଲମା ନଡ଼ଆପଏ ବଡ଼ାଟି ଧରି ଘରକୁ ଗ୍ୱଲିଥାଏ । ବୁଢ଼ୀ ସନଆମା କହିଲା "ନୁପୁର କାନ୍ଦୁଛି" । ମାଧେଇ ଜେଠି କହିଲା, "ବଚରା କଆଣ୍ଡା ମଣିଷ, କୋଉ କୂଳରେ କେହି ନାହିଁ । ପୁଅ ଗଲା, ଗିରସ୍ତ ଗଲା, ବାପ ମା ଗଲେ, ମନ ଭିତର କୁହୁଳୁଥିବ; କଣ ମନେ ପଡୁଥିବ, କାନ୍ଦୁଥିବ । କଣ କରିବ—କପାଳ ।"

ସେ ଦିନ ନେପୁର ଖାଇଲା ନାହିଁ, ସେମିତି ଶୋଇଲା । ପାହାନ୍ତା ପହରକୁ ସପନ ଦେଖିଲା ସେ ଯେମିତି ଆସିଛନ୍ତି, ମୁହଁଟା କେଡ଼େଯାଏ ଶୁଖିଯାଇଚି, ଆଖିପାକ ଲୁହ ସର ସର । କହୁଛନ୍ତି, 'ନୁପୁରଲୋ, ମୁଁ ଯିବାକୁ ବସିଚି,ଆସିବୁ ନାହିଁ ଟିକଏ ?

Digitized by srujanika@gmail.com

ନୂପୁର ଜ୍ୱେ ! ସମସ୍ତେ ଯେଝା ସେଝା କଥାରେ ବ୍ୟସ୍ତ, ଲୋକେ ଭୂଣ୍ଡରେ ମତେ କହୁଥିଲେ ମୋର ମୋର ବୋଲି; ପେଟରେ କେହି ମୋର ନୁହେଁ । ଲୋକେ ନିଜ ନିଜ ସୁବିଧା ଖୋଜନ୍ତି, ମୋ ଟଙ୍କା ତାଙ୍କର ଦରକାର, ମେ ତେ କେହି ଚାହାନ୍ତି ନାହିଁକି ପଚାରନ୍ତି ନାହିଁ । ନୂପୁର ଜ୍ୱେ ! ମୋର ବାପ ନାହିଁ, ମା ନାହିଁ, କେହି ନାହିଁ; ଯେ ମୋର ନିଜର ହୋଇଥାନ୍ତା ତାକୁ ମୁଁ ନିଜର କଲି ନାହିଁ । କାନ୍ଦି କାନ୍ଦି ହୋଇ ସେ ପିଲାଙ୍କ ପରି କାନ୍ଧ ପକେଇଲେ, ପୁଣି କବାଟ ବାଟେ ଚାଲିଗଲେ । ଏତେବେଳକେ ନେପୁରର ନଜର ହେଲା ସେ ସେଇ କନଅର ମାଳଟା ବେକରେ ଟେକେଇଛନ୍ତି, ଫୁଲଗୁଡ଼ାକ ଶୁଖିଯାଇଛି । ସେ ଚାଲିଗଲେ, ନେପୁରର ନିଦଟା ଭାଙ୍ଗିଗଲା, ଉଠିପଡ଼ି ବୁଝିଲା ସେ କାନ୍ଦୁଛି । କବାଟଟା ଠିଆ ମେଲା,—ମଲା ମର ମନ—ଶାଁଶୁଆ ପବନ ଚାଲିଛି, ଆଉ ପଦାରେ ସିନ୍ଦୂର ଫାଟୁଛି ।

ସେମିତି ଝିଅର ଝିଅର ଲୁହ ବୋହୁଥାଏ । ନେପୁର କହିଲା, "ହେ ଧର୍ମ ଦେବତା ! ଏ ନରମାଖୀ ଗୁଡ଼ାଗୁ ଶୁଣ, ମୁଁ ଯିବାଯାକେ ହେଲେ ସେ ଥାଆନ୍ତୁ, ତାଙ୍କ ଶରୀର ନିରୋଗୀ କରିଦିଅ । ହେ ଭଗବାନ, ମୋର ସେ ସତେରେ ସ୍ୱାମୀପରି ।" ଭଙ୍ଗା ପେଡ଼ା ଭିତରେ ଗୋଟାଏ ତିଣ ଡବରେ ଥାଏ ଟଙ୍କାଟିଏ ସୁଉକଟିଏ, କୋଉକାଳୁ ଥାଏ । କେବେ କେବେ ପେଟ ଜଳିଲେ ବି ନେପୁର ସେଥିକି ହାତ ବଢ଼େଇ ନାହିଁ । କିନ୍ତୁ ଆଜ ବେଳ ନଆସୁ, ସେତକ ସମ୍ବଳ କରି ସେ ସହରକୁ ଯିବ, ନିଶ୍ଚୟ ଯିବ । ସପନେଇଛନ୍ତି ସେ, ଭାବିଲାବେଳକୁ ରୁମ ଟାଙ୍କୁର ଉଠୁଛି । କାହା ଆଗରେ କହିବ ସେ ଏତେ ବଡ଼ କଥାଟା, ଲୋକେ ଶୁଣିଲେ କଣ କହିବେ ? ସହର ତାଙ୍କୁ ଜଣା ନାହିଁ । ଏ ଗାଁର ଧଡ଼ଆ ବୋଲି

Digitized by srujanika@gmail.com

ଷୋକାଟିଏ ସହରରେ ଗାଠ ପଡ଼େ; ଆଜ ଯିବ । ବାରପ୍ରକାର ଫୁମ୍ବେଲେଇ ଫାସଲେଇ ସକାଳୁ ଛାଳୁ ଯାଇ ମଙ୍ଗେଇଲା । କହିଲା, "ଧଡ଼ ! ମୋ ସୁନାଟି ପରା, ଡାକ୍ତରଖାନା ଦେଖିଚୁଟି ? ମତେ ଟିକିଏ ନେଇଯାଆନ୍ତୁ ନାହିଁ । ଧଡ଼ିଆ କହିଲା, ''ହଇଲୋ ନାନି, ହମହମ ହଉଚୁ, ପାଞ୍ଚକୋଶ ବାଟ ଚାଲି ପାରିବୁଟି ।'' ପହଲମା କହିଲା, "ପାଞ୍ଚକୋଶ ଛାଡ଼ ଦଶକୋଶ ଚାଲିବି, ଦେଖିବୁ ଚାଲ୍ ।"

ସେମାନେ ଗଲେ । ସନଆମା କହିଲା, ''କାହିଁକି ଗଲ କି ?'' ମାଧିଆ ଜେଠେ କହିଲା, "ଗରିବ ଲୋକ, ଏତେ ଲୋକ ଯାଉଛନ୍ତି, ଗଲା, ଦୟା ପାଇ ଜାଲେ ବାବୁ ଟଙ୍କାଏ ମସାଏ ଦେବେ; ଦନା-କେତେ ଚଳିଯିବ ଛ ।' ସନଆମା ମୁହଁ ନେଫେଡ଼ ଲମ୍ବେଇ ଦେଇ କହିଲା, ''ଇ, ସୁଆଗ ! ଦବାକୁ ସବୁ ଅନେଇକରି ବସିଚନ୍ତି ଆ । କାହାର ସର୍ବନାଶ, କାହାର ପୂଉସ ।''

ପାଞ୍ଚ କୋଶ ବାଟ, ପହଞ୍ଚିଲା ବେଳକୁ ମୁନ୍ଦ୍ର ବେଳ, ଖରାରେ ହଂସା ଉଡ଼ୁଥାଏ । ଧଡ଼ିଆ ଡାକିଲା "ନାନି, ଏ ଦୋକାନରେ ଆ ଦିଟା ଖାଇ ନେ ।'' ପହଲାମା କହିଲା, "ନାଇଁରେ ଧଡ଼ ! ତୁ ଖାଇବୁ ତ ଖା, ଚଞ୍ଚଳ କର, ଯିବା ପରା —'' ସହର ଦେଖି ପହଲାମାର ହାଲକା ଶୁଖିଯାଉଥାଏ । ଏତେ ଲୋକ, ଗାଡ଼ି ଘୋଡ଼ା ! ଧରିଥାଏ ମେଞ୍ଚାଏ ଧଡ଼ିଆ କଚ୍ଛରୁ; ଆଉ ବାଟ ଚାଲୁଥାଏ । ଧଡ଼ିଆ କହୁଥାଏ, 'ନାନି, କଷ୍ଟ ଛାଡ଼, ଦେଖିଲୁ ଲୋକଙ୍କୁ କେମିତି ଅନେଇଁ ଅନେଇଁ ହସାହସିକା ଯାଉଚନ୍ତି ।' ପହଲାମା ଲଗେଇଥାଏ 'ନାହିଁ ନାହିଁ ଚାଲ ଚାଲ ।'

ଯାଉ ନାଁ ଡାକ୍ତରଖାନା ? କେତେ ଘର ତ ଦିଶୁଚି, କେଉଁଠି ଥିବେ ସେ । ଧଡ଼ିଆ ପଚାରିଦେବା ମାତ୍ରେ ଲୋକେ ହାତ

Digitized by srujanika@gmail.com

ଦେଖେଇ ଦେଲେ । କେତେ ଲୋକ ଯା' ଆସ ଲଗେଇଥାନ୍ତି ସିଆଡ଼େ; ରକମ ରକମ ମଣିଷ, ରକମ ରକମ ପୋଷାକ । ସେଇ ଗୋଟାଏ ପାଖେ ଗାଡ଼ି ଘୋଡ଼ା ଜମାହୋଇଥାନ୍ତି ବେଶୀ, ସତେ କ କଣ ସଭା ସମିତି ହଉଛି ସିଆଡ଼େ । 'ନାନ ଚାଲ୍ ଚାଲ୍' ପହଲ୍ଲାମା ଗୁଡ଼ ଧଉଡୁଥାଏ । ଅଧ ବାଟରେ ଅଟେଇ ଅଟେଇ କହିଲା, "ଧଉ, ପଚାରିଲ୍ ନାହିଁ ଟିକିଏ, ସବୁ ଭଲତ ?" "ହଉ ନାନ, ସେ ଆଗରେ ପଚାରିବା ।" ମୁହଁ ଶୁଖେଇଦେଇ ପହଲାମା ଚାଲିଥାଏ । ବାଟ ମୁହଁରେ ଭିଡ଼ ବେଶୀ, ଖାଲି ବାବୁଭୟା ଲୋକ, ଆମରି କଳାଲୋକଙ୍କ ପରି ତ ଦେହବି ତଥାପି ! କେମିତି ଟିକିଏ ଯାହା ଆମର ନାହିଁ, କଥାସବୁ କେମିତି ଗ୍ୟାଟ୍ ମ୍ୟାଟ୍ ଭୁସ୍ ମିଆଁ ହିଁ । ପହଲାମା କିଛି ବୁଝିପାରୁ ନ ଥାଏ । ଉର୍ଦ୍ଦି ଆଉ ପଗଡ଼ିବନ୍ଧା ଜଣେ ବାବୁ ଥିଲା, ମୁହଁଟା କେମିତି ଗାଉଁଲିଆ, ଖାଲି ନଣକୁ ଯାହା ଓଡ଼ି । ଧଉଆ ତା'ରି ସାଙ୍ଗେ କଥାଭାଷା କରି ବୁଝିଲା, ଏମାନେ ସବୁ ସହରର ସବୁ ବଡ଼ ବଡ଼ ଲୋକ, ପଢ଼ୁଆ ଲୋକେ, ଧନୀ ଲୋକେ । ଏ. ସୀତାନାଥ ବାବୁଙ୍କୁ କେ ନ ଚିହ୍ନେ ସେ । ସେଇଥିପାଇଁ ଏତେ ଏବେ ଭିଡ଼, ଅଘୋରବାବୁଆରି ସମସ୍ତେ ଦେଖିବାକୁ ଆସୁଛନ୍ତି. ଏତେବେଳେ ନ ଦେଖିଲେ ଲୋକେ କଣ କହିବେ ? ସେଇ ସୀତାନାଥ ବାବୁ ହେଲେ ପୁଣି ଭଲହେଲେ କଣ ଭାବନ୍ତେ ? 'ଏ ଅମୁକ ଲୋକଟା ଆସିଲା ନାହିଁ ? ହଉ ଦେଖିବା' ସେଇଥି ପାଇଁ । ସମସ୍ତେ ଟିକିଏ ଟିକିଏ ଗୋଡ଼ ଆଉଁସୁ ଆଉଁସୁ ହାତ ଆଉଁସୁ ଆଉଁସୁ ହାତ ଗୋଡ଼ ଦରଜ ହେଲା, ଫୁଲିଗଲା । କିଏ ଗୋଡ଼ ଧରୁଚି କିଏ ହାତ ଧରୁଚି, କିଏ ଗୋଡ଼ ଆଙ୍ଗୁଠି ଟାଣୁଚି, କିଏ ହାତ ଧରୁଚି, କିଏ ହାତ ପାପୁଲି ଚପୁଚି, ଯାହା ଭାଗରେ କିଛି ନ

Digitized by srujanika@gmail.com

ପଡ଼ିଲା ସେ ହାତରେ ଅଣ୍ଡାକୁ ଅଣ୍ଡାକୁ ପରର ହାତ ଉପରେ ଆଉଁସି ଲାଗିଲା । ଯୋଉ କାନ୍ଦଣା, ଯୋଉ ଦୁଃଖ ପ୍ରକାଶ । ଆହା ହା ହା ହେଉଚନ୍ତି ତ ଏକାଠି ଷାଠିଏ ଜଣ । ବାବୁଙ୍କ ମଥା ବିଗିଡ଼ି ଗଲା । ଶେଷରେ ଡକ୍ତର ସାହାବ ଆସି ହୁକୁମ ଜାରି କଲେ; 'ଯେ ଆସୁଚ ଦୁଆର ମୁହଁ ସେପାଖେ ରହ,' ସେଉଠୁ ଦେଖୁ, ଭିତରେ ପଶିବାକୁ ହେଲେ ଡକ୍ତର ସାହାବଙ୍କ ଅନୁମତି ଦରକାର ।'

ପହିଲିମା ଆଁ କରି ସବୁ ଶୁଣୁଥାଏ । କି କାରଖାନା ଲୋ ମା ଏ ସବୁ ! ମାଇପି ଲୋକର ପିଣ୍ଡ କେତେ ଏ ସବୁ ବୁଝିବ । ଭରସା ବାରପଣ ଛୁଟିଯାଇଥାଏ, ସତେ କଣ ତାଙ୍କୁ ଆଉ ଦେଖିପାରିବା । ମନଟା ଫିକା ପଡ଼ିଯାଇଥାଏ, କେମିତି ମନ ହେଉଥାଏ । ଏଇ ଯେଉଁମାନେ ଏତେ ଯା ଆସ ଲଗେଇଛନ୍ତି ଭିଡ଼ କରୁଛନ୍ତି; ଖାଲି ଭୁଛା ଲୋକ ଦେଖାଣିକୁ । ଏଇମାନେ ସାକ୍ଷାତ ଯମଗଣ, ବେଶ ତାଙ୍କର ଯାହା ହେଉ ।

ସତେ ତ, ଦେଖିଲାବେଳକୁ ସମସ୍ତେ ପିନ', ପ୍ରକୃତରେ କିଏ କାହାର ? ସକାଳଠୁ ସପନ କଥା ମନେପଡ଼ି ବିକଳ ଲାଗୁଥାଏ । 'ନୁଚୁରିଲେ. ମୋ ଟଙ୍କା ତାଙ୍କର ଦରକାର । ମତେ କେହି ଚିହ୍ନନ୍ତି ନାହିଁ କି ପଚାରନ୍ତି ନାହିଁ ।' କୋହ ଉଠୁଥାଏ, ଭୋକ ଶୋଷ ଭୁଲିଯାଇଥାଏ । ସେଇ ବୁଆବାବୁ ଶୋଇଛନ୍ତି ସେ ଘରେ, ଯିବାକୁ ବାଟ ନାହିଁ, ତାଙ୍କ ମୁଣ୍ଡରେ ତା ମଝିରେ ଦୁନିଆଯାକର ଲୋକ, ଦୁନିଆଯାକର କଟକଣା । "ହେ ଠାକୁରେ, ଭଲ ହେଇ-ଯିବେଟି ସେ, କେଉଁ ତାଙ୍କର ଟଙ୍କା ପଇସା ଖୋଜୁନାହିଁ, ଖାଲି—ଶରୀର ନିରୋଗୀ ହେଇଯାଉ—"

Digitized by srujanika@gmail.com

କେତେ ବେଳକେ ଘଣ୍ଟାକ ପରେ—ପଦ୍ମଲମା ମୁଣ୍ଡ ପୋଛି ଖୁଣ୍ଟକୁ ଆଉଜି ଠିଆ ହୋଇଥାଏ । ଭିଡ଼ ଟିକଏ କମିଲା, କଏ ଗୋଟିଏ ସାହାବାଣି ପର ପଦକୁ ଠେଲି ଠେଲି ଆସିଲା । ଧଡ଼୍ଆର ଆଉ ସହାରିବାକୁ ଧୈର୍ଯ୍ୟ ନ ଥାଏ । କହିଲା, "ଆମେମସବୁ ବାବୁଙ୍କ ଗ୍ରାମଲୋକେ, ଟିକଏ କେମିତି ଦେଖା ହେବ ।" ପଦ୍ମଲମା ମୁହଁଟେକ ଚାହିଁଲା । ସାହାବାଣୀ ତା ମୁହଁକୁ ଅନେଇ ରହିଲା । କଣ ଭାବିଲା, କହିଲା—'ଆଜ ପାଟି କରିବ ନାହିଁ ।"

ପଦ୍ମଲମା ଗଲା । ସୀତାନାଥ ବାବୁ ଅନେଇ ଅନେଇ ଶୋଇଥାନ୍ତି । ମୁହଁରେ ରୂଢ଼ ବଢ଼ିଛି ସ୍ୱଳ୍ପସର, ଦେହ ପା ଏତେ ଶୁଖିଲା ଖାଲି ହାଡ ମେଞ୍ଚାଟିଏ, କେଉଁଠା ବନ୍ଧଣା କେଉଁଠା ମଣିଷ ଜାଣିବା ମୁସ୍କିଲ—ତଥାପି ସୀତାନାଥ ବାବୁ ସେ । ତାଙ୍କୁ ନ ଦେଖିଣୁ ପଦ୍ମଲମା ଝର ଝର କାନ୍ଦ କାନ୍ଦନା ଗଲା । ଦେଖି-ଦେଲାମାତେ ଚମକ ପଡ଼ିଲା, ଲୁହ ଅଟକ ଗଲା । କଏ ଏ ? ଏଇ କଣ ସେ ଛୁଆଁବାବୁ ? କାହିଁ ସେ କାଳର ମୁହଁ ଛୁଁଲାକାବ ନାହିଁ ସୁାଙ୍କଠି, ମନେ ମନେ ତୁଳନା କରି ବସିଲା—ସେ ରୂପ ଆଜ ଏ ରୂପ, ସାମଞ୍ଜସ୍ୟ ପାଇଲା ନାହିଁ । ଆଉ କାନ୍ଦ ହେଲା ନାହିଁ, ବକା ପରି ଚାହିଁ ରହିଲା ସେ । ସୀତାନାଥ ବାବୁ ତା' ଆଡ଼କୁ ଅନେଇଲେ ବ ନାହିଁ ।

ହୋସ୍ ହେଲା । ଧଡ଼ି କହିଲା, "ନାନ ଯିବା ନାହିଁ ?" ଦୀର୍ଘ ନିଃଶ୍ୱାସ ପକେଇ ପଦ୍ମଲମା ପଦାକୁ ଆସିଲା, ପୁଣି ଜନତା । ଧଡ଼ିର କଣ୍ଡ ଧରି ସେ ଚାଲିଗଲା ।

ଆହୁରି ଦ ଘଣ୍ଟା ପରେ—ଧର୍ମଶାଳାରେ ହାଲିଆ ହୋଇ ପଦ୍ମଲମା ପଡ଼ିସାଇ ଥାଏ । ବାହାରେ ଘଡ଼ି ହୋଇା ଶୁଭିଲା ।

Digitized by srujanika@gmail.com

ବାଜା ଟମକ ପଟୁଆର ଆଉ ମେଞ୍ଚାମେଞ୍ଚ ଲୋକ । ଧଡ଼ୁଆ ଆସି କହିଲା, "ନାନା ଶୁଣିଲୁଣି ନା, ସୀତାନାଥ ବାବୁ ମରିଗଲେ ଲୋ, ଦେଖିତ ତାଙ୍କୁ ନେଇ ଯାଉଚନ୍ତି ମଶାଣିକି ।" ପଦ୍ମମା ଦୌଡ଼ି ଆସିଲା, ବଡ଼ ବଡ଼ ଆଖି କରି ଅନେଇଲା । ଦୌଡ଼ି ଯାଉଥିଲା, ଧଡ଼ୁଆ ହାତ ଧରି ପକେଇ ବସେଇଦେଲା । କହିଲା, "ବାପ୍ପା ଦେଖିଲୁ, କୁଆଡ଼େ ଯାଉଚୁ ? ଏତେ ଲୋକରେ କେଉଁଠି ହଜି-ଯିବୁ କୁଆଡ଼େ ଖୋଜି ଖୋଜି ବୁଲିବ ତତେ ।

ପଟୁଆର ଗୁଳିଗଲା । ପଦ୍ମମା ମୁଣ୍ଡ ବାଡ଼େଇ ବାଡ଼େଇ କାନ୍ଦୁଥାଏ । ଧଡ଼ୁଆ ବୁଝେଇଲା, "କାହିଁକି ଇମିତି ଅଥୟ ହଉଚୁ ନାନା ! ମଲା ଲୋକ ମଲା, ଗଲା ଲୋକ ଗଲା ଥାଉ । ଆମର କଣ ସେ ? ବଡ଼ଲୋକ ମଲେ ବଡ଼ଲୋକ କାନ୍ଦିବେ, କେବେ ପଇସାଏ ଅଧେଲାଏ ଦେଇଥିଲେ କି ତତେ ? ତୋର କଣ ସେ ?"

କି ଜବାବ ଦିଅନ୍ତା ପଦ୍ମମା, ଧଡ଼ୁଆକୁ ଚାହିଁ କଲା, କାନ୍ଦୁରା ପାଟିରେ କହିଲା, "ଚାଲ ଧଡ଼ୁ, ଗାଁକୁ ଫେରିଯିବା ।"

"ଲେଖିଶିକା ? ଚାଲି ପାରିବୁ ଏତେ ବାଟ ?"

ନାଁରେ ଧଡ଼ୁ, ଚାଲି ମିବାଘର, ଦେଖା ତ ସରିଲା । ମୁଣି ବାଟ, ଏଥର ଗୋଡ଼ ଘରି କାଟୁଥାଏ, ଆଖିକୁ ଆଖି ବାଜୁଥାଏ । ଏଥରକ ସବୁ ଫାଙ୍କା । ଏତେ ବର୍ଷର ଯାହା କିଛି ଥିଲା ସବୁ ଅଜାଡ଼ିଦେଇ ଚାଲିଏ ସହରରେ, ଘୁରିତ ତଳଟା ଫମ୍ପା ଫମ୍ପା । ସେ ନରମାଖୀ, ନଆଣ୍ଡ୍ରା, ନଦରଣ୍ଡା—ବଡ଼ ସହର ଯେମିତି କି ତାକୁ ଥଟ୍ଟା କରି କରି ଠାହି ମାରୁଚି—କାହିଁକି ଦଉଡ଼ି ଆସି-ଥିଲୁ ଏତେ ବାଟ ? କାହାକୁ ଦେଖିବାକୁ ? ସେ ତୋର କଣ କି ? ପାଆ । ମୁଣ୍ଡଟା ବାଉଳା ଧରୁଚି କାହିଁକି, ଆଖିକି ଦିଶୁ ନାହିଁ । ଧଡ଼ୁ କହିଲା, "ନାନା, ହୁସିଆର ।"

—o—

Digitized by srujanika@gmail.com

ଆରୋହଣ

ପିଲାଟି ଦିନୁଁ ଅଭ୍ୟାସ, ଗୋଟାଏ କିଛି ଚଢ଼ିବାକୁ ହେବ ।

ବଂଶଟି ଦେଖିଲେ ଜଣାଯାଏ ଯେଉଁପରିକି ଅଭ୍ୟାସଟା ମୋର ନୁହେଁ; ପୂର୍ବପୁରୁଷମାନଙ୍କର । ସେମାନେ ଆପଣା ଜୀବନ କାଳରେ ଶାନ୍ତ ନ ହୋଇ ପରବର୍ତ୍ତୀ ବଂଶଧରମାନଙ୍କ ଦ୍ୱାରା ନିଜର ଅପୂରଣ ଆଶା ତନତ କରିବାକୁ ମନ ବଳାନ୍ତି, ଦେଇ ଯାନ୍ତି ଗୁଡ଼ାଏ ଅଭ୍ୟାସ । ବସ୍ତୁତଃ, ଅଭ୍ୟାସ ଏବଂ ଗୁଣ ଓ ଆକୃତିର ବଶିଷ୍ଟତା ଛଡ଼ା ପୂର୍ବପୁରୁଷମାନଙ୍କଠୁଁ ମୁଁ ଆଉ କଣ ପାଇଛି ତା ମୁଁ ଜାଣେ ନାହିଁ ।

ଯାହା ହେଉ, ମନେ ପଡ଼ୁଛି କିଏ ଜଣେ ପୂର୍ବପୁରୁଷ ଗଛ ଚଢ଼ିବାରେ ଧୂରନ୍ଧର ଥିଲେ, ବିଶେଷତଃ ସଜନା ଗଛରେ । ଆଉ କିଏ ଜଣେ ଘୋଡ଼ା ଚଢ଼ୁଥିଲେ । ଘୋଡ଼ା ତ ନାହିଁ, ଖଣ୍ଡେ ପୋଥି ରହି ଯାଇଛି, "ଘୋଡ଼ାଙ୍କ ଅଏବ୍" । କିପରି ଚିହ୍ନ ଦେଖି ଘୋଡ଼ା କିଣିବାକୁ ହେବ ତହିଁରେ ଲେଖା ଅଛି । କେବଳ ଲେଖା ନାହିଁ କିପରି ଉପାୟ କଲେ ଘୋଡ଼ା କିଣିବାକୁ ଟଙ୍କା ମିଳିବ । ମେଇଟା ସେତେ ବଡ଼ ନୁହେଁ ବୋଧହୁଏ, ତାହା ଛଡ଼ା ଶାସ୍ତ୍ରରେ ଅନର୍ଥର ମୂଳର ଦୃଷ୍ଟାଂଶ ନାହିଁ ।

ଆରୋହଣ କରିବାର ଉତ୍ତର ଦାୟିତ୍ୱର ବୋଝ ନେଇ ମୁଁ ଜନ୍ମ ହେଲି । ପ୍ରଥମେ କଣ ଚଢ଼ିଥିଲି ମନେ ନାହିଁ; କିନ୍ତୁ ଜ୍ଞାନର ପ୍ରଥମ ଉନ୍ମେଷରେ ମୋର ଉର୍ବର କଳ୍ପନାରେ ଶୋଇବା ଘରର ସବୁ ଯାକ ଚଉକିଆକୁ ମୁଁ ମୃତସଞ୍ଜୀବନୀ ଦେଇ ଘୋଡ଼ା କରିଥିଲି । ଗୋଟିକ ଗୋଟି ଚଉକିଆର ଚୁଟି ଧରି ତହିଁ ଉପରେ

Digitized by srujanika@gmail.com

ଆରୋହଣ କରି ମୁଁ ଯେତେବେଳେ ଘରୁ ଦୁଆର, ଦୁଆରରୁ ଗୋହିରିକୁ ଗତି କରୁଥିଲି, ଆପଣା ତୁଣ୍ଡରୁ ଯେ ଉଦାର ବାଣୀ ଉଚ୍ଚାରଣ କରି ହୁଙ୍କାର ଛାଡ଼ୁଥିଲି, ସ୍ୱର୍ଗର ଦେବତା ଅବଶ୍ୟ ଦେଖିବାକୁ ଆସିଥିବେ । ସେମାନେ ସଂଖ୍ୟାବହୁଳ, ତେଣୁ ମୋର ସ୍ମରଣ ନାହିଁ । କିନ୍ତୁ ମନେ ଅଛି ପଡ଼ଶାମାନେ ସାବାସ୍ ସାବାସ୍ କହି ତାଳି ମାରି ଉତ୍ସାହ ଦେଇଥିଲେ ଏବଂ ଘରର ଲୋକେ ଆକୁଳ ହୋଇ ଆଲୁଳାୟିତ ବେଶରେ ପଛେ ପଛେ ଦୌଡ଼ି ଆସୁଥିଲେ । ସେମାନଙ୍କର ଆଶଙ୍କା ହେଉଥିଲା ବୋଧହୁଏ ଯେ କଳ୍ପଲୋକର ରାଜପୁତ୍ର ପରି ମୁଁ ବି ସ୍ୱାଧୀନ ହୋଇ ଉଡ଼ିଯିବି । ଯାହାହେଉ, ଚକଆ ତକ ଧ୍ୱଂସ ହୋଇଥିଲା, କିନ୍ତୁ ଧ୍ୱଂସ କଣ ? ନୂତନ ସୃଷ୍ଟି ପାଇଁ ତ ।

ଏହାପରେ ଚକଆ; ତହିଁରୁ ଉଚ୍ଚତର ପଦାର୍ଥ, କେତେ କଣ ଚଢ଼ି ଚଢ଼ି ମୁଁ ଏ ପର୍ଯ୍ୟନ୍ତ ଆସିଛି ତାର ହିସାବ କରିବାକୁ ସମୟ ଲାଗିବ । ବର୍ତ୍ତମାନ କେଉଁ ବନ୍ଧୁ ମୋର ଦାଣ୍ଡରେ ଆରୋହଣ କରି ସୁଖ ପାଉଛି । କିଏ ରହି ଯାଇଛି ତିକିର ଲଞ୍ଜରେ, ମୋର ପରିଣତି ଖଣ୍ଡିଏ ଟଳ ଟଳ ଚୌକି ଉପରେ; ସେଇ ମୋର ରାଜସିଂହାସନ । ତାର ପ୍ରାଚୀନ ଦେହରୁ ଖଣ୍ଡିଏ ହାଡ଼ ଗୁଡ଼ିଯାଇଛି, ତାର ଉଦାର କଳେବର ଛାରପୋକ ପ୍ରଭୃତି ଅନେକ ଜୀବଜନ୍ତୁଙ୍କୁ ଆଶ୍ରୟ ଦେଇଛି; କିନ୍ତୁ ଏହି ପ୍ରାଚୀନ ପୀଠରେ ଆରୋହୀ ମୁଁ, ସନାତନ ଦେବଶର୍ମଣଃ ।

କାଗଜପତ୍ର ଯାକ 'ଉପରଙ୍କ' ବଖାଣକୁ ଯାଏ, ଥିଓରେଟିକେଲ୍ ସାର ପ୍ର୍ୟାକ୍‌ଟିକ୍ୟାଲ୍ ଚେଷ୍ଟାକରେଁ । ଉପରଙ୍କ ହସ୍ତାକ୍ଷରକୁ ପ୍ରଶଂସା କରେଁ, ତାଙ୍କର କାମିଜ୍‌ର କାଟ, ଜୋତାର ପାଲିସ୍, ବସ୍ତ୍ରର ମୌଳିକତା ପ୍ରତ୍ୟେକ କଥାକୁ ବିବିଧ ଉପାୟରେ

Digitized by srujanika@gmail.com

ପ୍ରଶଂସା କରେ । କେତେବେଳେ ଝେଜସ୍ଵିନୀ ବକ୍ତୃତାରେ, କେତେବେଳେ ବା ନୀରବ ମୁଣ୍ଡହଲାରେ ଆବେଦନ ଗ୍ରାହୀ ଅଶ୍ଵବୃତ୍ତି ଅବଲମ୍ବନ କରେ ସେଠି ।

କିନ୍ତୁ ଆପଣା ସ୍ଥାନକୁ ଫେରି ଆସିଲାବେଳକୁ ମୋର ଚୌକି ଅପେକ୍ଷା କରିଥାଏ । ଚୌକିତଳର ପ୍ରଜାବର୍ଗଙ୍କର ଆନ୍ଦୋଳନରେ ଯେତେବେଳେ ଦେହର ଚର୍ମ ଓ ମାଂସପେଶୀମାନଙ୍କଠାରେ ନୂତନ ଜାଗରଣ ଆସେ ସେତେବେଳେ ମୁଁ ଘୋଡ଼ା ଚଢ଼େଁ । ତାର ଗୋଟିକିଆ ବା ହାତ ଉପରେ ଦୃଢ଼ ଭରଦେଇ ଜୋର୍‌ରେ ଜୋର୍‌ରେ ଦୁଇ ଗୋଡ଼ ହଲାଏଁ । ମୋର ବାହନ ଘର୍ମାପ୍ଲୁତ ହୋଇ ନାନା ବଚିତ୍ର ଗର୍ଜନରେ ମୋର ମନକୁ ଉତ୍ସାହ ଦିଏ । ନୀରସ ଦରିଦ୍ର ଚାକିରିର ମଜୁରିରେ ମୋର ଆଭିଜାତ୍ୟର ସେତିକି ମାତ୍ର ସ୍ଵାରକ ।

ପୂର୍ବପୁରୁଷଙ୍କର ଅଭ୍ୟାସ । କେବଳ ନୂଆଯୁଗରେ ନୂଆ କଳେବର ।

କିନ୍ତୁ ଗୋଟିଏ ବିଷୟରେ ମନରେ ଖେଦ ରହିଯାଏ ।

ସେ ମୋର ଦୁରାଶା । ସେ ଏ ଯୁଗର ଦାନବ, ମଟରଗାଡ଼ି । ମୋର ସ୍ଵପ୍ନ । ଯାହା ମୋର ଚାକିରି ଟଙ୍କା ବେତନର ବାହାରେ ।

ଦିନଯାକର ଖଟଣି ଶେଷରେ ଯେତେବେଳେ ମୁଁ ଘରକୁ ଲେଉଟେ ମୋର ବଖରାକିଆ ରାଜପ୍ରାସାଦରେ ଦେଖେ ଗୋଟିଏ ଶାବକ ଟ୍ରଙ୍କ ବାକ୍ସ ପେଟ୍ରା ଟିଣି ସବା ଉପରେ ଲୁଗା ବୁଜୁଳାରେ ବସି ଟହ ଟହ ହସୁଛି । ଆରଟି ବାରମ୍ବାର ପ୍ରୟାସ କରୁଛି ଝରକା ଉପରକୁ ସାପେଇବାକୁ ଏବଂ ଗୃହିଣୀ ତାଙ୍କର ପନକ ଉପରେ ଆବେଦନ କରି ମହୋତ୍ସବ ସରେ ମତ୍ତ ଅଛନ୍ତି, ମନରେ ମୋର ଉଦାସ ଜନ୍ମାଏ, ମୋର ମଟରଗାଡ଼ି ନାହିଁ; ଯଦି

Digitized by srujanika@gmail.com

ଥାଆନ୍ତା—! କୈଶୋରର ସ୍ୱପ୍ନ—ଯୌବନର ଆଶା—କେବଳ ଆଶା ମାତ୍ର । କଳ୍ପନାର ଅଞ୍ଜନ ବୋଳହୋଇ ଭୁଇଁ ଚଟାଣରେ ସପଖଣ୍ଡି ପାରି ଆଖିବୁଜି ଘଡ଼ିଏ—ସ୍ୱପ୍ନକୁ ଧରି ଖେଳ ଖେଳେଁ ।

ମୁଁ ବି ନଅାଁ, କେବଳ ଜାକିଣି କାଠ ନୁହେଁ । ମୁଁ ବି ସବାର, କେବଳ ଘୋଡ଼ା ନୁହେଁ । ସଂସାରକୁ ଆସି ଜନ୍ମର ସ୍ୱାର୍ଥକତା ଯୋଗୁ ଅନେକ ଆଶା ଅପୂର୍ଣ୍ଣ ରହିଛି, ଗୋଟାଏ ଗୋଟାଏ ଦୀର୍ଘଶ୍ୱାସରେ ସେଥିରୁ ଗୋଟା ଗୋଟାକୁ ମୁଁ ପାଇଲି କରିପାରେ । କିନ୍ତୁ ମଟର ଗାଡ଼ି—ଜନତାର ପଥ ଆଉ ଆଗରେ ରାଜପଥ ମୋର ଆଭିଜାତ୍ୟର; ଭୁଲିପାରେ ନାହିଁ । ଦିନବେଳେ ପ୍ରାଗୈତିହାସିକ ଯୁଗର ଭଅଁର ପରି, ରାତିରେ ଦୁଇଟି ଉଜ୍ଜ୍ୱଳ ତାରା, ପାଖକୁ ପାଖ ଚାଲିଛି ।

ପଁ ପଁ ପଁ—ବାଟ ଛାଡ଼, ହୁସିଆର ।

ବଡ଼ ଫାଟକ ଖୋଲିଯାଉଛି । ମୁଣ୍ଡରେ ପଗଡ଼ି ଖଣ୍ଡିରେ ନାଳପଟି ଗୁଣ୍ଡରେ ଧଳା ଦାଢ଼ି; ଧାଇଁ ଆସୁଛନ୍ତି ଦରୁଆନ ଚପରାସି, ମୋର ବଶିଷ୍ଟ ଆଭିଜାତ୍ୟକୁ କୁର୍ଣ୍ଣିଶ କରିବାକୁ ।

ପଡ଼ୋଶୀ ଦେଶର ଉପନ୍ୟାସର କାହାଣୀ ପରି ।

ମଟରଗାଡ଼ି ।

ବଗତ ଜୀବନର ଉଦୟଗପଙ୍କ ବେଳରେ ପଢ଼ୁଥିବା ଇଂରେଜୀ କବିତାର ଧାଡ଼ିଗୁଡ଼ିକ ମନେ ପଡ଼ିଯାଏ ।

"ବଡ଼ ଘରର ଦୁଲାଳୀ ପରି,
ପ୍ରାସାଦ କାରାରେ ଏକାକିନୀ
ପ୍ରେମ ବୋଝଇ ପ୍ରାଣର କଟ କଟ
ସାଉଁଳୁଛି ବସି ନିରଜନେ
ପ୍ରୀତିର ଗୀତ ସମ ମିଠା

ଫଗୀଚ ବନ୍ଦେ ଝିର ଝିର
ପ୍ରାସାଦ କାର ପୂରପୂର—”

ମଟରଗାଡ଼—ନଦ ଆଂସେ, ଆଶା ମେଣ୍ଟେନାହିଁ ।

ଆପଣାକୁ ସାନ୍ତ୍ୱନା ଦଏ, ଏ ଜନ୍ମର ଆଶା ପରଜନ୍ମରେ ମେଣ୍ଟା ହେବ ।

ଯଦ ସ୍ୟାଟମ୍ ବମ୍ବର କବଳରୁ ମଟରଗାଡ଼ଜାତ ଖାଇଁ ଥିବ ସେ ଯୁଗର ସଭ୍ୟତାରେ ।

ସେଦନ ଶୂଳଆରୁ ଫେର ଅଭ୍ୟାସମତେ ମୁଡ଼ି ମଣୋହି କରୁଥିଲି, ମୋର ବ୍ୟବସାୟୀ ବନ୍ଧୁ ମୁରଲିବାବୁ ଆସିଲେ । କଣ୍ଟ୍ରୋଲ ବଜାର ହେଲାଦନୁଁ ମୋ ପ୍ରତ ତାଙ୍କ ପୂର୍ବ ସ୍ନେହଂସେ ବାରମ୍ବାର ସ୍ମରଣ କରାଇଦେବାକୁ ଚେଷ୍ଟା ଲଗେଇଥିଲେ । ଆମେ ଦହେଁ ପାଖ ପାଖ ବଖରାରେ ଥିଲୁ ନା ? ପ୍ରତଦନ ସକାଳେ ସଞ୍ଜରେ ଗୁଡ଼ାଖୁ ପାଇଁ ସେ ମୋ କୋଠିକ ଆସୁଥିଲେ । ଅର୍ଥଶାସ୍ତ୍ର ମୋର ବ ଥିଲା; ତାଙ୍କର ବ ଥିଲା ନୁହେଁ ? ବାରମ୍ବାର ମୁଁ ପୂର୍ବଜନ୍ମ ସ୍ମରଣ କର ତାଙ୍କ କଥା ବଶ୍ୱାସକରେଁ; ବଶ୍ୱାସକରେଁ ନାଳନ୍ଦ ତୀର୍ଥରେ ପାଞ୍ଚଶହ ଷାଠିଏ ଜଣଙ୍କଭିତରୁ ସେହି ମୋର ଅତ ଆପଣାର । ଆଜକାଲିମୋର କର୍ମସ୍ଥଳ ତାଙ୍କର ତୀର୍ଥ ହୋଇଛି । ଅନ୍ୟାନ୍ୟ ତୀର୍ଥ କାକଙ୍କପର ସେହ ସେଠିକ ଧାଁଆନ୍ତ,କେବେ ରକ୍‌ସାରେ କେବେ ଘୋଡ଼ାଗାଡ଼ରେ । ସେ ପାଆନ୍ତ ପୁଣ୍ୟ, ମୁଁ ପାଏ ତାଙ୍କର ପ୍ରେମ । ପ୍ରେମଠୁଁ ସାର ତ, ଆଉ କଣ ଅଛି ?

ଦୁଇ ଦୁଇ ପଇସାର ଲେମଞ୍ଚୁସ୍ ପିଲଙ୍କ ହାତରେ ଧରାଇଦେବାରୁ ଦୁହେଁ ଆସି କୁକୁରମାଛି ପର ଲଟିଗଲେ । ହୁକୁମ୍ ହେଲା—

Digitized by srujanika@gmail.com

"ବାପା, ବାବୁ ଆସିଛନ୍ତି । ଚାଲ, ଉଠନା—"

"କୋଉ ବାବୁରେ ?" ବେଶୀ କହିବାକୁ କଣ୍ଠରେ ଜାଗା ନ ଥିଲା ।

"ଚାହିଁ ଦେଖୁନା, ଦେଇଛନ୍ତି ।"

ଧରଣୀ ବର୍ଷ୍ଣର ଲୁଗାର ମୁହଁ ପାଖର ଚିରା ଗୁଡ଼ିକୁ କାନ୍ଧପାଖର ଅନ୍ୟାନ୍ୟ ଚିରାମାନଙ୍କ ଆଡ଼କୁ ସଯତ୍ନରେ ଟାଣି ଧରି ଗୃହିଣୀ କହିଲେ, "ଯାଉନା, ଦେଖିବ କିଏ ସେ ।"

ତାଙ୍କର ପାଚିଲା ପାନପତ୍ର ପରି ଧୀରମୁହଁଟି ଉପରେ ଆଖିଯୋଡ଼ିକ ଉଜ୍ଜ୍ୱଳ ଦିଶୁଥିଲା । କୋଉ ବନ୍ଧୁ କାହାର ? କିନ୍ତୁ ତାଙ୍କର ଆଶାପୂର୍ଣ୍ଣ ମୁହଁକୁ ଅନେଇ ରହି ଭାବିଲି—

ଦାରିଦ୍ର୍ୟ ! ମୁଁ ତତେ ଉପହାସ କରେଁ ।

"ଉଠ ବାପା, ଆସ—"

"କି ସୁନ୍ଦର ନେଳିଆ ମାଛ ବାପା ଦେଖ, ତାର ଲାଞ୍ଜ ଅଛି, ଦେଖୁନ—" ଆଉ ଝୁଆଟି ଲାଞ୍ଜବିଶିଷ୍ଟ ଲେମଞ୍ଜୁସ୍‌ଟି ଛଡ଼େଇବାକୁ ବ୍ୟସ୍ତ । ଗୃହିଣୀ ପୁଣି କହିଲେଣି 'ଯାଉନା—' ବାହାରୁ ଗଳା ଖଙ୍କାରିବାର ନାନାପ୍ରକାର ଶବ୍ଦ ଶୁଭୁଛି ବିଭିନ୍ନ ସ୍ୱର-ପର୍ଦ୍ଦାରେ । ଦାଣ୍ଡ କବାଟ ଫିଟାଇ ଦେଖିଲି—'ବନ୍ଧୁ' ।

ଯେପରି କେତେବେଳୁ ତାଙ୍କୁ ମୁଁ ଅପେକ୍ଷା କରି ବସିଥିଲି । ହଠାତ୍ ଚିତ୍କାର କଲି—"ଆରେ ।"

ସଙ୍ଗେ ସଙ୍ଗେ ପକେଟରୁ ତାଙ୍କର ଓଜନିଆ ସିଗାରେଟ୍ କେସ୍‌ଟି ବାହାର କରି ବନ୍ଧୁ ଗୋଟିଏ ସିଗାରେଟ୍ ମତେ ଦେଲେ, ଆପେ ଗୋଟିଏ ଲଗେଇଲେ । ଦୁଇଟି ଝୁଆ ଆଁ କରି ସିଗାରେଟ୍ କେସ୍ ଦେଖୁଥାନ୍ତି । ପୁଣି ସେ ପକେଟ୍‌ରେ ରହିଲା । ବନ୍ଧୁ କହିଲେ "କାହିଁ, ଆମଆଡ଼େ ଗଲନାହିଁ । କହିଥିଲ ଯେ—"

Digitized by srujanika@gmail.com

ଦେହକୁ ମୋଡ଼ି ହାତରେ ହାତ ରଗଡ଼ି ନମ୍ର ହୋଇ କହିଲି "କାହିଁ ଘର ସମସ୍ତ ! ଯୋଉଁ କାମ—"

"ମୁଁ ଗୋଟାଏ ମଟର କିଣିଛି ।"

"ଏଁ ।"

କେତେବେଳେ ଡଆଁଟାଏ ମାରିଦେଇ ଥକ୍କା ହୋଇ ଆଁ କରି ଠିଆହେଲି ଜାଣେନାହିଁ । ନିଶ୍ୱାସ ଟାଣି ଟାଣି ଗୋଟି ଗୋଟି କରି କହୁଥିଲି—

"ମଟର ! କେବେ କିଣିଲ ? କି ମଟର ?"

ମୋର ସାଧନାରେ ସିଦ୍ଧି ପାଇଛି ଏ, ଯେତେବେଳେ ବନ୍ଧୁ ତ ।

ମୋର ଦାଣ୍ଡ କବାଟ ଆଗରେ ପଡ଼ି କେଉଁଦିନୁଁ ଖଣ୍ଡେ ଗଣ୍ଡି ଗଣ୍ଡିଆ ମୁଣ୍ଡି କାଠ ପଡ଼ିରହିଥାଏ । ପଡ଼ିଶା ଘରର କୋଠାକାମ ପାଇଁ ଆସିଥିଲା । ସେଥିରେ ବଡ଼ ବଡ଼ ଛତ୍ର ଫୁଟେ । ସେ ମୋର ବସାଘରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରେ । ସମସ୍ତ ସମୟରେ ମୋର ପିଲାମାନେ ତାକୁ ଆରୋହଣ କରିଥାନ୍ତି ଏବଂ ମୁଁ ତାହାର ଆଡ଼କୁ ଆଙ୍ଗୁଠି ଦେଖାଇ ମୋର ଅଭ୍ୟାଗତମାନଙ୍କୁ ଆଗ୍ରହରେ କହେ 'ବସନ୍ତୁ ବସନ୍ତୁ ।' ତାହାର ଆଡ଼କୁ ବନ୍ଧୁଙ୍କୁ ବାଟ କଢ଼ାଇ ନେଇ ଆପେ ବସିପଡ଼ି ଅନର୍ଗଳ ପ୍ରଶ୍ନ କରିଗଲି ମଟର ବିଷୟରେ ଏବଂ ବନ୍ଧୁଙ୍କର ମତାମତକୁ ଅପେକ୍ଷା ନ ରଖି ଉପନ୍ୟାସରୁ ବା ଜନଶ୍ରୁତିରୁ ଗୋଟାଇଥିବା ଓ ସେ ବିଷୟରେ ମୋର ଅଭିଜ୍ଞତା ବଖାଣି ବସିଲି । ମୋର ମନେ ଥାଏ ଚୋରମାନେ ଡେସଲର୍ ଚଢ଼ି ପଳାଇଲା ବେଳେ ଡିଟେକ୍ଟିଭ ଧାଏଁ ବେଣ୍ଟଲିରେ । ରାଜାମାନେ ରୋଲ୍ସ୍ ଚଢ଼ି ବିହାର କରନ୍ତି । ଯାତ୍ରୀବାହୀ ମଟରମାନଙ୍କର ମେସିନ ସେଭ୍ରଲେ ଏବଂ 'ଫୋର୍ଡ'

Digitized by srujanika@gmail.com

ତିଆରି ହୁଏ ବେଙ୍ଗବାବୁଙ୍କ କାରଖାନାରେ ବା ଅମର୍ଷି କାରଖାନାରେ । ସବୁ ମନେ ଅଛି, ଭୁଲି ନାହିଁ ଭୁଲିନାହିଁ । ବନ୍ଧୁ ମୋର ମଟର କିଣିଛି, ମୋ ବଳିଆ ଘୋଡ଼ାର ନଶ ଉଠିଛି । କି ଆନନ୍ଦ ! ଚବିଶ ଘଣ୍ଟା କଣ ନିଜେ ଚଢ଼ି ବୁଲିବ ? ମାଗିଲେ ଦେବ ତ ଟିକିଏ !

ମୋର ମନୋରଞ୍ଜନ ପାଇଁ ବିନା ଆପତ୍ତିରେ ବନ୍ଧୁ ମଧ୍ୟ ସେହି କାଠ ଗଣ୍ଡିଟିକୁ ଆଶ୍ରେ କରି ବସି ପଡ଼ିଲେ । କଣ ବା କରନ୍ତେ ? କଣ୍ଟ୍ରୋଲ ବଜାର, ସାଧନ ପଥ ବଡ଼ ଦୁର୍ଗମ । ତାଙ୍କର ସଦା ପ୍ରସ୍ତୁତ ହସଟି ହସି ବକ୍ତୃତି ଦେଲେ,

"ଖଣ୍ଡେ ମରିସ୍ ଗାଡ଼ି ।

ଅବଶ୍ୟ ଟିକିଏ ପୁରୁଣା । ମାନେ, ରନ୍ ଟିକିଏ ବେଶୀ କରିଛି । କିନ୍ତୁ କଣ ହେଲା, ଘୋଡ଼ା ବଳୁଆ ଇଞ୍ଜିନ୍, ଅଶ୍ୱଶକ୍ତି କଣ ଊଣା ? ବଡ଼ କଷ୍ଟରେ ମିଳିଲା, ଭଲ ଗାଡ଼ି ବୋଲି ସମସ୍ତେ ତାକୁ ଆଖେଇ ଥିଲେ । କଥା କଣ କି, ଆଗ ସେ ଗାଡ଼ିଟି ବିଲାତରୁ ମଗେଇ ଥିଲେ—ରଜା, ତାପରେ ତାକୁ ସାହେବ 'ଶାସକ' କିଣିଲେ । ସେ ଯୁଦ୍ଧକୁ ଗଲାବେଳେ ଜଙ୍ଗଲ କାଣ୍ଟ୍ରାକ୍ଟି ତାକୁ କିଣିଲେ । ତା ପରେ ସହର ବାଟରେ ବୁଲି ମୋ ପାଖକୁ ଆସିଛି ।"

ଏହି ଦୁର୍ଲଭ ଗାଡ଼ିଟି ପ୍ରତି ବର୍ଣ୍ଣନା ଶୁଣି ମୋର ମନ ଟାଣିଥିଲା ବୁସିଫ୍ୟାଲସ୍ ଏ ଯୁଗରେ ଜନ୍ମିଥିଲେ କଣ ହୋଇଥାନ୍ତା । ମନେ ପଡ଼ିଲା, ନାକ ଭିତରୁ କିଏ ଯେପରି କହୁଛି—

"Bucephalus Bucephalus was a horse. A horse has four legs"

ସେହି ଲିଜକ୍ କ୍ଲାସ୍ ।

Digitized by srujanika@gmail.com

ସେଇଠୁ ବନ୍ଧୁ ସନ୍ଧତ ମୋର ମମତା । ଆତୁର ସାମ୍ନାରେ କଏ—

ଚନ୍ତା ଆଗେଇ ଗଲ ।

ବନ୍ଧୁ କହୁଛନ୍ତି ପର "ମଝର କଣିବାକୁ ବାଧହେଲ ଭାଇ! ମିଥ ସାହେବ ଗସ୍ତରେ ଯାଉଛନ୍ତି । ଅନ୍ୟମାନେ ପ୍ରତଯୋଗିତା କରୁଛନ୍ତି । ଉପାୟ ନ ଥିଲ ଯେ ମୁଁ ତାଙ୍କର ଦରକାରରେ ଆସି ପାରବ । ତାପରେ– କେତେ ଆଉ ଦଅନ୍ତ ବସି ଗାଡ଼ଭଡ଼ା; ଯୋଉ ବଜାର ।

ହୁଁ, ତୁମର ବ କଣ ଦରକାରରେ ଆସିବ ନାହିଁ ? ଦଶଟ କ ଝୁଲଣ କ ବାପୁସ୍କୋପ୍ । ଯେବେ ଇଚ୍ଛା ହେଲେ ଟିକଏ ବୁଲ ଆସିବାକୁ । ଚ୍ଲ ଥରେ ।

ସମ୍ପାଦନା ଏକୁଟିଆ ଫଗଲ ପାଗଲ ନାହିଁ, ଭତରକୁ ଗଲ ।

"ଏ ସ୍ୱା'ବୋଉ ! ଶୁଣିଲଣି, ମୁରଲିବାବୁ ମ—"

ସ୍ୱା- ବୋଉ ପ୍ରଶ୍ନକ୍ଷ୍ୟମାଣା । କହ୍ହଲ "ପାନ ଦଉନ ?"

"ସେ କଣ ଯିବାକୁ ବାହାରିଲେଣି ?"

"ହଁ, ଆଉ କଣ ପାନ ଖଣ୍ଡକ ପାଇଁ ବସିଥିବେ ?"

ହସିହସି ସେ ପଚ୍ଚରଲେ, "କୁଆଡ଼େ ଆସିଥିଲେ ମ"—

"ସେ ସବୁ ସରକାରୀ କଥା, ତୁମେ ବୁଝିପାରବ ନାହିଁ ।"

"ଲୁଗାପଟା ନାହିଁ, ବଜାରକୁ ଯାଇଥାନ୍ତ ତବ ! ତମ କାମିଜ୍ ଚର ଗଲଣି, ଆଉ ଖଣ୍ଡେ କରବ କହୁଥିଲ—"

ଗମ୍ଭୀର ହୋଇଗଲ । ଏ ମତେ ଭୁଲଇବାକୁ ଚ୍ହେଁ । ନାଗ—ଛିଃ ।

Digitized by srujanika@gmail.com

କହିଲି "ସେ ସବୁ ବାଜେ କଥା ଗୁଡ଼, ମୁରଲୀବାବୁ ଖଟେଣି ମଝରେ କଣିଛନ୍ତି ।"

"ଓଃ ସେଇ କଥା କହିବାକୁ ଆସିଥିଲେ ?"

"ଭଲ ହେଲା ନାହିଁ ? ଯେତେବେଳେ ମନ କରିବ ମାଗି ଆଣିବା । ସେତ ମୋର ସାଙ୍ଗ; କହିଲେ ପଠେଇ ଦେବେ । ପୁଷ୍ପ ଯିବା, ଭୁବନେଶ୍ୱର ଯିବା, କହିବ ଯଦି ତୁମ ଗଞ୍ଜାମ ବି ଯାଇ ପାରୁଁ କେବେ—"

"ହଉ ଥାଉ ଥାଉ; ଘର ଗଣ୍ଡାକ ନକେଇ ହୋଇଯିବ;ମୁଁ ଯାଏଁ । ସକାଳୁ ମଣିଷର ଆଉ କଣ୍ଟ କାମ ନାହିଁ; ଖାଲି କଏ ମଝରେ କଣିଲା, କଏ କଣ କଲା—"

"ପାନ ?"

ମୁହଁ ଫଣ ଫଣ କରି କହିଲେ "ତୁମେ କଣ ମଠରେ ଖାଇ ଖଟରେ ଗଡ଼ୁଛ କି ? ନିଜେ ତ ଜାଣ ଘରେ ଗୁଆ ନାହିଁ, କୋଉଥିରେ ପାନ ଭର୍ତ୍ତି ବୋଲି ଲଗେଇଚ କହିଲ ?"

ଦାଣ୍ଡକୁ ଯାଉ ଯାଉ ଶୁଭିଲା, ପିଲାଟାକୁ ପିଟୁଛନ୍ତି । ପିଲା କାନ୍ଦିଲା । ଗର୍ଜୁଚନ୍ତି 'ନିଆଁ ନଗା ଚୁଆ, ଯୋଉଥିରେ ମନା କରିବ ସେଇଥିରେ ଲାଗିବ ।"

ଚଦାକୁ ଆସିଲି । ହସି ହସି କହିଲି, "ବୁଝିଲନା ମୁରଲୀ ! ଗୁଆ ନାହିଁ ବୋଲି ପାନ ଖଣ୍ଡେ ଦେଇପାରିଲି ନାହିଁ, କଣ କରିବ କହ ।" ମୁରଲୀ ହସିଲା, କହିଲା— "ସେଥିପାଇଁ ଭାବୁଛ ! କଣହେଲା, ଥାଉ ।'ଆଉ ଖଣ୍ଡେ ସିଗାରେଟ ଲଗେଇ ମତେ ଯାଚିଲା । 'ନାହିଁ ଭାଇ, ନାହିଁ ଭାଇ' କହି ସିଗାରେଟ୍ ଖଣ୍ଡେ ନେଇ ଲଗେଇଲି ।

କେଉଁଠି କଣ ମାଡ଼ା ପଡ଼ ଯାଉଛି ।

ଭିତରୁ ପିଲାଟା କାନ୍ଦୁଛି ।

Digitized by srujanika@gmail.com

ତାର ଆପଣା ବିଷୟୂରେ ସାମାନ୍ୟ ତଥ୍ୟ କେତେକ ଆବିଷ୍କାର କରିବା ପରି ମତେ ଦେଇ ହଠାତ୍ ମୁରଲି ତାର ବାଁ ହାତ ଚକଟି କୁଣ୍ଡେଇ ହେଲା । ସିଲ୍‌କ ପଞ୍ଜାବୀ ଅଳ୍ପକେ ଉଠିଗଲା ସେଇଁଠି ତାର ସୁନାଘଣ୍ଟା ବନ୍ଧା ହୋଇଥାଏ ସେଇଠି । କୁଣ୍ଡେଇ ହେବା ଶେଷ କରି କହିଲା, "ଯାଏଁ, ଟିକଏ ମିଷ୍ଟର ସାହେବଙ୍କ ବସାକୁ ଯିବାକୁ ପଡ଼ିବ । ଉପର ଓଳ ଆସିବ ?"

ସେ ଦିନ ରବିବାର । ମନର କଥା ଭାବିବାକୁ ଓ ମୁରଲୀ କଥା ଭାବିବାକୁ ସମୟ ମିଳିଲା ବହୁତ । ଗୃହିଣୀକ କହିଲ "ଅକାଳେ ସକାଳେ ବନ୍ଧୁ କୁଣିଆଁ ଆସିବେ ଯେ ପାନ ଖଣ୍ଡେ ଦବ ନାଇଁ । ଏମିତି ଅଲକ୍ଷଣା କଥା ସହୁଚ ବୋଲି ତ ଲକ୍ଷ୍ମୀ ଛାଡ଼ି ଯାଉଚି, ଆଧାର ଜୁଟୁ ନାହିଁ, ବୁଝିଲ ।"

"କଣ ମୁଁ, ଆଜ ଘରେ ରହିଚ କଜିଆ କରିବାକୁ ନା କଣ ମୁଁ, ସକ୍‌କାଳୁ କଣ ନା ଅଲକ୍ଷଣା—"

"ତମେ ତ ଶ୍ରୀ ଅକ୍ଷର ହିବର୍ଜିତା, ଅଲକ୍ଷଣା କହିଲ କ ସୁଲକ୍ଷଣା କହିଲ ବୁଝିବ କାହୁଁ ! ତଥାପି ସେ ଉତ୍ତର ଦେଲେ ନାହିଁ ।

ଫେର୍ କହିଲ "ବୁଝିଲ, ଏମିତି ଶ୍ରେଷ୍ଠ ଲୋକ ପଣିଆରେ ତମେ ଆମ ଘର ନାଁ ବୁଡ଼ୋଉଚ । କଣ କରିବ, ତୁମ ବାପ ଅଜା ସେମିତି ।"

ଏଥର ଶବ୍ଦ ଆହ୍ୱାନ ଶୁଣିଲ । ଗର୍ଜନକରି ସେ ପାଟିକଲେ "ସତେତ ଏମିତି କହିଲବାଲା—ଖଣ୍ଡ କହିଲବାଲା । ଜୁଲ ନ ଲାଗଲେ ଚୂଲି ଲାଗିବ ନାହିଁ ଫେର୍;ମୋ ବାପ ଅଜା ଉଦାଳ୍ପତ । ସ୍ୱାଂକ ଘର ! ଅଲକ୍ଷଣା ଘର — "

Digitized by srujanika@gmail.com

‘‘ଆମ ଘର ଭଙ୍ଗା ହେଲେ ବି ତାର ଭଙ୍ଗା କବାଟ ତମ କୋଠାଠୁ ବେଶୀ ଦାମ । ମନେ ରଖ ତମେ ସେଠି ଘୋଡ଼ାଶାଳ ନାଣ୍ଡୀ ହେବାକୁ ଉପଯୁକ୍ତ ।’’

ଲାଗି ରହିଲା ଆମ ଦୁହିଁଙ୍କ ମଧୁର ସମ୍ବୋଧନ ବହୁତ ବେଳ ପର୍ଯ୍ୟନ୍ତ । ଏଇ ଆମ ରବିବାରିଆ ଗପ--ପ୍ରାୟ ହିଁ ହୁଏ ।

କାହିଁକି ଯେ ମୁଁ ଦୁଗୁଣେଇ ହୋଇ ଏପରି କଳମଞ୍ଜି ଫୋପାଡିବାରେ ଲାଗିଥିଲି ଜାଣି ନାହିଁ; କିନ୍ତୁ ଏହାର ପରିଣତି ମୁଁ ଜାଣେଁ । ବୋଧହୁଏ ନୀରସ ଜୀବନରେ ବିଚିତ୍ରତା ଆଣିବା ପାଇଁ ଏହିପରି ଉଦ୍ଧାପକ ଅନୁପ୍ରାସ ଆବଶ୍ୟକ ପଡ଼େ, ନୂତନ ରୂପ ଯେନ ସେ ଅବତାର ହୁଅନ୍ତୁ, ମନ୍ଦ ଲାଗେ ନାହିଁ । କିନ୍ତୁ ଆଜିର ଏ ଘଟନାର ମୂଳରେ ଥିଆ ହୋଇ ଥିଲା ବନ୍ଧୁ ମୁରଲୀର ମଟର ଗାଡ଼ି ।

(୩)

ଚାରିଟା ନ ବାଜୁଣୁ ମୁଁ ବାହାରି ପଡ଼ିଲି; ମୁରଲୀର ଅନୁରୋଧ ରକ୍ଷା କରିବାକୁ ପଡ଼ିବ । ନ ହେଲେ କାଳେ ସେ ମନରେ କଷ୍ଟ କରିବ । ଆଜ ମନେ ହେଲା, ମୁରଲୀର କଷ୍ଟ ମୁଁ ସହି ପାରିବ ନାହିଁ; ଯିବାକୁ ହେବ ।

ବାଟରେ ପ୍ରତ୍ୟେକ ମଟରକୁ ମୁଁ ନଜର କରି କରି ଯାଉଥିଲି । ଆଜ ପୁଣି ମଟରର ନିଶା ମୋତେ ଭଲ କରି ଧରିଛି । ଅଳସ ହୋଇ ଅନେଇ ଅନେଇ ଯିବାକୁ ପ୍ରଚୁର ବେଳ ଅଛି । କାରଣ ଘରେ ଯେଉଁ ସମ୍ବନ୍ଧ ମୁଁ ଲଗେଇଦେଇ ଆସିଛି ସେଥିରେ ଆଜିକ ସକାଳେ ଅନ୍ତତଃ ତାଙ୍କର ଫର୍ମାସିରୁ ରକ୍ଷା ମିଳିବ । ‘କଅଁଳିଆ ଖଡ଼ା ପଡ଼ିଥିବ ଆଣିବ, ଧୂଆଁପତ୍ର ଆଣିବ ଗୁଣ୍ଡି ହେବ; ଛୁଞ୍ଚି ଭାଙ୍ଗି ଯାଇଛି’—ସତେକି ଖଡ଼ାଠୁ ଛୁଞ୍ଚି ପର୍ଯ୍ୟନ୍ତ ଏକାଠି ଛନ୍ଦି ରଖିଛି ଗୋଟିଏ ଦୋକାନରେ କିଏ ?

Digitized by srujanika@gmail.com

ତାଙ୍କର କଳ୍ପନା ନାହିଁ ।

ଯାହା ହେଉ ଆଜ ସେ ବିପଦ ନାହିଁ ।

ମଟର ପଳେଇଛି—ଉଡ଼ି ଯାଉଛି କିଛି କାଳ କାଳ ପାଇଁ ତାର ଗତିଶୀଳ ରଂଗ, ତାର ଶବ୍ଦ, ତାର ଧୂଳି ।

ବନ୍ଧୁଘର ପାଖ ହୋଇ ଆସୁଛି ।

ଚଢ଼ିବା ଆଗ୍ରହ ଉଦ୍ଦାମ ହୋଇ ଉଠୁଛି । ଏଇ ମୁହୂର୍ତ୍ତ ପାଇଁ ମୋର ଜନ୍ମ, ମୁହୂର୍ତ୍ତକର ବଡ଼ପଣ ହେବ ମୋର । ଉପରକୁ ଉଠି ତଳେ କଲବଲ ହେଉଥିବା ମଣିଷଦଳଙ୍କୁ ଚାହିଁ କପରି ହେବ ମୋର ଆତ୍ମପ୍ରସାଦ ! ଆଗୁସାର ହେବା ନିଶା । ଗୋଠରେ ନ ରହି ଧାଇଁ ପଳାଇବାର ସୁଖ, ଉଚ୍ଚ ପିଢ଼ା ଦେଖି ବସିବାର ଗର୍ବ, କୋକିଳ ପରି ଭାଷିବାର ଆନନ୍ଦ, ଗତିର ମୁକ୍ତି, ସବୁ ଏକାଠି । ପୂର୍ବପୁରୁଷଙ୍କ ସଂକେତ ଅନୁଭବ କରୁଛି ରକ୍ତର ଅଣୁ ଭିତରେ ମୋର ଆଗକୁ ଆଗକୁ, ବନ୍ଧୁ ଅପେକ୍ଷା କରିଥିବ ।

ବନ୍ଧୁ ଘରର ହର୍ମ୍ୟ ଆଗରେ ପ୍ରଶସ୍ତ ରାଜପଥ ଲମ୍ବି ଯାଇଛି ଅତୀତରୁ ଭବିଷ୍ୟତ୍ । ବିଶାଳ ବୋଧିଦ୍ରୁମ ସେଠି । ଦୂରରୁ ଦିଶୁଛି ମୋର ବନ୍ଧୁର ପରିଚୟ ପତ୍ର ପରି ବିରାଟ ସେଇ ଧ୍ୱଜ ବା ଝଣ୍ଡା ଦୋଦୁଲ୍ୟମାନ—ପ୍ରାପ୍ତ ପଦ୍ମଞ୍ଜଳି ।

କିନ୍ତୁ ଏ କଣ । ରାସ୍ତାରେ ଏତେ ଭିଡ଼ କାହିଁକି । ଗୋଟିଏ ମଟର ଗାଡ଼ିର ପିଠି ଦିଶିଲା । ପାଖକୁ ଆସିଲି । ଜନତା ବ୍ୟୂହ ଭେଦକରି ନିକଟକୁ ଯାଇ ଦେଖିଲି ସ୍ୱୟଂ ବନ୍ଧୁବର ମଟର ଦେବତାଙ୍କୁ ପ୍ରଣିପାତ କରିବା ଭଙ୍ଗୀରେ ତାର ମୁହଁପଟେ ପ୍ରଲମ୍ବ ହୋଇଛନ୍ତି ଏବଂ ମଟରର ନାକ ତଳେ ଦୁଇ ହାତରେ କଣ ଯେପରି ଆବିଷ୍କାର କରୁଛନ୍ତି । ତା'ଙ୍କ ମନର କଥା ଅନୁମାନ କରି ପାରିଲି, 'ପ୍ରସୀଦ ଦେବୀ ପ୍ରସୀଦ । ପଛଆଡ଼େ ଆଉ ଦୁଇ ଜଣ

Digitized by srujanika@gmail.com

ଜଣ ଯୋଦ୍ଧା ଲଗିଛନ୍ତି । କିଏ କହୁଛି 'ପୁଙ୍କ ପୁଙ୍କ' । ଆଉ ଜଣେ—'ଠମ୍ ମାର' । ପୁରୁଷ କଣ୍ଠରେ ଅନ୍ୟ କିଏ କହୁଛି, 'ଠେଲ ଦିଅ ଟିକିଏ, ଠେଲଦିଅ' । ପ୍ରଶସ୍ତ ରାଜପଥ ଉପରେ ଯେଉଁଠି ଜନତାର ସମାନ ଦାବୀ । ଆମ ସହରରେ ସଚରାଚର ଏପରି ଚମକପ୍ରଦ ଦୃଶ୍ୟ ବିରଳ ଅଟେ । ତେଣୁ ସନ୍ଧାନୀ କେତେ ବୃଦ୍ଧଆଡ଼େ ବେଢ଼ିଛନ୍ତି । ଛକ ଉପରୁ ଫାଙ୍କା ଘୋଡ଼ାଗାଡ଼ି ଆସି ଅଟକି ରହୁଛି । କଚୁଆନମାନେ ମୁଗ୍ଧ ଦୃଷ୍ଟିରେ ଗାଡ଼ି ଉପରୁ ଚାହିଁ ଦେଖୁଛନ୍ତି । ରିକ୍ସାବାଲା, ଇସ୍କୁଲ୍ ଫେରନ୍ତା ଛାତ୍ର ଏବଂ ସମସ୍ତିଙ୍କ ସହିତ ମଫସଲିଆ ଭାଇ କେତେ ଜଣ; ପିଠିରେ କାଠ ବୁଜୁଳି ଆଦି ଗାଏମୋଟ ହୋଇଛି । କାହା କାହା ବୁଜୁଳାରୁ ସଜନାଛୁଇଁ ଉଙ୍କି ମାରି ଝଣ୍ଟୁଛି ତ କାହା ବୁଜୁଳାରୁ ଖଡ଼ା; ସହରର ବିଶିଷ୍ଟ ଖବର ସଂଗ୍ରହ କରି ନେଇ ଆମ୍ଭ ଗ୍ରାମ ଲୋକମାନଙ୍କ ଆଗରେ ବଖାଣନ୍ତି ଯେଉଁମାନେ ସେମାନେ । ମୋଟାମୋଟି ଦେଖିବାକୁ ଗଲେ ସମାଜର ସମସ୍ତ ପ୍ରତିନିଧି ଏକାଠି ହୋଇଛନ୍ତି, ଉତ୍ସାହ ଦେଉଛନ୍ତି, ମନ୍ତ୍ରଣା ଦେଉଛନ୍ତି, ସଦୁପଦେଶ ଦେଉଛନ୍ତି ଆଗ୍ରହରେ ।

'ଠେଲ' 'ହୁଁ'' 'ହାଣ୍ଡିଲ୍' 'ଧମ୍ ।'
ଆପେ ଆପେ ମୋ ଭୁଣ୍ଡି ହୁଗୁଳି ଫିଟି ପଡ଼ିଲା—'ବାଃ'
କିଏ ଜଣେ କହିଲା "ବାବାରେ ଆଲୁଅ—"
ତାଳିମାରି ଜନତା ତାହା ସମର୍ଥନ କଲେ ।

ଏଥର ବଂଧୁ ଉଠିଲେ । ରାସ୍ତାର ଧୂଳି ପୃଷ୍ଠରେ ଲାଗିଛି । ସେଥିରେ ବା କ୍ଷତି କଣ ? ଐତିହାସିକ ସହରର ପ୍ରସିଦ୍ଧ ଧୂଳିକଣା; ତାର ପ୍ରତ୍ୟେକ ଅଣୁ ପବିତ୍ର, ଅତି ପବିତ୍ର । ବଂଧୁବର ଉଠିପଡ଼ି ହେରେରେକାର କରି ଗୋଟିଏ ଆଡ଼େ ଗୋଡ଼ାଇ ଗଲେ; କହିଲେ

Digitized by srujanika@gmail.com

"ବାବାରେ ଆଲୁଅ କଣ ? ମଟର କଣ ଖରାପ ହୁଏ ନାହିଁ ?"
ଥୋଡ଼ାଏ ଲୋକ ପାଗଳ ପଡ଼ିଗଲେ । କରୁଆନମାନେ ମୁଣ୍ଡ ହଲାଇ କହିଲେ, "ଅଲବତ୍ ଅଲବତ୍ । କୋଶିଶ୍ ଲଗାଅ ବାବୁ, ଗାଡ଼ି ଚାଲିବ ଯେ--"

ତାପରେ କେମିତି ମୋ ଆଡ଼କୁ ଦୃଷ୍ଟି ପଡ଼ିଗଲା । ଅପ୍ରସ୍ତୁତ ହୋଇ ବଂଧୁ କହିଲେ "ଆରେ ସନାତନ କେତେବେଳେ ଆସିଲ ? "

କହିଲି "ମୋଟିଁ ସମସ୍ତ ନଷ୍ଟ କରନାହିଁ । ଏଇ ମଟର ତ ।"

କହିଲେ "ହିଁ । ଏଇ ମଟର ଟିକଏ ଅଡ଼ୁଆ ହୋଇଗଲା କିନା; ସେ କିଛି ନୁହେଁ ।"

ମୁଁ କହିଲି "ନା, ସେ କିଛି ନୁହେଁ ।"

"କଣ୍ଡିଶନ ବଡ଼ ଫାଷ୍ଟ କ୍ଲାସ୍ ଅଛି ।"

"ଅବଶ୍ୟ । ଚକ୍ ଚକ୍ କରେଇ ନେବାକୁ କେତେ ବେଳ ଲାଗିବ ବା—"

ସେ କହିଲେ "ବାହାର ଚକ୍ ଚକ୍‌ରେ କଣ ଥାଏ, ଥରେ କାରଖାନାକୁ ନେଲେ ନୂଆ ହୋଇଯିବ । ତେଇ ମେସିନ କେଉଁଠେ ଦମ୍ଭ ଦେଖ ।"

ଦେଖି ପାରିଲି ନାହିଁ ମେସିନ କେଉଁଠି; ମୁରଲୀ ବାବୁ ଯେଉଁଠି ହାତ ମାରୁଥିଲେ ନା ଅଦ୍ୟାପି ଯେଉଁଠି ପିଟାପିଟି ଚାଲିଛି । ଗମ୍ଭୀର ହୋଇ ମୁଁ କହିଲି "ଏପରି ମଡେଲ୍ ମୁଁ କେଉଁଠି ଦେଖି ନାହିଁ ତ—

"ଠିକ କହୁଛ, ଆଜକାଲି ମଡେଲ୍ ଗୁଡ଼ାକ ଫମ୍ପା, ଠକାମି । ଏ ପୁରୁଣା ମଡେଲ୍, ବଡ଼ ।"

Digitized by srujanika@gmail.com

"ସ୍ୱଜା ସିଧା ବଲ୍ଟରୁ ମଗେଇଥିଲେ ନା, ସେଇଥିପାଇଁ ।
ମୁଣ୍ଡ ହଲେଇ ସେ କହିଲେ—'ହଁ' ।
ପଚାରିଲି "ଆଉ କେତେ ବେଳ ଲାଗିବ ।"

"ବେଶୀ ନୁହେ ବୋଧହୁଏ, ପ୍ରାୟ ସରି ଆସିଲାଣି ।" ପୁଣି ସେ ବ୍ୟସ୍ତ ହେଲେ । ଭାବିଲି, ମଟରଟାର କଣ ଗଢ ନାହିଁ, ସେ କଣ ନିର୍ଜୀବ ହେଲାଣି । କେତେ ଆଉ କେଞ୍ଚାକେଞ୍ଚି ଭୂଷାଭୂଷି ଚାଲିଛି; ତଥାପି ସେ ଚଳୁ ନାହିଁ । ଯେପରିକି ତାର କର୍ମରେ ଲେଖାଥିଲା ଏହି ବରଗଛମୂଳେ ତାର ନିର୍ବାଣ ପ୍ରାପ୍ତି ।

କାନଫୁଙ୍କା କାନମୋଡ଼ା ଚାଲିଥାଏ, ଗୋଟିଏ ମାଲ୍ ଲରି ଅଟକିଲା । ତାହା ଡ୍ରାଇଭର୍ । ମୁରଲୀର ଅନୁରୋଧରେ ପରୀକ୍ଷା କରି କହିଲା "ରହ ମୁଁ ସଜାଡ଼ ଦେଉଛି ।' ଉପାୟ ସେ କଲା ବୋଲି କହିଗଲା, ଆପଣା ଗାଡ଼ି ଧରି ବାଟ ଦେଖିବା ଆଗରୁ ଉପଦେଶ ଦେଇଗଲା—'ଠେଲ ।'

କିନ୍ତୁ ଠେଲିବ କିଏ । ଏଣୁ ଡ୍ରାଇଭର ନାମ ଶୁଣୁ ଶୁଣୁ ଜନତା ଅଦୃଶ୍ୟ ହେଲେଣି । ସନ୍ଧ୍ୟା ଆଗତ ପ୍ରାୟ । ହସି ହସି ମୁରଲୀ କହିଲେ —

"ଟିକିଏ ଡେରି ହୋଇଗଲାଣି, ନୁହେଁ । ମଟରଟା ଚାଲିଲେ ତୁମକୁ ସାଙ୍ଗରେ ନେଇଯିବି ଭାବିଥିଲି । ବାଟରେ ଗୁଡ଼ ଦେଇ ମିଶନ ସାହେବଙ୍କ ଘରକୁ ଯାଇଥାନ୍ତି । ଆଉ ଅଳ୍ପ ଟିକିଏ ବେଳ ଲାଗିବ; ତୁମେ କଣ ତରତର ହେଉଛ !"

କଟ କାଟ ଦେଢ଼କୋଶ ବାଟ ଚାଲି ଚାଲି ଏତେ ଦୂର ଆସିଛୁ, ସେତିକି ଦୂର ଖୋଜ ଗଣି ଗଣି ଫେରିଯିବାକୁ ପଡ଼ିବ । ସୁତରାଂ ତରତର ହେବାର କାରଣ ନାହିଁ ।

Digitized by srujanika@gmail.com

ମୋର ଦୁଇ ବାହାର ମାଂସପିଣ୍ଡ୍‌ଲା ଚିପି ବନ୍ଧୁ କହିଲେ, "କସରତ୍ ଛାଡ଼ିଦେଇ ବି ତୁମର ଦେହ ଭଲ ବେଶ୍ ଅଛି ତ ସନାତନ ! ମୁଁ ଖାଲି ଫମ୍ପା ହୋଇଗଲି । ଗୁରୁଙ୍କୁ ସ୍ମରଣ କଲି । ତାଙ୍କର ଦୟାରୁ ଏ ପର୍ଯ୍ୟନ୍ତ କିଛି ମୋଟି ଅଛି, ଯାହାକୁ କି ଲୋକେ ପ୍ରଶଂସା କରୁଛନ୍ତି । ପଛରୁ ଡାକ ଶୁଭିଲା ବାବୁ ୧ଥର ଠେଲିବାକୁ ପଡ଼ିବ ।

ବେଶ୍ ତରତର ହୋଇ ବନ୍ଧୁ କହିଗଲେ "ସନାତନ ଟିକିଏ ଠେଲି ଦିଅନ୍ତ ଭାଇ; ଏଗୁଡ଼ା କଣ ମଣିଷ, ମୂଢ଼ ଏମାନେ—

ମୁରିଲା ସିଗାରେଟ କାମୁଡ଼ି ଷ୍ଟିଅରିଂ ଧରି ବସିପଡ଼ିଲେ ଗାଡ଼ିରେ ।

ତାପରେ ମୁଁ ଓ ତାଙ୍କର ଦୁଇଜଣ ଭୃତ୍ୟ ପଛରୁ ମଟରକୁ ଠେଲିଲୁଁ ।

ଜୟ ପଦ୍ମଚରଣ୍ ! ! !

ଗାଡ଼ି ଚାଲିଲା । ତିନି ଜଣ ଆମେ ଆଣ୍ଠେଇପଡ଼ି ଲାଗିଲୁ । ଦେହରେ ତାର ଘନିଷ୍ଠ ସ୍ପର୍ଶ ଆମର ପାପୁଲି ଆଗରେ । ଦର୍ଶନ ଶାସ୍ତ୍ରରେ ମନ ମଜାଇଲି । ମଟରଟା କାହାର, ଯେ ଠେଲେ ତାର ନା, ଯେ ଚଢ଼େ ତାର ।

ପୁଞ୍ଜିବାଦରୁ ସାମ୍ୟବାଦ ପର୍ଯ୍ୟନ୍ତ ଭାବିଗଲି । ମଟର ଚାଲିଛି ।

ଭାବିଥିଲି ଅବା ଏହିପରି ବାହାବଳ ଦେଖାଇ ମିଶ ସାହେବଙ୍କ ଘର ପର୍ଯ୍ୟନ୍ତ ଯିବାକୁ ସୌଭାଗ୍ୟ ମିଳିବ । ବଳ ଓ ଦୂରତାର ଗୁଣଫଳ ଅନୁସାରେ ବହୁତ କାର୍ଯ୍ୟ ମୁଁ କରି ସାରି ଥାଏଁ; ସମସ୍ତ ସୁନ୍ଦର କଟିଛି କାର୍ଯ୍ୟରେ । ହଠାତ୍ ନିଷ୍ଠୁର ମଟରଟା ଗୋଟାଏ ଅଦ୍ଭୁତ ଗୁଞ୍ଜନ କରି ଉଠିଲା; ସଙ୍ଗେ ସଙ୍ଗେ ବନ୍ଧୁର କଣ୍ଠସ୍ୱର 'ହେଇ ଆସିଲା; ଆଉରି ଟିକିଏ ।' କେତେଥର ଏହିପରି

Digitized by srujanika@gmail.com

ବଳ ବଳେଇ ପୁଣି କେତେଥର ଶୋଇ ରହିଲି ଉପରୁ ମଟର ଧରିଲା ବଗଡ଼ରେ ଚୂଳିମୁଣ୍ଡ ଘୂଡ଼୍ ଘୂଡ଼୍ । ସନ୍ଧ୍ୟା ହେଲାଣି, ବଡ଼େ ଝାଳ ବୋହିସାରି ରକ୍ତ ପରିଷ୍କାର ହୋଇଛି । ବନ୍ଧୁ ନିମନ୍ତ୍ରଣ କଲେ, ଭିତରକୁ ଆସ ।

ଆମେ ତିନିଜଣ କର୍ମୀ ଭିତରକୁ ଚଢ଼ିଲୁଁ ।

ମୁରଲୀବାବୁ ମଟରର ଗୁଣଗାନ ଆରମ୍ଭ କଲେ ।

"ହଠାତ୍ କେମିତି ଏମିତି ହୋଇଗଲା ପିନା; ଭାସି ଉଭି ଜନଷ; ଗୃଲଲେ ଉଡ଼ିଲା ତ—

ବାସ୍ତବିକ ସେ ଚାଲୁ ନ ଥିଲା, ସେ ଉଡ଼ୁଥିଲା ।
ସ୍ୱାଧୀନ ସେ, ନିୟମର ବନ୍ଧନ ମାନେନାହିଁ ।

ବାଁକୁ ଡାହାଣକୁ ମନଇଚ୍ଛା ଧଡ଼ ଧଡ଼େଇ ଯାଏ, ଉଡ଼ ଉଡ଼ରେ—ନାଚେ ତଏଁ—ଉଡ଼େ; ବପ୍ଳବ ଉପୁଯାଏ । ଜନତାକୁ ସେ ଭ୍ରୁକ୍ଷେପ କରେ ନାହିଁ, ଗହଳରେ ହୁଏ ମୌନ, ଫାଙ୍କା ପାଇଲେ ତୂର୍ଯ୍ୟନାଦ କରି ଜଣାଇଦିଏ ତାର ଆଗମନ । ଦୁନିଆଁର ମଣିଷ ଗହଳିକୁ ଆଖି ଠାରିଲା ପରି ତାର ଆଲୁଅ ମିଟି ମିଟି କରେ । ଗୋଟିଏ ଜଳିଲେ ଆରଟି ନିଭିଯାଏ, ହଠାତ୍ ପୁଣି ଦୁଇ ଆଖି ନିଭିଯାଇ ସେ ଧ୍ୟାନରତ ହୁଏ ।

ଘରେ ରାସ୍ତା ମଟର ଚକ୍ରରେ କଟିଗଲା । ପାଞ୍ଚମିନିଟ୍ କାଳ ସ୍ୱର୍ଗ ଗମନର ରୋମାଞ୍ଚ ଅନୁଭବ କଲପରେ ଦୋଛକି ପଡ଼ିଲା, ଯେଉଁଠି ମିତ୍ର ସାହେବଙ୍କ ବସାକୁ ସଡ଼କ ଓ ଆମ ବସାକୁ ସଡ଼କ ଅଲଗା ହୋଇଛି, ଯେଉଁଠି ବନ୍ଧୁ ଆମର କାନ୍ଧ ଦେଇ ଦିବେ 'ହେ ବନ୍ଧୁ! ବିଦାୟ ।'

ଓହ୍ଲେଇ ପଡ଼ିଲି । ମୁରଲୀ କହିଲେ, "କାଲି ଆସିବ ତ ?"
"କେତେବେଳେ ?"
"ଆଜି ଯେତେବେଳେ ଆସିଥିଲ—"

Digitized by srujanika@gmail.com

''ତୁମେ ଘରେ ଥିବ କି ନ ଥିବ, କାର୍ଯ୍ୟବ୍ୟସ୍ତ ମଣିଷ—

''ଆରେ'' ସେ କହିଲେ 'ଏକ କଥା, ସେତିକବେଳେ ତ ମୁଁ ଠିକ୍ ବାହାରୁଥିବି । କଥା ହେଉଛି ଅପେକ୍ଷା କରିଥିବି, ଭୁଲି ଯିବା, ମଟର ତ ଅଛି—'

'ମୁଁ ତ ଘରି ବନ୍ଧା ଲୋକ । ପଞ୍ଚ କାଳ ଅଫିସରେ ମୋର ଡେରି ହେବ ତେବେ ତ ତୁମର ଅସୁବିଧା ହେବ—'

ନା, ତୁମେ ନିଶ୍ଚୟ ଆସିବ । ମୁଁ ତ ଅପେକ୍ଷା କରିବି ଅବଶ୍ୟ—'

'ଦେଖାଯିବ' କହି ହସି ଦେଇ ବିଦାହୋଇ ଆସିଲି । ପୁଣି କାଲିକୁ ମାର୍ ମାର୍ ଠେଲ୍ ନିମନ୍ତ୍ରଣ !

ଆଜି ମୁଁ ମଟରକାର୍ ଚଢ଼ିଛି ।

କିନ୍ତୁ କିଏ ଜଣେ ଠିକ୍ କହିଥିଲେ ଯଦି, ପାଇଲାଠୁଁ ବଡ଼ ନିଶା ଆଉ କିଛି ନାହିଁ । ଘରକୁ ଫେରିଲାବାଟରେ ମୁଁ ଦିବ ପାଇଥିଲି । ଜୀବନର ଗୋଟିଏ ସ୍ୱପ୍ନ ଚୂନା ହୋଇଯାଇଥିଲା ବାସ୍ତବତାର ପ୍ରଚଣ୍ଡ ଧକ୍କା ବାଜି । ତାହାପରେ ମଟରକାର୍ ଦେଖିଲେ ଚଢ଼ିବା ଆଗ୍ରହରେ ମନ ଚଞ୍ଚଳ ହୋଇ ଉଠେ, ଆବେଗରେ ତାର ପୃଷ୍ଠ ଆଉଁସି ପକାଏଁ, ରୁମାଲ୍‌ରେ ଝାଡ଼ି ପକାଏଁ ତାର ଧୂଳି, କେବେ ଅବା ଠେଲେ ଟିକିଏ । କିନ୍ତୁ ମଟର ଚଢ଼େ ନାହିଁ ।

ସେଦିନ ରାତିରେ ଘରକୁ ଫେରିଲାମାତ୍ରେ ଗୃହିଣୀ ଅନୁତପ୍ତ ସ୍ୱରରେ କହିଲେ"ଏମିତି ତୁମକୁ ବାଆ୍ଁ ଲାଗେ କିଲି । କିଛି ନଖାଇ ଉପାସରେ ଗ୍ଳଲିଗଲ; ଅଇସ୍ଥ ଫେରୁଚ ! ଲାଜନାହିଁ ତୁମେ ରୁଷୁଛ, ହଉ ହଉ, ଗତ ହୋଇଗଲାଣି; ତରକାରି ବଢ଼େଇଛି । ତୁମେ ଏ ପିଠା ଖଣ୍ଡିକ ଖାଉଥା ।'

Digitized by srujanika@gmail.com

ପିଠା ଖଣ୍ଡକ ଆବୋରି ବସିଲାବେଳକୁ ପିଠିରେ କାନ୍ଧରେ ଲଦି ହୋଇ ପଡ଼ି ଶାବକମାନେ ଅଳି କଲେ "ବାପା ମତେ, ବାପା ମତେ ।" ଆତ୍ମଜ ଦୁହିଁଙ୍କୁ ସ୍ନେହରେ ଆଦରକରି ପିଠାଖଣ୍ଡକ ସମାନ ତିନଭାଗ କଲାବେଳକୁ ହଠାତ୍ ନାଟକୀୟ ଭାଷାରେ ତୁଣ୍ଡରୁ ବାହାରିଲା—

'ଦଶହରା; ମୁଁ ଛଟେ ଉପବାସ କରେ ।'

ପାଣି ନେଇ ଝିଅ-ବୋଉ ଆସିଲେ । କହିଲେ "ପିଠା ଭଲ ହୋଇ ନାହିଁ କି; କଣ ଉପବାସ କରୁଛ ଘରି ।"

—o—

ଭାଗା

ମୂକୁଳା ଦୁଆର ବାଟେ ପବନ ସାଇଁ ସାଇଁ ମାଡ଼ି ଆସେ, ଫୁଲେଇ ଉଠେ ମଇଲା ବସ୍ତ୍ରଗୁଡ଼ାକ । ଗଲାବର୍ଷ ଏତେ ପରିଶ୍ରମରେ ଏତେ ହାତଓଠ ଧରି ଯେଉଁ ଛବି କ୍ୟାଲେଣ୍ଡରର ଖଣ୍ଡ ଆଣିଥିଲି, ସେଥିରେ ବୁଢିଆଣୀ ଜାଲପଦରେ ପସର ମେଲି ବସିଛି । ଝରଣା କୂଳର ଥରିଲା ଥରିଲା ଗଛଗୁଡ଼ାକ ସେପାଖେ ଯେଉଁ ଜହ୍ନ କାଣି-ଙ୍କ ଉଇଁଛି, ତାକୁ ଉହାଡ଼ କରି ରହିଛି ନଳଟଣ; କଳାମିଶା ମେଞ୍ଚା ମେଞ୍ଚା ଅଳନ୍ଧୁ ।

କେତେ ଦିନର କଥା ମନେ ପଡ଼େ । କେତେ ଦୌରାତ୍ମ୍ୟ, କେତେ କଷ୍ଟ, କେତେ ଲୋକଶୋଷ । କାହିଁକି ? ପାଠ ପଢ଼ିବ, ପାସ୍ କରିବ, ଚାକିରୀ—ମାସ ଶେଷର ଦରମା; କାହାର ଲୋକଶୋଷ ମଗ ବାଟପାଞ୍ଚୁଛି ଆଖି ! ଆଃ ଆରାମରେ ଗୋଟାଏ

Digitized by srujanika@gmail.com

ସୁଖର ନିଶ୍ୱାସ । ସେ ଦିନ ଗୌରୀବାବୁ କହିଲେ, "ଆଉ ମଧୁ, ଏତେ ପ୍ରାଣାନ୍ତ ଡ଼ା କରି ପାଠ ଅର୍ଜି କି ଲଭ ?" ଆଈ ଶୌରି ଅଜା କହିଲେ, "ଆହା ହା, ପଢ଼ି ପଢ଼ି ଆଖି କୋରଡ଼ ହେଲାଣି, ଥାଉ ଶୋଇପଡ଼ ।" ଅଳ୍ପେ ହସି ଦିଏ । ମୋର ସୁନେଲି ଭବିଷ୍ୟତ !

ଦିନ ଦିନାନ୍ତର ସ୍ମୃତି । ଅଧରାତିରେ ହାଡ଼ଭଙ୍ଗା ଶୀତରେ କୁକୁରଙ୍କର ହୋଇ ବାଟୋଇ ଭାବୁଥିବ, "ଏ କଲେଜ ବୋଡ଼ିଂ ପିଲାଗୁଡ଼ାକ କି ସୁଖରେ ନ ଥିବେ । ଡେଙ୍ଗା ଡେଙ୍ଗା ଧଳା ଧଳା କୋଠା, ବିଜୁଳିବତି ଲଗିଛି, ସତେକି ବାହାଘରର ମଉଜବ, ରେସମ ! ଆ–ରା–ମ ।"

ନଳଟେଣ ଅଧେ ଅଧେ ଜଳୁଛି, ତାଙ୍କୁ ଋଷିଛି କଳା କାଗଜ ଘୋଡ଼ାଇ ବୋଡ଼ିଂ ଅଭିଭାବକଙ୍କ ସତର୍କ ଆଖିରୁ । ଟିକ୍ ଟିକ୍ ଟିକ୍–ଏଇ ଝିଟିପିଟି ପରି ନିଷ୍ଠୁର ଅବିରଳିତ ଟାଇମପିସ୍, ପଢ଼ା ଚାଲିଛି, ଶୀତର ରାତିଏ ରାତିଏ ।

ଫଗୁଣର ଫୁଲେଇ ପବନ ଏତେ ଶୋଭା ଗନ୍ଧ ଯେବେ ହାତ ଠାରି ଝରକାବାଟେ ଡାକେ, ସାହେବଙ୍କ ହତା ଭିତର ନୂଆ ବଉଳା ନାଲିଠା ନାଲିଚି ଗଛ ଉପରୁ ସାବୁଜା ଚଢ଼େଇର ଚକ୍ ଚକ୍ ଡାଆଣିଆ ଖରା ବାଟ ଦେଇ, ମଝିରେ ବାଡ଼ ପକାଏ ଏଇ ବହି–ପାହାଡ଼ ପରି ବହି, ଜଇହୁଙ୍କା ପରି ଅମାପ, ପ୍ରଜାପତି ପରି ହରରଙ୍ଗି, ଚିତ୍ରେଇତା ପରି ପିଠା । ବହିର ରାଜ୍ୟ, ବହିର ପାହାଡ଼, ବହିର ବୋଝ, ବହିର ମନ୍ଦିର । ଜୀବନର ସୁନେଲି ଦିନଗୁଡ଼ାକ କଟେ ବହି ଉପରେ ।

"ମଧୁ, ତମୁକୁ ମୁଁ କେତେ ଭଲ ପାଏ, ତୁମେ କଅଣ ଜାଣନା ! ହଁ, ଅସ୍ତ୍ରଗିରୀକୁ କାହିଁକି ଆଉ ପଚାରିବ ? ଦିନ

Digitized by srujanika@gmail.com

ସମାନ ରହେ ନାହିଁ । ମୁଁ ଜାଣେ, ଜାଣି ଜାଣି ଘଟେ, ସତେ ମଧୁ ଭୁଲିଗଲେ ! ଯାମିର୍ ଗୋଲପ ଦୁଇଟା ଫୁଲ ଧରିଲାଣି । ତୁମେ ପିବ । ଶଠ ନାହିଁକି ଦଉ ନା, ନାହିଁକି ବା ଦବ ବୋଲି କହିବ ? ତଥାପି ଅବୁଝା ମନ ମୋର ବୁଝେ ନାହିଁ ।"

ହାୟ, କାଳ ଘୁଡ଼ ପଞ୍ଚର ଦିନ ଯେ ପ୍ରେମ୍ଫୁଲ୍ । ଶଠିଟା ଥରେ ହାତଭିତରେ ରଖି ଘୁଡ ପକେଟରେ ରଖି ଦିଏଁ । 'ହେ ଘଇ ନଳନ ! ଦେଲୁ ଦେଲୁ ତୋ ଲଗାଇଥିମ୍ ଟେବ୍ଲଟା । ଦେ ଦେ, ଝଟ୍ ଦେ ।'

"ବାବା ମଧୁ !

ମୁ ଆଜ କେତେ ଦିନ ରହିବ । ସତ, ମୁଁ ତୁମର କିଛି ଉପକାର କରି ନାହିଁ । ତା ବୋଲି କଣ ରକ୍ତ ରକ୍ତ ଭିତରେ କୌଣସି ସମ୍ବନ୍ଧ ନାହିଁ ? ଅବଶ୍ୟ ଅଛି ! ତୁମର ବଡ଼ ମା'ଙ୍କର ବାରମ୍ବାର ଅନୁରୋଧ—ତୁମେ ଶଠି ଦିଅ, ତୁମେ ଆସ । ଆରେ, ତୋର ବାପା ମରିଚ; ବଡ଼ ବାପା ତ ବଞ୍ଚିଛି । ସେ ତ ଗଲା, ମୋର ଡାହାଣି ହାତ ଛିଣ୍ଡି ପଡ଼ିଲା । କେତେବେଳେ ମୁଁ ବି ଢଳିପଡ଼ିବି, ତେବେ ଏ ବୁଢ଼ାଟା ବଞ୍ଚିଛି କି ମଲାଣି ଟିକିଏ ଖବର ପୁଅ ପୁଝୁରି ହୋଇ ନବ ନାହିଁ ।"

ହାଃ—ଶଠେ

"ହେ ଭାଇ, ପନ୍ଦର ଦିନ କଅଣ ଇଲେକ୍ଟ୍ରିସିଟି ନୋଟ ଡାକଥିଲେ, ଟିକିଏ ଖାତାଟା ଦେଲୁଁ; ମୁଁ ଝଟ୍ ଝଟ୍ ଉତାର ନିଏଁ ।"

ଡେଉ ପରେ ଡେଉ, କେତେ ଡେଉ ଭାଙ୍ଗିଛି ଏ ଲୁହା ଘୁଡ଼ି ଉପରେ । ଫେଲ୍ ଉପର ଡେଉ, ବେମାର ପଡ଼ି ପରୀକ୍ଷା ନ ଦେବା ଉପରୁ ଡେଉ, ପନ୍ଦର ଦିନ ପରୀକ୍ଷା ହଲ ଭିତରେ

Digitized by srujanika@gmail.com

ଘୁଞ୍ଚ ଧୂନ୍ଦ ଧନ୍ତର ଚେଉ । ଆଜ ପାଠ ପଢ଼ା ଚେଉ ନାହିଁ । ଆଜ ପିଲମାନଙ୍କ ପାଠପଢ଼ା ଦେଖିଲେ ବିରକ୍ତ ଲାଗେ । ନ ହେଲେ ହସ ମାଡ଼େ । ଆଜି ମୁଁ ବି.ଏ., ଅଜି ମୁଁ କୋ଼ ୬ ଗ୍ରକଷ୍ଟ କରିବା ପାଇଁ ଯୋଗ୍ୟ—ଡ଼େପୋଟି, ମେଜେଷ୍ଟ୍ରର, ପ୍ରଫେସର, ରେକର୍ଡକିପର, ଜଆଡ଼ର, ଦାରୋଗା—ଛୋଟଠୁ ବଡ଼ ଯାକେ ସବୁ ମୁଁ । ଖାଲି ଚ କରି ନାହିଁ ।

ମୋର ଅଧିଭୁକ୍ତ ସ୍ମୃତିର ଉଦ୍‌ବୋଧନରେ ବାଧା ଦେଇ ସେ ମତେ ଫେରାଇ ଆଣିଲା ବୁଢ଼ୀ ଅଶୀତରୁ ଚଳନ୍ତା ବର୍ତ୍ତମାନ, ତାର ମୋଟା ମୋଟା ନଶ, ଚୋପୁଣିଛଣା କଟ୍ ।

ଦେହରେ ତାର ଠାଏ ଠାଏ ଜାଦୁ, କଳା ମେଘ ଉପରେ ଧୂସର ଛିଟ ପରି । ମୁଣ୍ଡରେ ତାର ଗନ୍ଧମାଦନ ପରି ଲୁଗା ଗଣ୍ଡିଏ ।

'ବାବୁ ପଇସା'—

ଉଡ଼ିଭଇ ଗଲେ, ସବୁ ଉଡ଼ିଭଇ ଗଲେ ମେଲା ଦରଜା ବାଟେ ପବନ ଭିତରେ । ମୋର ଅତୀତ ଯୁଗର ପାଠପଢ଼ା ଅଉ ଭବିଷ୍ୟତର ମାୟାପୁରୀ ମୋର ସିପାହୀ ଦରବାନ୍ ସାହେବ; କାଗଜ ଦପ୍ତରୀ ଆଲମାରିର ସପନ ପୁରୀ ।

"ବାବୁ ପଇସା" । ଡ଼୍ର, ବନ୍ଧୁକ ଫୁଟିଲାପରି ଗୋଟାଏ ଅବାଜ୍ ତାର ଦାବୀ । ସ୍ୱପନର ମାୟାକୁହୁଡ଼ି ଛୁଟିଲେ ଫସାଉଟା କ ଅସୁନ୍ଦର ଦରଶେ । ମୋର ବହିଗୁଡ଼ାକ, ମୋର ଖାଲି ଟ୍ରଙ୍କ୍ ମୋର ଛିଣ୍ଡା କାମିଜ୍, ମୋର ଖଣ୍ଡିଆ ଜୋତାସବୁ ।

ଅସୁନ୍ଦର କୁତ୍ସିତ ପାପ, ଗରିବ ରହିବା ପାପ । ହଠାତ୍ ମନେ ପଡ଼ିଲା, ଏ ମାସଟା ଏଣିକି ଚଳେ କିପରି ? ଟିଉସନ୍

Digitized by srujanika@gmail.com

ବଜାର ତ ମାନ୍ଦା, ଏପର୍ଯ୍ୟନ୍ତ ଖୋଜ ଖୋଜ ଗୋଡ଼ରୁ ପାଣି ମଲଣି, ଆଉ କେତେ ଦିନ ?

ତାପରେ, ନଜର ବାର ଅଭାବ । ହଠାତ୍ ଧ୍ୟାନ ଆସିଲା ସାରା ଜନମ ଜୀବନ ଉପରେ । ଧୋବା କବଳରୁ ବା ରକ୍ଷା ମିଳିପାରେ; କିନ୍ତୁ ଆଉ ତ କେତେ ଡାଉଡାଦର — କଣ କଣ ଯାଏ ? ଗଲା ମାସରେ ଧନବାବୁଙ୍କଠୁ ତେରଣ୍ଟା ଦେ ପଇସା ଧାର, ଆଉ ସୁଧାଂଶୁଙ୍କ ଗାରଣା ପାଇଁ କେତେ ଥର କହିଲି ନହିଲି, ଆଖିରେ ଚାହିଁଲାଣି ବାଟରେ ଘାଟରେ । ଭଦ୍ରଲୋକ କେତେଦିନ ଆଉ ପେଟଭୋକ, ମୁହଁ ଲାଜରେ ମାରିବ ? ଦୋକାନ ତାଗିଦା କଲାଣି । ପହିଲେ ଉଧାର, ତା ପରେ କେମିତିଆ କେମିତିଆ କରି ଗୁହାରି । ତା ପରେ ଭଦ୍ର ଅନୁରୋଧ, ସେଥିପରେ ତାଗିଦା । ଶେଷରେ ସପ୍ତପୁରୁଷ ଉଦ୍ଧାର, 'ଆରେ ତେମେ କେମିତିଆ ଭଦ୍ରଲୋକ ହୋ ।' ମୁଁ ବି.ଏ. ପାସ୍ । ଏ ଲୁହା ଗ୍ରୀଷ୍ମ ପରେ ମେଲା ଆଖି ଆଗରେ ଏମିତି କେତେ ଦେଓ ଗଲାଣି । ଡ଼ିଂ ଇଡ଼. ପଢ଼ିବାକୁ ଚେଷ୍ଟା କରିଥିଲି, ମୁହଁ ଦେଖା ସରିଲି, ସେମାନେ ମତେ ପସନ୍ଦ କଲେ ନାହିଁ । ଓକିଲାତିକୁ ଶେଷ ଆଶା; ସେ ଯାଇ ଆର ବର୍ଷ । ମୁଁ ବି. ଏ. ପାସ୍, କାହାର ଅଧିକାର ଅଛି ବୁଝିବାକୁ ମୋର ଭିତର କଥା ? କାହାର ସାହସ ଅଛି ଖୋଜି ଦେଖିବାକୁ ମୋର ପେଟ ଭିତରର ଆଗ୍ନେୟଗିରି ? ଏ ମଧ୍ୟରେ ଜଣେ ଦିଜଣ ବୁଢ଼ା, ଦରବୁଢ଼ା, ଅଧବୁଢ଼ା, ତିନି ବଭକ୍ତ ଘର ବୁଢ଼ା ଘଷି ଦୁଃଖସୁଖ କରି ବସିଲେଣି ମୋ ସାଙ୍ଗେ; ଆଜ ଚମୋଟା ନାଖି ରହିଛି ମୋ ଧିଅରେ ଟିଙ୍କପରି । ଯେତେବେଳେ ଦେଖା, ଖାଲି ବାହାଦର ଗପ, ଆଉ ମୋର ଭବିଷ୍ୟତ

Digitized by srujanika@gmail.com

ହାଲବ୍ଲ । ହଁ; ତା ଭଉଣୀଟି ନାଁ 'ମହୁଷୀ' । ଅଃ, ସୁନ୍ଦର ରାଜପୁଷ୍ପ ନାଁ ?

ଯୋବା ବଦା ହେଲା, ଦଉ ଗାଳି; ସାମନା ସାମନି ତ ଗାଳି ଦେବ ନାହିଁ, ଆଉ ଭୂଟର ଭୂଟର ହେଉ ହେଉ ଯିବ; ଯାଉ । ପ୍ରଶସ୍ତ ରାଜପଥ ଉପରେ ସମସ୍ତଙ୍କର ସମାନ ଅଧିକାର ଅଛି, ମନକଥା ଖୋଲି ଭୂଟର ଭୂଟର ହବାକୁ ।

ଭାବିଲି ଟିଉସନ୍ ଖୋଜିବା ଉପାୟ କଣ ? ମାଷ୍ଟରେ ନା ଖବରେ ସାଇନବୋର୍ଡ଼ ବସା ଅଗରେ । ପୁଣି ଭାବିଲି—ଲେଖା ଝର୍ଚ୍ଚଟା ! ନୋହିଲେ ଡାକି ଡାକି ଗଲେ ପ୍ରଶସ୍ତ ରାଜପଥ ଉପରେ ! 'ନବ ନଡ଼ା' 'ନବ ଖଡ଼ାକୋଶଳା', ଲୋଟା କଡ଼େଇବ ? 'ବାବୁ ଜୋତା ମରାମତି ।'

ଏ ସବୁ ତ ବେପାର, ଡାକିଲେ କ୍ଷତି କଣ ? ମୁଁ ବୁଲନ୍ତି ଆଗେ ଆଗେ । ପଛେ ପଛେ ଗଣ୍ଡ କରନ୍ତା ଗୋଟାଏ ପିଲା ପଟାକ୍ଷ ପରଚୁଲା ପିନ୍ଧା ହକର, "ନବ ପାଠ, ନବ ଇତିହାସ, ଇଂରେଜି, ଅଙ୍କ ପାଠ ପଢ଼େଇବ ?, 'ବାବୁ ମାଷ୍ଟର ଦରକାର । ଭଲ ମାଷ୍ଟର ।" କୋଠାରୁ, ଘରରୁ, ଝରକାରୁ କେତେଠଉଁ କେତେ ଦୃଷ୍ଟି ମୋ ଉପରେ ପଡ଼ନ୍ତା; ମୁହଁ ଦେଖା ବୈଠକେ, ଆହୁରି ନିରଖା, ଆହୁରି ଚୁପୁଡ଼ା ।

ଟିଉସନ୍ ଏକାବେଳକେ ନାହିଁ କହିଲେ ମୋର ଅସ୍ତିତ୍ୱ ଅସ୍ୱୀକାର କରିବା ହେବ, ନ ହେଲେ ବଞ୍ଚିବି କେମିତି; କହନ୍ତୁ ନା, —କଟକରେ ରହି, ବସା ଭଡ଼ା ପେଟେର ଦେଇ ଦୁଇବେଳା ଅନ୍ତତଃ ଥାଳି ପାଖରେ ବସିବା ଭଳି ମୋର ଟିଉସନ୍ ଅଛି, ବେଶୀ ପାଇଁ ନୁହେଁ । ମୋର ଯୋତାରେ ତାଳି ପକାଇବାକୁ ଟିଉସନ୍ ଦରକାର, ମୋର ଉଧାର ଶୁଝିବାକୁ ଟିଉସନ୍ ଦରକାର,

Digitized by srujanika@gmail.com

ମୋର ଷ୍ଟେଜନଟା ଅନ୍ତତଃ ଆଉ ଟିକଏ ମଣିଷ ଭଳିଆ କରିବାକୁ ଟିଉସନ୍ ଦରକାର, ଆହୁରି କେତେ ଦରକାର ଅଛି । ସେସବୁ କଅଁଳ ମରମଭରା ଗରମ ଖବର କଥା, ସମସ୍ତଙ୍କ ଖୋଲି କହିବା ଲାଗି ନୁହେଁ ।

ଘଣ୍ଟାଟି ପାଖ ହେଲାଣି, ରାସ୍ତାରେ ଚାଲ ଚାଲ । ମୋର ଚିନ୍ତା ଲହଡ଼ି ଛୁଟିଛି । ପଛ କଥା ମୋର ସମ୍ବନ୍ଧମୂଳକ ପରିସ୍ଥିତିର ଧାରଣା ଏଇ ସବୁ କଥା ଭାବି ଭାବି, କାମିକା ଲୋକର ମୁଣ୍ଡ ଖୋଳୁ-ଭ୍-ଥାଏ ।

ମୋର ଶିଷ୍ୟର ବାଣଗୁଡ଼ିକ ଗଲା ଛ' ମାସ ଭିତରେ ବଢ଼ି ବଢ଼ି ହୋଇଛି । ବଡ଼ ଫୁଙ୍କି ଫୁଙ୍କି ତାର ଗୋଟି ୬୦ ଯୋଡ଼ିକ ଠାଏ ପଚା ପଡ଼ିଯାଇଛି, ହୁଏତ ବା ସଂସ୍କୃତ ଧାତୁ ରୂପ ଘୋଷି ଘୋଷି ଅନ୍ତରିକ ସମ୍ମାନ ହେତୁ ମତେ ଦେଖି ଆଉ ଚଉକିରୁ ଉଠି ଠିଆ ହେବାକୁ ତାର ଗୋଡ଼ ପାଏ ନାହିଁ । ହାତ ପାଏ ନାହିଁ । ଖୋଲା ଧୂଅରେ ଖଣ୍ଡେ ଗଳେଇ ପକେଇବାକୁ । ଡ଼ୁଳୁ ଡ଼ୁଳୁ ଆଖିରେ ଖୁରକଟା ଫୁଲକା ଗାଲରେ ଛାରି ଚର ପରିଚିତ ଘଣ୍ଟାଣ୍ଟି ଫୁଟେଇ ସେ କହେ, "ସାର୍, ଆଜ ଭାରି ଡେରି ହୋଇଗଲା ଆପଣଙ୍କର ।"

ମୁଁ—'ମାଟନଟା ଲେଖିଚ ?'

ସେ—'ଆଜ୍ଞା ନାଁ ।'

ମୁଁ—'କାହିଁକ ?'

ସେ—'କାଲି ମ୍ୟାଚ ଦେଖିବାକୁ ଗଲି । ହଁ, ଆପଣ ଆହୁରି ଆଗରୁ ଆସିଲେ ନାହିଁ କାହିଁକ ?'

ମୁଁ—'ଅଙ୍କତକ କଷିଚ ?'

Digitized by srujanika@gmail.com

ସେ—'ଖାତାଟା ଯେମିତି ନେଇ ମାଡ଼ଦେଲା, କ ରଘୁଆ ଚୋରଟା ପୁରୁଣା କାଗଜ ଚୂଲି ନଗେଇବାକୁ ନଉ ନଉ—

ମୁଁ—'ଥାଉ, କାଲି କଷିବ ।'

ତା ପରେ ମୁଁ ହେଉାଏଁ, ସେ ଘଣ୍ଟା ମନଦେଇ ପଢ଼େ, ମୋର ପଢ଼ାର ଫାଳେ ଫାଳେ ତାର ଆଙ୍ଗୁଠିର ତବଲା ଛୁଟେ ଟେବୁଲ ଉପରେ । ଗୁହ୍ମ ଦେଲେ ଦାନ୍ତରେ ନଖ କାଟେ, ନୋହିଲେ ଟ୍ରାନ୍‌ସରେ ବସିଲା ପରି ବସେ । ମୋର ଶିଷ୍ୟ ମଣିଷ ହେଲଣି, ସେଇ ମୋ'ର ଗୌରବ । ବନ୍ଧୁପକ୍ଷକୁ ସେ ଦେଖେ; କଂଗ୍ରେସ ଯେଉଁ ଆଖିରେ ଦେଖେ ବଲ୍ଲଭ ଜନତକୁ, ସେଇ ଆଖିରେ । ବଲ୍ଲଭ, ବଦେଶୀ; ତେଣୁ ମୋ ପାଖେ ଯେତକି ବେଳ ସେ ପଢ଼େ, ତାର ବହୁତ ପ୍ରାପ୍ଟଶ୍ଚିତ୍ତ କରଥାଏ ଖେଳ ପଡ଼ଆରେ, ପାନ ଦୋକାନରେ । ନୋହିଲେ—ଛାଡ଼ ସେ ଦୁଇବର୍ଷର ପ୍ରାଇ-ଭେଟ୍ ମ ଟ୍ରିକ୍ୟୁଲେଶନ୍ ଗିଲ୍‌ସରେ ବସିଛି, କଲସ ତ ଦଗ୍‌ବଲପୁରେର ସୁଦ୍ଧା ନାହିଁ ।

ଗୁରୁ-ଦକ୍ଷିଣା କେତେ ମାସ ହେଲା ବକେୟା ପଡ଼ ପଡ଼ ଆସିଛି; ତଥାପି ମୋର ଆଶା—ସମୁଦାୟ ବାର ଟଙ୍କା ନ ଦଉ ପଛେ, ଆଠ ଟଙ୍କା ତ ମିଳବ । ପହିଲା ଗଡ଼ ଆଜ ପାଞ୍ଚ ଦନ ଗଲାଣି, ତୁ ଏ ତ ବା ଆଜ ! ସେତକ ଆଶାରେ ମନରେ ମେ ର ଭୀମର ବଳ ଆସେ, ହାତ ମୁଠା କର ଚବାଳି ଚବାଳି ଗୁହେଁ, ମାଡ଼ ଚାଲେ, 'ହେ ! କେମେଡ୍ୟା ଲୋକ ହେ, ସମ୍ରାଟଙ୍କ ସବୁ ଅଧିକାର କର ଚାଲବ ।' ଭଡ଼ ଚାଲେ ଠେଲାଠେଲି ଧକାଧକି କର । ହଁ, 'ଜୟତ୍ୟୁ' ଟଗନେ ବାଜେ ମାଦଲ—ଜମେ ଉଠଲା— ଆହା ହା ହା, ଗାଡ଼ ଚଢ଼ ବୁଲିଗଲା,

Digitized by srujanika@gmail.com

କିଏ ସେ ?—କାହାର ? 'ହଁ—ଟଙ୍କା—ଧୋବା—ଚାଉଳବାଲା —ଘରକୁ ଚଠି—ଆଃ !

ଜଟିଆବଜାର ହାଟ ସେ ପାଖେ ଯେଉଁ ନାଲି କୋଠାଟା ରାସ୍ତା ଉପରକୁ ଝୁଙ୍କି ପଡ଼ୁଛି, ସେଇ ମୋର ଅଧ୍ୟାପନା ମନ୍ଦିର । ଶିଷ୍ୟ ମୋର ଦୋକଟ୍ଟା ଚଢ଼େଇ ଘୁଡ଼ି ଉଡ଼ାଉଛି 'କେରାମତ୍ କେରାମତ୍ !' କୋଠା ଉପରୁ ଦର୍ଶନ୍ନା ଗୋଟା ଗୋଟା ଆଙ୍ଗୁଠି 'ମାଷ୍ଟର ବାବୁ ମାଷ୍ଟରବାବୁ', ଯେମିତି ତାର ଦିଗ୍‌ନେଲ ଦେଲା ।

'ହେଇ, ବାପା ଅଛନ୍ତି ?'

'ନାଁ, ଠିକ୍ ଅଇଗ୍ଲା କୁଆଡ଼େ ଗଲେ ।'

'କଣ୍ଡି କହି ଯାଇଛନ୍ତି ମୋ କଥା ?'

ଶିଷ୍ୟ ଟିକଏ ଥଙ୍ଗେଇ ଥଙ୍ଗେଇ ହେଲା, ତାପରେ ତାର ଚିର ପରିଚିତ ଆବ୍ଦରସ୍ୱରଗ-ବୋଲା ହସଟି ଜଁଆଇ କହିଲା, କହିଲେ'ତୋର ଏ ପଡ଼ା ଦେଖିକ, ତୁ ଚାଲିଯା ଏଥର ଜପୁବାବୁଙ୍କ ପାଖକୁ ସକାଳୁ, ଏ ମାଷ୍ଟର ତୋର ଚଳିବ ନାହିଁ ।'

ମୁହଁରୁ ମୋର କଥା ବାହାରିଲା ନାହିଁ । ଘରୁ ଘରଣୀ-କଣ୍ଠରେ କଏ ସହାନୁଭୂତି ଜଣାଇ କହିଉଠିଲା, 'ଦେମି, ମାଷ୍ଟର ଆସିଚନ୍ତି କଲେ ? ଯା, ତାଙ୍କୁ କହି ଦେଇ ଆ ସେ କଥା । ନଇଲେ ବାପା ଆସିଲେ ଚିଡ଼ିବେ ।'

ମୁଁ କହିଲି, 'ଆଜ ମୋର ଦରମା ?'

'ବାପା କହିଲେ, ପହିଲା ପରେ ଆପଣ ଆସିବେ ।'

'ପହିଲା ତ ଚାରିଦିନ ହେବ ଗଲାଣି ।'

ଶିଷ୍ୟ କଣ୍ଟୁ ଭାବ ପାରିଲା ନାହିଁ । ତାର ସନ୍ଦେହ ଭାଙ୍ଗିବାକୁ ପୁଣି ଥରେ କହିଲି ।

Digitized by srujanika@gmail.com

'କେବେ କହୁଥିଲେ ?'

'କାଲି ରାତିରେ ।'

'କଣ କହୁଥିଲେ ?'

'କହୁଥିଲେ, ପନ୍ଦର ପରେ ଆସିବେ ।'

ମୋର ସନ୍ଦେହ ବୁଦ୍ଧିରେ ବୁଝିଲି, ଏ ପନ୍ଦରଟା ଆସନ୍ତା ମାସ ପନ୍ଦର; ତଥାପି ବିଶ୍ୱାସ ହେଲା ନାହିଁ ।

ମୋର ଆଖି ଆଗରେ ବସୁଧା ଘୂରିଲା, ଗୋଡ଼ତଳେ ବାସୁକି ଟଳିଲେ, ଧୋବା—ଦୋକାନ—ଛୁଞ୍ଚା କାମିଜ—ଖାଇବା ଘର । ଆଖି ଘୂରି ଘୂରି କେଉଁଠି ଜାଗାରେ ଲାଗି ଆସିଲା । ହେଉ ସେ ଘରର ଦୁଆର ବନ୍ଧ ଉପରେ ଯେମିତି ନାଲି ଖଡ଼ିରେ ଲେଖିଛି —'ଏଠାରେ ବାପା ଶୁଅନ୍ତି ।' ତା ସେ କରକୁ 'ଏଠାରେ କୁକୁର ଶୁଅନ୍ତି ।'

ଅନଙ୍ଗଙ୍କ ଦଶ ସେଇ ଯେମିତି, ନୈଷଧଚରିତର ଶର ପରିଚୟ ବନ୍ଧନ, କାମୁରା, ମାଛିର—ଯେମିତି । କୁକୁରଟା ଦଉଡ଼ରେ ଠିଆହୋଇ ମଣିଷ ସମ୍ଭାଷଣ କଲା, ଆଉ ପଛେ ପଛେ ପାଗ୍ଲେଟି ଆସିଲା କେତେ ବାଟ ।

ଆଗ ମାଉ ଅଣ୍ଡା ଡାଲି ଗୃହାଛି । ବି. ଏ. ପାସ୍, ବୋର୍ଡ଼ରେ ବିଜ୍ଞାନବଣ, ପାହାଡ଼ ପାହାଡ଼ ବହି, ଟିଉସନ । ଦୁର୍ଦ୍ଦଶାବସ୍ଥା ! ରମା ତା ସାଇକେଲ ଉଠେଇକରି ମାଡ଼ିଆସିଲା—'ଜରେ ମଧୁ ! ଭାଇ ମୁଁ କେତେ ଖୋଜିଲିଣି । ତା ପରେ, କେବେ ବାହା ହେଉଛୁ । କଣ, ଡର କଣ ?

'ହଁ ଭାଇ, ମହର୍ଷି ଠେଁ କଥା ଘରେ ପଡ଼ୁଥିଲା । ତାଙ୍କୁ ଠିକ୍ ଏ କଣ ବୁଝେଇ ବାଝେଇ ଦଉଛୁ—ମୋର ତ ଭଳ ଲେଖ ନାହିଁ, ଆଉ ବାପା ଘରେ ପଡ଼ୁଥିଲେ ଚେଁ କଥା ।'

Digitized by srujanika@gmail.com

ଚନ୍ତା-ସ୍ରୋତରେ ବାଧା ପଡ଼ିଲା । 'ମ-ଇଁ-ଷି'—ହଁ, ରମାର ଭଉଣୀ 'ମହର୍ଷି', ଯାହା କଥା ରମା ଏତେ କହେ ।

ସୁଖର କଳ୍ପନା—ନାଃ ବୃଥା ।

'ମହର୍ଷୀ ଗୀତ ଶିଖୁଛି । ମହର୍ଷୀ ସିଲେଇ ଶିଖୁଛି । ମହର୍ଷୀ ମାସିକପତ୍ର ଘାଣ୍ଟି ମନ୍ଥି ଖୋଜୁଛି, କେଉଁଠି ତୋର ଲେଖା ବାହାରୁଛି ?'

ଆହାରେ ମଇଁଷି, ବୃଥା ତୋର ଜାଗରଜଳା, ବୃଥା ତୋର ପ୍ରତୀକ୍ଷା ।

ମିଛକଥା, ରମା କଥା ବଢ଼େଇ ବଢ଼େଇ କହେ । ଦୁନିଆରେ କେତେ ଲୋକ, ମୋଠୁ କଣ କେହି ସୁନ୍ଦର ନାହାଁନ୍ତି । ସମସ୍ତଙ୍କର ମାସିକ କଣ ମୋର ମାସିକପତ୍ର ତାଲପକା, ସମସ୍ତେ କଣ ମୋର ପତ୍ର ଟିଉସନ ଖୋଜନ୍ତି । ତେବେ କଣ ମହର୍ଷୀ ବାସ୍ତବକ୍ ମଇଁଷି, ଆଜ ମୁଁ ତାର ଯଥାର୍ଥ ସ୍ୱରୂପ ଦେଖିବି !

ରମାର ଘର ହେଲା । ଦାଣ୍ଡଘରେ ଯାଇ ବସିଲି । ରମା ଭିତରକୁ ଯାଇ କେତେ କାହା ସଙ୍ଗେ କଳ୍ପନା ଜଳ୍ପନା କଲା । ଦୁଇପାଖେ ଦରଜା ବନ୍ଦ, ଠାଏ ଠାଏ କଣା । ଦୁଇଗୃହ ମିନିଟ୍ ଗଲା, ସନ୍ତସନ୍ତିଆ ନୂଆଣିଆ ଘରେ ଗୋଟାଏ କଣରୁ ମଶାଦଳ ଶଙ୍ଖ ଫୁଙ୍କିଲେ । ରମାର ଦେଖା ନାହିଁ । କେତେ ଫୁସଫାସ ଶୁଭିଲା, ପ୍ରତୀକ୍ଷାରେ ରହିଲି । ଦୁଇପାଖର ବୁଢ଼ା କବାଟର କଣାଏ କଣାଏ ଫାଙ୍କେ ଫାଙ୍କେ ମତେ ଲାଗିଲା ଯେମିତି ଗୋଟିଏ ଗୋଟିଏ ଆଖି ମତେ ଚାହିଁ ଦେଖୁଛି; ଖୋଜି ବୁଲୁଛି ମୋ ଭିତରେ କେତେ କଣ ଅଛି । ରଘୁବଂଶରୁ ବର୍ଣ୍ଣନାଟିଏ ମନେ ପଡ଼ିଲା, କେତେ ପରିଶ୍ରମରେ ମୁଖସ୍ଥ କରିଥିଲି । କବାଟ ଖଡ଼୍ ଖଡ଼୍ ହେଲା । ଚାହିଁ ଦେଖିଲି, କବାଟର ଗୋଟାଏ କଣା ସେପାଖେ ଦାଉ ଦାଉ ଆଖି । ଭାବିଲି ଏଇ ଠିକ୍ ମଇଁଷି ।

Digitized by srujanika@gmail.com

ମୋର କଳ୍ପନାରେ ବାଧା ଦେଇ ରମା ଆସି ଘରେ ପଶିଲା । କୋଡରୁ ଗାମୁଛା ନେଇ ଝଟ ସନ୍ଧରୁ ଖଣ୍ଡିଆ ବଡ଼ ଖଣ୍ଡେ ମୁହଁରେ ଜାକି ଥରେ ଫୁଙ୍କି ଦେଇ କହିଲା, 'ତା ପରେ—'

ସେ କେତେ କଥା କହିଗଲା । ଏ ଘରର ଭଡ଼ା କେତେ, ପରବା ଏ ବାଟେ କେତେବେଳେ ଯାଏ, ବାପାଙ୍କ ଅଫିସରେ ନୂଆ ସାହେବ କେମିତି ତୋଡ଼୍ଡ଼ କରେ ଇତ୍ୟାଦି ।

ଦୁଇ ଘଣ୍ଟା ପରେ ରମା କହିଲା, 'ଏଥର ଯା, ବହୁତ ସମୟ ହେଇ ଅଟକେଇ ଦେଲି । ତୋ ର କେତେ କାମ ମାଟି ହୋଇଥିବ । ଯା ଖାଇ ଆସୁଥିବୁ ବେଳେ ।'

ପଦାକୁ ବାହାରିଲି । ଭାବଥିଲି ବା ଏତେବେଳ ଅଟକାଇବା ପରେ—ନାଃ, ଥାଉ, ମହିଷୀର କଅଣ ଅନୁରୋଧ ନାହିଁ ? ଗୁଡ଼ । ବାହାରେ ଥଣ୍ଡା ପବନ, ଚଳନ୍ତା ଗାଡ଼ି, ଉଡ଼ନ୍ତା ଧୂଳି, ଅନ୍ଧାର ! ସରୁ ଗଳି ଛାଡ଼ି ବଡ଼ ରାସ୍ତାରେ ପହଞ୍ଚିଲି । ହଠାତ୍ ଗୋଟାଏ କଣ ଛିଅଲି ହେଲି ଏତେ ପଥିକଙ୍କୁ ଦେଖି । ମୋ'ର ଜଳନ୍ତା ପେଟର ବହ୍ନି'ହ ନିଭିଲା କେଉଁ ଅଜଣାର ଆହ୍ୱାନରେ । ଖାଲିପକା କାମିଜର ମସିଆ କଲର୍ ଠେକୁଆ କାନ ପଟ ଉପରକୁ ଟେକି ଦେଲି । ତା ପରେ ମାଡ଼ି ଚାଲିଲି ଭୁଷ୍ ଭୁଷ୍ । ସଂସାରର ଏତେ ଲୋକ, ତା ଭିତରୁ ମୁଁ ଜଣେ । ଏତେ ଗରିବ, ଏତେ ଦୁଃଖୀ । ରାସ୍ତା ଉପରେ ସମସ୍ତଙ୍କର ସମାନ ଦାବୀ, ବାଟର ଦାବୀ ଉପରେ ଉଣେଇଶ୍ ବିଶ୍ କରିବା କାହାର ଅଧିକାର ? ଘର ଭିତରେ ମୁଁ ଏକୁଟିଆ, ଘର ବାହାରେ ମୁଁ ବହୁତ ।

ମୋ'ର ଫସରର ଅଙ୍କ ଦେଖିଲି ଅତି ହୀନ, ଅତି ତୁଚ୍ଛ ! ମୁଁ କିଏ ? ମୁଁ ନୁହେଁ—'ଆମେ' । ଯୁଗେ ଯୁଗେ ଉଠିପଡ଼—ଆମେ ।

Digitized by srujanika@gmail.com

ମୁଣ୍ଡ ଉପରୁ ବୋଝ ହାଲୁକା ହେଲା, ଭୁଲିଗଲି କଲେଜ ବୋଡିଂର ବଜ୍‌ଲବତ୍ତି, ମେସ କଣରର ମୋର ଧକୁଧୁକୁ ଆଳୁଅ, ଭୁଲିଗଲି—ପେମି, ମନ୍ଥ୍ରଷୀ, ଟିଉସନ, ଧୋବା ।

ଅଜଣା ନଶାରେ ଜନତା ଉପରେକୁ ଏପାଖ ସେପାଖ ଢଳି ଢଳି ଗଲିଲି । ମିଠେଇ ଦୋକାନର ଆଲୁଅଗୁଡ଼ାକ ଆଖି ଆଗରେ ନାଚ ଆରମ୍ଭ କରିଦେଲା । ମନ୍ଦିରରୁ ବାଜି ଉଠିଲା ଦୋହରା ଠେକର ଘଣ୍ଟି ।

— —

ସଭା

ସଭା ଥିଲା 'ଉପେନ୍ଦ୍ର ଭଞ୍ଜ' ।

ବଙ୍ଗାଳ ପ୍ରଦେଶର କୌଣସି ଗୋଟିଏ ସହରରେ ଭଞ୍ଜ-ସମିତିର ଉଦ୍‌ଘାଟନ କାର୍ଯ୍ୟ ।

ସନ୍ଧ୍ୟା; ଉପରୁ ଗୋଟିକିଆ ବଜ୍‌ଲି ଆଲୁଅ ଆଖିମିଟିକା ମାରୁଛି, ନିଭି ଯାଉଛି; ଜଳି ଉଠୁଛି, ନିଭି ଯାଉଛି । ତଳେ ପେଟ୍ରୋମ୍ୟାକସ ଆଲୁଅ; ପଦାରେ ଲୁଣ୍ଠନ । ଆହୁରି ପଦାରେ ଯେଉଁଠି ସଭା ଧାଡ଼ିରେ ରାସ୍ତାରେ ସୋଡ଼ା ବୋତଲ ପେଁ ପାଁ ଖୋଲୁଛି, ଚୁନାଚୂର ଗୀତ ବୋଲୁଛି, ବକ୍ତୃତା ପ୍ରତିଯୋଗିତା ଲାଗି ରହିଛି । ଗୋଲ୍ଡ ଓ ଘଣ୍ଟାମାର୍କା ସିଗାରେଟ୍ ବଣ୍ଟୁଥିବାମାନଙ୍କ ମଧ୍ୟରେ ସେଠ ଶେଷ ବକାଲଙ୍କ ଶେଷ ପସରା । ବାସି ମାଛ ଓ ସେଣ୍ଟ୍ରସ ପରିବା ଟେପଡ଼ ପାଖେ ଢିବି ଆଲୁଅ ଜଳୁଛି । ସେମାନେ ବି ସଭା ଉପଲକ୍ଷେ ଆସିଛନ୍ତି ।

Digitized by srujanika@gmail.com

ଗହଳି ରାସ୍ତାରୁ ଭଡ଼ାଭଡ଼ ସଭାଘର ଟପି ସେ ପାଖପାଖେ । ବଡ଼ ସଭା 'ଉପେନ୍ଦ୍ର ଭଞ୍ଜ' । ଭିତର ପାର୍ଶ୍ୱେ ଝିଅମାନେ ବସିଛନ୍ତି । ସେପାର୍ଶ୍ୱ ଝରକା ବାହାରେ ପିଲାଙ୍କ ଗହଳି । ଚୌକିରେ ରୁଣ୍ଡ ହୋଇଛନ୍ତି ବରିଷ୍ଠ ଲୋକ—ଦୋକାନୀ, ବେପାରିମାନେ, ପଣ୍ଡିତେ, ଚାକିରିଆ, ରାଜନୈତିକ, ସ୍ଥାନୀୟ କୁଟନେତା ।

ଏପଟୁ ସାନ କୋଠରି ମଝିରେ ଫିତାଟିଏ ବନ୍ଧା ହୋଇଛି । ସାନ କୋଠରି ଭଞ୍ଜ ସମିତିର, ଆଲମାରିରେ ବହି କେତେ ଖଣ୍ଡି ଦିଶୁଛି ।

ଭଞ୍ଜ ସଭାର ସଭାପତି ନିର୍ବାଚିତା ହେଲେ ଜଣେ ନାରୀ । ଘନ ଘନ କରତାଳି ଶବ୍ଦରେ ଧୀରେ ଯାଇ ଚୌକିରେ ବସିଲେ; ଟେବୁଲରେ ଥୋଇଲେ ଚମଡ଼ା ବଟୁଆଟିଏ; ଗୋଟିଏ କର୍ପୂର ହାର ।

ଡାହାଣ ପାଖେ ଗାୟକ-ବୃନ୍ଦ ଆରମ୍ଭ କଲେ ହାରମୋନିଅମ ଉପରେ ସଙ୍ଗୀତ । ଝିଅ ଯୋଡ଼ିଏ ଆଁ କଲେ, ଗୀତ ବୋଲି ପାରିଲେ ନାହିଁ ।

ଦର ଦର ଝାଳବୁହା ଅବସ୍ଥାରେ ଗାୟକବୃନ୍ଦ ଚିତ୍କାର କରି ଲାଗିଛନ୍ତି ଗୀତଟିଏ । ଝିଅମାନେ ମୁହଁ ପୋତିଛନ୍ତି, ନାରୀ ସଭାପତିଙ୍କ ସୌମ୍ୟ ମୁହଁରେ ଅବସ୍ଥା ଅନୁକ୍ରମେ ହସର ତରଳ ମୁଖା । ସଭ୍ୟମାନେ ମୁହଁ ପୋଛୁଛନ୍ତି, ବଡ଼ ଗରମ, ନାନା ଜାତି ଗନ୍ଧ ।

ଚାଲିଛି ଭଞ୍ଜ-ସଭା । ସଙ୍ଗୀତ ପରେ ଉଠିଲେ ଜଣେ । କଇଁଚିରେ ଫିତାଟି କାଟି ଦେଲେ । ଭଞ୍ଜ ସମିତି ଉଦ୍‌ଘାଟିତ ହେଲା । ଭଞ୍ଜ ସାହିତ୍ୟରେ ପ୍ରବେଶ କଲେ ଜନତା ।

Digitized by srujanika@gmail.com

ତାଙ୍କ ପରେ ଛଅଟା ଚାଳିଶ । ଭଞ୍ଜ ଉପାସକ ଅଧ୍ୟାପକ ଶୈଳେନ୍ଦ୍ର ଦାସ ଆରମ୍ଭ କଲେ ତାଙ୍କ ବକ୍ତୃତା । ବହୁତ ବରିଷ୍ଠ ଏ, ବଡ଼ ଦୂରରୁ ଆସିଛନ୍ତି । ତରୁଣ; ଦେହରେ ଧଳା ପଞ୍ଜାବୀ, ଉପରେ ପଛୁଆ, ମୁଣ୍ଡରେ ପଗଡ଼ି ।

"ମାନନୀୟ ସଭାପତି ମହୋଦୟ—ସମବେତ ସମସ୍ତେ, ଆଜି ମୁଁ ଭଞ୍ଜଙ୍କ ସାହିତ୍ୟ ବିଷୟରେ ଆପଣମାନଙ୍କୁ କହିବି କହିବ, ଶୁଣନ୍ତୁ ପ୍ରଥମେ ବିଜୟଚନ୍ଦ୍ର ମଜୁମଦାରଙ୍କ ଉକ୍ତି—"

ନାରୀ ସଭାପତି ଧୈର୍ଯ୍ୟ ସହକାରେ ଅନାଇଁ ରହିଲେ ।

ଛ'ଟା ତିରିଶି—ଆଉ ଶୈଳେନ୍ଦ୍ର ଠିଆ ଠିଆ ଚା' ପିଉଛନ୍ତି, ପଛରୁ ବାଆ ଲାଗୁଛି । ବିଜୟଚନ୍ଦ୍ର ମଜୁମଦାରଙ୍କ ବିଷୟରେ ସଭାଜନ ଯଥେଷ୍ଟ ଜାଣିଲେଣି ।

ଏହି ଆରମ୍ଭ ହେଲା ପାଣିନି ବ୍ୟାକରଣ ।

ଛ'ଟା ପଚାଶ—ହେଇ ଗଲାଣି ଚୈତନ୍ୟ ଧର୍ମ ବିଷୟରେ ।

ସାତଟା ବାଜୁଛି । ବର୍ତ୍ତମାନ ଭଞ୍ଜ ସାହିତ୍ୟ ପୂର୍ବରୁ ଗଲାଣି ପୃଥିବୀର ଆଧୁନିକ ପଣ୍ଡିତ, ଇସାକ୍‌ର ତେଲ, ପାଲେଷ୍ଟାଇନ ।

ବାଣ୍ଡବା ଲୋକ ବଦଳି ହୋଇ ନୂଆ ନୂଆ ଆସିଲେଣି । ପୁଣି ଚା' । "ଶୁଣନ୍ତୁ ଆପଣମାନେ, କ ଯୋଗ ଷଡ଼ଯନ୍ତ୍ରରୁ ହଠାତ୍ ଓଡ଼ିଆ ସାହିତ୍ୟ ଉଦ୍ଧାର ପାଇ ପାରିବ ! ଆପଣମାନଙ୍କୁ କହୁଛି, ମୁଁ କ କ ବହି ଲେଖିଛି ଆପଣମାନେ ଶୁଣନ୍ତୁ ।"

ସାତଟା କୋଡ଼ିଏ—ଯଦୁମଣି ରହସ୍ୟ ବଖାଣ କରୁଛନ୍ତି; ସେ ବରିଷ୍ଠ ଅଧ୍ୟାପକ ।

ସାତଟା ତିରିଶି—ଦେଶର ସ୍ୱାସ୍ଥ୍ୟ ଦରକାର—ଫୁଟବଲ । ବଡ଼ ଭଲ ଖେଳ ।

Digitized by srujanika@gmail.com

ଆଠଟା ବାଜିଲା । "ଆର୍ତ୍ତବଲ୍ଲଭ ମହାନ୍ତି ଶୁଣନ୍ତୁ ଥରେ ତାଙ୍କ କଥା । ମୁଁ ତାଙ୍କୁ କଣ ପଚାରିଲି ଓ ସେ ଉତ୍ତର ଦେଲେ କଣ—ରସକଲ୍ଲୋଳ ବିଷୟରେ ।"

ଆଠଟା ପନ୍ଦର—ପୁଣି ବିଜୟଚନ୍ଦ୍ର ମଜୁମଦାର ।

ଆଠଟା କୋଡ଼ିଏ—ସରକାରି ଚାକିରିଆ, ତାଙ୍କର ସାହସ ନାହିଁ ପ୍ରତିବାଦ କରି ପାରିବେ ।

ଆଠଟା ପଚିଶି—ହଠାତ୍ ବକ୍ତାଙ୍କୁ ବିଶ୍ରାମ ନେବାକୁ ନିମନ୍ତ୍ରଣ ।

"ମୋର ଆହୁରି ଦୁଇଘଣ୍ଟା ସମୟ ଦରକାର ଥିଲା । ଯାହାହେଉ ଆପଣମାନେ ତ ଜାଣନ୍ତି ଭଞ୍ଜ ଖୁବ୍ ବଡ଼ କବି । ଯାହାହେଉ ସମସ୍ତଙ୍କ ନିମନ୍ତ୍ରଣରେ ମୁଁ ବସିବାକୁ ବାଧ୍ୟ ହେଲି ।" ଘନ ଘନ କରତାଳି ।

ଉଠିଲେ ଆଉ ଜଣେ ପଣ୍ଡିତ ଓ କବିରାଜ; ପ୍ରକାଣ୍ଡ ମୂର୍ତ୍ତି, ଦେହରେ ଝୁଲୁଛି କୁମ୍ଭଧଡ଼ି ସିଲ୍କ ଚଦର ।

"ମୋର ଦରକାର ତିନି ଘଣ୍ଟା ସମୟ, ଦେବେ ଆପଣମାନେ ?"

"କହନ୍ତୁ, କହନ୍ତୁ—"

ଚଦରରେ ଗଣ୍ଠି ପଡ଼ିଲା, ମୁହଁରେ ପଶିଲା ପାନ ।

"ସାହିତ୍ୟର ସଂଜ୍ଞା ହେଉଛି ଯାହା ସସୀମକୁ ଅସୀମକୁ ନେଇଯାଏ । ଏହି ସାହିତ୍ୟ ଅର୍ଥାତ ଭଞ୍ଜ ସାହିତ୍ୟ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଜାଣିବା ଦରକାର ଯେ ପରମେଶ୍ୱରଙ୍କ ଭାଷା କଣ । ପରମେଶ୍ୱରଙ୍କ ଭାଷା ଥିଲା ସଂସ୍କୃତ ।

ଘନ ଘନ କରତାଳି ।

Digitized by srujanika@gmail.com

"କନ୍ତୁ ଭଞ୍ଜଙ୍କର ଦୋଷ ଆଗ କହୁଚ, ତାଙ୍କର ପ୍ରଧାନ ଭୁଲ ବ୍ୟାକରଣରେ—

ଘୋର ପ୍ରତିବାଦ—'ଉଦାହରଣ ଦଅନ୍ତୁ'।

ମୁଁ ଚାଲବାଲା ନୁହେଁ।

'ତେବେ ଆପଣ କଣ ?'

'ଯେଉଁଠି ପଣ୍ଡା କହିଲେ ପାନ ପିଲା, ଚାକରଆ, ଅନ୍ୟମାନେ ଯେଉଁମାନେ ବ୍ୟାକରଣହିଁ ବୁଝନ୍ତି ନାହିଁ, ମୁଁ ସେଠି କିଛି କହିବି ନାହିଁ।' ପ୍ରତିବାଦ ଓ କଳରବ ମଝିରେ ସେ ବସି ପଡ଼ିଲେ।

ପରମେଶ୍ୱରଙ୍କ ଭଷା ଅଶୁଣା ରହିଲା।

ତାପରେ ଆଉ ଜଣେ; ଏ ବି ଜଣେ ଖ୍ୟାତନାମା।

'ଭଞ୍ଜଙ୍କ ସାହିତ୍ୟ ବୁଝାଇବା ପୂର୍ବରୁ ମୁଁ କହିବି ଓଡ଼ିଶାର ଇତିହାସ—ଓଡ଼ିଆ ମନ୍ଦିରର ଶିଳ୍ପକଳା। ଶୁଣନ୍ତୁ, ଫିଲିପ୍‌ଇନ୍ ଦ୍ୱୀପପୁଞ୍ଜରେ ଲୁଜନ ବୋଲି ଯେଉଁ ଦ୍ୱୀପପୁଞ୍ଜ ଅଛି—

ରାତି ସାଢ଼େ ନ, ଲୁଜନରୁ ଚୀନ—

ରାତି ଦଶଟା—ଫ୍ରେଣ୍ଡ୍, ହ୍ୟାଭେଲକ୍ ପ୍ଲେସ୍।

ଘନ ଘନ କରତାଳି।

ସାଢ଼େ ଦଶ।

ଉଠିଲେ ଜଣେ କବି--'କୁମ୍ଭକର୍ଣ୍ଣ ଯେତେବେଳେ ଶୋଇଥିଲେ ତାଙ୍କ ନିଦ ଭାଙ୍ଗିବା ପାଇଁ ନାକବାଳ ଟାଣିବାକୁ ନାକବାଟେ ପଶିଗଲେ ଦୁଇଜଣ ଶଗଡ଼ିଆ, ପୋଡ଼ ଟେଡ଼ ଧରି। ନିଶ୍ୱାସରେ ଦୁହେଁ ଗଲେ ଉଡ଼ି। କୁମ୍ଭକର୍ଣ୍ଣ ପଦ ଉପେନ୍ଦ୍ର ଭଞ୍ଜ, ତେବେ ସମାଲୋଚକ ଶଗଡ଼ିଆ ମାତ୍ର। ମୁଁ ଏତିକି କହିବି— ଲାବଣ୍ୟବତୀ ମୋ ଗାଁ ଝିଅ।

Digitized by srujanika@gmail.com

ତାପରେ ଜଣେ ବଡ଼ାର ଦେଶର କର୍ମଚାରୀ—"ସ୍ୱଇର୍ଙ୍ଗ୍ ! ଶୁଣନ୍ତୁ ଉପେନ୍ଦ୍ର ଭଞ୍ଜ କପରି ଯୋଦ୍ଧା ଥିଲେ । ସେ ପ୍ରଥମେ ଆବିଷ୍କାର କରିଥିଲେ ଗେରିଲ୍ଲା ଯୁଦ୍ଧ, ଇଷ୍ଟ ଇଣ୍ଡିଆ କମ୍ପାନୀକୁ ହଟେଇଥିଲେ—ଶୁଣନ୍ତୁ ।" ଲମ୍ବା ସେରଓ୍ୟାନି ପିନ୍ଧି ବୁଲି ବୁଲି ସେ କହି ଲଗିଛନ୍ତି ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ଆବିଷ୍କୃତ ଗେରିଲ୍ଲା ଯୁଦ୍ଧକଥା । ଗତ ମହାଯୁଦ୍ଧରେ ବର୍ମାରେ ତା କପରି କାର୍ଯ୍ୟରେ ଲାଗିଲା—

ଏଗାରଟା ।

ସଭାପତି ଠିଆହେଲେ—"ସମସ୍ତେ ତ ଭଞ୍ଜ ସାହିତ୍ୟ ବିଷୟରେ ଗଭୀର ଗବେଷଣା କରିଛନ୍ତି; ମୁଁ ଆଉ କଣ କହିବି । ତେବେ ଏ ସବୁ ଗବେଷଣା ବିଭିନ୍ନ ଭାଷାରେ ପ୍ରଚାର କରିବାକୁ ଉଚିତ । ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି ।" ସଭା ଭାଙ୍ଗିଲା; ଲୋକେ ଚାଲିଗଲେ ।

ଗାଡ଼ି ମଟର ତେଇଁ ଉଠି ଅନ୍ଧାରକୁ ଧାଇଁ ପଳାଇଲା ।

ବିଷୟ ଥିଲା 'ଭଞ୍ଜ ସାହିତ୍ୟ'—ଆସିଥିଲେ ବଡ଼ ବଡ଼ ବାଗ୍ମୀ, ପଣ୍ଡିତ, ସମାଲୋଚକ ।

ଘର ଖାଲି, ସେମାନେ ଚାଲିଗଲେ ।

ପମ୍ପା ଘରେ ଛିଣ୍ଡା ଫଟାଟି ଦୁଇଖଣ୍ଡ ହୋଇ ଝୁଲୁଥିଲା, ସେହି ଆଜିର ଘଟଣା । ଅନ୍ଧ ଭିକାରିଟିଏ ହାତ ପାତି ଗୀତ ଗାଇ ବୁଲୁଥିଲା; ଆଖିରୁ ଧାର ଛୁଟିଛି । ପମ୍ପା ଦୁଆରମୁହଁକୁ ଅନେଇ ପଦ ଧରିଲା, "କବିଭୂଷଣପୃଷ୍ଠେ ଯା କାନ୍ତ ଜାଣ—"

—୦—

Digitized by srujanika@gmail.com

ଶରତବାବୁଙ୍କ ବଚିଗୁ

'ଶୁଣ ସୁଧାଂଶୁ' ଶରତ ବାବୁ କହିଲେ, "ଜୀବନଟା ନୁହେଁ, ଗୋଟାଏ ମରୁଭୂମି, ନୁହେଁ ଗୋଟାଏ—ମାନେ—ଗିଅ ଛୁଡ଼ଗଲା। ବଜ୍ରତ ହୋଇ ମୁଠା ଥରେଇ ମୁଣ୍ଡ ହଲେଇ କହିଲେ, "ନୁହେଁ ଗୋଟାଏ—ମାନେ ଆଉ ଯାହା ହଉ।"

ମାଂସ ଚୋବାଉ ଚୋବାଉ ସୁଧାଂଶୁ ବାବୁ କହିଲେ—

"ମାନେ ଗୋଟାଏ ସମୁଦ୍ର।"

"ଧେତ୍—"

'କଣ ମନ୍ଦ ହେଲା ? ଅତଳ ଜଳଧି ଏ ରତ୍ନତ କୂଳ ଭରି, ବହିବ ବକ୍ଷେ ଚାରି ଲକ୍ଷ ଶତ ତରି। ଖାଅ ପିଅ, ଆଉ କହ ଜୀବନଟା ଗୋଟାଏ ସମୁଦ୍ର।"

"ତମେ ମୋ ମାନେ ବୁଝିପାରିଲ ନାହିଁ ସୁଧାଂଶୁ—" ଆକୁଳ ହୋଇ ଅନାଇଁ ଶରତ ବାବୁ କହିଲେ, 'ଜୀବନଟା ଗୋଟାଏ—କଣ ?'

"ପର୍ବତ, ଖୁବ ଉଚ୍ଚ ଆଉ ଗୋଳିଆ, ଚଢ଼ି ଚଢ଼ି ଶେଷରେ ସ୍ୱର୍ଗାରୋହଣ—"

"ଧେତ୍, ଏଇ ଧର—"

"କଣ ଫେର୍ ଧର—ଏଇ ପୁଷ୍ଟାର ଆଉ ଖଣ୍ଡେ ଆଣ୍—

"ହଁ ଅଟକିଲ କାହିଁକି— ଗୋଟାଏ ମାନେ ଆଉ ଯାହା ହଉ ଧର। ତୁମର ଜୀବନ ଚଳାଟା ଶୁଣେଇଲ ନାହିଁ ଶରତ୍ !

Digitized by srujanika@gmail.com

ଏଇ ତ ବେଳ, ବାହାଘର ପରେ ପ୍ରଥମ ବର୍ଷ—ଏ ଅବସ୍ଥାରେ ଜୀବନର ସଂଜ୍ଞାଟା ଚମତ୍ର ?"

ପୁଷ୍ପାର କଷାହେବା ମାଂସ ନେଇ ଆସିଲା । ବାସନାଟା ନାକପୁଡ଼ାକୁ ଆକ୍ରମଣ କରୁଛି । ଲାଲ ଲଙ୍କା, ଗରମ୍ ଓ କଷା ହେବାର ରଙ୍ଗ ଫୁଲୁବ୍ଧ ଆଖିକୁ ଉଡ଼ ଧରୁଛି ଜୋରରେ । ପୁଷ୍ପାଶ ପିଠେ ବୁଲେଇ ଖଣ୍ଡେ ଦୂର ନ ଯାଉଣୁ ଶରତ୍ ବାବୁ ଧୀରେ ଧୀରେ କହିଲେ, "ମୋ ପାଇଁ ଖଣ୍ଡେ, ପୁଷ୍ପାର—"

"ଭୂନା ଭୁନା କାହିଁକି, ବଡ଼ ପାତ୍ରରେ କର, ପୁଷ୍ପାଶ ଶରତ୍ ବାବୁଙ୍କ ପାଇଁ ଦଖଣ୍ଡ ଆଣ ।" ସୁଧାଂଶୁବାବୁ ଗର୍ଜିଲେ, କହିଲେ—"ଠାକୁର୍, ଝୋଲ ଆଣ ।"

"ଝୋଲ !

କାହା ଦ୍ୱାରା କିଛି କାମ କରେଇବାକୁ ଇଚ୍ଛା ଥିବ ଯଦି ଶରତ୍ ଆଗ ନିବେଦନ କରିବ ତାର ଆତ୍ମସମ୍ମାନକୁ । କେତେ ଚଞ୍ଚଳ ନେଇ ଆସୁଛି ସେ ଦେଖ । ଏଇତକ ବାଟ ଆସୁ ଆସୁ ତାକୁ ଲାଗୁଥିବ ଅନେକ କଲିକତାରେ ତାର ହୋଟେଲରେ ସେ ଖାଉଛି । ଆହା ବିଚାର, ପୁଣି ସମୁଦ୍ର କୂଳରେ ନବଛଇଳା ଆରମ୍ଭ କଲା ଯେଉଁ ସୁନ୍ଦରକାଣ୍ଡ ତାର ଲଙ୍କାପୋଡ଼ ଘଟିଲା କଲିକତାରେ—କାହା ହୋଟେଲରେ, କାହା ପାନ ଦୋକାନରେ । ଭୁଲ ଜୀବନଯନ୍ତ୍ରଣାଟା ଏଠି ପୋଷିଲ ଥରେ ଶରତ୍ !"

ଶରତବାବୁ ଅନ୍ୟମନସ୍କ ।

ତାଙ୍କ ପ୍ଲେଟରୁ ଆଉ ଖଣ୍ଡେ ମାଂସ ଉଠେଇ ନେଇ ଚୋବାଉ ଚୋବାଉ ସୁଧାଂଶୁବାବୁ କହିଲେ, "ବେଶ୍ ମିଠିଛି, ଏଇ ତ ରେ କୈଶୋର, ପାଣି ଅଜାଡ଼ି ଦେବା ପରଠୁ । କଷା ହେବାଟା କୈଶୋରର ଅଗ୍ରଭ୍ରଷ୍ଟ ନା ଶରତ୍ ? ଯଥା ମୃଦୁହାସିଆରୁ

Digitized by srujanika@gmail.com

ମୃଦୁସୁଲା । ତୁମର ବି. ଏ. ରେ ଫଷ୍ଟ୍ ଚ ଥିଲା ପରା ? ନାଃ, ଜୀବନଟା ମରୁଭୂମି ନୁହେଁ, କେତେ ନୁହେଁ—"

ଶରତ୍‌ବାବୁ ଗମ୍ଭୀର ହୋଇ କହିଲେ, "ଜୀବନଟା ନୁହେଁ ଗୋଟାଏ ଫାଙ୍କା ସ୍ୱପ୍ନ—" ଅନ୍ୟମନସ୍କ ଦୃଷ୍ଟିକୁ ଦୀର୍ଘଶ୍ୱାସ ଛାଡ଼ି ଫେରାଇଲେ ଆପଣା ପ୍ଲେଟକୁ । ଆଜ ଖଣ୍ଡେ ଥିବାର କଥା, ଦଶ ପ୍ଲେଟ ଖାଲି । ସୁଧାଂଶୁବାବୁ ଉଠି ଚାଲିଗଲେ—କହିଲେ, "ଆରେ ମୋର ସାଇକଲଟା କାଢ଼—"

"ଆରେ ଆରେ କୁଆଡ଼େ ଚାଲିଲ ସୁଧାଂଶୁ, ବଗିଚାଟା ଦେଖିଗଲ ନାହିଁ ଆଜ ଟିକଏ । ପଛେ ଆଉ ତମକୁ ସମୟ ହେବ କୋଉଠୁ ? ଆସନା, ଟିକଏ ସେଠି କାମ ଅଛି—"

"ହଉ ହଉ ତମେ ଲାଗ, ମୁଁ ଆଉ ଖେଳିବ—"

"ଟିକଏ ଆସ—"

"ଧନ୍ୟବାଦ୍—"

"ହୁଃ—ଧନ୍ୟବାଦ୍"—ଶରତ୍‌ବାବୁ ମୁହଁ ଫୁଲେଇଲେ । କହିଲେ "ତୁମର ମୋର ଯେତ ଶତ୍ରୁ ହୋଇଥାନ୍ତେ ସୁଧାଂଶୁ, ତାହେଲେ ଏଇ ବଗିଚା ବିଷୟରେହିଁ ଆମର ଗୁଡ଼ପଣ ହୁଅନ୍ତା ।"

ସାଇକଲର ଚକ ଟିପୁ ଟିପୁ ସୁଧାଂଶୁବାବୁ କହିଲେ, "ତାହେଲେ ଅନେକ କଥା ଆଗ ଧରିନେବାକୁ ପଡ଼ନ୍ତା—"

ଶରତବାବୁ ହସିଲେ--କହିଲେ, "ବଗିଚା କରିବା ବିଷୟରେ ତୁମେ ବଡ଼ ଉଦାସୀନ ।" ସାଇକଲ ଧରି ପଦାକୁ ବାହାରି ଯାଉ ଯାଉ ସୁଧାଂଶୁ ବାବୁ କହିଲେ, "ଗୁଡ଼ପଣ ହୁଅନ୍ତା । ତୁମର ହେଉନ୍ତା ତୁମ ବଗିଚା ଆଉ ତୁମ ଜୀବନଟନ୍ତା, ମୋର କଣ ?"

ସୁଧାଂଶୁବାବୁ ଚାଲିଗଲେ । ଚକର ଚାପ ଉଠିଯାଇ ଶରତ୍‌ବାବୁଙ୍କ କଳ୍ପନାର ସୂକ୍ଷ୍ମ ଶରୀର ବାଲୁକା ଗର୍ଭରେ ପରି

ହଠାତ୍ ନୀଳାମ୍ବର ଫଲ ଉଠେଲା । ଅତି ଚଞ୍ଚଳ ଘର ଚତ୍ୱରରେ ଦୁ'ଥର ଡେଇଁ ଡେଇଁ ଆସି ମନକୁ ମନ କହି ହେଲେ, 'ବଗିରୁ ବଗିରୁ' । ଆରସି ପାଖେ ଟିକିଏ ଅଟକିବାକୁ ପଡ଼ିଲା; ଦେଖିବାକୁ ହେଲା ଗୋଲ ଗୋଲ୍ ଫୁଲ୍‌ଜା ମୁହଁଟିଏ, ଦେବାଙ୍କର ଝୋକୁଆ ଖୁର ଧାର କାମ କରୁଛି । ଜଳ ଜଳ ଆଖି ଦୋଟି, ସ୍ୱପ୍ନର କୁହୁଡ଼ି ଉହାଡ଼ରୁ ହସି ଉଠୁଛି । ବାଡ଼ ଅପାଣିରେ ଦେହ ଫଇଲଛି, ନର୍ଜୀବା ଦେଶର ଭୂଜନାରୁଙ୍କ ବର୍ଣ୍ଣନାରେ କହିବାକୁ ହେବ ବୃଷାଳ ଏବଂ ସତ୍ତେଇଣି ବର୍ଷରେ ବ ଜନଫେ଼ ଉପରେ ଗୋଟିଏ ଗ୍ରୋଥ କୁଦ; ହସିଲେ ସେ ନାଚେ, ହସରେ ବୃଦ୍ଧିପାଏ । ମାସ୍ୱେଲା ଘରେ ଆପଣା ଆପଣା ଆଖିକ ଭୂଲ୍ଭି ସ୍ୱପ୍ନର ସ୍ନେହ ଅଙ୍ଗରେ ବୋଳ ହେଲେ । ଏ ଗୋଟାଏ ଆଦେଶର ମୋହ, ବଗିରୁକୁ ଯିବା ପୂର୍ବରୁ ।

ଗୁଣୁ ଗୁଣୁ ହୋଇ ଗୀତ ବୋହି ଚଢ଼ୁଛି । ଦୁଆର ମୁହଁରେ ଏକ ଦୃଷ୍ଟିରେ ଚାହୁଁଛି ରହିଁ ରହି ପଡ଼ଶାଘରର ବିଲେଇ କହୁଚି ମିଉଁ ମିଉଁ ।

ସ୍ୱପ୍ନରେ ବିଭ୍ରାଟ ଘଟିଲା, ଧାଇଁଲା ପରି ବାରଅଣ୍ଡକୁ ଦୌଡ଼ି ଯାଇ ଯାଇ ଶରତବାବୁ କହିଲେ, 'ବଗିରୁ—ବଗିରୁ ।'

ଟାଣ କବାଟ ଧୀରେ ଆଉଜାଇ ଦେଲେ । ବେଶ୍, ବର୍ତ୍ତମାନ ମାସ୍ୱେଲା । ଘରପାଖର ଘର ମଝିରେ ସନ୍ଧାସନ୍ଧି ହୋଇ ତିନକୋଣିଆ ହୋଇ ତିରଣ ହାତ ଜାଗା । ସ୍ଥାନେ ସ୍ଥାନେ ଗୋଦା ମେଲା ଅଛି । କାହୁ କରେ କରେ ଦୁଇ ଗୋଡ଼ରେ ଠିଆ ହୋଇ ଲଙ୍ଗୁଡ଼ିମାନ ହଲାଇ ହଲାଇ ତିନୋଟି ଛେଳି ତିନବୁଦା ଶିମ୍ବଗଛ ଫଇସଲା କରିବାରେ ଲାଗି ପଡ଼ିଛନ୍ତି ଏବଂ ତାଙ୍କ ଆରପଟେ ଥିବା ସାଙ୍ଗ ସାଥୀଙ୍କୁ ନିମନ୍ତ୍ରଣ କୁହାଟୁଛନ୍ତି । ତାଙ୍କୁ

Digitized by srujanika@gmail.com

ଉପରେ କଳା କଳା ଧାନ ସାନ ଅଙ୍କୁର ଓଟୋଟି ମୁଣ୍ଡ, ମୁହଁରେ ବେପସନ୍ଦ ଅବଜ୍ଞା, ବେକ ଟାଙ୍କି ମେଁ ମେଁ ହୋଇ କହି ଲାଗନ୍ତି, କିଏ ଅଛୁ ଏଠି ? ମାଲୋ—ଶିମ୍ବୁଡା ଖାଲି ତାଙ୍କ ବେଇମାଣ୍ଡ, ଘିଆନାଳ ପରି ସରୁ ସରୁ ଖଡ଼ାଗଛ ଡେଙ୍ଗା ଡେଙ୍ଗା, ଚାରି ପଟ ଖାଲି ଜାଲି ଜାଲି । କେଉଁଠୁ ଗଛର ଅଧାଖିଆ ମୂଳ ଆଉ ଗଜୁରିବାକୁ ସୁବିଧା ପାଉ ନାହିଁ । ଜହ୍ନି ଦ'ବୁଦା ଅଛି ସତ, ପଟ ଅଳ୍ପ ଅଳ୍ପ ହଳଦିଆ ପଡ଼ିଲାଣି; କିନ୍ତୁ ସେ ଦୁଆର ମୁହଁର ଅତି ପାଖରେ ।

ଛେଳିର ଛୁଆ କାନ୍ଥ ଉପରେ ଠିଆହୋଇ ମୁଣ୍ଡ ହଲେଇ କହୁଚି ମେଁ ମେଁ—ଜହ୍ନି ପତ୍ର ପିଠା, ଘିଅ ପିଠା ।

ଶରତ୍ ବାବୁ ଦୃଶ୍ୟଟା ଦେଖିଲେ, ଛେଳିର ଫଳପଲା ଦୃଷ୍ଟିତର ହେଲା । ଅହିଂସ ଶାନ୍ତମାର୍ଗ ଭୁଲି ତାଙ୍କ ଝଣ୍ଡେ ଧରି ରେରେକାର କରି ଧାଇଁ ଯାଉ ଯାଉ ପାଦରେ ଜବଡ଼ଭାବେ ସମ୍ଭବ କଲା ଅଙ୍କବନ୍ତ କଣ୍ଟା ଏବଂ ଲୁଗାରେ ଗୁଗୁଚିଆ ଚଳେ । ମାରିବାରେ ଗୃହିହୋଇ ପ୍ରଣାମ କଲେ ପ୍ରକୃତିର ଚିର ଶ୍ୟାମଳ ମାତ୍ର, ଗୋଷ୍ଠୀର ଆତ୍ମନିର୍ଦ୍ଧାରଣବାଦ, ବ୍ୟକ୍ତିର ପ୍ରତିଷ୍ଠା ପାଇଁ ଆକାଙ୍କ୍ଷା; ଯେ ସେମାନଙ୍କର ବି ବଞ୍ଚିବାକୁ କଣ ବଢ଼ିବାକୁ ଅଧିକାର ଅଛି । ଗୋଟାଏ ସ୍ଥାନରେ ସେତିକି ସେତିକି ହେଇ ପଡ଼ିଲେ ଖାଦ୍ୟ କମ୍, ତେଣୁ ଆଁଫ୍ୟ ମଧ୍ୟ ସିଆଁ ଗ୍ରୁଡ଼ ଆସିଲେ ।

ରାଜକର ଦଳ ପରି ରକ୍ତଚକ୍ଷୁ ଦାଡ଼ିବାଲା ଛେଳି କିନର୍ଙ୍କ ଏକ୍ସ ଅତର୍କିତ ଆକ୍ରମଣରେ ପଳାଇଲେ । ଶରତ ବାବୁ ଅ.ପଣାକୁ ଅଭିନନ୍ଦନ କରି ଫେରି ଆସିଲେ ମଝିକୁ । ସେଉଁଠି ସ୍ୱେଷଇ ଘରର ନଳା; ଯାହା ଏକ୍ସ ଉଦ୍ୟାନକୁ ଉର୍ବର କରିବାକୁ ଚିନ୍ତା ଆଖଣ୍ଡ-ସୃଷ୍ଟି କରିଛି ଶୋଟିଏ ଗ୍ରେଟ୍ ହ୍ରଦ ।

Digitized by srujanika@gmail.com

ତାର ଜକ ଜକ ସ୍ଥିର କଳାପାଣି । ବୃଣଆଡ଼େ ପୋକଶୁଙ୍ଘ ଜଙ୍ଗଲ, ବେଶ ଏକ ପ୍ରକାର ବାସ୍ନା ଆସୁଛି । ସେଠି ଖଣ୍ଡିଏ ଛତ୍ରୁଫୁଟା କାଠଗଣ୍ଡି ଉପରେ ନନ୍ଦ ତାଙ୍କର ନେସ୍ୱେଲା ଆସ୍ଥାନ । ଖବ୍ରୁ ଖବ୍ରୁ ଚୋବେଇ ଗୋବେଇ ପାଖ ଅରାକରେ ଆଉ ଘାସର ରସାଳ ଡାଳ ନାହିଁ; କିନ୍ତୁ ଆସ୍ଥାନ ଅଛି ।

ଦୂରରୁ ଉଡ଼ି ଆସୁଛି ପବନରେ ମଣିଷ ଘରକରଣାର ସୃଷ୍ଟି ସ୍ଥିତ ପରିବର୍ତ୍ତନର ଗନ୍ଧ । ଅରମାର ଫଟା ଫଳରୁ ତୁଳା ଉଡ଼ୁଛି ।

ନରୋଲା ଉଣ୍ଡଶି ଦାଢ ପରସ୍ପର—ଶତ୍ରୁର ଏବଂ ଆଶାର ।

ଛେଳି ଘଞ୍ଚେଇବା ପରେ ଫେମ ଯେତେବେଳେ ନିଜର ସୁସ୍ଥ ଖୋଳ ଭିତରକୁ ନିଜେ ଫେରି ଆସିଲେ, ପୁରୁଣା ଗୃହାଣିରେ ସମ୍ପାଦି ଆଣିଲେ ପୁରୁଣା ଦୃଶ୍ୟକୁ । ଘୃରିପାଖେ ବସେଇ ହୋଇ ରହିଛି ଅସମାପ୍ତ ପ୍ରବଣତା । ଯାହା ହୋଇଥାନ୍ତା, ହୋଇ ପାରିଲା ନାହିଁ—ହୋଇ ପାରିବ, ହୋଇ ପାରିବ ନାହିଁ ।

ପ୍ରଧାନ ସେଠି ଅନଦ୍ୟତନ ଭୂତ,—ଭୂତ ଯେ, ଶୁଖି ଆସୁଥିବା ଖଣ୍ଡାଗଛ ପରି; ଅନ୍ତ ଦୂର ନୁହେଁ, ନିକଟ ଅତୀତ ।

ବାଡ଼ି କରେ କରେ କ୍ୟାକ୍‌ଟସ୍ ତାହାଲିଆର ଜଙ୍ଗଲ । ଖବରେ ସୂର୍ଯ୍ୟୋଦୟ ପରି ତାର ଫୁଲ ଫୁଟେ । କରେ କରେ ସେବତୀର ବହଳ ଝୋପ, ଉପରେ କର୍ପୂରପୁଷ୍ପ · ବାଘନଖୀ ଧଳା ସେବତୀ, ହଳଦିଆ ସେବତୀ । ବାଟ କରେ କରେ ଗୋଲାପ ୯ ୦ ନାନା ରଙ୍ଗର । ତିନି କଣରେ ହଳଦିଆ ମଲ୍ଲିଶାଳ ଗାଲ୍ ଗୋଲାପର କୁଞ୍ଜ, ପେନ୍ଥି ପେନ୍ଥି ଫୁଲ, ଝୋପି ଝୋପି ପୋକଂ-ଖମ୍ପା ହଳଦିଆ ଚଉଡ଼ଇ, ମଝିରେ ବୁଦାଏ ବାଉଁଶ ପରି ଛେଙ୍ଗା ପଲ୍‌ନେରନ୍ ଗୋଲାପର ବୁଦା, ଫୁଲ ଫୁଟନ୍ତା—ପ୍ରକାଣ୍ଡ ।

Digitized by srujanika@gmail.com

ଅନ୍ଧ ସନ୍ଧରେ ରଙ୍ଗ ସଙ୍ଗେ ରଙ୍ଗ ସଜେଇ ନାନା ଜାତି ଫୁଲଗଛ । ପୁଣି ଲାଲ୍ ଲାଲ୍ କଖାରୁଆ ଝଲାଡ଼ ବାଇଗଣ ପେନ୍ଥେ ପେନ୍ଥେ, ଲମ୍ବ ଲମ୍ବ ଫରଶୀବେଣୀ, ଅତି ସାନ୍ନା କୋବି, କଳା ମସ୍ ମସ୍ ବାଇଗଣ ।

ତାପରେ କାକୁଡ଼ି, ତରୁଭୁଜ, ଫୁଟି—

କାନ୍ଦି କାନ୍ଦି କଦଳୀ, ଲମ୍ବ ଲମ୍ବ ଅମୃତଭଣ୍ଡା—ଯାହାକୁ ଓଡ଼ିଆ ବୋଇତଆଳ ଆଣିଥିଲେ ସିଂହଳରୁ ।

ତିନି କଣରେ ତିନିବୁଦା କମଳା ଗଛ, ଫଳ ଲଦି ହୋଇ ପଡ଼ୁଥିବ ।

ନଡ଼ିଆ ବ—ଗଜା ନଡ଼ିଆଗଛ କେଡ଼େ ସୁନ୍ଦର ଦିଶେ । ବିଶେଷତଃ ଜହ୍ନରାତିରେ ବାହୁଙ୍ଗାର ପତ୍ର ସନ୍ଧିରେ ଯେତେବେଳେ ଜହ୍ନ ଆଲୁଅ ଲୁଚକାଳି ଖେଳୁଥାଏ ।

ସଜନା ! ଛତି କଣ ? କି ସୁନ୍ଦର ଲଦି ହୋଇପଡ଼େ ତାର ଫୁଲ, ଶାଗ କି ନରମ, ଛୁଇଁ କି ସୁଆଦ !

ଏବଂ ଗ୍ରୀଷ୍ମଶୀତଳ ବଟବୃକ୍ଷ, ତାର ଘଞ୍ଚ ପତ୍ରରେ ମାୟା ।

କେଉଁଠି ଗୋଟାଏ ଶାଳ୍ମଳୀତରୁ, ନାନାଦେଶ ନାନାଦେଶରୁ ଉଡ଼ିଆସି ଯେଉଁଠି ପକ୍ଷୀମାନେ ବସା ବାନ୍ଧନ୍ତି । ପକ୍ଷୀ କାକଳିରେ ନିଦ ଭାଙ୍ଗିବା କେଡ଼େ ସୁନ୍ଦର ଯଦି ହୁଅନ୍ତେ ସବୁ ପକ୍ଷୀ ଶାରୀ ବା ଶ୍ୟାମା ।

ସୀମାବନ୍ଧନରୁ ମୁକ୍ତ—ବ୍ୟାପ୍ତି—ତାପରେ ଅସୀମ ।

ଆସ୍ଥା ଗାଁରେ ବସାଘରେ ତିନିଟି ଦ୍ୱାତ ବାର । ବାର-କବାଟ ବନ୍ଦ ।

Digitized by srujanika@gmail.com

ଅତସି

ମାଟି—ମାଟି—ମାଟି । ମାଟିର ରସ, ମାଟିର ବାସ; କେଡ଼େ ସୁନ୍ଦର । ଚାରିଆଡ଼େ ଖାଲି ମାଟି; କେଡ଼େ ସୁନ୍ଦର । ଫୁଲ ଫୁଟେ ଏଇ ମାଟିରୁ, ଫୁଲ ଝଡ଼େ ଏଇ ମାଟିରେ ।

ଅତସି ଉଠିଲା, ଅଳସ ମୁକୁଳା ବାଳରେ ବୋଝେ ଧୂଳି, ପିଠି ଗୋଟା ଦିଶୁଛି ଛଉ ଛଉକା । ବାଳ ଭିତରେ ଦି' ହାତ ଦ୍ୱିର ମୁଣ୍ଡରେ ଘଷି ପୁଣି ଗଡ଼ିଲା ଧୂଳିରେ । ଲେଙ୍ଗଟ ପିଲାର କଅଁଳ ପାଟି ପଞ୍ଚମକୁ ଉଠିଲା, ମନ ଫୁଲିଣି ଶଙ୍ଖ'ର ଆକାଶର ବୁକୁ ଚିରି ଚାଲିଗଲା ସେ ପାଖଙ୍କ — ଆସ ଆସ, କଏ ଅଛ କୋଉଠି ଆସ; ମୋର ସୁଆଗ ମାଟି; ମିଠା ମାଟି; ସୁନ୍ଦର ମାଟି । ଦେହ ଗୋଟାକ ଧୂଳି ଲାଗି ଦିଶା ଆହ୍ମର ଆଶା ଅଛି । ମାଟିର ମୋହ ସହଜେ ତୁଟେ ନାହିଁ ।

"ଏଇଥିଂ। ପୋଛି ପୋଛି ସଫାସୁତୁରା କରି ଛାଡ଼ି ଦେଇଥିଲି; ଦେଇ ଦେଖ । ଟେଗହ୍ଲି, ହଇଲେ ଶୁଣୁଚ !"

ଅତସି ରହିଲା । ବୋଉକୁ ଦେଖି ଟିକଏ ଦମିଗଲା, ତାପରେ ପୁଣି ଗୋଡ଼ ହାତ ପିଟି ଗଡ଼ିଲା, ମୁଠା ମୁଠା ଧୂଳି ଛୁଆଡ଼ି କରି କରି ହସି ଗଡ଼ିଲା ।

"ଟେଗହ୍ଲି !" ଏଥର ସ୍ୱରଟା ନହାନ୍ତି ଖୁସ୍ମିଜାଙ୍କ ନୁହେଁ ।

ପଥର— ଜୀବନ ନାହିଁ । ଲେଙ୍ଗଟ ପିଲାର ନୀରବ କଥା, ଟିକି ସୁଖ ଦୁଃଖ । ସେଥିପାଇଁ ପରିଚୟ ଏମାନେ ବୁଝନ୍ତି ନାହିଁ, ଆଖିରେ ନିଶା ନାହିଁ; ପ୍ରାଣରେ ନାହିଁ ପରଶର ମୋହ ।

ଅଚସି ମୁହୂର୍ତ୍ତେ ଭିତରେ ଭଙ୍ଗାଘର ସଜାଡ଼ ବସିଲା ମନେ ମନେ—ଗୋଟାଏ ଡିଆଁ, ଗୋଟାଏ ଦଉଡ଼, ଦୋକାନ ଆଗେ ଆଗେ; ମଣିଷ ଥିବେ । ବୋଉ ପଛେ ପଛେ ଦଉଡ଼ିବ ନାହିଁ ମଣିଷ ଥିଲେ । ତାପରେ ସିଧା ମଣିଆମା ପୋଖରୀ ଉପରର ଅରମା ଢ଼ିଅ, ଯେଉଁଠି ପ୍ରଜାପତି ମାଳ ମାଳ, ଛପି ଛପି କଙ୍କି ଧରିହବ ଇପାରେ । ଆଖିର ଗୋଟାଏ କଣରେ ଦୁଷ୍ଟାମିମିଶା ଗୋଟାଏ ଚମକ ଖେଳିଗଲା । ତାପରେ—

ପିଠିରେ ବିଧାଟା ଥରେ ଆସନ ମାଡ଼ ବସି ପଡ଼ିଲା । ଅଚସି ପଛକୁ ଚାହିଁଲା ।

"ଏତେ ମନା କଲି—ଛତରଖାଇ ଟୋକା !" ଉଦାଉଛୁ ଏକଦମ୍ ତାଗ । ଘିଡ଼୍ ଘାଡ଼ିଆ କରି ହେଁଚା ଖାଇ ଅଚସି ପଡ଼ି ଉଠି ଚାଲିଲା । ଗୋଟାଏ ବାହା ବୋଉ ହାତମୁଠାରେ । ଅଚସି ଥରେ ଚେଷ୍ଟା କଲା, କଅଁଳ ମୁହଁକରି ବୋଉ ଆଡ଼କୁ ଚାହିଁ କହିଲା—'କାଉ କେମିତି ବେଙ୍ଗ ନଏ' ସାକୁଲେଇ ହେଇ ।

"ଚାଲ, ପୁଣି ଥରେ ହାଙ୍କ । "ଗୋହ୍ମୁଚ ହଉଚ—ଗାଠେଇ ପାଧେଇ ଘୁଡ଼ଦେଇ ଗଲି, ଡାଲି ହାଣ୍ଡି ଟା ଓହ୍ଲେଇବାକୁ—"

ଅଚସି ଚାଲିଲା, ଟୋପା ଟୋପା ଲୁହ ପଡ଼ିଲା ବଙ୍କା ଡଙ୍କା ରାସ୍ତା ଉପରେ—ମାଟି ସବୁ ଚାଟିଦେଲା ।

ଅଚସି ପୁଣି ଥରେ ଚେଷ୍ଟା କଲା "ଏଁ-ଏଁ-ଏଁ, ମୋ ନାଲି ଗୋଡ଼, ମୋ ନାଲି ଗୋଡ଼, ଇଲୋ ମୋ !"

"ମୋ ମୁଣ୍ଡ; ମୋ ସମ୍ପତ୍ତି··· ଚାଲ ଚାଲ । ଏତେ ଦୁଃଖରେ ବି ଅଚସି ପୁଣି ଭାବିନେଲା ସେଇ ଯୋଉ ଅସୁରୁଣୀ ବୁଢ଼ୀ ବାନ୍ଧି ଦେଇଥିଲା ସୋଣର ଭଜାଟିଏ କାନରେ, ସେ ଟି ଗୋଟି ଗଣ୍ଡ ହୋଇଗଲା । ଏ ଲୁହ ଟୋପା ଗୁଡ଼ାକ ଯଦି ହୁଅନ୍ତା ଗଛ,ନାଲି

Digitized by srujanika@gmail.com

ନାଲି ଗଛ, ଚଷ୍ଣୁରେ କାକଆ କାକଆ ଚଡର, ଡାମଗ୍ଗଳାଉ ପକ୍ଷି ପର; ଆଜ ଅଗଷ୍ଟ ହନ୍ତା କଣ ? ହେଁ—ଡାମଗ୍ଗାଉ ଅଣ୍ଡା ।
ଅତସି ହସିବ, ଲୁହ ଭିତରେ ।

ପଦ୍ମ ଝିଅମୁହଁକୁ ଚୁହିଁଲା । କଣ ଭାବ ତା ଆଖି ନାକ ଭଲ କର ମସିଆ ପଣତରେ ପୋଛି ଦେଲା । ଅତସି ଶୁଙ୍ଘିଲା, ଗମଗ୍ କୋଳଥିଆ ଗନ୍ଧ । ତାପରେ ତଳୁ ଟେକ ନେଇ ଦ’ ହାତରେ ଜାକଧର ଗେଲକଲା; ଗାଲରେ ନାକରେ ଆଖିରେ ଓଠରେ କାନରେ ଅଲଗ୍ ଧୂଳିଆ ବାଳରେ ପଦ୍ମ ଚଗଲା । ଅତସି ବୋଉ ବେକକୁ ଜାକ ଧରିଲା, ହଗୋଡ଼ ଛନ୍ଦଦେଲା ଅଣ୍ଟାରେ; ନିଶ୍ୱାସ ବନ୍ଦ ହୋଇ ଆସୁଛି, ମୁହଁ ଓଠାକ ଗରମ ଗରମ ଲାଗୁଛି । ଟାଳି ଦେଲା—ପଦ୍ମର ଗେଲ ତୋଫାନ ଭୁହାଇ ଭୁହାଇ ଆସି ଚାଲିଗଲା । ତାପରେ ଶାନ୍ତ ହସ ହସ ମୁହଁରେ ଅତସିକୁ ଚୁହିଁ କେତେ କଅଣ ବକିଗଲା ‘ମୋ ସୁନା, ମୋ ରୁପା—ମୋ’ କେତେ କଅଣ ଯାହା ଅଭିଧାନରେ ନାହିଁ । ବ୍ୟାକରଣ ସିଦ୍ଧା ନୁହେ, ତଥାପି ମଣିଷର ଭାଷା – ମୋ ବୁଜୁମୁନୁ, ମୋ ଗୁଜୁରୁମାଳ, ମୋ ଚୁଲୁରୁ-ଚୁପୁରୁ, ମୋ ହୁଁ ହୁଁ !

ଅତସି ମୁହଁ ଫୁଲେଇ ଥିଲା, ତାପରେ ଧୀରେ ଧୀରେ ଅଭିମାନ ଫାଟି ହସ ନଗିଡ଼ିଲା । ଅଳ୍ପ କରେଇ କରେଇ ଶେଷରେ ଶଙ୍କାର କର “ବୋଉ ମୁଁ ତୋ ଛୁଆ । ସେ କେମିତି କୋଉଠି ପେଟରେ କେମିତି ଜାକଜୁକ ହୋଇ ତା ଛୁଆଟା ନାଖିଥାଏ !’’

“ମଲା ମୋ—’’ପଦ୍ମ ହସିଲା ।

ଉଦୁଉଦିଆ ଦପହର । ସେତେବେଳେ ଘରଆଡ଼େ ଝାଇଁମାର ଦେଉଛି, କେହି କେଉଁଠି ନାହିଁ । ଅତସି ମା’ କୋଡ଼ରୁ ଅଳ୍ପ

Digitized by srujanika@gmail.com

ଅଲ୍ପେ ଖସିଲା । ପଦ୍ମ ସେତେବେଳକୁ ନଦରେ ବାଘର । ଅତସି ଥରେ କଣେଇ ଚାହିଁ ପୁଣି ଶୋଇ ପଡ଼ିଲା । ପଦ୍ମର ଗୋଟାଏ ହାତ ଠିକ୍ ତା ପିଠି ଉପରେ । ନା, ଆଉ ଚଳବ ନାହିଁ, ଗାଲ ପାଖ ଶୋଇ ଶୋଇ ଧକ୍‌ଧାର ଲାଗିଲାଣି । ଧୀରେ ଗୋଟିଏ ଗୋଡ଼ ପଛେଇଲା, ବୋଉ ହାତଟା ଧୀରେ ଖସେଇ ଦେଲା । ତାପରେ ପଛେଇ ପଛେଇ ଅଳ୍ପ ଦୂର ଗଡ଼ିଗଲା ପରେ କୋଥରେ ସିଧାହୋଇ ଠିଆହେଲା । ସେତେବେଳକୁ ପଦ୍ମର ଅଲଗା ବାଳ ତା'ର ଆଉକୁ ଝୁଙ୍କିଛି । ଅତସି ବୁଝିଲା, ବୋଉର ଗ୍ରାଡ ଉପରୁ ଲୁଗାକାନଟା ଖସିଯାଇଛି । ଟିପେଇ ଟିପେଇ କବାଟପାଖେ ଯାଇ ପୁଣି ଫେରି ଆସିଲା, ମା କୋଡ଼ରେ ଗୁଞ୍ଜିଗାଞ୍ଜି ଶୋଇ ଦୁଧରେ ମୁହଁ ଦେଲା, ଆଖି ମିଟି ମିଟି କରି ଅଳ୍ପ ସମୟ ପଡ଼ି ରହିଲା; ତାପରେ ଖୁବ ବେଗରେ ଏକଦମ୍ ପାରି । ପଦ୍ମ ହାଇ ମାରିଲା, ନଦରେ କରି ଲେଉଟାଇ ପୁଣି ଶୋଇଲା ।

—ବାହାରେ ପ୍ରଚଣ୍ଡ ଖରା ।

ବାଡ଼ ଉପରେ ସେ ଯେଉଁ ହ'କେନଆ ବାଉଁଶ ଖୁଣ୍ଟି—ଏଣ୍ଡେ ବଡ଼ ନାଲି କଂକ ବସିଛି ତା ଉପରେ । ଅତସି ଗଲା, 'କଙ୍କ ଧରଣ ମା ମରଣ' 'କଙ୍କ ଧରଣ' ନା—ଫେରି ଆସିଲା । ନାଲି କଙ୍କି ଖରାରେ ଝକ୍ ଝକ୍ ଦିଶୁଛି । ପଛି ଝାଡ଼ିଲା; ଅତସି ଏ ପାଖ ସେ ପାଖ ଦେଖିଲା, ତା ପରେ ପୁଣି ଥରେ ଥରେ ଗଲା । ଧୀରେ—ହାତ୍; କଙ୍କିଟା ଉଡ଼ିଗଲା, ଖଡଗଦା ଉପରେ ଯେଉଁ କନା ମେଞ୍ଚାକ ପଡ଼ିଛି ତାରି ଉପରେ ବସିଲା । ଖପରା ଗଦା—ଅତସି ଭାବିଲା, ପଇସା କରିବା; ମନାଭାଇ ଯେମିତି ହୋରି ହୋରି କରେ । ନାଲି କଙ୍କି, କେମିତି ଦେହଗୋଟା ଥରେଇ ଦଉଚି—ଧୀରେ ଧୀରେ ଗୁରୁଣ୍ଡି ଗୁରୁଣ୍ଡି, ଖୁବ ଖୁବ ଅତସି

Digitized by srujanika@gmail.com

ଲଞ୍ଜଟା ଧରିଲା । ଝଙ୍କି ଘୁଞ୍ଚିପିଞ୍ଚି ହେଲା, ଚକର ମାରି ଘୂରିଲା, ଅଚପି ଘୁଡ଼ିଲା ନାହିଁ ।

ଗଦାରେ ଘୁଞ୍ଚ ଫୁଲର ଅଚପି ରହିଲା । ଏ ନଗୁଣ୍ଟିଆ ଖରାରେ କେଉଁ ଅଜଣା ସ୍ୱଇଜର ଅଦେଖା ଅଛୁଆଁ ରୂପରସ, ଗଛ ନଟା, ଫୁଲ ପତର, ଘାସ, ଆମ୍ବଗଛ ଭିତର ଦେଇ ତାକୁ ଛୁଇଁଲା, ଅଚପି ଗୃହଆଡ଼କୁ ଗୃହିଁ ଥକା ହୋଇ ରହିଲା । ଏଠିକି ଆସିଛୁ ଦେଖିଲେ ବୋଉ ପୁଣି ଥରେ ଗାଧୋଇ ଦଅନ୍ତା, ଆମ୍ବ-ମୂଳର କାଦୁଅରେ ହେଇ କଣ ନାଲିଆ ମାଟିଆ ମେଞ୍ଚା ପୋତକା ବେଡ଼ୁଛନ୍ତ ଅନର୍ଗଳ । ଅଚପି ଘୃଣାରେ ନାକ ଟେକିଲା, କିନ୍ତୁ ଟା ପୁଏ ଏଣେ ମୁସ୍କିଲ କଲାଣି । ହଠାତ କନସିରପଦରେ କନଅରି ଖିର ଅଠା ଦେଇ ଝଙ୍କି ଲାଞ୍ଜରେ ଚିପିଦେଲା । ଝଙ୍କି ଗୃଲିଲା ଉଡ଼ ଉଡ଼—ଅଚପି ହସି ହସି ତଳ ଚୋଟାଭିତରେ ଦଉଡ଼ିଲା ।

ଏ ଶୂନ୍ୟତା ଭିତରେ ମନଟା କେମିତି କେମିତି ଲାଗେ । ଅଚପି ନିଜକୁ ଭୁଲିଗଲା, ସବୁକଥା ଭୁଲିଗଲା । ଗୁଣୁଗୁଣୁ କରି ଗୀତ ବାହାରିଲା, ତାର ଏଠି କେତେ ସାଙ୍ଗ । ଝଙ୍କାଳିଆ ଚୋଟା ଭିତରେ ଘାସ ଅରମା, ବଣୁଆ ଫୁଲ, କଆବୁଦା । ସେ ଦିନ ଠେକୁଆ ଧରା ହୋଇଥିଲା ଏଇ ଅରମାରେ । ଅଚପି ଗୀତ ଗାଇ ଗାଇ ହଲି ହଲି ଏଠୁ ତାଳେ ସେଠୁ ପତରେ ଛୁଇଁ ଚୁଲିଲା—ଲକ୍ଷ୍ୟ ନାହିଁ, ଉଦ୍ଦେଶ୍ୟ ନାହିଁ । ତାର ଏଠି କେତେ ସାଙ୍ଗ । ଲେଞ୍ଚଣି ଆମ୍ବଗଛ ତଳେ କାଇଁବସା ପଡ଼ିଛୁ, କେତେ କାଇ ବେଢ଼ିଛନ୍ତ । ଅଚପି ଏଠି ସମସ୍ତଙ୍କି ଜଣା ଅଧିକେ ଚିହ୍ନେ, ସମସ୍ତଙ୍କି ଭଲ ପାଏ । ଖାଲି ସେପାଖ ବାଉଁଶ ବୁଦାଟା ତାକୁ ଅଡ଼ୁଆ ଅନ୍ଧାରୁଆ ଜାଗା; ଡବ୍‌ରେ ପୁଣି ଶୁଖିଲା ପତଗୁଡ଼ାକ ଗୃଲିଲାବେଳକୁ ମସ୍ ମସ୍ କରେ । ତା ନ ହେଲେ ଏ ଜଙ୍ଗଲ-

Digitized by srujanika@gmail.com

ବୁଢା ନଟ', ନହାତ ନଦୋଷୀ ତାମସା । ଫୁଟ୍‌ଫୁଟିକିଆ ଫଳ ଧରିଛି, ସବୁ ଏଠରୁ ଲେପ ନେଇ ଅତସି ଲଗାଇଦେଲା—ଫୁଟ୍—ଫଳଟା ଫାଟି ଝଡ଼ି ପଡ଼ିଲା । ଗୋଟାଏ, ଦୁଇଟା, ତିନିଟା, ଲୁଚିଟା ତ ର ଚାଉଁଳ ଅନ୍ଧକାର ଭିତରେ ଏଥିରେ କୃତକାର୍ଯ୍ୟ ହେବା ଗୋଟାଏ ଖୁବ୍ ବଡ଼କଥା । ଅତସି ଫୁଟ୍‌ଫୁଟିକା ବୁଢା ଖୋଜି ବୁଲିଲା । ମୁଷାକାନ ? ମୁଷାକାନ ?—ବୃଥା ପରିଶ୍ରମ । ମନାସ୍ତି ସ୍ନା ଜାଣେ ।

ଛୋଟ ପିଲାଟି ଏପରି ଅରମା ଭିତରେ ଚାଲି ବୁଲିବା ଦେଖି ବଡ଼ବଡ଼ିଆ କଣ ଭାବନ୍ତେ ? ପିଲାଟା କଣ ପାଗଳ ? କଏ ବୁଝନ୍ତା ? କଏ ବୁଝିବ ?

ଅସୀମର ବଇଁଶୀ ବାଜିଛି ଦୂରଆକାଶରେ । ସାରା ସୃଷ୍ଟି ଭିତରେ କଦାକାର ହେଉ ବା ସୁନ୍ଦର ହେଉ ସବୁ ସୃଷ୍ଟି ଯେ ସେଇ ସ୍ୱରରୁ ଜନମ, ସେଇ ସ୍ୱରରେ ନିଭିବ । ଉଦ୍‌ଭୁଜଦିଆ ଖରା ଅରମା ଭିତରେ ଯେଉଁଠି ଛୁପିଚୁପିକା ଆଲୁଅ ପକାଇଛି, ଅତସି କଣ ସେଇ ବଇଁଶୀର ସ୍ୱର ଶୁଣି ବୁଲୁଛି ?

ଅତସି ମନକୁ ମନ ବୁଲୁଛି । ହେଇ, ସେ ଝଙ୍କାଗଛ ଉପରେ ନାଲି ନାଲି କଣଗୁଡ଼ାଏ ମାଡ଼ିଛି । ପଦକୁ ପଚାରିଲେ ସେ କହନ୍ତା—'ବାଘୁ ନଖ ।' ଏ ଗୋଲ ଗୋଲ ଫଳଗୁଡ଼ାକ କଣ ?—'ବାଇଆ ଫଳ ।' ଘଞ୍ଚ ଅନ୍ଧାରରେ କଣ ବୋବାଏ ନଡ଼ିଆ ଗଛ ଉପରେ ?—'ବାଇଆ ଭୂତ ।' କେତେ ପ୍ରଶ୍ନ ଉଠେ, କାହାର ଉତ୍ତର ନାହିଁ ।

ଅତସି ଚାଲିଲା, ଡୋଟା ସରି ଆସିଲାଣି । କେତେ କଣ ଡାଳ ନଟା, ମାଟି ଗୋଡ଼, ଫୁଲ ଫଳ ଧରି ଚାଲିଛି । ଏଇଟା ହବ ମାଛ, ଏଗୁଡ଼ା ହବ ଚାଉଳ । ଡାଳପତରଗୁଡ଼ାକ ହବ

Digitized by srujanika@gmail.com

ମାଛ । ପଇସା ତ ସହଜରେ ଅଛୁ. କେଡ଼େ ସୁନ୍ଦର କଳା ମିଠା ମିଠା ଖପରା-ପଇସା । ଓଃ୍ଃ ହଙ୍କାପାଖେ ଅନେକ ଡର ଡର ଗଲା, ଆଗରେ କଣ ଗୁଡ଼ାଏ ଧଳା ଧଳା । ଅତସି ଡରିଲା, ତା ପରେ ଦଉଡ଼ ଦଉଡ଼ ପଳେଇଲା ।

ଆଗରେ ପଡ଼ିଆ—ତା ଉପରେ କେତେ କାଳର ସେ ଭଙ୍ଗା ଢିଅ ।

ତାର ଆଜକାର ପ୍ରୋଗ୍ରାମ୍ ଏ ଭଙ୍ଗାଘରର ଭଙ୍ଗା ଢିଅ ଗବେଷଣା (Exploration) । ପୋଖରୀ ତୁଠ ତଳକୁ ଠିକ୍ କୂଳେ କୂଳେ ମେଞ୍ଚ ଦଳ ଭିତରେ ଗୋଟିଏ ଧଳା ଫୁଲ ଫୁଟିଛି । ଚାରି ପାଞ୍ଚ ବର୍ଷର ବାଉରୀ ଝୁଅ ଗୋବରା ହାତରେ କଣ ଅଣ୍ଡାକୁଚା । ନାକରେ ସଙ୍ଗାଣି, ଚପି ଚପି କରୁଛ ପାଉନାହିଁ । ମେଞ୍ଚା ମେଞ୍ଚା କାଦୁଅ ନେଇ ଫୁରଫୁରିଆ ଜଟିଆ ବାଳରେ ଅଜାଡ଼ୁଛି, ପାଣି କେସ କେସ ବୋହିଯାଉଛି; ତଥାପି ଗୋବରା ଖେଳୁଛି । ଅତସିର ଆଖି ଗୁଡ଼ାଆଡ଼େ ପଡ଼ିଗଲା । ଶେଷକୁ ତାର ନଜର ଧୂଆ ଗୋଡ଼ାକ ଥରେ ବୁଲି ଆସିଲା ।

"ପୋଇ କେରାଣ୍ଡି, ପୋଇ କେସରାଣ୍ଡି, ପୋଇ କେରାଣ୍ଡି ।"

ଗୋବରା ବୋଲିଲା; କିନ୍ତୁ ଅତସି ଯେ ଏତେ ସମସ୍ତ ସାଉଁଟି ଆସିଛି । "ଏ, ଅତସି, ଦେ-ଦେ ।"

ଅତସି କହିଲା, "ଆ ଯିବା ସେ ଢିଅ ଉପରକୁ,ଖେଳିବା ।"

ଗୋବରା ବୁଲିଲା ।

ଅତସି କହିଲା, "ମତେ ଛୁଁ ।" ଗୋବରା ଦଉଡ଼ିଲା । ତା ପରେ ଦହିଁଯାକ ଝୁଣ୍ଟାଝୁଣ୍ଟି ହୋଇ ପଡ଼ିଲେ । ଅତସି ରଡ଼ିଲା, "ଏ ଗୋବରା ! ତୁ ଯା, ତୁ ଝିଅଙ୍କ ଦଉଡ଼ୁଛୁ, ତୁ ଯା ।"

ଗୋବରା ଗଲା ନାହିଁ ।

Digitized by srujanika@gmail.com

“ହେ ଗୋବରା, ଦେଖିଲୁଣି କେଡ଼େ ସୁନ୍ଦର ଚଢ଼େଇଟାଏ; ଚାଲ ଧରିବା”—ଅଡପି ଅଭିମାନ ଭୁଲିଗଲା । ଗୋବରା ଗୋଟାଏ ବାଉଁଶକାଠି ଉଠାଇ ଦଉଡ଼ିଲା ଧରିବାକୁ । ଅଡପି ଛପି ଛପି ଚାଲିଲା ।

“ହେଇ ଧ ଧ” ଚଢ଼େଇ ଉଡ଼ିଗଲା ।

ବେଳ ନଇଁ ଆସିଲା । ଏ ଭଙ୍ଗାଘର ମନ୍ଦିରର ବସନ୍ତ ଥିଲା ଧନେ । ଜୁଆ ଖେଳୁଥିଲେ, ମନ୍ଦିର ଗାଳ ଦେଉଥିଲେ, ଗେଲ କରୁଥିଲେ । ପବନ ବହିଗଲା । ଅରମାର ନଜର ଗୋଟାଏ ବାପ୍ ଅଛି । ନଗୁଡ଼ିଆ ଭଙ୍ଗା ଘରର ନଜର ଅଛି ଗୋଟାଏ ମୋହ, ଶିଶୁ ଆଖିରେ ।

ଅଡପି ଭୁଲିଗଲା । ନଙ୍ଗଳା ବାଉଁଶରୁ ଆଉ ଦ'କାନ୍ଧ ଉପରେ ଦ'ହାତ ଥୋଇ କହିଲା, “ଚାଲ ଠାକୁର ଠାକୁର ଖେଳିବା ।”

‘ଏଇ ମାଛ ହେବ ।’

‘ମୁଁ ଗେଣ୍ଡା ଆଣେ’—ଗୋବରା କହିଲା ।

‘ନା ଥାଉ ।’

‘ହେ ମତେ ସେ ଖପରା ପଇସାରୁ ଗୋଟା ଦେ ।’

‘ନାଇଁ ମୁଁ ଦେବି ନାହିଁ ।’

‘ଦବୁ ତ ?’

ଧୀରେ ଧୀରେ କଳି ଲାଗିଲା । ଅଡପି ମୁନିଆଁ ମୁନିଆଁ ନଖରେ ଗୋବରାର ମୁହଁ ଉପରେ ନାଳ ଖୋଳିବାରେ ଲାଗିଗଲା । ଗୋବରା ଅଡପିର ତଣ୍ଟି ଚାପି ଧରିଲା । ତା ପରେ ଦ'ଜଣଯାକ ଗଡ଼ାଗଡ଼ି ହେଲେ, ଭଙ୍ଗା ଡିଅଁଉପରେ, ଯେଉଁଠି ଆଗେ ଥିଲା ଚାଲ—ନଭିଲା ପାଉଁଶ ଉପରେ ଘୋଡ଼ାପୁରୁଣି ଆସିଲାଣି ନଟା ମାଡ଼ିଛି ।

Digitized by srujanika@gmail.com

ଗୋବରର ଲମ୍ବା କାନ, ମସିଆ, ଚେଲିଆ, ଦଳ୍ତୁଆ ଗନ୍ଧ, ଅଚସି ଦେଲା କାମୁଡ଼ାଏ । ହଠାତ୍ ଘୋ ଘୋ ପବନ ବହିଗଲା, କେତେ କଣ ମଠ ମଠ କଠ କଠ ହେଲା । ଦୁଇଜଣ ଛଡ଼ାଛଡ଼ି ହୋଇ ଗୁଙ୍ଗାହୋଇ ଠିଆହେଲେ । ଗୋବରା କହିଲା--'ଭୂତ ।'

ଅଚସି କହିଲା--'ଭଗିଆମା ।'

ଗୋବରା କହିଲା—'ଭଗିଆମା--ହୁଁ, ହୁଁ ହୁଁ ।'

ଦୁ'ଜଣଯାକ ଏକା ସହା ଧରିଲେ, ନିଜ ପାଟିରେ ନିଜେ ବେଶୀ ବେଶୀ ଡରିଲେ । ଥର ଥର ଦାନ୍ତ ଠକ୍ ଠକ୍; ଭିତରେ ଅଚସି କେବଳ ଏତିକି କହିଲା--'ହେ ମାହାପ୍ରଭୁ !' ଡର ଡର ଦୁଇଟି ମଣିଷଛୁଆ ଦଉଡ଼ି ପକେଇଲେ ଜୀବନ-ଧକଳରେ । ସତେ ଯଦି କେହି ମାହାପ୍ରଭୁ ଥିବ ସେ ନିଶ୍ଚୟ ଏ ପାଟି ଶୁଣିଥିବ । ବାଉରିସାହି ମୁଣ୍ଡରେ ପଦେ କହିଲା "ହଇଲୋ ଚୁଲିପଶି ତୁ ଏଠି ।"

ଅଚସି ମାଉ ଦୁ'ଗୋଡ଼ ଭିତରେ ଜାକିଜୁକି ପଶିଗଲା ଝଜୁନବେଗରେ । ତା ପରେ ଭେଁକନା କାନ୍ଦ ଉଠିଲା; ଅଜଣାର ବଇଁଶୀରେ ଶୁଣିଲା ଭୈରବର ହୁଂକାର ।

Digitized by srujanika@gmail.com

ଇତିହାସ

ଐତିହାସିକ ରାଜଧାନୀରେ ଇତିହାସର ପ୍ରଦର୍ଶନୀ ଦେଖିବାକୁ ସାଇକେଲ ଚଢ଼ି ଛୁଟିଛି ଗଦାଧର ପ୍ରଧାନ । ସେ ସେକ୍ରେଟେରି-ଏଟ୍‌ର ଜଣେ କିରାନି । ଦିନ ଦିପହର; ଇତିହାସକୁ ମୁଣ୍ଡ ନୋଇଁ ସମ୍ମାନ ଦେଖାଇ ଆଜି ସରକାରୀ କାର୍ଯ୍ୟର କଳ ଅଟକି ରହି ଯାଇଁଛି । ତେଣୁ ଗଦାଧର ବେଳ ପାଇଛି । ଧଇଁ ସଇଁ ହୋଇ ଛୁଟିଛି ସେ ଧୂଳି କୁହୁଡ଼ି ଭିତରେ, ଝାଳ ଗମ ଗମ ବୋହୁଛି ଏବଂ ବାଟର ଫାଙ୍ଗୀ ବାହନଟି ତାର ତାନ ଧରିଛି–'କଁ-କାଁ-କଁ-କାଁ ।'

ପ୍ରାଚୀନ ସେ; ଏଇ ସାଇକଲଟି । ସତରବର୍ଷ ତଳେ ଟିଉସନ୍ ଟଙ୍କା ଜମେଇ ବାଇଶିଟି ଟଙ୍କା ଦେଇ ଗଦାଧର ଏ ପୁରୁଣା ଜିନିଷଟି କିଣିଥିଲା । ତା ଆଗରୁ କେତେ ଲୋକ ହୁଏତ ତାକୁ ଚଢ଼ିଥିବେ; ଗଦାଧର ଗବେଷଣା କରି ନାହିଁ । ସାଇକେଲରେ ମାଇଲ୍ ମିଟର ନ ଥାଏ । ତା ପାରେ ସୁଖେ ଦୁଃଖେ ଗଡ଼ି ଆସିଛି ସେ ଏତେ ବର୍ଷ । ମଝିରେ ମଝିରେ ତାର ଅଂଶର ବଦଳା ହୋଇ ନାନା ଜାତି ଅଂଶ ମିଶି ସେ ଧରିଛି ଏକ ପ୍ରକାର ନବଗୁଞ୍ଜର ମୂର୍ତ୍ତି; ତଥାପି ଚାଲିଛି ସେ, ଅଟକି ନାହିଁ ।

ଛୁଟି ଦିନରେ ଖବର ହୁଏ ସବୁ; ଟିଉସନ୍–ହଁ ।
ତା ସହିତ କେତୋଟି ମୁହଁ, କେତୋଟି ଘରର ଛବି ।
କଅଁଳ ମୁହଁ କାହାର ଗୋଟିଏ, ଦୋଟି ।
ତରଳ ପ୍ରବଣତା ।
ପୁରୁଣା ଗୀତର ଧାଡ଼ିଏ ଦ'ଧାଡ଼ି ।

Digitized by srujanika@gmail.com

ଗଙ୍ଗଶିଉଳି ଫୁଲର ଶୁଖିଲା ହାର କେଉଁଠାଏ ।
ଯାଃ, ଦୀର୍ଘଶ୍ୱାସ ।
ଘୂରୁଛି ତାର କେଁ କଟର ସାଇକଲ, ଅଟକ ନାହିଁ
ହୁଁ, ଇତିହାସ, ଇତିହାସ--ଉଡନ୍ତା ଧୂଳି, ଚହଲା ଢେଉ ।

ମନେ ପଡ଼େ, ହେଇ ସେ ଦିନତ; ଆଖି ପରୀକ୍ଷା କରିବାକୁ ମେଡ଼ିକେଲକୁ ଯାଇ ନିଜ ପାଳି ଅପେକ୍ଷା 'କରି ପିଣ୍ଡାରେ' ଟହଲୁ ଟହଲୁ ହଠାତ ଦେଖିଥିଲା ଈରାକୁ । ସାଲ୍‌ୱାର୍ ପଞ୍ଜାବୀ ପିନ୍ଧି ଉଢ଼ଣି ପକାଇ ତା ଉପରେ ବେକରୁ ଷ୍ଟେଥସ୍କୋପ୍ ଝୁଲାଇ ଶାଢ଼ି ପିନ୍ଧା ଆଉ ଜଣେ ଛାତ୍ରୀ ସହିତ ଈରା ସଚେତ ସେ ପିଣ୍ଡା ଉପରେ ପହଁରି ପହଁରି ଯାଉଥିଲା । ଓଃ, କେଡ଼େଟାଏ ହୋଇଗଲଣି ଈରା ! ସତେ କଣ ମାଇକିନା ଝିଅ ବଢ଼େ ଅସୂଷ । ଆଉ ଏ ସାଲ୍ୱାର୍ ପଞ୍ଜାବୀ ଓଢ଼ଣୀ--ବିଦେଶୀ ହେଲେ ବି କେଡ଼େ ସୁନ୍ଦର ମାନୁଛି ତାକୁ । ଶୁଣିଥିଲା ସେ, ଈରା ଆସିଛି ।

ନ' ବର୍ଷର ହସକୁରା ଫୁଲ'ଟି ଦୁଷ୍ଟ ଈରା; ଏଇ ଥିଲା ତାର ପ୍ରବଣତା । କୁଣ୍ଠେମେଣ୍ଟ ହୋଇଗଲା ମନ, ସେକାଳର ନଟ୍ଟୋଳିଆ ସମ୍ବୋଧନ ମନେ ପକାଇ ଆପଣାକୁ ଭୁଲି ତାର ଚାଳିପକା ମଚ୍ ମଚ୍ ଜୋତାରେ ପାହୁଣ୍ଡ ପକାଇ ବେଗି ବେଗି ପଛରୁ ମାଡ଼ି ଯାଇ ସେ ଚିତ୍କାର କଲା 'ଈରା, ଈରାବତୀ—'

ଆଉ ପ୍ରଶ୍ନଟି ଚୁପ୍‌ଚାପ୍ ଖେଳୁଥାଏ ତାର ଓଠର ହସରେ; ପଚାରିବ ସେ—'ହସ୍ତାକ୍ଷର ଲେଖିଛ ତ ଈରାବତୀ; ଏଁ ?'

ବିଜୁଳି ବେଗରେ ଘୂରି ଯାଇ ନିସ୍ତବ୍ଧ ହୋଇ ମୁହାଁମୁହିଁ ଠିଆହେଲା ଈରା । କେଡ଼େ ଢେଙ୍ଗା । ଆଖିରେ ବି ବୁଦ୍ଧିଆଣୀ ସେ —ରାଗରେ କୁହୁଳୁଛି । ଓଠର ବାଙ୍କରେ କି ସେ ଦର୍ପ ! ଈରା

Digitized by srujanika@gmail.com

ନୁହେଁ, ଆଧୁନିକା ନାରୀର ଉଦ୍‌ବେଳିତା 'ରୂପାସି' ଷ୍ଟେଲ୍‌ରେ ଗୋଟିଏ ସରୁ 'ଓ' । ସେହି 'ଓ' ଶବ୍ଦର ରିଭଲଭର୍ ଫାୟାରରେ ତାକୁ ଆହତ କରି ପୁଣି ହଠାତ୍ ଘୂରି ଯାଇ ସ୍ୱଚ୍ଛନ୍ଦ ଗତିରେ ଆଗେଇ ଚାଲିଲା ଛବି ।

ଲାଗିଲା, ଯେପରିକି ତାର ଦଖଲରୁ କାଳୁଁ ଛିଙ୍କି ମନ ଜୋରି କରି ନେଇଯାଉଛି ତାର ଧନ । ଗଦାଧର ଗମ୍ଭୀର ହୋଇ ଛବିର ସାମ୍ନାକୁ ଯାଇ ଅଟକ କହିଲା—

'ଛବି ! ମୁଁ ଗଦାଧର ପଧାନ, ତୋର ମାଷ୍ଟର ।'

'ତୁ' ସମ୍ବୋଧନ କରିବାକୁ ଯେପରିକି ପ୍ରଚଣ୍ଡ ଉଲ୍ଲାସ ଲାଗିଥିଲା ତାକୁ । ଅଥଚ ମନେ ପଡ଼େ, ନ'ବର୍ଷର ଛବିକୁ ବି 'ତୁମେ' ଛଡ଼ା 'ତୁ' କହିନାହିଁ ସେ କେବେ ।

"ସାର୍ ଆପଣ, ଚିହ୍ନି ପାରିଲି ନାହିଁ ମୁଁ ହଠାତ୍, କେତେ ବଦଳି ଯାଇଛନ୍ତି !"

"ମାନେ"—ଟିକିଏ ବୁଢ଼େଇ ଯାଇଛି ତ, ହୁଏ । କିନ୍ତୁ ତତେ ଠିକ୍ ଚିହ୍ନିଛି ମୁଁ ସେଇ ଛବି; ଟିକିଏ ମ୍ୟାଗ୍ନିଫାଏଡ଼୍ ପଦ୍ଧତି—"

ଛବି ହସିଦେଲା । "ବସାକୁ ଆସିବେ ସାର୍, ବାପା ଆସିଛନ୍ତି ।" ଦୁହେଁ ଚାଲିଗଲେ ।

ସାଙ୍ଗର ଝିଅଟି ଆଶ୍ଚର୍ଯ୍ୟ ହୋଇ ଅନେଇଲା ତା ମୁହଁକୁ ।

ବସାକୁ ଆସିବ !

ଫଟା କାନ୍ଥରେ ପୁଣି ସେ ଲେପିବ ମାଟି !

ପ୍ରାଣ କାନ୍ଦି ଉଠିଥିଲା । ତା ଅପେକ୍ଷା ବରଂ—ତା ଅପେକ୍ଷା ବରଂ ସେହି ଦିନ ସେ ଚାଲିଗଲା କ୍ଷେମା ନେଇଥିଲା—ମାଇକ୍ରୋସ୍କୋପ୍ ।

ଚାଲିଗଲା; ଓଃ !

ଈଶ୍ୱ ସଙ୍ଗେ କାଠର ରଣପା ବାନ୍ଧ ସମ୍ବନ୍ଧ ପାତିବାକୁ ସେ ପାଉନାହିଁ, ବରଂ ଚାଳଣା ଚଷମା ନାଇ ନଟେଶ୍ୱଲାରେ ବସି ଲେଖିଥିଲା ଗୋଟିଏ କବିତା—ସ୍ୱଗ ପ୍ରଧାନ ।

‘ଉଆଁସ ଯେବେ, ଆସିବ ମାଡ଼ି, ଚଇତ ସାଉ, ଲୁଟାଇ, ସବୁ ମଉଛବ—

ଗୋଷ୍ପଶ୍ୱ ପଥେ, ପୂରବ ସ୍ମୃତି, ନ ଥିବେ ସାଥି—ପାଃ; ଆଉ ମନେ ପଡ଼ୁନାହିଁ କଣ ?

ନ ପଡ଼ୁ, କେତେ କବିତା ଝଡ଼ି ପଡ଼ି ହଜନ୍ତି ଏଇ ସଡ଼କ ଧୂଳିରେ । ଆଉ ନିଜ ରଚିତ ଗୋଟାଏ କବିତାର ଧାଡ଼ି ଗଲେ ଯାଉ; ଯାହା ଅଛି ସେଇଥିରେ ଚଳିଯିବ ତାର ।

ତା ପରେ ଘୋଡ଼ା ପିଠିରେ କଦମ ଚାଲର ଝାଙ୍କ ଦେଲା ପରି କାଠିଆ ପିଠିରେ ଝାଙ୍କ ଦେଇ ଦେଇ ତାଳ ରଖି ରଖି ଅନ୍ୟମନସ୍କ ହୋଇ ସେ ଗୁଣୁ ଗୁଣୁ ହୋଇ ଗଲା—

‘ଉଆଁସ ଯେବେ ଆସିବ ମାଡ଼ି, ଚଇତ ସାଉ, ଲୁଟାଇ; ସବୁ ମଉଛବ । ଗୋଷ୍ପଶ୍ୱ ପଥେ ପୂରବ ସ୍ମୃତି, ନ ଥିବେ ସାଥି, ହୁଁ ହୁଁ ହୁଁ—ହୁଁ ହୁଁ ହୁଁ—ହୁଁ ।

ଝଡ଼ି ପଡ଼ୁଛି; ଝଡ଼ି ପଡ଼ୁଛି—ଗଛରୁ ପତ୍ର; ଦେହରୁ ଆୟୁଷ; ଆୟୁଷରୁ ସ୍ୱପ୍ନ ।

‘ହୁଁ ହୁ ହୁଁ ହୁଁ ହୁଁ —’

କଁ-କାଁ—କଁ-କାଁ—ବେସୁରା ସାଇକଲ୍ ।

“ହେଇ—ହେଇ—ହେଇ—ହେଇ” ପଛରୁ ଘୋଡ଼ାଗାଡ଼ି ।

ବଡ଼ ସହର ବଡ଼ ନଈରେ ପହଞ୍ଚିଲାଣି ସେ, ଏଣିକି ପ୍ରଚଣ୍ଡ ଗହଳି ।

ବଡ଼ ସହର ପ୍ରଦର୍ଶନୀ ଦେଖି ଚାଲିଛି ।

Digitized by srujanika@gmail.com

କଏ ଗଲା ଘୋଡ଼ାଗାଡ଼ିରେ ?

ସେମିତି ତ, ଝକ ଝକ ଘୋଡ଼ାଗାଡ଼ି, ପ୍ରଚଣ୍ଡ ଧଳା ଘୋଡ଼ା, ଝେଜନ ଘଣ୍ଟାର ନାଦ ପରି ତାର ଘଣ୍ଟି ଶବ୍ଦ ।

ଛୁଟି ଚାଲିଲା ଗଦାଧର ତାର ପଛେ ପଛେ, କରକୁ ।

ମୁହଁର ଫାଳେ ପାଇଲା, ତା ପରେ ଦୃଶ୍ୟକୁ ଆକ୍ରମଣ କଲା ଗୋଟାଏ ଅସୁରିଆ ଟ୍ରକ । ଲୁହା ଛଡ଼ ବୋଝେଇ ହୋଇଛି, ପଛରେ ଧୂଳିର କାନ୍ଥ ଗଢ଼ି ଚାଲିଛି ।

ସେହି ଫାଳେ ମୁହଁ, ଅଶ୍ରୁଭର ଗୋଟାଏ ଚହ୍ଲା ମୁହଁର ଝଲକାଏ ।

ସୁଜାତା ସେନ୍ ।

ଆଜି ସେ ଇତିହାସ ।

ଗାଡ଼ି ପଛେ ପଛେ ଗାଡ଼ି କରରେ ଅନ୍ୟମାନଙ୍କ ସଙ୍ଗେ ପ୍ରତିଯୋଗିତା କରି ସାଇକଲ୍ ସନ୍ଧରେ ସାଇକଲ୍ ଠେଲି ଜୀବନକୁ ଭୁଲି କରି ଦେଇ ଗୋଟାଏ ଆବେଗ; ସଙ୍ଗେ ସଙ୍ଗେ ଧାଇଁବାର ନିଶା । ସେ ବି ଅନ୍ୟ ବାଟ ନେଇ ଫୁଟିଥିଲା ଦିନେ ତା ହାତର ଗୋଟିଏ କବିତାରେ । ଗଦ୍‌ଗଦେଇ ଉଠୁଛି ମନେ ମନେ ।

'ମିଳନ ହେବ ମୋର, ନଈର ସେ ପାରିରେ—
ଉଆଁସି ରାତି ଯହିଁ, କାଳିର ଲୁହ ଢାଳେ ।
କଇଁଳ ନଈ ସୁଅ, ଯହିଁ ଗୋ ଥିରି ବହେ—
ଅନ୍ଧାର ସନ୍ଧ ସନ୍ଧ, ପବନ କଥା କହେ ।'

'ମିଳନ ହେବ ମୋର—'

ଗାଡ଼ି, ମଟର ଟ୍ରକ, ରିକ୍‌ସା, ପଦାତିକ—ଭୀଷଣ ଜନସ୍ରୋତ ।

ସାଇକେଲ୍ ଚଢ଼ି ଚାଲିଛନ୍ତି କେତେ ଝିଅ—ସାଲ୍ୱାର୍ ପଞ୍ଜାବୀ, ଓଢ଼ଣୀ—

Digitized by srujanika@gmail.com

କେତେ ଯୁବ, ମୁହଁରେ ଘନ ଦାଢ଼ୀ ପ୍ରଚୁର । କେବଳ ଆଖି ତଳର ହାଡ଼ର ଡିପ ଓ ବୁଲୁଥିବା କଳର ଗାନ ସୂଚନା ଦେଉଛି ସେମାନେ ପଞ୍ଜାବୀ ଆଶ୍ରୟପ୍ରାର୍ଥୀ ନୁହନ୍ତି, ଥାଇ ଭଇତ ।

କେତେ ମଟର, କେତେ ମଟର, କେତେ ମଟର ।

ହାତକଟା କୋଟ୍, ପ୍ୟାଣ୍ଟ । ମୁହେଁ ମୁହେଁ ସିଗାରେଟ୍ ଓ ଇଂରାଜୀ ।

ରାସ୍ତା କରେ କରେ 'ଗ୍ରୀନ୍ ବାର୍'--'ବ୍ଲୁ-ବାର୍' 'ମଡ୍ ବାର୍'

'ଦ ପଞ୍ଜାବ୍ ପେଲେସ୍'--'

'ଦ କାକାନାଡ଼ା ରେଷ୍ଟୁରେଣ୍ଟ୍ ।'

'ଦ ହାଇଦରାବାଦ୍ ହୋଟେଲ୍ ।'

'ଦ ଗୁଇନଜ୍ ଡେଣ୍ଟିଷ୍ଟ୍ ।'

'ଦ ଇଣ୍ଡୋନେସିଏନ୍ ବ୍ୟାଙ୍କ୍ ।'

'ଦ କଲିଙ୍ଗ ଟପ୍ ହ୍ୟାଟ୍ ଫ୍ୟାକ୍ଟରି ।'

କିଏ ସେ ଏମାନେ ? 'କଅଁଳ ଜହ୍ନ ମୁହଁ'ରୁ ହଠାତ୍ ମୁହଁ ଟେକି କୂଳର ଏ ନୂଆ ଦୃଶ୍ୟକୁ ଦେଖିଛନ୍ତି ସତେକି ସେ ନୂଆ କରି । ଆଖିରେ ଝାଇଁ ଝାଇଁ ହାଣୁଚି ଆଲୁଅ ।

ଏମାନେ ଇତିହାସ ।

ଦେଶରେ ଏତେ ପରିବର୍ତ୍ତନ, ଶୋଇଥିଲା ସେ କିଷ୍କିନ୍ଧା ।

ଫାଇଲ ଭିଡ଼ ଯାକ ସେ ଶୋଇଥିଲା ।

ନିତି ଦଶରୁ ପାଞ୍ଚ; ଦଶକୁ ଜଗି ଯିବା ଉଦ୍ଦେଶ୍ୟରେ ସକାଳ ୯ଟା ବେଳେହିଁ ପ୍ରସ୍ତୁତ ହେବାକୁ ପଡ଼େ । ଶୀତ,ବରଷା--ଘରର ଧନ୍ଦା; ପୁଷ୍ଟାଇ ଭକର ହେଣୀ ଲୁପ୍ତ । ୫ଟାକୁ ଜଗି ଫେରିବା ସକାଶେ ଘରେ ପହଞ୍ଚ ପହଞ୍ଚ ସଞ୍ଜ । ସକାଳୁ ଉଠିଲା ପରେ

Digitized by srujanika@gmail.com

ଘଣ୍ଟା ଯାକେ ଏଇ ଡିନଘଣ୍ଟା ସେ ଦେଖେ ଦିନ; କିନ୍ତୁ ତହିଁରୁ ଦେଢ଼ ଘଣ୍ଟା ଯାଏ ଘର କାମରେ । ବାକି ଦେଢ଼ ଘଣ୍ଟାରୁ ନିତ୍ୟକର୍ମ ନଏ ପଇଁଚ୍ଛିଳିଶ ମିନିଟ୍ ।

ବାକି ପଇଁଚ୍ଛିଳିଶ ମିନିଟ୍; ଅବଶ୍ୟ--କିନ୍ତୁ ସେ ଭଗବାନ ଥାଏ ଘରର ଦୁରବସ୍ଥା ଭଳି । ମାସ ଶେଷରେ ପାଞ୍ଚ ବସ୍ତା ଗୁଣ୍ଡିଳର ତିନଖାର ଫ୍ଲେଟ ପଣନ୍ତ ଅଟିଣ୍ଟ ନାହିଁ ପନ୍ଦର ଦିନରୁ ବେଶୀ । "ବ ପ ଛ ମକ ଚଟଉ--କଟକ ସହର ବଡ଼ ମହରଗ—ଟଙ୍କ ପଠବତ ପଠବ ନହଲ ମରବ"; କିନ୍ତୁ 'ଟଙ୍କ ପଠବ' କିଏ ? ପିତୃଦେବ ଶାନ୍ତର ନିଶ୍ୱାସ ଛାଡ଼ି ସ୍ୱର୍ଗବାସୀ ହେଲେଣି ବହୁଦିନୁ । ତା ପରେ ଅବସର ସମୟ ଟିକିଏ ପାଇଲେ ତାର ଦରିଦ୍ରର ଅବଲମ୍ବନ କବିତା ଖାତାଗୁଡ଼ିକ; ଯେ ଛପାହେବ ବୋଲି ସେ କେବେ ଆଶା କରି ନାହିଁ । ଏକାଠି ହେଲେ ଜାଳି ଚୁ'କପେ କରିବ କହି କହି ସେଗୁଡ଼ାର କଳେବର ବଢ଼ାଇ ଚାଲିଛି ।

ନିତୁବା ସେ ଏ ତାର ଦୁଶ୍ଚିନ୍ତାର ମେଘ ମୁହାଁମୁହିଁ ।
ହେଇ, କଲେଜ୍ ଫାଟକ୍ ।
"ଛୁଟିଲ୍ ଆବେ ଛୁଟିଲ୍—"
"ଆବେ ଶାଃ ଗଦା—"

ଚାଲିଛି ସାଇକଲ ଛୁଟେଇ ଚିରଫୁଟ ଉଞ୍ଚ ପାତଳା ସୁଶୀଲ୍ । ଯେମିତି ଥିଲା ସତର ବର୍ଷ ତଳେ ସେମିତି । ସେତେବେଳେ ସେ ଘୋଷି ଦେଉଥିଲା ବଡ଼ ବଡ଼ ବହି; ଯଦୁନାଥ ସରକାରଙ୍କ ଇତିହାସରୁ ଦି ଚାରି ଖଣ୍ଡ କଣ୍ଠସ୍ଥ କରିଥିଲା । କିନ୍ତୁ ପରୀକ୍ଷାରେ ବସିଲେ ବାହାରେ ତାର ମୌଳିକତା । ସେତେବେଳେ ଆକବରଙ୍କ ରାଜ୍ୟଶାସନ ପଡ଼ିଲେ ସେ ଲେଖେ ଔରଂଗଜେବଙ୍କ ଧର୍ମ ନୀତି, ଅକବଳ ଲାଇନକୁ ଲାଇନ ।

Digitized by srujanika@gmail.com

ଜନ ସମୁଦ୍ରରେ ଢ଼ଜଲ୍ଲଣି ସୁଣୀଲ ।
ଠେଲାଠେଲି ହୋଇ ଚାଲିଛନ୍ତି ଦଳକ୍ ଦଳ ।

ଗଦାଧରର ଛାତି ଫୁଲି ଉଠିଲା । ସତେକି ପୁଣି ଫେରି ଆସିଛି ପୁରୁଣା ସମୟ । ଏ ବିଶାଳ କଲେଜ୍, ଠିଆ ହୋଇ ରହିଛି ସେପାଖର କଳର ଚମ୍ପି ଆଡ଼କୁ ଅବଜ୍ଞାରେ ଅନେଇ ରହିଛି ଯେ ଜ୍ଞାନର ଦର୍ପରେ—ଏ କଲେଜ୍ ତାର, ତାରି କଲେଜ୍ ଏ । ଛ ବର୍ଷର ଘନିଷ୍ଠ ସମ୍ବନ୍ଧ, ଏଥି ତାର କୃତିତ୍ୱର କ୍ଷେତ୍ର ।

କେତେଟା ବର୍ଷର ପରସ୍ତ ପରସ୍ତ ଘଟାଟୋପ୍ ଫୋପାଡ଼ି ଦେଇ ଚେଇଁ ଉଠିଲା ତା ଭିତରୁ ନୂଆ ବ୍ୟକ୍ତିତ୍ୱ । କଲେଜ୍‌ର ଫାଟକ ପାଖେ କାମ୍ୟ କଳ୍ପ ହେଲା ତାର । କିଏ ସେ ଗଲେ ମଟରରେ ? ଓଃ, ମିଷ୍ଟର ଦଣ୍ଡସେନା ଓ ମିସେସ୍ । ଦଣ୍ଡସେନା ତାର ଉପରିକ । ତାଙ୍କ ପାଖେ ସେ ଠିଆ ହୁଏ । ସେ ବସି ବସି ହୁକୁମ ଦିଅନ୍ତି; କଡ଼ା ହାକିମ । ପୁଣି ଗଲେ—ମିଷ୍ଟର ରାୟଗୁରୁ; ପୁଣି,—ଖାଁ ସାହେବ୍ । ରାୟ ବାହାଦୁର, ରାଓ ସାହେବ. ମିଷ୍ଟର୍ ଚଟ୍ଟଲେ—ଉପରିକ ଦଳ । ଯାଉଛନ୍ତି; ସେମାନେ । ଛାତି ଫୁଲେଇ କଲେଜ୍‌ର ଚୂଡ଼ାକୁ ଚାହିଁ ରହିଚି ତାର ନୂଆ ବ୍ୟକ୍ତିତ୍ୱ; ସେ ଏଠି କୃତୀ ଛାତ୍ର । ଆଇ. ଏ.—ବି.ଏ.—ଏମ୍. ଏ. ଫାଷ୍ଟ ଡ଼ିଭିଜନ୍—ଫାଷ୍ଟ କ୍ଲାସ—ଫାଷ୍ଟକ୍ଲାସ ଫାଷ୍ଟ ।

ସାମ୍ନାରେ ହେଇ,—ଜ୍ଞାନର ବିରାଟ—ସମତଳ ।

ଯାଉଛନ୍ତି ସେମାନେ—ଚୈଣିକ, ଗଣ୍ଡୁକ, ସନ୍ଧିବିଗ୍ରହିକ, ମହାମାତ୍ୟ, ବୁଢ଼ାଲେଙ୍କା, ମାଣ୍ଡଳିକ, ଉପରିକ ଯେତେ ।

ଯାଉଛନ୍ତି ସେମାନେ,—ନବାବ୍,—ସୁବେଦାର,—ସିପାହି ସଲାର—ଜାଗା—ଜଟ୍ଟାଳ ।

Digitized by srujanika@gmail.com

ଯାଉନ୍ତୁ ସେମାନେ,—ସେନ୍ସେଟେଶ୍ମ—କଲେକ୍ଟର—ଏସ୍.
ପି.—ଏସ୍. ଡ଼. ଓ ।

ଏ ତାର ତ ଉଦନ୍ତ ପୁସ୍ତ ବଦାର; ପୁଷ୍ପଗିର ବଦାର । ଗ୍ଲ୍ୟସ ସେ ଏଠି, କୃଷ୍ଣ ଗ୍ଲ୍ୟସ । ସେ ଐତହାସିକ, ସେ କବ ।

ତାର ସ୍ୱପ୍ନ ଭାଙ୍ଗିଲା । ଶୁଣିଲା ସେ ଯେତେବେଳେ ପଛରୁ କଏ ଝିଅଟିଏ କହୁଛି—

"ଆରେ, ଭାର ଦୁଷ୍ଟ ଆପଣ, ଯାଃ ।"

ହସି ହସି ବାହାର ଆସିଲେ ଦଳେ ପୁଅ ଝିଅ । 'ଦୁଷ୍ଟ ଆପଣ' ଓ ତାଙ୍କ ସଙ୍ଗୀମାନେ ସୁଟ୍ ପିନ୍ଧ ଫିଟ୍ ଫାଟ୍ । ଝିଅମାନଙ୍କ ବେଶରେ ପ୍ରାଚ୍ୟକଳାର ଅପରୂପ ଭଙ୍ଗୀ, ଗୃହିଁ ରହିଲା ଗଦାଧର ପଧାନ । ପଛରୁ ଆସିଲା ସାଧା ଶାଢ଼ୀପିନ୍ଧା ଫୁରୁଫୁରୁମୁଣ୍ଡୀ କଣୋଗ୍ସଟିଏ,ଗଦାଧର ଲକ୍ଷ୍ୟ କରନାହିଁ ତେଣେ । ମନେ ମନେ ବାଜୁଛି ଗୋଟିଏ ବ୍ରତଗ୍ସ୍ୱ ଗୀତ ହଠାତ୍— "କାଠିର୍ ଖ୍ୟାଲ ଖ୍ୟାଲେ' ଫୁରୁଫୁରୁମୁଣ୍ଡୀ ଲୋକ ଗହଳକୁ ଭ୍ରୁକ୍ଷେପ ନ କର ହଠାତ୍ ତାକୁ ଦଣ୍ଡବତ ହେଲା "ଦ୍ଦଣ୍ଡବତ-ମାମୁଁ ।"

"ଆଲେ ଗୁଣ୍ଡୁର୍, ତୁ ? ଓ ସତେତ, ତୁ ପଢ଼ୁଚୁ ପଗ୍ସ ! କୋଉ ଇଅର ତୋରଟି ?"

"ଫିପଥ୍ ଇଅର ପଗ୍ସ; ତମେ ଯମା ଆସୁନ ଆମ ଘ'ଟିକା ।"

"ନାଇଁ ନାଇଁ, ମୁ ଯିବ ।" କଥା ଗୁଡ଼ାକ ଖନ ଲାଗିଗଲା ଯେପଟେକ । ଗୁଣ୍ଡୁର୍ ଦଳରେ ମିଶିଗଲା । ଧୀରେ ଧୀରେ ଆଗକୁ ମାଡ଼ିଲା ଗଦାଧର ।

ସତେତ, ଗୁଣ୍ଡୁରର ଫିପ୍ଥ ଇଅର । ନକଟ ସମ୍ପର୍କରେ ଗୁଣ୍ଡୁର ତାର ଭଣିଜା ହୁଏ; କନ୍ତୁ ଏ ବଡ଼ ସହରରେ ଅନେକ

Digitized by srujanika@gmail.com

ଭଉଣୀ ଅନେକ ଘଣିଜା ରବ୍ବଛନ୍ତ୍ରି ଖଞ୍ଚିନ୍ନା ହୋଇ; ଦାନଯାକ ଯାଏ କାମରେ, ସମୟ୍ର ହୁଏ ନାହିଁ ।

ବାଟେ ବାଟେ ଚେତନାରେ ଛୁଞ୍ଚି ଫୋଡ଼ ଫୋଡ଼ ମୁଣ୍ଡ ଭିତରେ ଲେଉଟି ପାଉଟି ହେଲା ଗୋଟାଏ ଧାଡ଼ି, ଗୁଣ୍ଡୁଣ୍ଡର 'ଫିପଥ୍ ଇଅର—ଗୁଣ୍ଡୁଣ୍ଡର ଫିପଥ୍ ଇଅର ।' ଗୁଣ୍ଡୁଣ୍ଡର ଜନ୍ମ ବେଳେ ନର୍ସ୍ ଡାକ ସେ ପାଇଥିଲା ଶୀତଦିନ ରାତିରେ ।

ଗୁଣ୍ଡୁଣ୍ଡ ସେତେବେଳେ କଷ୍ଟ ଦେଇଥିଲା, ଆଜି ବି ।

ଗୁଣ୍ଡୁଣ୍ଡର ଫିଫ୍ଥ୍ ଇଅର, ସଚେତ !

ଏବଂ ଗୁଣ୍ଡୁଣ୍ଡ ତାଙ୍କ ଆଡୁଣ ନମାଜାଦା ଗ୍ଳବୀ, ସେ ରେକର୍ଡ଼ ବ୍ରେକ କରୁଛି ହୁଷ୍ଟିରେ ।

ଅଥଚ କି ସରଳ, କି ନିରାଡ଼ମ୍ବର ।

ଧୀରେ ଧୀରେ, ଫିକା ମୁହଁ ତେଜ ଉଠିଲା ।

ଅଦୃଶ୍ୟ ଗୁଣ୍ଡୁଣ୍ଡର ଭିତରେ ଆଶ୍ରୟ ନେଇ ଗଦାଧରର ବ୍ୟକ୍ତିତ୍ବ, ତଥାପି ମୁଠେଇ ଧରିବାକୁ ଲାଗିଲା ତାର ଅଜାଣତରେ ।

କନ୍ତୁ ସାମ୍ନାରେ ବନ୍ଧୁ କରୁଣାକର ଓ ଗୋଲକ – ସେମାନେ ତାର ସହପାଠୀ । ଡେଙ୍ଗା କରୁଣାକର, ଅତି ବଡ଼ ତାର ବେକର କଣ୍ଠା, ମୁଣ୍ଡବାଳ ପାଚିଲାଣି ଫାଳେ ଫାଳେ । ଗୋଲକ ଗୋଲଗାଲ, ମୁଣ୍ଡ ଚନ୍ଦା ଚକଚକ, ପେଟଟି ତୋଲ ।

"ଦବଟି ଦବଟି ପାନ"— କରୁଣାକର କହିଲା ।

"ଆଏ ଗଦେଇ ହାଇନା ହୁଏ—କି ଏକା ଏକା; ଘର ମଣିଷକୁ ଆଉଁଲ ନାଇଁ କିଆଁ ଏ ?" ଗୋଲକ କହିଲା ।

"କହୋ ଗୋଲକ ! ଦାନ୍ତଗୁଡ଼ା ଭିବାକ ଗଲା ଯେ; ଫେର ଓାଲରସ ପରି ବ ପାଖେ ଭ ମେଞ୍ଚା ରଖିଚ କାଇଁକି ?"

Digitized by srujanika@gmail.com

"ଓ ଆଜ୍ଞ, ଏ ଦାନ୍ତ ପାଇବ ନାହିଁ କଏ ? ବଅସ ହା ଗ୍ଳାନି ତେଇଁ ଗୃର ହେଲାଇଁ, ଆଜ୍ଞ କଁ ବଇଚ ?"

"ମୋର ବ ଗୋଟାଏ ଗଲାଣି ।" କରୁଣାକର କହିଲେ, "ତୁମେତ ଦିନକୁ ଦିନ ଟୋକା ହୋଇଯାଉଚ। କଣ କଚ ବୋଲି ନା କଣ ?"

"ଆଜ୍ଞ କଣ ଗ୍ରଇ ଟୋକା, ମାସକୁ ପାଞ୍ଚ ବସ୍ତା ଗୃଉଳ । ତହିଁରେ ଏ କଣ୍ଟ୍ରୋଲ ବଜାର, ମହଙ୍ଗା କାଳ ।"

"ଗ୍ରଇ କହନା, କହନା"— କରୁଣାକର କହିଲେ । "ଛଇଁରେ ଅଫିସରେ ଯୋଉ କାମ, ଆଜ ସାହେବ କଁ କହିଲେ ଯାଇଁଲ ?"

ସାହେବ—ଅଫିସ—ଅଭାବ ଓ ଦୁର୍ଦ୍ଦଶା ।

ଗପୁଡ଼ି ହୋଇଯାଉଛନ୍ତି କରୁଣାକର । ଅଭାବ ତାର ବୟସ। ବଢ଼ାଇ ଦେଇଛି ଆହୁରି ଦଶବର୍ଷ । ହୁଏତ ସେ ଗୃହେଁ ଗୋଟିଏ ଉତ୍ତମ ଉମେଇଁ ବା ଗୋଟିଏ ଉତ୍ତମ ଗ୍ଳ କପ ଓ ଛୋଟା ଜଣେ, ଯେ ତାର କାହାଣୀ ଶୁଣି ଦୁନଆଁର ଅବଗ୍ଭରକୁ ତା ସାଙ୍ଗରେ ଝିଙ୍କାସିବ । ବୁଢ଼ା ଆଖିରେ ଦୁନଆଁ ଖାଲି ଅବଗ୍ଭର ଓ ଅଭିଯୋଗର ଖଣି ।

ଅଥଚ ଏଇ କରୁଣାକର ଥିଲେ ଦିନେ—

ଗଳ୍ପ କଥା । ଇତିହାସ, ଇତିହାସ ସବୁ ଝଡ଼ ପଡ଼ୁଛି ।

ଧାଡ଼ିହୋଇ କ୍ଲାସଘର ଦିଶୁଛି; କିନ୍ତୁ ଆଉ ଉତ୍ସାହ ନାହିଁ ।

ଆଖିରେ ଦିଶୁଛନ୍ତି କେବଳ ହୃଷ୍ଟପୃଷ୍ଟ ସୁବେଶ ମଣିଷ । ଦିଶୁଛି ଧାଡ଼ିହୋଇ ମ.ଳ ଲଦିଥିବା କାର୍‌ଗୁଡ଼ାକ । ଇତିହାସ ପ୍ରଦର୍ଶନୀ ଦେଖି ଆସିଛନ୍ତି ସହରର ବିଶିଷ୍ଟ ବ୍ୟବସାୟୀମାନେ ବି; ରଣଗ୍ଜେଡ଼୍, ମଲ୍, କଣ୍ଡୱାଲା ପ୍ରମୁଖ ।

Digitized by srujanika@gmail.com

ହଠାତ୍ ଗଦାଧର ଉପରେ ମାଡ଼ ହୋଇ ବସୁଛି ଅଶାନ୍ତର ସେହି ଛଅଟା ବର୍ଷପାଇଁ ଶୋକ ଓ ଅନୁଶୋଚନା । ଛ' ଛଟା ମୂଲ୍ୟବାନ୍ ବର୍ଷ—ବୃଥା ଗଲା । ଛ: ବର୍ଷରେ ପାନ ଦୋକାନ ହୁଏ ମନୋହାରୀ ଦୋକାନ; ଛ ବର୍ଷରେ ମଠର କଳ୍ପନର୍ ହୁଏ ମଠର ମାଲିକ ।

ଆଉ ସେ !

ଏ କ୍ଲାସଘରକୁ ଚାହିଁଦେଲେ ଶୁଭୁଯାଉଛି ସେପରକ— ବ୍ୟୁସିଫ୍ୟାଲସ୍ ଇଜ୍ ଏ ହର୍ଷ । ଏହି ତାର ଲଜକ୍ ଘର ।

ଆର ପାଖୁ ଶୁଭୁଯାଉଛି ଅଶାନ୍ତର ଦୁର କଣ୍ଠରୁ—

ଓ କୁକ୍; ଶ୍ୟାଲ୍ ଆଇ କଲ୍ ଯ ଏ ବାର୍ଡ ?

ଅର୍ ବଟ୍ ଏ ବ୍ଲାଇଦ ଲିଟଲ୍ ଥିଙ୍ଗ ।

ତଗି ଯାଏ ଛି ବର୍ଷପରେ ବର୍ଷା,ଭୁଲଛି ସେହି ଏକା କଣ୍ଠରେ ।

ଓ କୁକ୍ ! ଶ୍ୟାଲ୍ ଆଇ—

ସମାଧାନ ନାହିଁ—ଏ ବାର୍ଡ ଅର୍ ଏ ବ୍ଲାଇଦ୍ ଲିଟ୍ଲ୍ ଥିଙ୍ଗ । ଟୁ ବି ଅର୍ ନଟ୍ ବି, ଦ୍ୟାଟିଜ୍ କ୍ୱେଶ୍ଚେନ ।

ସମାଧାନ ନାହିଁ—ସମାଧାନ ନାହିଁ—ସମାଧାନ ନାହିଁ—

ତା ପରେ ଇତିହାସ ?

ଓଃ, ଛ ବର୍ଷ !

ଏଇ ଫାଟକ ପାଖେ ଥିବା କଥା ଚଇତନର । କାହିଁ ସେ ? ଛ' ବର୍ଷ ତାକୁ ଏଠି ସେ ମୂର୍ତ୍ତିପରି ଠିଆହୋଇ ରହିବାର ଦେଖିଛି । ଆଜ ସେ ନାହିଁ; ସେମିତି ନାହାନ୍ତି ଅନେକ ।

ପିଲ୍ଲ ଦଳେ କହି କହି ଆସୁଛନ୍ତି "ଆମ କଲେଜ୍‌ଠୁ ବଳି —ଆମ କଲେଜ୍ । କାହାର ?

ଏଥର ପ୍ରକୃତରେ ଗଦାଧର ପଧାନ ସ୍କୁଲର ପ୍ରବେଶ ଦେଖି ।

Digitized by srujanika@gmail.com

"ଆରେ, କଇଁଠ୍ ?"

"ମୁଁ ଆଜ ଥୟ ଆଲ୍ଲାହାବାଦରୁ ଡେଲଗେଟ୍ ହୋଇ—"

"କଣ୍, ପ୍ରଫେସର୍ ହେଲଣି ?"

"ହାଃ, ଗ୍ଗର ବର୍ଷର ଲେକ୍‌ଚରର କାମ; ପ୍ରଫେସର ଏତେ ଚଞ୍ଚଳ କେମିତ ହେବ ?"

କଇଣ୍ଟ୍ ତା ବନ୍ଧୁର ସ୍ଥାନ ଶୁଣି, ହେଇଚ ସେ ଏକ ମାଇନର ଚଢ଼ିଥିଲ ।

କଇଣ୍ଟ କହିଲ "ଆଚ୍ଛା ଆପଣ ଯେ ରିସର୍ଚ୍ଚ କରୁଥିଲେ ହର୍ଷବର୍ଦ୍ଧନ ପ୍ରକୃତରେ ଶୈଳୋଦ୍ଭବ ବୋଲି କଣ ହେଲ ? ମୁଁ ଆପଣଙ୍କର ଯୋଉକଯାକ ଲେଖା ଜର୍ଣ୍ଣାଲରେ ପଢ଼ିଥିଲ । ବଡ଼ ଚମତ୍କାର ଲାଗିଲ, ଆପଣ ଚଞ୍ଚଳ ଥିସିସ୍ ଶେଷକଲେ ଯିବା ହନ୍ତା ।"

"ଆଉ କଣ ହବ । ବେଳ କାହିଁ, କଏ ବା ଏନ୍‌କାରେଜ୍ କରୁଛି ? ତମେ ପିଲାଏ ସେସବୁ କର । ଆମେ ବୁଢ଼ା ହେଲୁଁ, ଏମ୍. ଏ. ପାଶ୍ କରିବାର ହେଲାଣି ତେର ବର୍ଷ । ଆଉ କଣ ଥାଏ ?"

"ଆପଣ ଲେକ୍‌ଚରର ହୋଇ ତ କ୍ଷ ଥିଲେ କେତେ ଭଲ ହୋଇଥ ନ୍ତା ।"

"ଆଃ ଗୁଡ୍ ।"

ଅତୀତର ପ୍ରେତ ତାର ପଛେ ପଛେ ।

ଡ଼କଗଲ ସେ ଗୋଟିଏ ପ୍ରଦର୍ଶନୀ ଘରେ । ଶହ ଶହ ବର୍ଷର ଅତୀତ ମଝିରେ ତାର ଦଶ ପନ୍ଦର ବର୍ଷର ଅତୀତକୁ କେଉଁଠି ହଜାଇ ଦେଇ ପୁଣି ସେ ଝୁଙ୍କି ପଡ଼ିଲ ଗୁହର କୁତୂହଳ ଫୁଟାଇ କାଚର ସୋ'କେସ୍‌ମାନଙ୍କ ଉପରେ ।

Digitized by srujanika@gmail.com

ସଜାହୋଇ ରହିଛି କାଚ ଭିତରେ— ଅତୀତର ମଉଳା ପୃଷ୍ଠା; ଯୁଗ ଯୁଗର ଧୂଳି ।

ତାଳପତ୍ରର ପୋଥି, ହଳଦିଆ ପଡ଼ିଥିବା କାଗଜ ଓ ଖାତାପତ୍ର, ତମ୍ବା ପାତିଆ, ନାନା ଜାତିର ମୁଦ୍ରା, ଭଙ୍ଗା ପଥର, ଭଙ୍ଗା ହାଣ୍ଡି, ମୂର୍ତ୍ତି, ଅଳଙ୍କାର, କାନ୍ଥରେ ବଡ଼ ବଡ଼ ଛବି ।

ବଡ଼ ସହରର ବଡ଼ ପ୍ରଦର୍ଶନୀ ଦେଖୁଛି ।

ଯୁବା, ଯୁବତୀ, ବୃଦ୍ଧ, ଅଧ୍ୟାପକ, ବଢ଼େଇ କାରିଗର, ମାଛୁଆଣ୍ଡି ଲୁଗା ବିକାଳି, କର୍ମଚାରୀ, ଗୁଡ଼ାଖୁ ଦୋକାନୀ, ରେଲଗାଡ଼ିର ଗାର୍ଡ଼ ସାହେବ, ରିକସା ମାଲିକ, ପ୍ଲାଟଫର୍ମ ଟିକେଟ —ଅସଂଖ୍ୟ ସେମାନଙ୍କର ସ୍ତର ।

ରାଜନୈତିକ ନେତା, କର୍ମୀ, ଦେଓ୍ୟାନ୍ ବାହାଦୁର, ଟେରରିଷ୍ଟ, ସାମ୍ୟବାଦୀ, ଜନସେବୀ, କଂଗ୍ରେସୀ, କମ୍ୟୁନିଷ୍ଟ, ଜମିଦାର, ହିନ୍ଦୁ ମହାସଭା, ମୁସଲିମ ଲିଗ୍—ଅସଂଖ୍ୟ ସେମାନଙ୍କ ସ୍ତର ।

ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ରାତି—ଅସଂଖ୍ୟ ସେମାନଙ୍କ ସ୍ତର ।

ଇତିହାସର ସମତଳ, ବରବୁଦୁର୍‌ର ଶେଷ ପରସ୍ତ; ତା ଉପରେ ପ୍ରକାଣ୍ଡ ବୁଦ୍ଧ, କାହିଁ ?

"ପନ୍ଦର ଟଙ୍କା ବା'ରଣାରେ ପ୍ରକାଣ୍ଡ ଦୁର୍ଗୋତ୍ସବ, ହଜାରେ ଲୋକ ଭୋଜି ଖାଉଥିଲେ ଯେ । ଦେଖନ୍ତୁ ଆଜ୍ଞା ଫର୍ଦ୍ଦଟା ଥୁଆ ହୋଇଛି, ଅଠରଶ ସତର ! ହୋଃ ହୋଃ ହୋଃ,— କି କାଳ ସେ ଥିଲା ? ଆଜି ଆଜ ! ହେଇ ଦେଖନ୍ତୁ ନା, ବଙ୍ଗଳା ଅକ୍ଷରରେ—"

"ସତେ ?"

Digitized by srujanika@gmail.com

ଅଠରଶ ସତର ! ଓଡ଼ିଶା ମାଟିରେ ଭାରତର ପ୍ରଥମ ଜାତୀୟ ସମର । ଜଗବନ୍ଧୁ, ଘରପୋଡ଼ି, ମଣିମେରା, ଖଣ୍ଡାଏତ, ଶୀକାର, ଛୋଟ ଛୋଟ ଦୁର୍ଗର କାନ୍ଥ ଭଙ୍ଗା । ଲଙ୍ଗା ସାଓଁତ, ବକ୍‌ସି ଜଗବନ୍ଧୁ, ବିଦ୍ୟାଧର, ବାମଦେବ ପଟ୍ଟଯୋଶୀ, ପଦ୍ମଲଭ ଛୋଟ୍ରା, ତେର ଶୌର୍ଯ୍ୟ ଖଣ୍ଡାୟତ୍ ।

ତେଣେ ପନ୍ଦର ଟଙ୍କା ବାଉଣାରେ ପ୍ରଚଣ୍ଡ ଦୁର୍ଗୋତ୍ସବ । କଏ କଲା ? କସନ୍‌ଚନ୍ଦ୍ର ସିଂ ? ଅଠରଶ ସତର ! ଅଠରଶ ସତର, ଟାଙ୍କି ହୋଇଗଲା ବାହା, ନାଲରୁ ଧରିଲା ଆଖି, ଉଡ଼ିଗଲା ଆତ୍ମା । ସେଦିନକୁ ସେହି ତାର ପୂର୍ବଜନ୍ମର କଥା ସଂକେତ, ଶୁଭୁଛି ଯେ ଅଠରଶ ସତର ବାହ୍ୱାମରେ—"ଇଂରେଜ୍, ତୁମେ ତର୍ଜିନା—"

ହେଇ ଟ୍ରାଓ୍ୱର୍ ସାହେବଙ୍କ ରିପୋର୍ଟ୍ । ଥପ୍ କରି ସେ ପଡ଼ିଗଲା ଚର୍ ସମାଡ଼ରେ ପକ୍ଷୀପରି ନାଲିକଳା ମିଶା ଦିନାନ୍ତର ଅନ୍ଧାର ତଳକୁ ।

ଓଃ, ଜାତୀୟ ଜୀବନର ଅବସାନ । ଅନ୍ଧାର ଢେଉଢେଇ ହୋଇ ପଡ଼ୁଛି ମାଟି; ଶୋଇ ଉଠ, ଶୋଇ ରହ, ସ୍ୱପ୍ନ ଦେଖ୍ ।

ଶୋଇ ରହ ! ହେଇ ତ, ନାଗପୁରରୁ ଆସିଛି ସୁନ୍ଦର ସାଏଙ୍କ ଛକ । ସୁନ୍ଦର ସାଏ ନୁହେଁ, ସୁରେନ୍ଦ୍ର ସାଏ— ଛୁଟିଯାଉଛି କଡ଼କାଡ଼ ଲୁହାର ଶିଂକୁଳ, ସମ୍ବଲ ଦେଶର ବୀର ସୁରେନ୍ଦ୍ର—

ଖୁଲି ଉଠୁଛି ଗୁମ୍ଫ । ମିଷ୍ଟର୍ ଓ ମିସେସ୍ ଦଣ୍ଡସେନା ଚୁଲଚନ୍ତି । ଗଦାଧର ପଧାନ ମୁହାଁମୁହିଁ ଚୁହିଁ ରହିଲା, ତାର ଭୟ ନାହିଁ ।

ଦେଖି ବୁଲିଲା, ଟିପି ବୁଲିଲା ତାର ଟିପା ଖାତାରେ ।

"ଦେଖନ୍ତୁ ଅଞ୍ଜୁ, କପିଳେନ୍ଦ୍ରଙ୍କ ପାତାଳେଶ୍ୱର ଇନ୍‌ସ୍ପି- କ୍ସିସନ୍ । ଷୋଡ଼ଶ ଶତାବ୍ଦୀ । କପିଳେନ୍ଦ୍ର ତାଙ୍କ ରାଜତ୍ୱର

Digitized by srujanika@gmail.com

ନବମ ବର୍ଷରେ ଗୁଣ ବର୍ଷର ରାଜସ୍ୱ ଖର୍ଚ୍ଚ କରି ଗୋଟିଏ ନୌବାଣିଜ୍ୟ କେନ୍ଦ୍ର ବସାଇଥିଲେ ଓ ସେ କେନ୍ଦ୍ରର ସମସ୍ତ ଆୟ ଜଗନ୍ନାଥ ମନ୍ଦିରକୁ ଦାନ କରିଥିଲେ ।” ଜଣେ ପଣ୍ଡିତ ବୁଝାଉଛନ୍ତି । ମିଷ୍ଟର ଦଣ୍ଡସେନା ମୁଣ୍ଡ ଟୁଙ୍ଗାରୁଛନ୍ତି । କହିଲେ, “ଆମେ ବି ନୌବାଣିଜ୍ୟ କେନ୍ଦ୍ର ବସାଇବାକୁ ପରିକଳ୍ପନା କରୁଛୁଁ ଗୋପାଳପୁରରେ । ତେବେ ସେଠୁ ଆୟଟା ଅବଶ୍ୟ ଜଗନ୍ନାଥ ମନ୍ଦିରକୁ ଆଉ ଯିବ ନାହିଁ ।”

“ହେଃ ହେଃ ହେଃ—ପଣ୍ଡିତ ହସୁଛନ୍ତି । ଜଣେ ବଡ଼ଲୋକ କଥା କହୁଛନ୍ତି । କପିଳେନ୍ଦ୍ର—ସେ ତ ଥିଲେ ସାରଳା ଦାସଙ୍କ ସମସାମୟିକ ଶାରଳା ଦାସଙ୍କ ସମାଧି ମନେପଡ଼େ, ଠିକ ଗଦାଧର ଗାଁ ପାଖରେ । ଗୋଟିଏ ଛୋଟା, ସେଠି ଗୋଟିଏ ବେଦୀ ।

ରହିଛି ଇତିହାସ । ରାଜା ମହାରାଜାଙ୍କ ପରିଚୟ । କେତେ ବଡ଼ଲୋକଙ୍କ ପରିଚୟ—ମନେ ପଡ଼େ । ସମ୍ବାଦ ପତ୍ରେ ବାହାରିଥିଲା କାଲି,—ନ୍ୟାୟାଧୀଷ ଆୟୁଶାସ୍ତ୍ରୀଙ୍କ ଆତ୍ମା ଉପରେ ପଣ୍ଡିତ ଯୁଦ୍ଧ ? ସେ ଚାମିଲ୍ ନା ତେଲେଗୁ । ଓଡ଼ିଆ ବି ହୋଇପାରନ୍ତି—ସଙ୍ଗୀତଗୁରୁ ଅନ୍ଧ ଆପନ୍ନା କଣ ତେଲୁଗୁ ଥିଲେ ?

ହେଇ ଜଗନ୍ନାଥ ଗବେଷଣା ସମିତି,—ବଗତ ପଣ୍ଡିତ ଯୁକ୍ତି ସ୍ଥିତ,—ଜଗନ୍ନାଥ ବୌଦ୍ଧ କି ଜୈନ କି ପ୍ରାକ୍‌ବୈଦିକ ।

ରାଜା, ମହାରାଜା, କପିଳେଶ୍ୱର, ଖାରବେଳ, ଶୈଳେନ୍ଦ୍ର—ଅସଂଖ୍ୟ ସେମାନେ, ଘରେ ଘରେ ।

ଆଉ ସେ କାଳର ସାଧାରଣ ଲୋକେ, ତାଙ୍କର ଦସ କାଳର ଘରକରଣା—ବେଶଭୂଷା, ଖାଦ୍ୟ, ସମାଜ, ଆଶା ଓ ଉଦ୍ୟମ ?

ଗଦାଧର ପଧାନ ଭାବ ଭାବ ଆବିଷ୍କାର କରି ବୁଲନ୍ତି ନଜର ପୂର୍ବ ଜନ୍ମ । ଏଇ ମନୁଷ୍ୟ ସମାଜ ଏତେ ପୁରଣା,—କଣ ଥିଲା ଯୁଗେ ଯୁଗେ ସେ ?

ଯୁଗେ ଯୁଗେ ଖାଲି ଶ୍ରମିକ ଓ ଶୋଷିତିଆ ? ଅତ୍ୟାଚାରୀ; ଅତ୍ୟାଚାରିତ ? ନା ସ୍ୱାର୍ଥର ହିତ ପାଇଁ ନ୍ୟାୟ ଓ ଧର୍ମ ମାନିକରି ଘରେ ଘରେ ସମସ୍ତେ ସମାନ, ସମସ୍ତେ ସ୍ୱାଧୀନ ?

ଖଣ୍ଡ ଖଣ୍ଡ ଐତିହାସିକ ପଥର ଓ ପୋଥି ଆଡ଼କୁ ଚାହିଁ ତରତର ଭାବିଲାଗିଲେ ଗଦାଧର ପଧାନ । ଇତିହାସ କଥା କହେ, ପରୀକ୍ଷାରେ ନମ୍ବର ପାଇବା ପାଇଁ ଲେଖା ହୁଏ ଅନେକ କଥା, ନାଁ ପାଇବା ପାଇଁ ଉପାଧି, ପାଇବା ପାଇଁ ଗବେଷକ ଖୋଜନ୍ତି ନୂଆ ନୂଆ ଅଦ୍ଭୁତ ତଥ୍ୟ, ସୁନ୍ଦର ଢଙ୍ଗେ ଇତିହାସ; କିନ୍ତୁ—

ପୃଥିବୀର ଗତି କେଉଁଆଡ଼େ ? ଅନ୍ଧାରରୁ ଆଲୁଅକୁ ନା ଆଲୁଅରୁ ଅନ୍ଧାରକୁ ? ସତ୍ୟଯୁଗରୁ କଳିଯୁଗକୁ ନା କଳିଯୁଗରୁ ସତ୍ୟଯୁଗ ?

"ହେଃ ହେଃ ହେଃ"—ମେଞ୍ଚାଏ ହସ କିଏ ଛୁଞ୍ଚି ମାରିଲା ତା ଆଡ଼କୁ । ଦଳେ ତରୁଣ ତରୁଣୀ, ଗୋଟିକୁ ଚିହ୍ନେ ସେ,— ମିସ୍ ଚର୍ଣ୍ଣକୁନ୍ତଲମ୍ ଶାସ୍ତ୍ରୀ, ଐତିହାସିକା । ସେହି ଗୋଲାପୀ ଶାଢ଼ୀ, ଶ୍ୟାମଳ ମଧୁର ବର୍ଣ୍ଣ । ଅତି ଧଳା ଦାନ୍ତ, ଶୁଆନାକ; ଇଂରାଜ କହନ୍ତି ।

ଆଉ ପାଖେ ତରୁଣ ଜଣେ କିଏ; ସୁଟ୍ ପରିହିତ ।

ଦୁହେଁ ଦୁଇ ହାତରୁ ନଇଁ ପଡ଼ି ଦେଖୁଛନ୍ତି ସୋ' କେସ୍ ଭିତରର ଗୋଟିଏ ବଜ୍ରସତ୍ତ୍ୱ ମୂର୍ତ୍ତିକୁ । ଆପଣ ଯେ ଏକଦମ୍ ସମାଧି ପାଇଗଲେ ମିଷ୍ଟର୍ ରାୟ ?" ଚର୍ଣ୍ଣକୁନ୍ତଲମ୍ ହସି ହସି କହିଲେ, "ତେବେ ଆପଣଙ୍କୁ 'ଭୂଷୁକୁ' ନାଁ ଦିଆଯାଉ ।"

Digitized by srujanika@gmail.com

ଭୁଞ୍ଜାନୋଽପି ପ୍ରସ୍ୱସ୍ୱରଃ
ସୁପ୍ତୋଽପି କୁଟିଂ ଗଚ୍ଛୋଽପି

ଭୁଦେବେନ୍ତ ଭୂଟ୍‌କୁ ସମାଧି ସମାପନ୍ନ ଭାବ୍ ଭୁସୁକୁ ନାମ ଖ୍ୟାତିଂ ସନ୍ଦେଽପି ।

ଓ୍ୱାଲ୍, କମ୍ କମ୍ ମିଷ୍ଟର୍ ଭୁଷୁକୁ ହେଃ ହେଃ ହେଃହେଃ—”

ମିଷ୍ଟର ସପ୍ରୁ, ସେ ପାଖ୍ ମୁଣ୍ଡଟେକ ଖୁନ୍ଦିଲେ ।

ମିସ୍ ଚୂର୍ଣ୍ଣକୁନ୍ତଳମ୍—ମୁହଁରେ ହସ ଛଳ୍ ଛଳୋଉଛି, ମେକପ୍‌ର ଶ୍ରୀରେ ଫୁଟିଉଠୁଛି ଶ୍ୟାମ ଲାବଣ୍ୟ, କନ୍‌ପାଶା ହଲୁଛି ।

“ଆଁ ସ୍ୱଁ, କଣ କହିଲେ ? ଫେଲଡ଼ ଫସିଲ୍‌ସ୍ । ଚାଲନ୍ତୁ ଯିବା ।”

ଗଦାଧରର ମୁହଁଟା ଟେକା ହୋଇ ରହିଲା ସେହିଆଡ଼େ । ସେମାନେ ଚାଲିଯାଉଛନ୍ତି ।

ମୁଣ୍ଡ ଭିତରେ ଲାଗି ରହିଲା ଦୁଇଟି ନାଁର ଐକ୍ୟତାନ ସଙ୍ଗୀତ, ଭୁଷୁକୁ, ଚୂର୍ଣ୍ଣକୁନ୍ତଳମ୍—’

ଧନ୍ଦହେଲା ମନ, ଯେପରି ସେ ଗୋଟାଏ କଣ ଉତ୍ତର ଖୋଜେ ।

ତା ପରେ ଉତ୍ତରଟି ମିଳିଲା ମହାସିଦ୍ଧ ବ୍ରହ୍ମଚାରୀ ଭୁଷୁକୁ ପ୍ରେମରେ ପଡ଼ି ବ୍ରହ୍ମଚର୍ଯ୍ୟ ଭଙ୍ଗ ଆତ୍ମଗ୍ଲାନିରେ ନିଜର ଅଧଃପତିତ ଅବସ୍ଥାକୁ ଉପଲକ୍ଷ୍ୟ ଦେଇ ଗୀତ ଲେଖିଛନ୍ତି—

‘ଆଜି ଭୁଷୁ ବଙ୍ଗାଳି ଭଇଲି ।
କାରଣ, ‘ଣିଅ ଘରଣୀ ଚଣ୍ଡାଳୀ ଲେଲି ।”

ଗ୍ରାମୋଫୋନ ରେକର୍ଡ଼ ପରି ମୁଣ୍ଡ ଭିତରେ ବାଜି ଚାଲିଛି ସେଇ ଦୁଇ ପଦ । ଗଦାଧର ପଧାନ ବଜ୍ରସତ୍ତ୍ୱ ମୂର୍ତ୍ତି ପାଖକୁ ଗଲା । ସ୍ଲେଟ ମୂର୍ତ୍ତିଟି, କେଡ଼େ କି ସୁନ୍ଦର ! ରାଜପୁତ ପରି ବେଶ,ଅଳଙ୍କାର

Digitized by srujanika@gmail.com

ଶୋଭିତ । ବଜ୍ରସତ୍ତ୍ୱ,—ନିଜେ ଧ୍ୟାନୀ ବୁଦ୍ଧ ନା, ଧ୍ୟାନୀ ବୁଦ୍ଧ ଅକ୍ଷୋଭ୍ୟଙ୍କ ପୁତ୍ର ? କିନ୍ତୁ ଅକାରଣରେ ମନେ ମନେ ଗୁଞ୍ଜରୁଛି ସେହି ଭୁଷୁକୁଙ୍କ ପଦ—ଆଜି ଭୁଷୁ ବଂଗାଳ ଭଇଲି,—ଣିଅ ଘରିଣି ଚଣ୍ଡାଳୀ ଲେଲି । ବଜ୍ରସତ୍ତ୍ୱଙ୍କ ରାଜପୁତ୍ର ବେଶକୁ ଚାହିଁ ଚାହିଁ ଉଦାସ ହୋଇ ଆସୁଛି ମନ, ଶୁଣୁଛି କେଉଁ ଅନ୍ଧାର ଗୁମ୍ଫାର କନ୍ଦରରୁ କେଉଁ ବଣ୍ୟଜନ୍ତୁର ବିକଟ କାନ୍ଦଣା । ଏହି ବଜ୍ରସତ୍ତ୍ୱ କେବେ କିଏ ତାଙ୍କୁ ବସ୍ତୁ ମୂର୍ତ୍ତି ବୋଲି ପୂଜା କରିଥିବ ।

କିଏ ବା ପୂଜିଥିବ ଦେବୀ ମୂର୍ତ୍ତି ବୋଲି
କିଏ ଭାବିଥିବ ସେ ବୁଦ୍ଧ; ସିଦ୍ଧାର୍ଥ ।

କିନ୍ତୁ ସେ କେଉଁ ଶିଳ୍ପୀ ହାତର ବଟାଳିରେ ହଣା ହୋଇ ଜୀବନରେ ପ୍ରାଚୁର୍ଯ୍ୟ ଓ ସାଫଲ୍ୟର ରୂପଟିଏ ।

କିପରି ସେ ଶିଳ୍ପୀ ? ସେ କଣ ଜୀବନରେ ପାଇଥିଲା ଏ ପ୍ରାଚୁର୍ଯ୍ୟ ଓ ସୃଷ୍ଟିର ପରିଚୟ ?

ନା ସେ ଖାଲି ନୁଖୁରମୁଣ୍ଡିଆ ଧର୍ମବେଠିଆ ? ଏ ତାର ଜାଗରଣ ବିମୁଖ ପଳାୟନ ପନ୍ଥୀ ମନର ପ୍ରତିକ୍ରିୟା ?

ଓଃ, ଭୁଷୁକୁ, ଭୁଷୁକୁ,—ସେ ନିଜେ ବି ତ ଥିଲା ସେହିପରି; ବହ୍ନିସ୍ତରେ ସମାଧି ପାଇଥିଲା । ଆଉ ଆଜି ? ଆଜି ସେ ପତିତ, ଜ୍ଞାନର ସମାଧି ଯୋଗ ଭାଙ୍ଗି ଯାଇ ସେ ଖାଲି କାଳାବାଲା । ଦୁନିଆର ଦାନାପାଣି ଯୁଦ୍ଧରେ ଦରିଦ୍ର ସୈନିକ ଜଣେ । ପଛ କଥା ଇତିହାସ ଆଜି, ଯେତେ ସ୍ୱପ୍ନ ଗଢ଼ିବା, କଣ୍ଢେଇ ଖେଳ ଖେଳିବା ।

ବଜ୍ରଗଦାରେ ମୁହଁ ଲୁଚେଇ ସେ ଭବିଷ୍ୟତର ଧନଗୁଣ୍ଡାକୁ ସ୍ୱାଗତ ଜଣାଉଥିଲା । ଧନ ଆସିଲା, ଧନ ଚାଲିଗଲା, ପଡ଼ି ରହିଲା ସେ । ଆଜି ସେ ହେଉଛି ଭୁସୁକୁ ପରି ପତିତ । ତାର ଚଣ୍ଡାଳୀ ତାକୁ

Digitized by srujanika@gmail.com

ଆଠଟି ସନ୍ତାନର ମା; ପ୍ରେମ୍ବସୀ ନୁହେଁ, ଗୃହକର୍ତ୍ତ୍ରୀ । ହାଡ଼ଗୋଡ଼-ମୟ ଦୀର୍ଘ ଦେହ, ଗର୍ଜି ଗର୍ଜି ତାର ସ୍ୱର ଗର୍ଜନପଟ୍; ଆଖି କଣରେ ସହଜରେ ନାଲିଗୁ ଫୁଟେ । ଦୁହିଙ୍କ ସମ୍ପର୍କରେ ଭିତ୍ତି ସ୍ୱାର୍ଥ ଉପରେ । ସେହି ସଂଘର୍ଷର ଶେଳ ତାକୁ ବେତ୍ର ବେଳ ଠେଲିଦଏ ଅବସର ସମୟରେ ଇତିହାସ ଗବେଷଣା ବା କବିତା ଲେଖାରେ ଆଶ୍ରୟ ନେବାକୁ । ଇତିହାସ କାମରେ ସଙ୍ଗୀ ଅଛି ଜଣେ ତାର; ସନାତନ ତ୍ରିପାଠୀ, ସେ ମଧ୍ୟ ସେହିଭଳି ଏଠରେ; ତା ଛଡ଼ା ପ୍ରଶଂସକ ଗୃହ ପାଞ୍ଚ ଜଣ, ଏଇ ତାର ସମାଜ ।

ହାୟ, ଆଜ ଭୂଷ ବଙ୍ଗାଳୀ ଜଇଲି; ଶିଅ ସରଣୀ ଚଣ୍ଡାଳୀ ଲେଲି । ସେ କଣ ଆଜ । ପ୍ରତି ସେକେଣ୍ଡରେ ଚଳି ଯାଉଛି ମରଣର ଗହଳ; ଆଗେଇ ଚାଲିଛି, ଆଗେଇ ଚାଲିଛି । ଜ୍ଞାନ ଚର୍ଚ୍ଚା—ଇତିହାସ ଗବେଷଣା—ଖାଲି ଅଦମ୍ୟ ଆଶା । ମାଟି ତଳ ତଳ ଆପଣା ଭିତରେ ବଢ଼ି ଉଠୁଛି ଗୋଟାଏ ପ୍ରକାଣ୍ଡ ଜିଜ୍ଞାସା ।

ଏହି ପଥର, ଭଙ୍ଗା ଖପର, ମୁଦ୍ରା, କାଗଜ ଓ ତାଳପତ୍ର ପୋଥି—କେବଳ ଅଦମ୍ୟ ଆଶାର ପ୍ରତୀକ ସେ ସବୁ । ନାହିଁ ଖୋଳପା ଲଦାଲଦ, ଆଉ ନାଁ ବାଛି ଦେଇ ନାହିଁ । ଚାଲିଛି ଗବେଷଣା କିନ୍ତୁ କ ବିଷୟରେ ? କଣ ନେଇ ଇତିହାସ ? ସେ କଣ ରାଜାମାନଙ୍କର କୀର୍ତ୍ତିର କଥା ? ଗଜପତିଙ୍କ ତେଜହେବା, ଭରତ କମ୍ୟୁନିଷ୍ଟ ଥିଲ ନା ମୋନାର୍କିଷ୍ଟ ? ନା ମତର ରୂପ କୁଣ୍ଡଳ କ୍ୟାଣ୍ଟର ? କିନ୍ତୁ ମଣିଷର ଉଠପଡ଼ ଜୀବନର ସ୍ପନ୍ଦନ ? ତାର ଦୀର୍ଘଶ୍ୱାସ ? ତାର ଅଦମ୍ୟ ଆଶା—ନଗ୍ନ ଛିଆ ଘରେ ଚକଟା ଉପରେ ଲୁହଟୋପା । କାହିଁ ତାର ଇତିହାସ ? ଗଦାଧର ପଧାନ—ଗଦାଧର ପଧାନ । କାହିଁ ତୋର ପୂର୍ବ ଜନ୍ମର ଇତିହାସ ?

Digitized by srujanika@gmail.com

ହଡ଼ର ମାଟି, ଅନାବନା ଗୁଗୁଚିଆ, ଗୋଡ଼ଦଳା ଘାସ—ଜାଣ୍ଡି ଚୋର ଇତିହାସ ରେ, କାଣ୍ଡି ଚୋର ଇତିହାସ ?

ବୃନ୍ଦି ରହିଛି ନେକ ଖଞ୍ଜି ଦେଇ ବକା ପରି ।

ଝରକା ସେପାଖେ ପିଣ୍ଡା ଉପରେ ଠିଆହୋଇ ଘାସ ପଡ଼ିଆକୁ ଅନେଇ ରହିଛି ଗୋଟିଏ ପନ୍ଦର ବର୍ଷ ବୟସର କଲେଜ୍ ପିଲ; ନୂଆ ସିଗାରେଟ୍ ଖାଇ ଶିଖୁଛି । ଦମେ ଟାଣି ନେଇ ହାତର ଜଳନ୍ତା ସିଗାରେଟ୍‌କୁ ଟେଡରେଇ ଧରିଛି; ଧୂଆଁ ଉଡ଼ିଯାଉଛି ।

ଅଗଣତିକୁ ଧୂପ ଧୂଆଁ; ଧୂଆଁ ଉଡ଼ ଯାଉଛି ।

ନେଳସ୍ତ ଆବର୍ତ୍ତରେ ଫୁଟି ଉଠିଛି କେତେ ରୂପ, ପୁଣି ମିଳେଇ ଯାଉଛି ।

ଗଦାଧର ପଧାନ ବୃନ୍ଦି ରହିଛି ଏକା ଆଖିରେ ।

ପଡ଼ିଆରେ ଜକ ଜକ କରୁଛି ଘାସ । ନାନାରଙ୍ଗର ଫୁଲ ପେନ୍ଥା ବୋହି ଠିଆହୋଇ ରହିଛନ୍ତି କ୍ୟାନାଦଳ; ଚୁପ୍ ଚୁପ୍ । ଦୂରରେ ନେଳ ଆକାଶର ସନାତନ ବିସ୍ମୟ ।

"ଏ କଣ୍ ମାମୁଁ, ପ୍ରଦର୍ଶନୀ ଦେଖ୍ ନାହାନ୍ତି ?"

"ଏଁ ! ଗୁଣ୍ଡୁ ର ! ଶୁଖିଲା ହସଟିଏ ହସି ଗଦାଧର କହିଲା, ଦେଖୁଛୁ ତ ।"

"ନାନା, ଆପଣ ବୁଲନ୍ତୁ, ଦେଖନ୍ତୁ; ବହୁତ ମଜାକଥା ସବୁ ଅଛି ।"

"ଖାଲି ଉପରୁ ଚେହେରା ଦେଖି କଣ ହେବ ଝିଅ; ସୋ' କେସ ଖୋଲି ପଢ଼ିବାକୁ ତ ଦେବେ ନାହିଁ ।"

"ନା ନା, ତଥାପି ଆସାମରୁ ଗୋଟେ ଅଦ୍ଭୁତ ଲେଖ ଆସିଚ,ଦେଖିବେ । ଷୋଡ଼ଶ ଶତାବ୍ଦୀ ଆରମ୍ଭରେ ସେଠା ଉତ୍କଳିଆ

Digitized by srujanika@gmail.com

ରଜା ଓଡ଼ିଶା ରଜାଙ୍କ ପାଖକୁ ଗୋଟିଏ ଏମ୍ବାସି ପଠେଇଥିଲେ । ପଞ୍ଜାବରୁ ଆସିଛି ଫିର୍ଦୌସିଙ୍କ ଶାହନାମାର ଖଣ୍ଡେ କପି; ଛବି ଭର୍ତ୍ତି । ମୂଳ ମାଦଳାପାଞ୍ଜି ଗଦା ଗଦା ଦେଖିବେ । ପୁଣି ମୂଳ ଗୀତଗୋବିନ୍ଦ—ଜୟଦେବଙ୍କ ହାତଲେଖା । ଆଉ ବ୍ରିଟିଶ ପିରିଅଡ୍ କଥା କଣ କହିବି; ଇଣ୍ଟ୍ "ରେଷ୍ଟିଂ ଏଗ୍‌ଜିବିଟ୍ ଗଦାଗଦା ।"

"ସତେ ?"

ଜୟଦେବଙ୍କ ହାତଲେଖା; ଦି ଖଣ୍ଡ କାବ୍ୟ ମୋଟେ । ଆଉ ନାହିଁ । କାହିଁକି ଆଉ ନାହିଁ ? କଣ ଦାରିଦ୍ର୍ୟ ? ନଷ୍ଟ ସ୍ୱାସ୍ଥ୍ୟ ? ଅପେକ୍ଷା ଆଶା କୁହୁଳା ବିଷ! ଦୁଇ ଖଣ୍ଡ କାବ୍ୟ, ତହିଁରୁ ଖଣ୍ଡେ— ପୁଣି ଲୋକଲୋଚନ ଅଗୋଚର । କଣ ହେଲା !

"ଆରେ; ଗୁଣ୍ଡୁସ୍ଥ, ଏ ତ ବୈଦେହୀବିଳାସ ଦେଖୁଛି; କବି ଭଞ୍ଜଙ୍କର ଅନେକ ଅଛପା ପୋଥି ରହିଛି ଏବଂ ଭଞ୍ଜ କେବଳ କବି ନ ଥିଲେ । ସେ ଥିଲେ ବୈଜ୍ଞାନିକ; ତାଙ୍କର ହାତ ଲୁହା ମ୍ୟାନୁଫ୍ୟାକ୍‌ଚର । ସେ ବିଷୟରେ ବି ତାଙ୍କ ହାତଲେଖା ପୋଥି ଅଛି ।"

ତାର ଆଶ୍ଚର୍ଯ୍ୟ ଜ୍ଞାନକୁ ପାଖରୁ ଦେଖିବାଲାଗି ଉତ୍କଣ୍ଠିତ ହୋଇ ବେକ ବଢ଼େଇଲେଣି ଗୁରୁଜଣ ଦର୍ଶକ । ଗଦାଧର ଚୁପ୍ ହେଲା ।

"ଆପଣ ମାନେ ଏ ପ୍ରଦର୍ଶନୀର ଛପା ତାଲିକା ପାଇନାହାନ୍ତି ବୋଧହୁଏ । ତେଣୁ ବାଛି ବାଛି ଦେଖିପାରୁ ନ ଥିବେ ।"

"ଏଁ; ଛପା ତାଲିକା ଫେର୍ ଅଛି ନା କଣ ?"

"ହିଁ ଅଛି, ବଣ୍ଟା ହେଉଥିଲା ତ; ମୁଁ ଠିକ୍ ଧରିଛି । ଏତ ଆଖି ବଜାର; ଛପା ତାଲିକା ନ ଥିଲେ ବାଛି କଢ଼େଇବ କିଏ ? ନା ବୁଲନ୍ତୁ, ମୁଁ ବୁଲି ବୁଲି ଦେଖେଇ ଆଣିବି ।"

"ନା ଥାଉ ମା । ଛପା ତାଲିକା ମିଳେ କୋଉଠି ?"

Digitized by srujanika@gmail.com

'ଆପଣ ଶୁଣି ପାଉନ୍ତୁ ରୁମ୍ ନମ୍ବର ସତରକୁ । ଏଇ ପାଖରେ । ମାଗିବେ; ଦେବେ ଯେ ସେମାନେ ।'

'ଥାଙ୍କ୍ସ୍ ।'

'ଆରେ, ମତେ ଗୋଟାଏ ଥ୍ୟାଙ୍କ୍ସ ଜଣ୍ ଏ ।'

ଠକ୍ ଠକ୍, ଛପା ତାଲିକା ହାସଲ କରିବାକୁ ପଡ଼ିବ । ରୁମ୍ ନମ୍ବର୍ ସତର । ପନ୍ଦର, ଷୋଳ, ସତର । ଏଇ—ସୁଟ୍ ପିନ୍ଧି ଟାଇ ଝୁଲେଇ ବସିଛନ୍ତି ଯେ, କପାଳ ମିଶି ଅଧା ଚନ୍ଦାମୁଣ୍ଡରେ ଦିଶୁଛି ମଝିରେ ବିସ୍ତୃତ ଜ୍ଞାନର କ୍ଷେତ୍ର । ଗୋରା ଜକ୍ ଜକ୍— ଦୁଇ ପାଖେ କଳା କଦଳୀ ଧଳା ହୋଇ ଦୁଇମେଞ୍ଚା ବାଳ କପାଳର ଗାମ୍ଭୀର୍ଯ୍ୟ ବଢ଼ାଉଛି । ଆଖିରେ ମୋଟା ଚଷମା, ଅମ୍ବ୍ୟାସାଡ଼ର ଫ୍ରେମ୍ । ଗମ୍ଭୀର, ଅତି ଗମ୍ଭୀର । କିଏ ସେ ? ଗଦାଧର ଚଞ୍ଚଳ ଭାବଗଲା । ଦେଖିଲା ପରି ଲାଗୁଛି । ଠିକ୍; ଭାସ୍କର ଆଗୁରିଆ— ସୁପ୍ରସିଦ୍ଧ ଭାସ୍କର ଆଗୁରିଆ, ଐତିହାସିକ ଖନନ କାର୍ଯ୍ୟପଟୁ, ଆର୍କୋଲଜିଷ୍ଟ୍ । ବହୁପୂରୁଷରୁ ଓଡ଼ିଶାର ଡୋମିସାଇଲ୍ଡ୍; କିନ୍ତୁ ବରୋଦା ଷ୍ଟେଟ୍ରେ କାର୍ଯ୍ୟ କରୁଥିଲେ । ସେଠି ତାଙ୍କର ଅକ୍ଷୟ କୀର୍ତ୍ତି—ଗୋଟିଏ ପୋତା ନଅର ଖୋଳେଇଥିଲେ । ଗୋଟିଏ ପ୍ରାଚୀନ ବିଷ୍ଣୁମନ୍ଦର, ଯାହା ଭାଙ୍ଗି ଯାଇ ଜଙ୍ଗଲ ହୋଇଥିଲା, ପଥର ସବୁ ଖଣ୍ଡ ଖଣ୍ଡ ହୋଇ ଏଣେ ତେଣେ ପଡ଼ିଥିଲା; ସେସବୁ ଗୋଟେଇ ସଜେଇ ପୁଣି ମନ୍ଦରଟି ଠିଆ କରାଇଦେଲେ । ତାର କାରୁକାର୍ଯ୍ୟର ଭଗ୍ନାଂଶ ଏକାଠି ହୋଇ ପୁଣି ଝଟକି ଉଠିଲା । ଲତା, ଫୁଲ, ନର୍ତ୍ତକୀ, ସଙ୍ଗୀତଜ୍ଞ, ଦେବତା ଅବିକଳ ସବୁ । ଭାସ୍କର ଆଗୁରିଆ; କେତେଥର ଶୁଣିଛି ସେ ତାଙ୍କ କଥା । ଆଜି ମୁହାଁମୁହିଁ ।

Digitized by srujanika@gmail.com

ମୁଣ୍ଡ ଝାଙ୍କି ହୃଦୟର ନମସ୍କାର ଭାଷାରେ ଫୁଟାଇ ଗଦାଧର କହିଲା "ସାର୍ ନମସ୍କାର ।"

"କଣ୍ ?"

'ପ୍ରଦର୍ଶନୀର ଏଗ୍‌ଜିବିଟ୍ ତାଲିକା ଖଣ୍ଡେ ସାର୍ ।'

ଯୁବକ ଅଧସ୍ତନ ତାଲିକାଗଦାରୁ ଖଣ୍ଡେ ଚଟି ବହି ଉଠାଇ ବଢ଼େଇ ଧରିଲା । ଗଦାଧର ହାତ ବଢ଼େଇଲା; କିନ୍ତୁ ଗର୍ଜି ଉଠିଲେ ଭାସ୍କର ଆସ୍ତରଆ—"ନା; ନା-ନା-ନା—"

"କଣ ଆଜ୍ଞା ? ଦଉନ୍ତୁ ଖଣ୍ଡେ ।"

"ୟୁ ସି, ଇଟସ୍ ନଟ୍ ମେଣ୍ଟ୍ ଫର ଆଡ଼ନେର ମେନ୍" ଆସ୍ତରଆ କହିଲେ ।

"ଇଟିଜ୍ ନଟ୍ ମେଣ୍ଟଫ' ଜୋଆଜ୍ ହୁଅ' ନଟ୍ ଇଣ୍ଟରେଷ୍ଟେଡ୍ ଇନ୍ ହସ୍ତି"

ରଟ୍‌ଗଟ୍ ଛୁଣ୍ଡି ଗଲା କଣ ତାର ମୁଣ୍ଡ ଭିତରେ । ଚଢ଼ିଗଲା ଅଦମ ତାତି । ଏଇ ପ୍ରସିଦ୍ଧ ଭାସ୍କର ଆସ୍ତରଆ--ଯେ ଏତେଦିନ ଥିଲେ ତାର ଗୋଟାଏ ପ୍ରକାର ଆଦର୍ଶ । କିଏ ଯେପରି ହାତୁଡ଼ି ମାରି କଚୁଡ଼ି ଦେଲା ସେ ଆଦର୍ଶର ମୂର୍ତ୍ତିକୁ, ତଳେ ପଡ଼ି ଛତର୍ ଖୁଉଳ, ଖାଲି କୁଟା ଆଉ ମାଟି ।

ଗମ୍ଭୀର ହୋଇ ଗଦାଧର କହିଲା, "କଣ ଆପଣଙ୍କର ଅଡ଼ନେରି ଓ ଏକ୍‌ସଟ୍ରାଡ଼ନେରିର ଫର୍କ, ଟିକେ ବୁଝେଇବେ କି ?"

"ଆମର ଷ୍ଟକ୍ ଲିମିଟେଡ୍, ଯେଉଁମାନଙ୍କର ଇତିହାସରେ ସ୍ପୃହା ନାହିଁ ତାଙ୍କ ପାଇଁ ନୁହେଁ ଏ ଲିଷ୍ଟ୍," ଭାସ୍କର ଆସ୍ତରଆ କହିଲେ ।

"କିନ୍ତୁ ମୁଁ କହୁଚି ମୋର ଇତିହାସରେ ଯଥେଷ୍ଟ ସ୍ପୃହା ଅଛି, ଆପଣ କେମିତି ଜାଣିଲେ ମୋର ସ୍ପୃହା ନାହିଁ ବୋଲି ?"

Digitized by srujanika@gmail.com

"ଆପଣଙ୍କ ନାଁ ତ ନାହିଁ ଆମ ରେକର୍ଡ଼୍‌ରେ—"

"ଆପଣଙ୍କ ରେକର୍ଡ଼ ! କପର ସେ ରେକର୍ଡ଼ ? କଏ କରିଛି ତାକୁ ?

ଆପଣ କହିବାକୁ ଚାହାନ୍ତି ଯାହା ନାଁ ଆପଣଙ୍କ କେରର୍ଡରେ ନାହିଁ; ତାର ଇତିହାସରେ ସ୍ପୃହା ନାହିଁ ?"

"ଓଃ; ଆଜ ତର୍କରେ କଣ ଅଛି ମୁଁ ବଡ଼ କାର୍ଯ୍ୟବ୍ୟସ୍ତ । କେବେ ତ ଲଷ୍ଟ୍‌ ଖଣ୍ଡେ ? ନଉନୁ ପଡ଼ିସାରି ଫେରାଇଦେବେ ।"

'କଣିବାକୁ ମିଳବକ ? କଣନ୍ତୁ ଖଣ୍ଡେ, ଇତିହାସରେ ମୋର ବଡ଼ ସ୍ପୃହା ।

"ନାଁ ବକିପାଇଁ ନାହିଁ, ଅପଣ ଦୟାକରି ପଢ଼ିସାରି ଫେରେଇ ଦେବେ ତ ନଅନ୍ତୁ ।"

"ହଉ, ବହୁତ ଧନ୍ୟବାଦ ।"

ଲଷ୍ଟ୍‌ ଧରି ଗଦାଧର ଖାଲ ଚୌକରେ ବସି ପଢ଼ି ଲଗିଲ । ଲଷ୍ଟ୍‌ ବହିକ ଖୋଲି ଧରି ଲେଉଟାଉଛି, ପଢ଼ୁଛି; କନ୍ତୁ ସାମ୍ନାରେ ଟେବ୍‌ଲ୍ ଆରପାଖେ ଥିବା ଲାଇବ୍ରେରିଆନ୍‌ଙ୍କୁ । 'ଅଡ଼ନେରି' 'ଏକ୍‌ସ୍ଟ୍ରାଡ଼ନେରି' ଏହି ଦୁଇଶ୍ରେଣୀରେ ତାଙ୍କ ଆଖିରେ ସମସ୍ତ ମାନବ ଜାତି, ସେଇଥିପାଇଁ ତ ତାଙ୍କ ମନଗହ୍ୱରରୁ ଉଠି ଆସିଲା ସେହି ଚିତ୍କାର—'ଇଟ୍ ଇଜ୍ ନଟ୍ ମେଣ୍ଟ୍ ଫର୍ ଅଡ଼ିନେରି ମେନ୍ ।' ଭାବ ବସିଲେ ଏହି ଗୋଟାଏ ଶବ୍ଦରୁ ବାହାରୁଏ ସେ ଲୋକଟିର ମନର ଇତିହାସ । ଇତିହାସ ତାଙ୍କ ଦୃଷ୍ଟିରେ କଣ୍ଟେ ରଜା ମହାରଜା ଓ ନାଁଡାକ୍ ଲୋକଙ୍କର କାହାଣୀ—"...ନରସିଂହ କେଶରୀଙ୍କ ପରେ ରାମ କେଶରୀ ରଜା ରାଜ୍ୟ କଲେ । ଏ ରଜା ବଡ଼ ପ୍ରତାପୀ ହୋଇଥିଲେ । ବାଲଅନ୍ତାଠାରେ ପଥର କବାଟ କଲେ । ବୃମ କେଶରୀ ଭୋଗ କଲେ ୧୦ ବରଷ ।...କସରି

Digitized by srujanika@gmail.com

କେଶରୀ ରାଜା ରାଜ୍ୟ କଲେ । ଏ ରାଜା ପୋଖରୀ ଖୋଳାଇଲେ । ଗଙ୍ଗୁଆ ନଦୀରେ ଅଠରନଳା ବସାଇଲେ । ଏ ରାଜା ବାରଙ୍ଗଗଡ଼ କଲେ । ଏ ଗଡ଼ ପଥରକାନ୍ଥ କରି କାଙ୍ଗୁରା ବସାଇଲେ । ଏଥୁ-ଅନ୍ତେ—" । ଇତିହାସ ଭାସ୍କର୍ ଆଗୃରଙ୍କ ଦୃଷ୍ଟିରେ ନୁହେଁ 'ଅର୍ଡିନେରି' ଲୋକଙ୍କ କାହାଣୀ—ଯେ କ୍ଷିତରେ ଶସ୍ୟ ଉପୁଜାଇ ଗଲେ, ହାତରେ ପଥର କାଟି ଦେଉଳ ତୋଳି ଦେଇଗଲେ । କଟାଳରେ ଠକ୍ ଠକ୍ କରି ହାଣି ପଥରକୁ ଦେଇଗଲେ ଶିଳ୍ପର ଜୀବନ । ଆପଣାର ହାଡ଼କୁଡ଼ କରି ସମୁଦ୍ରରେ ସଜେଇଗଲେ ଯେ କ୍ଷୁଦ୍ର ଜୀବ ଲେନ୍ତ ଲେନ୍ତ—ତାଳ ଯୋଡ଼ିଲା ଅତି ନଗଣ୍ୟ ସେ, ଅଡ଼ିନେରି ? ଯେ ବୁଣିଗଲେ 'ଉତ୍କଳ' ବସ୍ତ୍ର, ଗଢ଼ିଗଲେ ଚଳିତ ଘଟ, ଟ୍ରେମକରୁ ଚୀନ ପର୍ଯ୍ୟନ୍ତ ବୋଇତ ବାହିଗଲେ କଳିଙ୍ଗର ସଂସ୍କୃତି ଘେନି; ନଗଣ୍ୟ ସେମାନେ—ଭାସ୍କର ଆଗୃରଆଙ୍କ ରେକର୍ଡ଼ରେ ନାହିଁ ତାଙ୍କର ନାଁ ।

ତେବେ କଣ ଘେନି କରିଗଲେ ସେ ଜୀବନବ୍ୟାପୀ ଗବେଷଣା ?

ମନୁଷ୍ୟ ଇତିହାସର ନୁହେଁ, ଇତିହାସର ଟ୍ରେପାର ।

ଖାଲି କୁଣ୍ଡା ତଷ୍ଟ—ଟ୍ରେକର୍ଡ଼ ।

ମୁହଁ ଟେକି ଗୁହିଁଲେ ସ୍ୱୟଂ ଭାସ୍କର ଆଗୃରଆ—"ଯାଉନ୍ତୁ ତଳେ ପଢ଼ିବେ ।"

"ତଳେ କେଉଁଠି ବସିବାର ବନ୍ଦୋବସ୍ତ ନାହିଁ ତ !" ଗଦାଧର କହିଲା ।

"ତେବେ ଲିଷ୍ଟ ସଙ୍ଗେ ଜନଷ ସବୁ ମିଳେଇ ଦେଖିବେ ଯାଉନ୍ତୁ ।"

"ନା, ଜନଷ ଦେଖି ସାରିଲି, ଖାଲି ଲିଷ୍ଟ ଦେଖୁଛି ।"

"ଦେଖନ୍ତୁ, ମୋର ସମୟ ବଡ଼ ମୂଲ୍ୟବାନ୍ ।"

Digitized by srujanika@gmail.com

'ମୋର ବ ।'

'ମୁଁ ବଡ଼ କାର୍ଯ୍ୟବ୍ୟସ୍ତ ।'

'ମୁଁ କଣ କମ୍ ଘୁରୁଛନ୍ତି ?'

'ଓଃ, ଆଚ୍ଛା, ଆପଣ କେବେ ନେଇ ପାରନ୍ତି ସେ ଲଷ୍ଟ୍କୁ; ନେଇ ଯାଉନ୍ତୁ ।'

'ତା କପର ହେବ, ଅପଙ୍କେର ଷ୍ଟକ୍ ଯେ ଲିମିଟେଡ୍ । ମୁଁ ଏଇଠି ବସି ପଢ଼ିବ, ଆପଣଙ୍କୁ ଫେରାଇ ଦେବ ।'

'ନା ମୁଁ ଆପଣଙ୍କୁ ତାକୁ ଦେଇଦେଲି, ଆପଣ ନେଇ ଯାଉନ୍ତୁ ।'

'ସେଇଆ ତ ମୂଳରୁ କହୁଥିଲେ କେତେ ସମସ୍ତ ବଞ୍ଚ ଯାଇ-ଥାନ୍ତା ମୋର ଓ ଆପଣଙ୍କର । ତା ନ କର ଆପଣ ଆରମ୍ଭ କଲେ 'ଇଟ୍ ଇଜ୍—'

''ଦେଖନ୍ତୁ, ମୁଁ ଭୟଙ୍କର କାର୍ଯ୍ୟବ୍ୟସ୍ତ—''

"ତା ତ ଦେଖି ପାରୁଛ । ନ ହେଲେ ଆପଣ ମତେ ଯାହା କହିଲେ ତା କହି ନ ଥାନ୍ତେ । ଆପଣ କଣ କହୁଛନ୍ତି ବ ସେ କଥା ଆପଣ ଜାଣନ୍ତି ନାହିଁ, ହଉ ନମସ୍କାର ।"

ଖାଲି କାର୍ଯ୍ୟବ୍ୟସ୍ତ—ପଥର ଉପରେ ପଥର, ପଥର ଉପରେ ପଥର ।

ରଜା ଉପରୁ ରଜା, ତା ଉପରୁ ପୁଣି ରଜା ।

ସେମାନେ ସାଧାରଣ ନ ଥିଲେ । ତେଣୁ ହୁଏତ ସେମାନେ ଇତିହାସ । ଇତିହାସର ରେଖା—କୁଣ୍ଡା, ତଷ୍ଟ୍, ରେକର୍ଡ ଫଗଡ କରୁଛନ୍ତି ଭସ୍ମର ଆଗୁଳେଆ ଆଜୀବନ । ଆଉ କିଏ ସେ ?

ଇତିହାସର ଜଣେ ନଗଣ୍ୟ କାରିଗର, ଯେ ସୁଖ ଦୁଃଖର ଜୀବନ ବଞ୍ଚି ପାଣିରେ ଗାର କାଟି ଲେଖିଯାଏ ନିଜ କାହାଣୀ,

Digitized by srujanika@gmail.com

ପାଣିରେ ପାଣି ଗୁଡ଼ି ଇନ୍ଦ୍ରଧନୁ ଗଢ଼େ, ସିଂଘରରେ ଫୁଙ୍କି ଫୁଙ୍କି ବୁଦ୍ ବୁଦ୍ ଗଡ଼ି ଉସାଇଦବ ଆକାଶକୁ ଉଡ଼ବ ବୋଲି ।

ମିସ୍ ଚୂର୍ଣ୍ଣକୁନ୍ତଳମ୍ ପିଣ୍ଡାରେ ପାଲି ଚିଲି ଦେଇ ବସି ଆସୁଛନ୍ତି ।

ପଛେ ପଛେ ଲମ୍ବବଣ ଆସୁଛି ପ୍ରଦର୍ଶନୀ ଦେଖି । ଆଦ୍ଭୁତ ଭଡ଼ କେତେ ।

ଯାଉନ୍ତି ସେମାନେ, ବସି ଯାଉନ୍ତି; ଯେତେ ଦୂର ଅଛି ଆଲୁଅର ଧାର । ତା ସେପାଖେ ଧୂଳି ଅଦୃଶ୍ୟ ହୁଏ । ପୁଣି ନୂଆ ଧୂଳି ଆଲୁଅରେ ଭସେ—ଅସରନ୍ତି ।

"ଗଲେ ମାମୁଁ ?"

"ହଁ ।"

"କେମିତି ଲାଗିଲା ଏକ୍ଜିବିଟେସ୍ ?"

"ଊଃ, ଜାତ ଜାତ ।"

ପୁଣି ତାର ପୁରୁଣା ସାଇକଲର କରୁଣ ବିଳାପ, କାଁ—କାଁ ।

ଦୈତ୍ୟ ପରି ମାଡ଼ି ଆସୁଛନ୍ତି ମଟର ଓ ଟ୍ରକ୍ । ରାସ୍ତା ମଝିରେ କୁକୁରଟିଏ ଚାପିହୋଇ ମରି ପଡ଼ିଛି । ଗଦାଧର ପଧାନ ଟୋପି ଟେକି ଦେଇଗଲା ।

"ଆହା, ଏ ବି ଲିଭିଗଲା, ଗଦାଧର ରେକର୍ଡରେ ନାଁ ନାହିଁ ।

———

ପୁନର୍ଜନ୍ମ

ବାରଣ ବର୍ଷ ତଳେ—

ସେଦିନ ବି ମାଟି ଏମିତି ଥିଲା, ଭୂଇଁ ଢାଙ୍କିଥିଲା ସବୁଜ କଅଁଳ ଘାସ; ଆକାଶ ଉଦାର, ଦୁନିଆଁ ଉସାର ଥିଲା ।

ସେଦିନ ବି ସମୟର ବହୁଯୁଗର ପ୍ରହରୀ ପରି ନିର୍ବାକ ହୋଇ ଠିଆହୋଇ ରହିଥିଲା ଏହି ବୁଢ଼ା ବରଗଛଟା, ସେମିତି ଛନ୍ଦାଛନ୍ଦି ତାର ଡାଳ ସବୁ ।

ଜହ୍ନରାତି ଟେକି ଧରିଥିଲା ଜୀବନର ସମ୍ଭାର । ଶାନ୍ତି । ଉଚ୍ଛ୍ୱାସରେ ମହକି ଉଠୁଥିଲା ଜୀବନ । ସେଦିନ ବି ବିଦେଶୀ କିଶୋର ଅପରିଚିତା କିଶୋରୀ ଆଗରେ ଆପଣାର ହୃଦୟ ମୁକୁଳା କରିଦେଇ ଥରେଇ ଥରେଇ କହିଥିଲା—

"କହ, ଚନ୍ଦ୍ରାଦେବୀ, ବଞ୍ଚେଇବ କି ମାରିବ ? ଆଉ ଏ ପ୍ରାଣର ବୋଝ ଗୋପନ ରଖି ପାରୁନାହିଁ । ପ୍ରେମ ମୋତେ ପାଗଳ କରିଛି । ମୁଁ ତୁମକୁ ଭଲପାଏ—"

କହିଦେଇ ନିଶ୍ୱାସ ରୋକି ଠିଆହୋଇ ରହିଲା । ବରଗଛ ମୂଳଠୁଁ ଅଳ୍ପ ଦୂର ଚଟା ପଥର ଖଣ୍ଡିକ ଉପରେ ବସି ରହିଛି ଗୋଟିଏ ଯୁବତୀ; ଅପୂର୍ବ ସୁନ୍ଦରୀ । ଜହ୍ନ ଆଡ଼କୁ ମୁହଁ ବୁଲେଇଛି । ବରଗଛର ଦୁଇଟି ଅମାନିଆଁ ଡାଳ ସନ୍ଧରେ ଜହ୍ନ ତା ଉପରକୁ ଡେଇଁପଡ଼ି କଳା ମେଘ ଘୋଟିଛି । ତାର କୁଞ୍ଚ କୁଞ୍ଚ

Digitized by srujanika@gmail.com

ଧଡ଼ରେ ନାନା ବର୍ଣ୍ଣର ଜ୍ୟୋତି । ନିସ୍ତବ୍ଧ ସଞ୍ଜରେ ଲୋକାଳୟଠୁଁ ଦୂରରେ କନ୍ଧଦେଇ ଯୁବକ ଆପଣାଭୁଲି ହୋଇ ଅଟକି ରହିଗଲା; ସବୁ ସ୍ପନ୍ଦନ ବନ୍ଦ—ସମସ୍ତ ଶେଷ । ଶୂନ୍ୟରେ ଧ୍ୟାନ ଲଗାଇଛି । ଏହି କଥା ପଦକର ଉତ୍ତରକୁ ସାପେକ୍ଷ ହୋଇ ରହିଛି ତାର ଜୀବନର ନୂଆ ଯୁଗ ।

ସନ୍ଧବେଳା—ତା ପରେ ଶୂନ୍ୟରୁ ସୃଷ୍ଟି ଉପୁଜିବ । କିଣ ହେବ ତାର ରୂପ ରେଖ ?

ସମସ୍ତ ଗଢ଼ଗଲା । ସହଜ ହୋଇ ଯୁବତୀଟି ବସି ରହିଛି; ଗୋଟିଏ ପାଦ ତଳକୁ ଓହଳିଛି । ବଙ୍କାହୋଇ ଆଉଟି ଛକି ଉଢ଼ିଛି ପଥର ଉପରେ । ବାଁ ହାତରେ ସୁନ୍ଦର ମୁହଁଟିକୁ ଅଳପେ ଢଳେଇ ଦେଇଛି । ସେହି ଶିଖରେ ଲାଜ ପାଇଲା ପରି ବାରମ୍ବାର ଚନ୍ଦ୍ରମା ବଉଦର କୁଞ୍ଚୁକୁଞ୍ଚିକା ଓଢ଼ଣାତଳେ ମୁହଁ ଲୁଚୋଉଛି ବାରମ୍ବାର ଛପି ଛପି ଦେଖୁଛି । ନିରେଖି ବୁହିଁ ଠିଆହୋଇ ରହିଛି ଯୁବକ; ଚେତା ଚହଟି ଆସିଲାଣି—ପ୍ରାଣ ଛଟପଟ ହେଲାଣି । ଉଦ୍‌ବେଗରେ ଥରି ଥରି ଦୃଷ୍ଟିକୁ ଶାଣ ଦେଇ ଖୋଜିଲାଣି ସରୁ ସରୁ ହସିଲା ହସିଲା ଓଠ ଦଫାଳ ଉପରେ,—ସେଠି ସେହି ସହଜ ଭଙ୍ଗୀ, ଉତ୍ତର ନାହିଁ ।

ବାରଶ ବର୍ଷ ତଳେ—ଗୌତମ ବୁଦ୍ଧ ନିର୍ବାଣ ପାଇବାର ପ୍ରାୟ ହଜାରେ ବର୍ଷ ସରିଥାଏ । ସେତେବେଳେ ବି ଦିଗ୍‌ବିଜୟୀ ବୌଦ୍ଧଧର୍ମ; କିନ୍ତୁ ଗୌତମଙ୍କର 'ମହାଯାନ' ପନ୍ଥା ପରିବର୍ତ୍ତେ ବୌଦ୍ଧଧର୍ମର କଳେବରରେ ସେତେବେଳେ 'ବଜ୍ରଯାନ'ର ସ୍ରୋତ । ତାହାକୁହିଁ ସମସ୍ତ ଓ ଯୁଗ ଗ୍ରହଣ କରିଥାଏ । କଳିଙ୍ଗ ସେତେବେଳେ ଉଦୟର ଦେଶ—"ଉଡ୍ଡିୟାନ" । ଓଡ଼ିଶା ନାଁଟି ମାତୃଗର୍ଭରେ । ତାହାର ରାଜଛତ୍ର ଗଙ୍ଗାଠୁଁ କାବେରୀ ଯାଏଁ; ପୁଣି ସିଂହଳ,

Digitized by srujanika@gmail.com

ମାଳୟ, ଚମ୍ପା ଆବୋର ଭାରତସାଗରର ଦ୍ୱୀପମାନଙ୍କ ଉପରେ ଯୋଜନ ଯୋଜନକୁ । ତାର ରାଜଧାନୀ ସାଗରବେଳାରେ ତରଙ୍ଗାପୂତ ଦନ୍ତପୁର ଏବଂ ନଗର ଉପକଣ୍ଠରେ ପ୍ରସିଦ୍ଧ ବିଦ୍ୟା ନଗର । ବିଶ୍ୱବିଦ୍ୟାଳୟର ପୀଠ—"ଓଦନ୍ତପୁର ବିହାର"; ଯାହାର ପ୍ରତିକୃତି ଗଢ଼ି ଥାପିଗଲେ ତିବ୍ବତରେ ସାମ୍ୟ ନଗରୀରେ କଳିଙ୍ଗର ରାଜପୁତ୍ର "ଗୁରୁ ପଦ୍ମସମ୍ଭବ" ।

ଶିଳ୍ପ ସାହିତ୍ୟ କଳା ବିଜ୍ଞାନ—ଆଜି ସକଳ ଶାସ୍ତ୍ରର ଗବେଷଣାର କେନ୍ଦ୍ର ଓଦନ୍ତପୁର ବିହାର । ଉନ୍ନତତମ ଚରମ ଦର୍ଶନ ତାର ଭାଷା; ସାର୍ବଜନୀନ ତାର ଭାବ । ସହସ୍ର ସହସ୍ର ବିଶୁଦ୍ଧଜ୍ଞାନକାମୀ ଆର୍ଯ୍ୟଙ୍କ ସାଧନାର ତେଜରେ ସେ ବିଦ୍ୟାର ସୂର୍ଯ୍ୟମଣ୍ଡଳ ପରି ଶୋଭୁଥାଏ । ସେ କାଳର ଅତି ଆଧୁନିକ ଆବିଷ୍କାରର ଫଳ ଗୋଟେଇ ନେଇ ନିଜ ଦେଶର ଉନ୍ନତି କରିବାକୁ ଦୂରଦେଶରୁ ଆସନ୍ତି ମହାପଣ୍ଡିତମାନେ; ଛାତ୍ର ଛାତ୍ରୀ ଆସନ୍ତି ଅନେକ । ସାଗର ସେପାରି ଶାକଦ୍ୱୀପରୁ ପ୍ଲକ୍ଷଦ୍ୱୀପରୁ ଆସନ୍ତି କଳିଙ୍ଗର ବୋଇତରେ ଚଢ଼ି ବୋଇତଆଳ ସାଥିରେ । ପୁଣି ଭୂଖଣ୍ଡ ଉପରେ କେତେ ଦେଶ ନଦନଦୀ ପାରିହୋଇ ବର୍ଷ ବର୍ଷ ବାଟରେ ବିତେଇ, ସୁଦୂର କପିଶ (କାବୁଲ)ରୁ ଖୋଟାନ୍‌ରୁ, ତିବ୍ବତରୁ—ଓଦନ୍ତପୁର ଶାନ୍ତିକାମୀ ଜ୍ଞାନକାମୀ ସଂହତିର ପୀଠ ।

ସେହି ଓଦନ୍ତପୁର ବିଶ୍ୱବିଦ୍ୟାଳୟରେ ବିଜ୍ଞାନବାଦୀ ଦର୍ଶନଶାସ୍ତ୍ରର ତରୁଣୀ ଅଧ୍ୟାପିକା ଚନ୍ଦ୍ରାଦେବୀ । ବୟସରେ କନିଷ୍ଠା ହେଲେହେଁ ଜ୍ଞାନରେ ଅତୁଳନୀୟା ।

ଓଦନ୍ତପୁରରେ ସନ୍ଧ୍ୟା ଡାକୁଥିଲା । ବଉଦ ଅପସରି ଗଲାଣି ଆକାଶ ଉପରକୁ । ବର୍ତ୍ତମାନ ସେ ନାନା ବର୍ଣ୍ଣର ଝୁମ୍ପାଝୁମ୍ପ

Digitized by srujanika@gmail.com

ଲାଗିହୋଇ କଳିଙ୍ଗୀ ଗୃହ,ଆ ଜହ୍ନ ଜଳୁଛି । ଜହ୍ନ ଜଳୁଚି ମହଣାପ ବାଣ ପରି । ତଳେ ଦୂରଦୂରାନ୍ତରେ ଲେପି ହୋଇଯାଉଛି ଝରକରର ଚୂଳକାର ରଙ୍ଗ, ଅନନ୍ତାର ଛବିପରି ମାଯ୍ୟାଗ୍ରସ୍ତ୍ୟାମସ୍ତ ଉଦନ୍ତପୁର ବିଶ୍ୱବିଦ୍ୟାଳୟର ବିଚଳ ଚତୁସ୍ତଳ ପ୍ରାସାଦ ସବୁ ଚନ୍ଦ୍ର କରଣରେ ଅପୂର୍ବ ଦିଶୁଛି । ଦୂରରେ ଦନ୍ତପୁର ପୋତାଶ୍ରୟରୁ ସମୁଦ୍ରର ନିର୍ଘୋଷ ଶୁଭୁଛି; ଛନ୍ଦରେ ଲାଳାୟିତ ।

"ଚନ୍ଦ୍ରା—ଶୁଣିବ ନାହିଁ ?"

ମାରବରେ ଜହ୍ନକୁ ଚାହିଁ ଚନ୍ଦ୍ରାଦେବୀ ହସିଦେଲେ । ସମୁଦ୍ର ପରି ଗର୍ଜି ଉଠିଲା ଯୁବକର ହୃଦୟ । ଆକୁଳ ହୋଇ ସେ ନିବେଦନ କଲା, "କହ ଚନ୍ଦ୍ରା ! ସମଗ୍ର ଜୀବନ ତୁମରି ପାଦତଳେ ଅଜାଡ଼ି ଦେଉଛି, ପ୍ରାଣ ଚିତ୍ତ ସବୁ । ତୁମକୁ ଦେଖିଲାଦିନୁଁ ମୁଁ ମୋର ହୃଦୟ ସମର୍ପି ସାରିଛି । ଆଉ ମୋର କିଛି ନାହିଁ, ମୁଁ ତୁମର ତୁମ୍ଭ ।"

ଚନ୍ଦ୍ରାଦେବୀ ବୁଲି ପଡ଼ିଲେ । ବୀଣାରେ ଆଳାପର ଗୁଞ୍ଜନ ଖେଳିଗଲା ପରି ଅଭିଭୂତ କରିଦେଇ ବାଣୀ ଫୁଟିଗଲା—"ମୁଁ ତାହା ଜାଣେ ରାଜପୁତ୍ର !"

ଯୁବକ ଚମକି ପଡ଼ିଲା; ଦୁର୍ବଳ ହୋଇ କହିଲା—"ରାଜପୁତ୍ର !" ଚନ୍ଦ୍ରାଦେବୀ ହସିଲେ; କହିଲେ—"ନୁହଁକି ? ଅସ୍ୱୀକାର କର, ଶୀଳଭଙ୍ଗ କରିବ, ମିଥ୍ୟାରେ ଦୋଷୀ ହେବ । ଜାଣେ, ତୁମେ ମଗଧ ରାଜପୁତ୍ର, ତୁମେ ହେ... ହେଉଛ । କେବଳ ରାଜପୁତ୍ର ନୁହଁ, ଭବିଷ୍ୟତର ମଗଧର ... । ନହେଲେ କାହାର ଧୃଷ୍ଟତା ହୁଅନ୍ତା, ଆବୃଷ୍ଟୀୟା ଚନ୍ଦ୍ରାକୁ ପ୍ରେମ ନିବେଦନ କରନ୍ତା କଳିଙ୍ଗର ଉଦନ୍ତପୁର ପୀଠରେ—"

Digitized by srujanika@gmail.com

“କ୍ଷମା କର ଦେବ !” ଦୀର୍ଘଶ୍ୱାସ ତ୍ୟାଗକରି କରୁଣ ହୋଇ କହିଲେ, “ରାଜପୁତ୍ର, ହଁ; କିନ୍ତୁ ସେଥିରେ ଆଜି କଣ ଅଛି ମୋର ? ରାଜ୍ୟତ୍ୟାଗ କରିଛି, ମୁଁ କେବଳ ନିଃସହାୟ ଭିକ୍ଷୁ । ଆଶା ଥିଲା ପୁଣି—ଗୁପ୍ତ, କି ଯାଏ ସେଥିରେ ଆଜି; ଧୃଷ୍ଟତା ହୋଇଛି କ୍ଷମା କର ଦେବ ! ଡୋମ୍ବି ହେରୁକାର ଗୁମ୍ଫା ଆଜି କଳଙ୍କିତ କରିବ ନାହିଁ ଧର୍ମଚକ୍ରକୁ । ଶେଷ ନିବେଦନ କରୁଛି—କ୍ଷମା କର ଦେବ, ବିଦାୟ ନେଉଛି ।”

ଦୁଃଖରେ ଶୋକରେ ନଇଁ ପଡ଼ି ଡୋମ୍ବି ହେରୁକା ପ୍ରଣାମ ବହିଲେ । ଚନ୍ଦ୍ରାଦେବୀ ହସି ଉଠିଲେ, ଚପଳା ତରୁଣୀର ସ୍ୱଭାବ ସୁଲଭ ଭଙ୍ଗୀରେ ତଳକୁ ଓହ୍ଲାଇ ଆସି ପ୍ରଣତ ହେରୁକାଙ୍କର ବାହାକୁ ଅଳପେ ଛୁଇଁଦେଲେ । କହିଲେ, “ଆଶୀର୍ବାଦ କରୁଛି, ସିଦ୍ଧ ଯୋଗୀ ହୁଅ ।”

ସେହି ସ୍ପର୍ଶରେ ଡୋମ୍ବି ହେରୁକାଙ୍କ ସ୍ନାୟୁରେ ନିଆଁ ଖେଳିଗଲା, ଉଦ୍ୟତ ହୋଇ ଉଠିପଡ଼ିଲା ସେହି ଦୀର୍ଘ ମୂର୍ତ୍ତି । ଦେହ ଥରିଗଲା । ଭାଙ୍ଗିପଡ଼ିବାର ନାନାବିଧ ଶଙ୍କର ଅଭିମାନରେ ଜର୍ଜ୍ଜର ହୋଇ ସେ କହିଲେ, “କି ଏ ଗୃହେ ଆଶୀର୍ବାଦ ? କି ହେବ ମୋର ସିଦ୍ଧପଣ ? କେବଳ କ୍ଷମା ମାଗୁଛି ଚନ୍ଦ୍ରାଦେବୀ ! କ୍ଷମା ଦେଲେ ମୋର ସମ୍ବନ୍ଧ ତୁଟିଯିବ । ଡୋମ୍ବି ହେରୁକା ଆଜି ଅବିନୟ କରିବାକୁ ରହିବ ନାହିଁ ।”

ଚନ୍ଦ୍ରାଦେବୀ ହାତରେ ଓଠ ଦାବି ହସ ରୋକି ଅପେକ୍ଷା କରି ରହିଲେ । ତା ପରେ କହିଲେ, “କ୍ଷମା ଗୃହେ, ଏଇ ବରଗଛକୁ ଯାଅ, ମାଗ—”

“ବିଦ୍ରୂପ କରୁଛ ଦେବୀ—”

Digitized by srujanika@gmail.com

''ବଜ୍ରପ୍ର—ନା । ପଦତ ଭୂମର ଏ ଅବସ୍ଥା ଦେଖିଲେ ସଂସାରୀ ଲୋକେ ବଜ୍ରପ୍ରହାର କରିବେ । ପିଲାଏ କଣ କହିବେ ? କହିବେ ଭ୍ରଷ୍ଟ ଜାମୁଡ଼ାଳ ଗାଙ୍ଗ ପଢ଼ିଲା । ସଙ୍ଗୀମାନେ କଣ କହିବେ ? କହିବେ ହାୟ ହେରୁକା ! ହାୟ ହାୟ; ଆଉ ଯଦି ଅଧ୍ୟକ୍ଷ ଦାରିକପା ଏ ଦୃଶ୍ୟ ଦେଖନ୍ତେ—ନର୍କ ନ ସତ୍ତ ! ବିଶ୍ୱବିଦ୍ୟାଳୟଠୁଁ ଦୂରରେ ଦୁଇଜଣ ତରୁଣ ତରୁଣୀ ଏକାଠି; ଅନୁମାନ କର । ଡୋମ୍ବି ହେରୁକା ଦୁଇ ହାତରେ ମୁହଁକୁ ଢାଙ୍କିଦେଇ ମୁଣ୍ଡନୁଆଁଇ ତଳେ ବସିପଡ଼ିଲେ, ଅସ୍ଫୁଟ ଶବ୍ଦ କଲେ, "ଓଃ ଶଙ୍କା ! ଶଙ୍କା !"

"ଠିକ୍ କହିଲ ସାଧକ, ମୁଁ ଦସ୍ୟୁ ନୁହେଁ, କ୍ଷମା ନୁହେଁ; କେବଳ ମୁଁ ଶଙ୍କା ।" ଅଲୌକିକ କରୁଣାରେ ତରଳି ଯାଇଥିଲା ତାଙ୍କ ହୃଦୟ । ଡୋମ୍ବୀ ହେରୁକାଙ୍କ ଅତି ନିକଟରେ ଭୂଇଁରେ ବସିପଡ଼ି ହାତରେ ହାତ ଥୋଇ ସ୍ନେହରେ ପଚାରିଲେ ''ହେରୁକା, ଅତି ଦୁଃଖ ହେଉଛି, ନୁହେଁ ?' ହେରୁକା ନିରୁତ୍ତର ।"

ଚେତନାରେ ଭାସି ଭାସି ଯାଉଛି ଜୀବନଯାକର ସ୍ମୃତିର ଛବି । ଜ୍ଞାନ ଅର୍ଜିବା ପାଇଁ ରାଜପଦ ଛାଡ଼ି ମଗଧରୁ ବାହାରି ଆସିଥିଲେ, ସଂସାର ଛାଡ଼ିଥିଲେ; କି ସେ ସାଧନା କି ସେ ପରିଶ୍ରମ, ଯୌବନ ଜର୍ଜରିତ ହୋଇ ହୋଇଥିଲା ବାର୍ଦ୍ଧକ୍ୟ । ତାପରେ କେତେ ଦେଶ ବୁଲି ବୁଲି ଶେଷରେ ଓଦନ୍ତପୁରରେ ଧର୍ମବର୍ଷ ଗୁରୁ ହେଲେ; ଯେଉଁଠି ପ୍ରୌଢ଼ ପ୍ରାଜ୍ଞମାନଙ୍କର ଗୁରୁହେବା କଥା । ହଠାତ୍ କେଉଁ ପୁରପଲ୍ଲୀରୁ ଆସି ପହଞ୍ଚିଲା ପଦ୍ମ ଶ୍ରେଣୀର ଗୋଟିଏ କନ୍ୟା । ଅଧ୍ୟକ୍ଷ ଦାରିକପା ତାର ଜ୍ଞାନରେ ମୁଗ୍ଧ ହେଲେ; ସେ ହେଲା ଅଙ୍ଗୀକୃତ ବିଜ୍ଞାନବାଦ ଦର୍ଶନଶାସ୍ତ୍ରର ଅଧ୍ୟାପକ । ହେରୁକାଙ୍କର ଜୀବନ ବଦଳିଗଲା, ପୁଣି ପରସ୍ପୃଷ୍ଟ ମଣ୍ଡି ହୋଇ

Digitized by srujanika@gmail.com

ଅସରନ୍ତ ଆଶାର ପ୍ରବଣତା ଯେନ ଗଢ଼ି ହୋଇ ଉଠିଥିଲା ଜୀବନ ! ଏତେକାଳ ମନନ ପରେ ଆଜ ସେ ଧ୍ୟାନର ଶେଷ; ତା ସହିତ ଶେଷ ହେରୁକାର ଇହଜୀବନ ।

ଅତି ଧୀରେ ଧୀରେ କହିଲେ ଚନ୍ଦ୍ରାଦେବୀ—

"କ୍ଷମା କଏ ଦେବ ହେରୁକା ! କଣ ବା ତୁମରି ଦୋଷ, ଦୁଃଖ ବା କଣ ? ତୁମେ ତୁମ ଚିତ୍ତର ଅଧୀନ । ଚିତ୍ତହିଁ ବିଶ୍ୱକୁ ସୃଷ୍ଟି କରିଛି, ଚିତ୍ତହିଁ କଳ୍ପନା କରିଛି ଯାବତୀୟ ବସ୍ତୁ, ଚିତ୍ତ ଦୁଃଖର ସୃଷ୍ଟିକର୍ତ୍ତା । ଚିତ୍ତରୁ କାମନାର ଜନ୍ମ, ପତନ ହେଉ ଅପବିତ୍ର ହେଉ । ଆଉ କ୍ଷମା ଦେବାକୁ ଶକ୍ତି କାହାର ଅଛି ? ଆଗେ ଆପଣାକୁ କ୍ଷମା କରି ଶିଖ ହେରୁକା ! ଶାନ୍ତ ହୁଅ ।"

ସେହି ସ୍ପର୍ଶ, ସେହି ସାନ୍ନିଧ୍ୟ—ଅତି ଦୁଃଖରେ ବି ତୋଷାମ୍ବି ହେରୁକା ଆଖି ବୁଜି ସୁଖ ଅନୁଭବ କଲେ । ମନେହେଲା ଯେପରି ସବୁ କାଟିଯାଇ ଆସିଛି ପ୍ରଦୋଷ, ବିଦ୍ୟାମନ୍ଦିର ପାଖ ସରୋବରରେ ଫୁଟିଛି ସହସ୍ରଦଳ, ପଦ୍ମ ସୁଗନ୍ଧ ଭାସିଆସୁଛି ପବନର ତରଙ୍ଗରେ ।

ସ୍ୱପ୍ନରେ ବିଳିବିଳେଇଲା ପରି ସେ କହିଲେ, 'ଆପଣାକୁ କ୍ଷମାକରିବି ? କାହିଁକି ?"

ହୃଦପଦ୍ମରେ ମଣି ପରି ଯାହା ସଞ୍ଚାରି ରଖିଲି, ଚିର ଉତ୍ସାହ ତାକୁ ଫୋପାଡ଼ ଦେବି ! କାହିଁକି ? ନହେଲା ବା ଦେବୀ ଚିନ୍ତା ମୋର, ନ ହେଲା ବା ସେ ପ୍ରତିଦାନ, କଣ ହେବ ? ତାହା ବୋଲି ତାର ସ୍ମୃତିକୁ ବି ଉଜାଡ଼ ଦେଇ ଆପଣାକୁ ଅସ୍ୱୀକାର କରିବି ! ରହିବ କେଉଁଠି ?"

"ଠିକ୍ କହିଛ ହେରୁକା; ତୁମର ଅଧିକାର ତୁମର । ଛଡ଼ାଇ ନେବାକୁ ଶକ୍ତି କାହାର ? ଚିନ୍ତା ତୁମର—"

Digitized by srujanika@gmail.com

ତୋମ୍ଭ ହେରୁକା ଆନନ୍ଦରେ ଉଦ୍‌ବେଳ ହୋଇ ମୁଣ୍ଡ ଟେକଲେ । ଛଳ ଛଳ ଆଖିରେ ପ୍ରେମ ଟଳ ଟଳ ହେଉଥିଲା; ଆକାଶର ଶୂନ୍ୟଆ କେଉଁ ଆଡ଼କୁ ଅପସରି ଗଲାଣି; ପରିଷ୍କାର ଜହ୍ନରାତି, ସଲଜ୍ଜ ମୁହଁରେ ପରିପୂର୍ଣ୍ଣ ଆନନ୍ଦର ହସ ଖେଳିଗଲା; କହିଲେ, "ଚିନ୍ତା—ଚିନ୍ତା ମୋର ?"

ସ୍ଥିରହୋଇ ଚାହିଁଲା ତରୁଣୀ । ଆଖିରେ ଆଖି ଥାପି ଶାନ୍ତ ହୋଇ ଚିନ୍ତାଦେବୀ କହିଲେ, "ଯେବେ ତୁମର ଚିତ୍ତ ସେହିପରି ଭଗ୍ନ କରେ, ତେବେ ଚିନ୍ତା ତୁମରି; ଅବଶ୍ୟ ତୁମରି—"

ମୁହଁରେ ମୋହ ଡାକିଲା, ହେରୁକା ସ୍ୱର ଥରେଇ ଥରେଇ ଉଚ୍ଚାରଣ କଲେ, "ଚିନ୍ତା—"

"ନା, ହେଲା ନାହିଁ । ଅତି ଉନ୍ମାଦନାମୟ ତୁମର ସ୍ୱର, କାମନାରେ ଦୁର୍ବଳ କ୍ଷଣଭଙ୍ଗୁର ନାଦ, ମୋହଗ୍ରସ୍ତ, ରୁଗ୍ଣ, ରକ୍ତ-ମାଂସର ଡାକ । ଏଥିରେ ତୁମେ ମହାସୁଖ ପାଇବ ନାହିଁ ତୋମ୍ଭି ହେରୁକା !"

"ଓଃ"

ପବନରେ ଫୁଲି ଉଠିଥିବା କନ୍ଦ୍ରକୁ କିଏ ଯେପରି ପଟି-ବନ୍ଧ କରି ଦେଲା । ହେରୁକା ପୁଣି ମୁହଁକୁ ତଳକୁ ପୋତିଦେଲେ । ଚମ୍ପାକଢ଼ୀ ପରି ଆଙ୍ଗୁଠିରେ ହେରୁକାଙ୍କର କାନ୍ଧକୁ ଆଉଁସି ଚିନ୍ତା କହିଲେ—

"କାହିଁକି ପୁଣି ଏ ଖାରୁ ସ୍ୱର ହେରୁକା ! ତୁମର ନିଦ୍ରାକ୍ଷ ସୃଷ୍ଟି ନାଶନ୍ତା ପ୍ରକୃତିରେ ତୁମରି; କିନ୍ତୁ ତୁମେ କି କାମନା ଖୋଜୁଛ ? କିଏ ତାକୁ କରିବ ? ଭାବ ଦେଖିଛକି; ସେହି ଦେହୀ ଜନକୁ ଆଧାର କରି ଜନ୍ମମରଣର ପଙ୍କରେହିଁ ଘାଣ୍ଟି ହେବ ।

Digitized by srujanika@gmail.com

ଆଙ୍ଗୁଠି ଅଗରେ ବର୍ଷ କେଇଟା ଗଣିହୋଇ ବଢ଼ିଯିବ । ସେଥିକଣ ତୁମ ଆଦର୍ଶରେ ମହାମୂର୍ଖ ? କେତେକାଳ ସମ୍ପାଦ ପାରିବ ଚନ୍ଦ୍ରାର ଯୌବନ, ଚନ୍ଦ୍ରାର ଦେହ ? ସବୁ ତୁମର ଚିତ୍ତର ବିକାର, ଚିତ୍ତ-ଦର୍ପଣରେ ଫଳିତ ଛବି । ଗୋଟାଏ ନାରୀ ଦେହ ଭୋଗ କରିବାକୁ ଯଦି ଏତେ ସାଧନା କର କରି ମଗଧରୁ ଦନ୍ତପୁରକୁ ଆସିଥିଲ, ତେବେ ଭୋଗନେଇଯାଅ । ଅମୃତ ପାଇଁ ଆସି ବିଷକୁ ବରଣ କର । କହ ହେରୁକା, ମଗଧର ରାଜା ! ଚନ୍ଦ୍ରାକୁ ଭୋଗ ପାଇ ମଗଧର ରାଣୀ କଣ ସୁଖୀ ହୋଇପାରିବ ?”

ହେରୁକା ତୁଷ୍ଣୀ ଥିଲେ, ହଠାତ୍ ସେ ଅଧୀର ହେଲେ । ତାଙ୍କର ଦେହ ଅତିଶୟ ଉତ୍ତେଜନାରେ ଥରି ଉଠିଲା; ଦୃଷ୍ଟି ଅନ୍ଧ କରି ଦରଦର ଲୁହ । ‘ସହଜ ଯୋଗିନୀ ଚନ୍ଦ୍ରା’ ତାଙ୍କର ସ୍ପର୍ଶ ଅପସାରି ନେଲେ, ଦୂରରୁ ଭାସି ଆସିଲାପରି ତାଙ୍କର ସ୍ୱର; କହିଲେ, “ତୁମେ ଜାଣିଛ, ଏହାର ନାମ ମହାସୁଖ ନୁହେଁ । ସ୍ମୃତିରେ ସମ୍ଭନ୍ଧ ବିଜଡ଼ିତ କରି ରଖିଛ ଅଦ୍ୟାପି । ତେଣୁ ତୁମେ ଦୁଃଖର ଅଧିକାରୀ । ଏଥିପାଇଁ ଦାୟୀ ତୁମର ଚିତ୍ତ । ଚିତ୍ତର ବିକାର ବୃତ୍ତି ଅଶେଷ । ଏହିପରି ସେ ପ୍ରାଣୀକୁ ଦୁଃଖ ଦିଏ, ନୂଆ ରୂପ ଗଢ଼ି ରଖେ ଘୁରିଆଡ଼େ । ମାୟା ତୁମର ଅନ୍ତରରେ ରହି ଜାଲ ବୁଣିଇ ତୁମକୁ ବାନ୍ଧି ପକାଏ ।”

ଅସହାୟ ହୋଇ କାନ୍ଦି କାନ୍ଦି ହେରୁକା କହିଲେ, “ମୁଁ ପତିତ, ମତେ ରକ୍ଷା କରି ଦେବ ! ମୁଁ ତୁମର ଦାସାନୁଦାସ, ତୁମେ ମୋର ଗୁରୁ ହୁଅ ।”

ଦୂରରୁ ଶୁଭିଲା ଚନ୍ଦ୍ରାଙ୍କର ବାଣୀ, “ତୁମେ ମୋର ଶିଷ୍ୟ ହେଲ ବତ୍ସ ! ଭୟ ନାହିଁ, ଦୁଃଖ ନାହିଁ । ଯାହା ଯାଉଛି ତାହା ଯାଉ । ଚିତ୍ତର ବିକାରପାଇଁ ଆପଣାକୁ ଦୋଷୀ କରନାହିଁ । ତୁମେ

Digitized by srujanika@gmail.com

ନିର୍ଦ୍ଦେଶ । ଘଦ୍ୱାରର ଶୂନ୍ୟତା ଅନୁଭବ କର, ମନ-ଦର୍ପଣରେ ଛବି ଫଳକ ଦେଖିବାର ସହଜ ପ୍ରବୃତ୍ତିକୁ ନିରୋଧ କର, ସହଜରେ ବୁଦ୍ଧତ୍ୱ ପାଇବ । ପ୍ରଜ୍ଞା ଓ ଉପାୟକୁ ଏକତ୍ର କର । 'ମହାସୁଖ'ର ଅଧିକାରୀ ହେବ ।"

ଡୋମ୍ବି ହେରୁକା ଆଖିବୁଜି ଧ୍ୟାନରେ ବସିଲେ । କେତେ ସମୟ ପରେ ମୁହଁଟେକି ଚାହିଁଲେ । ଷୋଳଷଫୁଲ ପଣ ଜହ୍ନରାତି ପଡ଼ିଛି; କେହି କୁଆଡ଼େ ନାହିଁ । ଚିତ୍ତ କଳ୍ପନା କଲା ଗୋଟିଏ ଜ୍ୟୋତିର୍ମୟୀ ନାରୀମୂର୍ତ୍ତି—ସେ ତାରା, ସେ ପ୍ରଜ୍ଞାପାରମିତା, ସେ ଚିନ୍ତାଦେବୀଙ୍କର ମୂର୍ତ୍ତି; କିନ୍ତୁ ଚିତ୍ତର ଦିବ୍ୟଭାବରେ ସେ ଆହୁରି ଉଜ୍ଜ୍ୱଳ, ସର୍ବପରିବ୍ୟାପ୍ତ । ଧ୍ୟାନ ସହଜ ହେଲା, ସଂଶୟ ଛିନ୍ନ ହେଲା, ବାରମ୍ବାର ସେହି ଜ୍ୟୋତି ଉଦ୍ଦେଶ୍ୟରେ ପ୍ରଣାମ ରଚନା କରି କରି ପୁଣି ସେ ଆସନରେ ବସି ଯୋଗରେ ମନ ଦେଲେ । ଗୁରୁ ମନ୍ତ୍ର କହିଛନ୍ତି, ଉପାୟ ବତାଇଛନ୍ତି, ଏଣିକି କେବଳ ସାଧନା ।

ନିଷ୍ପନ୍ଦ ହୋଇ ଆସିଲା ଦେହ, ଶାନ୍ତ ହୋଇ ଆସିଲା ଚିତ୍ତ-ବୃତ୍ତି । ଗୁରୁପାଦରେ ମନ ଲୋଟିଗଲା । କେତେ ପୁନର୍ଜନ୍ମର ସଂସ୍କାର ଚଳଚଳ ହୋଇ ଶୋଧନ କରି କରି ଘୂରିଗଲା ଆପଣା ଉପରେ ।

ସେହି ଗୁରୁ—ସେ ଥିଲେ ଏହି କଳିଙ୍ଗର ଗୋଟିଏ ଅନାମିକା ଝିଅ । ଇତିହାସରେ ପ୍ରସିଦ୍ଧ ହେଲେ ଗୁରୁ ଦାରିକପାଙ୍କ ଶିଷ୍ୟା 'ସହଜଯୋଗିନୀ ଚିନ୍ତା' ବୋଲି । 'ବ୍ୟକ୍ତଭାବାନୁଗତ ତତ୍ତ୍ୱସିଦ୍ଧି'ର ରଚୟିତ୍ରୀ, ସିଦ୍ଧ ଯୋଗିନୀ ।

ହେ ବଜ୍ରତନ୍ତ୍ର ଅନୁଧ୍ୟାୟୀ ମଗଧରାଜ ସିଦ୍ଧଯୋଗୀ ଡୋମ୍ବି ହେରୁକାଙ୍କ ଗୁରୁ ଚିନ୍ତା ଦେବୀ ! ଆଜକୁ ବାରଶ ବର୍ଷ ତଳେ ।

Digitized by srujanika@gmail.com

ପଥର

ଜାଭା, ଯବଦ୍ୱୀପ—କଳିଙ୍ଗର କାରିଗର ପଥରରେ ଶିଳ୍ପ ଗଢ଼ୁଥିଲେ । ଶହ ଶହ କାରିଗର; ଅବିଶ୍ରାମ କାମ; ରାଜାଙ୍କର ସ୍ୱପ୍ନ ସଫଳ କରିବାକୁ ହେବ । ପ୍ରଶାନ୍ତ ସାଗରରେ ଉଡ଼ାଇବାକୁ ହେବ ମାଲଚଢ଼ବାନାଉର ଯଶ—ସେ କଳିଙ୍ଗ କେବଳ ସମର ବିଳାସୀ ନୁହେଁ । ସେ ଶିଳ୍ପୀର ଦେଶ, ବିଶ୍ୱକର୍ମାଙ୍କ ଜନ୍ମଭୂମି । ପାରସ୍ୟ ସାଗରରୁ ଚୀନ ସାଗରଯାଏ ବିସ୍ତୃତ ତାର ଶୈଳୀ ଓ ସଂସ୍କୃତି । ସେ କଳିଙ୍ଗ, ସମୁଦ୍ରର ଉଦୀୟମାନ ସୂର୍ଯ୍ୟ ।

କେଶରୀ କୁଳରୁ ସମୁଦ୍ରକୁ ଓହ୍ଲାଇ ଯାଇଥିଲେ କେବେ ଦିନେ ଓଡ଼ିଆ ରାଜାଙ୍କର ପୁଅ ଶୈଳେନ୍ଦ୍ର ମହାବାହୁ । କଳିଙ୍ଗର ସୌଦାଗର ସମ୍ରାଟ ହୋଇଥିଲେ । ଶୈଳେନ୍ଦ୍ର ସାମ୍ରାଜ୍ୟ ପୀଠ ଥାପିଥିଲା ସ୍ୱର୍ଣ୍ଣଲଙ୍କାରେ । ବ୍ରହ୍ମଦେଶ, ଚମ୍ପା, ମାଳୟ, ଜାଭା, ବାଲି, ସୁମିତ୍ରା, ବର୍ଣ୍ଣୀପୁ; ଆସାଡ଼ା, କାମାଖ୍ୟା, ବୈବର୍ତ୍ତ—ଅସଂଖ୍ୟ ତାର ନାଁ । କଳିଙ୍ଗ ରାଜତ୍ୱ କରିଥିଲା ଧର୍ମ ଓ ନ୍ୟାୟର ନିର୍ଦ୍ଦେଶରେ ।

ସେହି କଳିଙ୍ଗ ଗଢ଼ିଛି ଯବଦ୍ୱୀପରେ ବିଶାଳ ସ୍ତୂପ; ନାଁ ତାର ବରବୁଦୁର । କୁମାରୀ ପର୍ବତ ପାଖର ତୋଷାଳିର ବଟାଳି ହାଣୁଛି, ସୁଦୂର ଯବଦ୍ୱୀପରେ ପଥର ଉପରେ ଶ୍ରେଷ୍ଠ, ଯୋଗ୍ୟକର୍ତ୍ତା ନଗରର ଉପକଣ୍ଠରେ—ବରବୁଦୁର ସ୍ତୂପ ଗଢ଼ାହେବ ।

ଯଶୋବର୍ମଣ ମନର ସ୍ୱପ୍ନ ଦେଖିଥିଲେ । ରୁକ୍ଷ ପର୍ବତ ହେବ ଜଗତର ଗୁମ୍ଫା, ପଥରରେ ପ୍ରାଣ ସଂଯୋଗ ହେବ । ଜଡ଼ତାର ପିଣ୍ଡ ଚିରଦିନ ହସୁଥିବ ସ୍ରଷ୍ଟାର କମିଆରେ । ଅଭିନବ ହେବ

Digitized by srujanika@gmail.com

ବରବୁଦୁର, ଯାହା କେବେ ଘଟିନାହିଁ । କାରଣ ଓଡ଼ିଆ କାହାର ଅଇଣ୍ଠା ଖାଏ ନାହିଁ । ଶିଳ୍ପରେ, ସାହିତ୍ୟରେ, ସଙ୍ଗୀତରେ, ସଂସ୍କୃତିରେ—ସବୁଥିରେ ସେ ମୌଳିକ ସ୍ରଷ୍ଟା । ସେ ଦେଖା ଶିଖା ଓଡ଼ିଶା । ସେ ଗଢ଼ିବ, ପର ଦେଖିବେ ଶିଖିବେ; ତାଙ୍କର ଉପକାର ହେବ । ତାହା ମଧ୍ୟ ଶୈଳେନ୍ଦ୍ର ବଂଶର ମତ, ତେଣୁ ଯଶୋବର୍ମଣ କେଟସ୍ଥି ଅଭିନବ ସ୍ୱପ୍ନ ଦେଖିଥିଲେ—ନିର୍ମିବ ପର୍ବତ ହେବ ଜୀବନ୍ତ ସଂସାରର ପ୍ରତୀକ ।

ଯୋଗ୍ୟକର୍ତ୍ତାଠୁଁ ଅଳ୍ପଦୂରରେ ସମୁଦ୍ରଠୁଁ ତାକେ ବାଟରେ ପର୍ବତ । ତଳ ଅଧିକ ରହିଥିବ ଆଦିମ ଜଙ୍ଗଲ; ବିଷୁବରେଖା ଉପକଣ୍ଠର ନିବିଡ଼ ଜଙ୍ଗଲ । ସେ ଆଦିମ ଅସଭ୍ୟତାର ରୂପକ, ଶିକ୍ଷା ନାହିଁ, ସଂସ୍କୃତି ନାହିଁ—ପ୍ରାକ୍ କଳିଙ୍ଗ ପ୍ରଶାନ୍ତ ସାଗରର ଦ୍ୱୀପପୁଞ୍ଜର ଆଦିମ ଅଧିବାସିଙ୍କ ସମାଜପଣ । ତା ଉପରକୁ ପର୍ବତକୁ ଘେରିଓ କଣ ପର୍ବତ ଦେହରେ କାଟି କାଟିକା ସାତଟି ତାଉପରକୁ ତାଉପରକୁ ପାହାଚ; ଅନ୍ତ ବୃତ୍ତ ଟେ । ସେତ୍ର ସଂସାରର ସାତଟି ସ୍ତର, ତାର ପଥରର ଚଟାଣ, ପର୍ବତର ମଞ୍ଜପାକେ; ଧଡ଼ିରେ ପଥରର ବାଡ଼ା । ସବୁ ଖାଲି କାରୁକାର୍ଯ୍ୟ ମଣ୍ଡିତ, ଖୋଦିତ ଶିଳ୍ପ,ମୂର୍ତ୍ତି—ଅସଂଖ୍ୟ ! ସେହି ସାତ ପାହାଚରେ ସଂସାରର ସବୁ ଲୀଳାଖେଳା ସ୍ତରେ ସ୍ତରେ ସଜା ହୋଇ ରହିଥିବ ଶିଳ୍ପୀର ହାତପଣ ଦେଖାଇ ଉପରକୁ ଉପରକୁ । ଉପରେ ସାତ ପାହାଚ ଶେଷରେ ପର୍ବତର ମୁଣ୍ଡି, ଘଷାହୋଇ ଚଂଗ୍ଲୁହୋଇ ହୋଇଛନ୍ତି ସାମ୍ୟ ସମତଳ । ତଳର ସାତ ପାହାଚ ଉପରେ ସ୍ୱର୍ଗ ସ୍ତୂପ ପରି, ଜୀବନର ଚରମ ସ୍ତର ଯେ । ତାହାର ଉପରେ ପ୍ରକାଣ୍ଡ ବୁଦ୍ଧମୂର୍ତ୍ତି । ଜୀବନର ସାତସ୍ତର ପାରିହୋଇ ଯେ ବୋଧିପ୍ରାପ୍ତ ହୋଇ ମୁକ୍ତ ନିର୍ବାଣ ପାଇଛନ୍ତି; ଅଟଳ ଅମର ।

Digitized by srujanika@gmail.com

ଆକାଶର ସ୍ତରରେ ସମୁଦ୍ର ଚକ୍ଷୀ ଉଡ଼ିବା ସ୍ତରରେ ମେଘ ମେଳରେ ସେହି ବଜ୍ରଠ ବୁଦ୍ଧଙ୍କର ପ୍ରତିଷ୍ଠା । ଜଗତ ଦେଖୁଥିବ— କଳିଙ୍ଗ ଜୀବନକୁ ଅସ୍ୱୀକାର କରେ ନାହିଁ, ଆଦର୍ଶକୁ ଭୁଲେ ନାହିଁ ।

ଶୈଳେନ୍ଦ୍ର ବଂଶର ଯଶୋବର୍ମଣ ଆଦେଶ କରିଥିଲେ, ବରବୁଦୁର ସ୍ତୁପ ଗଢ଼ାହେବ ।

ଶହ ଶହ ବଢ଼େଇ, ଶହ ଶହ ମଜୁରିଆ— ଝାଳନାଳ ହୋଇ ଧୂଳ ଧୂମାଳ ହୋଇ, ଅବିରଳ କାମ ଲାଗିଥାଏ । ମିସ୍ତ୍ରୀ ସର୍ଦ୍ଦାରଙ୍କ ପାଟି, କାମର କୋଳାହଳ, ପଥର ଉପରେ ଲୁହା ଯନ୍ତ୍ରର ଠକ୍ ଠକ୍ । କଳକଳ ମଣିଷ; ପର୍ବତ ଡାଲୁରେ ଜଙ୍ଗଲରେ ଅଦୂରରେ ଦିଶୁଛି କାରିଗରଙ୍କ ଝୁଲଣି । ଜଙ୍ଗଲର ଗଛତଳେ ହୋ'ହନଆଁ ଶିଳ୍ପୀ-ସହର ବସିଛି । ଦୂରରେ ଯୋଗ୍ୟକର୍ତ୍ତା ନଗରର ଦୃଶ୍ୟ । ବଣିକ ଶ୍ରେଷ୍ଠୀଙ୍କର ସାତ ମହଲା 'ସପ୍ତଭୂତଳ ପ୍ରାସାଦ' ଦିଶୁଛି କେଡ଼େ କ୍ଷୁଦ୍ର । ପାଖେ ଯବଦ୍ୱୀପର ଧୂର୍ଭ ପର୍ବତମାଳ, ଇନ୍ଦ୍ରନୀଳ ପର୍ବତ । ଗଣ୍ଡାରର ଭୂମି ଅରଣ୍ୟମୟ ସମତଳ, ଶସ୍ୟଶ୍ୟାମଳ ସମତଳ । ଦୂରରେ ପର୍ବତଘେରା ସମୁଦ୍ର, ଜନ୍ମନ୍ତ 'ସୁରସାଗର' ।

କାହିଁ ଏଠି କଳିଙ୍ଗ; କେତେ ଦୂରରେ ଅଛି ତୋଷାଳୀ । ବର୍ଷା ଅଛି, ବେଶୀ ବର୍ଷା ନାହିଁ; ଜଙ୍ଗଲ ଅଛି, କିନ୍ତୁ ଭୀଷଣ ନୁହେଁ; ଭୂଇଁର ଦୃଶ୍ୟରେ ବି ସାମ୍ୟର ଅନୁପାତ । କେତେ ଦୂରରେ ସେ—ସମୁଦ୍ରର ତଟରେ ମେଘ ସବୁ ଏଠି ଉଡ଼ିଯାଆନ୍ତି ମୁଣ୍ଡ ଉପରେ । ସେଠୁ ସନ୍ଦେଶ ମିଳେ ନାହିଁ କଳିଙ୍ଗ କେତେଦୂର ।

କଳ୍ପ ଲୋକ ଚଳଣରେ ମନେହୁଏ ସତେ ଯେପରି କଳିଙ୍ଗ ଏଠିକି ଉଠି ଆସିଛି । ଆଣ୍ଠୁ ଲୁଚୁ ନାହିଁ, ଲୁଗା ପିନ୍ଧା ହୋଇଛି ।

Digitized by srujanika@gmail.com

ଅଣ୍ଟାରେ ବଖ୍ୟାତ କଳଙ୍କୀ ପାନବଟୁଆ, ଫୁଲପକା । ଖୋଲା ଦେହ, କାମ କରି କରି ଶିର ଆଉ ଗଣ୍ଠି; କାନ୍ଧରେ କୁମ୍ଭପକା ପାଚିଲା ଗାମୁଛା; ମୁଦିର ରୁଡ଼କୁ ମୁଣ୍ଡର ଟେଣ୍ଟଲୁ ଧାନ ନାହିଁ; ନଘା କାମକୁ, ବାବୁର ବାଳ ଝଙ୍କାହୋଇ ବଢ଼ିଛି । ପାନଖିଲି ଖଣ୍ଡେ ଲେଖା ଚଢ଼େଇ ଦେଇ ପଚ୍ ପଚ୍ କଡ଼ା ଗୁଣ୍ଡି ମିଶା ନାଲି ଛେପ ପକେଇ ବଟାଳ ଉଞ୍ଚେଇ ନଠେଇ ନଠେଇ ପଥରରେ ଘେନ୍ଟ ମାରୁଛନ୍ତି କଳଙ୍କର ଶିଳ୍ପୀ ପଲ ପଲ । ବରବୁଦୁର ଶିଳ୍ପରେ ସଜାହୋଇ ରହିବ ଥାକେ ଥାକେ । ଶିଳ୍ପୀର ଦାୟିତ୍ୱ ଅତି ଗୁରୁ । ଘରଚର ଭବିଷ୍ୟତ୍ ଏଠି କଳଙ୍କର କୋଡ଼ରେ ।

ତୋଷାଳର କାରିଗର ଟୋକା ପ୍ରଦ୍ୟୁମ୍ନ ଅଣ୍ଟା ସଳଖେଇ କପାଳରୁ ଝାଳ ପୋଛି ପୋଛି ଠିଆହେଲା । ସାମ୍ନାରେ ତାର ଏତେ ଦିନର କାରସାଜି. ବରବୁଦୁରର ତୃଣସ୍ତୂପରରେ ଅନ୍ୟାନ୍ୟ ମୂର୍ତ୍ତି ଭିତରୁ ଗୋଟାଏ ମୂର୍ତ୍ତି । କାମ ସରି ଆସୁଛି, ସରି ଆସୁଛି; ପ୍ରଦ୍ୟୁମ୍ନ ବଟୁଆ ଖୋଲିବାକୁ ଭୁଲିଗଲା; ଭୁଲିଗଲା ତାର ଘଲୁଆ ଗୁଡ଼ରୁ କାକର ଟୋପା ପରି ଝାଳ ପୋଛିବାକୁ । ବୋଧିମୂର୍ତ୍ତି ଦେଖା ଯାଉ ପଡ଼ୁଛି ତାର ହାତଗଢ଼ା ମୂର୍ତ୍ତି ଉପରେ । ସେଇଆକୁ ଚାହିଁ ପ୍ରଦ୍ୟୁମ୍ନ ହଜଯାଇଛି ।

ଠିକ୍ ଏମିତି ସେ—ପ୍ରଦ୍ୟୁମ୍ନ ଦେଖିଥାଏ; ତାର ଗାଁର ପୋଖରୀକୂଳର ଝଙ୍କା ବରଗଛ । ଏମିତି ତାର ସଳଖ ଓହଳ ଘରର ପଥର ଖୁଣ୍ଟ ପରି । ଏମିତି ଅଧା ଛପି ରହି ଅଧା ଦେଖା ଦେଇ ଓହଳ ଉପରେ ଭରାଦେଇ ସେ ଠିଆ ହୋଇଥାଏ । ଓଠ ଦଫାଳ ହସୁଥାଏ । ଏମିତି ତାର ଛବି, ନିତି ଦେଖିଲେ ଗୁଡ଼ରେ ଜୁଆର ଆସେ । ଓଟାରି ହୋଇ ପାଖକୁ ଚାଲିଯାଏ ଏଇ ମିଟିମିଟି ଆଖିର କୁହାଟରେ । ତା ପରେ ତାର କଣ ହୋଇ

Digitized by srujanika@gmail.com

ଯାଏ, ଦେହଯାଏ ସାଇଁସାଇଁ ଝାଇଁଝାଇଁ । ଆତ୍ମା ସଙ୍ଗୀତରେ ବୁଡ଼ି ରହେ, ସମସ୍ତ ସତ୍ତା ହଜିଏ । କିନ୍ତୁ ବୋଧହୁଏ ଚାଲିଯାଏ ନୀରବରେ; ଆନନ୍ଦ ଭିତରେ ସେ ନିର୍ବାଣ ପାଏ ।

ଛଅମାସ ଅବିରତ ପରିଶ୍ରମ ପରେ ତାର ପ୍ରବୀଣ ହାତରେ ପଥର ଜୀବନ୍ୟାସ ପାଇଛି; କି ଯାଏ ପଥର କି ମାଟି ? ଜଡ଼ ଉପାଦାନ, ସେ ଯାହାହେଉ ପଛେ । କିନ୍ତୁ ଏଇ ତାର ହୃଦୟ ଭିତରେ ଗୋପନରେ ସଞ୍ଚି ରଖା ପ୍ରିୟାର ଛବି; ତାର ପ୍ରିୟା, ମେଘମାଳା । ଅବିକଳ ସେଇ । କପାଳ ଉପରେ ଚୂର୍ଣ୍ଣକୁନ୍ତଳ, କାନରେ ଫୁଲ, ବେକରେ ହାର, ହାତରେ ବଟଫଳ; ଦେହଯାକ କଳିଙ୍ଗର ବିଚିତ୍ର ଅଳଂକାର, ଫୁଲ ପରି ଫୁଟିଛି, ଲତା ପରି ଲଟେଇଛି ।

ତୋଷାଳିର କୁମାରୀ ପାହାଡ଼ ତଳୁ ମେଘମାଳା ଚାଲି ଆସିଛି ଯବଦ୍ୱୀପକୁ ।

ନିଶ୍ୱାସ ଅଟକାଇ ପ୍ରଦ୍ୟୁମ୍ନ ସେଇଆକୁ ଘଡ଼ିଏ ଚାହିଁ ରହିଲା । ତା ପରେ ସ୍ଥାନ କାଳ ଭୁଲି ହାତ ବଢ଼ାଇ ଅନ୍ଧ ପରି ଧାଇଁଗଲା ସେଇ ମୂର୍ତ୍ତି ଆଡ଼କୁ, ସେଇ ଶୋଭିଲା ଆଖିର ଆବର୍ତ୍ତର ପରିସର ଭିତରକୁ ।

ଚିଆଁ ଆସିଲା, ଯେତେବେଳେ ପଥର ମୂର୍ତ୍ତିର ଗୋଡ଼ ଆଉ ଦାଡ଼ି ସନଙ୍ଗ ହାଇ ବାଜି କପାଳରୁ ରକ୍ତ ଝରୁଛି, ଓଠ ଫାଟିଛି, ମୁହଁରେ ଦେହରେ ସବୁସେ ଚମ୍ପା ଆଞ୍ଚୁଡ଼ା, ଲୁଣି ଝାଳ ଲାଗି ପୋଡ଼ି ଉଠୁଛି । ତଥାପି ଦୁଇ ବାହାରେ ସେଇ ମୂର୍ତ୍ତିର ଉମ୍ବରୁକଟୀ ବେଢ଼େଇ ଧରି ପ୍ରଦ୍ୟୁମ୍ନ ଚାରିଆଡ଼କୁ ଚାହିଁଲା । ସେଠି ମୂର୍ତ୍ତିର ଦୁନିଆଁ, ହାଟର ଗୋଳମାଳ—ପଥର କଟା, ବଟାଳିର ଠକ୍ ଠାକ୍ ପାହାର ଶୁଭୁଛି । ତାର କଣ୍ଠରେ ଥଣ୍ଡା ପଥର, ଟାଣୁଆ ପଥର;

Digitized by srujanika@gmail.com

ଆଲୁଅ ଯାଉଛି ଧୀରେ ଧୀରେ ମଉ ମଉ । ଶିଥିଳ ହୋଇ ବାହା ଝୁଲି ପଡ଼ିଲା, ସବୁ ଆବେଗ ପାଣି ଫାଟିଯାଇ ଆଖି ଓଦା ହୋଇଗଲା । ଥରିଲା ଓଠରୁ ଅସ୍ଫୁଟ ଡାକ, 'ମେଘମାଳା !'

କାହିଁ ସେ ?

କାହିଁ ତୋଷାଳି, କାହିଁ ଜମ୍ବୁଦ୍ୱୀପ । ମଝିରେ କେତେ ଯୋଜନ ପୃଥିବୀ; କେତେ ଯୋଜନ ସମୁଦ୍ର । ଏହି ସୁରସାଗର କୂଳରେ ଲବଣସାଗର କୂଳ କେବଳ ସ୍ୱପ୍ନ । ବେପାରି ବୋଇତ-ଆଳଙ୍କ ବିସ୍ତୃତ ସାମ୍ରାଜ୍ୟ ଭିତରେ କାହିଁ ନାହିଁ ସେହି ସାନ କଅଁଳ ମୂହଁଟିର ପ୍ରତିଛବି—ମେଘମାଳା ପଛରେ ରହିଯାଇଛି ଦୂର ଦିଗ୍‌ବଳୟ ଉହାଡ଼ରେ ।

ଏଠି ସେ ନାହିଁ ।

ପ୍ରାଣ ଭିତରର କାନ୍ଦଣା ଦାବି ରଖି ପ୍ରଦ୍ୟୁମ୍ନ ଉପରକୁ ଚାହିଁଲା । ଉପରର ବିସ୍ତୃତ ସମତଳ ଉପରେ ବିରାଟ ବୃଦ୍ଧ ଆସନରେ ବସିଛନ୍ତି । କି ଶାନ୍ତ, କି ଦମ୍ଭ ! ସଂସାରର ସବୁ କନ୍ଦଳ, ସବୁ ଦୁଃଖ ପାଇଁ ଅଞ୍ଜନ ଖୋଜି ବାହାରିଥିଲେ । ସାତସ୍ତର ଟପି ଚଢ଼ିଗଲେ ସେହି ଆକାଶୀ ଜଗତ ଉପରକୁ ।

ସନ୍ଧ୍ୟା ପାଖେଇ ଆସିଲାଣି, କାରିଗରଙ୍କ ଘରବାହୁଡ଼ା ଚହଳ । କରୁଣ ସ୍ୱପ୍ନ ଭିତରେ ଥରିଲା ପାଦରେ ଭୂଇଁ ମାପି ମାପି ସେହି ଗହଳରେ ପ୍ରଦ୍ୟୁମ୍ନ ଲେଉଟି ଚାଲିଲା ଆପଣା ଛାଉଣିକୁ, ଉଦାସରେ ନିସ୍ତେଜ ଲାଗୁଛି । ମନ ଅଜାଣତରେ ବି ଶିଳ୍ପୀ ହାତରେ ଗଢ଼ି ହୋଇଗଲା ତାର ଜୀବନ୍ତ ଇତିହାସ । ଆଜି ସେ ବିଦ୍ରୂପ, କାଳିପରି ବସିଯାଉଛି । ଏମିତି ସଞ୍ଜରେ ଗାଁଦେବାଳୟରୁ ବାଜୁଥିବ ଆରତିର ଘଣ୍ଟ, ଆରକରେ ବୌଦ୍ଧ ସଘରୁ ପ୍ରାର୍ଥନାର ଝଂକାର ଶୁଭେ । ବଡ଼ଶାଘରର ଝିଅ ମେଘମାଳା ସଞ୍ଜବତୀ ଜାଳିଦେଇ

Digitized by srujanika@gmail.com

ଦାଣ୍ଡ ଅଗଣା କରରେ ଟୁହାଳ ଘରପାଖେ ଛିଡ଼ାହୋଇ ଶୁଣେଇଁ ଶୁଣେଇ ଗାଈ ସଂଗେ ଅଳକରେ—ବଉଳା, ହେ ବଉଳା, ଆଜି ସଡ଼କ ମୁଁ ବାରଆଡ଼କୁ ଯିବ, ଯିବୁ ମୋ ସାଂଗରେ ? ଅନ୍ଧାରରେ ବାହାରିବାକୁ କଣ ଡରେ ଡରମାଡ଼େ ?" ଦାଣ୍ଡରେ ତାର ବାପା ଲୋମହର୍ଷଣ ମିଶ୍ରଙ୍କ କଣ୍ଠକାଶ ବାଜୁଥାଏ । ଲୋମହର୍ଷଣ ତାଙ୍କ ଘର ଅଭ୍ୟସ୍ତ ଶିବ ନାଦ କରି ମେଘମାଳାକୁ ଡାକ ପକାନ୍ତି "—ଶିବ ଶିବ ଶିବ—ଏ ଲୋ ମାଳ, ସେଠି କାହିଁକି ଠିଆ ହୋଇଚୁ ? ଆ ଚାଲିଆ ।" ତାଙ୍କ କଠଉର ଠକ୍ ଠକ୍ ଦାଣ୍ଡେ ଦାଣ୍ଡେ ଶୁଭୁଥାଏ ସାହି ଭିତରକୁ । ନଶୁଣିଲା ପରି ଲଖି ରହି ମେଘମାଳା କହେ— "ବଉଳା ଲୋ ବଉଳା, ଚାଲ ମୋ ସାଙ୍ଗରେ ଯିବୁ, ଯେ ମୋ ପାଖକୁ ଆସିବ ତାକୁ ଶିଂଘରେ ଭୁଷିଦବୁ, ଏଁ—" । ତାପରେ ତାର ଖଳ ଖଳ ହସ ।

ତାର ପ୍ରତି କଥା ନଜର କରିବା ଯେପରିକି ପ୍ରଦ୍ୟୁମ୍ନର ଅଭ୍ୟାସ ପଡ଼ିଯାଇଥିଲା । କାନ ଡେରିକ ରହେ, ଆଖି ତରଳ ରହେ, ବଦନପାକ ଶୁଣି ବୁଝି ଆଖି ବୁଜିଲେ ପୁଣି ସେ ଚେଇଁ ଉଠେ ସପନପୁରେ; ସେଠିକି ବି ମେଘମାଳା ଆସେ ।

ମେଘମାଳା ତାର ପ୍ରାଣରେ ପଶି ସାରିଥିଲା, ପ୍ରତି ରକ୍ତବିନ୍ଦୁରେ ମିଶିଯାଇ ସାରିଥିଲା । ତେଣୁ ଦୂରଦେଶରେ ପ୍ରସବ କରିଛି ଶିଳ୍ପୀ ଆପଣା ଭିତରୁ ସେହି ମେଘମାଳାକୁ ।

ଲଗ୍ନ ସନ୍ଧିକୁ ଉଠେଇଲା; ମୁହୂର୍ତ୍ତ ଆସିଦେଲା ପୂର୍ଣ୍ଣତା ଆପଣା ସ୍ୱାତ ପାଆନ୍ତରେ । କିନ୍ତୁ କଣ ହେବ, ଠିକ୍ ସେତିକି ବେଳେ ଦଇବ ଦାଉ ସାଧିଲା । ଲୋମହର୍ଷଣ ଶୁଣିଲେ । ସେ ବୌଦ୍ଧକୁ ଝିଅ ଦେବେ ନାହିଁ । କହିଦେଲେ ଛୁ ଛାଡ଼କାଟି କହି ଫଳ ହେଲା ନାହିଁ । ଯୁବକ ଶିଳ୍ପୀ ପ୍ରଦ୍ୟୁମ୍ନ ହଠାତ୍ କାନ୍ତ ହୋଇ

Digitized by srujanika@gmail.com

ପଡ଼ ଅନୁଭବ କଲା—ଦୁନିଆଟା ଖାଲି ଉଡ଼ି ବୁଲିବା ଭଳି ବାୟୁମଣ୍ଡଳ ନୁହେଁ । ତାର ତଳେ ମାଟି, ପଥର ଅଛି; ହାଡ଼ ବାଡ଼ ଅଛି । ସେ ଶିଳ୍ପୀର ଇଚ୍ଛାକୁ ସ୍ୱୀକାର କରେ ନାହିଁ ।

ଅନ୍ଧାର ରାତି । ତାରା ଜକ ଜକ ଆକାଶ । ନାଗେଶ୍ୱର ତୋଟାରେ ସର୍ଜନର ଉତ୍କଟ ବାସ । ଆକାଶରେ ବୌଦ୍ଧ ଶାନ୍ତି; ପୃଥିବୀରେ ଶୈବ୍ୟ ଐଶ୍ୱର୍ଯ୍ୟ । ଶରଯୁଗର ଯୁବା ଶରଯୁଗର ଯୁବତୀକୁ କହୁଥିଲା, "ଚାଲ୍ ମଣିମାଳା ଚାଲିଯିବା ଦୂରକୁ । ବନ୍ଦରରେ ବୋଇତର ଅଭାବ ନାହିଁ; ସମୁଦ୍ରରେ ଦ୍ୱୀପର ଅଭାବ ନାହିଁ । ସୁନାସାଗରର କାଚଖମ୍ବ ପାଣିରେ ଡାଳି ଡାଳି ପୋହଳା ଫୁଟିଥିବ । ବାଲିବନ୍ତ ସେ କରେ ନେଳି ତାଳ ଆଉ ନାଲି ହେନ୍ତାଳ ବଣ; ମେଘ ପରି ଭେଡ଼େଇ ଉଡ଼ୁଥିବେ ଜାତି ଜାତିକା । ସାଧବ ପୁଅର ନଷ୍ଟ ଦେଖା ଚହ୍ଲା ଗଳ୍ପ । ସେଠି ସଂସାର ପାତିଦେବା ତୋର ମୋର ମନଇଚ୍ଛା—ଯିବୁ ?"

ମଣିମାଳା ଖାଲି ଲୁହରେ ଭାସିଥିଲା ।

"ମୋ ସୁଖ ପାଇଁ ଦେଶାନ୍ତରୀ ହେବ ତୁମେ ? ନା ନା; କେମିତି ମୁଁ ତା କରେଇ ଦେବି ? ମା ବାପ; ଘର କୁଟୁମ୍ବ—ସବୁ ଧେଜ୍ୟା କରି ଚାଲିଯିବ ମୋ ପାଇଁ ?"

"ତେବେ—କଣ ହେବ ମଣିମାଳା ?"

କାନ୍ଦଣା ତାର ବଳ, ଲୁହ ଧାର ତାର ଉତ୍ତର । ଜଣାଇଁ ଦେବାକୁ ଚାହେଁ—ମୁଁ, ମୁଁ ନାରୀ, ଗଢ଼ିବା ମୋ କାମ; ଭାଙ୍ଗିବା ନୁହେଁ । ମୁଁ ମାଟି, ସହିବା ମୋ କାମ; ଆଘାତ ଦେବା ନୁହେଁ । ହିନ୍ଦୁ ସଂସ୍କାରରେ ବନ୍ଧାବନ୍ଧ ସମାଜର ଗଣ୍ଠି ମୁଁ; କେମିତି ମୁଁ ଯିବି !"

ଦେଶାନ୍ତରୀ ହେଲା ପ୍ରଦ୍ୟୁମ୍ନ । କେଶରୀ ରଜାର କଳିଙ୍ଗରୁ ଭାସି ଭାସି ଆସିଲା ଶୈଳେନ୍ଦ୍ର ରଜାର ସମୁଦ୍ର ଦେଶକୁ । ପଥର

Digitized by srujanika@gmail.com

ହୋଇ ପରେର କାମ କରିବାକୁ ବୃଲଅ.ଗିଲ ଓଡ଼ିଆ କାରିଗରଙ୍କ ସଙ୍ଗେ । ତାପରେ ଏହ ବରବୁଦୁର ସ୍ତୂପ । ସବୁ ମନେପଡ଼େ ଆଜ, ଯାହା ନାହିଁ ଯାହା ହୋଇପାରେ ନାହିଁ ।

କେତେ ଚଞ୍ଚଳ ଦନ ସରିଯାଇ ଓହ୍ଲେଇ ଆସେ ବାଦଲ ସ୍ରୋତ ଏହ ନବ ଦ୍ୱୀପରେ । ମୁହଁସଞ୍ଜରେ ଘୁଞ୍ଚିଯାଉଥିବା ଛାଇଗୁଡ଼ିକୁ ଫେରିଲାବେଳକୁ ଅନ୍ଧାର ଘୋଟିଥାଏ । ଏବେ ଲୋକଗହଳ ଉପରେ କେଉଁଠି ତାଙ୍କୁଣି ଉଗ୍ରୁଡ଼ା ହୋଇଛି । ଦନଯାକର ଶ୍ରମ ଉତ୍ତାରୁ ସୁପ୍ତିବାଧା ମରଦେହର ବଶ୍ରାମଳପ୍ସା, କ୍ଲାନ୍ତ । ପ୍ରଦ୍ୟୁମ୍ନର କେବଳ କାମ ଶେଷ ହୋଇଛି ତାହାନୁହେଁ; ଆଜ ତାର ମୂର୍ତ୍ତି ସରିଛି, କାମ ଛୁଟିଛି । ଏତେଦନ ଯାହା ମନକୁ ଆଚ୍ଛନ୍ନ କରି ରଖିଥିଲା ତାହା ଆଜ ସରି ଯାଇ ପଛେଇ ଯାଇଛି ସମୁଦ୍ରର ଭଟାପରି । ଦୂରରେ ତାର କୋଳାହଳ—ଅତି ଦୂରରେ ।

କାହିଁ ସେ ମନରେ ଫଳପ୍ରାପ୍ତିର ଆନନ୍ଦ, କୃତକାର୍ଯ୍ୟ ହେବାର ଯଶ ? ଏତେଦନ ବଫଳତାକୁ ଦୂରକୁ ଫୋପାଡ଼ ଦେଇ ଯେ ତାର ଅପୂର୍ଣ୍ଣ ମୂର୍ତ୍ତି ଉପରେ ଜାଗରୁକ ମନକୁ ଢାଳିଦେଇ ନିଶ୍ଚିନ୍ତ ଥିଲା । ଆଜ ମନ ଆପଣାର ବୋଝରେ ଆପେ ଘାରି ଘାରି; ବଫଳତା ତାର ଆଗଘ୍ରମୁରେ କେବଳ ହାହାକାର; ହୃଦୟକୁ ମନ୍ଥି ଚକଟି ଆକୁଳତା । ଅଜାତର ଟାହିଟାପରା, ଏହା ତାର କାର୍ଯ୍ୟଶେଷ ହେବାର ପୁରସ୍କାର; ଏଥିରୁ ଅଧିକ ନାହିଁ ।

ନୂଆକରି ଯେପରିକ ସେ ଏତେଦନପରେ ଅନୁଭବ କଲା । ମେଘମାଳାକୁ ମନେ ମନେ ଦେଖି ସୁଖର ଘର କରିବା ଅବସ୍ଥାଟି ତାର ସଂସାରର ପ୍ରଚଣ୍ଡ ନିଷ୍ଠୁର ମାଡ଼ର ଦାଉରେ ଭାଙ୍ଗି ଯାଇଛି । ଶୀତଦନର ଖରା ପରି ସବୁ ପଦ ତାଠ୍ , ଝଡ଼ ପଡ଼ୁଛି ଧୀରେ ଧୀରେ; ଖାଲି ଡାଙ୍ଗ କେଇଖଣ୍ଡ, ଶୀତୁଆ ଆକାଶ ତଳେ

Digitized by srujanika@gmail.com

ଗଜ ଗଜ କୁଆପଥର ଚୋଫାନ ମନ୍ଦିରେ—ଏକୁଟିଆ ଠିଆ ହୋଇଛୁ, ପାଇବାକୁ ଆଶା ରଖିନାହିଁ । ନ ପାଇବାର ଦୁଃଖ ଥମିଯାଇ ହୋଇଛୁ କଳାଧୂମର ଆକାଶରେ ମେଘର ଥମିଲ ଦରିଆ, ବଜ୍ରର ପର ଝଲକେ ଝଲକେ ଆସୁଛୁ ବଜ୍ରଭେଦ ଅନୁଭୂତି । ହୃଦୟକୁ ଚିରଦେଇ ଚିଆଁଇ ଦେଉଛୁ ତାକୁ; ସେ ଅଦ୍ୟାପି ବଞ୍ଚୁଛି, କଳାଧୂମର ଆକାଶ ଯୋଡ଼ ଯାଉଛି, କେବଳ ତାର ପୃଷ୍ଠପଟରେ ଚରମ ଦୁଃଖର ଅସ୍ଫୁଟ ଆର୍ତ୍ତନାଦ, ଯାହାର ଭାଷା ନାହିଁ କ ତାର୍କିକ ବ୍ୟାକରଣ ନାହିଁ ।

ମେଘମାଳା ନାହିଁ । ବିଗ୍‌ଭ୍ରଷ୍ଟ ମନ ଧରି ଅସମ୍ପନ୍ନ ପଦ-କ୍ଷେପରେ ଗ୍ରୁଜଣୀକୁ ଗୃଲଛୁ, ଅଭ୍ୟାସର ବଳ; ନା ତାର ପ୍ରଦ୍ୟୁମ୍ନ ।

ପର୍ବତ ତାଲୁରେ ସହସ୍ରେ ଗ୍ରୁଜଣିରେ ସହସ୍ର ଆଲୁଅ ଜଳ ଉଠିଲଣି । ଏହାପରେ ସଂଘବଦ୍ଧ ବୌଦ୍ଧ ପ୍ରାର୍ଥନା, ଶାନ୍ତ ଆତ୍ମାର ଧ୍ୟାନଯୋଗ । କାମନା ତ୍ୟାଗକର, ସଂଯତ ମନରେ ତାଣ୍ଡିକାଟି ସମତଳ କର ପୃଷ୍ଠର ଉଚ୍ଚତା, ଜୀବନ ଦୁଃଖର ହାଟ, ନିର୍ବାଣହିଁ ଶ୍ରେୟଃ । କ୍ଷଣ ଭଙ୍ଗୁର ସଂସାରର ଆଖିରେ ଯାହା ଦେଖୁଛୁ ମୃଗତୃଷ୍ଣା ସବୁ ବୃଥା ମାୟା; କେବଳ ଆସକ୍ତି, କେବଳ ଭ୍ରାନ୍ତି ।

ତେଣୁ ହୃଦୟର ସବୁ ରଂଗ ଧୋଇ ପୋଛି ଦେଇ ନିଜେ ନିର୍ମଳ କର; ଶାନ୍ତ କର । ମନୁଷ୍ୟ କେବଳ କର୍ମରେ ଭାଗୀ; ଆସକ୍ତି ଓ ଅଭିଳାଷ ତୃଷ୍ଣାର ନାଗଫାଶ; ଛେଦ କର, ଛେଦ କର ।

ଶ୍ରମଣ ଉପଦେଶ ଦେବେ; ପ୍ରାଜ୍ଞ କହିବେ ପରିଜ୍ଞାନର ତଥ୍ୟ, ସାଧନର ମାର୍ଗ, ବଜ୍ରଯାନର ପନ୍ଥା । ରକ୍ତମାଂସର ଦେହକୁ ପଥର କରିବାକୁ ହେବ । ଜୀବନ କେବଳ କର୍ତ୍ତବ୍ୟ-ପାଳନ; କେବଳ ସାଧନ । ଭାର୍ଯ୍ୟାଙ୍କ ସହିତ ସମ୍ପର୍କ ସନ୍ତାନ ଉତ୍ପାଦିବା

Digitized by srujanika@gmail.com

ପାଇଁ, ସମ୍ଭବର ଇନ୍ଦ୍ରପୁର ସୁଖ, କେବଳ ଅଳୀକ ବନ୍ଧନ । ଦୟା କ୍ଷମା; କରୁଣା, ସାଂସାରିକ ସୁସ୍ଥ ଜୀବନର ମାର୍ଗ; ସଂପର୍କର ହେତୁ ନୁହେଁ, ସବୁ କର୍ତ୍ତବ୍ୟ । ସେହି କର୍ତ୍ତବ୍ୟବଶରେ ଯଶୋଲିପ୍ସା ବୁଡ଼ାଇ ଦେଇ କଳିଙ୍ଗ ଦେଶ ଜୟ କରେ, ପ୍ରାଣୀଙ୍କର ମଙ୍ଗଳ ପାଇଁ ବସାଏ ବୌଦ୍ଧମତରେ ଶାସନ । ସେହି କର୍ତ୍ତବ୍ୟପରାୟଣ ପଣରୁ ଯଶୋବର୍ମଣ ଗଢ଼େ ବରବୁଦୁର । ଶିଳ୍ପୀ ଶିଳ୍ପ ସୃଷ୍ଟିକରେ । ସଂଘବଦ୍ଧ ଜାତି ଆତ୍ମାଭିମାନ ଗୁଢ଼ ଗୌରବ ପାଏ, ନିର୍ବାଣ କାମନା କରି ପାଏ ଅମରତ୍ୱ ।

ନିତି ସନ୍ଧ୍ୟାରେ ସେହି ମାଟି ପ୍ରଭୁର କଳରବ ଶ୍ରମଣ ଓ ପ୍ରାଜ୍ଞ; କହିବେ—ଆସକ୍ତି ତ୍ୟାଗକର; ଆସକ୍ତି ହିଂସାର ଦ୍ୱେଷାତକ ଦୁଃଖର ହେତୁ; ତୁଅ ପଥରର ସନ୍ତାନ ଶୈଳୋଦ୍ଭବ, ଶାନ୍ତି ପାଅ ।

ପ୍ରଦ୍ୟୁମ୍ନ ଶୁଣୁଥାଏ ।

ଏହି ତାର ସମୟ, ସଂଘବଦ୍ଧ ପ୍ରାର୍ଥନାର ବେଳ । ଅପଣା ସାନ କୁଡ଼ିଆରେ ଥକାହୋଇ ସେ ବସି ପଡ଼ିଲା । ପାଦ ଆଉ ଉଠୁନାହିଁ, ମନ ଚଳୁନାହିଁ ତଳେ । ଅନ୍ଧାର ଝାଙ୍କିଲାଣି, ନିତ୍ୟକର୍ମ ତୁଲାଇବାକୁ ସେ ବ୍ୟସ୍ତ ନୁହେଁ । ମନ ଭିତରେ ପଖେ ଚିର ଅଭ୍ୟାସ ଅନୁଯାୟୀ ସଂଘବଦ୍ଧ ବୌଦ୍ଧ ପ୍ରାର୍ଥନାର ଚହଳ, ପଖେ ମେଘମାଳା ଏକୁଟିଆ ଦ୍ୱନ୍ଦ୍ୱ ଲାଗିଛି । 'ମାମକାଃ ପାଣ୍ଡବାଶ୍ଚୈବ' କୁରୁକ୍ଷେତ୍ରେ ସେ ନିଜେ ପ୍ରଦ୍ୟୁମ୍ନ ।

ସେଠି ଆଲୁଅ ଜଳିଲା ନାହିଁ । ସବୁଦିନ ପରି ଲୋକେ ବସି ଜନପଦର ଦୁଃଖସୁଖ ଆଲୋଚନା କଲେ ନାହିଁ । ମନୁଷ୍ୟ ସମାଜ ଆଡ଼େଇ ହୋଇ ରହିଲା । ନୀରବରେ ବସି ପ୍ରଦ୍ୟୁମ୍ନ ଆପଣା ଜ୍ୱାଳାରେ ଛଟପଟ ହୋଇ ବସିରହିଲା ପଥର ପରି । ରାତି ବଢ଼ିଗଲା ।

Digitized by srujanika@gmail.com

କେତେବେଳ ପରେ—ସଂସାରର କଳରବ ସେତେବେଳେ ଶାନ୍ତ ହୋଇ ଯାଇଛି; ସମସ୍ତେ ଶୋଇଲେଣି; ଆକାଶରେ ଉଇଁଲା ଗୋଟାଏ ଅଧା ଜହ୍ନ । ଘନଶ୍ୱାସରେ ଧ୍ୟାନ ଭାଙ୍ଗି ଦେଇ ପ୍ରଦ୍ୟୁମ୍ନ ନୂଆ ଦୃଷ୍ଟିରେ ପଦାକୁ ଚାହିଁଲା । ପଥରର ମେଘମାଳା ପୁଣି ମନୁଷ୍ୟ ହୋଇ ତାର ଦୃଷ୍ଟିରେ ଚହଟିଛି । ବାହାରେ ଜହ୍ନ ରାତରେ ସଜାହୋଇଛି ତାର ମିଳନର ଆୟୋଜନ । ରଙ୍ଗମଞ୍ଚ ଶୂନ୍ୟ; ସଂସାର ଶୂନ୍ୟ; ମେଘମାଳା ନାହିଁ । ସଙ୍ଘର ଉପଦେଶ ଅନ୍ତର ଭିତରୁ କେତେବେଳୁ ପାଶୋର ଗଲାଣି । ନଗ୍ନେଲା ରାତରେ ସେ ବୌଦ୍ଧ ଅନୁଶାସନରେ ଦୀକ୍ଷିତ ଗଣତନ୍ତ୍ର ସଙ୍ଘର ସଭ୍ୟ ଆଉ ନୁହେଁ; ସେ କେବଳ ଆପଣା ବ୍ୟକ୍ତିତ୍ୱରେ ଆଚ୍ଛନ୍ନ; କାମନାର ଉଚ୍ଛ୍ୱାସ । ବୁଝୁଛି ତାର କେହି ନାହିଁ; ତାର କିଛି ନାହିଁ । ସଂସାର ତାକୁ ଆଶ୍ରୟ ଦେଇନାହିଁ; ଜୀବନ ତାକୁ ଶାନ୍ତି ଦେଇନାହିଁ । ଶିଳ୍ପୀସୁଲଭ କଳ୍ପନାମୟ ଚିନ୍ତାରେ ଅଭିମାନ ଚହଟାଇ ପ୍ରଦ୍ୟୁମ୍ନର ମନ ଝଂକାର ତୋଳୁଛି— ସଂସାରରେ ତାର କିଛି ନାହିଁ, ସଂସାର ତାକୁ ବୁଝେ ନାହିଁ ।

ସଂସାର ଛାଡ଼ିବାର ରୂପକ କଥା ପରି କେତେବେଳୁ ସେ କେବଳ ହୋଇ ଅବ୍ୟକ୍ତ ଅବସ୍ଥାରେ ଛାଡ଼ିଣି ଛାଡ଼ି ଆପଣାର କୁଡ଼ିଆ ଛାଡ଼ି ପଦାକୁ ବାହାରି ଯାଇଥିଲା ତାର ହୋସ ନାହିଁ । ତଥାପି ଲେଉଟିନି; ଦେଖିଲା ସେତେବେଳେ ସେ ବହୁଦୂର ପାହାଡ଼ର ପଦତଳେ ଠିଆ ହୋଇଛି । ସାମ୍ନାରେ ଦୁର୍ଭେଦ୍ୟ ବଣ । ତାହାରି ଭିତରେ ଉପରକୁ ବାଟ ପଡ଼ିଛି ମୂର୍ତ୍ତି ଗଢ଼ାଳିମାନଙ୍କ ପାଇଁ । ଜହ୍ନ ଆଲୁଅରେ ଅଧେ ଝଲକଜଳ ଅଧେ ଅନ୍ଧାର ହୋଇ ପର୍ବତ ତଳେ ତ ଧ୍ୱଂସଜନ୍ତୁ ପରି ସୁନ୍ଦର ଦିଶୁଛି; ନିଶ୍ୱାସ ରୋଧି ଅପେକ୍ଷା କରୁଛି ଯେପରିକି ସବୁମାନ କେବଳ ତାହାରି ପାଇଁ ।

Digitized by srujanika@gmail.com

ଏକ୍ଷଣରେ ମନରେ ଆଗ୍ରହ ବଳିଲା । କାରଣ ତାଙ୍କ ମନର ଅବସ୍ଥା ଏପରି ଯେ ଗହନ ମନରେ ସେ ଆପଣାକୁ କଷ୍ଟ ଦେବାକୁ ଇଚ୍ଛା ପୋଷିଛି । ଯାହା ସେ ଉଦ୍ଦେଶ୍ୟର ସହାୟକ ତାହା ତାକୁ ରୁଚିକର । ଯବଦ୍ୱୀପର ଏ ଆଦିମ ବଣ । ଏଠି ଗଣ୍ଡାର ଅଛନ୍ତି, ବାଘ ଭାଲୁ ଅଛନ୍ତି, କଣ୍ଟାଝଣ୍ଟା ବିପଦ ଆପଦ ପଦେ ପଦେ । ସଂସାର ଜାଣିବ ନାହିଁ; କେହି ବାଧା ଦେବେନାହିଁ । ଧ୍ୱଂସକାମୀ ଅଭିଳାଷ ତାର ଉଦ୍ଦେଶ୍ୟରେ ଲୀନ ହୋଇଯିବ । ସୁଗମ ନବାଣର ପଥ ଏହି ବରବୁଦୁର ବାଟ । ଆଚ୍ଛନ୍ନ ଅବସ୍ଥାରେ ବାଟ କଟିଗଲା କେତେ ଘଣ୍ଟା, ଜଙ୍ଗଲ ପାରିହୋଇଗଲା, ଉପରକୁ ସଫା ତଳୁଆ ପଥର କଟାହୋଇ ଥୁଆ ହୋଇଛି, ସାତ ପରସ୍ତ ହୋଇ ବରବୁଦୁର । ଥାକ ଥାକ ହୋଇ ଜୀବନର ଲୀଳାଖେଳା, ମୂକ ମୂର୍ତ୍ତିମୟ ପୃଥିବୀ । ଜହ୍ନ ଆଲୁଅରେ ସେ ମାୟାଲୋକ । କେତେ ମୂର୍ତ୍ତି ସମ୍ପୂର୍ଣ୍ଣ ହେଲାଣି, କେତେ ଅସଂପୂର୍ଣ୍ଣ ଅସରନ୍ତି ପ୍ରବଣତା ଯେମିତି ଖଣ୍ଡିଆ ହାତ ଗୋଡ଼ ମୁହଁ ଆଖିର ଗୁଚ୍ଛ କଟାହୋଇ ଖେଳାହୋଇ ରହିଛି । ସହସ୍ର ଶିଳ୍ପୀ ହାତର କାରୁକାମ, ତାର ସମସ୍ତ ମଜ୍ଜା ସେ ପଥର । ଆପଣା ଅଭିଜ୍ଞତାର ଦିବ୍ୟଚକ୍ଷୁ ମଣ୍ଡିହୋଇ ସାଧାରଣ ପୃଥିବୀ ଉପରେ କେଉଁ ରୂପରେ କେଉଁ ଛନ୍ଦରେ ମୁଗ୍ଧ ହୋଇ କେଉଁ ନାଁ ଜଣାନାହିଁ; କାରିଗର ତାର ଜୀବନର ଶ୍ରେଷ୍ଠତମ ଅନୁଭୂତି ପାଇଥିଲା । ହୃଦୟରେ ସଞ୍ଚି ରଖିଥିଲା, ଏଠି ତାକୁ ପ୍ରସବ କରିଛି । ସେହି ତାର ମାନସ-ସନ୍ତାନ ଏହି ପଥର । ଗର୍ଭଯନ୍ତ୍ରଣା ସେ ଶିଳ୍ପୀର ପ୍ରସବ ବେଦନା । ତାର ଜାଗ୍ରତ ଓ ସୁଷୁପ୍ତ ଅବସ୍ଥାକୁ ଆଚ୍ଛନ୍ନ କରି ରଖେ । ଗର୍ଭରୁ ଶିଶୁ ଚହଲ ପକାଏ—ମତେ ପ୍ରକାଶ କର, ମତେ ପ୍ରକାଶ କର ।

Digitized by srujanika@gmail.com

ସଜାହୋଇ ରହିଛନ୍ତି ମୂର୍ତ୍ତି, ଖୋଦିତ ଶବ; ତାଙ୍କର ସମାଜ । ବରବୁଦୁର ନିସ୍ତବ୍ଧ ।

ପ୍ରଦ୍ୟୁମ୍ନ ଭୂଗର୍ଭସ୍ଥ ସ୍ତରରେ ଯାଇ ପହଞ୍ଚିଲା । ଚେତନାର ଆଚ୍ଛନ୍ନ ଭାବ କଟିଗଲା ଥଇଟିଏ । ଦେଖିଲା ତାର ଗାଁର ସେ ବରଗଛ ଓହଳ ସନ୍ଧିରେ ଠିଆହୋଇ ରହିଛି ମେଘମାଳା । ଜହ୍ନ ଆଲୁଅ ପଡ଼ୁଛି, ନିଶବଦ ସ୍ୱପ୍ନ ।

ହଠାତ୍ ତାର କଣ ହୋଇଗଲା; ତୋଫାନ ବେଗରେ ଓଲଟି ଗୁଲିଲା ଶବ ପରେ ଶବ । ଜହ୍ନ ଆଲୁଅ ନିଭିଗଲା, ଚଉଦିଗ ଘେରି ହତାଶାର କଳା ଅନ୍ଧାର । ସେ ସଂକେତ ଦେଉଛି ଲୀନ ହୋଇଯା, ଲୀନ ହୋଇଯା । ହୃଦୟରେ ଅସମ୍ଭାଳ କରୁଣର ବେଗ । ସେ ଚିତ୍କାର କରୁଛି ଲୀନ ହୋଇଯିବ, ଲୀନ ହୋଇଯିବ । ଲୁହଭରା ଆଖିରେ ଦେଖୁଛି ଇନ୍ଦ୍ରଜାଲ । ଗଭୀର ନିଶ୍ୱାସ ଆପଣା ପିଣ୍ଡକୁ ଖଣ୍ଡ ଖଣ୍ଡ କରି ବାହି ଲାଗିଛି ଦ୍ରୁତରୁ ଦ୍ରୁତତର । ଉଚ୍ଛାଟ ହୋଇ ପ୍ରଦ୍ୟୁମ୍ନ ସେ ଭୂଗର୍ଭସ୍ଥ ସ୍ତରର ବାଡ଼ାଆଡ଼କୁ ଧାଇଁଗଲା ।

ଏହି ବରବୁଦୁର୍ ପାହାଡ଼ଭିତ୍ତି କରି, ତଳକୁ ପାତାଳ ଛୁଣ୍ଡିଛି । ଏବନବେଳେ ଦେଖିଲେ ମୁଣ୍ଡ ବୁଲେଇ ଦିଏ । ବାଡ଼ାରୁ ଓହଳ ଆଖିବୁଜି ଗୋଟାଏ ଡିଆଁ; ତାପରେ 'କଳେବରସ୍ୱ ନଖେଖପୋ' । ଏ ଦେହ ଫୋପାଡ଼ି ଦେଇ ଏ ଜନ୍ମର ସବୁ ଆକାଂକ୍ଷାମଣ୍ଡିତ ହୋଇ ପ୍ରାଣ ବା ଚିତ୍ତ ଖଲାସ ହୋଇ ଉଡ଼ି ଗ୍ଭଲିଯିବ ନୂଆ ଜନ୍ମ ଘେନିବାକୁ । ହୁଏତ ସେ ଜନ୍ମରେ ଶୈବ—ବୌଦ୍ଧ ବୋଲି ଏତେ ପ୍ରତିବନ୍ଧକ ନ ଥିବ; ନ ଥିବ ଏ ନିରାଶାର ବ୍ୟଥା ।

ଚଞ୍ଚଳ ଚଞ୍ଚଳ ଶେଷଥର ପାଇଁ ଜୀବନର ସବୁ ସ୍ମୃତି ମନେ ପଡ଼ିଗଲା; ସବୁଥିରେ ନିରାଶାର ବକ୍ତୃତା । ଶେଷଥର ଲାଗି ପଥର

Digitized by srujanika@gmail.com

ବାଡ଼ା ଉପରୁ ପ୍ରଦ୍ୟୁମ୍ନ ତାର ହାତଗଢ଼ା ମୂର୍ତ୍ତି ଆଡ଼କୁ ଚାହିଁ ଦେଲା । ତତ୍କ୍ଷଣ ହୋଇ ଆଖିରେ ବନ୍ଧ ଛୁଟି ମୁହଁପଟୁ ଜହ୍ନ ଆଲୁଅ, ଉପରକୁ ଦୃଷ୍ଟି ଚଢ଼ିଗଲା । ସ୍ତବ୍ଧ ହୋଇ ଦେଖୁ ଛନ୍ଦିଗ୍ରନ୍ଥି ଜହ୍ନ ରାତିରେ ପ୍ରଦ୍ୟୁମ୍ନ ଦେଖିଲା ସାତ ସ୍ତର ଉପରେ ସେହି ବିରାଟ ପ୍ରସ୍ତର ବିରାଟ ଆଲୁଅରେ ଜୁଡ଼ୁବୁଡ଼ୁ ହୋଇ ଠିଆହୋଇ ରହିଛି ପ୍ରକାଣ୍ଡ ବୁଦ୍ଧମୂର୍ତ୍ତି । ଅଭୟ ମୁଦ୍ରାରେ ଡାହାଣ ପାପୁଲି ଟେକି ରହିଛି; କହୁଛି ଯେପରିକି 'ରହ ରହ, ଶୁଣ—'

ମନ୍ତ୍ରମୁଗ୍ଧ ହେଲାପରି ଧୀରେ ଧୀରେ ପ୍ରଦ୍ୟୁମ୍ନର ମୁହଁ ଉପରକୁ ଟେକି ହୋଇଗଲା । ଉପରେ ନିଶ୍ଚଳ ହୋଇ ତାହାରି ଆଖିକୁ ଚାହିଁ ଠିଆହୋଇଛନ୍ତି ସେ । ଆଦିବୁଦ୍ଧ, କାଳଜୟ; "ଶୁଣ ଶିଳ୍ପି; ଏ କଣ କରୁଛ ! ଅବିଦ୍ୟାରେ ପଡ଼ି ଇନ୍ଦ୍ରିୟ ମନର ସ୍ପର୍ଶ ଜନିତ 'ଫସ୍ସୋ'ର ଫାନ୍ଦିପାଇ ଅସରନ୍ତି ଶୋଷମୟ 'ତନହା'ର କବଳରେ ପଡ଼ି ତୁମେ ବିକଳ ହୋଇଛ । ଏ କଣ କରୁଛ— 'ଅବିଜ୍ଜା'ରେ ମୋହଗ୍ରସ୍ତ ହୋଇ ସାଧାରଣ 'ପଞ୍ଚଶୀଳମ୍'ର ପ୍ରଥମ ଶୀଳକୁ ଭଙ୍ଗକରି ତୁମେ ଆତ୍ମହତ୍ୟା କରିବାକୁ ଯାଉଛ ! ଏହି କଣ କଳାକାରର ଆଦର୍ଶ ?

ଶୁଣ ଶିଳ୍ପି ! ଦୁଃଖ ମଧ୍ୟ ଅନିତ୍ୟ, ସସୀମ । ସମ୍ଭବଶୀଳ ତାର ହେତୁ । ଦୁଃଖ ମଧ୍ୟ କ୍ଷୟଶୀଳ, ମରଣଶୀଳ, ନିର୍ବାଣରେ ସେ ଧ୍ୱଂସ ପାଏ । ଦୁଃଖକୁ ମଧ୍ୟ ନିର୍ମୂଳ କରିବା ସମ୍ଭବ । ଦେଖ, ମୁଁ ଅମୃତ ପାଇଛି— 'ନିର୍ବାଣମ୍ ଅମତଂ ପଦଂ' ।

ଅଭିଭୂତ ହୋଇ ଚାହିଁ ରହିଲା ଘଡ଼ିଏ ।

ଆଖିରେ ନୂଆ ଆଲୁଅ ଖେଳୁଛି ।

ମନ ଫେରିଗଲା । ବାଡ଼ା କରରୁ ଲେଉଟି ଯାଇ ପ୍ରଦ୍ୟୁମ୍ନ ଠିଆହେଲା ମେଘମାଳା ମୂର୍ତ୍ତି ଆଗରେ । ଅନ୍ତରରେ ନୂଆ ବାଣୀର

Digitized by srujanika@gmail.com

ଚେତନା ଚହଟିଛି । ଭାବିଲା, ସେ ମୁକ୍ତ ହୋଇଛି । ଦେହ ଥଣ୍ଡା ହେଲା । ସ୍ନାୟୁରେ ପଥରର ସଂଯମ । ମନକୁ ପଚାରିଲା, କାହିଁକି ତାର ଦୁଃଖ ହୋଇଥିଲା । କି ବିଚ୍ଛେଦ ତାର ଓ ମେଘମାଳାର ? ମେଘମାଳା ତାର ମୁକ୍ତ ଚିତ୍ତରେ ମିଶି ରହିଛି—ଆଦିବୁଦ୍ଧ ବଜ୍ରଧରଙ୍କ ସହିତ ପ୍ରଜ୍ଞାପାରମିତା ରହିଲା ପରି । ଯେଉଁଠି ସେ ସେଠି ତାର ମେଘମାଳା; ଦୁହେଁ ଅଭେଦ୍ୟ । ସେ ଶିଳ୍ପୀ, ସେ ସ୍ରଷ୍ଟା—କାୟାର ପାର୍ଥକ୍ୟକୁ ସେ ସ୍ୱୀକାର କରେନାହିଁ । ସେ ସୂକ୍ଷ୍ମଦେହୀ—ସ୍ଥଳ ବା କାଳର ବ୍ୟବଧାନକୁ ସେ ସ୍ୱୀକାର କରେନାହିଁ । ମେଘମାଳା ତାର ଅନ୍ତରରେ ।

ଯେତେଦିନ ଥିବ ସେତେଦିନ ଗଢ଼ିଲାଗିଥିବ ଅସଂଖ୍ୟ ମେଘମାଳା; ସେହି ତାର ମିଳନ—ସେହି କ୍ରିୟା, ସେହି ସୃଷ୍ଟି । ଅତି ନିଭୃତ ଅତି ପରିବ୍ୟାପ୍ତ ସେ ଆନନ୍ଦ; ସାଧାରଣ ପାତ ପ୍ରସ୍ତରଠୁଁ ଉପରେ । ଆଜି ଗୋଟିଏ ମୂର୍ତ୍ତି ସରିଛି । କାଲି ପୁଣି ଆଉ ଗୋଟିଏ—ନୂଆ ଭାବ, ନୂଆ ଶୈଳୀ । ଏହିପରି ଏହି ସମୁଦ୍ର ଦ୍ୱୀପଯାକ—ଯବ, ମଳୟ, ଶାକଦ୍ୱୀପ ଆଦି ଧରି ସମୁଦ୍ରେ ସମୁଦ୍ରେ; ଯେତେଦୂର ଯାକେ କଳିଙ୍ଗର ନୀଳଚକ୍ର କେତନ ଉଡ଼େ, ପ୍ଲକ୍ଷଦ୍ୱୀପର କଞ୍ଚଗର (କ୍ୟାଣ୍ଟନ୍) ଯାକେ, ପାଞ୍ଚାଳ ଦେଶଯାକେ ହାଣିଲାଗିଥିବ ବଟାଳି ଠକ୍ ଠକ୍ ଠକ୍ ଠକ୍— ତୋଷାଳିର ଶିଳ୍ପୀ ଶିଳ୍ପ ଗଢ଼ୁଥିବ ।

ମୁଣ୍ଡ ଉଞ୍ଚକରି ବେକ ସିଧାକରି ପଥର ସଭା ମଝିରେ ସେ ରହିଗଲା ପଥର ହୋଇ । ତୋଷାଳିର ଶିଳ୍ପୀ ଅମୃତକୁ ଛୁଇଁଥିଲା ।

Digitized by srujanika@gmail.com

ଝଂଝାବତୀ

ଚମ୍ପା ନଗରରେ ଚମ୍ପାବଣ୍ଟାପୁରର ଧ୍ୱଂସର ସ୍ତୂପ ଆଜି ବି ପଡ଼ିରହି ଅନାଗତକାଳର ସ୍ୱପ୍ନରେ ସ୍ପନ୍ଦନ ଆଣୁଛି । ସେଇ ଧ୍ୱଂସର କଣିକା ଏକାଠି ଛନ୍ଦି କେତେ କାଳର ପୁରୁଣା ବରଗଛ ସବୁ ବଡ଼ି ବଡ଼ି ପତ୍ର ଝାଡ଼ୁଛି, ଆପଣାର ଭଉଁର ବଢ଼ାଉଛି । ବିରାଟ ନିମ୍ବଗଛ କେତେ ପୂଜାମନ୍ଦ ସହି ସହି ଯାହାର ପତ୍ରସବୁ ପିତା ହରେଇଛି; ସେ ବି ରହିଛି । ଆଜି ଦାକ୍ଷିଣାତ୍ୟ ଗଜପତିଙ୍କ ବିଖ୍ୟାତ ତୋପ 'ତଲପାଟିଆ' କେତେ ପୁରୁଷ ପୁରୁଷ କେଉଁ ସୁରେଖା ଘାଟିବାଟେ କେଉଁ କଙ୍କଡ଼ା ପର୍ବତ ଖୋଲରେ ଧାଁଧପଡ଼ି ଲଗେଇ ଗର୍ଜି ଗର୍ଜି କ୍ଳାନ୍ତହୋଇ ନିମ୍ବଗଛ ତଳ ଗୁଇରେ ଆଖିବୁଜି ଶୋଇ ରହିଛି । ସମୟର ଆଉଁସା ସହି ସହି ନିଦରେ ଘାରି ହେଉଛି; ମନ କରୁଛି ପୁଣି ସେ ଦକ୍ଷିଣର ନିବୁଜା ଦୁର୍ଗଉପରେ ଆପଣାର ପ୍ରଭାବ ଦେଖାଇବ; ଗଜପତିର ପ୍ରତାପ ଜାରି କରିବ ।

ଏଠି ସେଠି ଗୋଟିଏ ଗୋଟିଏ ମନ୍ଦିର । ସେଥିର ଠାକୁର କେଉଁଦିନୁ ପୂଜା ପାଇ ନାହାନ୍ତି । ଅଶ୍ୱତର ଶ୍ୱେକଲା ଆମ୍ବା-ଗୁଡ଼ାକ ସାଙ୍ଗେ ଏକାଠି ତାଙ୍କର ମେଳ; ଭବିଷ୍ୟତକୁ ଆଖି, ଆଶା ଆଉ ଦିନଗଣା ।

ପଛଆଡ଼େ ବିରାଟ ଆମ୍ବାପର୍ବତ ମେଘର ପଗଡ଼ି ବାନ୍ଧିଦେଇ ଆସନରେ ବସିଛି । ସବୁ ଆଗପରି ଅଛି, କେବଳ ନାହିଁ ଆଗର ସମୟ ।

Digitized by srujanika@gmail.com

ଆଜି ପର୍ଯ୍ୟନ୍ତ ଉତ୍ତ ଗଡ଼ ହେଲାଣି ଭଣ୍ଡାଗେଗଡ଼ା; ସୁରେଖା ଖାଟି ହେଲାଣି; ଧୂକିଖାଟି ନନ୍ଦପୁର ରାଜ୍ୟ ହେଲାଣି କୋରାପୁଟ-ଜମିଦାରୀ; ସେଇ ସମୟର ନୂଆ ନାଁରେ ଚମ୍ପାନଗର ହୋଇ ପଡ଼ିଛି ନାରଣପାଟଣା ।

ଖାଲି ନାଁ ବଦଳେଇ ନାହିଁ ଝଂଝାବତୀ ନଈ । ଆଜି ବି ସେ ହଜାରେ ହଜାରେ ହାତ ଉଞ୍ଚ ପର୍ବତ ଚଢ଼ି ଚଢ଼ି ତୋଫାନ ଛୁଟେଇ ଦେଇ ଝର ଝର ଝରିଆସେ ଦୁଇପାଖର ଘନ ଜଙ୍ଗଲର ଅନ୍ଧାର ଭିତରେ । ଛପି ଛପି ଆସି ଚମ୍ପାନଗରର ଗଡ଼ଆଖାଟରେ ଆଲୁଅକୁ ଫିଟେ,ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଆଖିରେ ଏପାଖ ସେପାଖ ଅନେଇ -ନଇ ପୁଣି ପଥର ଉପରେ ଚରଚର ହୋଇ ଧାଇଁ ପଳାଇଯାଏ ଅତି ପ୍ରାଚୀନ ଅତି ନିବିଡ଼ ଜଙ୍ଗଲ ଭିତରକୁ । ସତେ କି ସେ ବଣମିରିଗଁର କସ୍ତୁରି ଝିଅଟିଏ, ଶୀକାର ଖୋଜ, କନ୍ଦା ଖୋଜ, ପ୍ରଣୟୀ ଖୋଜ ବାହାରିଛି । ସବୁର ଉଦ୍ଦେଶ୍ୟ ପୂର୍ଣ୍ଣ ଯୋଗୁ ପରେ ତାର ଉଦ୍ଦେଶ୍ୟ ପୂରେ ନାହିଁ; ସେ ଧାଇଁଥାଏ ।

ଆଜିକୁ ପ୍ରାୟ ଦୁଇଶହ ବର୍ଷତଳର କଥା; ଝଂଝାବତୀର ଚହଲପାଣିରେ କାଲି ସକାଳପରି । ଆମ୍ବାପର୍ବତର ସ୍ମୃତିମାପରେ କେତେ ବା ତାର କଳନା । ସେଇ ଚମ୍ପାନଗରର ଚମ୍ପାବତୀପୁର ଗଡ଼ରେ ଥିଲେ ଟୋକା ଦାକ୍ଷିଣାତ୍ୟ ଗଜପତି ବିଶ୍ୱମ୍ଭର ଦେବ; ଆଉ ତାଙ୍କ ଦରବାରରେ ଥିଲେ ଦାକ୍ଷିଣାତ୍ୟ ଗଜପତିଙ୍କର ପ୍ରଧାନ ମନ୍ତ୍ରୀ ମାଧବ ଭଞ୍ଜ ମିଶ୍ର ।

ଦୁହେଁ ପଣ୍ଡିତ, ଟୋକା ଆଉ ବୁଢ଼ା । ଦୁହେଁ ବୈଜ୍ଞାନିକ ଦର୍ଶନରେ ଧୁରନ୍ଧର; କିନ୍ତୁ ଉପାଧିଦଗରୁ ଦେଖିବାକୁ ଗଲେ ଦୁହେଁ ଦୁଇମତର, ଅଥଚ ବିଶୃଙ୍ଖଳା ନାହିଁ ।

Digitized by srujanika@gmail.com

ସେଇ ଦୁଇଶହ ବର୍ଷ ତଳେ ଗୋଟିଏ ଉଦାସୀ ଶରତ ସଞ୍ଜରେ ଚମ୍ପାବତୀପୁର ମନ୍ତ୍ରଣାଘରେ ଦୋମହଲା ଉପରେ ମନ୍ତ୍ରୀ ଆଉ ରାଜା, ବୁଢ଼ା ଆଉ ଟୋକା । ସାମ୍ନାରେ ହଂସାବତୀର ବହଳ ନୀଳ ପାଣି ଉପରେ ଜହ୍ନ ପଡ଼ିଥିଲା, ଦୂରକୁ ପର୍ବତରାଜ୍ୟର କଳା ପାଉଁଶିଆ କଳା ହଳଦିଆ ସଞ୍ଜ । ଘରେ ଚୁପ୍‌ଚାପ୍ । ବିଶ୍ୱମ୍ଭର ଆଉଜି ବସିଥିଲେ, ଲମ୍ବା ଆଖିପତା ଅଳ୍ପ ତଳକୁ ଲେଇଥିଲା । ମାଧବ ସିଧା ହୋଇ ବସିଥିଲେ । ଚୌଖୁଣ୍ଟ ଚନ୍ଦ୍ରକରେ ଛାଇ ପଡ଼ି ଯାଇଥିଲା, ଚଉଡ଼ା କପାଳ ଆଉ ପିଙ୍ଗଳିଆ ଆଖିରେ ଯନ୍ତ୍ର ହସଟିଏ ଖେଳୁଥିଲା, ହଂସାବତୀର ଗଣ୍ଡ ଉପରେ ଆକାଶରୁ କୁହୁଡ଼ି ମିଶା ଜହ୍ନ ଆଲୁଅ ପଡ଼ି ।

ମାଧବ ହସି ହସି କହିଲେ—"ମାରିବା ଦରକାର ପଡ଼େ ମହାରାଜ ! ତେଣୁ ମଣିଷ ମାରେ, ଅର୍ଥାତ୍ ଗୋଟାଏ କଳ ଆପେ ରହିବାକୁ ମନ କରି ଆଉ ଗୋଟାଏ କଳକୁ ସ୍ୱର୍ଗ ଦେଇ ବଦଳେଇ ଦିଏ । ସ୍ବାର୍ଥ ନାଁ ହାଣକାଟ, ଯୁଦ୍ଧ, ଯାହା କହନ୍ତୁ । ଏଥିରେ ପାପପୁଣ୍ୟର ବିଚାର ନାହିଁ, ଉଦ୍ଦେଶ୍ୟ ଭଗବାନଙ୍କର ଉଦ୍ଦେଶ୍ୟ; ଉଦ୍ଦେଶ୍ୟହିଁ ସ୍ୱରୂପ ।

ଗମ୍ଭୀର ହୋଇ ରାଜା ବିଶ୍ୱମ୍ଭର କହିଲେ—"ମନ ଅଧ୍ରୁବ, ଆଉ ଏ ସାମ୍ରାଜ୍ୟ ଏତେ ଧ୍ରୁବ ଉଚ୍ଚ ମିଶ୍ର ମହାଶୟ ! ଯେ ଏହାର ରକ୍ଷଣ ପାଇଁ ଏତେପ୍ରକାର କୁଟମତ କରିବାକୁ ହେବ, ଏତେ ମନରେ ଏତେ କଷ୍ଟ ଦେବାକୁ ପଡ଼ିବ, ଏତେ ଦେହକୁ ଧ୍ୱଂସ କରି ସାମାନ୍ୟ ପରିବର୍ତ୍ତନ ବୋଲି ତାଲିକା ପକାଇଦେଲେ ଚଳିଯିବ ?

ମାଧବଙ୍କର ହସ ଲିଭି ଆସିଲା । ଗୁରୁ ଶିଷ୍ୟକୁ ବୁଝାଇଲା ପରି ସହଜ ହୋଇ ସେ କହିଲେ—'କାମ୍ୟ ଅର୍ଥାତ୍ ପ୍ରେୟଃ'

Digitized by srujanika@gmail.com

ସମସ୍ତିଙ୍କର ସମାନ ନୁହେଁ ତ ମହାରାଜ ! ରାଜନୀତିରେ ଶ୍ରେୟଃ କେବଳ ଗୋଟାଏ ବୋଲି ମୋର ବିଶ୍ୱାସ; ସେ ସାମ୍ରାଜ୍ୟ ।

ପୁଣି ଦୁହେଁ ତୁନିତାନି । ତାପରେ ବିଶ୍ୱମ୍ଭର କହିଲେ—"ଏହା ଛଡ଼ା ଭିନ୍ନ ପନ୍ଥା କଣ ଆଉ କିଛି ନାହିଁ ଭଟ୍ଟ ମିଶ୍ର ମହାଶୟ ?"

ଅତି ଗମ୍ଭୀର ହୋଇ ମାଧବ କହିଲେ—"ମନକୁ ଧରିବେ ନାହିଁ ମହାରାଜ ! କହିବା କର୍ତ୍ତବ୍ୟ ଭାବୁଛି, ତେଣୁ କହିବି । ଦର୍ଶନଶାସ୍ତ୍ରର ଧାରଣା ବହୁତ । ଯାହାର ସୁଯୋଗ ଥିବ ସେ ଚିନ୍ତା କରିବ । କାରଣ ସେପରି ଚିନ୍ତା ମଧ୍ୟ ଏକପ୍ରକାର ଆନନ୍ଦ । କିନ୍ତୁ ଆପଣଙ୍କ ପରମ୍ପରା ଦର୍ଶନଶାସ୍ତ୍ରରେ ନାହିଁ; ସେ ଅଛି ସାମ୍ରାଜ୍ୟରେ । ଉତ୍କଳର ଉଜ୍ଜ୍ୱଳ ଅତୀତକୁ ଦେଖନ୍ତୁ, ସେଠି ଦର୍ଶନଶାସ୍ତ୍ର ବାଧାଦେଇ ନ ଥିଲା । ତାହାହେଲେ ବିଦେଶକୁ ବୋଇତ ଯାଇ ନ ଥାନ୍ତା । ଯାଭା; ବାଲି, ସୁମାତ୍ରା, ଆଷାଢ଼ା, କାମାଖ୍ୟାରେ ଉତ୍କଳୀ ଉପନିବେଶ ବସି ନ ଥାନ୍ତା ଲକ୍ଷ ଲକ୍ଷକୁ ତରିଥିଲେ । ତାହାହେଲେ ଏତେ ଦୁର୍ଗ ତିଆରି ହୋଇ ନ ଥାନ୍ତା, ଏତେ ମନ୍ଦିର ଆକାଶକୁ ମୁଣ୍ଡ ଟେକି ନ ଥାନ୍ତା । ଖାରବେଳଙ୍କ ମଗଧ ବିଜୟର ଯଥେଷ୍ଟ ପ୍ରତିଶୋଧ ନେଇଥିଲେ ଅଶୋକ; ଓଡ଼ିଶାକୁ ନିଷ୍କେଷିତ କରି ନୁହେଁ, ମହାରାଜ ! ଓଡ଼ିଆକୁ ବୌଦ୍ଧ କରି ନିରସ୍ତ୍ର କରି । ବହୁ ବର୍ଷ ତଳୁରୁ ଆହୁରି ଥରେ ନେପଥ୍ୟପଥ ସମସ୍ତ ଆସିଛି ବଙ୍ଗମୂଳରୁ ବଙ୍ଗୀୟ ଗୋପୀଭାବ ଧର୍ମ ପୁଣି ନର୍ତ୍ତନ କରୁଛି ଓଡ଼ିଆଙ୍କୁ । ଝାଞ୍ଜ ମୃଦଙ୍ଗ ସଂକୀର୍ତ୍ତନ ତ ଏ ଦେଶକୁ ନୂଆ ନୁହେଁ ମହାରାଜ ! ଆମେ ସୃଷ୍ଟି ଶେଷରେ ଉତ୍ସବ କରି ନାଚୁଁ । କିନ୍ତୁ ପୁରୁଷ ହୋଇ ନାଚୁଁ; କେବେ ଗୋପୀ ହୋଇ ନାଚି ନାହୁଁ । ଏ ନୂଆ ନାଚରେ ପ୍ରଶ୍ନ ଆସୁଛି ଓଡ଼ିଆର ସାମ୍ରାଜ୍ୟ

Digitized by srujanika@gmail.com

ନାହିଁକ ଦରକାର ? ହାୟ୍, ମହାରାଜ ! ଆମର ବଳିଷ୍ଠ କଳଙ୍ଗୀ ଦେହ, କଣ୍ଟାଳିଆ ଚିବୁକ, ଗମ୍ଭୀର ସ୍ୱର—କାଶ୍ମୀର ପ୍ରେମିକପରି ଆମେ ପୁରୁଷ ହୋଇ ଦେଖାଇଦେବୁ ? ଆମେ ଯୋଦ୍ଧା ଜାତି । ଯାହାଙ୍କର ଚିକ୍କଣ ଚିବୁକ, କୋମଳ ମସୃଣ ଗଠନ ତାର ସ୍ୱର; ନାଚନ୍ତୁ ସେମାନେ ମନ ଇଚ୍ଛା । ଆମେ ଉତ୍ସାହ ଦେବୁ; କିନ୍ତୁ ସେ ସବୁ ଆମକୁ ନ ହେଉ । ଆମ ସାମ୍ରାଜ୍ୟର ଉଦ୍ଦେଶ୍ୟ ପଗ୍ଭରନ୍ତୁ ନାହିଁ । ଓଡ଼ିଆର ସାମ୍ରାଜ୍ୟ ଆଉ ଓଡ଼ିଆର ସ୍ୱାଧୀନତା ଏକ, ପିଲ୍ଦିନୁ ମୁଁ ଶିଖି ଆସିଛୁ ।

ଭଞ୍ଜ ମିଶ୍ର ବିଦାୟ ନେଲେ । ଅଳ୍ପ ଦୂରରେ ଝଂଝାବତୀ କୂଳରେ ସୈନ୍ୟ ଆଳୟ । ଆଗରେ ଗୋଟାଏ ବଡ଼ ନିଆଁ ଜଳୁ-ଥାଏ; ଆଉ ସଂକୀର୍ତ୍ତନ ଲଗି ଥାଏ—'ଆଗେ ଗଡ଼ର ଗ୍ଭଲେ ଡଳିଏ ଡଳିଏ' । ଲଡ଼ୁଆ ପାଇକଙ୍କ ଯାଗଣ୍ଡା ଭଙ୍ଗିରେ ନାଗ୍ଭ-କଣ୍ଠ ଅନୁକରଣ ବଡ଼ କରୁଣ ଫଳ ଫଳାଉଥାଏ । ଭଞ୍ଜ ମିଶ୍ରେ ଅଟକ ଠିଆହେଲେ । ଏତେ ସ୍ୱରର ସମବେତ ଝଙ୍କାର ମନକୁ ଦୋହଲାଇ ଦେଲା ଟିକିଏ । ସମ୍ଭାଳ ନେଇ ପାଖକୁ ଯାଇ ଭଞ୍ଜ ମିଶ୍ର ଗର୍ଜନ କଲେ—'ଦଳପତି ଦଣ୍ଡସେନା' ! ଗଡ଼ର ନିଶା ଗ୍ଭଡ଼ିଗଲା । ଝାଞ୍ଜ ମୃଦଙ୍ଗ ତଳେ ଫୋପାଡ଼ି ଦେଇ ସୈନ୍ୟମାନେ ଠିଆହୋଇ ପଡ଼ିଲେ । ଦଳପତି ଦଣ୍ଡସେନା ଆପଣାର ଆସନ ଦେଇ ଠିଆହେଲେ । ସମସ୍ତେ ଭଞ୍ଜ ମିଶ୍ରଙ୍କୁ ସୈନିକ ପଦ୍ଧତିରେ ଅଭିବାଦନ କଲେ । ଭଞ୍ଜ ମିଶ୍ରେ ଗର୍ଜନ କଲେ—"ଦଳପତି ଦଣ୍ଡସେନା ! କାଲି ତୁମ୍ଭର ବଗୁଡ଼ ହେବ ଏଥିପାଇଁ ।"

ଭଞ୍ଜ ମିଶ୍ରେ ଗ୍ଭଲିଗଲେ । ସଂକୀର୍ତ୍ତନ ବନ୍ଦ ହୋଇଗଲା । ଦୋ'ମହଲା ଉପରେ ମନ୍ତ୍ରଣା ଘରେ ସଂକୀର୍ତ୍ତର ଆବେଶ ଗ୍ଭଙ୍ଗି ଯିବାରୁ ମହାରାଜା ହଠାତ୍ ଚମକି ପଡ଼ିଲେ । ନିଶା ବଢ଼ ଗ୍ଭଲିଛି ।

Digitized by srujanika@gmail.com

ଜହ୍ନ ଆଲୁଅ ପରିଷ୍କାର ହେଲାଣି । ଉପର ନଅରର ଖୋଲା କବାଟ ସେପାଖେ ବିସ୍ତୃତ ସହରର ଗୃହଚୂଆ; ସେଥିରେ ଛବିର ଢେଉ ହୋଇଲେ, ଧୋଇଲେ ।

ସଂଝାବତୀ ଉପରେ ସହରର ଚଢ଼େଇ ବିକଳ ହୋଇ କାନ୍ଦି ବୁଲିଲା । ନଗର ଭିତରେ ପହରର ଭୟ ଲୁଗୁଉଥିବା ରକ୍ଷୀ ରହିକା ଚିତ୍କାର, ପାହାଡ଼ ଉପରେ ପାରିଧିରେ ଗୁଳିଥିବା ମହା-ବଳର କୋବାଳ ପରି । ମଝିରେ ମଝିରେ ଦୂର କନ୍ଧ ପଲ୍ଲିରୁ ଠାଇଁ ଠାଇଁ ବାଜା, କ୍ଷେତ ଜଗୁଆଳିଙ୍କ ଶିଙ୍ଘା ଶବ୍ଦ । ହେଇ, କେଉଁଠି ସହରର ନିର୍ଜନତା ଭିତରେ ଘୋଡ଼ିଆ ନାଚ ଲାଗିଛି । ମାଳା ପରି ଗୁନ୍ଥି ହୋଇ ପଇଜାଡ଼ିଏ କୁହୁଡ଼ିଆ ଜହ୍ନର ଆଲୁଅରେ ପକ୍ଷ ମେଲି ଦେଇ ଝଙ୍କା ବରଗଛ ତଳେ ଉଡ଼ି ବୁଲୁଥିବେ । ଆଉ ଝରପାଖେ ଏ ଖୋଲା ଲଙ୍ଗଳା ପ୍ରକୃତି ଖାଲି କୁଦ କୁଦ, ଆଉ ଖାଲ ଖାଲ, ସର୍ଜନର ରହସ୍ୟ ଲୁଚାଇ ରଖି ଆକର୍ଷଣହିଁ ବଢ଼ାଇ ଲାଗିଥାଏ । ମହାରାଜ ଆପଣାଭୁଲା ହୋଇ ଠିଆହୋଇ ରହିଲେ । ଗୋଟାଏ ପାଖେ ଭୋଗ ଆଉ ଯୌବନ; ସ୍ମୃତି ଆଉ ସର୍ଜନ, ସେଇ ସଭ୍ୟତା । ଆରପାଖେ ରାଜମାତ; ବୃଦ୍ଧ ଉପାୟ—ସାମ୍ରାଜ୍ୟ, ନିର୍ମମ କଠୋରତା । ମହାରାଜା ହଠାତ୍ ଭିତରକୁ ଆସି କବାଟ ବନ୍ଦ କରିଦେଲେ, ଏ ପାଖ ସେପାଖ ଛଟପଟ ହେଲାପରି ଘରଥର ବୁଲି ପୁଣି କବାଟ ଖୋଲିଦେଲେ; କାକର ଆଉ ରାତି ଭୁଲିଯାଇ ଜହ୍ନ ଆଲୁଅରେ ଠିଆହୋଇ ରହିଲେ ବହୁତ ସମୟ ।

ଭଟ୍ଟ ମିଶ୍ରେ ଘରେ ନ ପହଞ୍ଚୁଣୁ ଝିଅଟିଏ ଆସି ପହଞ୍ଚିଲା ଆଖି ମଳ ମଳ । ଆଞ୍ଜୁଳା ଆଞ୍ଜୁଳା ନଦ ଦୁଇ ହାତରେ ସେ ପୋଛୁ ଫୋପାଡ଼ ଦେଉଥାଏ । "ଗୌର ଶୋଇ ଜାହୁ ମା—"

"ତୁମକୁ ଶୋକ କରେ ନାହିଁ ନନା ? ଏତେ ଡେରି !"

Digitized by srujanika@gmail.com

"ହଲ ଚୈତନ୍ୟ ଧର୍ମ ଆସିଲା ମା, ସମସ୍ତେ ଖାଲି ଝାଞ୍ଜ ମୃଦଙ୍ଗ ଆଉ ସଂକୀର୍ତ୍ତନରେ ଭୋଳ, ସାମ୍ରାଜ୍ୟ ବୁଡ଼ିବାକୁ ବସିଲା । ଯେଉଁଦିନୁ ଏକାନ୍ତରେ ରାୟ ରାମାନନ୍ଦ ପଟ୍ଟନାୟକେ ଗୋଦାବରୀ କୂଳରେ ଖଣ୍ଡା ସାଙ୍ଗ ଫୋପାଡ଼ ଦେଇ ଗୋପୀଭେକ ଧରି ଚଳାଇ ଗଲେଣି, ତାଙ୍କ ପଛେ ପଛେ କେତେ ପାଣିଫାଟି ଯାଉଛି । ଏବେ ସୈନିକ ଶିବିରରେ ସୁଦ୍ଧା ଗୌର ନଚାଇ ! ଗଲା, ଓଡ଼ିଆର ସମ୍ରାଜ୍ୟ ବୁଡ଼ିଲା, ଏଣିକ ଦାସତ୍ବ ।"

"ତୁମେ କଣ ଭାବୁଛ ନନା ସବୁ ଦିନେ ଖାଲି ଯୁଦ୍ଧ ମାରବାଜା; ଆଉ ହୋହା ଲାଗିଥାନ୍ତା ? ପୃଥ୍ବୀ କଣ କେବେହେଲେ ଶାନ୍ତି ଶିଖନ୍ତା ନାହିଁ ! ମଣିଷ କେବେ ଘୃଣା କରିବା ଭୁଲି ଭଲ ପାଇବାକୁ ଶିଖନ୍ତା ନାହିଁ ! ତୁମେ ପରା ବୁଝୁଥିଲ ନନା, ସଂସାର ବଦଳି ଆସିଛି । ତେଣୁ ଗୋଟାଏ ଅବତାର ଅନ୍ୟ ଅବତାରଠୁଁ ଭିନେ । ତୁମ ବେଳେ ହୁଏତ ଭଗବାନ ଧର୍କୁଟୀ ଅବତାର ଥିଲେ । ଦିନାକେତେ ଏବେ ସୌମ୍ୟ କୃଷ୍ଣ ଅବତାର ହୁଅନ୍ତୁ, ଆମର ଆପତ୍ତି କାହିଁକି ?"

"କୃଷ୍ଣ ଅବତାର ସୌମ୍ୟ ଗୌର ! ତେବେ ଅଘା ବକା ଶକଟା କଂସ ଏମାନଙ୍କୁ ମାରିଲା କିଏ ? କିଏ ଲଗାଇଲା କୁରୁପାଣ୍ଡବ ଯୁଦ୍ଧ, ସୃଷ୍ଟି ଧ୍ବଂସ କଲା କିଏ ? ଆଜି ଏ ମୂର୍ଖମାନେ, କୃଷ୍ଣଙ୍କର ଚରିତ୍ରକୁ ଧ୍ୟାନ କରିବାକୁ ଏମାନଙ୍କର ପ୍ରବୃତ୍ତି ନାହିଁ; ତେଣୁ ମୁରଲୀ ଆଉ ଗୋପୀମାନଙ୍କ ଅଶ୍ରୁ । ହାୟ୍ ହାୟ୍, କି ଦୁର୍ଭାଗ୍ୟ କଳିଙ୍ଗର । ଶୋକ ଭାବପ୍ରବଣ ରାଜା ବିଶ୍ୱମ୍ଭର, କାଲିକାର ପିଲା, ସେଇ ଦାକ୍ଷିଣାତ୍ୟ ଗଜପତି । ଆଜି ତାର ଜନ୍ମ ଏ ଦୂଷିତ ଗୋପୀଭାବ ଭକ୍ତିଭାବର ଧାରଣା ଭିତରେ । ଯାଉଛି ପ୍ରାଣ ଫାଟିଯାଉଛି, ଯୋଦ୍ଧାର ରକ୍ତର ପ୍ରତି ବିନ୍ଦୁରେ ସଂକୀର୍ତ୍ତନର ଗୀତ ।"

Digitized by srujanika@gmail.com

ବାପ ଝିଅ ଦୁହେଁ ବସିପଡ଼ି ତର୍କ କରୁଥିଲେ । ଏହିପରି ପିଲାଦିନୁ ସେ କୌଶଳକୁ ପାଳି ଆଣିଛନ୍ତି ଆପଣାର ସମାଜମ୍ନ କରି । ଦର୍ଶନଚର୍ଚ୍ଚା ପଢ଼ିଲେ ରୋଗ ଭୋକ ଶୋଷ ଭୁଲିଯାଏ । ତାର ପିତୃପୁରୁଷଙ୍କ ପରି ତର୍କ ଭିତରେ ସେ ଈଶ୍ୱର ନିମନ୍ତ୍ରଣ ପାଏ, ହାତଆର ପକେଇ ନେଇ ଲଢ଼େ ।

ଶରତ୍ ଗଲା, ଶୀତ ଆସିଲା । ତାର ସୂଚନା ଦଣ୍ଡ ବଣରେ ଫୁଟିଲା ଧାତକୀର ଜୁଳା ଜୁଳା ନିଆଁ; ଗିର୍ଲିଫୁଲର ଟୁଲିଙ୍ଗ, ଘର ପାଖର ସମତଳ ଆଉ ପାହାଡ଼ କ୍ଷେତରେ ଏକା ସାଆରେ ଉଜ୍ଜ୍ୱଳ ହଳଦିଆ ଅଳସି ଫୁଲର ଜକ ଜକ; ପାହାଡ଼ ଦେଶର ଶୀତର ପୋଷାକ । ସକାଳୁ ଶୀତୁଆ କାକର ଝଡ଼ପଡ଼େ, କେବେ ଗୁଣ୍ଡା ଗୁଣ୍ଡା ବରଫର ଧୂଳି । ତା ପରେ ଘରଆଡ଼େ କୁହୁଡ଼ିପୂର୍ଣ୍ଣ ହୋଇଯାଏ । ପରେ ଅତି ନାଲି ଶୀତର ସୂର୍ଯ୍ୟ ପାହାଡ଼ ଚଢ଼େ; ରଙ୍ଗ ରଙ୍ଗ ନିଦୁଆ ଆଖିରେ ବଣଦେଶ ଘୂରିଁ ଘୂରିଁ ହୋଇ ଅନାଏ । ଦିପ୍ରହରେ ହଳଦିଆ ଅଳସି ଆଉ ଶୀତଳ ଖରା ଏକାଠି ଆଉଟି ହୋଇ ମିଶି ଯାଆନ୍ତି । ସଞ୍ଜ ପଡ଼େ, ପୁଣି କୁହୁଡ଼ି; ବହଳ କୁହୁଡ଼ି ଲଦିହୋଇ ଝଂଝାବଣ୍ଣ ଆକାଶ ସହିତ ମିଶିଯାଏ ।

ଶୀତ ଦ୍ୱିପ୍ରହରେ ପାରଧି ବାହାନାରେ ରଜା ବିଶ୍ୱମ୍ଭର ବୁଲି ବାହାରନ୍ତି, ବର୍ଦ୍ଧମପୁର ଲଙ୍ଘି ଝଂଝ ବଣ କଳେ କୂଳେ ଅଳସି ବେଢ଼େଇ ବଣ ବୋଢ଼େଇ ନଦଣ୍ଡ ବନ୍ଧୋଛି ସନ୍ଧରେ ସନ୍ଧରେ । ପାହାଡ଼ର ତେଉ ଭର୍ତ୍ତି ବଣର ସମୁଦ୍ର; ପାନାବାଡ଼ ଘାଟି; କାକ୍କର ଘାଟି । ନାହାର ଖୋଲରେ କେତେ ମାନ ପାନ ଗା; କେତେଠ ବା ଛପିଛପିକା ସେନ୍ୟ ଗୁଡ଼ଙ୍ଗି, ଅସ୍ତ୍ର ଭଣ୍ଡାର । ସ୍ଥାନେ ସ୍ଥାନେ କହ୍ନ ଟୋକାଟୋକା · ପାଙ୍ଗର ପର୍ବତରୁ ସେପାଖର

Digitized by srujanika@gmail.com

ପର୍ବତକୁ, ଗୀତରେ ଶୀତରେ ମାଗଣ ଲଗାନ୍ତି, ହସ ଆନନ୍ଦ ସଙ୍ଗୀତର ମେଳ । କେଉଁଠି ବଣ ନିକୁଞ୍ଜ ପ୍ରାକୃତିକ କୁଞ୍ଜ ଭିତରେ ଟୋକାଟୋକୀଙ୍କର ଭେଟାଭେଟି । ଭୁଠ ବରଗଛ ଡାଳରୁ ମାଳ ମାଳ ପିନ୍ଧା ଲୁଗା ପତାକାପରି ଉଡ଼ୁଥାଏ; ତଳେ ନଈ ବାଙ୍କରେ ଲଙ୍ଗଳା ବଣ ଝିଏ ପାଣିରେ ବୁଡ଼ୁଥାନ୍ତି ।

ଲୁଚି ଲୁଚି ବିଶ୍ୱମ୍ଭର ଦେବ ଦୃଶ୍ୟ ଦେଖନ୍ତି; କେତେବେଳେ ବା କନ୍ଧ ବଇଁଶୀରେ ମାଗଣ ବାଜଣା ବଜାନ୍ତି । ବଣ ଉଦ୍ଧାଡ଼ରୁ ତାର ଉତ୍ତର ଆସେ । ଦେହରକ୍ଷୀ ଚନ୍ଦ୍ରାମଣି ମହାକୁଡ଼ ଓ ଆଙ୍ଗରକ୍ଷୀଙ୍କୁ ବସାଇ ରଖି ରୂପର ଆକର୍ଷଣରେ ରାଜା ବଣଭିତରେ ଅଦୃଶ୍ୟ ହୋଇଯାଆନ୍ତି ।

ଦାକ୍ଷିଣାତ୍ୟ ଗଜପତିଙ୍କ ରାଜ୍ୟରେ ଖାଲି ରୂପ ଆଉ ରୋଗ; ମନର ପୃଷ୍ଠପଟ ମଣ୍ଡିବଣ ।

ସନ୍ଧ୍ୟା । ନାଗରିକମାନଙ୍କର ସଂକୀର୍ତ୍ତନ ଲାଗିଥାଏ । ସେଠି ରାଜା ବିଶ୍ୱମ୍ଭର । ସଂକୀର୍ତ୍ତନ ବିରହରେ ଝୁରେ କାହାକୁ ? କିଏ ସେ କୃଷ୍ଣ ଗୌର ନିତାଇ ? ବିରହର ଉଦ୍ଦେଶ୍ୟ ? ମନୁଷ୍ୟ ଚୈତନ୍ୟ-ବାବାଜୀ ନୁହନ୍ତି; ସେ ତ ଅତି ବାସ୍ତବ । କାଳପରି ଲାଗୁଛି ଏହି ଚମ୍ପାନଗର ପଥରେ ନନ୍ଦପୁର ପଥରେ ପଦ୍ମାନଗରୀ ଓ ଉତ୍କଳଗଡ଼, ବାଟରେ ଗୌଡ଼ୀୟ ବନ୍ଧୁମାନଙ୍କୁ ଯେଉଁ ମହାପ୍ରଭୁଙ୍କର ଦର୍ଶନ କରିବାକୁ ସେ ଯାଇଥିଲେ । ସଂକୀର୍ତ୍ତନର ଉଦ୍ଦେଶ୍ୟ; ଏତେ ବଡ଼ ବିରହ ଅର୍ଚ୍ଚନାର ଉଦ୍ଦେଶ୍ୟ କୌଣସି ଦେହଧାରୀ ମନୁଷ୍ୟ ନୁହନ୍ତି । ସେ କେଉଁ ଭାବରୂପୀ ସୀମାହୀନ ଆକର୍ଷଣ; ଯାହାର ଅଭାବ ସ୍ୱୀକାର କଲେହିଁ ଭାବର ସ୍ୱରୂପ ଅନୁଭବ କରି ହୁଏ । ଭାବର ସମୁଦ୍ରରେ ଚମ୍ପାନଗରର ନାଗରିକମାନେ ଓଲଟ ପାଲଟ ହେଉଥାନ୍ତି, ସଂକୀର୍ତ୍ତନର ଅବୁଝା ଉନ୍ମାଦନାରେ କରୁଣର

Digitized by srujanika@gmail.com

ତେଜ ଉଜ୍ଜ୍ୱଳି ଉଠୁଥାଏ । କଏ କାନ୍ଦୁଛି; କଏ ଲୋଟୁଛି; କଏ ମୋହ ଯାଉଛି; କଏ ନାଚୁଛି । ବିଶ୍ୱମ୍ଭର ପ୍ରଥମେ ଦେଖି କହିଥିଲେ, 'ଆଶ୍ଚର୍ଯ୍ୟ !' ପରେ ସେ ବି ସବୁ ସ୍ଥୂଳତା ହଜେଇ ବସି ଭାବରେ ବିଭୋର ହୋଇଥିଲେ ।

ସଂକୀର୍ତ୍ତନର ମଧୁର ବିଷାଦକୁ ଧୋଡ଼ାଇ ପକାଇ ଠିକ୍ ଏଇ ସନ୍ଧ୍ୟାବେଳେ କନକ ଦୁର୍ଗାଙ୍କର ଆରତି ବାଜଣା ବାଜେ; ଘୋର ଭୟାନକ ଅସଂଖ୍ୟ ବାଦ୍ୟର ସମତାଳ । ପ୍ରଥମେ ଉଦ୍‌ବୋଧନ ରାଗିଣୀ, ଝପେ ଉନ୍ମେଷିଣୀ, ପରେ ଆବାହନ; ଶେଷରେ ଛନ୍ଦରେ ଛନ୍ଦରେ ଝଲକ ଝଲକ ହୋଇ ସିଂହବାହିନୀ ଦେବୀଙ୍କର ସମର ଅଭିଯାନ । ଅତି ଆଦିମ ଯୁଗର ବାଜଣା ସେ; କଳିଙ୍ଗର ମଜ୍ଜାଗତ, ସଂସ୍କୃତିଗତ । ଅବସାଦ କଟିଯାଏ; ତନ୍ଦ୍ରା ଘୋର କଟିଯାଏ; ମୁଣ୍ଡ ସଳଖ ହୋଇଯାଏ; ଦେହର ମାଂସପେଶୀ ଫୁଲି ଫୁଲି ଉଠେ; ରକ୍ତ ଉଦ୍ଦାମ ନାଚ ନାଚେ ।

ମନ୍ତ୍ରୀ ମାଧବ ଭଞ୍ଜ ମିଶ୍ରେ ଦେବୀଙ୍କୁ ସ୍ତୁତି କରୁଥିବେ । ବିଶ୍ୱମ୍ଭର ଦେବଙ୍କୁ ଆଶ୍ୱସ୍ତି ଲାଗେ ।

ଦେବୀଙ୍କର ସମର ଅଭିଯାନ ପର୍ବତରୁ ପର୍ବତ ପ୍ରତିଧ୍ୱନି ଉପୁଜାଇ ଝଙ୍କାର ସ୍ୱରରେ ଦେଇଯାଏ ସନ୍ଦେଶ । ବ୍ରହ୍ମାଣ୍ଡ ନିସ୍ତବ୍ଧ ପଡ଼ିଯାଏ । ପୁଣି ସଂକୀର୍ତ୍ତନର ଲହଡ଼ି ଚହଲେ । ଧୀର ପବନରେ ସରୁ ସରୁ ଢେଉ; କିନ୍ତୁ ସେ ସବୁ ଅହଂକାର ଚୂନା କରିଦିଏ; ନଖ ଉନ୍ନାଇ ଦାଢ଼ି ଉନ୍ନାଇ ଲୁହ ବୁହାଏ; ଧୈର୍ଯ୍ୟ ଭାଙ୍ଗି ଆଣେ ଆକୁଳତା ।

ସଂକୀର୍ତ୍ତନ ସରେ; କିନ୍ତୁ ତାର ରାଗିଣୀ ମନ ଗହ୍ୱରରେ ବାଜି ଉଠୁଥାଏ ।

Digitized by srujanika@gmail.com

ରଜା ମନରେ ପ୍ରଥମ ଚିନ୍ତା ରାଜ୍ୟ ଓ ପ୍ରଜା; ଯୁବା ମନରେ ପ୍ରଥମ ପ୍ରତିଯୋଗୀ ସ୍ୱପ୍ନ; ଯୁବା ଦେହର ଆଦିମ ଉତ୍କଣ୍ଠା ନାରୀ । ଏହି ସବୁ ଚିନ୍ତା ପ୍ରବୃତ୍ତି ଉପରେ ପାରିପାର୍ଶ୍ୱିକ ଅବସ୍ଥା ପ୍ରଭାବ ପକାଏ । ସଂକୀର୍ତ୍ତନ ଶୁଣୁ ଶୁଣୁ ଧୈର୍ଯ୍ୟ ଭାଙ୍ଗି ଯାଏ, ସଂଯମ ଲୁପ୍ତ ହୁଏ । ଅତୀତକୁ ଖୁଣ୍ଟିଲେ, ନିଜେ କଳିଙ୍ଗ ଦେଶର ଦାକ୍ଷିଣାତ୍ୟ ଗଜପତି; ଏକଥା ଚିନ୍ତା କଲେ ଆତ୍ମାଭିମାନ ଆସେ । ଏହି ଦୁଇଟି ସୂଅକୁ ଏକାଠି କରି ରାଜା ମନର କଥା; ଯୁବା ମନର କଥା ଓ ଯୁବା ଦେହର ପ୍ରୟୋଜନ ସବୁ ଏକାଠି ମିଶିମାଶି ଯାଏ । ମହାରାଜ ଦେଖନ୍ତି— ଋଷିକୁଲ୍ୟା କୂଳ, ଅଳସିଫୁଟା କ୍ଷେତ, ବଇଁଶୀ ରାଗିଣୀରେ ଝଙ୍କୃତ ଅତୀତ ନବକୁଞ୍ଜବନ, ନନ୍ଦପୁର ରାଜ୍ୟର ରୂପର ସମ୍ଭାର ।

ସେହିଦିନର ଗୋଟିଏ ସ୍ମରଣୀୟ ସନ୍ଧ୍ୟା । ମନ୍ତ୍ରୀ ଭଞ୍ଜ ମିଶ୍ର କହିଲେ—"ମହାରାଜ, ବିଜୟନଗରର ଆମ ସୀମାନ୍ତରେ କଳି ଲଗାଉଛି; ଯୁଦ୍ଧ ଘୋଷଣା କରନ୍ତୁ ।" ବିଶ୍ୱମ୍ଭର ଦେବ କହିଲେ— "ଜୀବନଟା ଶାନ୍ତିରେ କଟାଇବାକୁ ଦେବେ ନାହିଁ ମନ୍ତ୍ରୀ ମହାଶୟ; ପୁଣି ଯୁଦ୍ଧ !" ଭଞ୍ଜ ମିଶ୍ରେ କହିଲେ—"କି ସାଧ ଆମର, ଆମେ ଶାନ୍ତିର ନସୂତା ହେବା ମହାରାଜ ? ଶତ୍ରୁ କୁଚକ୍ର ପାଞ୍ଚୁଛି, ଅତର୍କିତରେ ଯୁଦ୍ଧ ଘୋଷଣା କଲେ ଶତ୍ରୁ ପର୍ଯ୍ୟୁଦସ୍ତ ହେବ, ଉପସ୍ଥିତ କର୍ତ୍ତବ୍ୟ ଏତିକି ।" କିଛିକ୍ଷଣ ସ୍ତବ୍ଧ ରହି ମହାରାଜା କହିଲେ— "ନା ଯୁଦ୍ଧ ମୋର ଦାର୍ଶନିକ ଧାରଣା ଭିତରେ ପଡ଼େ ନାହିଁ ମନ୍ତ୍ରୀ ମହାଶୟ ! ରାଜନୀତି ମଧ୍ୟ ପଡ଼େ ନାହିଁ । ରାଜନୀତି କହିଲେ ଆପଣଙ୍କର ଯେଉଁ ସଂଜ୍ଞା । ଭାବନ୍ତୁ ନାହିଁ ମୁଁ ଆପଣଙ୍କର ଭ୍ରମ ଦେଖାଉଛି ବୋଲି । ଆପଣ ପ୍ରାଜ୍ଞ, ଶାସନକାର୍ଯ୍ୟ ଆପଣ କରି ଆସିଛନ୍ତି, କରିବେ; ମୁଁ ମୋର ଖିଆଲ ରେ ବ୍ୟସ୍ତ ଥିବି । ମୋର ଖିଆଲକୁ ଆପଣଙ୍କ ରାଜନୀତି କେବେ ଦ୍ୱନ୍ଦ୍ୱ ପକାଇବ ନାହିଁ । ମୁଁ

Digitized by srujanika@gmail.com

ସତର୍କ ଥିବ; ଆପଣ ମଧ ଚେଷ୍ଟା କରିବେ । ଆପଣଙ୍କ ସାମ୍ରାଜ୍ୟ ନଷ୍ଟ ହେବ ନାହିଁ, ଅଥବା ମୋର ଶାନ୍ତ ନଷ୍ଟହେବ ନାହିଁ ।

ମନ୍ତ୍ରୀ ମାଧବ ଭଟ୍ଟ ମିଶ୍ର ବଦାୟ ନେଲେ । ଆମ୍ରାପର୍ବତ ଉପରେ କୁଦ୍ଧୁଡ଼ିଭିତରେ ଶୀର୍ଣ୍ଣ ପାଣ୍ଡୁର ଚନ୍ଦ୍ର କଲୁଷ ଦୃଷ୍ଟିରେ ଗୃହିଁଥିଲା ।

ସେହିଦିନୁଁ 'ମନ୍ତ୍ରଣା ଗୃହ' ଦୁଆରେ ଭଟ୍ଟ ମିଶ୍ରଙ୍କର ଗୁଇ ପଡ଼ିନାହିଁ ।

ନର୍ଜନ ନିଃସଙ୍ଗ ରାଜାଭ୍ରର ନିଃସ୍ୱେଳ ରେ ଦେହର ରୋକ, ମନର ଶୋଷ ଉଭୟକୁ ସମାଧାନ କରି ଦର୍ଶନ ତିଆରି ହୁଏ । ତାହାରି ନାଁ ମନର ଖିଆଲ୍ । ଦର୍ଶନଶାସ୍ତ୍ରର ତର୍କଜାଲ ଭିତରେ ଚରମ ପାପଜ୍ଞାନ ଅଥବା ଚରମ ପୁଣ୍ୟଜ୍ଞାନ ବିଶ୍ୱମ୍ଭର ଦେବଙ୍କର କେବେ ଆସିନାହିଁ । ସବୁ କେବଳ କାର୍ଯ୍ୟ ଆଉ ଫଳ; କାରଣ ସତ୍ତା ଫଳସତ୍ତା, ଏହି ବିଗ୍ରହକୁ ବାହନ କରି ଦିନୁଦିନ ବିଶ୍ୱମ୍ଭର ଦେବ ନାସ୍ତିକତାରେ ଅପଣାକୁ ହଜାଇ ପକାଇଲେ । ଶାସନ ଦାୟ ଭି ସବୁଟା ଜ ମନ୍ତ୍ରୀ ମାଧବ ଭଟ୍ଟ ମିଶ୍ରଙ୍କର । ମରହଟ୍ଟା ରାଜା ଶମ୍ଭୁଜୀଙ୍କର ବୟସ୍ୟ କବି କଳସଙ୍କ ପରି ବିଶ୍ୱମ୍ଭର ଦେବଙ୍କର ବୟସ୍ୟ ଦୁହେଁ ଆଲ୍ଲାର ଖାଁ ଏବଂ ଚନ୍ଦ୍ରାମଣି ମହାନ୍ତି । ଦୁହେଁ ପ୍ରଶ୍ରୟଭୋଗୀ; ଦୁହେଁ ଅନୁଗ୍ରହପ୍ରାର୍ଥୀ । ଦୁହିଁଙ୍କର ନିଦାନ ଦାର୍ଶନିକ ଧାରଣାରେ ବିଶ୍ୱମ୍ଭର ଦେବଙ୍କର ଆନନ୍ଦ ଅଭିସାର ଅର୍ଥପୂର୍ଣ୍ଣ ବୋଲି ସିଦ୍ଧ ହେଲା । କାରଣ ଦୁହେଁ ଯୁବକ ଏବଂ ଯୁବକର ମନଗହ୍ୱରର ଦେ୍ୟାତନା ଭିତରେ ଯୁବତୀହିଁ ସାକାର ଦେବତା । ରଜାଙ୍କର ଅନ୍ତର ରାଜ୍ୟର କୌଣସି ଦଳ ସହିତ ସମ୍ବନ୍ଧ ନ ଥିଲା, ତେଣୁ କୌଣସି ଦଳ ଷୁବ୍‌ଧ ହେଲେ ନାହିଁ । ବିଶ୍ୱମ୍ଭର ଦେବ ମନର ଖିଆଲକୁ ଗୁପ୍ତରୁ ପ୍ରକାଶ୍ୟକୁ, ଅରଣ୍ୟରୁ

Digitized by srujanika@gmail.com

ନଗରରୁ ଆଣିଲେ । ଏହାପର ଦିନେ, ବସ୍ତୁବନ ଶନ୍ତା ଆରାଧନା ପରିଣାମରେ ଦାକ୍ଷିଣାତ୍ୟ ଗଜପତି ପ୍ରକାଶ କଲେ ଯେ କୃଷ୍ଣ-ଯୁଗର ଆନନ୍ଦ ଉପଲବ୍ଧି ପାଇଁ ସେ କୃଷ୍ଣଙ୍କର ରାସଲୀଳା କରିବେ । ବାର୍ତ୍ତା ଖେଳିଗଲା, ପାହାଡ଼ ଦେଶରୁ ନାନା ଜାତିର ଯୁବତୀ ଆସିଲେ । ଚମ୍ପାନଗର ପୂର୍ଣ୍ଣହେଲା । ଆପଣାର ମନର ଖିଆଲରେ ସହସ୍ର ସହସ୍ର ଯୁବତୀଙ୍କ ପଟୁଆର ଖେଳାଇ ରାଜା ବିଶ୍ୱମ୍ଭର ବଂଶୀ ଧରିଲେ ।

ଏଇ ଝଂଝାବତୀ କୂଳରେ, ତାର ଝରିଲା ପାଣିରେ ଇତିହାସ ଦାଗ ରଖି ଯାଇନାହିଁ ସତ; ଗଭୀର ପାହାଡ଼ର ଗାଧୁଆ ପାହାଚ ସେଇ ସହସ୍ର ସହସ୍ର ବଣଗୋପିକାମାନଙ୍କର ପାଦରେ ଘଷିହୋଇ ଆଜ ବି ଶାଉଁଳିଆ ହୋଇପଡ଼ିଛି । ଜଳକେଳି ପାଇଁ ପାଣି ଅଟକାଇ ରଖିବାକୁ ସେଠି ବିଶ୍ୱମ୍ଭର ଦେବ ବନ୍ଧ ବାନ୍ଧିଥିଲେ । ଝଂଝାବତୀ ସେ ବନ୍ଧକୁ ଭାଙ୍ଗିନେଇ ଗୁଳି ଯାଇଛି । ଆଜ ତାର ସୂଚନା ଅଛି ମାତ୍ର ।

ଏକାବର୍ଷକେ ଛଅଟି ଋତୁ ମୋଟେ; କିନ୍ତୁ କେତେ ଅସଂଖ୍ୟ ମୁହୂର୍ତ୍ତ । ସେହି ମୁହୂର୍ତ୍ତ ଉଦ୍‌ଯାପନରେ ମହାରାଜା ବିଶ୍ୱମ୍ଭର ଦେବ ଏବଂ ସହସ୍ରେ ସହସ୍ରେ ବଣୁଆ ଝିଅମାନେ । କେଉଁ ପିନ୍ଧା ସଧବାଝିଏ କାନରେ ଦଗଦ ଦଗଦ ଗୋଲ ଗୋଲ ପିତଳ ବଳା, ମୁଣ୍ଡରେ ନାଲିଫିତା, ଦେହରେ ପଟି ପଟିକା କେଉଁ ସୂତାର ଲୁଗା, ମହାବଳ ବାଘପରି । ଅଧେ ସନ୍ଧ୍ୟା ଅଧେ ସକାଳ ବର୍ଣ୍ଣର ଲୁଗାପିନ୍ଧା କମଝିଏ, ଶଢ଼ାଳୁଟା ପରଜା ଯୁବତୀ, ଶାନ୍ତୀ ଅଳଙ୍କାର ପିନ୍ଧା ଭିନ୍ନ ଭିନ୍ନ ଜାତିର ବୃନ୍ଦ ଟୋକୀମାନେ । ପାହାଡ଼ ଦେଶର ସୁନ୍ଦରୀମାନେ, ବସ୍ତୁ ବସ୍ତୁ, ଉଙ୍ଗ ଉଙ୍ଗର ଫୁଲ ଗଭା; ପ୍ରଜାପତି ପରି । ସେହିମାନଙ୍କ ସଙ୍ଗେ କୃଷ୍ଣ ହୋଇ ମହାରାଜା

Digitized by srujanika@gmail.com

ଭିଆଣ ଖେଳନ୍ତି । କେବେ ବସ୍ତ୍ରହରଣ କେବେ ଜଳକେଳି, କେବେ କେଉଁ ଖେଳ; କେତେ ପୁରାଣର କେତେ ମନର । ନାଚ ଗୀତେ, ହୁଳାହୁଳି ଶବ୍ଦରେ ଆମ୍ବାପର୍ବତର ଧାନରେ ଚମକି ଜାଗେ, ପ୍ରତିଧ୍ୱନି କରେ; ନଗର ସଂକୀର୍ତ୍ତନ ଯେଉଁଠି ଭକ୍ତିଭାବର ଲୁହ ଗଙ୍ଗା ଖେଳାଏ ।

ଦେହର ଭୋଗ—ପ୍ରଥମେ କୁତୂହଳ, ତାହା ପରେ ଆଗ୍ରହ, ତାହା ଉତ୍ତାରୁ କେବଳ ଅଭ୍ୟାସ । ଆଗ୍ରହ ଅବସ୍ଥା ଭୋଗର ଯୌବନ ଅବସ୍ଥା । ଏତିକିବେଳେ ବିଶ୍ୱମ୍ଭର ଦେବ ସଚେତନ ଥିଲେ । ତାଙ୍କର ଲୀଳା ଗୋଷ୍ଠୀକୁ ନୂତନ କାହାରି ଆଗମନ ହେଲା ସହସ୍ର ସହସ୍ର । ତାହାରି ଭିତରୁ ଚିହ୍ନସା ଆଖି ନଜର ବାଛିନିଏ କିଏ ଅପରିଚିତ, ଯାହାର ମୋହ ସଦ୍ୟ ।

ଅଭ୍ୟାସର ବାର୍ଦ୍ଧକ୍ୟ ଦେଖାଇଲା । ବଞ୍ଚାଇ ରଖିବାପାଇଁ ନୂତନ ଭିଆଣ; କିନ୍ତୁ ତଥାପି ଉତ୍ସାହ ରହିଲା ନାହିଁ । କ୍ରମେ ପ୍ରବୃତ୍ତି ଭିତରୁ ନିବୃତ୍ତି ମୁଣ୍ଡଟେକି ଚାହିଁଥିଲା ଅଳ୍ପେ ଅଳ୍ପେ । ତାର ଦୃଷ୍ଟି ଅତି ଉଦାସ, ଅତି ନୀରସ । ବିଶ୍ୱମ୍ଭରଙ୍କର ଦର୍ଶନ କାମନା ତ୍ୟାଗ କରି ତର୍କକୁ ଆଶ୍ରା କଲା ।

ସେଦିନ ପ୍ରଥମ ପ୍ରହରରେ । ସେହିପରି ଜ୍ୟୋତ୍ସ୍ନା ପଡ଼ିଥିଲା । କନକ ଦୁର୍ଗାଙ୍କ ଆରତି ବାଜଣାରେ କେଉଁ କରାଳ କାଳ ଶେଷ ଧ୍ୱଂସର ଦ୍ୟୋତନା ଥିଲା ଆଜି । ଚୈତନ୍ୟ ମଠରେ କରୁଣ ସଂକୀର୍ତ୍ତନ ଚାଲିଛି । ଦ୍ୱିତଳ ଉପରେ ଏକାକୀ ରାଜା ବିଶ୍ୱମ୍ଭର । ତଳେ ଅସଂଖ୍ୟ ଯୁବତୀ ଆନନ୍ଦ ଗୋଳ କରୁଥିଲେ । ଅଳ୍ପ ସମୟ ପରେ ମହାରାଜା ବାହାରିଯିବେ; ଆଜିର ପର୍ବ ବିଶିଷ୍ଟ ପୈକତ ଜହାର । ବିଶ୍ୱମ୍ଭର ଦେବ ନିର୍ଜନରେ ବସି ଆନନ୍ଦ ଗୋଳ ଶୁଣୁଥିଲେ, ଚର୍ଣ୍ଣନରେ ଉଠିଥିଲା ଭାବହୀନ ବସ୍ତୁ-ଗଣନା ।

Digitized by srujanika@gmail.com

ସହସ୍ରେ ନାରୀପିଣ୍ଡ, ତହିଁରେ ଦୁଇ ସହସ୍ର ଚକ୍ଷୁ, ଶୁଷ୍କ ସହସ୍ର ମାଂସ ପିଣ୍ଡୁଳା । ନାରୀ ସମ୍ଭୋଗ, ସେହି ମାଂସ ପିଣ୍ଡୁଳାର ସ୍ପର୍ଶ । କେତେଦିନ ହୋଇଗଲାଣି, ସମ୍ଭୋଗ ମଝିରେ ଚମକ ଉଠି କରେଣି କରେଣି ଦେଖି ରାଜା ଭାବୁଛନ୍ତି, ତାଙ୍କ କାର୍ଯ୍ୟର ଅର୍ଥ ଆଉ ଉଦ୍ଦେଶ୍ୟ । ଗୋଟାଏ ପୁରୁଷ ଦେହ ଗୋଟାଏ ସ୍ତ୍ରୀଦେହ ଉପରେ ପ୍ରକ୍ରିୟା କରୁଛି । ଜଡ଼ମାଂସର ଜଡ଼ମାଂସ ଉପରେ ଭିତରେ କ୍ରିୟା ପ୍ରତିକ୍ରିୟା, ଖାଲି କଳା; ଏତିକ । ଯୁବତୀ କଣ୍ଠରେ ଆନନ୍ଦର ଚିତ୍କାର ଶୁଣି ଶୁଣି ବିଶ୍ୱମ୍ଭର ଦେବ ଭାବିଲେ ଏଇ ଏତେପ୍ରକାର ବିହାରର ଉଦ୍ଦେଶ୍ୟ କଣ, କି ଆନନ୍ଦ ଏଥିରେ ? ସବୁ ଅଭିଷେକ, ସବୁ ଅଭିସାରର ଶେଷ ଯଦି ଜଡ଼ମାଂସ ଓ ଜଡ଼ମାଂସ ଭିତରେ କ୍ରିୟା ପ୍ରତିକ୍ରିୟା । କି ଆଦର୍ଶ ଅଛି ଏଥିରେ ? ଭାବ ଦେଖିଲେ, ତାଙ୍କର କୃଷ୍ଣଲୀଳା ଖାଲି ଏହି ପଶୁକାର୍ଯ୍ୟ ପାଇଁ ଗୋଟାଏ ଉପାୟ ଖୋଜା ନିମିତ୍ତ ।

ମହାରାଜା ବ୍ୟଥିତ ହେଲେ । କିନ୍ତୁ ପୁଣି ଅଭ୍ୟାସର ଆକର୍ଷଣରେ ତଳକୁ ଓହ୍ଲାଇ ଆସିଲେ । ବିଚାର କଲେ, ସେ ରାଜା; ସେ କଳାବନ୍ତ । ନାରୀ ସମ୍ପର୍କରେ ଉଦ୍ଦାମ ଆନନ୍ଦ ଉଦ୍ଦାମ ଲୀଳା ଲଗାଇବା ମଧ୍ୟ କଳା, ତାର ସମ୍ବଳ ଇନ୍ଦ୍ରିୟ ସଂଯୋଗରେ ହୃଦୟର ଅଶେଷ ଅନୁଭୂତି । ତେଣୁ ତାଙ୍କ ମନର ଖିଆଲ ମଧ୍ୟ ଯଥାର୍ଥ ।

ଏବେ ମାଧବ ଭଞ୍ଜ ସିଂହ କହିଲେ—"ଗୌର ! ମୁଁ କଣ କହୁଥିଲି; ଚୈତନ୍ୟ ଧର୍ମପ୍ରଭାବରେ ଦାକ୍ଷିଣାତ୍ୟ ଗଜପତି କପଟ ଭାବରେ ରାଜ୍ୟ ଶାସନ କରୁଛନ୍ତି ଶୁଣୁଛୁ ତ ? ଅହୋ; କି ଅଧଃପତନ !"

Digitized by srujanika@gmail.com

ଗୌରୀ ନିରୁତ୍ତର ରହିଲା । ଉତ୍ତର ଦେଲେ ତାର ମା’ ।
"କାହିଁକି ତୁମେ ଚୈତନ୍ୟ ଧର୍ମକୁ ନିନ୍ଦା କରୁଛ । ସେଥିରେ କଣ ଲେଖାଅଛି ଲୋକେ ଏପରି ବେହେଲ ହେଉନ୍ତୁ ବୋଲି ?"

'ମା କନକ ଦୁର୍ଗା, କେତେ କାଳ ଦେଶକୁ ମୋହାଛନ୍ନ କରି ରଖିଥିବୁ ? ତୋର ଇଚ୍ଛା, ତୋର ଇଚ୍ଛା ।'

ଯା ଦେବୀ ସର୍ବଭୂତେଷୁ ଭ୍ରାନ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ ।
ହାୟ ।"

ଗୌରୀ ଶାସ୍ତ୍ର ପୁରାଣ ପଢ଼େ; ଯେଉଁ କଠୋର ଧର୍ମରେ ପିତାଙ୍କ ଦ୍ୱାରା ସେ ଦୀକ୍ଷିତା ସେହି ଧର୍ମର ଚର୍ଚ୍ଚା କରେ । ସେ ବ୍ୟାୟାମ କରେ, ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଶିଖେ । ସେ ଆସନ ପ୍ରାଣାୟାମ କରି ଶରୀରକୁ ଦୃଢ଼ କରେ; ମନକୁ ଆୟତ୍ତ କରିବାକୁ ଶିଖେ । ପାର୍ବତ୍ୟ ଅଞ୍ଚଳରେ ନାରୀର ଯୌବନ ସେତେ ଶୀଘ୍ର ଆସେ ନାହିଁ, ତେଣୁ ଗୌରୀକୁ ସମୟ ମିଳିଥିଲା ।

କିନ୍ତୁ ଏତେ ଚର୍ଚ୍ଚା ସତ୍ତ୍ୱେ ତାର ବୟସ ମନ ଗଭୀରରେ ଶିକ୍ଷା ସହିତ ବିରୋଧ ଘଟାଏ । ବାଲ୍ୟ ଓ ଯୌବନର ସନ୍ଧିସ୍ଥଳରେ ଭାବନା ଭିତରେ କେଉଁଆଡ଼ୁ ସ୍ୱପ୍ନ ଆସି ପଡନ୍ତେ । ନିର୍ଜନରେ ଝଂଝାବର୍ତ୍ତ କୂଳରୁ, ଆମ୍ରପଲ୍ଲବରେ ଖୋଲରୁ କେତେ ବିଚିତ୍ର ରୂପ ଧରି କେତେ ଆକାଙ୍କ୍ଷା, କେତେ ବିହ୍ୱଳତା, କେତେ ଆସ୍ପୃହା ଆସି ଘେରିଯାଆନ୍ତି । ଗୌରୀ କାନରେ କୃଷ୍ଣଲୀଳାର ବଂଶୀସ୍ୱର ବାଜେ । ଯେତେ ଦୃଢ଼ର କଲେ ସୁଦ୍ଧା ସେ କଠିନ ହୋଇପାରେ ନାହିଁ ।

ବର୍ଷ ଗଡ଼ ଗଡ଼ ଯିବାପରେ ଗୋଟିଏ ବର୍ଷର ବୈଷ୍ଣବ ଉତ୍ସବ ଦଶହରା ଆସିଥିଲା । ସେହି କେତୋଟି ଦିନ ପାଇଁ ଭକ୍ତିଧର୍ମକୁ

Digitized by srujanika@gmail.com

ଝୁଡ଼ିବଇ ଦେଇ ଚମ୍ପାନଗର ଉତ୍ତରେ ଦାକ୍ଷିଣାତ୍ୟ ଗଜପତିଙ୍କ ବିଶାଳ ରାଜ୍ୟ ଭିତରେ ଘୁରିଆସିଛି ବିଜୟୀ ପଟୁଆର ଓ ଖାଉରସ ମାଡ଼ି ବୁଲୁଥିଲା । କନକ ଦୁର୍ଗାଙ୍କ ମନ୍ଦିରରେ ଘୋର କହଳ ବାଜଣା, ବାହାରେ ଯୁଦ୍ଧ ନିନାଦ, ଦାକ୍ଷିଣାତ୍ୟ ଗଜପତିଙ୍କର ପିପ୍ପିଲିକା ବାହିନୀର ଯୁଦ୍ଧକ୍ରୀଡ଼ା । ପର୍ବତ ସନ୍ଧିରୁ ଧାର ଧାର ହୋଇ ପ୍ରଜାଦଳ ଆସୁଥିଲେ, ଧାର ଧାର ହୋଇ ଅଞ୍ଚଳ ଅଞ୍ଚଳର ସୈନ୍ୟଦଳ ବୋହି ଆସୁଥିଲେ । ଗୁଣୁପୁର, ବିଷମ କଟକର ଦଳ ଦଳ ଶବର ସୈନ୍ୟ, କରଲାପାଟିଆ, ସୋଡ଼ା-ବଣିଆ, ସିଂହାସନିଆ, ରାୟଗଡ଼ିଆ କନ୍ଧ ସୈନ୍ୟ କେଉଁ ମାଡ଼ଗୋଳ ଅଞ୍ଚଳରୁ, କେଉଁ ଯଶୋବନ୍ତପୁର ଗିରିଗୁମା ପ୍ରାନ୍ତରୁ । ଶରତ୍; ଭବାନୀ ଅସ୍ତ୍ର ଧରିଥିଲେ । କଳିଙ୍ଗ ଦେଶରେ ଦେବୀପୂଜା ।

ସେହି ଦଶହରାରେ ଦଶମୀ ପୂଜା ଦିନ ସନ୍ଧ୍ୟାରେ କନକ ଦୁର୍ଗାଙ୍କ ମନ୍ଦିର ସମ୍ମୁଖରେ ଦାକ୍ଷିଣାତ୍ୟ ଗଜପତିଙ୍କ ଅଗଣିତ ଚମୂ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଦେବୀଙ୍କୁ ସାମରିକ ଅଭିବାଦନ କରୁଥିଲେ; ସମୁଦ୍ରର ଗର୍ଜନ ପରି ଗର୍ଜନ ଉଠୁଥିଲା । ସେହି ସମର ବ୍ୟୂହ ଭେଦକରି ସୈନିକମାନଙ୍କର ନାଗରିକମାନଙ୍କର ଅଭିନନ୍ଦନ ଗ୍ରହଣ କରି ସହସ୍ର ଅଶ୍ୱାରୋହୀ ସାମନ୍ତଙ୍କର ଅଗ୍ରଣୀ ହୋଇ ହସ୍ତୀ, ଅଶ୍ୱ, ପଦାତିକ ପଟୁଆରରେ ମହାରାଜା ବିଶ୍ୱମ୍ଭର ଦେବ ଏବଂ ମନ୍ତ୍ରୀ-ସେନାପତି ମାଧବ ଭଟ୍ଟ ମିଶ୍ର ଦେବୀଙ୍କୁ ବନ୍ଦନା କରିବାକୁ ଆସିଲେ । "ଚଳାପାଟିଆ" ତୋପ ଗର୍ଜନ କଲା; କେତେ ଦୂରଦୂରାନ୍ତର ପର୍ବତ ଘାଟି ଉପରେ ଦେବୀଙ୍କ ଅର୍ଚ୍ଚନା ଉଦ୍ଦେଶ୍ୟରେ କେତେ ତୋପ ଗୁଳି ବର୍ଷଣ କରୁଥାଏ । ମନ୍ଦିରରେ ଦେବୀଙ୍କର ସ୍ତୁତିଗାନ ହେଉଥାଏ ।

Digitized by srujanika@gmail.com

"ଦଂଷ୍ଟ୍ରାକରାଳବଦନେ ଶିରୋମାଳାବିଭୂଷଣେ
ଚାମୁଣ୍ଡେ ମୁଣ୍ଡମଥନେ ନାରାୟଣି ନମୋଽସ୍ତୁତେ ।

... ...

ଜ୍ୱାଳାକରାଳମତ୍ୟୁଗ୍ରମଶେଷା ସୁରସୂଦନଂ
ତ୍ରିଶୂଳଂ ପାତୁ ନୋ ଭୀତେ ଭଦ୍ରକାଳୀ ନମୋଽସ୍ତୁତେ"

ପଶୁବଧ, ରକ୍ତ, ଭୟାନକ ବାଦ୍ୟ, ଯୁଦ୍ଧ ପ୍ରଦର୍ଶନୀ । ସମସ୍ତଙ୍କ ଉପରେ ଦେବୀ, ଯାହାଙ୍କ ପ୍ରକାଶ ବିକଟ ଅଟ୍ଟହାସରେ ।

ମନ୍ତ୍ର ଦେବୀଙ୍କୁ ପ୍ରଣାମ କଲେ, ପ୍ରଥମେ ଦକ୍ଷିଣ କଳିଙ୍ଗର ସ୍ୱାଧୀନତାରୂପେ; ପରେ ନିଜ ପାଇଁ । ରାଜା ଫେରି ଆସିଲେ; କିନ୍ତୁ ସେହି ଭୟାନକ ରସର ପୃଷ୍ଠପଟ ଆଗରେ ଦେଖି ଆସିଲେ ଗୌରୀକୁ । ସେ ମନ୍ଦିରରେ ଥାଇ ପଟୁଆର ଦେଖୁଥିଲା, ପୂଜା ଦେଖୁଥିଲା ।

ଗୌରୀକୁ ଦେଖିଲା ମୁହୂର୍ତ୍ତରୁ ମହାରାଜା ବିଶ୍ୱମ୍ଭର ଦେବ ଅନ୍ୟମନସ୍କ ହେଲେ । ଗୌରୀ ରାଜ୍ୟର ଶ୍ରେଷ୍ଠ ସୁନ୍ଦରୀ, ସେ ସ୍ୱପ୍ନର ଶିଶୁ; ତାର ତେଜ ଅଦ୍ଭୁତ । ବିଶ୍ୱମ୍ଭର ଦେବ ବିଚଳିତ ହେଲେ ।

ସେଦିନଠୁ ତାଙ୍କର କୃଷ୍ଣଲୀଳା ଅସମ୍ପୂର୍ଣ୍ଣ ହୋଇ ରହିଲା । ସମସ୍ତେ ଅଛନ୍ତି; କିନ୍ତୁ ଏମାନେ ଯାହାର ପରିପୂରକ ତ୍ରିଭଙ୍ଗେ ସେ ନାହିଁ ।

ଦିନୁ ଦିନ ମହାରାଜା ଅନାସକ୍ତ ହୋଇ ପଡ଼ିଲେ । ସର୍ବଦା ଚିନ୍ତା, ସର୍ବଦା ଦୀର୍ଘଶ୍ୱାସ, ସହସ୍ରାଧିକ ବଣଗୋପୀକାଙ୍କ ମେଳରେ ସେ ଗୋଟିଏ ପ୍ରେତପରି ବୁଲି ରହିଲେ । ବିରହ ଚିନ୍ତାରୁ ଯେଉଁ ଦିନ ଆନନ୍ଦ ମିଳେ ସେତିକ ତାଙ୍କର ନିଜସ୍ୱ, ଗୌଣ ନୁହେଁ । ବଂଶୀରେ ଆପେ ଆପେ କରୁଣ ରାଗିଣୀ ବାଜେ, ସେ ଯାହା ପ୍ରତି

ନୈବେଦ୍ୟ ତାଙ୍କୁ କେବେ ଅସ୍ଥିର କରେ ନାହିଁ; ଅସ୍ଥିର ହୁଅନ୍ତି ମହାରାଜା ।

ଥରେ ସମ୍ବାଦ ମିଳିଲା ଗୌରୀ ଯୌବନ ଛୁଇଁଛି । ମହାରାଜା ଆହୁରି ଅସ୍ଥିର ହେଲେ । ସେ ଗୌରୀଙ୍କୁ ସ୍ୱପ୍ନ ଦେଖନ୍ତି, ଗୌରୀଙ୍କୁ ଧ୍ୟାନ କରନ୍ତି । ଆପଣାକୁ ନିବର୍ତ୍ତାଇବାକୁ ଚେଷ୍ଟା କରି ଭାବନ୍ତି; ଗୌରୀ, ଯେତେ ସୁନ୍ଦର ହେଉ ଏଇ ସହସ୍ର ସହସ୍ର ସମ୍ଭୁକ୍ତା ନାରୀ ଦେହପରି କେବଳ ଗୋଟାଏ ମାଂସର କଳ ତ । ସହସ୍ର ସହସ୍ର ନାରୀ ଯାହା ଶୋଷ ମେଣ୍ଟାଇପାରି ନାହାନ୍ତି, ଗୌରୀ କଣ ଏକୁଟିଆ ପାରିବ ! ନାରୀ; ସେ ଗୋଟାଏ ଦେହ ମାତ୍ର, ଗୋଟାଏ ନାରୀ ଦେହ ଅନ୍ୟ ଗୋଟାଏ ନାରୀ ଦେହର ଗଠନରେ କିଛି ପ୍ରଭେଦ ନାହିଁ । ଭାବନ୍ତି, କେତେବେଳେ ଗୌରୀ ବିରୁଦ୍ଧରେ, କେତେବେଳେ ପ୍ରଶଂସମାନ ଦୃଷ୍ଟିରେ; କିନ୍ତୁ ଯେପରି ହେଉ ଚିନ୍ତାରେ ଗୌରୀ ।

ଦିନୁଦିନ ବ୍ୟାକୁଳ ହୋଇ ମହାରାଜା ସ୍ଥିରକଲେ, ସେ ଗୌରୀଙ୍କ ରାଧା କରି ରାସଲୀଳା ଖେଳିବେ । ସେ ରାଜା, ତାଙ୍କର ପ୍ରତ୍ୟେକ ଇଚ୍ଛା କାର୍ଯ୍ୟରେ ପରିଣତ ହେବା ଉଚିତ । ସେ ଦାକ୍ଷିଣାତ୍ୟ ଗଜପତି, ସେ ସ୍ୱାଧୀନ କଳିଙ୍ଗର ଅଗଣିତ ସେନାଙ୍କର ଅଧିନାୟକ, ସେ ପାପପୁଣ୍ୟ ସଂସ୍କାର ସମସ୍ତଙ୍କ ଉପରେ । ଗୌରୀ ରାଧା ହେବ, ଅବଶ୍ୟ ହେବ । ତାହାପରେ ଗୌରୀ ହେବ ପାଟରାଣୀ । ରାଜା ବିବାହ କରିବେ । ଭକ୍ତିଧର୍ମ; ପ୍ରେମଧର୍ମର ଅମର ସୂତ୍ର ଅନୁଯାୟୀ ହୃଦୟର ଉଚ୍ଛ୍ୱାସହିଁ ସତ୍ୟ, ପ୍ରେମହିଁ ସତ୍ୟ । ଜାତି କୁଳ ଜ୍ଞାନ କେବଳ ସଂସ୍କାର, ଗୋଷ୍ଠୀର ଚଳାଚଳ ନିମନ୍ତେ ମନୁଷ୍ୟକୃତ ବିଧାନ ।

ଏହି ସମାଧାନଟି ମନରେ ଉଦୟ ହେଲା ଗୋଟିଏ ଉନ୍ନିଦ୍ର ରାତି ଶେଷରେ କ୍ଲାନ୍ତ ସ୍ୱପ୍ନମୟ ନିଦ୍ରା ଉତ୍ତାରୁ । ସେ ସ୍ୱପ୍ନ ଦେଖିଲେ,

Digitized by srujanika@gmail.com

ସେ ବିରାଟ ରାସଲୀଳା କରୁଛନ୍ତି; ଯହିଁରେ କୃଷ୍ଣ ସେ ନିଜେ ଏବଂ ଶ୍ରୀମତୀ ସ୍ୱୟଂ ଗୌରୀ । କେତେକାଳର ଦୁଶ୍ଚିନ୍ତା ଗୋଟାଏ ସୁନ୍ଦର ସମାଧାନରେ ପରିଷ୍କାର ହୋଇଗଲା ।

ମହାରାଜା ମନ୍ତ୍ରୀ ଭଟ୍ଟ ମିଶ୍ରଙ୍କୁ ସମ୍ବାଦ ପଠାଇଲେ । ବୃଦ୍ଧ ମାଧବ ଭଟ୍ଟ ମିଶ୍ର ସ୍ୱୟଂ ଉପସ୍ଥିତ ହେଲେ ।

"ଏ କି ଆଦେଶ 'ମହାରାଜ, ଯାହାର ତୁଳନା ହିନ୍ଦୁ ଇତିହାସରେ କେଉଁଠି କେବେ ନାହିଁ ! ମୁଁ ଯଦି କ୍ଷତ୍ରିୟ ହୋଇଥାନ୍ତି ଆନନ୍ଦରେ ଆପଣଙ୍କୁ କନ୍ୟା ଦାନକରି ଧନ୍ୟ ହୁଅନ୍ତି । ମହାରାଜ ! ମୁଁ ଶ୍ରୋତ୍ରିୟ ବ୍ରାହ୍ମଣ; ତହିଁରେ ଆପଣଙ୍କ ଅନ୍ନରେ ପ୍ରତିପାଳିତ । ଆପଣ ମୋର ଅନ୍ନଦାତା; ତେଣୁ ମୋର ପିତା । ଆଦେଶ ପ୍ରତ୍ୟାହାର କରନ୍ତୁ ନତୁବା ମୋତେ ଅବସର ଦିଅନ୍ତୁ ମହାରାଜ !" "ଅହୋ ! କି ବିପତ୍ତି !"

"କାହିଁକି ଏପରି କ୍ଷୁବ୍ଧ ହେଉଛନ୍ତି, ମନ୍ତ୍ରୀ ମହାଶୟ ! ମୁଁ ଆପଣଙ୍କ କନ୍ୟାଙ୍କୁ ସମ୍ମାନ କରିବି; ଯେଉଁ ଶ୍ରେଷ୍ଠ ସମ୍ମାନ ମନୁଷ୍ୟ ନାରୀକୁ କରିପାରେ । ଆପଣଙ୍କର କନ୍ୟା ବିଶାଳ ଦକ୍ଷିଣ-କଳିଙ୍ଗର ଅଧିଶ୍ୱରୀ ହେବେ । ଇତିହାସର ତୁଳନା କାହିଁକି ଖୋଜୁଛନ୍ତି ଆପଣ ? ଯାଉଁ ଇତିହାସ ଦିନକୁ ଦିନ ନୂତନହୋଇ ଗଢ଼ି ହେଉଛି । ଜାତିକୁ ମନୁଷ୍ୟ ଗଢ଼ିଥିଲା; ମନୁଷ୍ୟ ଭାଙ୍ଗିବ । ଆପଣ ବିଜ୍ଞ, ଆପଣ ଦାର୍ଶନିକ; ହୃଦୟର ଇଚ୍ଛାସଠାରୁ କୌଣସି ଜାତି କୂଳର ସଂସ୍କାର ବଡ଼ କି ? ଭାବି ଦେଖନ୍ତୁ ପ୍ରେମହିଁ ଭଗବାନ; ମୋର ଅନୁରୋଧ ରଖନ୍ତୁ ।"

"ମହାରାଜ; ଏ କି ବିଚିତ୍ର ଅନୁରୋଧ ! କ୍ଷମା କରନ୍ତୁ ଅଧୀନକୁ ।"

Digitized by srujanika@gmail.com

ଖର୍ବକାୟ, ବଳିଷ୍ଠ ଗଠନ; ସଂସ୍କୃତିବାନ ବୃଦ୍ଧ ମାଧବ ଭଟ୍ଟ ମିଶ୍ର ଲଜ୍ଜା, ଦୁଃଖ, କ୍ରୋଧରେ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ। ତାଙ୍କର ଶରୀର ଅବସ୍ଥା ତାଙ୍କର ବୟସକୁ ଅସ୍ୱୀକାର କରୁଥିଲା।

"ମହାରାଜ ! ଏ କଣ ଅନୁରୋଧ ନା ରାଜାଦେଶ ମହାରାଜ; ମହାରାଜ !"

"ମୋର ବକ୍ତବ୍ୟ ଶେଷ କଲି, ଆପଣ ଯେପରି ଭାବନ୍ତୁ, ଆଦେଶ ବା ଅନୁରୋଧ। ହଁ; ଆଜି ଦ୍ୱାଦଶୀ; ଆସନ୍ତା ପୂର୍ଣ୍ଣିମୀ ଦିନ ଅପରାହ୍ନରେ ଝଂଝାବତୀକୂଳରେ ରାସଲୀଳା ଅନୁଷ୍ଠାନ; ଶିବାସ୍ତୁ।"

ଭଟ୍ଟ ମିଶ୍ରେ ଦୁଃଖରେ ଜର୍ଜରିତ ହୋଇ ଫେରିଲେ। ଭାବିଲେ ସେ ବିଦ୍ରୋହ କରିବେ; କିନ୍ତୁ କାହାକୁ ନେଇ ? ଦାକ୍ଷିଣାତ୍ୟ ଗଜପତିଙ୍କର ଅଗଣିତ ସେନାମାନଙ୍କର ସେନାପତି ସେ ସତ୍ୟ। ସୈନ୍ୟ ଶିବିରର ଦେବଙ୍କୁ ଚିହ୍ନନ୍ତି ନାହିଁ; ତାଙ୍କୁହିଁ ଚିହ୍ନନ୍ତି; ତାଙ୍କରି ପ୍ରଭାବ ବୁଝନ୍ତି। କିନ୍ତୁ ସେମାନେ ପ୍ରଜା; ରାଜା ଯେତେ ଅତ୍ୟାଚାର, ଯେତେ ଅନ୍ୟାୟ କଲେ ମୁଦ୍ଧା ସେମାନେ ସବୁ ସହ୍ୟ କରିବେ ସିନା, ପ୍ରାଣ ଗଲେ ମୁଦ୍ଧା ରାଜାର ଅଙ୍ଗ ବିରୁଦ୍ଧରେ ଅସ୍ତ୍ର ଉଠାଇବେ ନାହିଁ। ସେ ନିଜେ ପ୍ରାଚୀନ ମନ୍ତ୍ରୀ; ପ୍ରାଣ ଥାଉଁ ଥାଉଁ ଆପଣା ଦେଶପ୍ରତି ବିଶ୍ୱାସଘାତକତା କରି ପଡ଼ୋଶୀ ରାଜ୍ୟ ସଙ୍ଗେ ମୈତ୍ରୀ କରି ବିଦେଶୀଙ୍କୁ ନିମନ୍ତ୍ରଣ କରି ପାରିବେ ନାହିଁ। ତାହା ଅପେକ୍ଷା ମୃତ୍ୟୁ ଭଲ। ଭଟ୍ଟ ମିଶ୍ର ମହାଚିନ୍ତାରେ ପଡ଼ିଲେ; ଭାବି ଭାବି ଗଲେ, ମା କନକଦୁର୍ଗା ନିଶ୍ଚୟ ବାଟ ବତାଇ ଦେବେ।

ସମ୍ବାଦର ବଜ୍ରନିର୍ଘୋଷ ଭଟ୍ଟ ମିଶ୍ର ପରିବାରଙ୍କୁ କିଛି ସମୟ ମୂକ କରିଦେଲା। ତାହାପରେ ବ୍ରାହ୍ମଣୀ କାନ୍ଦିଲେ, ବୃଦ୍ଧ ବ୍ରାହ୍ମଣ ଭଟ୍ଟ ମିଶ୍ର କାନ୍ଦିଲେ; କାନ୍ଦିଲା ନାହିଁ ଗୌରୀ।

Digitized by srujanika@gmail.com

"ବୁଝିଲ ବ୍ରାହ୍ମଣୀ, ମୁଁ ମୋର କେତେ ଜଣ ବିଶ୍ୱସ୍ତ ସୈନିକଙ୍କୁ ନେଇ ସେହି ରାସଲୀଳାରେ ସେ ରାଜାକୁ ବଧ କରିବି । ପରେ ରାଜାର ପାର୍ଶ୍ୱଚରମାନେ ବଧ କରିବେ । ସମ୍ବାଦ ପାଇ ତୁମ୍ଭେ ଦୁହେଁ କନକ ଦୁର୍ଗାଙ୍କ ନାମ ସ୍ମରଣ କରି ଆତ୍ମହତ୍ୟା କରିବ । କଳିଙ୍ଗର ମନ୍ତ୍ରିକୁଳ ଭଞ୍ଜ ମିଶ୍ର ନାମ ଲୁପ୍ତହେବ, ଏତିକି ମୋର ସମାଧାନ ।"

ଗମ୍ଭୀର ରହି ଗୌରୀ କହିଲେ—"ନା, କେହି ଏପରି ମରିବା ଆବଶ୍ୟକ ନାହିଁ । ସେ ରାଜାଙ୍କୁ ଉତ୍ତର ପଠାଅ, ରାସ ହେବାକୁ ମୁଁ ପ୍ରସ୍ତୁତ । ମୁଁ ଯିବି, ସେ ରାଜାକୁ ବୁଝାଇ ଦେଖିବି । ନ ବୁଝିଲେ ତାକୁ ହତ୍ୟାକରି ନିଜେ ଆତ୍ମହତ୍ୟା କରିବି । ତାହା ପରେ ତୁମ୍ଭେମାନେ ନିଜର ଉପାୟ କରିବ ।"

ବହୁତ ଯୁକ୍ତିତର୍କ ହେଲା । ଗୌରୀ ତା'ର ଉପାୟ ବଖାଣିଲା । ଭଞ୍ଜ ମିଶ୍ର ପ୍ରବୋଧ ହେଲେ । କହିଲେ, "ବାଧା ଦେଉ ନାହିଁ ବ୍ରାହ୍ମଣୀ; ଯା ମା; ତୁ ସାକ୍ଷାତ ଗୌରୀ ସମାନ । କନକଦୁର୍ଗାଙ୍କର ଆଶୀର୍ବାଦ ନେଇ ତୁ ଯା —

ଗର୍ଜନ କରି ସେ କହିଲେ, "ଆଉ, ଯଦି କେହି ତୋର କେଶାଗ୍ର ସ୍ପର୍ଶକରେ, ତେବେ—ତେବେ—ଦୁର୍ଗା ହୁଙ୍କାର ଦେଇ ମାତି ଉଠିବ; ଦକ୍ଷିଣ କଳିଙ୍ଗର ନାମ ବୁଡ଼ିବ—ବୁଡ଼ିବ ।'

"କିଛି ହେବ ନାହିଁ ନନା, ଖାଲି ଆଶୀର୍ବାଦ କର ମଙ୍ଗଳ ବର୍ଷୁଥାଉ, କିଛି ଭୟ ନାହିଁ ।" ଭଞ୍ଜ ମିଶ୍ର ଆଶ୍ଚର୍ଯ୍ୟ ହେଲେ । ଏତେ ସାହସ ! କାଲିକାର ଝିଅ ଗୌରୀ । ନିଜର ଅଗ୍ନିତେଜ ବଂଶପରମ୍ପରା ମନେପଡ଼ିଲା । ବ୍ରାହ୍ମଣ୍ୟଙ୍କ ସ୍ୱର୍ଗୀୟ ଶକ୍ତି, ଯୋଦ୍ଧାଙ୍କ ସାହସ, କଳିଙ୍ଗର ମନ୍ତ୍ରୀ ସେ । ସେହି ବଂଶର ତ ଗୌରୀ ।

Digitized by srujanika@gmail.com

ଭଟ୍ଟ ମିଶ୍ର ହସିଲେ । ବଢ଼େଥଗାମୀ ଦୁର୍ବଳ ବିଶ୍ୱମ୍ଭର ! ଦୟା ହେଲା ।

ଗୁରୁଆଡ଼େ ବାଉଁଶ ଖେଳିଗଲା । ବିଶ୍ୱମ୍ଭର ଦେବ ଉତ୍ଫୁଲ୍ଲ ହେଲେ । ନନ୍ଦନ୍ତି ବନ ଝଂଝାବତୀ କୂଳରେ ରାଜ୍ୟର ଯେତେ ନାମଗଣ୍ୟ ଲୋକ ସମସ୍ତେ ଥାଆନ୍ତି । ସାମନ୍ତମାନେ, ଚୈତନ୍ୟ ସମ୍ପ୍ରଦାୟର ସମସ୍ତେ, ଚମ୍ପା ନଗରର ଯେତେ ନରନାରୀ । ରାସ ପ୍ରାଙ୍ଗଣ ସୁଶୋଭିତ ହୋଇଥାଏ । ଶତ ଶତ ଗୃହପାଳିତ ମୟୂର, ଶତ ଶତ ପିଞ୍ଜରାବଦ୍ଧ କୋକିଳ । ସହସ୍ର ସହସ୍ର ବର୍ଣ୍ଣଶୁଭ୍ରା ଗୋପିକାବେଶରେ କ୍ରୀଡ଼ା କରୁଥାନ୍ତି । ରାଜା ବିଶ୍ୱମ୍ଭର ଦେବ କୃଷ୍ଣବେଶରେ । ସଙ୍ଗୀତର ମଧୁର ଝଙ୍କାର ଝଂଝାବତୀ ଜଳରେ ତରଙ୍ଗ ଖେଳାଉଥାଏ । ଗୁରୁଆଡ଼େ ସଙ୍ଗୀତ, ଫୁଲ, ହର୍ଷରୋଳ । ଶେଷ ଦୃଶ୍ୟ ଝଂଝାବତୀ ଜଳ ଓ ଗୋପିକାମାନଙ୍କର ଗଣ୍ଡ ଆରକ୍ତ କରୁଥାନ୍ତି । ଏହି ସମୟରେ ସମ୍ବାଦ ଆସିଲା ମନ୍ତ୍ରୀ ମାଧବ ଭଟ୍ଟ ମିଶ୍ରଙ୍କର କନ୍ୟା ଗୌରୀ ଆସିଛନ୍ତି । ବିଶ୍ୱମ୍ଭର ଦେବଙ୍କର ଏପରି ଆନନ୍ଦ ହେଲା, ଭାବିଲେ ଅର୍ଦ୍ଧେକ ରାଜ୍ୟ ତତ୍‌କ୍ଷଣାତ୍ ବୃଦ୍ଧ ମନ୍ତ୍ରୀଙ୍କୁ ଦାନ କରିଦେବେ । ମହା ସମ୍ଭ୍ରମରେ ସମସ୍ତେ ଗୌରୀଙ୍କୁ ଅଭିନନ୍ଦିତ କରି ନେଇ ଆସିଲେ । ସଭାସ୍ଥଳ ନିଃଶବ୍ଦ ହେଲା । ଶ୍ୱାସରୋଧ କରି ସମସ୍ତେ ପ୍ରତୀକ୍ଷା କରି ରହିଲେ, କଣ ହେବ ଏହାପରେ ।

ଗୌରୀ ନିର୍ଭୟ ନିଃସଙ୍କୋଚରେ ଝଂଝାବତୀ କୂଳରେ ଅବତରଣ କରି କରି ଗୋଟାଏ ବିରାଟ ମୁଣ୍ଡିଆ [illegible]ରେ ଉପବେଶନ କଲେ । ତାରଯନ୍ତ୍ରର ମଧୁର ଝଙ୍କାର ହଠାତ୍ ଉଦାସ ରାଗିଣୀ ଆଳାପ କରିବାକୁ ଆରମ୍ଭ କଲା । ଗୌରୀ ଅତି କ୍ଳାନ୍ତ ହେଲା ପରି ମୁଣ୍ଡିଆ ଉପରେ ଅର୍ଦ୍ଧ ଶାୟିତ ହୋଇ ରହିଲା ।

Digitized by srujanika@gmail.com

ସମସ୍ତିଙ୍କର ଦୃଷ୍ଟି ତାଙ୍କର ଉପରକୁ । ଏହାପରେ କିଛି ସମୟ କଟିଲା । ମହାରାଜା ଆଦେଶ କଲେ—"ରାସ ଆରମ୍ଭ ହେଲା, ଆସ ଗୌରୀ ! ତୁମେ ରାଧା ।" ଚାରିଆଡ଼ୁ ଘନ ଘନ କରତାଳି ହେଲା । ପୁଣି ସବୁ ନିଃଶବ୍ଦ ହେବାରୁ ଗୌରୀ କହିଲେ—"ମହାରାଜ ! ମୁଁ ଅତି କ୍ଳାନ୍ତ ।'

"ଗୌରୀ କ୍ଳାନ୍ତ ! ଆଣ ଉଶୀର, ଆଣ ପଦ୍ମପତ୍ର । ଆରେ ଦାକ୍ଷିଣାତ୍ୟ-ଧନ୍ୱନ୍ତରିଙ୍କୁ ସମ୍ବାଦ ଦିଅ ରେ ! ଗୌରୀ; କ୍ଳାନ୍ତ ମହାରାଜା ଉଚ୍ଛନ୍ନ ହୋଇ ପାଖକୁ ଧାଇଁ ଆସିଲେ, ସମସ୍ତେ ଆସିଲେ । ଗୌରୀ କହିଲେ—"ମହାରାଜ, ମୋର କ୍ଳାନ୍ତି ପାଇଁ ଉଶୀର ପ୍ରୟୋଜନ ନାହିଁ; ପଦ୍ମପତ୍ର ପ୍ରୟୋଜନ ନାହିଁ ବା ଦାକ୍ଷିଣାତ୍ୟ ଧନ୍ୱନ୍ତରିଙ୍କ ଔଷଧ ପ୍ରୟୋଜନ ନାହିଁ । ମୁଁ ରାଧା, ଆପଣ କୃଷ୍ଣ । ପୂର୍ବକାଳରେ ଏହିପରି ରାସ ସମୟରେ ଥରେ ରାଧା କ୍ଳାନ୍ତହୋଇ ଗୋଟିଏ କ୍ଷୁଦ୍ର ପର୍ବତ ଉପରେ ପଡ଼ିଥିବାରୁ କୃଷ୍ଣ ରାଧାଙ୍କର କ୍ଳାନ୍ତି ଅପନୋଦନ ପାଇଁ ସେହି ପର୍ବତକୁ ସ୍କନ୍ଧରେ ବହନ କରି ରାଧାଙ୍କର ବାଧା ପ୍ରଶମନ କରିଥିଲେ । ଆପଣ କୃଷ୍ଣ, ମୁଁ ରାଧା ! ଆପଣ ଏ ମୁଣ୍ଡିଆଟି ଉଠାଇ ଝିଂଝିଂବାଷ୍ଟ କୂଳେ କୂଳେ ମୋତେ ବୁଲାନ୍ତୁ; ସନ୍ଧ୍ୟା ସମୀରରେ ବଳେ ମୋର କ୍ଳାନ୍ତି ଭଲ ହେବ ।

"ତୁମେ ଚାତୁରୀ କରୁଛ, ରାଧା !"

"ମୁଁ ପୁରାଣ କଥା କହୁଛି, କୃଷ୍ଣ !"

"ଏତେ ବଡ଼ ମୁଣ୍ଡିଆ କ କେହି ଟେକି ପାରିବ; ନା ରାଜ୍ୟର ସମସ୍ତେ ମିଶି ଟେକି ପାରିବେ ?"

"କୃଷ୍ଣ ପର୍ବତ ଟେକିଥିଲେ—"

Digitized by srujanika@gmail.com

"ଯାଃ ଗୌର, ଛଳନା ଛାଡ଼; ଯଦି ଦୁର୍ବଳ ଲାଗୁଛି, ଧନ୍ୱନ୍ତରୀ ଆସନ୍ତୁ ।"

"ମହାରାଜ, ମୋର କ୍ଳାନ୍ତ ଏ ସାମାନ୍ୟ ମୁଣ୍ଡିଆ ଟେକାରେ ଭଲ ହେବ । ଆପଣ ମୋର ଏକ ଅନୁରୋଧ ରଖିବେ ନାହିଁ ମୂଳରୁ ?"

"ଏ କଣ ସାମାନ୍ୟ ଅନୁରୋଧ ଗୌର, ନା ଏ କଣ ସମ୍ଭବ ?

"ମହାରାଜ, ଏ ଗୋଟିଏ ସାମାନ୍ୟ ମୁଣ୍ଡିଆ; ଗିରି ଗୋବର୍ଦ୍ଧନ ବି ନୁହେଁ। କୃଷ୍ଣ ଗିରି ଗୋବର୍ଦ୍ଧନ ଟେକିଥିଲେ—"

"ସେ କୃଷ୍ଣ, ସେ ସ୍ୱୟଂ ମହାପ୍ରଭୁ; ତାଙ୍କର ଶକ୍ତି ଅସୀମ। ମୁଁ କେବଳ ଜଣେ ମନୁଷ୍ୟ ।"

"ତେବେ ଏ ଛଳନା କାହିଁକି ମହାରାଜ ?" ଗୌର ମୁଣ୍ଡିଆ ଉପରେ ଠିଆହେଲେ । ଆସନ୍ନ ସନ୍ଧ୍ୟାର ଆକାଶ ଆଗରେ ଜ୍ୟୋତିର ସ୍ତମ୍ଭ ଲିଙ୍ଗ ପରି ଉଚ୍ଚ ଗମ୍ଭୀର ଗଳାରେ କହିଲେ; "ଶୁଣନ୍ତୁ ଦେଶବାସୀ ସମସ୍ତେ, ଏ ମହାରାଜା କୃଷ୍ଣଲୀଳା କରୁଛନ୍ତି । କୃଷ୍ଣ ଗିରି ଗୋବର୍ଦ୍ଧନ ଟେକିଥିଲେ ରାଧାଙ୍କ ବିନୋଦନ ପାଇଁ । କ୍ଳାନ୍ତ ରାଧା ଯେଉଁ ପାହାଡ଼ ଉପରେ ବସିଥିଲେ ଧନେ ତାକୁ ମଧ୍ୟ ଟେକ ଧରିଆଡ଼େ ବୁଲାଇଥିଲେ । ମହାରାଜା ମୋତେ ରାଧା କରିବାକୁ ଚାହାନ୍ତି; କିନ୍ତୁ ଏ ସାମାନ୍ୟ ମୁଣ୍ଡିଆଖଣ୍ଡିକ ଟେକିବା ଶକ୍ତି ତାଙ୍କର ନାହିଁ । କହୁଛନ୍ତି, ସେ କେବଳ ଜଣେ ମନୁଷ୍ୟ; ମହାପ୍ରଭୁ କୃଷ୍ଣ ନୁହନ୍ତି । ଦାକ୍ଷିଣାତ୍ୟ ଗଜପତି ମହାରାଜା ବଶୁମ୍ବର ଦେବ ରାଜ୍ୟର ଉପସ୍ଥିତ ସମସ୍ତଙ୍କ ଆଗରେ କହନ୍ତୁ, ତୁମ୍ଭ ମନୁଷ୍ୟ କି ଶ୍ରୀକୃଷ୍ଣ ?"

ମହାରାଜା ମଥାପୋତି ଠିଆହୋଇ ରହିଲେ । ଗୌର କହିଲେ, ତେବେ ଆପଣ ମନୁଷ୍ୟ ? କାହିଁକି ତେବେ କୃଷ୍ଣଙ୍କୁ ଅନୁକରଣ କରୁଅଛନ୍ତି ? ଏ ଛଳନାର ଉଦ୍ଦେଶ୍ୟ କଣ ?

Digitized by srujanika@gmail.com

କୃଷ୍ଣଲୀଳା ରୂପରେ ଏ କେବଳ ସ୍ୱେଚ୍ଛାଚାର, କେବଳ ପାଶବିକତା ନୁହେଁ କି ମହାରାଜ ! ଆପଣ କୃଷ୍ଣ ନୁହନ୍ତି, ଏମାନେ ଗୋପୀକା ନୁହନ୍ତି । ଆପଣ ମହାରାଜା, ଏମାନେ ଆପଣଙ୍କ ଭୋଜ୍ୟ ବସ୍ତୁ ଦରିଦ୍ର ପ୍ରଜା । ଆପଣ କୃଷ୍ଣ ନୁହନ୍ତି, ମୁଁ ରାଧା ନୁହେଁ । ଆପଣ କ୍ଷତ୍ରିୟ ଯୁବକ, ମୁଁ ବ୍ରାହ୍ମଣ କନ୍ୟା, ଆପଣଙ୍କର ମାତୃସମା । ମୁଁ ବ୍ରାହ୍ମଣ କନ୍ୟା; ମୋର ଆଶୀର୍ବାଦ ଗ୍ରହଣ କରନ୍ତୁ । ମହାରାଜ! ଆପଣଙ୍କର ସୁବୁଦ୍ଧି ହେଉ ।''

ସମସ୍ତେ ନିର୍ବାକ । ଗୌରୀ ଫେରିଆଇ ଆସିଲେ । ବଶୀଭୂତର ଦେବ ମନ୍ତ୍ରଚାଳିତ ହେଲାପରି ତାଙ୍କୁ ପ୍ରଣାମ କଲେ । ଗୌରୀ ବିଦାୟ ନେଇ ଚାଲିଗଲେ । ତାହାପରେ ଚାରିଆଡ଼େ ଲୋକେ କହି ବୁଲିଲେ—'ଯୋଗମାୟା ! ଯୋଗମାୟା ! ରାସଲୀଳା ସାଙ୍ଗ ହେଲା ।'

ଲଜ୍ଜା, ଅପମାନ, ପୁଣି ଗୋଟିଏ ବାଳିକାଠାରୁ ! ଲଜ୍ଜା, ଅପମାନ; ଅଥଚ ତାର କୌଣସି ପ୍ରତିକାର ନାହିଁ । ବଣ ଗୋପୀକାମାନେ ବଣକୁ ଲେଉଟିଗଲେ । ସେହିଦିନୁ ମହାରାଜା କୃଷ୍ଣଭେକ ତ୍ୟାଗକଲେ; ଅପମାନ ଲୁଚାଇବା ଲାଗି ନଅର ଭିତରେ ରହିଲେ, ବାହାରିଲେ ନାହିଁ ।

ସଂସାର ତୁଚ୍ଛ ଲାଗିଲା, ସବୁ ଆଦର୍ଶ ଭାଙ୍ଗିଗଲା । ବିନାକ୍ଷଣେ ଆପୁଷ ମଧ୍ୟ ବିରକ୍ତ ଲାଗିଲା, ତିକ୍ତ ଜୀବନ ଭିତରେ ଶକ୍ତ ରାଜପୁତ୍ର···

ଅଳ୍ପଦିନ ଉତ୍ତାରୁ; ଲକ୍ଷ୍ମୀମାଳ ଗ୍ରାମର କିଛିଟିଏ ଆମ୍ବ- ପର୍ବତ ତଳେ ତଳେ ହଜିଲା ଗୋରୁ ଖୋଜି ଖୋଜି ଗୋଟିଏ ଗୁମ୍ଫା ପାଖେ ପହଞ୍ଚିଲା । ସେଠି ଦେଖିଲା, ଜଣେ ଜଟାଜୁଟଧାରୀ ସନ୍ନ୍ୟାସୀ । ସନ୍ନ୍ୟାସୀ ତାକୁ କହିଲେ, ଚମ୍ପା ନଗରରେ ରାଜାଙ୍କୁ

Digitized by srujanika@gmail.com

ଏ ପାଉଁଶ ମୁଠାକ ଦେଇ ଦେବୁ ବାବା ! କହିବୁ, ଆମ୍ରାପର୍ବତର ବାବାଜି ଦେଇଛନ୍ତି ।

କନ୍ଦ ଉଇଡ ସେହିପରି କଲା ।

ପାଉଁଶ ହାତରେ ଧରୁ ଧରୁ ମହାରାଜା ବିଶ୍ୱମ୍ଭର ଦେବ ଯେପରିକି ଭିନ୍ନ ଲୋକ ହୋଇଗଲେ । ଦିବସରେ ସେ ସ୍ୱପ୍ନ ଦେଖିଲେ ଯେପରି ସେ ଜଣେ ତପସ୍ୱୀ ସାଂସାରିକ, ଭୋଗବିଷୟରେ ଧାରଣା କରିବାକୁ ସଂସାରକୁ ଆସିଥିଲେ । କ୍ରମେ ସ୍ୱପ୍ନ ବାସ୍ତବ ବୋଧହେଲା; ବାସ୍ତବ ସ୍ୱପ୍ନ ପରି ଲାଗିଲା । ଭାବୁ ଭାବୁ ତାଙ୍କର ମନ ପରିବର୍ତ୍ତିତ ହୋଇଗଲା । ବିଶ୍ୱାସ ଆସିଲା ସେ କିଏ, କେଉଁ ଉଦ୍ଦେଶ୍ୟରେ ଆସିଛନ୍ତି; ମନଃସ୍ଥ କଲେ ଏଥର ସେ ଫେରିଯିବେ, ସଂସାର ଦେଖା ସରିଲା ।

ମନ୍ତ୍ରୀଙ୍କୁ ଡକାଇଲେ । କହିଲେ, "ଭକ୍ତ ମିତ୍ରେ ! ମୁଁ ସନ୍ନ୍ୟାସ ନେଉଛି, ଆମ୍ରାପର୍ବତକୁ ଯିବି, ଆପଣ ରାଜ୍ୟର ବନ୍ଦୋବସ୍ତ କରନ୍ତୁ ।

ମନ୍ତ୍ରୀ ବିକଳ ହେଲେ—"ଏହି କଣ କଳିଙ୍ଗ ଗଜପତିମାନଙ୍କ ଅବତଂସଙ୍କର ଯୋଗ୍ୟ ନିଷ୍ପତ୍ତି ମହାରାଜ ! ଆପଣ ସନ୍ନ୍ୟାସୀ ହେବେ, ସାମ୍ରାଜ୍ୟ କଣ ହେବ ମହାରାଜ ? ଆପଣଙ୍କର ପିତୃ ପିତାମହଙ୍କ କୀର୍ତ୍ତି ସ୍ମରଣ କରନ୍ତୁ, ମହାରାଜ ! ସେମାନେ ଚକ୍ରବର୍ତ୍ତୀ ଥିଲେ, ସନ୍ନ୍ୟାସୀ ହୋଇ ନ ଥିଲେ ତ ? ସଂସାରୀ ରହି ଧର୍ମ ସଞ୍ଚୟ କରିହୁଏ, ଶାସ୍ତ୍ରରେ ବିଧାନ ଅଛି । ସୁଶାସନ ମଧ୍ୟ ଧର୍ମ—"

"ଧର୍ମ ଆଉ ସାମ୍ରାଜ୍ୟ !" ମହାରାଜା ହସିଉଠିଲେ । କେତେଦୂର ଭବିଷ୍ୟତକୁ ଅନାଇଁ ରହିଲା ପରି ଦୃଷ୍ଟିକରି ସେ ଅନ୍ୟମନସ୍କ ହୋଇ ରହିଲେ । ଘନ ଘନ ଦୀର୍ଘଶ୍ୱାସ ପକାଇ କହିଲେ, "ବୃଥା ! ବୃଥା !—ନା ମନ୍ତ୍ରୀ ମୁଁ ଭୁଲିଲି ।"

Digitized by srujanika@gmail.com

ଆଜକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଦାକ୍ଷିଣାତ୍ୟ ଗଜପତି ମହାରାଜା ବିଶ୍ୱମ୍ଭର ଦେବ ଆମ୍ବାପର୍ବତର କେଉଁ ଖୋଲରେ କେଉଁ ଆଡ଼େ ଅନ୍ତର୍ହିତ ହୋଇଥିଲେ । ଆଜି ସାମ୍ରାଜ୍ୟ ଯାଇଛି, ଚମ୍ପାନଗରୀ କେବଳ ଧ୍ୱଂସର ସ୍ତୂପ । ଇତିହାସ କେବଳ କିମ୍ବଦନ୍ତୀ ; କିନ୍ତୁ କେବେ କେବେ ଖରାଦିନେ ଅନ୍ଧାର ରାତିରେ ଆମ୍ବାପର୍ବତରେ ନିଆଁର ହାବେଲି ଖଞ୍ଜି ହୋଇଯାଏ, ଏ ମୁଣ୍ଡରୁ ସେମୁଣ୍ଡ । ପାହାଡ଼ ଅଞ୍ଚଳର କନ୍ଧ ପ୍ରଜାଏ କହନ୍ତି, ଏ ବିଶ୍ୱମ୍ଭର ଦେବଙ୍କର ଧୂନିର ନିଆଁ ।' ଲୁଚି ଲୁଚି କୁହାକୁହି ହୁଅନ୍ତି, ତାଙ୍କର ବିଶ୍ୱାସ ବିଶ୍ୱମ୍ଭର ଦେବ ଅଦ୍ୟାପି ଜୀବିତ ଅଦ୍ୟାପି ଯୁବା; ସେ ଯୋଗନିରତ ।

ଝଂଝାବର୍ତ୍ତ ଚାଲିଛି ଅତୀତରୁ ଭବିଷ୍ୟତକୁ; ଗଡ଼ଆଘାଟର ଧ୍ୱଂସ କୀର୍ତ୍ତି ଅଦ୍ୟାପି ରହିଛି, ଆଉ ସେ କଳାପଥରର ବଡ଼ ମୂର୍ତ୍ତିଆଟି । କେବେ ଅନ୍ଧାର ରାତିରେ ବଂଶୀସ୍ୱନ ଶୁଭେ, ଘୁଇ ପର ଉଡ଼ିଯାଆନ୍ତି ସହସେ ସହସେ ରୂପ; ତାଙ୍କର ମୁହଁ ଦିଶେ ନାହିଁ । କିଏ ଜାଣେ; ସେଠି ଆଶା କି ବିଷାଦ—କିଏ ଜାଣେ ?

Digitized by srujanika@gmail.com

ଅଶ୍ୱତ୍ଥ

ସମୟ ଚାଲିଯାଏ ।

ସୁଅଭୋଡ଼ରେ ଛଡ଼ିହୋଇ କିଏ କେଉଁଠି ଯାଇ ବାଜେ । ଆଉ ପଛକୁ ଫେରିହୁଏ ନାହିଁ । ସମୟ ସଙ୍ଗେ ଗଡ଼ି ଗଡ଼ି ଯାଇ ଦେହରୁ ଫାଳ ଫାଳ ଯାଏ ଛିଣ୍ଡି । ଆଜିର ପଥର କାଲିକୁ ସରୁ ବାଲି ପାଲଟେ ।

ଗାଁକୁ କେବେ ବୁଲିଗଲେ ନଈକୂଳରେ ହିଁ ମୋର ବେଶୀ ବେଳ କଟେ, ଚଉଡ଼ା ବାଲିସରି ସେପାଖେ ସରୁ ନଈଧାର କୂଳରେ । ବସି ବସି ପାଣିକୂଳରେ ମନକୁ ମନ ବାଲିରେ ଦେଉଳ ତୋଳେ, ଆଞ୍ଜୁଳି ଆଞ୍ଜୁଳି ପୋଖରୀ ଖୋଳେ, ଛୋଟ ଛୋଟ ବାଲିଗରଡ଼ା ମାଛ ଧରି ଚହିଁରେ ଛାଡ଼େ ।

ପାଣି ଛଳ ଛଳ କରି ହସିଉଠି ହାବୁକାଏ ଦିଏ । ପୋଖରୀ ଆଉ ଦେଉଳ ସବୁ ଭୁସୁଡ଼ିପଡ଼େ । ତା ପରେ ସବୁ ସମାନ ।

ଆରପାଖ ଧୂଳିସର ଗାଁ । ଘାଟରେ ଗାଁଯାକର ବୋହୂଝିଅ ଗାଧୋଉଥାଆନ୍ତି । ପିଲାଦିନ କଥା ମନେ ପଡ଼େ । ଏପାଖ ଭୁଠରେ ବୋଉ କାନିକୁ ଧରି ବଳାଗଣ୍ଠିଏ ପାଣିରେ ଗୋଡ଼ ହାତ ବାଡ଼େଇ ପାଣି ଗୋଳିଆ କରି କରି ମୁଁ ବୀରପଣ ଦେଖାଏ । ବେଶୀ ପାଣିକୁ ଯିବାକୁ ମତେ ଡର । ଆଜି ବୋଉ କୁହାଟ ମାରି ମାରି ଆରପାଖ ଭୁଠର ମାଈକିନିଆମାନଙ୍କ ସାଙ୍ଗରେ ଗପ କରେ, "କି ଲୋ ରମାବୋଉ, ସେ କିଏ ବା ? ବୋହୂ ! ତାକୁ କୁଆଡ଼େ ଆଣିଚୁ ବା ?"

Digitized by srujanika@gmail.com

ବୋଞ୍ଜର ପାଟି ଶୁଣିପାରେ କି ଏବେ ପବନରେ ? ନା; କଚ୍ଛ ଧରି ରଖିହୁଏ ନାହିଁ—ସ୍ଥୂଳ କି ସୂକ୍ଷ୍ମ—କଚ୍ଛ । ନଈପାଣିରେ ଦଳ ଦଳ ଏଣ୍ଡୁଲା ମାଛ ଡେଇଁ ଡେଇଁ ପଳାଇଯାଆନ୍ତି । ଖର ତେଜ ବାଙ୍କ ପାଣିଗୁଡ଼ାକ ଫୁଟିଲା ପରି ଦିଶେ, ଡେଇଁଲା ପରି । ଆଉ ଏପାଖେ ସବୁ ଶୂନଶାନ, ଖାଲି ବାଲିସର ।

ଏଇ ବାଲିସର ଉପରେ କେତେ ଖାଲ, କେତେ କୂଦ ହୋଇଥାଏ । କେତେଥର ପିଲାଏ ଗାଧୋଇ ସାରି ପୋଷାକସବୁ ଏକାଠି ଗଣ୍ଠି କରି ପବନରେ ପାଲପରି ଉଡାଇ ଧରି ଶୁଖେଇ ଶୁଖେଇ ଆମେ ଚାଲିଯାଇଛୁ କୂଦ ଖାଲ ଉପରେ । ଆମର ଠିକ ପାଦଗୁଡ଼ିକର ଚିହ୍ନ ଆଜି ଲିଭିଯାଇଛି; ସେ କୂଦ ବି ନାହିଁ, ସେ ଖାଲ ବି ନାହିଁ ।

ପୁଣି ବସି ବସି ଆଉ ଗୋଟିଏ ମଜାର ଚୋଟକଳା, ଆଉ ଭାବିଲି । କାହାଙ୍କ ଗଛର ଛଡ଼ା ଚେଣ୍ଡୁହାର ଭାସି ଆସି କୂଳରେ ଲାଗିଛି; ଶୁଖିଯାଇ କେତେକ ଗଛ ହେଲାଣି ଏଇ ଓଦାବାଲି ଉପରେ । ପିଲାଏ ଏମ୍ବିପରି କେତେ ଗଛ ମୁଁ ଖୋଜିନେଇ ବାଡ଼ରେ ଲଗାଉଥିଲି । ଗଛ ଖୋଜୁ ଖୋଜୁ ମୁଁ ବେଳ ଗଡ଼େଇ-ଦିଏ । ଆଉ ରଙ୍ଗରଙ୍ଗର ଗୋଡ଼ି । ଗଛ ଓପାଡ଼ିନେଇ ଆପଣା ବାଡ଼ରେ ପୋତିବା ମୋର ଭାରି ସୁଖ ଥିଲା ।

ଆଉ ମୁଁ କୂଆଡ଼େ ଭାରି ଓଲୁ ଥିଲି । ବାଡ଼ିଆଡ଼ କୂଅ-ମୂଳରେ ଯେଉଁଠି ଭାରି ପାଣି ଦଲଦଲିଏ, ବାପାଙ୍କ ପକେଟରୁ ଟଙ୍କା ଚୋରେଇ ନେଇ ସେଠି ପୋତି ପାଣି ଢାଳୁଥିଲି—ଟଙ୍କାଗଛ ହେବ ବୋଲି । ଅଣ୍ଟାଚର ଦାନଗୁଡ଼ାକ ଫେରେଇହେବ ନାହିଁ ଆଉ ଆଜ ।

ବସି ବସି ଖାଇ ସରୁଥିଲ । ମନେ ହେଉଥିଲା, ସତେ ଯେପରି ଅପୂର୍ବ ଅପୂର୍ବ ଯୁଗର ପାଉଁଶ ସମାନ ହୋଇ ମିଶି-ଯାଇଛି ଏଇ ନଈବାଲିରେ । ପିଲା ଭେଣ୍ଡା ଆଉ ବୁଢ଼ା ଡୋକରାଙ୍କର ଲୀଳା ଏଇ ଅସୁମାର ବାଲିଚର ଉପରେ ଉଡ଼ିଉଡ଼ି ଖେଳି ଖେଳି ଯାଇଛି; ଆଉ ଗୋଟିଏ କଣରେ ଆଖି ମେଲେଇ ବସି ବସି ଅନେଇଁ ଅନେଇଁ ମୁଁ ପଥର ପାଲଟୁଛି ।

ବହୁଦିନ ପରେ ମୁଁ ଘରକୁ ଫେରୁଛି । ସ୍ଟେସନ୍‌ରୁ ବଡ଼-ଯାକେ ସବୁ କଥା ମନେ ସ୍ମରଣ ପକେଇଦେଉଛି ଯେ, ମୋର ଦିନକାଳ ଲୁଟିଛି; ଆଉ ନାହିଁ—ଆଉ ନାହିଁ ।

*   *   *   *

ପଛକୁ ବୁଲିପଡ଼ି ଚାହିଁଲି, ନଈବାଲି ମଝିରେ କଳାହୋଇ ଗୋଟିଏ କଏ ନଈଆଡ଼କୁ ମାଡ଼ି ଆସୁଛି । ଆଉ କେହି କୁଆଡ଼େ ନାହିଁ । ବାଲି ଉଷୁମ ହୋଇଆସିଲାଣି । ସାମନା ଘାଟରୁ ମାଈପେ ଗାଧୋଇସାରି ଉଠିଗଲେଣି; ଘାଟ ଶୂନ୍‌ଶାନ୍ । ମନେ ମନେ ଟିକିଏ ଭରସା ଆସିଲା । ମୁଁ ଯେତେ ବଡ଼ଟିଏ ହେଲେ କଅଣ ହେଲା, ପିଲାଦିନୁ ଗୋଟାଏ ବଦଭ୍ୟାସ ! କେହିଜଣେ ସାଙ୍ଗକୁ ନ ହେଲେ ହାଲିଆପାଣିକୁ ମୁଁ ଗୋଡ ବଢ଼ାଏ ନାହିଁ ।

ଅପେକ୍ଷା କରି ବସିରହିଲି । କ୍ରମେ ଚିହ୍ନିଲି, ସେ ବଡ଼ବାପା । ବୟସ ଅଶୀ ସେପାଖକୁ ଡେଇଁଲାଣି । ଗୋରା ଢକ୍‌ଢକ ସୁନାଖଡ଼ିକା ପରି ଦେହ, ମେରୁଦଣ୍ଡ ସାମାନ୍ୟ ବଙ୍କା ହୋଇ ଛି, ଆଖି କେନ୍ଦୁଆ ପଡ଼ିଗଲାଣି ।

କାନ୍ଧରେ ନାଲି ଗାମୁଛା, ହାତରେ ଗୋଟାଏ ବଡ଼ ମାଠିଆ, ଦେହଯାକ ସୋରିଷ ତେଲରେ ଜୁଡ଼ୁବୁଡ଼ୁ,—ବଡ଼ବାପା ।

Digitized by srujanika@gmail.com

ଭାବିଲି, କଅଣ ତାଙ୍କର ବଦଳିଛି; କିଛି ଜଣାପଡ଼ୁ ନାହିଁ । ମୋର ଯେତେବେଳେ ଜନ୍ମ, ସେତେବେଳେ ବି ସେ ବୁଢ଼ା ଥିଲେ; ବର୍ତ୍ତମାନ ବି ବୁଢ଼ା ଅଛନ୍ତି । ଦେହଟା ସାମାନ୍ୟ ଭାବରେ ନଇଁ ପଡ଼ିଛି; କିନ୍ତୁ ସେତେବେଳେ ବି ଏଇ ମାଠିଆ, ଏଇ ଗାମୁଛା; ଆଜି ବି । ମାଠିରେ ମାଠିଆ ଏ ପାଣି ନଈରୁ ଯେନ ନିତି ସେ ବି'ପାଆ ବାଟ ଚାଲି ଚାଲି ଯିବେ । ହାତ ଘୋଳ ହେବ ନାହିଁ, ଗୋଡ଼ ଅଙ୍କେଇବ ନାହିଁ । ନିତି ସେ ଏତିକିବେଳେ ନଈକୁ ଆସିବେ—ଖରା, ବରଷା, ଶୀତ ସବୁଦିନେ । ସେଇ ଆମ ଗାଆଁର ଘଣ୍ଟା ।

ପିଲାଦିନେ କେତେଥର ତାଙ୍କ ସାଙ୍ଗେ ଗାଧୋଇ ଆସିଛି । ଚାଲିବେ ଡଗ ଡଗ, ପଛେ ପଛେ ଗୋଡ଼େଇ ଯିବାକୁ ହେବ, ନୋହିଲେ ଗାଳିଦେବେ । ସିଧା ସିଧା ଏକମୁହାଁ ହୋଇ ବାଟ ଚାଲିବାକୁ ପଡ଼ିବ । ପାଣିରେ ପଶିଲେ ଥିରିଥାରି ହୋଇ ଠିଆ ହେବାକୁ ପଡ଼ିବ—ହଲି ନାହିଁ, ଚଲି ନାହିଁ, ଗୋଡ଼ ବାଡ଼ଆ ନାହିଁ କି ହାତ ବାଡ଼ଆ ନାହିଁ । ନଚେତ ରଗଡ଼ିସଗଡ଼ ଘଷିଦେବେ । ଲାଗିବ ସତେ କି ପୁରୁଣା ଚୁଲିଟା ଛୁଡ଼ିପାଉଛି ବଲବୁଲି । ଉଁ ଚୁଁ ହେଲେ ଆହୁରି ରଗଡ଼ ଦେବେ; ପାଟି କଲେ ଖୁନ୍ଦାଏ ।

ସବୁ କଥାରେ ବୁଢ଼ା ନିଷ୍ଠାପର । ଏତେ ନିଷ୍ଠାପର ଯେ ତାଙ୍କ ସାଙ୍ଗେ ଚଳିବାହିଁ ମୁସ୍କିଲ୍ । ସାମାନ୍ୟ କଥାରେ ତାଙ୍କର ଧୈର୍ଯ୍ୟ ତୁଟିଯିବ । ସାମାନ୍ୟ ଦୁର୍ବଳତା, ସାମାନ୍ୟ ମଳଧୂଳି ତାଙ୍କ ଆଖିରେ ଯିବ ନାହିଁ ।

ଆଜି ମୁଁ ଢେର ବଡ଼ ହେଲିଣି । ଆଜି କାହାରି ନାଲି ଆଖିକୁ ମୋର ଭୟ ନାହିଁ । ମୁଁ ବି ନାଲିଆଖି ଦେଖେଇପାରେ, ଡରିପାରେ, ଖେଙ୍କିପାରେ ।

Digitized by srujanika@gmail.com

କିନ୍ତୁ ବଡ଼ବାପାଙ୍କୁ ଗୁହିଁ ମୋର ବଡ଼ିଆଳୀ ମନ ଚୁପ୍‌ଚାପ୍ ଠିଆହୋଇ ରହିଲା ପିଲ୍‌ଟିଏ ପରି । ଯେପରି କି ସବୁଦିନ ସେ ବଡ଼ ଆଜ ମୁଁ ଗ୍ରେଟ—ଆଜି ତାଙ୍କ ନାଲିଆଖିକୁ ମୋର ପ୍ରାଣେ ଡର ।

"କି ରେ, ତେଲଗୁଣ୍ଡାଏ ହୋଇହୋଇ ଗାଳିଟାରେ ବସି ରହିଛୁ କାହିଁକି ?" ବଡ଼ବାପା କହିଲେ । ଉଠିପଡ଼ି ପାଣିରେ ପଶିଲି । ବୁଢ଼ା ଗାଧୋଇଲେ । ନାକ ଭିତର, କାନ ଭିତର ରଗଡ଼ିରଗଡ଼ି ଘଷିହେଲେ । ଏପରି ଘଷିହେବା ପ୍ରକରଣ କେଉଁ କାଳରୁ ଉଠିଗଲାଣି ଆମଦେଶରୁ । ସବୁଥିରେ ତାଙ୍କର ବେଶୀ ନିଷ୍ଠା ।

ତା ପରେ ଆଞ୍ଜୁଳା ଆଞ୍ଜୁଳା ପାଣି ଟେକି, ଅଣ୍ଟାଏ ପାଣିରେ ପଶି ସୂର୍ଯ୍ୟଦେବତାଙ୍କୁ ପ୍ରଣାମ କଲେ । ଜଳନ୍ତା ସୂର୍ଯ୍ୟ ବୁଢ଼ାର ନଇଁ ଯାଉଥିବା ଜୀବନ ଭିତରେ ତେଜ ଆଣି ଦେଇ ପାରିବ ନାହିଁ; କିନ୍ତୁ ଅଭ୍ୟାସ ବିଶ୍ୱାସ ଆଣିଦିଏ । ସୂର୍ଯ୍ୟଙ୍କୁ ପ୍ରଣାମ କରିବା ଛଡ଼ା ତାଙ୍କର ଆଉ ଗୁସ ନ ଥିଲା । ସେହିପରି ସେ ଅଧନଣ୍ଟାରେ ଠିଆହୋଇ ଷାଠିଏ ସତୁରି ବର୍ଷହେଲା ସୂର୍ଯ୍ୟଙ୍କୁ ପ୍ରଣାମ କରି ଆସିଛନ୍ତି । ତାଙ୍କର ସବୁ କଥା ଉପରେ ମୋହର ମରିଯାଇଛି "ଚିରନ୍ତନ"।

ଗାଧୁଆ ସରିଲା । ମାଠିଆଟିକୁ ଧୋଇ ମାଠିଆଏ ନଈ ପାଣି ଧରି ବଡ଼ବାପା ଆଗେ ଆଗେ ଗ୍ଭଲିଲେ, ତାଙ୍କ ପଛେ ପଛେ ମୁଁ ।

କହିଲି, "ବଡ଼ାପା, ମତେ ଦିଅନ୍ତୁ, ମୁଁ ପାଣି ଧରେ ।"

ପାଣି ଧରି ଧରି କିଛି ଦୂର ଗ୍ଭଲି ଆସିଲି, ହାତ ରହି ଯାଉ ଥାଏ । କିନ୍ତୁ ବଡ଼ାପାଙ୍କ ହାତ ବୋଧହୁଏ ଖାଲି ଖାଲି ଲାଗୁଥାଏ;

Digitized by srujanika@gmail.com

ଅଢ଼ୁଆ ଲାଗୁଥାଏ, କହିଲେ, 'ହେ, ହେ, ମୁଁ ଧରେଁ, ତୋ ହାତ ଖୋଲେଇ ହେବଣି ।'' ହସ ମାଡ଼ୁଥାଏ । ଅନେକ କଥା ସେ କରନ୍ତି, ଯାହା ଆମେ ପାରିବା ନାହିଁ, ଖୋଲେଇ ହୋଇପଡ଼ିବା । ଅତଏବ— ।

ଭବିଷ୍ୟତ କଥା ଭାବିବାକୁ ମନ ଗଲା ନାହିଁ । କାରଣ ଏମାନେ ଅମର । ଅତୀତର କଥା ମନେ ପଡ଼ିଲା । କେତେ ଦିନର କେତେ ଇତିହାସ ଆଜି ଅନୁଭୂତ ଲାଗି ରହିଛି ଏଇ ଶୁଖିଲା ଛାତିରେ । ତାଙ୍କର ପ୍ରତ୍ୟେକ ଜିନିଷର ଗୋଟାଏ ଲେଖାଏଁ ବଡ଼ ବଡ଼ ଅତୀତ ଅଛି । ଏଇ ପାଠିଆଟାକୁ ହୁଏତ ସାତ ଆଠ ବର୍ଷ ହେବଣି । ଗାମୁଛାକୁ ଦଶପନ୍ଦର ବର୍ଷ । ତାଙ୍କ ହାତରେ ଯେଉଁ ଜିନିଷ ପଡ଼େ, ତାର ଆୟୁଷ ଖୁବ ବେଶୀ, ଠିକ୍ ତାଙ୍କର ନିଜ ପରି ।

ଚାଲିଲି; ବାଟଯାକ ଭାବି ଭାବି ଗଲି । ନିଗୁଟିଆ ନଈ ମଝିରେ ସୂର୍ଯ୍ୟଙ୍କୁ ମୁହଁ କରି ଗୁଣ୍ଡିରହି ବୁଢ଼ା ପାଣି ଆଞ୍ଜୁଳାଏ ଟେକି ଧରି କଅଣ ଭାବୁଥିବ ମନକୁ ମନ ? ପ୍ରକୃତରେ କଅଣ ସେଇ ନୁଖୁରା ପାଣି ଆଞ୍ଜୁଳାକୁ କେହି ଦେବାତ୍ମା ଅପେକ୍ଷା କରି ବସି ରହିଥିବ ?

ମୋର ସେ ସବୁଥିରେ ବିଶ୍ୱାସ ନାହିଁ; କିନ୍ତୁ ବୁଢ଼ାର ଅଛି । ଆମେ ଇଂରେଜି ପାଠ ପଢ଼ି ବିଶ୍ୱାସ ହରେଇଛୁ । ସବୁ କଥାରେ ଆମର କାରଣ ଖୋଜା । ଯାହାର କାରଣ ବା ହେତୁ-ସତ୍ତ୍ୱ ଆମର ବୁଦ୍ଧିରେ ଅସମ୍ଭବ, ତାହା ମିଛ, ନାହିଁ; କିନ୍ତୁ ବୁଢ଼ା ଭୁଲି ନାହିଁ ।''

ମନ ଭିତରେ ଦୁର୍ବଳତା ପଶିଲା । ବୁଢ଼ାର ଷାଠିଏ ସତୁରି ବର୍ଷର ବିଶ୍ୱାସ ଆଗରେ ନିଜର ଟୋକାଟାକଳିଆ, ବିଦେଶରୁ ଆମଦାନି ବ୍ୟବସାୟାତ୍ମିକା ବୁଦ୍ଧି ଅବିଶ୍ୱାସରେ ପୂରିଗଲା । ଆଉ ମନ ଭିତରେ ସେଇ ଖୋଟାଏ ଚିହ୍ନ ଲାଗି ରହିଲା ।

Digitized by srujanika@gmail.com

ଗୋଟାଏ ପାଖରେ ଖଣ୍ଡ ଅଟଡ଼ା, ଆର ପାଖରେ ଏତେ ବଡ଼ ବାଲିସବୁ ଖାଁ ଖାଁ ଗୋଡ଼ୋଉଛନ୍ତି, ମଝିରେ କଳାଧୂମର ସରୁ ନଈଧାର ଭିତରେ ଆକାଶକୁ ମୁହଁଟେକି ଅଶୀ ବରଷର ବୁଢ଼ା ।

ଏତେବଡ଼ ସଂସାର ଭିତରେ ବୁଢ଼ାଟି ଏକା । ଦିନେ ସେ ସାଙ୍ଗ ଘର କରୁଥିଲେ, ନାଁ ଡାକ ଥିଲା । ପୁଅ ଥିଲେ, ଝିଅମାନେ ଥିଲେ, ବନ୍ଧୁବାନ୍ଧବ ଥିଲେ; ଦଶଲୋକ ତାଙ୍କ ହାତ ତଳକୁ ଗୁହିଁ ରହୁଥିଲେ । ଆଜି ସେ ଏକା ।

ଖୁବ୍ ବଡ଼ ଜମିଦାର ଘର ପୁଅ । ତାଙ୍କ ତଉଦ ପୁରୁଷରେ କାହାରିକୁ ଖୋସାମଦ କରିବାକୁ ପଡ଼ି ନ ଥିଲା । ଦାଣ୍ଡ ଅଗଣାରେ କଚେରୀ ବସୁଥିଲା, ନ୍ୟାୟ ନିଶାପ ପଡ଼ୁଥିଲା, ଲୋକବାକ ଜମୁଥିଲେ ବହୁତ ।

ପାଠ ପଢ଼ିଲେ, ବଡ଼ ହେଲେ । ବାଇଦବାଜଣା କରି ଆଠ ଖଣ୍ଡ ଗାଁର ମଣିଷଙ୍କୁ ଶୁଣେଇ ଦିଆଗଲା ଯେ, ପୁଅ ବଡ଼ ପାଶ୍ କରିଛନ୍ତି; ଏଥର କି ଦାରୋଗା ହେବେ । ନାଗାଜମା ଏତେ ଆସିଲେ, ଗାଁମୁଣ୍ଡରୁ ହରିଧ୍ୱନି କଲେ । ବାଳଲୀଳା ହେଲା; ଭୋଜି ହେଲା ।

ଗର୍ଭିଣୀ ଗାଈ ବାଟ ଗୁଡ଼ିଲା ।

କେତେ ଜମକ, କେତେ ଅନୁପ୍ରାସ; ତରୁଣର ମନ ଆଜି ଦେଶର ମାଟିକୁ ଛନ୍ଦି ବାନ୍ଧି ଦେଇଗଲା ।

ବଡ଼ବାପା ବରାହେଲେ । ଆଲଟ ଘୁମର, ଛତି, ଛତ୍ରଶ- ପାଟକ, ଲୋକବାକ ନେଇ ଫୁଲବାଣ ଆଉ ରୋସଣୀ ଫଟେଇ ପଟୁଆର ଗୁଲିଗଲା କେଉଁ ଖମ୍ବାର୍ ଗାଁ ଦାଣ୍ଡେ ଦାଣ୍ଡେ । ହଳଦୀବସନ୍ତ ପରି ବୋହୂଟିଏ ଘେନି ଫେରିଆସିଲେ । ପୁଅବୋହୂଙ୍କ ମୁଣ୍ଡ ଉପରେ ଲୁଗା ଟଙ୍ଗାହେଲା, ଆଞ୍ଚୁଳି ଧରି କାନଅତଡ଼ା ହୁଳହୁଳିରେ ବଡ଼ବାପା ଘରକୁ ଆସିଥିଲେ ।

Digitized by srujanika@gmail.com

ବଡ଼ମାଆଙ୍କୁ ମୁଁ ଭୁଲି ନାହିଁ । ପିଲାଦିନେ ତାଙ୍କର କୋଡ଼ରେ ମୁଣ୍ଡ ରଖି ମିଟିମିଟି କରି ମୁଁ ତାଙ୍କ ଆଖିକି ଚାହିଁ ରହୁଥିଲି । ଆଉ ମତେ 'ନାଉ ନବ ନାଉ'—'କଖାରୁ ନବ କଖାରୁ' କରି କାନ୍ଧରେ ପକେଇ ସେ ବୁଲୁଥିଲେ ।

ବଡ଼ବାପା ଚୂକଶ୍ୱ ଗାଆଁକୁ ଗଲେ । ଘର ଉଜୁଡ଼ିଲା, ଜମିଦାସ୍ତ ନିଲାମରେ ଗଲା ।

ବଡ଼ବାପାଙ୍କ ମତି ଖରାପ ହୋଇଆସିଲା । କଥା କଥାକେ ଖିଟିମିଟି, ଅଶାନ୍ତ, ରାଗରୋଷ ଆଉ ଅଭିମାନ ।

ଏଇ ଅଭିମାନ ମୁଣ୍ଡାଇ ବଡ଼ମା ଆମର ସଞ୍ଜ ଗାଡ଼ିଆ କୂଳରେ ଅହବଣୀ ହୋଇ ଆଖି ବୁଜିଦେଲେ ।

ଯୋଡ଼ଏ ଭେଣ୍ଡା ଭେଣ୍ଡା ପୁଅ । ଦୁହେଁ ବିଦେଶୀ । ସାନ ଭାଇ ପୋଷାକ ପିନ୍ଧି ଚୂକଶ୍ୱଗାଆଁରୁ ନନ୍ଦ ବନ୍ଧେ କନ୍ଧେ ଫେରିଲା ବେଳକୁ ସଞ୍ଜଗାଡ଼ିଆକୂଳରେ ମଶାଣି ଜଳୁଚି ।

ଦୁଇ ଭାଇ ଭେଟାଭେଟି ହେଲେ । କୁଣ୍ଢାକୁଣ୍ଢି ହୋଇ କନ୍ଦାକନ୍ଦି ହେଲେ; ପୁଣି ଚାଲିଗଲେ ଯେ ଯୁଆଡ଼େ ।

ବୁଢ଼ା ଆଜିର ସାଥୀ ହୋଇଗଲେ । କାହାର ଧାଡ଼ି ତାଙ୍କର ପଡ଼େ ନାହିଁ । ଘରେ ଅଭାବ, ମନଟା ରାଗଜୋଡ଼ା; କାହାର ଉପରେ ନିର୍ଭର ନାହିଁ । ହାତରେ ରୋଷଇ କରିସାରି ଖାଇପିଇ ପଳାନ୍ତି ଦାଣ୍ଡର ସେ ଠୁଙ୍ଗିକୁ । ସେଇଠି ତାଙ୍କର ଦିନ କଟେ ।

ସାନପୁଅ ଆଉ ଫେରିଲେ ନାହିଁ; ରହିଗଲେ କୁଆଡ଼େ ରେଙ୍ଗୁନ ଦେଶରେ । ବଂଶ-ଲତାରୁ ଡାଳ ଖଣ୍ଡିଏ ଛିଣ୍ଡି ପଡ଼ିଗଲା ଛଲେ ।

Digitized by srujanika@gmail.com

ପୁଣି ଗୋଟାଏ ଶୁଭଦିନ ଆସିଲା । ବଡ଼ପୁଅ ବାହାହେଲେ । ଘରକୁ ବୋହୂ ଆସିଲା । ବଡ଼ବାପା ପୁଅବୋହୂକୁ ଘେନି ଘର କଲେ ।

ସେ ପୁଣି ଦି'ଦିନଆ । ଶଶୁର ବୋହୂଙ୍କର ପଡ଼ିଲା ନାହିଁ । ବୁଢ଼ା ଲୋକାଙ୍କ ରୁଖାରୁଖି ଉତ୍ତରୁ କୂଳର ବାରଣ ମୁଣ୍ଡରେ ପାଦ ଦେଇ ଭ୍ରୂଆଷୂଣୀକୁ ସାଙ୍ଗରେ ଧରି ପୁଅ ବାହାରିଗଲେ ବିଦେଶକୁ ।

ପୁଣି ହାଟରେ ଟାଙ୍ଗି ବସାଇବାକୁ ପଡ଼ିଲା । ଦାଣ୍ଡର ଗୋଟିକିଆ ଟୁଙ୍ଗିଘରେ ବୁଢ଼ା ଏକୁଟିଆ ।

ସବୁ ସବୁ ବାଟ କଟିଗଲା...... । ଗାଆଁ ମୁଣ୍ଡ ଓଜଗଛ ଦିଶିଲା; ଆଉ ବାହ୍ମଣ ବଣ ।

ବଞ୍ଚିବାର ଅଭିଶାପ ମୁଣ୍ଡେଇ ବୁଢ଼ା ଥୁଣ୍ଟା ହୋଇ ବସି ରହିଚି, ଗାଆଁ ଦାଣ୍ଡର ନଗ୍ନଟିଆ ଟୁଙ୍ଗି ଆଗର କଦମଗଛଟି ପରି । ଡାଳପତ୍ର ଛିଣ୍ଡି ପଡ଼ିଛି, ତଥାପି ଜୀଇଁରହିଚି; ଥୁଣ୍ଟାଟା ।

ଗାଆଁରେ ପହଞ୍ଚିଲୁ । ଆମ ଗାଆଁରେ, ଯେଉଁଠି ଆମର ବୋଲି କହିବାକୁ କିଛି ନାହିଁ, ଖାଲି ନାଆଁଟା । ବରଷ ପନ୍ଦର କୋଡ଼ିଏଟାରେ ଆମର ସ୍ମୃତି ଲିଭିଗଲା; କିନ୍ତୁ ବୁଢ଼ା ବି ହଜିଯାଇଛି । ସାରା ଗାଆଁ । ଗୋଟାକରେ 'ତୁ' ବୋଲି ଡାକିବାକୁ କେହି ନାହିଁ ଆଉ, ଏଇ ବୁଢ଼ାଟି ଛଡ଼ା ।

ଏକାଠି ଖାଇବସିଲୁ, ପ୍ରାୟ କୋଡ଼ିଏ ବର୍ଷ ପରେ ।

ଭଙ୍ଗାଭଙ୍ଗି ଘରଡ଼ିହ ସେପାଖେ ବଖରାଏ ସାନ ଦ୍ୱେଷେଇ ଘର । ସାମନା ଘର ଉହ ଉପରେ ଖଣ୍ଡେ ଲୁହାଗୋବମରା କବାଟ ପଡ଼ି ପଡ଼ି ଜଳି ଖାଉଛି । ଗୋଟାଏ ପାଖରେ ଭୁଷୁଡ଼ି-ପଡ଼ିଥିବା କାନ୍ଥ ଉପରେ ଥୋଡ଼ାଏ ଲଙ୍କାମରିଚ ଗଛ ଲାଗିଛି ।

Digitized by srujanika@gmail.com

ମୋର ମନେ ଅଛି, ଏଠି ଗୋଟାଏ କୁଡ଼ ଘର ଥିଲା । ପିଲାଦିନେ ଥରେ ଦେଖିଥିଲି, ବଡ଼ବାପା ଓ ଦ'ଗ୍ରିଜଣ ଭାଇ ଏଇ ଭାଙ୍ଗି ପଡ଼ୁଥିବା ଘର ଲାଗି ଏଇ ଅଗଣାରେ କେତେ କଳିଆଦଙ୍ଗା କରିଥିଲେ ।

ସାହିତମାମ୍ ଭଙ୍ଗାରୁଜା । ଏଇ କଣ୍ଟୁଟିଆ ପ୍ରେତପୁରୀ ଭିତରେ ବୁଢ଼ା ଦୁଇଓଳି ସେଷେଇକରି ଖାଇ ଚାଲିଯାଉଛି ଦାଣ୍ଡର ଠେଙ୍ଗିକୁ । ସେ କାହାର ସାହାଭରସା ଲୋଡ଼ିନାହିଁ, କାହାର ଧାରୁଆହୋଇ ରହିବାକୁ ଚାହିଁନାହିଁ । ଯାହା ଯେବେ ନେଇଛି ଜବରଦସ୍ତ କରି, ବାହାବଳ ଦେଖାଇ ନେଇଛି, ନାଲିଆଖି ଦେଖାଇ ମାଡ଼ବସିଛି, ହାତ ପତାଇ ନାହିଁ କେବେ ।

ଭାଲିଆ ଲାଗିଥାଏ । "କ ରେ, ଭାତ ଖା, କନକନ କରି କଣ ଚାହୁଁଚୁ ଏପାଖ ସେପାଖ ?"

ତାଙ୍କର ଜୁଲମ ସରି ନାହିଁ, ଆତୁରି ବାକି ଅଛି; କିନ୍ତୁ ମୋର ଭାବନା ସରି ନାହିଁ । ଭୀଷ୍ମ ପରି ସ୍ଥିର ରହି ରହିଛି ବୁଢ଼ା ପାକଳ ହୋଇଛନ୍ତି । ଦେଉଳର ପ୍ରସାଦରେ ସ୍ୱର୍ଗଲୋକର ସ୍ୱର୍ଗ ପଛେ ଥିବ, ଏ ଭାତ ଗଣ୍ଡାକରେ ନାହିଁ । ସେଷଘର ସଫାସୁତୁରା ଲିପାପୋଛା, ହାଣ୍ଡି ପରିଷ୍କାର । ସବୁ ବୁଢ଼ା ହାତରେ କରନ୍ତି— ଯେଉଁ ହାତରେ ଦିନେ ସେ କଲମ ଧରିଥିଲେ ।

ହଁ, ଆଶ୍ରୟ ସେ ଖୋଜି ନାହାନ୍ତି ସତ; କିଏ କାହିଁକି କହିବ ଯେ କାହାର ସେ କଷ୍ଟ ଖାଇଛନ୍ତି ବୋଲି । ଅଶୀବର୍ଷ ପର୍ଯ୍ୟନ୍ତ ଆପଣାର ଦୁର୍ଗ ମଜବୁତ୍ ରଖି ନିଜର ବାଡ଼ଖଣ୍ଡ କ ଉପରେ ଭରାଦେଇ ଠିଆହେବା ଗର୍ବ ତାଙ୍କର ଅଛି ।

କିନ୍ତୁ କେତେ କରୁଣ, ଆଉ କେତେ ବିଚିତ୍ର ! ନିଜର ବୋଲି ମମତା ଲଗାଇବାକୁ ତାଙ୍କର କେହି ନାହାଁ । ଗଡ଼

Digitized by srujanika@gmail.com

ଭିତରେ ମଶାଣୀ ପର ଶୂନଶାନ । ଯେ ମନ୍ଦକୁ ପିଠି ପଡେଇ ନାହିଁ, ସେ ଭଲକୁ ପାଇ ନାହିଁ । ଯେ ପର ଉପରେ ଓହଳ ନ ପଡ଼ିଛି, ତା ମୂଳରେ ଗାଧୋଇ ନାହିଁ ତ କେହି ।

ଶୁଙ୍ଗି ପଡ଼ୁ, ବୁଢ଼ା ନଈଁ ନାହାନ୍ତି । ସାହସ ଅଛି ଯଥେଷ୍ଟ । ହେଇ ପାଞ୍ଚ ଛଅ ବର୍ଷ ତଳେ ଭାଗବତଟୁଙ୍ଗି ଆଗରେ ଯେଉଁ ବଡ଼ ଦେବଦାରୁଗଛଟା, ତା ଉପରେ ଶାଗୁଣା ବସାକଲେ । ଗାଆଁର ଅମଙ୍ଗଳ ହେବ ବୋଲି ଠେକା ଫୋପାଡ଼, ନିଆଁ ଜାଳ ଯେ ଯେତେ ଚେଷ୍ଟାକଲେ, କାହିଁରେ କିଛି ଫଳ ହେଲା ନାହିଁ । ଶେଷରେ ବୁଢ଼ା ନିଜେ ଅଣ୍ଟାରେ କଟୁରି ବାନ୍ଧି ଗଛରେ ଚଢ଼ିଲେ, ଗାଆଁଯାକ ଲୋକ ଗୁହିଁଥାନ୍ତି; ଆଉ ବସାଟା କାଟିଦେଲେ ।

ଏଇ ସାହସ ଆଉ ଦମ୍ଭପଣ ନେଇ ଅଶୀବର୍ଷ ହେଲା ବୁଢ଼ା ଗାଆଁର ଛାଇରେ ବସି ବସି ପାଚୁଛନ୍ତି ।

ଖାଇପିଇ ସାରି ଆମେ ଘରଦାକୁ ଗ୍ଲଲଗଲୁ, ବୁଢ଼ାଙ୍କ-ଠିକିକୁ । ପିଣ୍ଡା ଉପରେ ଖଣ୍ଡେ ଚଉକି ପଡ଼ିଛି, ହାତ ଭାଙ୍ଗିଗଲାଣି ।

କହିଲେ, "ବସ, ବସ ।"

"ନାହିଁ ବଡ଼ପା, ଆପଣ ବସନ୍ତୁ ।"

"ମୁଁ ବସୁଛି, ତୁ ବସ ।"

ଘର ଭିତରୁ ଖଟଚଳୁ ପାନ ସରଞ୍ଜାମ ବାହାର କରି ପାନ ଭାଙ୍ଗିବସିଲେ ନିଜ ହାତରେ, ଆଉ କଥା ଗଡ଼ିଲେ ।

ବୁଝିଲି, ତାଙ୍କ ମନରେ ସେଇ ଦୁଃଖ ଆସିଛି; ଉଚିତ ସମୟରେ ନ ମରି ଅକାଳରେ ବଞ୍ଚିରହିଲେ ସଚରାଚର ଯାହା ଆସିଥାଏ । କାଳ ଶାଖା ମେଲେଇ ବଢ଼ି ଗ୍ଲଲଯାଏ । ବୁଢ଼ା ଛୋକା ଦିନର କଥା ମନରେ ପକାଇ ଭାବେ, ସେଦିନର କଅଁଳ ସବୁଜ ଆଉ ନାହିଁ, ସବୁ ଯାଇଛି ବଦଳି । ଏ ଛୋକାବୁଢ଼ାଙ୍କ

Digitized by srujanika@gmail.com

ଅମାନିଆ ହୋଇଯାଉଛନ୍ତି, ଅବାଟରେ ଯାଉଛନ୍ତି, ବଡ଼ ବେମହଣିଆ ଏମାନେ । ଗାଆଁ ଉଜୁଡ଼ିଗଲା । ଆଉ ଏମାନେ ଉଠିବେ ନାହିଁ ।

ସମୟ ଯେତିକି ଯେତିକି ଆଗକୁ ଗଲେ, ବୁଢ଼ା ସେତିକି ଜୋରରେ ହଜିଯାଇଥିବା ଅତୀତର ସ୍ମୃତିକୁ ମୁଠିରେ ଜାକିଧରେ; ଅତୀତର ଭଙ୍ଗା ନିକିତିରେ ନୂଆ ଦିନର ନୂଆ କଥାକୁ ତଉଲି ଘବେ, ସବୁ ଭୁଲ ।

ବୁଢ଼ାଙ୍କର ଗଳ୍ପ କେଉଠା ଦିନର ଇତିହାସ ଜଳ ଜଳ ହୋଇ ଦିଶିଗଲା ମୋ ଆଖିରେ । ଦଳ ଦଳ ପିଲା ଫଗୁଣର ନୂଆ ଆମ୍ବକଡ଼ି ପରି ଜନ୍ମହେଉଛନ୍ତି, ନୂଆ ଯୁଗର ପବନ ପାଣିରେ ବଢ଼ୁଛନ୍ତି; ଆଉ ସେମାନଙ୍କ ଆଖିରେ ବୁଢ଼ା ଚିରଦିନ ବୁଢ଼ା । କମାରଶାଳରେ ପିକା ଲଗାଉ ଲଗାଉ ବଡ଼ବାପା ଯଦି କେବେ ତାଙ୍କ ଟୋକାଦିନର ବଡ଼ପଣ କଥା ବଖାଣି ବସୁଥିବେ, କିଏ ବା ବିଶ୍ୱାସ କରୁଥିବ ତାଙ୍କୁ ?

କିଛି ଫଳ ନାହିଁ । ଯାହା ଶୁଣିଛି ତାହା ଧୂଳିରେହିଁ ଲେଟିଥାଉ, ଗୋଟେଇ ଆଣିଲେ ମନରେ କୋଉ ସାର ହେବ ସିନା ।

ଭାଇମାନଙ୍କ କଥା ପଚାରିଲି, ତାଙ୍କ ପୁଅମାନଙ୍କ କଥା । ଜବାବ୍ ଖାଲି ଗୋଟାଏ ବିରକ୍ତିସୂଚକ ଶବ୍ଦ । ଅଭିମାନୀ ବୁଢ଼ା ଲୋକେ ଅଭିମାନୀ ପିଲା ପରି । ତାଙ୍କ ମନରେ ଅଭିମାନ, କେହି ଆଉ ତାଙ୍କୁ ଲୋଡ଼ୁନାହିଁ ।

କେହି ତାଙ୍କର ମନର ଅଭିମାନ ବୁଝେ ନାହିଁ—ବୟସ ଗଡ଼ିଯାଇ ପଛରେ ପକାଇ ଦିଆହେବାର ଅଭିମାନ !

Digitized by srujanika@gmail.com

ତେଣୁ ତାଙ୍କୁ ଗାଉଁଲି ଗାଆଁର ମାଟେଲା ଟୁଙ୍ଗିଟି ଭଲଲାଗେ—ଗାଆଁ ଗୋହିରର ଧୂଳି, କମାରଶାଳର ଧୂଆଁ, କଦମଗଛର ସହାନୁଭୂତିମିଶା ଛାଇ, ଲକ୍ଷେ ସ୍ମୃତି ଭିତରେ ବାଛି ବାଛି ଦିନ କେଇଟାର ସ୍ମୃତିକୁ ଆଖି ଆଗରେ ରଖି ତାଙ୍କର ଚାଲିଯାଏ । ଜମିବାଡ଼ି ନେଇ କଜିଆ କରିବା, ପିଲାଙ୍କ ଅଦୈଖିତ ବିରୁଦ୍ଧରେ ଅଣ୍ଟାଭିଡ଼ି ଲଢ଼ିବା, ଗାଳିଦେବା, ଖେଙ୍କିବା, ହଜିଗଲା ଯୌବନକୁ ଏଥିରେ ହିଁ ସେ ଫେରାଇପାରନ୍ତି ମନେ ମନେ ।

କଷ୍ଟର ଅନ୍ତ ନାହିଁ । କହିଲେ, "ଏଇ ଦିନ ଯାଙ୍ଗି ଚାଲିବାକୁ ହେଉଛି । ସକାଳର ଭାତ ରାତିକୁ ପଖାଳ । ଦି' ଦିନ ଦିନେ ଉପବାସ ।"

"କେଉଟ ଗୁଡ଼ାକ ମଗଜ ହେଲେଣି ରେ । ମାଛ ଦିନ ଆଣିଲେ ଆଜ ଏ ଗାଆଁ ଭିତରେ ପଶନ୍ତି ନାହିଁ । ଅତଡ଼ା ତଳେ ତଳେ ଲୁଚି ଲୁଚି ପଳାନ୍ତି ।"

ସେ ଦିନେ ଥିଲେ ଆଖପାଖ ସାତଖଣ୍ଡି ଗାଆଁର ଜମିଦାର !

ବୁଢ଼ା ବଗିଚାକୁ ଦେଖି ଚାଲିଗଲେ । ବଗିଚାକୁ ପଚାଶ କି ଷାଠିଏ ବର୍ଷ ହେଲାଣି । କେତେ ପୁରୁଣା ଗଛ; ବଡ଼ତି ଦିନରେ କେଉଁଠୁ କେତେ ଦେଶୀୟ ବିଲାତି ଗଛ ଶଗଡ଼ ଶଗଡ଼ ବୋଝେଇ କରି ସେ ଆଣିଥିଲେ । ନୂଆ ଗଛ ଆଉ ପଡ଼ି ନାହିଁ, ସେଇ ପୁରୁଣା ଗଛର ବଂଶଧର ସବୁ ବଢ଼ିଚାଲନ୍ତି । କେତେ ପ୍ରକାର ଫୁଲ । ଅଭାବର ଆଉ ମଉଳିବା ଦିନ ଆସିଛି; ଗଛଗୁଡ଼ାକ ଗୋଟାଏ ଗୋଟାଏ ମରିଯାଉଛି ।

Digitized by srujanika@gmail.com

ଅନ୍ୟମନସ୍କ ହୋଇ ଏ ପାଖ ସେପାଖ ଉଣ୍ଡୁଥିଲି । ପଛରୁ ଖଗ ଉଲ୍ଲାସରେ ବଡ଼ ବାପା ପାଟିକଲେ—

“ହେଇତ—ହେଇତ ଭୈରବ ।”

ଚମକିପଡ଼ି ପଛକୁ ଚାହିଁଦେଲି । ଡାଳିମ୍ବଗଛର ଗହଳ ପତ୍ର ଭିତରେ କେଉଁଠି ଗୋଟାଏ ଘଁବାଳୁଆ ଲୁଚିରହିଥିଲା । ତ ହାଣ ଉପରେ କୋପକରି ବୁଢ଼ା ଖେଦିଯାଉଥାନ୍ତି । କେଉଁଠି ପୋକଖିଆ ପତ୍ର ଛିଣ୍ଡାଇଦେବା, କେଉଁଠି ଗୁଣ୍ଡୁଚିମୂଷା ହୁରୁଡ଼େଇବା ବା କେଉଁଠି ନଇଁ ପଡ଼ିଥିବା ଲଟାଟିଏ ଉଠେଇଦେଇ ଗଛ ମୂଳରେ ମାଟି ଗଣ୍ଡିଏ ଟେକିଦେବା, ଆଉ ଦିନମାନ ବସି ବସି ଘାସ ଉପାଡ଼ିବା—ଏଇଥିରେ ବୁଢ଼ାଙ୍କର ଅନେକ ବେଳ କଟିଯାଏ ।

ଦରଭଙ୍ଗା ବଗିଚା ଘରେ ଦେଖିଲି, କେତେ କାଳର ପୁରୁଣା ସବାରିଟିଏ ଧୂଆଁହୋଇଛି; ଆଉ ରହିଛି ଗୋଟାଏ ବାଟୁଳିଖଡ଼ା ଓ ଧୂଳି ଭିତରେ ପୋତିହୋଇ ପଡ଼ିଛି କେତେଟା ମାଟିଗୁଳି । ବଗିଚାରେ ମାଙ୍କଡ଼ ପଶିଲେ ବୁଢ଼ା ମାଙ୍କଡ଼ ହୁରୁଡ଼ାନ୍ତି ।

ବଗିଚାଘର ଉହ୍ଲ ସେପାଖେ ଗୋଟିଏ ଚଇମାଳୀ ବୁଢ଼ୀଟିଏ ଥାଏ, ଦୁଃଖଧନ୍ଦା କରି ଖାଏ, ବଗିଚାରେ ପାଣି ଦିଏ; ଆଉ ଓଳି ଉଣ୍ଡି ଉଣ୍ଡି ଶାଗଟାଏ, ଫୁଲଟାଏ ଖାଏ ।

“ହଇ ଲୋ ମାଧିଆମାଆ ! ଏଠି କଖାରୁଟାଏ ଥିଲା, କିଏ ନେଲା ? ଏଁ, ତୁଇ ତ ନେଇଛୁ ?” ମାଧିଆମାଆ ପ୍ରତିବାଦ କଲା, ପାଟିକରି ଉଠିଲା ।

“ଏଇ ଭୈରବଗୁଡ଼ାଙ୍କ ଡାଉରେ କିଛି ରଖିହେଉ ନାହିଁ ଏଠି” ବଡ଼ବାପା କହିଲେ । ତାଙ୍କ ଲେ ଗୁଳିଶବ୍ଦ ଭିତରେ ଯେତେ ଦିନ ବୁଢ଼ା ବଗିଚାକୁ ଯାଇଛନ୍ତି, ସେତେ ଥର ମାଧିଆମାଆ

Digitized by srujanika@gmail.com

ସାଙ୍ଗରେ ତାଙ୍କର ଲଗିଛୁ, ଯେତେ ଥର ସେ ମାଧିଆମାଆକୁ ଚଡ଼ବାକୁ ବସିଛନ୍ତି ।

କିନ୍ତୁ ମାଧିଆମାଆ କେବେ ଚିଡ଼ାଖାଇ ନାହିଁ ବା ଯାଇନାହିଁ ।

ଖବର ବଢ଼ିଲା । ଯାହା ଦେଖିଲ ଆଜ ଯାହା ନ ଦେଖିଲ, ସବୁ ସତେକି କେଉଁ ନୂଆ ରୂପ; ନୂଆ ଇଙ୍ଗିତ ଧରି ମନର କବାଟରେ ହାତ ମାରିଲା, ପ୍ରତି ଧୂଳିକଣା, "ବୁଝ, ଆମକୁ ବୁଝ !"

ଦ୍ୱିପ୍ରହର ହେଲା । ଏକୁଟିଆ ବୁଢ଼ାଙ୍କ ଟୁଙ୍ଗୀଘରେ ଶୋଇ-ରହିଲି । କେଜାଣି କେତେ କୋଡ଼ି ବର୍ଷ ତାଙ୍କର ସେଇ ଟୁଙ୍ଗୀ ଭିତରେ କଟିଯାଇଛି । ଖଡ଼ଚାଳର ବଖରାଖଣ୍ଡି ହୋଇଛି ସତେକି ଦେହର ଖୋଳ—କଇଁଛର ଖୋଳ ପରି ।

ଖଟ ଉପର ପୁରୁଣା ବଛଣାରେ ଯେଉଁ ଧୂଳି ଲାଗିରହିଛି ସେ ମଧ୍ୟ ବର୍ଷ ବର୍ଷର ଧୂଳି । ନିଦ ହେଲା ନାହିଁ । ଘର ଭିତର ଏପାଖ ସେପାଖ ଚାହିଁଲି, ଛନ ଛନ ଲାଗିଲା । ଲାଗିଲା, ଯେପରିକି ଏତେ ଯୁଗର ସ୍ମୃତିସୌଧ ଭିତରେ ମୋର ଅସ୍ତିତ୍ୱ କେବଳ ଗୋଟାଏ ଅର୍ବାଚୀନତା ।

ସବୁ ଯେପରି ମତେ ଅଭିଭୂତ କରିବାଲାଗି ମୋର ଆଖି ଆଗରେ;ଆଜ ଥରେ ଘରର ପୋଷାକ ପିନ୍ଧି ଗଢ଼ିହୋଇଉଠିଲା । ସ୍ତବ୍ଧ ହୋଇ ଚାହିଁ ରହିଲି, ଆଜ ଘରଟି କାନ୍ଥପାକ ପ୍ରାୟ ପଚିଶ ପ୍ରକାର ମୁଖା—ରାବଣର ଦଶମୁଣ୍ଡ, ହନୁମାନ, ବାନର ଓ ରାକ୍ଷସସେନା । ବଡ଼ବାପା ରାମନବମୀ କରନ୍ତି । ପ୍ରତିବର୍ଷ ଏସବୁ ମୁଖା ବ୍ୟବହାର କରାଯାଏ ।

ଚାରିପାଖରୁ ଏମାନେ ଚାହିଁ ରହିଥାନ୍ତି । ଏଇ ଯେତେ ପ୍ରକାର ଭୟଙ୍କର ଆଉ ବିଭଙ୍ଗ ମୁହଁ ଚାହିଁ ରହିଥାନ୍ତି, ଖଟ

Digitized by srujanika@gmail.com

ଉପରେ ନଡଦନଆ ସେଇ ବୁଢ଼ା ଲୋକଟିକୁ । ମୁହଁରୁ ରଙ୍ଗ ଗୁଡ଼ଯାଏ । ଚେପାକ କାଟେ, ଧୂଳି ଉଡ଼େ, ଗୃହଁରବ୍ବ ଅପେକ୍ଷା କରି ବସିଥାନ୍ତି ସେମାନେ ।

ନଗ୍ଲଟିଆ ଗଡରେ, ମିଞ୍ଜି ମିଞ୍ଜି ଉବରି ଆଲୁଅ ଛୁଡ଼କ-ପଡ଼େ ସେଇସବୁ ମୁଖାଉପରେ ।

ସେତେପ୍ରକାର କଣ୍ଢେଇ କେଉଁ ଯୁଗରୁ ସଜ୍ଜାହୋଇ ରହିଛନ୍ତି, କାନ୍ଥରେ କଣ୍ଟା ମରାହୋଇ ରହିଛି । ଆଶା ଚୂନା ହୋଇଯାଇଛି, କୁଣ୍ଢେଇ ଘର୍ଙ୍ଗି ନାହିଁ । ନର୍ତ୍ତନ ପ୍ରେତପୁରୀ ଭିତରେ କଅଁଳା ପିଲାଙ୍କ କୁହାଟ, ହାତତାଳି କେବେ ଚହଳ ପକାଇ ନାହିଁ ।

କେତେ ଭଙ୍ଗା ଛତା ଆଉ ବାଡ଼ି, ଯୋଡ଼ାର ଜିନ୍, ସାହାବ ଟୋପି ।

ଅନେକ ପେଟରା ଆଉ ବାକ୍ସ; କିଏ ବା ବର୍ଷ ବର୍ଷ ବିତିଗଲାଣି ଖୋଲାହୋଇ ନାହିଁ ।

ମୁହଁ ଉପରେ, ସାମନାରେ ଗୋଟିଏ ସାନ ବିମାନ ଓ ତହିଁରେ ଠାକୁର । ତା ଆଗରେ ପୋଥି ଗାଦି । ବଡ଼ବାପା ପର୍ବ ଗଡରେ ଦୁଇଘଣ୍ଟା ଭାଗବତ ବୋଲୁଥିଲେ । ଆଜକାଲି ଆଉ ବୋଲୁ ନାହାନ୍ତି ।

ବିମାନ ଭିତରେ ସାନ ସାନ ପ୍ରତିମା ଅନେକ । ପ୍ରତିଦିନ ସକାଳେ ଘଣ୍ଟି ଠଣଠଣ କରି ବଡ଼ବାପା ସେମାନଙ୍କ ପାଖରେ କଦଳୀଟିଏ ବା ଜାଖୁଡ଼ାଗଣ୍ଡିଏ ଥୁଅନ୍ତି । ସେଠାରେ ତାଙ୍କର ଘରି ପରିପାଟି ଘଣ୍ଟିଶବ୍ଦ ବହୁତ ଦୂରକୁ ଶୁଭେ ।

ପ୍ର ମା ବଡ଼ ହୁଅନ୍ତି ନାହିଁ—ଯେପରି ଥିଲେ ସେହିପରି । ମଣିଷ ବଡ଼ ହୁଏ, ବୁଢ଼ା ହୁଏ ଆଉ ମରେ । ସେଇ ପ୍ରତିମା

Digitized by srujanika@gmail.com

ପାଖରେ ମଣିଷ ନନ୍ଦନ ମୁଣ୍ଡ ଆ ମାରେ, ଆଖିରୁ ଲୁହଧାର ଗଡ଼ାଇ ଗଡ଼ାଇ ଅନାଇ ରହେ—ଆଜ ବର ମାଗେ ।

ଏଇ ଠାକୁର, ମୁଖା ଅ ଜ ଅଖଣ୍ଡ, ଛନ୍ଦହେଁ ମିଶି ସୃଷ୍ଟି କରନ୍ତୁ ସ୍ୱପ୍ନର ରାଜ୍ୟ । ତାହାର ଭିତରେ ବଡ଼ବାପା ବୁଡ଼ିରହନ୍ତୁ । ବର୍ଷ ଉଡ଼ ଉଡ଼ ଚ୍ଚଲିଯାଏ । ବାହାରର ବଡ଼ ଦୁନିଆରେ କେତେ କଥା ଘଟେ ।

ହଠାତ ମୋର ଆଖି ପଡ଼ଗଲା, ମୁହଁ ସାମନାରେ ଖଣ୍ଡେ ଫଟୋ ଉପରେ ।

ପାଖକୁ ଯାଇ ଦେଖିଲି, ସାହେବ ପୋଷାକପିନ୍ଧା, ତୁଣ୍ଡରେ ସିଗାରେଟ୍, ମୁଣ୍ଡରେ ହ୍ୟାଟ ଓ ହାତରେ ଟେନିସବାଟ୍; ସତର ଅଠରବର୍ଷର ଗୋଟିଏ ଛନ୍‌ଛନିଆ ସୁନ୍ଦର ଟୋକା । ମୁହଁଟା ଟିକଏ ଚିହ୍ନା ଚିହ୍ନା ଲାଗିଲା । ତାପରେ ଚିହ୍ନିଲି—ବଡ଼ବାପାଙ୍କ ସାନପୁଅ, ଯେ ବର୍ତ୍ତମାନ ଯାଇ ରେଙ୍ଗୁନରେ ।

ଜୀବନଟା ନିରୁତିଆ ହୋଇଆସିଛି । ସେ ଯୁଆଡ଼େ ଫେଟିଗଲିଯାଇଛନ୍ତି; ରହିଛି ଖାଲି କେତେକ ସନ୍ଧ୍ୟା ଆଉ ସ୍ମୃତି । କ ଦିନ, କ ରାତ୍ର ଏକୁଟିଆ ଠାକୁରଘରେ ଅତୀତର ସ୍ମୃତିଗୁଡ଼ାକ ସତ ପରି ବୁଢ଼ାକୁ ଜାଲରେ ବାନ୍ଧିରଖିଛି; ତେଣୁ ବୁଢ଼ା ବଞ୍ଚିରହିଛି ।

କିନ୍ତୁ କଅଣ ? ଖାଲି କବର । ଏଇ କବର ଭିତରୁ ଆଖି ମିଟି ମିଟି କରି ବୁଢ଼ା ପଛକୁ ଅନାଏଁ; ପିତୁଳାମୟ ଦେବତା ଆଗରେ ପ୍ରାଣର କଥା କହେ । ଭାବନା ଭିତରେ ଭାସିରହିଥାଏ ବୁଢ଼ା, ପାଣିହାବୁକାରେ ଶୋଲ ଟିପେଇ ପରି ।

ସେଇ ସଞ୍ଜରେ ଗାଆଁ ଗୁଡ଼ ପଳେଇ ଆସିଲି । ପଛେ ପଛେ ବଡ଼ବାପା ପାଖୁଟି ଆସିଥିଲେ ସଖିଗାଡ଼ିଆ ମଶାଣି ପର୍ଯ୍ୟନ୍ତ ।

Digitized by srujanika@gmail.com

ସେଠୁ ସେ ଫେରିଗଲେ । ପଛରୁ ଚାହିଁ ଦେଖିଲି, ଗୋଟିଏ ଗୋଟିଏ ହୋଇ ବନ୍ଧ ଉପରେ ଅନ୍ଧାରରେ ବୁଢ଼ା ମିଶିଯାଉଛନ୍ତି ।

ଆଉ ଟିକଏ ପରେ ଚୁଙ୍ଗୀଘରେ ତରୁଣ ବର୍ଷର ପୁରୁଣା ପିତ୍ତଳ ଡବରିଟି ଜଳିବ, ଠାକୁରଙ୍କ ପାଖେ ଘଣ୍ଟି ବାଜିବ, ମୁଖାଗୁଡ଼ାଙ୍କ ମୁହଁ ଚକ ଚକ୍ କରିବ । ଲେଉଟିପଡ଼ି ପଳେଇ ଆସିଲି, ଗାଆଁ ଆଡ଼କୁ ପିଠିକରି । ବହୁତ ବର୍ଷ କଟିଗଲାଣି । ସେହିଦିନୁ ସତୀଗାଡ଼ଆବାଟେ ଯେତେ ଥର ମୁଁ ଯାଏ, ଅଟକ-ରହି ମୁଣ୍ଡିଆଟିଏ ମାରେ । ଜହ୍ନଜଦଆ ଦ'ପହରେ ସୁନା ହଳଦିଆରଗର ବଡ଼ମା' ବଡ଼ ବଡ଼ ଲୁହ ଛଳଛଳ ଆଖିରେ ଗାଆଁ ଆଡ଼କୁ ଅନେଇ ଅନେଇ ଠିଆହୋଇଥିବାର ଦିଶିଯାଏ । ଆଉ ଦଟେଣ ଏପାଖକୁ ପିଠି ବୁଲେଇ ଦେଇ ସତେ କି ବଡ଼ବାପା ଗୋଟିଏ ଗୋଟିଏ ହୋଇ ଚାଲିଯାଉଛନ୍ତି । ଦେହରେ ଦ'କୋଡ଼ି ବର୍ଷତଳର ଦୁହାଁ ଦୁହାଁ ମଠା କୋଟ୍‌ଟି, ହାତରେ ତରୁଣବର୍ଷ ତଳର ଖଣ୍ଡେ ଲୁହାବାଡ଼ି, ଆଉ ଗୋଡ଼ରେ କେତେ କାଳର ପୁରୁଣା ସେଇ ନାଗରା ଜୋତା । ବଡ଼ମାଆ ଚାହିଁ ରହନ୍ତି, ବଡ଼ବାପା ଚାଲିଯାଆନ୍ତି ।

ସେ ଅଭିମାନ କରି ମରିଥିଲେ ।

Digitized by srujanika@gmail.com

ଅସମାପିକା

ରବିବାର ଛୁଟି, ଭଗିବାବୁ କବାଟ କିଳିଥିଲେ ।

ମାସକେ ଥରେ ଅଧେ ଏହିପରି ସେ କବାଟ କିଳିଥାନ୍ତି । ଏ ଅବସ୍ଥା ସମସ୍ତେ ଚିହ୍ନନ୍ତି ତାଙ୍କର । ତେଣୁ ଗୃହିଣୀ ଶୋଇବାକୁ ଚେଷ୍ଟା କରନ୍ତି । ପୁଅ ରବି ଚାଲିଯାଏ ସାଙ୍ଗପଢ଼ୁଆ ରାଜୁ ସାଙ୍ଗେ ବସି ଗପ କରିବାକୁ । ଝିଅ ସାରି ପଡ଼ିଶାଘରେ ଉଲ୍‌କାମ ଶିଖିବାକୁ ଚାଲିଯାଏ । ଧୋବା ଯଦିବା ଲୁଗାଗଣ୍ଠିର ଚୋଖ ହିସାବ ଫଇସଲ କରିବାକୁ ଆସେ ସେ ପଦାରେ ଠିଆହୋଇ ଫୁସୁ ଫୁସୁ କରି କଥା କହେ । ସମସ୍ତେ ବୁଝନ୍ତି, ବାବୁଙ୍କର ଏ ଅବସ୍ଥା ବଡ଼ ବିପଜ୍ଜନକ । ଠିକ୍ ପାଟିଶୁଣି ହେଲେ ଚସମା ସେପାଖୁ ଆଖି ଦି'ଟା ଜାଳି ଜାଳିକା ହାତରେ ଚୁଲ୍‌ବାଡ଼ି ଧରି ବାବୁ ବାହାରିବେ, ବିପ୍ଳବ ହେବ ।

କବାଟ ପାଖେ କାନେଇଁ ରହିଲେ ନାନା ପ୍ରକାର ଶବ୍ଦ ଶୁଭେ । କଣ ଗୋଟାଏ ପଡ଼ିଲା ପରି, କଣ ଖସ ଖସ ହଉଛି । ହେଇ, କଣ ବାକ୍‌ସ ପେଟ୍ରା ଖୋଲାଖୋଲି ଶବ୍ଦ । ବହି ପଡ଼ିଲା, ଘୁପୁଡ଼ା ବାଜିଲା । ଚଉକି ଟେବୁଲ୍ ଟଣାଓଟରା ଲାଗିଲା । ଫେର କରି ଗଲା କଣ ଉଠି ।

ଆଜି ଭଗିବାବୁଙ୍କ ସ୍ୱର । କେତେବେଳେ ନିହାତି ବିକଳ—"ହାୟ ହାୟ" । କେତେବେଳେ ଗର୍ଜନ, ଆପଣାକୁ ଆପେ ଆଶ୍ୱାସ; ବେଳେ ବେଳେ ହସ ।

Digitized by srujanika@gmail.com

ବୁଢା ଘର ଭିତରେ ଏହିପରି ଛୁଟିଦିନେ ଥରେ ଥରେ ଭଗିବାବୁ ମାତନ୍ତି ।

ଏକା ହାତୁକାରେ ଧଡ଼୍‌କିନା କବାଟଟା ବନ୍ଦ କରିଦେଇ ଯେତେବେଳେ ସେ ଘର ଭିତରେ ପଶିଥିଲେ, ସେତେବେଳେ ପଦା ପୃଥିବୀ ସାଙ୍ଗରେ ସବୁ ସମ୍ବନ୍ଧ ସେ ତୁଟାଇଦେଇ ନିଜକୁ ଏକୁଟିଆ କରି ପାଇଥିଲେ; ଆଜି ଝାଡ଼ଝୁଡ଼ ଦିନ । ଆଲମାରିରୁ ବହିପତ୍ର ବାହାରି ସଫା ହେବ; କମ୍ପୋଜିସନପଟାର ବାକ୍‌ସମାନଙ୍କ ଭିତରୁ ସବୁ [illegible], ସବୁ ଲେଖା ଅଲେଖା କାଗଜ ବାହାରି ପରିଷ୍କାର ସଜାହେବ; କେତେ କାଗଜ ଚିରାହେବ; କେତେ କାଗଜ ଗୁଡ଼ା ହେବ । ସବୁ ସରିଲେ ଭଗିବାବୁ ତୁନିହୋଇ ବସି ଦି'କଲମ ଲେଖିବେ ।

କାରଣ ସେ ଜଣେ ଲେଖକ ।

କଲେଜର ଚାକିରି, ପେନ୍‌ସନ୍ ନେବାକୁ ଡେରିନାହିଁ । କିନ୍ତୁ ଦିନେ ଦିନେ ତାଙ୍କର ପୁରୁଣା ଖିଆଲ ମନେପଡ଼େ । ସେ କବାଟ କିଳି ଝାଳନାଳ ହୋଇ ପରିଶ୍ରମ କରନ୍ତି । ମନେ ମନେ ଶାନ୍ତି ମିଳେ, ସେ ଚେଷ୍ଟା କରିଛନ୍ତି । କାମିକା ଲୋକ । ପୁଣି ପୋଥିରେ ଡୋର ଲାଗେ । କମ୍ପୋଜିସନ ପଟାର ବାକ୍‌ସ ଭିତରେ ପଡ଼ି ରହି ପୋଥି ଦିନ ଗଣୁଥାଏ ପୁଣି କେବେ ଶୁଭଦିନ ଆସିବ, ଛୁଟିଦିନ ଆସିବ । ସବୁବେଳେ ବାରଧନ୍ଦାରେ କଳବଳ । ତଥାପି ଆଶା ଅଛି, କେବେ ଦିନ ଆସିବ ସେ ପେନ୍‌ସନ୍ ନେବେ ଘରେ ବସିବେ । ସାମାନ୍ୟ ଚାଷ ସାମାନ୍ୟ ବାରଘର କାମ-ଗାଁରେ ଦଶଜଣଙ୍କ ସାଙ୍ଗରେ ସ୍କୁଲରେ ବସି କେତେବେଳେ ଟିକିଏ କଥାଭାଷା ଆଉ ଲେଖା । ଲେଖି ଲେଖି ପୁରୁଣା ବହିସବୁ ପୂରଣ ହେବ, ନୂଆ ବହି ଲେଖା ହେବ; ଦୁଏକ ଛପାହେବ ବହୁତ ବହି । ଲୋକେ

Digitized by srujanika@gmail.com

ପଢ଼ିବେ, ଲୋକେ ଚର୍ଚ୍ଚାକରିବେ, ଲୋକେ ଜ୍ଞାନୀ ହେବେ । ଦେଶର ସାହିତ୍ୟ ଉନ୍ନତ ହେବ, ଗୌରବ ବଢ଼ିବ ।

ଆଜି ତା ସଙ୍ଗେ ସଙ୍ଗେ ଆପଣାର ନାଁ ବି କେବେ କେମିତି ପ୍ରକାଶ ହେବ ନାହିଁକି ଠିକଏ ? ମରିଗଲେ,—ଭଗି ବାବୁଙ୍କୁ ଘର ଉଦାସ ଲାଗେ ଭାବିଲେ । ଆପଣା ଉପରେ ଦୟା ହୁଏ—ମରିଗଲେ ଦେଶର ଖବର କାଗଜମାନେ ଖବରଟା ଛାପିବେ ହୁଏତ । ଭଗବାନ ବାବୁ କଲଟରରେ କାମ କରୁଥିଲେ ବୋଲି; ନୁହେଁ, ଲେଖକ ବୋଲି । ଆଜି ସାମାନ୍ୟ ଶୋକ ସଭାଟିଏ—ଭଗବାନବାବୁ ଭାବି ଯାଆନ୍ତି ଉତ୍ଫୁଲ୍ଲ ଆଖିରେ ।

ବହୁତଦିନ ତଳେ, ଅଧା ଅଧା ହୋଇ କୁହୁଡ଼ରେ ଘସିଲାପରି ମନେ ହେଉଛି । ଇସ୍କୁଲରେ ଶେଷ ବର୍ଷ ତାଙ୍କର କବିତା ଖଣ୍ଡିଏ ଇସ୍କୁଲ ପତ୍ରିକାରେ ବାହାରିଥିଲା । କ୍ଲାସରେ ଏତେ ପିଲାଙ୍କ ଆଗରେ ହେଡ଼ ପଣ୍ଡିତେ ପ୍ରଶଂସା କରିଥିଲେ ଦି'ପଦ; କାରଣ କବିତାରେ ସନ୍ଧି ସମାସ ଥିଲା, ଅଳଂକାର ଥିଲା ଦିଖଣ୍ଡି । କେଡ଼େ ଗର୍ବ ହେଉଥିଲା ସେତେବେଳେ । କେମିତି ଅନ୍ୟମନସ୍କଭାବେ ପତ୍ରିକାଟି ପକେଟରେ ପୂରେଇ ସେ ଦଶ ଦୁଆର ବୁଲିଆସିଥିଲେ, କେତେ ଲୋକଙ୍କୁ ଦେଖେଇଥିଲେ, ମନେ ଅଛି ତା ବି । ତାପରେ କୁମୁଦ ଅପା ବାହାହେଲା, ସେ ଖଣ୍ଡିଏ କବିତା ଲେଖିଥିଲେ । ନିଜେ ପଢ଼ି କେତେଥର କାନ୍ଦିଥିବେ ସେ । କୁମୁଦ ଅପାକୁ ସେ ଭାରି ଭଲ ପାଉଥିଲେ ।

କଅଁଳ ମନ ଉପରେ କୁମୁଦ ଅପାର ସବାରି ଉଠିବା-ବେଳର ଧକଳ ମୁହଁର ଛାପ ରହିଯାଇଥିଲା କେମିତି । ଖଣ୍ଡିଏ ଟ୍ରେଜିଆ କବିତା ବହି ଲେଖିଥିଲେ । ସବୁ କବିତାଗୁଡ଼ାକ ଅଧା

Digitized by srujanika@gmail.com

ଅଧା ରହି ଯାଇଛି ଜୀବନ ବିଷୟରେ, ମରଣ ବିଷୟରେ । ଭାଇ ଭଉଣୀଙ୍କ ପବିତ୍ର ସ୍ନେହର ବନ୍ଧନ ବିଷୟରେ ବିଧାତାଙ୍କୁ ସମ୍ବୋଧନ କରି, ଠାକୁର ଦେବତାଙ୍କ ଉଦ୍‌ବୋଧନ କରି ଅନର୍ଗଳ କେତେ ଲେଖା । ଗୃଲେ ଗୃଲେ, ଅଟକ ଯାଏ ହଠାତ୍ କଲମ । ପଣ ଥାଏ ପଛେ ଲେଖିବ, ପଛେ ସେତେ ଭଲ ଲାଗୁନାହିଁ ପଢ଼ିବାକୁ, ପାଦପୂରଣ ସରେ ନାହିଁ ।

ଘରକର ହେଲା, ବାହାଘର ହେଲା, କେତେ ସୁଖ ଦୁଃଖ । ଦୁନିଆର ଆଖିରୁ ଲୁଚେଇ ଲୁଚେଇ କେତେପ୍ରକାର ଲେଖା ସେ ଲେଖିଛନ୍ତି; ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା । ସୁନ୍ଦର ହୋଇ ସଜାହୋଇ ରହିଛି ଖାତାସବୁ । ଭଗିବାକୁ ଭାରି ହୁସିଆର । କିନ୍ତୁ କୌଣସି ଗୋଟିଏ ବହି ସମ୍ପୂର୍ଣ୍ଣ ହୋଇ ଛିଣ୍ଡି ପାରିଲା ନାହିଁ; ହେବ ହେବ ବୋଲି ସେମିତି ରହିଛି ।

ହେଉଛି—'ଘୋଡ଼ାଙ୍କ ଦୋଷ-ଗୁଣ' । ଏଥିରେ ଅନେକ ପ୍ରାଚୀନ ତଥ୍ୟ ଅଛି । ସେତେବେଳେ ବାପା ବୋଉ ଥିଲେ, ପିଲାଏ ଥିଲେ ଘରେ । ବୟସର ଜନବର୍ଷ ପୂରି ନ ଥାଏ । ପିଲାଛୁଆ ହୋଇ ନ ଥାନ୍ତି । ବସା ପାଖରେ ଜଣେ ମରହଟ୍ଟିଆ ମୁରବି ଥାଆନ୍ତି, ସବୁବେଳେ କଟକଣା କରନ୍ତି, ସମ୍ପର୍କରେ ମାମୁଁ । ସମସ୍ତ କଟେ ନାହିଁ । ଝରକା ସେପାଖେ ପାହାଡ଼ିଆ ଗାଁର ସାନ ହଟ୍‌ଲି ବସେ, ଖାଲି ସ୍ତ୍ରୀଲୋକଙ୍କ ମେଳା । ମାମୁଁଙ୍କର ଘୋଡ଼ା ଥାଏ । ହଠାତ୍ ଏହିପରି ପରିସ୍ଥିତିରେ ଇଚ୍ଛାହେଲା ପୁରୁଣା କଥା ସବୁ ଘାଣ୍ଟି ନୂଆ ଉପାୟରେ ଘୋଡ଼ାଙ୍କ ଗୁଣ-ଦୋଷ ତନ୍ତ୍ର ବିଷୟରେ କିଛି ଲେଖିବାକୁ । ବହିଟା ଆରମ୍ଭ ହୋଇଥିଲା ଭଲ । ବୁଝେଇ ଲେଖିବା ପାଇଁ ଏଣୁ ତେଣୁ ଖବର କାଗଜରୁ ଛବିସବୁ କାଇଁଚିରେ କାଟି ଲେଖାଖାତାରେ ଅଠାରେ ମରାହୋଇ ରହିଛି ।

Digitized by srujanika@gmail.com

ଜାତିଜାତିକା ଘୋଡ଼ା ଦୌଡ଼, ଘୋଡ଼ାଙ୍କର ଛବି । ସେଠୁ ବଦଳି ହେଲି । ଘରେ ପିଲାଏ ପାଖେ ପାଖେ ରହିଲେ । ସବୁବେଳେ ଗୋଳମାଳ, ଲେଖା ଅଟକି ରହିଲା ସେଇଠି ।

ଭଲପାଇବା କଥା, ଚୋର ଡକେଇତ କଥା, ରାଜକନ୍ୟାର ଇତିହାସ, ପ୍ରକୃତି ବର୍ଣ୍ଣନା, କେତେ ପ୍ରକାର ଚେଷ୍ଟା କରି ହୋଇଥିଲି । ଭଲପାଇ ବରହି ଘୋଟିଛି, ଡକେଇତ ବାଟୋଇଙ୍କୁ ଧରିଛି, ରାଜକନ୍ୟା ବିଭାହୋଇ ଯାଇଛନ୍ତି, ତାଙ୍କର ପ୍ରେମିକ ତାଙ୍କ ସଙ୍ଗେ ଚାକର ହୋଇ ଯାଇଛି; ତାପରେ ଆଉ କିଛି ସମ୍ଭବ ନାହିଁ । ସେମାନେ ଅପେକ୍ଷା କରି ବସିଛନ୍ତି କେବେ ଭଗିବାକୁ ପେନ୍‌ସନ୍ ନେବେ ।

ସେଇସବୁ ପୁରୁଣା କଥା ମଝିରେ ମଝିରେ ଘାଣ୍ଟିଲେ ଖୁବ ଭଲଲାଗେ । କେଉଁଠା କେଉଁ ଜାଗାରେ ପଡ଼ି ପଡ଼ି ଆପଣାର ଇତିହାସରୁ ଭୁଲି କଥା ସବୁ ମନେ ପଡ଼େ । କେତେ ମୁହଁ ଦିଶିଯାଏ । କେତେ ଘଟଣା ଘେରି ବସେ । ମନ ଭିତରେ କେଉଁଠି ମେଘ ଟୁପୁରୁ ଟୁପୁରୁ ଝରି ପଡ଼େ; କେଉଁଠି ଖରା ଜକ ଜକ । ଭଗିବାକୁ ଆତ୍ମଜୀବନୀ ଲେଖି ନାହାନ୍ତି । ସେଇ ପୁରୁଣା ଲେଖା ଭିତରେ ନିଜର କଥା କେଉଁଠି ବୋଲି ଲେଖାନାହିଁ । କିନ୍ତୁ ପଢ଼ିଲେ ସବୁ ନିଜର ଅଭିଜ୍ଞତା ଗୁଡ଼ାକ ଖେପାଜାଲରେ ମାଛପରି ଝୋଟାରି ହୋଇ ହୋଇ ପାଖକୁ ଆସେ । ଭାବିଲେ ମୁଣ୍ଡରୁ ବୟସର ବୋଝ ଖସି ପଡ଼େ । ଛୁଟି ଦିନର ନିଅଣ୍ଟ ବେଳଟି ଭଲ କଟେ ।

ଅଧାରୁ ବନ୍ଦହୋଇ ସବୁ ସେମିତି ରହିଛି । ନୂଆ ବେଳରେ ନୂଆ କଥା ଲେଖିବାକୁ ମନ ହୋଇଛି; ପୁରୁଣା କଥାର ଖିଅ ମିଳିନାହିଁ ।

Digitized by srujanika@gmail.com

ଯେତକ ଲେଖିଛନ୍ତି ସେତକ କଣ କମ କଷ୍ଟରେ ! ପ୍ରକୃତିକୁ ଦେଖିବା ସକାଶେ କେତେ ଦୂରକୁ ଦୂରକୁ ସେ ବୁଲିଯାଆନ୍ତି । ବଡ଼ ପୋଖରୀ ଦର୍ପଣରେ ମେଘ ଭାସେ । ଜହ୍ନ ଆଲୁଅରେ ଗାଁର କୁକୁଡ଼ା ସବୁ ଶୋଇଥାନ୍ତି । ଅନ୍ଧାର ରାତିରେ ଆକାଶରେ ଥାଏ ଗୋଟିଏ ପୂର୍ଣ୍ଣିମା । ଦେଖିବାକୁ ଖୁସି ଲାଗେ; ଦେଖି ଦେଖି ଆଖି ବାହାରୁ ଭିତରକୁ ମୁହେଁ; ଭଲ ଲାଗେ, ଲେଖିଲା ବେଳକୁ ମନେ ପଡ଼େ ନାହିଁ ।

କାଗଜ କଲମ ସଜାହୋଇ ରହେ ବାର ବସ୍ତୁବଚ୍ଛରେ । ଭଗିବାବୁ ଆସନରେ ବସନ୍ତି, ଖୁବ୍ ଭାବନ୍ତି, ଦି ଧାଡ଼ି ଚାଲେ ବହୁତ ସାହସରେ; ତାପରେ ବନ୍ଦ । ଭାବୁଥାନ୍ତି ବହୁତ କଥା, ଦି' ଚାରିଦିନ ବେଳ ପାଇଲେ ଭାବନ୍ତି, ସମସ୍ୟା ମେଣ୍ଟେ ନାହିଁ, ବନ୍ଧ ଦରଜଆ'ର ହୋଇ ପଡ଼ିରହେ ।

ଯେତେ ଚଲ୍ମି ଦେଖିଲେ ବି ନିଜକୁ ସେ ଦାୟୀ କରି ପାରନ୍ତି ନାହିଁ । ନବେଳାରେ ସାହିତ୍ୟ-ସେବା କରେଇ ଦେବାକୁ ସଂସାରର ଲୋକେ ବଡ଼ ବିମୁଖ । ସକାଳେ ଲେଖୁଥିବେ, ରାସ୍ତା ଉପରେ ଗୋଳମାଳ କରି ଚାଲିଥିବେ ଜାତି ଜାତିକା ଲୋକ, ଭିକାରିଠୁଁ ମଠର ମାଲିକ ପର୍ଯ୍ୟନ୍ତ । ଲୋକ ଚାଲିଥିବେ, ତାଙ୍କର ଢଂଗରୁ ଚେହେରାରୁ ତାଙ୍କ ଜୀବନ ବିଷୟରେ ଅନେକ କଥା ଜଣାପଡ଼ିଯାଏ — ଥରେ ଖାଲି ଚାହିଁଦେଲେ । ନିତି ଦେଖି ଦେଖି ଜଣାପଡ଼େ ଯେପରିକି ପ୍ରତ୍ୟେକ ଲୋକର ଚେହେରାରେ ଯେତେ ନୂଆ ହେଲେ ସୁଦ୍ଧା ଘଟନାରେ ଗୋଟାଏ ଗୋଟାଏ ଚିହ୍ନା ଗୋଷ୍ଠୀର । ଥରେ ଚାହିଁଦେଲେ କୌତୂହଳ ହୁଏ ଜାଣିବାକୁ — ସେ କିଏ ହୋଇଥାଇପାରେ, କଣ ତାର ନିଭୃତ ମନର କଥା, ତାର

Digitized by srujanika@gmail.com

ମତଲବ କଣ ? ବାହାଚଲ୍ଲ ମଣିଷ ଦେଖିଲ୍ଲ ମଣିଷ ମନରେ ଚହଲ ପକାନ୍ତି, ସବୁ ଗୋଳମାଳ ହୋଇଯାଏ, ଲେଖିହୁଏ ନାହିଁ ।

ତାପରେ,—ଜୀବନର ଧନ୍ଦା, ସେ ବ ସାହିତ୍ୟ ଲେଖିବାକୁ ପ୍ରତିକୂଳ ତାଂକର । ବଡ଼ ଝିଅ ସୁଭଦ୍ରା ଆଗରୁ ବଡ଼ହୋଇ ଯାଇଛି । ତା ଘର ଭଲ ନୁହେଁ; ସବୁବେଳେ ଶୁଣିବାକୁ ପଡ଼େ ସେ ଅଶାନ୍ତିରେ ଅଛି । ଆଜ ଏ ଅଭାବ, କାଲି ତାର ଗଞ୍ଜଣା । ଅଫିସର ଟାଇପିଷ୍ଟ୍ ବାବୁଟି ଜଗମୋହନ; ସୁଭଦ୍ରାକୁ ପିଲଦିନୁ ଜାଣନ୍ତି, ଟିକଏ ସମୟ ପାଇଲେ ଆସି ସୁଭଦ୍ରା କଥା ପଚାରେ । ସୁଭଦ୍ରା କଥା ଭାବ ବସିଲେ ଭଗିବାବୁଙ୍କ ତୁଣ୍ଡକୁ ଅନ୍ନ ରୁଚେନାହିଁ, ସବୁ ସବଗ ପୋଡ଼ିଜଳି ଯାଏ । ଆହା; ସାତ ସାଗରେ ସାର ଗୋଟା ଝିଅଟି; କ ହୀନମାନ ଥିଲ ତା କପାଳରେ । କ ନାହିଁଖାର !

ଅଫିସର କଟକଣା, ସେ ବ କମ୍ ଜଞ୍ଜାଳ ନୁହେଁ । କାଲିକା ଟୋକାଏ କଣ ଦି'ଅକ୍ଷର ପାଠ ପଢ଼ି ଦେଇ ହାକିମ ହୋଇ ଆସି ବସିପଡ଼ୁଛନ୍ତି । ଟିକକ କଥାରେ ଲମ୍ବା ଲମ୍ବା କଥା କହି ଦେବେ, ଦୋଷ ବାଛି ଦେବେ । ଗୋଟାଏ ଗୋଟାଏ ଜଞ୍ଜାଳ ଲାଗିଥିବ । ଯଦି ସେଇ ଦୁଷ୍ଟ ଚିନ୍ତାରେ ମନ ଖରାପ ହୋଇଯିବ, କ ସାହିତ୍ୟ ଲେଖିହେବ ସେଥିରେ ?

ଆପଣା ଘରର କଥା । ଆହୁରି ବୋଝ ଅଛି ମୁଣ୍ଡ ଉପରେ, ସାରଣି ବଡ଼ ହେବ । ରଘୁଟା ସେତେ ଭଲ ପଢ଼ୁନାହିଁ । ତାର ଭବିଷ୍ୟତ ବି ଜଣାଯାଉନାହିଁ କିଛି । ମହାଜନ ଯୋଗିସାହୁ ଗାଁର ଜମି କେଇମାଣ ନିଲମ କରେଇବାକୁ ବାରମ୍ବାର ଡରେଉଛି । ସଂସାରର ଜଞ୍ଜାଳ ଏହିପରି ।

Digitized by srujanika@gmail.com

କଲମରେ ନୂଆ ନିବ୍ ଲଗାହୋଇଥିବ, କାଗଜ ବନ୍ଧ ହୋଇଥିବ ସାମ୍ନାରେ, ଟେବୁଲ ସଫା ସୁତୁରା । ହଠାତ୍ ଉପରେ ପଡ଼ି ପାଖପଡ଼ଶା ହଜବାବୁ ଭଜବାବୁ କି ଆଉ କେହି ଦି'ଜଣ ଆସି ପହଞ୍ଚିଯିବେ ପାଖରେ । "କଣ ଲେଖୁଛ ?—ଚାସ ହଉଛି ପଡ଼ୁ—ଇଏରେ ପାନ ଆଣ୍—କଣ ଖବର ?— ଶୁଣିଲେଣି ଭଗିବାବୁ, ସେ ଷ୍ଟେରଟା ପାଜିଟା କଣ ମୋ ନାଁରେ ଲଗେଇ କରି କହୁଛି । ଆପଣ ବି ଶୁଣିଲେ, ଆପଣଙ୍କ ରକ୍ତରେ ନିଆଁ ଲାଗିବ·····ଆହାହା ଭଗିବାବୁ, ତେମାବୋଉ ଗୁଲିଗଲା ତ ସଂସାର ସରିଥିଲା, କୃପା ମତେ କହିପୋଛୁ ଆହୁରି ଥରେ ବସ କରେଇଲେ । ଅଇଗ୍ଲ ତେମାକୁ ଏ ନୂଆଲୋକଟା ଯୋଉ ନାରଖାର କରୁଛି, କଣ କହିବ ଆଉ—ଆସୁଛୁ ନା ତେମା ଘର ପାଖକୁ ? ମୁଁ ତାକୁ କହି ଦେଇଛି—"

ସମାଜର ଦାଉ, ସଂସାରର ଗୋଳମାଳ । ସଂପୂର୍ଣ୍ଣ ଭଲ ହୋଇନାହିଁ କହୁ, ଅଧଭଆର ହୋଇ ପଡ଼ିରହି ଶୁଭଦିନକୁ ଅପେକ୍ଷା କରିଛି । ଜୀବନଟା ବି ଦିନୁଁଦିନ ଯାଉଚି ହାତରୁ ଖସି । ଏଣିକି ଧାରଣା ବି ଆସୁନାହିଁ । କେବେ ବିଗ୍ରହର ହୋଇଥିଲା, 'ସ୍ୱେ' ଆସିଥିଲେ,କେତେ ହସ ଖୁସି ଥିଲା; ବର୍ଷ ଦି'ଟା ଗୋଟାଏ । ତାପରେ 'ସ୍ୱେ' ତାଙ୍କ ରୋଷେଇବାସ ପିଲାଛୁଆ ନେଇ ବ୍ୟସ୍ତ ରହିଲେ । ଗଲା ପଚିଶିବର୍ଷଯାକ କେତେବେଳେ ଏକାଠି ଘଡ଼ିଏ ପାଖରେ ବସି 'ସ୍ୱେ' କଥା କହିଥିଲେ ତା ନୁହେଁ । 'ସ୍ୱେ' ବି ଆସି ବୁଢ଼ୀହେଲେଣି । ସେଥର ହିମାଳୟ ଗୁରୁଣ୍ଡାମାସ ଜରରେ ବିଛଣା ନାଗି ହୋଇ ପିଆଡ଼େ ପିଆଡ଼େ ବୁଲିଯାଉଥିଲେ, ଅଟକିଗଲେ । ତାଂକର ସେ ପ୍ରାଙ୍କର 'ସ୍ୱେ', ସାହିତ୍ୟର କି କାର୍ଯ୍ୟରେ ଲାଗିବେ ?

Digitized by srujanika@gmail.com

ତେଣୁ ଭଗିବାବୁ ଲେଖି ପାରନ୍ତିନାହିଁ । ବସି ବସି ଭାବନ୍ତି, ବିହ୍ୱଳ ହୋଇ ପଡ଼ନ୍ତି, ଶେଷରେ ବିରକ୍ତ ଲାଗେ, ଗୋଟାଏ ବିରାଟ 'ଧ୍ୟାଡ଼୍' ବାହାରେ ପ୍ରାଣଭିତରୁ ।

ବେଳେ ବେଳେ ଇଚ୍ଛାହୁଏ, କାହାର ଫର୍ମାସ୍‌ିଦିଆ ଆଇନ୍ କାନୁନ୍ ନ ମାନି ଯାହା ଇଚ୍ଛା ତା ଗାରେଇ ପକାନ୍ତେ । ଖାଲିରେ ପଡ଼୍‌ଚି ପରେ ପଡ଼୍, ଯାହା ଦେଖୁଛନ୍ତି,ଯାହା ଭାବୁଛନ୍ତି, ସେମିତି ହଇରାଣ ହଉଛନ୍ତି ସବୁ କଥା । ଯେତେ ଲୋକଙ୍କୁ ଦେଖିଛନ୍ତି ସମସ୍ତଂକର କଥା । ଆଗ ଆପଣାର କଥା । ପୁଣି ମନଟା ପଚ୍ଛେଇ ଯାଏ; ଏ ଗୁଡ଼ାକ ତ ସାହିତ୍ୟ ହବନାହିଁ; ନା—ଥାଉ ।

ଭଗିବାବୁ ଆପଣାର ପାଣ୍ଡୁଲିପି ଖୋଲି ସ୍ୱପ୍ନ ଦେଖୁଥିଲେ, ସବୁ ଅସମ୍ପୂର୍ଣ୍ଣ । ଆରମ୍ଭ ହୋଇଯାଇଛି, କିନ୍ତୁ ସରିନାହିଁ । ଅସମାପିକାର ଲଞ୍ଜ ରହିଯାଇଛି ମେଘ ଉହାଡ଼ରେ । ଭାବୁ ଭାବୁ ଆଖି ଉଜ୍ଜ୍ୱଳ ହୁଏ । ୧୦ର ଫାଟରେ ହସ ବାହାରେ । ଏତେ ଗୁଡ଼ାଏ ସେ ଲେଖି ପାରିଛନ୍ତି । ମୁଣ୍ଡି ମାରିବା କଣ ଅସମ୍ଭବ ହେବ ?

ପେନସନ୍—ବିଶ୍ରାମ—ସାହିତ୍ୟ—ଛପାବହି ।

ସେ ପର୍ଯ୍ୟନ୍ତ ଏତକ ହୁସିଆରରେ ରଖିବାକୁ ପଡ଼ିବ, ଉଇ ଦାଉରୁ, ପୋକ ଦାଉରୁ—ଗୃହିଣୀଙ୍କ ଚୁଲି ଦାଉରୁ । ସାହିତ୍ୟର ଏତେ ଉପାଦାନ ଗୋଟାଏ ଜୀବନରେ ନିଃଶେଷ ହୁଏ କି ?

କବାଟରେ କଡ଼ ଝଣ ଝଣେଇ ବାଜି ଉଠିଲା, ସାଙ୍ଗେ ସାଙ୍ଗେ ଚିତ୍କାର "ବେହେରା—ବେହେରା—ବାବୁ ଅଛନ୍ତି ?"

Digitized by srujanika@gmail.com

"କିଏ ?"

"ଆଜ୍ଞା ମୁଁ ଶଂକର—ଶାମ ବାବୁ ଡାକ୍ତର ବଲ୍-ପଠାଇଛନ୍ତି ।"

"ଓ" ଦଣ୍ଡ ଟିକେ ରହ, ଯାଉଛି ।"

ତରତର କରି ଖାତାପତ୍ର ଗୁଡ଼ାକ ସେ ବାକ୍‌ସରେ ପୂରେଇ ଦେଲେ । ଆରେ, ସତେତ, ଆଜି ପହିଲା ବାପି ରବିବାର! ମନେ ନ ଥିଲା ।

ମୁଦ୍ରାକର ଶ୍ରୀ ଅନସୂୟା ପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ--୧୯୫୧

Digitized by srujanika@gmail.com